# ନମାଜ ଶିକ୍ଷା

ଓଡିଆ ଭାଷାନ୍ତର

ପ୍ରକାଶକ

ନଜାରତ ନଶରୋ ଇଶାଅତ, କାଦିୟାନ

اِنَّ الصَّلٰوةَ تَنْهٰى عَنِ الْفَحْشَآءِ وَالْمُنْكَرِ ط

ନିଃସନ୍ଦେହରେ ନମାଜ ପ୍ରତ୍ୟେକ ପ୍ରକାର ଖରାପ କଥା ଓ ମନ୍ଦ କାର୍ଯ୍ୟରୁ ରୋକିଥାଏ । (ଅନ୍‌କବୁତ ୪୬)

# ନମାଜ ଶିକ୍ଷା

ଓଡିଆ ସଂକଳନ

ଇଂ. ରୌଶନ୍ ଖାନ୍

ପ୍ରକାଶକ

ନଜାରତ ନଶରୋ ଇଶାଅତ, କାଦିୟାନ

# ନମାଜ ଶିକ୍ଷା
# Namaz Shikshya

ଓଡିଆ ସଂକଳନ: ଇଂ. ରୌଶନ ଖାନ୍
(ଓଡିଶା ରିଭ୍ୟୁ କମିଟି ଦ୍ୱାରା ସମ୍ପାଦିତ)

ପ୍ରକାଶକ: ନାଜର୍ ନଶ୍‌ରୋ ଓ ଇଶାଅତ
ସଦର ଅଞ୍ଜୁମନ୍ ଅହମଦୀୟା
କାଦିୟାନ୍, ପଞ୍ଜାବ 143516

ମୁଦ୍ରକ: ଫଜଲେ ଉମର ପ୍ରିଣ୍ଟିଙ୍ଗ ପ୍ରେସ
କାଦିୟାନ୍, ପଞ୍ଜାବ 143516

ପ୍ରଥମ ସଂସ୍କରଣ : 2018 (1000 Copies)

ଅକ୍ଷର ସଜ୍ଜା: ଏ.ବି.ସି. ରିପ୍ରୋଡକସନ ସେଣ୍ଟର
ସାକ୍ଷୀପଡା, ସମ୍ବଲପୁର

ISBN :

No part of this publication may be reproduced in any from or by any means without prior written permission from the publisher.

TOLL FREE - 18001802131

"جو شخص پنجگانہ نماز کا التزام نہیں کرتا وہ میری جماعت میں سے نہیں" (کشتی نوح)

'ଯେଉଁ ବ୍ୟକ୍ତି ପାଞ୍ଚବେଳା ନମାଜ ସୂଚାରୁ ରୂପେ ପାଠ କରେନାହିଁ, ସେ ମୋ ଜମାଅତର ଅନ୍ତର୍ଭୁକ୍ତ ନୁହେଁ ।'

(କିସ୍ତିନୁହ୍)

# ସର୍ବୋତ୍କୃଷ୍ଟ ଦୁଆ ହେଉଛି ନମାଜ

ହଜରତ ମସିହ ମଉଦ[ଅସ] କହିଛନ୍ତି :

"ନମାଜର ଔପଚାରିକ ଅଙ୍ଗଭଙ୍ଗୀ ଯଥେଷ୍ଟ ବୋଲି ଭାବିନେବା ଏକ ନିର୍ବୋଧତା । ଅଧିକାଂଶ ବ୍ୟକ୍ତି ଚିରାଚରିତ ପ୍ରଥାରେ ନମାଜ ପାଠ କରନ୍ତି ଓ ତରବର ହୋଇ ପଢି ନିଅନ୍ତି । ସତେ ଯେପରି ଅଯଥାଟାରେ ଟ୍ୟାକ୍ସ ଲାଗିଯାଇଛି ଓ ଯେନତେନ ପ୍ରକାରେଣ ସେଥିରୁ କେମିତି ତ୍ରାହି ମିଳିଯାଉ । ଅନେକ ଲୋକ ନମାଜକୁ ଶୀଘ୍ର ପଢିଥାନ୍ତି, କିନ୍ତୁ ତା'ପରେ ଏତେ ସମୟ ଧରି ଦୁଆ ମାଗନ୍ତି ଯେ ନମାଜ ଠାରୁ ଅଧିକ ଦୁଇ ବା ତିନିଗୁଣା ସମୟ ଲଗାଇ ଦିଅନ୍ତି । ଯଦିଚ ନମାଜ ହିଁ ଅସଲରେ ଏକ ଦୁଆ । ନମାଜ ମଧ୍ୟରେ ଦୁଆ ମାଗିବା ଯାହା ଭାଗ୍ୟରେ ଜୁଟେ ନାହିଁ ତାହା ନମାଜ ପଦବାଚ୍ୟ ନୁହେଁ ।"

**(ମଲଫୁଜାତ , ଭାଗ ୬, ପୃଷ୍ଠା ୩୭୦)**

# ପ୍ରକାଶକ କୁହନ୍ତି .......

ଯେଉଁ ଉପାୟ ଅବଲମ୍ବନ କଲେ, ନମାଜ ପଢିବା ପ୍ରତି ଆଗ୍ରହ ବଢିବ ଏବଂ ଜଣେ ସାଧାରଣ ବ୍ୟକ୍ତି ତାଙ୍କର ନମାଜକୁ ଅତି ସହଜରେ ହୃଦୟଙ୍ଗମ କରିପାରିବେ, ତାହାର ସଫଳ ପ୍ରୟାସ ଏହି ପୁସ୍ତକରେ କରାଯାଇଛି । ପୂର୍ବରୁ ଓଡିଆ ନମାଜ (ଇସଲାମୀୟ ଉପାସନା ପଦ୍ଧତି) ଦୁଇଥର ପ୍ରକାଶିତ ହୋଇଛି । ଯନାବ ସକିଲ ଅହମଦ ଖାନ୍‌ଙ୍କ ଦ୍ୱାରା ପ୍ରଥମେ ୧୯୭୮ରେ ଏବଂ  ଯନାବ ଅବଦୁଲ କାଦର ଖାନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରାଦେଶିକ ଅହମଦିୟା ସଂଗଠନ ତରଫରୁ ଦ୍ୱିତୀୟ ଥର ପ୍ରକାଶିତ ହେଲା ୧୯୯୦ରେ ।

ଦିନକୁ ଦିନ ଯେପରି ନମାଜ ବହିର ଚାହିଦା ବୃଦ୍ଧି ପାଇବାରେ ଲାଗିଛି, ତା' ତୁଳନାରେ ବହି ସଂଖ୍ୟା ଖୁବ କମ୍ । ପୁନଶ୍ଚ ନମାଜ ପାଠକୁ ସଠିକ ଓ ସୂଚାରୁ ରୂପେ ସମ୍ପାଦନ ନକରିବା ହିଁ ଆମର ନୈତିକ ଅଧଃପତନ ଓ ଚାରିତ୍ରିକ ଉଶୃଙ୍ଖଳତାର ମୂଳ କାରଣ । ସେସବୁ ଦୃଷ୍ଟିରୁ ନମାଜର ଔପଚାରିକ ପଦ୍ଧତିକୁ ସଂପୂର୍ଣ୍ଣ ରୂପେ ବୁଝି ଏହାର ପ୍ରତ୍ୟେକ ଆରବୀ ପଙ୍‌କ୍ତିକୁ ମୁଖସ୍ତ କରିବା ଉପରେ ଏହି ପୁସ୍ତକରେ ଗୁରୁତ୍ୱ ଦିଆଯାଇଛି । ସୁତରାଂ ଏହାକୁ  ସହଜ, ସରଳ, ବୋଧଗମ୍ୟ ଓ ସର୍ବାଙ୍ଗ ସୁନ୍ଦର କରିବା ସକାଶେ ନଜାରତ ନଶରୋ ଇଶାଅତ୍‌ଙ୍କ ଦ୍ୱାରା ପ୍ରକାଶିତ 'ନମାଜ ମୁତରଜିମ୍' (ଉର୍ଦ୍ଦୁ), 'ଇସଲାମୀ ନମାଜ'(ହିନ୍ଦି), 'The Muslim Prayer Book'(ଇଂରାଜୀ) ଇତ୍ୟାଦି ପୁସ୍ତକର ସହାୟତା ନିଆଯାଇଛି । ସେହିପରି ଓଡିଶାରୁ ପ୍ରକାଶିତ 'ସହଜ ନମାଜ ଶିକ୍ଷା' (ତ୍ରିଭାଷୀ) ଯାହା ୨୦୦୦ ମସିହାରେ ବେଶ ଆଦୃତ ଲାଭ କରିଥିଲା, ତା'ର ଚାହିଦା ତଥା ପୁନଃ ପ୍ରକାଶନ ପାଇଁ ଦାବି ହୋଇ ଆସିଥିବା ବିଷୟକୁ ଦୃଷ୍ଟିରେ ରଖି ଏହି ପୁସ୍ତକକୁ ପ୍ରସ୍ତୁତ କରାଯାଇ ଏକ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି । କହିବାକୁ ଗଲେ ଏହା ସେ ସମସ୍ତ ପୁସ୍ତକର ସମାହାର ଓ ଏକ ଭିନ୍ନ ସ୍ୱାଦର ରୂପାୟନ । ତତ୍‌ସହିତ ପବିତ୍ର କୁରଆନ, ହଦିସ ଓ 'ଦୁଆୟା ଖଜାୟିନ' ପୁସ୍ତକ ମଧ୍ୟରୁ କେତେକ ଜ୍ଞାତବ୍ୟ ତଥ୍ୟଭିତ୍ତିକ ଉଦ୍ଧୃତାଂଶ ନିଆଯାଇ ବହିଟିର କଳେବର ବୃଦ୍ଧି କରାଯାଇଛି ।

ନମାଜର ଏହି ଅନୁବାଦ ପୁସ୍ତକରେ ମୂଳ ଆରବୀ ପାଠ ସହିତ ଏହାର ଓଡିଆରେ ଉଚ୍ଚାରଣ (Transliteration) ଏବଂ ଉର୍ଦ୍ଦୁ ଓ ଓଡିଆ ଦୁଇଟିଯାକ ଭାଷାରେ ଏହାର ଅନୁବାଦ (Translation) କରାଯାଇଛି । ଏଥିରେ ନମାଜ ପାଠ ବ୍ୟତିତ କେତେକ ପ୍ରଚଳିତ ପ୍ରାର୍ଥନା (ଦୁଆ) ଯାହାକୁ ହଜରତ ମୁହମ୍ମଦ[ସଅ] ତଥା ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ପରମ୍ପରା ଗତ ଭାବରେ ପ୍ରଣୟନ କରାଯାଇଥିଲା, ସେସବୁକୁ ଅର୍ଥ ସହିତ ସ୍ଥାନିତ କରାଯାଇଛି । ସେହିପରି ନମାଜ ଜନାଜାଃ ଓ ଖୁତ୍‌ବା ନିକାହ ସହିତ ମୁସଲିମ ବିବାହର ତାତ୍ପର୍ଯ୍ୟ ସମ୍ବନ୍ଧରେ ସବିଶେଷ ତଥ୍ୟକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ଯାହା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଏଥିରୁ ଫାଇଦା ଉଠାଇ ନିଜର ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବ ।

ଅହମଦିୟା ମୁସଲିମ ଜମାଅତର ମହାମାନ୍ୟ ପଞ୍ଚମ ଖଲିଫା ତଥା ଆମମାନଙ୍କ ପ୍ରାଣପ୍ରିୟ ହଜୁର[ଅବ]ଙ୍କ ସଦୟ ଅନୁମତି କ୍ରମେ ନଜାରତ ନଶରୋ ଇଶାଅତ୍, କାଦିୟାନ ଏହାର ପ୍ରକାଶନ ଦାୟୀତ୍ୱ ବହନ କରିଛନ୍ତି ।

ଈଶ୍ୱର କରନ୍ତୁ, ଏହା ଆମର ସମସ୍ତଙ୍କ ସକାଶେ ନମାଜର ତୃଷା ମେଣ୍ଟାଇବା ଦିଗରେ ଅତ୍ୟନ୍ତ ଲାଭଜନକ ସିଦ୍ଧ ହେଉ । ଆମିନ ।

**ନାଜର ନଶରୋ ଇଶାଅତ୍**
କେନ୍ଦ୍ରୀୟ ପ୍ରକାଶନ ଓ ପ୍ରସାରଣ ନିର୍ଦ୍ଦେଶାଳୟ
କାଦିୟାନ, ପଞ୍ଜାବ

# ମର୍ଯ୍ୟାଦାସୂଚକ ଉକ୍ତି

ସଅ - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ - (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ - (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସର୍ବଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ - (ଅୟଦହୁଲ୍ଲାହୁ ତା' ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| **ଅଧ୍ୟାୟ ୧** | | | |
| ଇସଲାମୀୟ ଉପାସନା | ... | ... | ୧ |
| ଉପକ୍ରମଣିକା | ... | ... | ୭ |
| ଇକାମତ (ନମାଜ ପାଇଁ ପ୍ରାରମ୍ଭିକ ସୂଚନା) | | ... | ୧୩ |
| **ଅଧ୍ୟାୟ ୨** | | | |
| ନମାଜ ଅନୁବାଦ | ... | ... | ୧୫ |
| ସଜ୍‌ଦା-ଏ-ତିଲାଓ୍ୱତ୍ | ... | ... | ୨୪ |
| ନମାଜ ଜୁମ୍ମା | ... | ... | ୩୦ |
| ଇଦ ନମାଜ | ... | ... | ୩୨ |
| ନମାଜ ଜନାଜାଃ (ଅନ୍ତ୍ୟେଷ୍ଟି ଉପାସନା) | | ... | ୩୩ |
| **ଅଧ୍ୟାୟ ୩** | | | |
| ନଫିଲ ନମାଜ (ଅତିରିକ୍ତ ଉପାସନା) | ... | ... | ୩୮ |
| ସାମୟିକ ପରିସ୍ଥିତିରେ କୋହଲ ନମାଜ | ... | ... | ୪୩ |
| କେତେକ ଜରୁରୀ ନିର୍ଦ୍ଦେଶ | ... | ... | ୪୫ |
| ନମାଜର ସାମ୍ବିଧାନିକ ଦିଗ | ... | ... | ୪୭ |
| ଇମାମ ଓ ମୁକତଦିଙ୍କ ଭୁମିକା | ... | ... | ୫୧ |
| ସାମୁହିକ ନମାଜର ବିଧି | ... | ... | ୫୩ |
| ସାଧାରଣ ଜାଣିବା ବିଷୟ | ... | ... | ୫୫ |
| **ଅଧ୍ୟାୟ ୪** | | | |
| ମୁସଲିମ ବିବାହ | ... | ... | ୫୭ |
| ନିକାହ୍‌ର ସର୍ତ୍ତ | ... | ... | ୬୧ |
| **ଅଧ୍ୟାୟ - ୫** | | | |
| ନମାଜର ମହତ୍ତ୍ୱ | ... | ... | ୭୩ |
| ଦୁଆର ମହତ୍ତ୍ୱ | ... | ... | ୭୫ |
| କେତେକ ଆଦର୍ଶ ପ୍ରାର୍ଥନା | ... | ... | ୭୯ |
| ପବିତ୍ର ପାଞ୍ଚ କଲମା | ... | ... | ୯୫ |

بِسۡمِ اللّٰہِ الرَّحۡمٰنِ الرَّحِیۡمِ

### ଅଧ୍ୟାୟ ୧

# ଇସଲାମୀୟ ଉପାସନା

ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଲ୍ଲାଃ ପରମ ବ୍ରହ୍ମଙ୍କ ଉପାସନା । ଅଲ୍ଲାଃ ମନୁଷ୍ୟକୁ ସୃଷ୍ଟି କରିଛନ୍ତି ଓ ତାହାର ସକଳ ଆବଶ୍ୟକତାକୁ ମଧ୍ୟ ପୂରଣ କରିଛନ୍ତି । ବସ୍ତୁତଃ ସକଳ ବସ୍ତୁ ମନୁଷ୍ୟ ପାଇଁ ସୃଷ୍ଟି କରାଯାଇଛି । ତେଣୁ ଆମେମାନେ ମନୁଷ୍ୟ ହୋଇଥିବା ଦୃଷ୍ଟିରୁ ତାହାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ତାଙ୍କର ସକଳ ବଦାନ୍ୟତାକୁ ମନେ ପକାଇ ତାଙ୍କୁ ହିଁ ଉପାସନା କରିବା ଉଚିତ । ସୁତରାଂ ପବିତ୍ର କୁରଆନରେ ଅଲ୍ଲାଃ କହିଛନ୍ତି:

وَمَا خَلَقۡتُ الۡجِنَّ وَالۡاِنۡسَ اِلَّا لِیَعۡبُدُوۡنِ ﴿۵۷﴾

**ୱମା ଖଲକତୁଲ ଜିନ୍ନା ୱଲ ଇନ୍‌ସା ଇଲ୍ଲା ଲିଆବୁଦୁନ ॥**

ଅର୍ଥାତ 'ଆମ୍ଭେ ଜିନ୍ ଓ ମନୁଷ୍ୟକୁ କେବଳ ଆମ୍ଭର ଉପାସନା କରିବା ସକାଶେ ସୃଷ୍ଟି କରିଛୁ ।'

**(ଅଲ୍ ଜାରିୟାତ, ୫୭)**

ଇସଲାମ ଧର୍ମର ପାଞ୍ଚୋଟି ମୌଳିକ ସ୍ତମ୍ଭ ମଧ୍ୟରୁ 'ନମାଜ' ହେଉଛି ଦ୍ୱିତୀୟ ସ୍ତମ୍ଭ । ଉପାସନା (ଇବାଦତ୍)କୁ ଆରବୀ ଭାଷାରେ 'ସଲାତ୍'ଓ ଉର୍ଦ୍ଦୁ ଭାଷାରେ 'ନମାଜ' କୁହାଯାଏ । ସ୍ରଷ୍ଟାଙ୍କ ସହିତ ନିଜର ମିଳନକୁ ସୁପ୍ରତିଷ୍ଠିତ କରିବା ଓ ତାଙ୍କ ନିକଟକୁ ଆକର୍ଷିତ ହେବାର ସବୁଠାରୁ ଶକ୍ତିଶାଳୀ ପନ୍ଥା ହେଉଛି ପ୍ରାର୍ଥନା । ସବୁ ଉପାସନା ମଧ୍ୟରେ ନମାଜ ହେଉଛି ସର୍ବଶ୍ରେଷ୍ଠ ଉପାସନା । ଇସଲାମୀୟ ଉପାସନାରେ ସୃଷ୍ଟିକର୍ତ୍ତାଙ୍କ ସଶ୍ରଦ୍ଧ ଆରାଧନା ଓ ତାଙ୍କ ଠାରେ ସଂପୂର୍ଣ୍ଣ ଆତ୍ମ ସମର୍ପଣ ପ୍ରତି ଗୁରୁତ୍ୱାରୋପ କରାଯାଇଥାଏ । ମନୁଷ୍ୟ ଯେଉଁ ପ୍ରକାର ଉନ୍ନତି ଇଚ୍ଛା କରିବ, ସେ ନମାଜ ମାଧ୍ୟମରେ ସେହି ପ୍ରକାର ଉନ୍ନତି ପାଇପାରିବ ।

ସୁତରାଂ ଅହମଦିୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ କହିଛନ୍ତି !

'ନମାଜ ଏକ ଅତ୍ୟନ୍ତ ଜରୁରୀ ବିଷୟ ଓ ବିଶ୍ୱାସକାରୀଙ୍କ 'ମେରାଜ୍' ବା ଚରମୋନ୍ନତିର ମାର୍ଗ । ଈଶ୍ୱରଙ୍କୁ ଗୁହାରୀ ଜଣାଇ ପ୍ରାର୍ଥନା କରିବାର ସର୍ବଶ୍ରେଷ୍ଠ ସାଧନ ହେଉଛି ନମାଜ । ପ୍ରଭୁଙ୍କ ସ୍ତୁତି କରିବା ଓ ନିଜ ପାପର କ୍ଷମା କରାଇବାର ମିଶ୍ରିତ ସ୍ୱରୂପ ନମାଜ । ଯେଉଁ ବ୍ୟକ୍ତି ଏହି ମୂଳ ଉଦ୍ଦେଶ୍ୟକୁ ମନରେ ରଖି ନମାଜ ପଢେ ନାହିଁ, ତା'ର ନମାଜ କଦାପି ହୁଏ ନାହିଁ । ତେଣୁ ନମାଜକୁ ବହୁତ ଭଲ ଭାବରେ ପାଠ କର । ଏପରି ଢଙ୍ଗରେ ଛିଡା ହୁଅ, ଯଦ୍ୱାରା ତୁମ ଭାବଭଙ୍ଗୀରୁ ସ୍ପଷ୍ଟ ଜଣାପଡୁଥିବ ଯେ ତୁମେ ପ୍ରଭୁଙ୍କ ଆଜ୍ଞାବହ ଓ ବିନମ୍ରତା ସହକାରେ ହାତ ବାନ୍ଧି ଛିଡା ହୋଇଛ । ଏପରି ଭାବରେ ଝୁଙ୍କି ହୋଇ ରୁହ, ଯେଉଁଥିରୁ ଏହା ସ୍ପଷ୍ଟ ପ୍ରତୀତ ହେବ ଯେ ତୁମ ହୃଦୟ ପ୍ରଭୁଙ୍କ ଛାମୁରେ ନଇଁ ଯାଇଛି । ପୁଣି ଏପରି ବ୍ୟକ୍ତିର ମନୋବୃତ୍ତି ସଦୃଶ ସଜଦା କର ଅର୍ଥାତ ଭୂମିଷ୍ଠ ପ୍ରଣିପାତ ପୂର୍ବକ ମୁଣ୍ଡିଆ ମାର, ଯାହା ସେହି ବ୍ୟକ୍ତି ପରି ହୃଦୟରେ ଭୟ କରୁଥିବ । ନମାଜରେ ନିଜର ସାଂସାରିକ ଓ ଆଧ୍ୟାତ୍ମିକ ଉନ୍ନତି କାମନା କରି ପ୍ରାର୍ଥନା କର ।'

**(ଅହ୍ ହକମ୍, ୩୧ ମଇ ୧୯୦୩)**

'ଦୁଆ ଓ ନମାଜର କର୍ତ୍ତବ୍ୟ ପାଳନ କରିବା କୌଣସି ଛୋଟ କଥା ନୁହେଁ । ଏହା ତ ଏପରି ବିଷୟ ଯେପରି ମରଣକୁ ବରଣ କରିବା । ନମାଜ ସେହି ଅବସ୍ଥାର ନାମ ଯେବେ ମନୁଷ୍ୟ ଏହା ସମ୍ପାଦନ କରୁଥାଏ, ତେବେ ଯେପରି ସେ ଏହା ଅନୁଭବ କରିବ ଯେ ମୁଁ ଏହି ମର୍ତ୍ତ୍ୟ ଲୋକରୁ ବାହାରି ଅନ୍ୟ ଲୋକରେ ଯାଇ ପହଞ୍ଚିଯାଇଛି ।'

**(ମଲଫୁଜାତ, ଖଣ୍ଡ ୫, ପୃ ୩୧୯)**

ନମାଜ ଇସଲାମ ଧର୍ମର ପାଞ୍ଚୋଟି ମୌଳିକ ନୀତି ମଧ୍ୟରୁ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ହୋଇଥିବାରୁ ସଂକ୍ଷେପରେ ସେହି ସବୁ ଅରକାନ୍ ବା ସ୍ତମ୍ଭ ସମ୍ବନ୍ଧରେ ବର୍ଣ୍ଣନା କରିବା ଲାଭଦାୟକ ସିଦ୍ଧ ହେବ ।

## ଇସଲାମର ମୌଳିକ ସ୍ତମ୍ଭ

ଇସଲାମ ଧର୍ମ ଏହି ପଞ୍ଚୋଟି ମୌଳିକ ସ୍ତମ୍ଭ ଉପରେ ସ୍ଥାପିତ ହୋଇଛି ।

(୧) କଲମା ଶାହାଦତ (୨) ନମାଜ (୩) ରୋଜା (୪) ଜକାତ (୫) ହଜ ।

## ୧. କଲମା ଶାହାଦତ : (ସାକ୍ଷ୍ୟ ପ୍ରଦାନ ପୂର୍ବକ ଇସଲାମ ସିଦ୍ଧାନ୍ତର ଘୋଷଣା)

لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

ଲା ଇଲାହା ଇଲ୍ଲଲ୍ଲାହୋ ମୁହମ୍ମଦୁର୍ ରସୁଲୁଲ୍ଲାଃ

ଅର୍ଥାତ 'ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନୁହେଁ ଓ ହଜରତ ମୁହମ୍ମଦ[ସଅ] ହେଉଛନ୍ତି ତାଙ୍କର ପ୍ରେରିତ ଦିବ୍ୟ ବାର୍ତ୍ତାବହ ବା ରସୁଲ ।'

ଏହା ଏକେଶ୍ୱରବାଦର ଉପାସନା ଉପରେ ଗୁରୁତ୍ୱ ଆରୋପ କରିଥାଏ ଏବଂ ଅବତାର ଶ୍ରେଷ୍ଠ ହଜରତ ମୁହମ୍ମଦ[ସଅ]ଙ୍କୁ ତାହାଙ୍କ ବାର୍ତ୍ତାବହ ବା ରସୁଲ୍ ବୋଲି ଘୋଷଣା କରେ । ଏହି ମୂଳମନ୍ତ୍ରକୁ ଉଚ୍ଚାରଣ କରିବା ସହିତ ଏହାର ଭାବକୁ ହୃଦୟଙ୍ଗମ କରି ଏହା ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରିବା ଏବଂ ଅନ୍ୟ ଚାରୋଟି ସିଦ୍ଧାନ୍ତ ଭିତ୍ତିକ ସ୍ତମ୍ଭକୁ କାର୍ଯ୍ୟରେ ପାଳନ କରିବା ହିଁ ହେଉଛି ଇସଲାମ୍ । ତେଣୁ ଧର୍ମ ବିଶ୍ୱାସ (ଇମାନ୍) ସିଦ୍ଧାନ୍ତ ବା ବାକ୍ୟର ନାମ ହେଲେ ଇସ୍‌ଲାମ ଅମଳ ବା କର୍ମର ନାମ । ସେଥିପାଇଁ ଧର୍ମ ଅବଲମ୍ବନ ଓ ପୂର୍ଣ୍ଣତା ପାଇଁ ବାକ୍ୟ ଓ କର୍ମ ଏହି ଦୁଇଟିଯାକ ବିଷୟ ନିତ୍ୟାନ୍ତ ଜରୁରୀ । ଏହି ପ୍ରଥମ ମୌଳିକ ନୀତି 'କଲମା ତୟବା'କୁ ଏକ ବିଶ୍ୱାସ ଭିତ୍ତିକ ଉପାସନା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସୁତାରାଂ ଏଠାରେ ଇସଲାମର ସଂପୂର୍ଣ୍ଣ ପରିଚୟ ଦିଆଯାଇଛି । ଯହିଁରେ ସର୍ବ ପ୍ରଥମେ ଅଲ୍ଲାଃଙ୍କ ଅସ୍ତିତ୍ୱ ତଥା ଏକତ୍ୱ ଓ ହଜରତ ମୁହମ୍ମଦ[ସଅ]ଙ୍କ ଅବତାରତ୍ୱ ପ୍ରତି କେବଳ ବାକ୍ୟରେ ନୁହେଁ ଅନ୍ତରରେ ମଧ୍ୟ ସ୍ୱୀକୃତି ଦେବା ଓ ଦୃଢ଼ ବିଶ୍ୱାସ ପୋଷଣ କରିବାକୁ ହେବ । ଯଦ୍ୱାରା ଜଣେ ମୁସଲମାନର ପ୍ରତ୍ୟେକ କର୍ମ ଏହି ପବିତ୍ର ସିଦ୍ଧାନ୍ତର ମୂଳଦୂଆ ଉପରେ ପ୍ରତିଷ୍ଠିତ ହୋଇ ରହି ପାରିବ । ବର୍ତ୍ତମାନ ଏହାର ପରବର୍ତ୍ତୀ କର୍ମଭିତ୍ତିକ ଉପାସନା କ୍ରମାନ୍ୱୟରେ ଦିଆଯାଉଛି, ଯେଉଁଗୁଡିକୁ 'ଅମ୍‌ଲି ଇବାଦତ୍' କୁହାଯାଏ ।

## ୨. ନମାଜ :

ପ୍ରତିଦିନ ପାଞ୍ଚବେଳା ନମାଜ ଯଥା: ଫଜର, ଜୁହର, ଅସର, ମଗରିବ ଓ ଇଶାକୁ ଯଥା ସମୟରେ ପଢିବା ଅନିବାର୍ଯ୍ୟ (ଫର୍ଜ୍) କରାଯାଇଛି ।

**ସର୍ବଶ୍ରେଷ୍ଠ ଉପାସନା 'ନମାଜ' :** ଇସ୍‌ଲାମ ଧର୍ମରେ ମୌଳିକ ସ୍ତମ୍ଭମାନଙ୍କ ମଧ୍ୟରେ 'ନମାଜ' ଅନ୍ୟତମ । ଏକ ହଦିସ୍‌ରେ ଦିବ୍ୟ ଅବତାର[ସଅ] କହିଛନ୍ତି, 'ନମାଜ ଭକ୍ତମାନଙ୍କ ପାଇଁ ଚରମ ଉନ୍ନତିର ମାର୍ଗ' । ପତିତପାବନ ପ୍ରଭୁଙ୍କ ଠାରେ ପ୍ରତ୍ୟକ୍ଷ ଓ ଅବାରିତ ଭାବେ ପ୍ରାର୍ଥନାକାରୀର ଆତ୍ମାର ନିବେଦନ ହେଉଛି- ଇସ୍‌ଲମୀୟ ପ୍ରାର୍ଥନା 'ନମାଜ'ର ମୂଳମନ୍ତ୍ର । ଅଲ୍ଲାଃ ପ୍ରାର୍ଥନା ଶୁଣନ୍ତି ଓ ଜବାବ ଦିଅନ୍ତି । ଏହି ଭରସା ରଖି ଯିଏ ଧୈର୍ଯ୍ୟ ସହକାରେ ନମାଜରେ ବିନୟ ଭାବ ପୋଷଣ କରିବ, ସେ ନିଶ୍ଚିତ ଭାବେ ସଫଳତା ଅର୍ଜନ କରିବ ଏବଂ ତାହାର ପ୍ରାର୍ଥନା ଅବଶ୍ୟ ଗ୍ରହଣୀୟ ହେବ । ପବିତ୍ର କୁରଆନ୍‌ରେ ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିବା ବିଶ୍ୱାସକାରୀମାନଙ୍କ ପାଇଁ ଅନିବାର୍ଯ୍ୟ କରାଯାଇଛି **(ଅଲ୍ ନିସା ୧୦୪)** । ତେଣୁ ମୁସଲମାନ ସକାଶେ ଯଥା ସମୟରେ ନମାଜ ପଢ଼ିବା ଜରୁରୀ । ନିୟମିତ ଭାବେ ଦିନରେ ପାଞ୍ଚବେଳା 'ଓଜୁ' ଅର୍ଥାତ ମୁଖମଣ୍ଡଳ, ହସ୍ତ ଓ ପାଦଦ୍ୱୟକୁ ଜଳରେ ପ୍ରକ୍ଷାଳନ କରି ନମାଜ ପଢ଼ିବା ସଙ୍ଗେ ସଙ୍ଗେ କୌଣସି ଖେଳକୁଦ ବା କାମରେ ବ୍ୟସ୍ତ ରହି ନମାଜ ଛାଡ଼ିଦେବା ବା ସଠିକ୍ ସମୟରେ ନ ପଢ଼ିବା କଦାପି କ୍ଷମଣୀୟ ନୁହେଁ ।

ନମାଜକୁ ଆରବୀରେ ପ୍ରାର୍ଥନା, ଈଶ୍ୱରଙ୍କ ଜପ ଓ ଗୁଣ କୀର୍ତ୍ତନ କରିବାକୁ ମଧ୍ୟ ବୁଝାଏ । ଏହାକୁ ଔପଚାରିକ ପଦ୍ଧତିରେ ଦୈନନ୍ଦିନ ପାଞ୍ଚବେଳା ପାଠ କରିବା ଅନିବାର୍ଯ୍ୟ କରାଯାଇଛି । ବାସ୍ତବିକ ନମାଜର ଉପାସନା ଆଧ୍ୟାତ୍ମିକ ଉତ୍ସର ପ୍ରାଣକେନ୍ଦ୍ର ଓ ଏଥି ସକାଶେ ଏହାକୁ ଜଣେ ମୋମିନ୍ (ବିଶ୍ୱାସକାରୀ)ଙ୍କ ପାଇଁ 'ମେରାଜ୍' (ଚରମୋନ୍ନତି) କୁହାଯାଏ । ହଜରତ ମୁହମ୍ମଦ[ସଅ]ଙ୍କ ନମାଜ ପ୍ରତି ବ୍ୟକ୍ତିଗତ ଭାବେ ନିଷ୍ଠା ଓ ସଂପର୍କ ଏପରି ନିବିଡ଼ ରହିଥିଲା ଯେ ସେ ବହୁବାର ଏହା କହୁଥିଲେ 'ଜୁଇଲତ୍ କୁର୍‌ରତୁ ଅଇନୀ ଫିସ୍ ସଲାତ୍' ଅର୍ଥାତ୍ 'ନମାଜ ହେଉଛି ମୋ ଚକ୍ଷୁ ଯୁଗଳର ଶୀତଳତା ।'

## ୩. ରୋଜା :

ରମଜାନ ମାସରେ ରୋଜା ରଖିବା ପ୍ରତ୍ୟେକ ସାବାଳକ ଓ ସାବାଳିକା ମୁସଲମାନ ପାଇଁ ଧାର୍ଯ୍ୟ କରାଯାଇଛି । ପ୍ରତ୍ୟେକ ରୋଗରେ ପୀଡିତ ଥିବା ବ୍ୟକ୍ତି ଓ ଯାତ୍ରା କରୁଥିବା (ମୁସାଫିର) ବ୍ୟକ୍ତିଙ୍କ ପାଇଁ ଅନ୍ୟ ସମୟରେ ରୋଜ ରଖି ଗଣତିକୁ ପୂରଣ କରିବା ଉଚିତ । ଗର୍ଭବତୀ କିମ୍ବା କ୍ଷୀର ପିଆଉଥିବା ମହିଳା ଉପରେ ରୋଜା ରଖିବା ବାଧ୍ୟତାମୂଳକ କରାଯାଇ ନାହିଁ । ଏହାର ପ୍ରତି ବଦଳରେ ସେମାନେ ନିଜ ସାମର୍ଥ୍ୟ ଅନୁସାରେ ଜଣେ ଗରୀବକୁ ପ୍ରତିଦିନ ଭୋଜନ କରାଇବା ଆବଶ୍ୟକ ।

ଭୁଲବଶତଃ କିଛି ଖାଇ ଦେଲେ କିମ୍ବା ପିଇ ଦେଲେ ରୋଜା ଭାଙ୍ଗିଯାଏ ନାହିଁ । ଯଦି କୌଣସି ବିନା କାରଣରେ ଯାହା ଯଥାର୍ଥ ନୁହେଁ କୌଣସି ବ୍ୟକ୍ତି ରୋଜା ଭାଙ୍ଗିଦିଏ, ତା' ହେଲେ ଏହାର ପ୍ରାୟଶ୍ଚିତ ସ୍ୱରୂପ ଜଣେ ଗୁଲାମ (ଦାସ)କୁ ମୁକ୍ତ କରିଦେବା କିମ୍ବା ଷାଠିଏ ଦିନ ପର୍ଯ୍ୟନ୍ତ ଲଗାତାର ରୋଜା ରଖିବା ଅଥବା ଷାଠିଏ ଜଣ ଗରୀବଙ୍କୁ ଖାଇବାକୁ ଦେବାପାଇଁ ପଡିବ । ଯଦି ଜଣେ ବ୍ୟକ୍ତିର ଚାକିରୀର ପେଷା ପ୍ରତିଦିନ ଯାତ୍ରା କରିବା ହୋଇଥାଏ କିମ୍ବା ତାହା ବ୍ୟବସାୟର ଏକ ଅଂଶ ହୋଇଥାଏ, ତା' ହେଲେ ସେହି ବ୍ୟକ୍ତିକୁ ରୋଜା ଛାଡ ନୁହେଁ । ରୋଜା ରଖିବା ଅବସ୍ଥାରେ ଦିନ ଯାକରେ ଦାନ୍ତ ଘଷିବା, ଓଦା କପଡା ଦେହ ଉପରେ ପକାଇବା , ଶରୀରରେ ତେଲ ଲଗାଇବା, ଖୁଶ୍‌ବୁ ଅର୍ଥାତ ସୁଗନ୍ଧିତ ଦ୍ରବ୍ୟ ଲଗାଇବା କିମ୍ବା ତାକୁ ଶୁଙ୍ଘିବା ଓ ଛେପ ଢୋକିଦେବା ଇତ୍ୟାଦି କାର୍ଯ୍ୟ କଲେ ତା'ପାଇଁ କୌଣସି ଅସୁବିଧା ନାହିଁ ।

**ଦ୍ୱିତୀୟ କର୍ମ ଭିତ୍ତିକ ଉପାସନା 'ରୋଜା'**: ରୋଜା ସକାଶେ ଆରବୀରେ 'ସୌମ୍' ଶବ୍ଦ ବ୍ୟବହୃତ ହୁଏ, ଯାହାର ଅର୍ଥ ନିଜ ଆତ୍ମାକୁ ରୋକିବା ବା ଆତ୍ମସଂଯମ । ହିଜ୍ରି କ୍ୟାଲେଣ୍ଡରର ନବମ ଚନ୍ଦ୍ର ମାସଟି 'ରମଜାନ୍' ଏବଂ ଏହି ପବିତ୍ର ମାସରେ ପ୍ରତ୍ୟେକ ସାବାଳକ ପୁରୁଷ ଓ ନାରୀ ଉପବାସ ପାଳନ କରିବା ବାଧ୍ୟତାମୂଳକ । ସୂର୍ଯ୍ୟୋଦୟ ପୂର୍ବରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅନ୍ନଜଳ ସ୍ପର୍ଶ ନ କରିବା ସହିତ ଇସ୍‌ଲାମୀୟ ବିଧି ପାଳନ କରିବାକୁ ହୁଏ । ଉପବାସକାରୀ କେବଳ ନିୟମିତ ଆହାର ବର୍ଜନ କରେ ନାହିଁ ବରଂ ପାର୍ଥିବ ଲାଳସା, ଦୈହିକ କାମନାକୁ ପରିହାର କରି ନିଜର ଇନ୍ଦ୍ରିୟାସକ୍ତିକୁ ନିୟନ୍ତ୍ରଣ କରିଥାଏ । ଫଳରେ ଆତ୍ମ ଶୁଦ୍ଧି ଓ ଆତ୍ମ ସଂଯମ ବୃଦ୍ଧି ହୋଇଥାଏ । ଏହା ଦୁଷ୍କୃତି ବିରୁଦ୍ଧରେ ଢାଲ ସଦୃଶ । ତେଣୁ ଦେହ ଓ ମନକୁ ଶୁଦ୍ଧପୂତ କରିବା ତଥା ଜଣେ ଗରୀବର ଭୋକିଲା ପେଟର ଜ୍ୱାଳାକୁ ହୃଦୟଙ୍ଗମ କରିବାର ଅବସର ପାଇଥାଏ । ଦୁଃଖୀ ରଙ୍କିଙ୍କ ପ୍ରତି ସମବେଦନା ପ୍ରକାଶ କରିବାର ଏହା ଏକ ମାଧ୍ୟମ । ସକଳ ପ୍ରକାର ମନ୍ଦକର୍ମ ଓ କୁଅଭ୍ୟାସରୁ ବଞ୍ଚିତ ହେବାର ସାଧନ । କେବଳ ରୋଗରେ ପୀଡ଼ିତ ବ୍ୟକ୍ତି (ମରିଜ୍), ଯାତ୍ରା କରୁଥିବା ବ୍ୟକ୍ତି (ମୁସାଫିର) ଓ ସେହିପରି ଉପବାସ କରିବାକୁ ଅକ୍ଷମ ଓ ଦୁର୍ବଳ ବ୍ୟକ୍ତି ଯାହା ମଧ୍ୟରେ  ଗର୍ଭବତୀ ମହିଳା, ସ୍ତନ୍ୟପାନ କରୁଥିବା ଶିଶୁର ମାଆ, ବାଳୁତ, ବୃଦ୍ଧ ତଥା ଅକର୍ମଣ୍ୟ ବ୍ୟକ୍ତି ଅନ୍ତର୍ଭୁକ୍ତ, ସେମାନଙ୍କୁ ରୋଜା ରଖିବାକୁ ବାରଣ କରାଯାଇଛି । ଏହା ଏପରି ଏକ ଶୃଙ୍ଖଳା, ଯାହା ଧର୍ମ ନିଷ୍ଠାକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକତାର ଉତ୍କର୍ଷତାକୁ ଅତିକ୍ରମ କରିବା ପଥକୁ ସହଜସାଧ୍ୟ କରାଏ ।

ରମଜାନ ମାସରେ ଇଶା ନମାଜ ପରେ 'ତରାବିଃ' ନମାଜ ମଧ୍ୟ ପଢାଯାଏ । ଅସଲରେ ଏହା ହେଉଛି 'ତହଜ୍ଜୁଦ୍' ନମାଜ, ଯାହାକୁ ଲୋକମାନଙ୍କ ସୁବିଧା ପାଇଁ ଇଶା ନମାଜ ପରେ ପରେ ପାଠ କରାଯାଏ ।

## ୪. ଜକାତ୍ :

**ତୃତୀୟ କର୍ମଭିତ୍ତିକ ଉପାସନା 'ଜକାତ୍' :** ଯାହାର ଅର୍ଥ କୌଣସି ପଦାର୍ଥକୁ ପବିତ୍ର କରିବା ଓ ବଢ଼ାଇବା । ଏହା ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ 'ଦାନ' ସ୍ୱରୂପ ସର୍ବନିମ୍ନ ଆର୍ଥିକ ଚାନ୍ଦା । ଏହାର ଏକ ବଡ଼ ଆଭିମୁଖ୍ୟ ହେଉଛି ଯେ ଏକ ପକ୍ଷେ ଧନୀକ ଶ୍ରେଣୀର ଲୋକଙ୍କ ଧନରୁ ଗରୀବମାନଙ୍କ ପ୍ରାପ୍ୟ ଅଧିକାର ବାହାର କରି ତାହାକୁ ପବିତ୍ର କରାଯାଏ ଏବଂ ଅନ୍ୟ ପକ୍ଷେ ଗରୀବ ଓ ଅସହାୟ ଲୋକମାନଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ସବୁ ପ୍ରକାର ସାହାଯ୍ୟମୂଳକ ସାମଗ୍ରୀ ଯୋଗାଇ ଦିଆଯାଇ ପାରିବ । ଯଦ୍ୱାରା ତାହା ସେହି ଜାତିର ଆର୍ଥିକ ମାନଦଣ୍ଡକୁ ଉଠାଇ ସେମାନଙ୍କ ସାମାଜିକ ବିକାଶ କ୍ଷେତ୍ରରେ ସମ୍ବଳ ବୃଦ୍ଧି କରାଏ । ପବିତ୍ର କୁରଆନ୍‌ରେ 'ଜକାତ'କୁ ପ୍ରଧାନ କର ରୂପେ ବିହିତ କରାଯାଇଛି । ସମସ୍ତ ସମ୍ପତ୍ତିରୁ ଗୋଷ୍ଠିର ଅଂଶ କାଢ଼ି ନିଆଯିବା ପରେ ଅନ୍ୟ ହକ୍‌ଦାରମାନଙ୍କ ବ୍ୟବହାର ପାଇଁ ଯାହା ରହିଲା, ତାହା ସେମାନଙ୍କ ସକାଶେ ପବିତ୍ର ହୋଇଯାଏ ଏବଂ ଆଦାୟ ହୋଇଥିବା ସମ୍ପତ୍ତିକୁ ଗୋଷ୍ଠୀ ସେବାରେ ଲଗାଇଲେ ଗୋଷ୍ଠୀର ମଙ୍ଗଳ ସାଧନ ହୁଏ । ପ୍ରତ୍ୟେକ ଆର୍ଥିକ ସମ୍ବଳ ଥିବା ମୁସଲମାନ ପାଇଁ ତାଙ୍କ ସମ୍ପତ୍ତିର ଏକ ନିର୍ଦ୍ଦିଷ୍ଟ ଅନୁପାତରେ ଅଂଶଧନକୁ ଜକାତ୍ ରୂପେ ଦେବା ଅନିବାର୍ଯ୍ୟ କରାଯାଇଛି । ଯଦ୍ୱାରା ସ୍ୱଜାତୀୟ ଦଳିତ ଲୋକମାନଙ୍କ ପ୍ରତି ତାହାର ନିଜ ଦାୟୀତ୍ୱ ଥିବାର ସେ ଉପଲବଧି କରିବ । ଜକାତ୍‌ର ଉପାଦେୟତା ସମ୍ବନ୍ଧରେ ଏକ ହଦିସ୍‌ରେ ଏହିପରି ଉଲ୍ଲେଖ ଅଛି – **'ମନ୍ ଅନ୍‌ଫକା ନଫକତନ୍ ଫିସବିଲିଲ୍ଲାହି କୁତିବାଲହୁ ସବ୍‌ଉମିଆତେ ଜି'ଫିନ୍'** ଅର୍ଥାତ୍ 'ଯେ କେହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ କିଛି ଖର୍ଚ୍ଚ କରେ, ସେ ତାହାର ସାତ ଶହ ଗୁଣରୁ ଅଧିକ ପୁରସ୍କାର ପାଏ' ।
**(ହଦିସ-ତିର୍‌ମିଜି)**

ଦାନର ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ସଚେତନ କରାଇ ହଦିସ୍ ବୁଖାରିରେ ହଜରତ୍ ମୁହମ୍ମଦ[ସଅ] ଏହିପରି କହିଥିବାର ଅଦିୟି ବିନ୍ ହାତିମ୍[ରଅ] ବର୍ଣ୍ଣନା କରୁଛନ୍ତି: 'ତୁମର ଦାନ ଗୋଟିଏ ଖଜୁରୀ କୋଳିର କିଛି ଅଂଶ ହେଉ ପଛକେ ନିଜକୁ ଅଗ୍ନିରୁ ରକ୍ଷା କରିବା ସକାଶେ ଦାନ ଦିଅ ।'

ପବିତ୍ର କୁରଆନ ଅନୁଯାୟୀ ଜକାତ ଦେଲେ ଧନବୃଦ୍ଧି ହୁଏ । ଜକାତ 'ବୈତୁଲ ମାଲ' ଅର୍ଥାତ ଇସଲାମୀୟ ରାଜତ୍ୱର ରାଜକୋଷରେ ଦେବା ଉଚିତ୍ । ଅହମଦିୟା ଜମାଅତରେ ପ୍ରଚଳିତ ୱସିଅତ୍ (ଆୟର ଏକ ଦଶମାଂଶ) ଓ ଅନ୍ୟାନ୍ୟ 'ଲାଜ୍‌ମି'(ନିର୍ଦ୍ଧାରିତ) ଚାନ୍ଦା ଦେଉଥିଲେ ସୁଦ୍ଧା ଜକାତ୍‌କୁ ଅନିବାର୍ଯ୍ୟ କରାଯାଇଛି । ଜକାତ ପାଇଁ ଅର୍ଥରାଶିର ଅନୁପାତ ଏହିସବୁ ବସ୍ତୁ ଉପରେ ଧାର୍ଯ୍ୟ କରାଯାଇଛି । ଯଥା: ସୁନା, ରୂପା, ଧାତୁ ମୁଦ୍ରା, ଓଟ, ଗାଈ, ମଇଁଷି, ଛେଳି, ମେଣ୍ଢା, ଦୁମ୍ବା (ମେଷ ଜାତୀୟ ପଶୁ ) ଏବଂ ସମସ୍ତ ପ୍ରକାର ଖାଦ୍ୟଶସ୍ୟ, ଖଜୁରୀ, ଅଙ୍ଗୁର ଆଦି ଫଳ ତଥା ବେପାର ବଣିଜରୁ ଲବ୍ଧ ଧନ ଦ୍ରବ୍ୟ ଇତ୍ୟାଦି । ପ୍ରତ୍ୟେକ ବସ୍ତୁର ଜକାତର ଦର ନିର୍ଦ୍ଧାରିତ ହୋଇଛି । ଫସଲ ପାଚିଗଲେ କେବଳ ଥରେ ଜକାତ ଦେବା ଜରୁରୀ । କିନ୍ତୁ ଅବଶିଷ୍ଟ ଅନ୍ୟ ସମସ୍ତ ପଦାର୍ଥଗୁଡିକ ଏକ ବର୍ଷ ପର୍ଯ୍ୟନ୍ତ ପାଖରେ ରଖିବା ଆବଶ୍ୟକ ।

**ଜକାତର ଦର** : ୫୨ ତୋଳା ୬ ମାଶା ଅର୍ଥାତ ସାଢେ ବାଉନ ଭରି ରୂପାର ଚାଳିଶ ଭାଗରୁ ଏକ ଭାଗ । କିନ୍ତୁ ପିନ୍ଧା ଯାଉଥିବା ଗହଣା ଯାହା କେବେ ଗରୀବମାନଙ୍କୁ ପିନ୍ଧିବାକୁ ଦିଆଯାଇଥାଏ, ତାହା ଉପରେ ଜକାତ ଲାଗୁ ହୁଏ ନାହିଁ । ସିକ୍‌କା ଓ କରେନ୍‌ସି (ଧାତୁରେ ନିର୍ମିତ ମୁଦ୍ରା ବା ପଇସା) ଉପରେ ସାଢେ ପାଞ୍ଚ ଭରି ଓଜନର ମୂଲ୍ୟ ସହିତ ସମାନ ଧନରାଶିର ଆନୁପାତିକ ଦରରେ ଅର୍ଥ ଜକାତ ହିସାବରେ ଦେବାକୁ ହେବ । ଯେଉଁ ପଶୁଗୁଡିକୁ ହଳରେ ଜୋତିବା କିମ୍ବା ପିଠି ଉପରେ ଭାର ବୁହାଇବା କାମରେ ବ୍ୟବହାର କରାଯାଏ ଓ ସେହିପରି ଯେଉଁ ଜମିଗୁଡିକର ସରକାର ଲଗାନ୍ ନେଉଥାନ୍ତି, ତାହା ଉପରେ କୌଣସି ପ୍ରକାର ଜକାତ ଦେବାକୁ ହେବ ନାହିଁ । ଜକାତ ସକାଶେ ଯୋଗ୍ୟ ଖାଦ୍ୟଶସ୍ୟର ମାତ୍ରା ହେଉଛି ୨୨ ମହଣ ୨୫ ସେର । ଯଦି ଫସଲରେ ପାଣି ମଡାଇବା ପାଇଁ ମୂଲ୍ୟ ଦିଆଯାଇଥିବ, ତେବେ କୋଡିଏ ଭାଗରୁ ଏକ ଭାଗ ନଚେତ ଦଶ ଭାଗରୁ ଏକ ଭାଗ ଫସଲର ମୂଲ୍ୟ ଜକାତ ହିସାବରେ ଦେବାକୁ ପଡିବ । ଯଦି ଚାଷୀ ନିଜ ଜମିର ମାଲିକ ହୋଇଥାଏ, ତା'ହେଲେ ସେ ନିଜେ ଜକାତ ଦେବ କିମ୍ବା ଭାଗ ଚାଷୀ ହୋଇଥିଲେ ଜକାତ ସାମୁହିକ ଭାବରେ ଦେୟ ହେବ ।

## ୫. ହଜ :

**ଚତୁର୍ଥ କର୍ମଭିତ୍ତିକ ଉପାସନା 'ହଜ୍'**: ଏହାର ଅର୍ଥ କୌଣସି ପବିତ୍ର ପୀଠ ଅଭିମୁଖେ ଯାତ୍ରା କରିବା । ଯଦି ସମ୍ବଳ ଥାଏ ଓ ଯାତ୍ରା ନିରାପଦ ହୁଏ, ତେବେ ଜଣେ ମୁସଲମାନ ନିଜ ଜୀବନରେ ଥରେ ମକ୍‌କାକୁ ତୀର୍ଥଯାତ୍ରା କରିବା କର୍ମକୁ 'ହଜ୍' କୁହାଯାଏ । ତୀର୍ଥଯାତ୍ରାର କେନ୍ଦ୍ର ହେଉଛି କା'ବା, ଯାହା ପବିତ୍ର କୁରଆନ୍ ଅନୁସାରେ ଅଲ୍ଲାହଙ୍କ ଉପାସନା ପାଇଁ ନିର୍ମିତ୍ ପ୍ରଥମ ଗୃହ । ମୁସଲିମ୍ କ୍ୟାଲେଣ୍ଡର 'ହିଜ୍‌ରି କମ୍‌ରି' ବା ଚନ୍ଦ୍ର ଅବ୍ଦ ବର୍ଷର ଶେଷ ମାସ ହେଉଛି 'ଜିଲ୍ ହଜ୍' ଏବଂ ଏହି ମାସର ପ୍ରଥମ ସପ୍ତାହରେ ଜଣେ ହାଜୀ ଆରବର ମକ୍‌କା ସହରରେ ପହଞ୍ଚି ହଜର ଆନୁସାଙ୍ଗୀକ କାର୍ଯ୍ୟବିଧିକୁ ଔପଚାରିକ ପଦ୍ଧତିରେ ସମ୍ପାଦନ କରିଥାଏ । ହଜ୍ ପାଳନର ତୃତୀୟ ଦିନ ଅର୍ଥାତ୍ ଜିଲ୍-ହଜ ମାସର ୧୦ ତାରିଖ ଦିନ ସମଗ୍ର ବିଶ୍ୱରେ ମୁସଲମାନମାନେ 'ଇଦ୍-ଉଲ୍-ଅଜିହା' ବା ବ୍ରକି ଇଦ୍ ପର୍ବ ପାଳନ କରିଥାନ୍ତି । ଯେପରି କା'ବା ଗୃହ ତୀର୍ଥଯାତ୍ରାର କେନ୍ଦ୍ର ବିନ୍ଦୁ, ସେହିପରି ମକ୍କା ସହରଠାରୁ ୧୧ କି.ମି. ଦୂରରେ ଅବସ୍ଥିତ 'ମୀନା' ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯେଉଁଠାରେ ହଜ୍ କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ହଜ୍ ବିଧି ଅନୁଯାୟୀ

ଖାନା କା'ବା ତଥା ସଫା ମରୁଆ ପାହାଡ଼ ଦ୍ୱୟର ପରିକ୍ରମା କରିବା, ପୁଣି ମକ୍କା ଠାରୁ ୧୫ କି.ମି. ଦୂରବର୍ତ୍ତୀ ଐତିହାସିକ 'ଅରଫାତ୍' ମୈଦାନ୍‌ରେ ଡେରା ପକାଇ ଏକାଗ୍ର ଚିତ୍ତରେ ପ୍ରାର୍ଥନା କରିବା ଏବଂ ଶେଷରେ ମୀନାଠାରେ କୁର୍‌ବାନୀ (ପଶୁବଳୀ) ଦେବାକୁ ହୁଏ । ଏହିପରି ଜିଲ୍ ହଜ୍ ମାସର ୮,୯ ଓ ୧୦ ତାରିଖ ତିନି ଦିନରେ ହଜ୍ କାର୍ଯ୍ୟ ସଂପୂର୍ଣ୍ଣ ହୁଏ ।

ତାହା ପୃଥିବୀର ଏକମାତ୍ର ସ୍ଥାନ, ଯେଉଁଠାରେ ଅହର୍ନିଶି ଚବିଶି ଘଣ୍ଟା ଉପାସନା କରାଯାଉଛି ଏବଂ ଯେଉଁ ସହର 'ମକ୍କା'କୁ ଉମ୍ମଲ୍ କୀରା (Mother Town) ବୋଲି କୁହାଯାଏ, ସେଠାରେ ଅବାଧରେ ପ୍ରବେଶ କରିବାର ଆଦେଶ ସ୍ୱୟଂ ପରମେଶ୍ୱର ପବିତ୍ର କୁରଆନ୍‌ରେ ଘୋଷଣା କରିଛନ୍ତି:

إِنَّ أَوَّلَ بَيْتٍ وُضِعَ لِلنَّاسِ لَلَّذِي بِبَكَّةَ مُبَارَكًا وَهُدًى لِّلْعَالَمِينَ ﴿٩٦﴾

ଅର୍ଥାତ 'ସର୍ବପ୍ରଥମ ଗୃହ, ଯାହା ସମସ୍ତ ମାନବଙ୍କ ଲାଭ ପାଇଁ ନିର୍ମାଣ କରାଯାଇଥିଲା, ତାହା ମକ୍କାରେ ଅବସ୍ଥିତ । ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣ ଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ । ଯେ କେହି ଏଥିରେ ପ୍ରବେଶ କଲେ ସେ ସୁରକ୍ଷିତ ହୋଇଯାଏ । ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ୍ ଯାତ୍ରାରେ ଆସିବା ବିଧେୟ କରିଛନ୍ତି ।'

(ଆଲେ ଇମ୍ରାନ ୯୭)

**କା'ବା ଗୃହ ଓ ହଜ ପାଳନ:** ଏହି ଶାଶ୍ୱତ ବାଣୀ ଜରିଆରେ ଅଲ୍ଲାଃ ଏକ ସାର୍ବଜନୀନ ଘୋଷଣା କରିଛନ୍ତି: ଯେ କୌଣସି ମାନବ ଏହି 'ବୈତୁଲ୍ଲାଃ' ବା House of Allah ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତ୍ତା ବଳୟ ମଧ୍ୟକୁ ଆସିଯିବ । ମନରେ ଆତ୍ମଗ୍ଲାନି ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ । ଏଠାରେ କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟ ବା ଜାତିକୁ ହଜରେ ଯିବା ପାଇଁ ଅନୁମତିର ଆଦେଶ ନାହିଁ । ବିଶେଷତଃ ଏହି ପୀଠକୁ 'ମୁକାମେ ଇବ୍ରାହୀମ୍' ବା ଇବ୍ରାହିମ୍‌ଙ୍କ ଆସ୍ଥାନ ରୂପେ ବର୍ଣ୍ଣନା କରାଯାଇଛି । ସକଳ ନିୟମର ପିତା ଅବତାର ଜନକ ଇବ୍ରାହୀମ୍‌ଙ୍କ ଶକ୍ତିପୀଠ ରୂପେ ମକ୍କା ପ୍ରସିଦ୍ଧ । ସେ ପୀଠରେ ହଜ ପାଳନର ନୀତି ନିୟମ ଆଧାରରେ ମୁସଲମାନ ପୁରୁଷ ମହିଳା ନିର୍ବିଶେଷରେ ଯେ କେହି ବି ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ ସେ ବ୍ରହ୍ମତ୍ୱ ଲାଭ କରିବ ।

ପୁଣି ଏକ ବୈଚିତ୍ର୍ୟମୟ କୃଷ୍ଣକାୟ ପଥର 'ହଜ୍ରେ ଅଶୱଦ୍' ଘରର ଏକ କୋଣରେ ଖଞ୍ଜା ହୋଇଛି । କେଉଁ ଆବାହମାନ କାଳରୁ ତାହା ରହିଛି । କେଉଁଠାରୁ ଓ କିପରି ଆସିଛି ତାହା ପ୍ରଭୁଙ୍କୁ ହିଁ ଗୋଚର । ସେହି କାବା-ପ୍ରସ୍ତରକୁ ପ୍ରଦକ୍ଷିଣ କରିବା ହିନ୍ଦୁଙ୍କ ମତରେ 'ମକ୍କେଶ୍ୱର ମହାଦେବ'ଙ୍କ ପୂଜା ବୋଲି କୁହାଯାଇଛି । କିନ୍ତୁ ଏହି Sacred Black Stone ପୌରାଣିକ କିମ୍ବଦନ୍ତୀର ପ୍ରତୀକ ସ୍ୱରପ 'ଏକ ବ୍ରହ୍ମ'ଙ୍କ ଅସ୍ତିତ୍ୱର ସାକ୍ଷ୍ୟ ବହନ କରି ଯୁଗ ଯୁଗ ଧରି ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ରହିଛି ଓ ରହିଥିବ । ହାଜୀମାନେ କାବା ଗୃହର ଚତୁର୍ପାର୍ଶ୍ୱରେ ତୌଆଫ୍ (ସାତଥର ପରିକ୍ରମା) କରିବା ସମୟରେ ସେହି ପବିତ୍ର ପଥରକୁ ଚୁମ୍ବନ ଦେଇ ନିଜ ଭକ୍ତିଭାବ ପ୍ରକାଶ କରିଥାନ୍ତି । ମାତ୍ର ଏହି ପ୍ରତୀକଟି ସାକାର ମୂର୍ତ୍ତି ସଦୃଶ ଉପାସ୍ୟ ନୁହେଁ । ଯୋସେଫ, ମେରୀ, ଯୀଶୁ ଓ କ୍ରୁଶର ମୂର୍ତ୍ତି ଗଠନ ଖ୍ରୀଷ୍ଟିୟାନ ଜଗତରେ ଯେପରି ମନୁଷ୍ୟ କୃତ, ସେହିପରି ମୁହମ୍ମଦଙ୍କ କେଶ, ଆୟେଶାଙ୍କ ବୁର୍ଖା ଏବଂ ଉର୍ସ ବେଳେ ପୀରପୂଜା- ଏସବୁ ହିନ୍ଦୁ ପରମ୍ପରା ଦ୍ୱାରା ପ୍ରଭାବିତ ତଥା ମୂର୍ତ୍ତିପୂଜାର ରୂପାନ୍ତର ମନେ ହୁଏ । ଏସବୁ ଏକ ଅବାଞ୍ଛିତ, ଆନୁମାନିକ ବିଷୟର ପରିକଳ୍ପନା ମାତ୍ର । ତାହା ବାସ୍ତବଧର୍ମୀ ମୁସଲିମ ସମାଜରେ ଇସଲାମର ଏକବ୍ରହ୍ମ ଉପାସନା ଉପରେ କୌଣସି ପ୍ରଭାବ ପକାଇବାର ଭ୍ରମ ସୃଷ୍ଟି କରିଥାଏ । ତେଣୁ ଜଣେ ମୁସଲିମ ହଜ୍‌ଯାତ୍ରୀ ସେହି ପଥରଟିକୁ ଚୁମ୍ବନ ଦେଲାବେଳେ ବା ସ୍ପର୍ଶ କରିବା

ବେଳେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଅଦୃଶ୍ୟ ବ୍ରହ୍ମଙ୍କୁ ସ୍ମରଣ କରେ ସତ, ମାତ୍ର ପ୍ରତୀମା ପୂଜାର ଭାବନା ତା’ ମନରେ ଆସେ ନାହିଁ କି ତା’ର ଏକାଗ୍ରତା ନଷ୍ଟ ହୁଏ ନାହିଁ ।

**ଆନ୍ତର୍ଜାତୀକ ତୀର୍ଥ ଭୂମି:** ହଜ ଏକ ଆନ୍ତର୍ଜାତିକ ଉପାସନା ହୋଇଥିବାରୁ ଏହା କେବଳ ମୁସଲମାନମାନଙ୍କ ଠାରେ ସୀମାବଦ୍ଧ ନୁହେଁ, ବରଂ ଏହାର କଲ୍ୟାଣ ଓ ଉପାଦେୟତା ସକଳ ମାନବ ପାଇଁ ସମ ଭାବରେ ନିହିତ । ଅଲ୍ଲାଃହିଁ ଉପାସନାର କେନ୍ଦ୍ରବିନ୍ଦୁ । ତେଣୁ ସେ ଗୃହର ପ୍ରାଣକେନ୍ଦ୍ର-ସମଗ୍ର ଜୀବଜଗତ ପାଇଁ ‘ସତ୍ୟ, ଶିବ, ସୁନ୍ଦର’ ରୂପେ ଦିପ୍ତିମନ୍ତ । ଏହି କାରଣରୁ ସ୍ୱୟଂ ପରମେଶ୍ୱର ପବିତ୍ର କୁରଆନ୍‌ରେ ଧର୍ମ ସଂକୀର୍ଣ୍ଣତା ପରିହାର ପୂର୍ବକ ହଜ୍ ଯାତ୍ରାକୁ ସମସ୍ତ ମାନବ ପାଇଁ ସାଧାରଣ କରି ଦେଇଛନ୍ତି । ଏହି ପଙ୍‌କ୍ତିରେ ‘ଅଲ୍ ମୁସଲେମିନ୍’ ଅର୍ଥାତ ମୁସଲମାନ ଜାତିକୁ କୁହାଯାଇନାହିଁ । ବରଂ ‘ଅନ୍‌ନାସ’ କହିଛନ୍ତି ଅର୍ଥାତ ‘ସକଳ ମାନବ’। ସବୁ ଲୋକଙ୍କ ପାଇଁ ସମସ୍ତ ଜନସାଧାରଣଙ୍କ କଲ୍ୟାଣ ସକାଶେ ସୃଷ୍ଟି କରାଯାଇଛି । ସେହିପରି କାବା ଗୃହ ସବୁରି ପାଇଁ ଚରମୋନ୍ନତିର ସ୍ଥଳୀ । ଯେପରି ହଜରତ ମୁହମ୍ମଦ[ସଅ]ଙ୍କୁ ‘ରହମତୁଲ ଲିଲ୍ ମୁସ୍‌ଲିମୀନ୍’ କୁହାଯାଇ ନାହିଁ, ବରଂ ‘ରହମତୁଲ୍ ଲିଲ୍ ଆ’ଲମୀନ୍’ ଅର୍ଥାତ ସେ ହେଉଛନ୍ତି ସମସ୍ତ ପ୍ରାଣୀ ଜଗତର ଅନୁଗ୍ରହ ସ୍ୱରୂପ । ଯେପରି ମାନବ ସମାଜ ପ୍ରତି କରୁଣା ପ୍ରଦର୍ଶନ ପୂର୍ବକ ତାଙ୍କୁ ପ୍ରରଣ କରାଯାଇଥିଲା, ସେହିପରି ହଜ୍ ମଧ୍ୟ ସକଳ ମାନବ ଜାତି ପାଇଁ ଉଦ୍ଦିଷ୍ଟ ଓ ଅଭିପ୍ରେତ ।

ଅବତାର ମହୀମ ଅବ୍ରାହମ୍[ଅସ] ପୁତ୍ର ହଜରତ ଇସ୍‌ମାଇଲ୍[ଅସ]ଙ୍କ ଜନ୍ମସ୍ଥାନ ଦର୍ଶନ କରିବା କେବଳ ହଜ୍‌ର ଆଭିମୁଖ୍ୟ ନୁହେଁ । ବରଂ ବିଶ୍ୱର ବିଭିନ୍ନ ଦେଶର ବିଭିନ୍ନ ଗୋଷ୍ଠି ଓ ବର୍ଗର ମୁସଲମାନମାନଙ୍କ ମଧ୍ୟରେ ପାରସ୍ପରିକ ବନ୍ଧୁ ମିଳନ ଏବଂ ପରିଚୟ ଆଦାନ ପ୍ରଦାନର ଏହା ଏକ ଉତ୍କୃଷ୍ଟ ଅବସର । ସେମାନଙ୍କ ମନରେ ଆନ୍ତର୍ଜାତୀକ ଭ୍ରାତୃଭାବ ସୃଷ୍ଟି କରିବା ଓ ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ଅଲ୍ଲାଃଙ୍କୁ ଜୀବନର କେନ୍ଦ୍ରବିନ୍ଦୁ ରୂପେ ଅଙ୍କିତ କରିବା ହେଉଛି, ତୀର୍ଥଯାତ୍ରାର ଉଦ୍ଦେଶ୍ୟ ।

ଯଦି କୌଣସି ମୁସଲମାନ ନିଜେ ହଜ କରିବାକୁ ଅକ୍ଷମ, ତା’ର ପ୍ରତି ବଦଳରେ ଅନ୍ୟ କୌଣସି ବ୍ୟକ୍ତି ହଜ କରିବାକୁ ଯାଇ ପାରିବ । ସେହିପରି ମୃତ୍ୟୁ ପ୍ରାପ୍ତ କିମ୍ବା ଅକର୍ମଣ୍ୟ ବ୍ୟକ୍ତି ତରଫରୁ ମଧ୍ୟ ହଜ କରାଯାଇ ପାରିବ । କିନ୍ତୁ ଅନ୍ୟ ବ୍ୟକ୍ତି ପାଇଁ କେବଳ ସେହି ବ୍ୟକ୍ତି ହଜ କରିପାରିବ, ଯିଏ ପୂର୍ବରୁ ନିଜର ହଜ କାର୍ଯ୍ୟ ସଂପନ୍ନ କରି ସାରିଥିବ ।

# ଉପକ୍ରମଣିକା

ନମାଜ ଅଲ୍ଲାଃଙ୍କ ବରଦାନ ଓ ମାନବଜାତି ପ୍ରତି ବହୁତ ବଡ ଆଧ୍ୟାତ୍ମିକ ପୁରସ୍କାର । ଏହା ଏକ ମହାନ ଉପାସନା ଓ ବିସ୍ତୃତ ପ୍ରାର୍ଥନାକୁ ବୁଝାଏ । ନମାଜ ଅଲ୍ଲାଃଙ୍କର ଅସୁମାରି ଅନୁଗ୍ରହ ତଥା ଉପକାର ପାଇଁ କୃତଜ୍ଞ ଭାବ ବ୍ୟକ୍ତ କରିବାର ନାମ, ଯାହାସବୁ ସେ ଆମ ପାଇଁ ନିଜ କୃପା ବଳରେ କରିଛନ୍ତି ଓ ଏବେ ମଧ୍ୟ କରି ଆସୁଛନ୍ତି । ନମାଜ ଦ୍ୱାରା ମନୁଷ୍ୟର ଦୁଃଖ କଷ୍ଟ ଦୂର ହୋଇଥାଏ ଓ ପାପର ମଇଳା ଧୋଇ ହୋଇଯାଏ । ଏହା ବଳରେ ମନୁଷ୍ୟ ସମସ୍ତ ପ୍ରକାର ଖରାପ କର୍ମ, ପାପ ଓ ଅଶ୍ଳୀଳ କଥା ସବୁରୁ ନିବୃତ୍ତ ହୋଇ ରହିଥାଏ, ଯଦ୍ୱାରା ଅଲ୍ଲାଃ ଓ ତାହାଙ୍କ ଭକ୍ତ ମଧ୍ୟରେ ସଂପର୍କ ସ୍ଥାପିତ ହୋଇଯାଏ ।

## ନମାଜ ପଢିବାର ସର୍ତ୍ତ — شرائط نماز

ଗୋଟିଏ ଦିବସରେ ପାଞ୍ଚୋଟି ପୃଥକ ସମୟରେ ନମାଜ ପଢିବା ଅନିବାର୍ଯ୍ୟ । ତେଣୁ ପ୍ରତ୍ୟେକ ମୁସଲମାନ ପକ୍ଷେ ଦିନକୁ ସମୟାନୁସାରେ ପାଞ୍ଚ ବେଳା ନମାଜ ଅବଶ୍ୟ ପଢିବା ଉଚିତ । ଜଣେ ସୁସ୍ଥ ମାନସିକତା ଓ ହିତାହିତ ଜ୍ଞାନ

ଥିବା ପ୍ରାପ୍ତ ବୟସ୍କ ମୁସଲିମ ପକ୍ଷେ ଏହି ନମାଜକୁ ଉପଯୁକ୍ତ ବିଧି ଅନୁସାରେ ସମ୍ପାଦନ କରିବା ଅପରିହାର୍ଯ୍ୟ କରାଯାଇଛି । କିନ୍ତୁ ପିଲାମାନଙ୍କ କ୍ଷେତ୍ରରେ ସେମାନେ ପ୍ରାପ୍ତ ବୟସ୍କ ନହେବା ପର୍ଯ୍ୟନ୍ତ ଏହା ବାଧ୍ୟତା ମୂଳକ ନୁହେଁ । କିନ୍ତୁ ସେମାନଙ୍କୁ ନିୟମିତ ରୂପେ ଓ ବିଧିବଦ୍ଧ ଭାବରେ ନମାଜ ପାଠ କରିବା ସ୍ତରରେ ପହଞ୍ଚିବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରିବାର ଉଦ୍ୟମ ଅବ୍ୟାହତ ରଖିବା ଉଚିତ । ଏହି କାରଣ ଯୋଗୁଁ ହଜରତ ମୁହମ୍ମଦ[ସଅ] ନିର୍ଦ୍ଦେଶ ଦେଇଥିଲେ ଯେ ଶିଶୁଟି ସାତ ବର୍ଷର ହୋଇଗଲେ ପିତାମାତା ସେମାନଙ୍କୁ ନମାଜରେ ନିୟମିତ ହେବା ପାଇଁ ପ୍ରବର୍ତ୍ତାଇବେ । ସେଥି ପାଇଁ ସେମାନଙ୍କୁ ଉପଯୁକ୍ତ ତାଲିମ ବା ପ୍ରଶିକ୍ଷଣ ଦିଆଯିବ । ପୁଣି ଦଶ ବର୍ଷ ବୟସର ହୋଇଗଲେ ନମାଜ ପଢିବା ପାଇଁ ସେମାନେ ଅବାଧ ହେଲେ, ସେମାନଙ୍କ ପ୍ରତି କଠୋର ହୁଅ ଓ ସାବଧାନ କରାଇ ଦିଅ । **(ହଦିସ୍ ସୁନନ୍ ଅବିଦାଉଦ, କିବାବୁସ ସଲାତ୍)**

ନମାଜ ଆରମ୍ଭ କରିବା ପାଇଁ କେତୋଟି ସର୍ତ୍ତ ପାଳନ କରିବାକୁ ପଡିବ । ଏହାକୁ 'ଶରାଏତେ ନମାଜ' ମଧ୍ୟ କୁହାଯାଏ ।

(୧) 'ୱକ୍ତ' (ସମୟ) : ପୃଥିବୀର ଭୌଗଳିକ ସ୍ଥିତି ଅନୁଯାୟୀ ଏହା ନିର୍ଦ୍ଧାରଣ କରାଯାଇଥାଏ ।

(୨) (କ) 'ତହାରତ୍' (ଶୁଦ୍ଧତା) : ଅର୍ଥାତ ନମାଜ ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ପରିସ୍ଥିତି ଅନୁସାରେ ନିଜ ଶରୀରକୁ ପରିଷ୍କାର ପରିଚ୍ଛନ୍ନ କରିବା । ଏଥିପାଇଁ 'ଗୁସଲ୍' (ସ୍ନାନ), 'ଓଜୁ '(ହସ୍ତ ପଦାଦି ପ୍ରକ୍ଷାଳନ) କିମ୍ବା 'ତୟମ୍ମୁମ୍' କରିବା (ପାଣି ନ ମିଳିଲେ ଶୁଖିଲା ସଫା ମାଟିରେ ହାତ ଘଷିବା) ଇତ୍ୟାଦି ।

(ଖ) ନମାଜ ପଢିବା ସ୍ଥାନ ଓ ପରିଧାନ : 'ଯାଏ ନମାଜ' ତାହା କପଡା ନିର୍ମିତ ହେଉ କିମ୍ବା ଚଟାଇର ଆସନ ହେଉ, ତାହା ନିଶ୍ଚୟ ସଫା ହୋଇଥିବ ଓ ତାହାକୁ ବିଛାଇ ପଢୁଥିବା ସ୍ଥାନ ମଧ୍ୟ ପରିଷ୍କାର ହେବା ଆବଶ୍ୟକ । ସେହିପରି ଉପାସନାକାରୀର ପିନ୍ଧିଥିବା ବସ୍ତ୍ର ମଧ୍ୟ ଅତି ସାଧାରଣ ଓ ସଫା ସୁତୁରା ହେବା ଜରୁରୀ ।

(୩) 'ପରଦାପୋଷି' : ନିଜ ଶରୀରକୁ ଆବୃତ କରି ନମାଜରେ ଧ୍ୟାନମଗ୍ନ ହେଲେ ନିଷ୍ଠା ବୃଦ୍ଧି ପାଏ ।

(୪) 'କିବ୍‌ଲା': ଅର୍ଥାତ କ'ବା ଗୃହ ଆଡକୁ ମୁହଁ କରି ନମାଜ ପଢିବା , ଯାହା ଭାରତ ପାଇଁ ପଶ୍ଚିମ ଦିଗ ।

(୫) 'ନିୟତ': ନମାଜର ସଂକଳ୍ପ କରିବା ଅର୍ଥାତ କେଉଁ ପ୍ରକାର ନମାଜ ପଢିବାକୁ ଯାଉଛ, ତାହା ଫର୍ଜ (ବାଧ୍ୟତାମୂଳକ), ସୁନ୍ନତ୍ (ମୁହମ୍ମଦଙ୍କ ଦ୍ୱାରା ଅନୁସୃତ ନମାଜ) କିମ୍ବା ନଫିଲ୍ (ଇଚ୍ଛାଧୀନ) ତାହାକୁ ପ୍ରଥମେ ମନରେ ସ୍ଥିର କରିବାକୁ ହେବ ।

## ନମାଜର ସମୟ ସାରଣୀ ଓ ରକାତ ସଂଖ୍ୟା اوقات و تعداد رکعات نماز

| ନମାଜର ନାମ | ଫର୍ଜ ରକାତ | ସୁନ୍ନତ ରକାତ ଫର୍ଜ ପୂର୍ବରୁ | ସୁନ୍ନତ ରକାତ ଫର୍ଜ ପରେ | ୱାଜିବ ରକାତ ୱିତର | ନମାଜର ସମୟ ସୀମା |
|---|---|---|---|---|---|
| ଫଜର (ପ୍ରାତଃକାଳୀନ ନମାଜ) | ୨ | ୨ | - | - | ବ୍ରାହ୍ମ ମୁହୂର୍ତ୍ତରେ, ଫସର ଫାଟିବା ସୂର୍ଯ୍ୟୋଦୟ ପୂର୍ବ ପର୍ଯ୍ୟନ୍ତ |
| ଜୁହର୍ (ମଧ୍ୟାହ୍ନ ପରକାଳୀନ ନମାଜ) | ୪ | ୪ | ୨ | - | ସୂର୍ଯ୍ୟ ଢଳିବା ଠାରୁ ତୃତୀୟ ପ୍ରହର ପର୍ଯ୍ୟନ୍ତ |

| | | | | | |
|---|---|---|---|---|---|
| ଅସର (ଅପରାହ୍ନକାଳୀନ ନମାଜ) | ୪ | – | – | – | ତୃତୀୟ ପ୍ରହର ଠାରୁ ସୂର୍ଯ୍ୟାସ୍ତ ପୂର୍ବ ପର୍ଯ୍ୟନ୍ତ |
| ମଗରିବ (ସାନ୍ଧ୍ୟ କାଳୀନ ନମାଜ) | ୩ | – | ୨ | – | ସୂର୍ଯ୍ୟାସ୍ତ ଠାରୁ ଅନ୍ଧାର ଘୋଟିବା ପର୍ଯ୍ୟନ୍ତ |
| ଇଶା (ରାତ୍ରୀକାଳୀନ ନମାଜ) | ୪ | – | ୨ | ୩ | ଅନ୍ଧାର ଘୋଟିବା ଠାରୁ |

## ନମାଜ ବାରଣ କରା ଯାଇଥିବା ସମୟ — ممنوعہ اوقات نماز

(୧) ଯେତେବେଳେ ସୂର୍ଯ୍ୟ ଉଦୟ ହୋଇଥିବ

(୨) ଯେତେବେଳେ ସୂର୍ଯ୍ୟ ଅସ୍ତଗାମୀ ହେଉଥିବ

(୩) ଯେତେବେଳେ ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ରହିଥିବ

(୪) ଯେତେବେଳେ ଅର୍ଦ୍ଧ ରାତ୍ରୀ ସମୟ ହୋଇଥିବ

ସେହିପରି ଏହି ଦୁଇଟି ସମୟ ମଧ୍ୟ ନମାଜ ପାଠ କରିବା ନିଷିଦ୍ଧ କରାଯାଇଛି :

(୧) ଫଜର ନମାଜ ପରଠାରୁ ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ ।

(୨) ଅସର ନମାଜ ଠାରୁ ସୂର୍ଯ୍ୟ ଅସ୍ତ ହେବା ପର୍ଯ୍ୟନ୍ତ ।

## ନମାଜର ଶିଷ୍ଟାଚାର — آداب نماز

(୧) ନମାଜ ପଢୁଥିବା ସମୟରେ ଏଣେ ତେଣେ ଦେଖିବା, ଅଯଥାଟାରେ ଖାସିବା, ଅକାରଣରେ ହଲିବା, ଦୃଷ୍ଟି ଚରିଆଡେ ଫେରାଇବା, କୌଣସି ଏଣୁ ତେଣୁ ଗପିବା କିମ୍ବା ନମାଜରୁ ବାହାରେ ଥିବା ବ୍ୟକ୍ତିଙ୍କ କଥା ପ୍ରତି ଧ୍ୟାନ ଦେବା, ଏହିପରି କୌଣସି ଅନ୍ୟ କାମ ଯାହା ନମାଜରେ ବିଘ୍ନ ସୃଷ୍ଟି କରିଥାଏ, ସେସବୁ କରିବାକୁ ବାରଣ କରାଯାଇଛି ।

(୨) ରୁକୁ କରିବା ( ନଇଁ ଥିବା ମୁଦ୍ରାରେ) କିମ୍ବା ସିଜ୍‌ଦା (ଭୂମିଷ୍ଠ ବା ମୁଣ୍ଡିଆ ମାରିବା) ମୁଦ୍ରାରେ ରହିଥିବା ବେଳେ କୌଣସି କୁରଆନ୍‌ର ଦୁଆ କିମ୍ବା ଆୟତ (ପଙ୍‌କ୍ତି) ପଢିବା ମନା ।

## ମସଜିଦ୍‌ର ଶିଷ୍ଟାଚାର — مسجد کے آداب

(୧) ମସଜିଦରେ ପ୍ରବେଶ ହେବା ପରେ ଦୁଇ ରକାତ ନଫିଲ(ଇଚ୍ଛାଧୀନ) ନମାଜ ପଢିବାରେ ପୁଣ୍ୟ ମିଳେ ।

(୨) ମସଜିଦରେ ନିଜର ଜୋତା / ଚପଲ ଇତ୍ୟାଦିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ଉଚିତ ।

(୩) ପ୍ରଥମେ ଆଗ ଧାଡି (ସଫ୍)କୁ ପୂରଣ କରିବ ଓ ସବୁବେଳେ ପ୍ରଭୁଙ୍କ ନାମ ଜପ କରିବ ତଥା ଆଧ୍ୟାତ୍ମିକ ବିଷୟରେ ମନ ଲଗାଇବ ।

(୪) ମସଜିଦ ଭିତରେ ପରସ୍ପର ମଧ୍ୟରେ କିଣା ବିକା ପ୍ରସଙ୍ଗରେ ତଥା ଅଯଥା ଗପସପ କରିବା ଓ କଳି ଝଗଡା କରିବା ମନା ।

(୫) ଏପରି କୌଣସି ଖାଦ୍ୟ ଖାଇ ଆସିବା ଉଚିତ ନୁହେଁ, ଯାହାର ଗନ୍ଧରେ ଅନ୍ୟମାନଙ୍କ ନମାଜରେ ବ୍ୟାଘାତ ସୃଷ୍ଟି ହେବ ।

## ଅଜାନର ବିଧି

طریق اذان

ନମାଜ ପଢିବା ସକାଶେ ଲୋକମାନଙ୍କୁ ମସଜିଦ / ନମାଜ ସେଣ୍ଟରରେ ଏକତ୍ରିତ କରିବା ପାଇଁ 'ଅଜାନ୍' (ନମାଜ ପାଇଁ ଡାକରା) ଦିଆଯାଏ । ଏହା ପାଞ୍ଚବେଳା ନମାଜ ପୂର୍ବରୁ ମସଜିଦ ପରିସରରେ ଥିବା ମିନାରା ଉପରୁ ଉଚ୍ଚ ସ୍ୱରରେ ଦିଆଯାଏ । ଯେତେବେଳେ ଅଜାନ୍ ଦ୍ୱାରା ଡକାଯିବ ଓ ନମାଜର ସମୟ ହୋଇଗଲା ବୋଲି ସଚେତନ କରାଯିବ, ସେତେବେଳେ ସେହି ଡାକରା ଶୁଣି ଲୋକମାନେ ନିଜର ସମସ୍ତ କାମ ଧନ୍ଦା ବନ୍ଦ କରି ମସଜିଦ ଅଭିମୁଖେ ଛୁଟି ଯିବାକୁ ହେବ ।

ତେବେ ଅଜାନ୍ ଦେଉଥିବା ବ୍ୟକ୍ତିଙ୍କୁ 'ମୋଅଜ୍‌ଜନ୍' (ନମାଜ ପାଇଁ ଆହ୍ୱନକାରୀ) କୁହାଯାଏ । ସେ ପ୍ରଥମେ ଓଜୁ କରି (ହସ୍ତ ପଦାଦି ପ୍ରକ୍ଷାଳନ) ଓ କିବ୍‌ଲା ଆଡକୁ ମୁହଁ କରି ଛିଡା ହୋଇଯିବ ତଥା ତର୍ଜନୀ ଆଙ୍ଗୁଠିକୁ ଦୁଇ କାନରେ ପୁରାଇ ଉଚ୍ଚ ସ୍ୱରରେ ରହି ରହି ନିମ୍ନୋକ୍ତ ଆରବୀ ଶବ୍ଦଗୁଡିକୁ ଉଚ୍ଚାରଣ କରି ଡାକିବ ।

ମସଜିଦରେ ଏକତ୍ର ଭାବରେ 'ନମାଜ ବାଜମାଅତ' ଅର୍ଥାତ ସାମୁହିକ ନମାଜ ପଢିବା ପାଇଁ ଏହି 'ଅଜାନ' ଅର୍ଥାତ୍ ସମୟ ସୂଚକ ଆବାହନ ଠାରୁ ଆରମ୍ଭ କରି ନମାଜର ଅନ୍ତିମ ଚରଣରେ ସଲାମ୍ ଫେରାଇ ନମାଜ ଶେଷ କରିବା ପର୍ଯ୍ୟନ୍ତ ଏଠାରେ ମୂଳ ଆରବୀ ପାଠ ସହିତ ଏହାର ଓଡିଆରେ ଉଚ୍ଚାରଣ ତଥା ଉଭୟ ଉର୍ଦ୍ଦୁ ଓ ଓଡିଆ ଭାଷାରେ ଏହାର ସରଳ ଅନୁବାଦ ଏହିପରି ଚାରି ପ୍ରକାର ଥାକରେ ପଦ ପଦ କରି ଦିଆଯାଉଛି । ଜଣେ ପ୍ରକୃତ ଉପାସନାକାରୀ ଏହିପରି ଉପାୟକୁ ଅନୁସରଣ କଲେ, ତା' ପକ୍ଷେ ନମାଜକୁ ବୁଝିବା ଓ ଶିଖିବା ସହଜ ହେବ ତଥା ନମାଜ ମାଧ୍ୟମରେ ଅଲ୍ଲାଃଙ୍କ ସହିତ ସଂପର୍କ ଯୋଡିବାରେ ସେ ସମର୍ଥ ହୋଇପାରିବ ।

## ଅଜାନର ବାକ୍ୟ

اذان

اَللّٰهُ اَكْبَر
**ଅଲ୍ଲାହୁ ଅକ୍‌ବର** (ଚାରିଥର)
اللہ تعالیٰ سب سے بڑا ہے
ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ

اَشْهَدُ اَنْ لَّا اِلٰهَ اِلَّا الله (ଦୁଇଥର)
**ଅଶ୍‌ହଦୁ ଅଲ୍ଲାଃ ଇଲାହା ଇଲ୍ଲଲ୍ଲାହ୍**
میں گواہی دیتا ہوں کہ اللہ تعالیٰ کے سوا کوئی معبود نہیں
ମୁଁ ସାକ୍ଷ୍ୟ ଦେଉଛି ଯେ ଅଲ୍ଲାଃଙ୍କ ବିନା କେହି ଉପାସ୍ୟ ନାହିଁ ।

اَشْهَدُ اَنَّ مُحَمَّدًا رَّسُوْلُ الله (ଦୁଇଥର)
**ଅଶହଦୁ ଅନ୍‌ନା ମୁହମ୍ମଦର୍ ରସୁଲୁଲ୍ଲାହ୍**
میں گواہی دیتا ہوں کہ محمد (صلی اللہ علیہ وسلم) اللہ کے رسول ہیں
ମୁଁ ସାକ୍ଷ୍ୟ ଦେଉଛି ଯେ ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ରସୁଲ

حَيَّ عَلَى الصَّلٰوة
**ହୟା ଅଲସ୍ ସଲାହ୍**
(ଡାହାଣ ପଟକୁ ମୁହଁ କରି ଦୁଇଥର)
نماز کو آؤ
ନମାଜ ସକାଶେ ଆସ

حَيَّ عَلَى الْفَلَاح
**ହୟା ଅଲଲ୍ ଫଲାହ**
(ବାମ ପଟକୁ ମୁହଁକରି ଦୁଇଥର)
آؤ کامیابی حاصل کرو
ସଫଳତା ପାଇଁ ଆସ

اَللّٰهُ اَكْبَرُ (ଦୁଇଥର)
**ଅଲ୍ଲାଃହୁ ଅକବର**
اللہ تعالٰی سب سے بڑا ہے
ଅଲ୍ଲାଃହିଁ ସର୍ବଶ୍ରେଷ୍ଠ

لَا اِلٰهَ اِلَّا اللّٰهُ (ଏକଥର)
**ଲା'ଇଲାହା ଇଲ୍ଲଲ୍ଲାହ୍**
اللہ تعالٰی کے سوا کوئی معبود نہیں
ଅଲ୍ଲାଃଙ୍କ ଭିନ୍ନ ଅନ୍ୟ କେହି ଉପାସ୍ୟ ନାହିଁ

ନୋଟ: ଫଜର ନମାଜ (ପ୍ରାତଃକାଳୀନ ନମାଜ) ପାଇଁ ଅଜାନ ଦେବାବେଳେ 'ହୟା ଅଲଲ୍ ଫଲାହ' ପରେ ଦୁଇଥର ନିମ୍ନୋକ୍ତ ବାକ୍ୟ ମଧ୍ୟ କୁହାଯାଏ ।

اَلصَّلٰوةُ خَيْرٌ مِّنَ النَّوْمِ (ଦୁଇଥର)
**ଅସ୍‌ସଲାତୁ ଖୈରୁମ୍ ମିନନ୍ ନୌମ୍**
نماز بہتر ہے نیند سے
**ନମାଜ ନିଦଠାରୁ ଉତ୍କୃଷ୍ଟ**

ନୋଟ : ଉପର ବାକ୍ୟକୁ ଶୁଣୁଥିବା ଲୋକ ସଂଗେ ସଂଗେ ଏହିପରି କହିବେ

صَدَقْتَ وَبَرَرْتَ
**ସଦକ୍‌ତା ୱ ବରର୍‌ତା**
سچ کہا تو نے اور بھلائی کی بات کہی
ତୁମେ ସତ କହିଲ ଓ ହିତକର କଥା କହିଲ

ନୋଟ : ଯେତେବେଳେ ଅଜାନ ଦେଉଥିବା ବ୍ୟକ୍ତି (ଆବାହକ) 'ହୟା ଅଲସ୍‌ସଲା, ହୟା ଅଲଲ୍ ଫଲାହ' କହିବ, ସେତେବେଳେ ଶ୍ରୋତା ନିମ୍ନମତେ କହିବା ଆବଶ୍ୟକ

لَا حَوْلَ وَلَا قُوَّةَ اِلَّا بِاللّٰهِ
**ଲାହୌଲା ୱଲାକୁଓ୍ୱତା ଇଲ୍ଲାବିଲ୍ଲାହ୍**
اللہ تعالٰی کی توفیق کے بغیر گناہ سے بچنے اور نیکی کرنے کی طاقت نہیں
ଅଲ୍ଲାଃଙ୍କ ସାମର୍ଥ୍ୟ ବିନା ପାପରୁ ବଞ୍ଚିବା ଓ ପୁଣ୍ୟ କରିବା ଶକ୍ତି କାହାର ନାହିଁ

## ଅଜାନ ଶୁଣି ସାରିବା ପରବର୍ତ୍ତୀ ଦୁଆ

اذان سننے کے بعد کی دعا

اَللّٰهُمَّ رَبَّ هٰذِهِ الدَّعْوَةِ التَّامَّةِ
**ଅଲ୍ଲାହୁମ୍ମା ରବ୍‌ବା ହାଜେହିଦ୍‌ଦାଓ୍ୱତିତ୍ ତାଅମ୍ମତି**
اے اللہ! مالک اس کامل دعا کے
ହେ ଆମର ପାଳନକର୍ତ୍ତା ଅଲ୍ଲାଃ ! ସେହି ଆବାହନକାରୀ ପ୍ରାର୍ଥନାର ପ୍ରଭୁ

وَالصَّلٰوةِ الْقَائِمَةِ
**ୱସ୍ ସଲାତିଲ୍ କାୟମତି**
اور قائم رہنے والی نماز کے
ଏବଂ ଆରମ୍ଭ ହେବାକୁ ଥିବା ଉପାସନା (ନମାଜ)ର ପ୍ରଭୁ!

اٰتِ مُحَمَّدَنِ الْوَسِيْلَةَ
**ଆ'ତେ ମୁହମ୍ମଦାନିଲ୍ ୱସିଲତା**
محمد کو عطا فرما وسیلہ
ହଜରତ ମୁହମ୍ମଦ[ସଅ]ଙ୍କୁ ମଧ୍ୟସ୍ଥତା କରିବା ଶକ୍ତି ଅର୍ପଣ କର

وَالْفَضِيْلَةَ وَالدَّرَجَةَ الرَّفِيْعَةَ
**ୱଲ୍ ଫଜିଲତା ୱଦ୍‌ଦରଜତର୍ ରଫିଅତା**
اور فضیلت اور آپ کا درجہ بلند فرما
ଏବଂ ତାଙ୍କର ପ୍ରତିଷ୍ଠା ଓ ମର୍ଯ୍ୟାଦାର ସ୍ତରକୁ ଉଚ୍ଚ କର

وَابْعَثْهُ مَقَامًا مَّحْمُوْدَ — اور اُٹھا آپ کو مقام محمود میں

ୱବ୍‌ଅସହୁ ମକାମମ୍ ମହମୁଦା — ଏବଂ ଉନ୍ନୀତ କର ସେହି ଶ୍ରେଷ୍ଠତମ ସ୍ଥାନକୁ

نِ الَّذِىْ وَعَدْتَّهٗ — جس کا تو نے وعدہ کیا ہے آپ سے

ନିଲ୍ଲଜି ୱଆଦ୍‌ତହୁ — ଯାହାର ତୁମ୍ଭେ ପ୍ରତିଶ୍ରୁତି ଦେଇଅଛ ତାଙ୍କୁ

اِنَّكَ لَا تُخْلِفُ الْمِيْعَادَ — اور کھول دے میرے لئے اپنی رحمت کے دروازے

ଇନ୍‌ନକା ଲା’ତୁଖ୍‌ଲେଫୁଲ୍ ମିଆଦ୍ — ନିଶ୍ଚିତ ରୂପେ ତୁମ୍ଭେ ନିଜର ପ୍ରତିଶ୍ରୁତି ଭଙ୍ଗ କର ନାହିଁ

## ଓଜୁ (ନମାଜ ପାଠ କରିବା ପୂର୍ବରୁ ଶୁଦ୍ଧ ପାଣିରେ ମୁଖ, ହସ୍ତ ଓ ପଦାଦି ପ୍ରକ୍ଷାଳନ କରିବା) طریق وضو

بِسْمِ اللّٰهِ الرَّحْمٰنِ الرَّحِيْمِ — اللہ کے نام سے شروع کرتا ہوں جو بے انتہاء کرم کرنے والا اور بار بار رحم کرنیوالا ہے۔

ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ — ଅନନ୍ତ ଦୟା ସାଗର ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ

## ଓଜୁ ପରବର୍ତ୍ତୀ ଦୁଆ وضو کے بعد کی دُعا

اَللّٰهُمَّ اجْعَلْنِىْ مِنَ التَّوَّابِيْنَ — اے اللہ بنا مجھ کو توبہ کرنے والوں میں سے

ଅଲ୍ଲାହୁମ ମଜ୍‌ଅଲ୍‌ନୀ ମିନତ୍ ତୱାବିନା — ହେ ଅଲ୍ଲାଃ ! ମୋତେ ଗଣନା କର ଅନୁତାପକାରୀଙ୍କ ମଧ୍ୟରେ

وَاجْعَلْنِىْ مِنَ الْمُتَطَهِّرِيْنَ — اور بنا مجھ کو پاکیزگی اختیار کرنیوالوں میں سے

ୱଜ୍‌ଅଲ୍‌ନୀ ମିନଲ୍ ମୁତତହ୍‌ହିରୀନ୍ — ଏବଂ ମୋତେ ଗଣନା କର ପବିତ୍ର ଲୋକମାନଙ୍କ ମଧ୍ୟରେ

## ଓଜୁ କେଉଁ ପରିସ୍ଥିତିରେ ଭାଙ୍ଗିଯାଏ ?

(୧) ପରିସ୍ରା ଓ ମଳତ୍ୟାଗ କଲେ,

(୨) ଚିତ୍ ହୋଇ ଶୋଇ ରହିଲେ କିମ୍ବା କାହା ଉପରେ ଢେରା ଦେଇ ଆଉଜି ବସିଥିବା ଅବସ୍ଥାରେ ଶୋଇ ପଡିଲେ,

(୩) ଦେହରୁ ରକ୍ତ, ପୂଜ, ବୀର୍ଯ୍ୟ ଅଥବା ପାଡ ବାହାରି ବୋହିଗଲେ ଓଜୁ ଭାଙ୍ଗିଯାଏ ।

(୪) ଏଠାରେ ମନେରଖିବାକୁ ହେବ ଯେ ସହବାସ ପରେ ବୀର୍ଯ୍ୟ ସ୍ଖଳନ ହୋଇଥାଉ କି ନ ହୋଇଥାଇ କିମ୍ବା ସୋଇବା ସମୟରେ ସ୍ୱପ୍ନ ଦୋଷରୁ ହୋଇଥାଉ ଅଥବା ଅନ୍ୟ କୌଣସି କାରଣରୁ ବୀର୍ଯ୍ୟ ସ୍ଖଳନ ହୋଇଥିଲେ, କେବଳ ଆଂଶିକ ରୂପେ ଧୋଇ ହୋଇଯିବା ଯଥେଷ୍ଟ ନୁହେଁ । ବଂର ସମ୍ପୂର୍ଣ୍ଣ ଗାଧୋଇ ସାରି ଓଜୁ କରି ନମାଜ ପଢିବାକୁ ହେବ ।

(୫) ସେହିପରି ମହିଳାମାନଙ୍କ ମାସିକ ରତୁସ୍ରାବ, ଛୁଆ ପ୍ରସବ କଲାପରେ ହେଉଥିବା ରକ୍ତସ୍ରାବ ଇତ୍ୟାଦି ବନ୍ଦ ହୋଇଗଲା ପରେ ଯାଇ ସମ୍ପୂର୍ଣ୍ଣ ସ୍ନାନ କରିବା ମଧ୍ୟ ଜରୁରୀ । ତା’ହେଲେ ଯାଇ ସେ ପରିଚ୍ଛନ୍ନ ଓ ପବିତ୍ର ବିବେଚିତ ହେବ ।

ଠିକ୍ ଏହିସବୁ କାରଣରୁ ମଧ୍ୟ ‘ତୟମ୍ମୁମ’ ଭାଙ୍ଗିଯାଏ । ଏହା ବ୍ୟତୀତ ଯେଉଁ ପରିସ୍ଥିତି ଯୋଗୁଁ ତୟମ୍ମୁମ କରାଯାଇଥିବ, ଯେପରିକି ପାଣି ନ ମିଳିଲେ ରୋଗରେ ପୀଡିତ ଥିବାରୁ ପାଣିର ବ୍ୟବହାର ନ କରି ପାରିବା ଯୋଗୁଁ

ଯଦି ତୟମ୍ମୁମ କରିଥିବ, ମାତ୍ର  ପରେ ସେସବୁ  ଅବସ୍ଥା ସୁଧୁରି ଯାଇଥିବ, ତା'ହେଲେ ସେ କ୍ଷେତ୍ରରେ ମଧ୍ୟ ତୟମ୍ମୁମ ଭାଙ୍ଗିଯିବ ।

طریقِ تیمّم

## ତୟମ୍ମୁମ

ଏହା ଓଜୁର ପ୍ରତି ବଦଳରେ ନମାଜ ପୂର୍ବରୁ କରାଯାଏ । କୌଣସି ସ୍ଥାନରେ ପାଣି ନ ମିଳିଲେ ବା ପୀଡିତ ଥିଲେ ଓଜୁ ପରିବର୍ତ୍ତେ ତୟମ୍ମୁମ କରାଯାଏ । ବିଶୁଦ୍ଧ ଓ ଶୁଷ୍କ ମାଟିରେ ଅଥବା ବାଲି, ପଥର କିମ୍ବା ଚୂନରେ ହାତ ଦ୍ୱୟକୁ ଘଷି ଏହାକୁ ନିଜ ମୁଖମଣ୍ଡଳ ଓ ହାତର କହୁଣି ପର୍ଯ୍ୟନ୍ତ ଘଷି ଆଣିବା କର୍ମକୁ 'ତୟମ୍ମୁମ' କୁହାଯାଏ ।

ଯଦି କୌଣସି ସ୍ଥାନରେ ପାଣି ଅତ୍ୟନ୍ତ ମୂଲ୍ୟବାନ ହୋଇଥାଏ ବା ଅଳ୍ପ ପରିମାଣରେ ଥାଏ ଯାହା ଦ୍ୱାରା ନିଜର ଆବଶ୍ୟକତା ପୂରଣ କରିବା ଅସମ୍ଭବ, ସେପରି ସ୍ଥଳେ ଓଜୁ କରିବା ପରିବର୍ତ୍ତେ ତୟମ୍ମୁମ ଆବଶ୍ୟକ ହୋଇଥାଏ । 'ଯୁନ୍‌ବି'  ଅର୍ଥାତ ଅପବିତ୍ର ଥିବା ଅବସ୍ଥାରେ ଗାଧୋଇବା ନିମନ୍ତେ ପାଣି ନ ମିଳିଲେ କିମ୍ବା ଗାଧୋଇବା ଦ୍ୱାରା ରୋଗାକ୍ରାନ୍ତ ହେବାର ଆଶଙ୍କା ଥିଲେ ତୟମ୍ମୁମ କରାଯାଇପାରେ ।

ନମାଜରେ ଛିଡା ହେବା ସମୟରେ ଓ ସଜ୍‌ଦାରେ ଘୁମେର ପଡିଲେ ଓଜୁ ବା ତୟମ୍ମୁମ ଭାଙ୍ଗିଯାଏ ନାହିଁ ।

## ମସଜିଦରେ ପ୍ରବେଶ ଓ ପ୍ରସ୍ଥାନ କରିବା ସମୟର ଦୁଆ

| | |
|---|---|
| داخل ہوتا ہوں میں اللہ کے نام سے درود<br>ଅଲ୍ଲାଃଙ୍କ ନାମ ନେଇ ପ୍ରବେଶ କରୁଛି । ଅଲ୍ଲାଃଙ୍କ ଆଶୀଷ | بِسْمِ اللّٰہِ الصَّلٰوۃُ<br>**ବିସମିଲ୍ଲାହିସ୍ ସଲାର୍ତ୍ତୁ** |
| اور سلام ہو اللہ کے رسولؐ پر<br>ଓ ଶାନ୍ତି  ବିରାଜିତ ହେଉ  ତାହାଙ୍କ ରସୁଲଙ୍କ ଉପରେ | وَالسَّلَامُ عَلٰی رَسُوْلِ اللّٰہِ<br>**ଓ୍ୱସ୍‌ସଲାମୁ ଅଲା ରସୁଲିଲ୍ଲାଃ** |
| اے میرے اللہ بخش دے میرے گناہ<br>ହେ ଅଲ୍ଲାଃ ! କ୍ଷମା କରିଦିଅ ମୋର ପାପ ସବୁକୁ | اَللّٰھُمَّ اغْفِرْلِیْ ذُنُوْبِیْ<br>**ଅଲ୍ଲାଃହୁମ୍ ମଗ୍‌ଫିରଲି ଜୁନୁବି** |
| اور کھول دے میرے لئے اپنی رحمت کے دروازے<br>ଓ ମୋ ପାଇଁ ଖୋଲିଦିଅ ନିଜ କରୁଣାର ଦ୍ୱାର /କୃପାର ଦ୍ୱାର | وَافْتَحْ لِیْ اَبْوَابَ رَحْمَتِکَ<br>**ଓ୍ୱଫ୍‌ତହଲି ଅବଓ୍ୱାବା ରହମତିକା /ଫଜ୍‌ଲିକା** |

## ଇକାମତ (ନମାଜ ପାଇଁ ପ୍ରାରମ୍ଭିକ ସୂଚନା)

ଯେତେବେଳେ ଫର୍ଜ ନମାଜ (ଯାହା ଅନିବାର୍ଯ୍ୟ) ଆରମ୍ଭ କରାଯିବ, ସେଥିପାଇଁ ପ୍ରଥମେ ଇକାମତ୍ କୁହାଯାଏ । ମସଜିଦରେ ଲୋକମାନେ ଏହି ସାମୁହିକ ନମାଜ ପାଠ କରିବାକୁ ସଳଖ ଧାଡିବାନ୍ଧି ଛିଡା ହେବା ସମୟରେ ମୁଅଜ୍‌ଜନ (ଅଜାନ ଦେଇଥିବା ବ୍ୟକ୍ତି) ଏହିପରି ଇକାମତ୍ ଅର୍ଥାତ ପ୍ରାରମ୍ଭିକ ସୂଚନା ଦେବେ । ସେ ଅଜାନରେ କହିଥିବା ସବୁ ବାକ୍ୟକୁ ଦୁଇଥର ପରିବର୍ତ୍ତେ ଥରେ ଲେଖାଏଁ ଆବୃତ୍ତି କରିବେ । କିନ୍ତୁ 'ହୟା ଅଲଲ୍ ଫଲାହ' ଠାରେ ଏହି ଅଧିକ ବାକ୍ୟ ଦୁଇଥର ଉଚ୍ଚାରଣ କରିବେ । ତାହା ହେଉଛି,  **'କଦ୍‌କା ମତି ସଲାତ୍ କଦ୍‌କା ମତି ସଲାତ୍'** ଅର୍ଥାତ 'ନମାଜ ଆରମ୍ଭ ହୋଇଗଲା ନମାଜ ଆରମ୍ଭ ହୋଇଗଲା' ।

### ଅଧ୍ୟାୟ ୭

# ନମାଜ ଅନୁବାଦ

# نماز با ترجمہ

## ନିୟତ୍ (ନମାଜର ସଂକଳ୍ପ) نیّتِ نماز

କୌଣସି ନିର୍ଦ୍ଧାରିତ ନମାଜ ପାଠ କରିବା ପୂର୍ବରୁ  ନିଜ ଅନ୍ତରରେ ନିୟତ୍ ବା ସଂକଳ୍ପ କରି୦ବାକୁ ହେବ । ମନରେ ଏହା ସ୍ଥିର କରିନେବାକୁ ହେବ ଯେ ସେ କେଉଁ ସମୟରେ, କେଉଁ ନମାଜ, କେତେ ରକାତ ଆରମ୍ଭ କରିବାକୁ ଯାଉଛି । ସେଥିପାଇଁ ନମାଜରେ ଛିଡା ହେବା ବେଳେ ଛାତିରେ ଦୁଇ ହାତ ବାନ୍ଧିବା ପୂର୍ବରୁ ପ୍ରଥମେ ନିୟତ୍ ରୂପେ ମନେ ମନେ ଏହି ଦୁଆ ପାଠ କରିବାକୁ ହେବ ।

| | |
|---|---|
| میں نے اپنے رخ کو اس ذات کی طرف پھیرا<br>ମୁଁ ନିଜର ସକଳ ଧ୍ୟାନ ସେହି ସର୍ବୋଚ୍ଚ ସତ୍ତାଙ୍କ ଆଡକୁ ନିବେଶ କରୁଛି | اِنِّیْ وَجَّهْتُ وَجْهِیَ<br>**ଇନ୍ନି ଓ୍ୱଜ୍‌ଜହତୁ  ଓ୍ୱଜ୍‌ହିୟା** |
| جس نے آسمانوں اور زمین کو بنایا خالص ہو کر<br>ଯେ କି ସୃଷ୍ଟି କରିଛନ୍ତି ଆକାଶକୁ ଓ ପୃଥିବୀକୁ | لِلَّذِیْ فَطَرَ السَّمٰوٰتِ وَالْاَرْضَ<br>**ଲିଲ୍‌ଲଜି ଫତରସ୍ ସମାଓ୍ୱାତି ଓ୍ୱଲ୍ ଅର୍‌ଜା** |
| اور نہیں ہوں میں مشرکین میں سے<br>ମୁଁ ପୂର୍ଣ୍ଣତଃ ତାଙ୍କରି ଆଡକୁ ମୁଣ୍ଡ ନୁଆଁଉଛି ଏବଂ ମୁଁ ନୁହେଁ ଅନେକେଶ୍ୱରବାଦୀଙ୍କ ମଧ୍ୟରେ | حَنِیْفًا وَّمَا اَنَا مِنَ الْمُشْرِكِیْنَ<br>**ହନିଫୌଁ ଓ୍ୱମା ଅନା ମିନଲ୍ ମୁଶ୍‌ରିକୀନ୍** |

## ସନା: ମହିମା ଗାନ ثناء

ଏହାପରେ 'ଅଲ୍ଲାହୁ ଅକବର୍' କହି ଦୁଇ ହାତକୁ କାନ ପର୍ଯ୍ୟନ୍ତ ଉଠାଇ ଛାତି ଉପରେ ବାନ୍ଧିବ ଓ ତା'ପରେ ନିମ୍ନୋକ୍ତ 'ସନା' ପଢ଼ିବ ।

| | |
|---|---|
| اے میرے اللہ تو ہر نقص سے پاک ہے<br>ତୁମ୍ଭେ ହିଁ ପବିତ୍ର ହେ ମୋର ଅଲ୍ଲାଃ ! | سُبْحٰنَكَ اللّٰهُمَّ<br>**ସୁବ୍‌ହାନକା ଅଲ୍ଲାହୁମ୍ମା** |
| اور اپنی تعریف کے ساتھ، اور تیرا نام برکت والا ہے<br>ନିଜର ପ୍ରଶଂସାର ସହିତ ଓ ତୁମରି ନାମରେ କଲ୍ୟାଣ ନିହିତ | وَبِحَمْدِكَ وَتَبَارَكَ اسْمُكَ<br>**ଓ୍ୱବିହମ୍‌ଦିକା ଓ୍ୱତବାରକସ୍‌ମୁକା** |

وَتَعَالٰى جَدُّكَ
ୱ୍ତା'ଆଲା ଜଦ୍‌ଦୁକା
اور بلند ہے تیری شان
ଓ ତୁମରି ମହିମା ଅତ୍ୟନ୍ତ ଗୌରବମୟ

وَلَآ اِلٰهَ غَيْرُكَ
ୱ୍ଲା ଇଲାହା ଗୈରୁକା
اور تیرے سوا کوئی معبود نہیں
ଓ ତୁମ ବିନା ଅନ୍ୟ କେହି ଉପାସ୍ୟ ନାହିଁ

## ତଉଜ୍ : ଶରଣ ଭିକ୍ଷା

تعوّذ

اَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ
ଅଉଜୁବିଲ୍ଲାହି ମିନ୍‌ଶ୍‌ଶୈତା ନିର୍‌ରଜିମ୍
میں اللہ کی پناہ چاہتا ہوں دھتکارے ہوئے شیطان سے
ମୁଁ ଶରଣ ଭିକ୍ଷା କରୁଛି ଅଲ୍ଲାଃଙ୍କର ଭର୍ତ୍ସିତ ହେଉଥିବା ଶୈତାନ୍ ଠାରୁ

## ସୁରଃ ଅଲ୍ ଫାତିହା

سورۃ الفاتحہ

بِسْمِ اللّٰهِ الرَّحْمٰنِ الرَّحِيْمِ
ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍
اللہ کے نام سے شروع کرتا ہوں جو بے انتہاء کرم کرنے والا اور بار بار رحم کرنیوالا ہے
ଅଲ୍ଲାଙ୍କ ନାମ ସହିତ ଆରମ୍ଭ କରୁଛି ଯିଏ ଅନନ୍ତ ଦୟାସାଗର ଓ କରୁଣାମୟ

اَلْحَمْدُ لِلّٰهِ رَبِّ الْعٰلَمِيْنَ
ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍
سب تعریفیں اللہ کے لئے ہیں جو پالنے والا ہے سب جہانوں کا
ସକଳ ପ୍ରଶଂସା ଅଲ୍ଲାଃଙ୍କର ଯିଏ ପାଳନକର୍ତ୍ତା ସମସ୍ତ ବିଶ୍ୱ ଜଗତର

الرَّحْمٰنِ الرَّحِيْمِ
ଅର୍‌ରହମା ନିର୍‌ରହିମ୍
بے انتہاء کرم کرنیوالا اور بار بار رحم کرنیوالا ہے
ସେ ଅନନ୍ତ ଦୟାସାଗର ଓ ସଦା କରୁଣାମୟ

مٰلِكِ يَوْمِ الدِّيْنِ
ମାଲିକେ ୟୋମିଦ୍‌ଦୀନ
جزا سزا کے دن کا مالک ہے
ଅନ୍ତିମ କର୍ମଫଳ ଦିବସର ପ୍ରଭୁ

اِيَّاكَ نَعْبُدُ
ଇୟାକା ନା'ବୁଦୁ
ہم تیری ہی عبادت کرتے ہیں
ଆମେ କେବଳ ତୁମ୍ଭର ହିଁ ଉପାସନା କରୁଅଛୁ

وَاِيَّاكَ نَسْتَعِيْنُ
ୱ୍ଇୟାକା ନସ୍‌ତୟିନ୍
اور تجھ ہی سے مدد چاہتے ہیں
ଓ  ଆମେ ତୁମ୍ଭଠାରୁ ହିଁ ସାହାଯ୍ୟ ଲୋଡୁଅଛୁ

اِهْدِنَا الصِّرَاطَ الْمُسْتَقِيْمَ
ଏହ୍‌ଦିନସ୍ ସିରାତଲ ମୁସ୍‌ତକିମ୍
تو ہمیں سیدھے راستے پر چلا
ତୁମ୍ଭେ ଆମକୁ ସତପଥରେ ପରିଚାଳିତ କରାଅ

صِرَاطَ الَّذِيْنَ اَنْعَمْتَ عَلَيْهِمْ
ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍
انکے راستہ پر جن پر تو نے انعام کیا
ସେହିମାନଙ୍କ ପଥରେ, ଯେଉଁମାନଙ୍କୁ ତୁମ୍ଭେ  ପୁରସ୍କୃତ କରିଅଛ

غَيْرِ الْمَغْضُوْبِ عَلَيْهِمْ
ଗୈରିଲ୍ ମଗ୍‌ଜୁବି ଆଲୈହିମ୍
نہ ان کا کہ غضب کیا گیا جن پر
ନା ସେମାନଙ୍କ ପଥରେ, ଯେଉଁମାନଙ୍କ ଉପରେ ତୁମ୍ଭର ପ୍ରକୋପ ହୋଇଛି

وَلَا الضَّآلِّيْنَ ۝ اٰمِيْن
ୱ୍ଲଜ୍ ଜ୍ୱାଲ୍ଲୀନ୍ (ଆମିନ୍)
اور نہ گمراہوں کا۔ اے اللہ تو یہ دعا قبول فرما
ଏବଂ ଯେଉଁମାନେ ପଥଭ୍ରଷ୍ଟ ହୋଇଛନ୍ତି (ହେ ଅଲ୍ଲାଃ ! ଦୁଆ ଗ୍ରହଣ କର)

## ସୁରଃ ଇଖଲାସ (ପବିତ୍ର କୁରଆନ, ଅଧ୍ୟାୟ:୧୧୨) سورة الاخلاص

بِسۡمِ اللّٰہِ الرَّحۡمٰنِ الرَّحِیۡمِ — اللہ کے نام سے شروع کرتا ہوں جو بے انتہاء کرم کرنے والا اور بار بار رحم کرنیوالا ہے

**ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍** — ଅଲ୍ଲାଙ୍କ ନାମ ସହିତ ଆରମ୍ଭ କରୁଛି ଯିଏ ଅନନ୍ତ ଦୟାସାଗର ଓ କରୁଣାମୟ

قُلۡ ہُوَ اللّٰہُ اَحَدٌ ۚ — تو کہہ اللہ اپنی ذات میں اکیلا ہے

**କୁଲହୁ ଓ୍ୱାଲ୍ଲାହୁ ଅହଦ୍** — ତୁମେ କହିଦିଅ, ସେ ହିଁ ଅଲ୍ଲାଃ ଯେ କି ଏକ ଓ ଅଦ୍ୱିତୀୟ

اَللّٰہُ الصَّمَدُ ۚ — اللہ بے نیاز و غیر محتاج ہے

**ଅଲ୍ଲାହୁସ୍ ସମଦ୍** — ସେ ହିଁ ଅଲ୍ଲାଃ ଯିଏ କାହା ଉପରେ ନିର୍ଭରଶୀଳ ନୁହନ୍ତି

لَمۡ یَلِدۡ ۙ وَ لَمۡ یُوۡلَدۡ — نہ اس نے کسی کو جنا اور نہ وہ جنا گیا

**ଲମ୍‌ୟଲିଦ୍ ଓ୍ୱଲମ ୟୁଲଦ୍** — ସେ କାହାକୁ ପ୍ରସବ କରିନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇନାହିଁ

وَ لَمۡ یَکُنۡ لَّہٗ کُفُوًا اَحَدٌ — اور نہیں ہے اس کا مثیل اور ہم مرتبہ کوئی

**ଓ୍ୱଲମ୍ ୟକୁଲ୍‌ଲହୁ କୁଫୁଓ୍ୱନ୍ ଆହାଦ୍** — ଏବଂ କେହି ବି ହେଲେ ତାଙ୍କର ସାଦୃଶ୍ୟ ଓ ତାହାଙ୍କ ସମକକ୍ଷ ନାହିଁ

## ରୁକୁର ମନ୍ତ୍ର رکوع کی تسبیح

ଛିଡା ହେବା ମୁଦ୍ରାରୁ ଆସି ଆଣ୍ଠୁ ଉପରେ ଭରାଦେଇ ନଇଁବା ପ୍ରକ୍ରୀୟାକୁ 'ରୁକୁ' କହନ୍ତି । 'ଅଲ୍ଲାହୁ ଅକବର' କହି ଏହି ମୁଦ୍ରାକୁ ଆସିବା ପରେ ଅତି କମରେ ୩ ଥର ଏହି ମନ୍ତ୍ର ଉଚ୍ଚାରଣ କରାଯାଏ ।

سُبۡحَانَ رَبِّیَ الۡعَظِیۡمِ (ତିନିଥର) — پاک ہے میرا ربّ بڑی عظمت والا

**ସୁବ୍‌ହାନା ରବ୍‌ବିଅଲ୍ ଅଜିମ୍** — ପବିତ୍ର ମୋର ପାଳନକର୍ତ୍ତା ଓ ଅତି ମହାନ୍

ଏହାପରେ ନଇଁବା ଅବସ୍ଥାରୁ ଫେରି ଆସି ଦୁଇ ହାତ ଛାଡି ସିଧା ଛିଡା ହୋଇଯିବ ଓ ନିମ୍ନୋକ୍ତ **ନାମଜପ** ଓ **ସ୍ତୁତିଗାନ** କରିବ ।

## ତସ୍‌ମିୟ (ନାମଜପ) ରୁକୁରୁ ଉଠିବା ଅବସ୍ଥାରେ

سَمِعَ اللّٰہُ لِمَنۡ حَمِدَہٗ — سن لی اللہ نے اسکی جسنے اسکی تعریف کی

**ସମିଅଲ୍ଲାହୁ ଲିମନ୍ ହମେଦାଃ** — ଅଲ୍ଲାଃ ତାହାର (ଗୁହାରି) ଶୁଣିଲେ, ଯିଏ ତାଙ୍କର ପ୍ରଶଂସା କଲେ

## ରୁକୁର ପରବର୍ତ୍ତୀ ଦୁଆ رکوع کے بعد کی دعا

## ତହମିଦ୍ : (ସ୍ତୁତିଗାନ) ଛିଡା ହେବା ଅବସ୍ଥାରେ

رَبَّنَا وَلَکَ الۡحَمۡدُ — اے ہمارے رب تیرے لئے حمد و ثنا ہے

**ରବ୍‌ବନା ଓ୍ୱଲକଲ୍ ହମ୍‌ଦ୍** — ହେ ଆମର ପାଳନକର୍ତ୍ତା ! ସକଳ ପ୍ରକାର ସ୍ତୁତି ତୁମ୍ଭ ନିମନ୍ତେ ଉଦ୍ଦିଷ୍ଟ

حَمْدًا كَثِيْرًا — بہت حمد و ثنا پاکیزہ تر
**ହମଦନ୍ କସିରନ୍** — ତୁମ୍ଭର ସେହି ପ୍ରଂଶସା ଅପର୍ଯ୍ୟାପ୍ତ ଓ ଅସୀମ

طَيِّبًا مُبَارَكًا فِيْهِ — اسمیں برکت ہی برکت ہے۔
**ତୟେବନ୍ ମୁବାରକନ୍ ଫିହେ** — ତାହା ଅତ୍ୟନ୍ତ ପବିତ୍ର ଓ ସେଥିରେ କଲ୍ୟାଣ ଓ ସମୃଦ୍ଧି ଭରି ରହିଛି

## ସଜ୍‌ଦାଃର ମନ୍ତ୍ର
سجدہ کی تسبیح

ଏହାପରେ 'ଅଲ୍ଲାଃହୁ ଅକବର' କହି 'ସଜ୍‌ଦା'ର ମୁଦ୍ରାକୁ ଚାଲିଯିବାକୁ ହେବ । ଭୂମି ଉପରେ ମଥା ରଖି ସାଷ୍ଟାଙ୍ଗ ପ୍ରଣିପାତ କରିବାକୁ 'ସଜ୍‌ଦାଃ' କୁହାଯାଏ । ଯହିଁରେ ଦୁଇ ପାଦ, ଦୁଇ ଆଣ୍ଠୁ, ଦୁଇ ହାତ ପାପୁଲି, ନାକ ଓ ମଥାକୁ ଭୂମିରେ ସ୍ପର୍ଶ କରାଇବାକୁ ହୁଏ । ଏହି ସଜ୍‌ଦାଃ ଅବସ୍ଥାରେ ଅତି କମରେ ୩ ଥର ଏହି ଆରବି ମନ୍ତ୍ର ଉଚ୍ଚାରଣ କରିବାକୁ ହେବ ।

سُبْحَانَ رَبِّيَ الْاَعْلٰى (ତିନିଥର) — پاک ہے میرا رب بلند شان والا
**ସୁବ୍‌ହାନା ରବ୍‌ବିଅଲ୍ ଆ'ଲା** — ପବିତ୍ର ମୋର ପାଳନକର୍ତ୍ତା ଉଚ୍ଚ ଗୌରବଶାଳୀ !

## ଦୁଇ ସଜ୍‌ଦାର ମଧ୍ୟବର୍ତ୍ତୀକାଳୀନ ଦୁଆ
دو سجدوں کی درمیانی دعا

ପ୍ରଥମ ସଜ୍‌ଦା କରିସାରି ମୁଣ୍ଡ ମାଡି ସିଧା ବସିବାକୁ ହେବ । 'ଅଲ୍ଲାହୁ ଅକ୍‌ବର' ପରେ ଏହି ଦୁଆ ପଢିବ ।

اَللّٰهُمَّ اغْفِرْلِىْ — اے میرے اللہ میری بخشش فرما
**ଅଲ୍ଲାହୁମ ମଗଫିରଲି** — ହେ ଅଲ୍ଲାଃ ! ମୋର ପାପ କ୍ଷମା କର ।

وَارْحَمْنِىْ وَاهْدِنِىْ — اور مجھ پر رحم کر اور مجھے ہدایت دے
**ୱର୍‌ହମ୍‌ନି ୱହ୍‌ଦିନୀ** — ଓ ମୋ ଉପରେ ଦୟାକର ଓ ମୋତେ ସତ୍‌ଶିକ୍ଷା ଦିଅ

وَعَافِنِىْ وَاجْبُرْنِىْ — اور مجھے خیریت سے رکھ اور میرا رفع کر
**ୱଆଫିନୀ ୱଜ୍‌ବୁର୍‌ନୀ** — ଓ ମୋତେ କୁଶଳରେ ରଖ ଓ ମୋର ସମ୍ମାନ ବୃଦ୍ଧି କର

وَارْزُقْنِىْ وَارْفَعْنِىْ — اور میرے نقصان کو پورا کر اور مجھے رزق دے
**ୱର୍‌ଜୁକ୍‌ନୀ ୱର୍‌ଫାଆନୀ** — ଓ ମୋର କ୍ଷତିକୁ ଭରଣା କର ଓ ମୋତେ ଉତ୍ତମ ଜୀବିକା ପ୍ରଦାନ କର

**ଏହିପରି ଭାବରେ ନମାଜର ପ୍ରଥମ ରକାତ ସଂପୂର୍ଣ୍ଣ ହୋଇଥାଏ ।** ଦ୍ୱିତୀୟ ରକାତକୁ ଆଗ ପରି ଛିଡାହେବା ମୁଦ୍ରାରୁ ପୁଣି ଥରେ ଆରମ୍ଭ କରାଯିବ । ଯହିଁରେ କେବଳ 'ସନା' (ସୁବ୍‌ହାନା କଲ୍ଲାହୁମ୍ମା....) କୁ ଛାଡିଦେଇ ବାକି ସମସ୍ତ ମୁଦ୍ରାର ମନ୍ତ୍ରଗୁଡିକୁ ପୁନରାବୃତ୍ତି କରି ଦ୍ୱିତୀୟ ରକାତକୁ ମଧ୍ୟ ସଂପୂର୍ଣ୍ଣ କରିବ । ସେଥି ସକାଶେ ଦୁଇଟିଯାକ ସଜ୍‌ଦାଃ କରିସାରି ଆଣ୍ଠୁମାଡି ବସିବାକୁ ହେବ ଏବଂ ସେହି ଅବସ୍ଥାରେ ନିମ୍ନ ଲିଖିତ ଦୁଆ **(ତଶହୁଦ୍)** ପଢିବାକୁ ପଡିବ ।

## ତଶହ୍‌ହୁଦ୍‌:

تشہد

اَلتَّحِيَّاتُ لِلّٰهِ — ہمیشہ کی زندگی اللہ ہی کے لئے ہے

ସବୁଦିନର ଜୀବନ ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ — **ଅତ୍ତହିୟାତୁ ଲିଲ୍ଲାହି**

وَالصَّلَوٰتُ وَالطَّيِّبَاتُ — اور تمام عبادتیں اور پاکیزگیاں بھی

ଏବଂ ସକାଳ ଉପାସନା ତଥା ପବିତ୍ରତା — **ୱସ୍ ସଲୱାତୋ ୱତ୍‌ତୈୟେବାତୁ**

اَلسَّلَامُ عَلَيْكَ اَيُّهَا النَّبِيُّ — اے نبی (ﷺ) تجھ پر سلامتی ہو

ଶାନ୍ତି ବିରାଜିତ ହେଉ ତୁମ ଉପରେ ହେ ନବୀ ମୁହମ୍ମଦ ସଲମ୍ ! — **ଅସ୍‌ସଲାମୁ ଅଲୈକା ଅୟୋହନ୍ ନବିୟୋ**

وَرَحْمَةُ اللّٰهِ وَبَرَكَاتُهٗ — نیز اللہ کی رحمت اور اسکی برکات

ଏବଂ ଅଲ୍ଲାଃଙ୍କ କରୁଣା ଓ ତାହାଙ୍କ ଆଶିଷ ମଧ୍ୟ — **ୱରହମତୁଲ୍ଲାହି ୱବରକାତୁହୁ**

اَلسَّلَامُ عَلَيْنَا — ہم پر بھی سلامتی ہو

ଏହିପରି ଆମମାନଙ୍କ ଉପରେ ମଧ୍ୟ ଶାନ୍ତି ବିରାଜିତ ହେଉ — **ଅସ୍‌ସଲାମୁ ଅଲୈନା**

وَعَلٰى عِبَادِ اللّٰهِ الصّٰلِحِيْنَ — اور اللہ کے نیک بندوں پر بھی سلامتی ہو

ଏବଂ ଅଲ୍ଲାଃଙ୍କ ପରମ ଭକ୍ତମାନଙ୍କ ଉପରେ ମଧ୍ୟ ଶାନ୍ତି ବିରାଜିତ ହେଉ — **ୱଅଲା ଇବାଦିଲ୍ ଲାହିସ୍ ସ୍ୱାଲିହିନ୍**

اَشْهَدُ اَنْ لَّآ اِلٰهَ اِلَّا اللّٰهُ — میں شہادت دیتا ہوں کہ اللہ کے سوا کوئی معبود نہیں

ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଙ୍କ ବିନା ଅନ୍ୟ କେହି ଉପାସ୍ୟ ନାହିଁ — **ଅଶ୍‌ହଦୁ ଅଲ୍ଲାଇଲାହା ଇଲ୍ଲଲ୍ଲାହୁ**

وَاَشْهَدُ اَنَّ مُحَمَّدًا — اور میں شہادت دیتا ہوں کہ محمدؐ

ଏବଂ ମୁଁ ସାକ୍ଷ୍ୟ ଦେଉଅଛି ଯେ ହଜରତ ମୁହମ୍ମଦ[ସଅ] — **ୱଅଶ୍‌ହଦୁ ଅନ୍‌ନା ମୁହମ୍ମଦନ୍**

عَبْدُهٗ وَرَسُوْلُهٗ — اسکے بندہ اور رسول ہیں۔

ତାହାଙ୍କ ପରମ ଭକ୍ତ ଓ ରସୁଲ — **ଅବ୍‌ଦୁହୁ ୱରସୁଲହୁ**

ଏହି ତଶହ୍‌ହୁଦ୍ ପଢିବା ଶେଷରେ ନିଜ ବିଶି ଅଙ୍ଗୁଳି ଉଠାଇବ, ଯାହା ସାକ୍ଷୀ ଦେବାର ପ୍ରତୀକ ସ୍ୱରୂପ । ଯଦି କୌଣସି ନମାଜ ଦୁଇ ରକାତ ବିଶିଷ୍ଟ ହୋଇଥିବ କିମ୍ବା କୌଣସି ନମାଜର ଶେଷ ରକାତରେ ଏହିପରି ବସି ରହିଥିବା ଅବସ୍ଥାରେ ତଶହ୍‌ହୁଦ୍ ପଢି ସାରିବା ପରେ ନିମ୍ନୋକ୍ତ ଦରୁଦ ଶରିଫ୍ ପଢିବାକୁ ହେବ । ଏହା ହଜରତ ମୁହମ୍ମଦ[ସଅ] ଙ୍କ ପ୍ରତି ମଙ୍ଗଳ କାମନାକାରୀ ପ୍ରାର୍ଥନା । ପୁଣି ଏହାପରେ ଅନ୍ୟ କେତେକ ପ୍ରାର୍ଥନା ପଢିବ ଓ ଶେଷରେ ପ୍ରଥମେ ଡାହାଣକୁ ଓ ପରେ ବାମକୁ ମୁହଁ ଫେରାଇ 'ସଲାମ' କହି ନମାଜ ଶେଷ କରିବ ।

## ଦରୁଦ ଶରିଫ୍ : (ମଙ୍ଗଳ କାମନା ସୂଚକ ପ୍ରାର୍ଥନା)

درود شریف

اَللّٰهُمَّ صَلِّ عَلٰى مُحَمَّدٍ — اے میرے اللہ تو محمدؐ

ହେ ଅଲ୍ଲାଃ ! ଅଶେଷ କୃପା କର ହଜରତ ମୁହମ୍ମଦ[ସଅ]ଙ୍କ ଉପରେ — **ଅଲ୍ଲାହୁମ୍ମା ସଲ୍ଲି ଅଲା ମୁହମ୍ମଦିନ୍**

وَّعَلٰٓى اٰلِ مُحَمَّدٍ — اور آل محمدؐ پر خاص فضل نازل فرما

ଏବଂ ତାଙ୍କର ନିକଟ ସଂପର୍କୀୟ ତଥା ଅନୁଗାମୀଙ୍କ ଉପରେ — **ୱଅଲା ଆଲେ ମୁହମ୍ମଦିନ୍**

كَمَا صَلَّيْتَ عَلٰى اِبْرَاهِيْمَ — جس طرح تو نے ابراہیمؑ

କମା ସଲ୍ଲୈତା ଅଲା ଇବ୍ରାହିମା — ଯେପରି ତୁମ୍ଭେ କୃପା କରିଥିଲ ହଜରତ ଇବ୍ରାହିମଙ୍କ ଉପରେ

وَعَلٰى اٰلِ اِبْرَاهِيْمَ — اور آل ابراہیمؑ پر خاص فضل نازل فرمایا

ଓ୍ୱଅଲା ଆଲେ ଇବ୍ରାହିମା — ଏବଂ ତାଙ୍କର ନିକଟ ସଂପର୍କୀୟ ତଥା ଅନୁଗାମୀଙ୍କ ଉପରେ

اِنَّكَ حَمِيْدٌ مَّجِيْدٌ — یقیناً تو بہت تعریف اور بزرگی والا ہے

ଇନ୍ନକା ହମିଦୁମ ମଜିଦ୍ — ନିଶ୍ଚିତ ରୂପେ ତୁମ୍ଭେ ଅତ୍ୟନ୍ତ ମହିମାବାନ ଓ ଗୌରବଶାଳୀ

اَللّٰهُمَّ بَارِكْ عَلٰى مُحَمَّدٍ — اے اللہ محمدؐ پر برکت نازل کر

ଅଲ୍ଲାହୁମ୍ମା ବାରିକ୍ ଅଲା ମୁହମ୍ମଦିନ୍ — ହେ ଅଲ୍ଲାଃ ! ସମୃଦ୍ଧି ପ୍ରଦାନ କର ହଜରତ ମୁହମ୍ମଦଙ୍କ ଉପରେ

وَعَلٰى اٰلِ مُحَمَّدٍ — اور آل محمد پر برکت نازل کر

ଓ୍ୱଅଲା ଆଲେ ମୁହମ୍ମଦିନ୍ — ଏବଂ ତାଙ୍କ ନିକଟ ସଂପର୍କୀୟ ତଥା ଅନୁଗାମୀଙ୍କ ଉପରେ

كَمَا بَارَكْتَ عَلٰى اِبْرَاهِيْمَ — جس طرح تو نے برکت نازل کی ابراہیمؑ

କମା ବାରକ୍ତା ଅଲା ଇବ୍ରାହିମା — ଯେପରି ତୁମ୍ଭେ ସମୃଦ୍ଧି ପ୍ରଦାନ କରିଥିଲ ହଜରତ ଇବ୍ରାହିମଙ୍କ ଉପରେ

وَعَلٰى اٰلِ اِبْرَاهِيْمَ — اور آل ابراہیمؑ پر

ଓ୍ୱଅଲା ଆଲେ ଇବ୍ରାହିମା — ଏବଂ ତାଙ୍କ ନିକଟ ସଂପର୍କୀୟ ତଥା ଅନୁଗାମୀଙ୍କ ଉପରେ

اِنَّكَ حَمِيْدٌ مَّجِيْدٌ — یقیناً تو بہت تعریف اور بزرگی والا ہے

ଇନ୍‌ନକା ହମିଦୁମ୍ ମଜିଦ୍ — ବାସ୍ତବରେ ତୁମ୍ଭେ ଅତ୍ୟନ୍ତ ମହିମାବାନ ଓ ଗୌରବଶାଳୀ

ଉପରୋକ୍ତ 'ଦରୁଦ୍ ଶରିଫ' ପରେ ଯେ କୌଣସି ଦୁଆ (ଆରବି ପ୍ରାର୍ଥନା ) ପଢାଯାଇ ନମାଜ ସମାପ୍ତ କରାଯାଏ । ତନ୍ମଧ୍ୟରୁ କେତୋଟି ଦୁଆ ନିମ୍ନରେ ପ୍ରଦତ୍ତ ହେଲା :

## କେତେକ ଦୁଆ — کچھ دعائیں

۱-رَبَّنَا اٰتِنَا — اے ہمارے ربّ! ہم کو

ରବ୍‌ବନା ଆତିନା — (୧) ହେ ଆମର ପାଳନକର୍ତ୍ତା ! ଆମମାନଙ୍କୁ ପ୍ରଦାନ କର

فِي الدُّنْيَا حَسَنَةً — اس دنیا میں ہر قسم کی بھلائی

ଫିଦ୍‌ଦୁନିୟା ହସନତୌଁ — ଇହକାଳର ଏହି ଜୀବନରେ ସମସ୍ତ ପ୍ରକାର କୁଶଳତା

وَّفِي الْاٰخِرَةِ حَسَنَةً — اور آخرت میں ہر قسم کی بھلائی دے

ଓ୍ୱଫିଲ୍ ଆଖିରତି ହସନତୌଁ — ଏବଂ ପରକାଳରେ ମଧ୍ୟ ସବୁ ପ୍ରକାର କଲ୍ୟାଣ

وَّقِنَا عَذَابَ النَّارِ۔ — اور ہمیں آگ کے عذاب سے بچا

ଓ୍ୱକିନା ଅଜାବନ୍ ନାର୍ । — ଏବଂ ଆମକୁ ରକ୍ଷା କର ନରକାଗ୍ନିର ଶାସ୍ତିରୁ ।

۲-رَبِّ اجْعَلْنِيْ مُقِيْمَ الصَّلٰوةِ — اے میرے رب مجھے نماز قائم کرنے والا بنا

ରବ୍‌ବିଜ୍ ଅଲ୍‌ନୀ ମୁକିମସ୍‌ସଲାତି — (୨) ହେ ଅଲ୍ଲାଃ ! ମୋତେ ନମାଜକୁ ନିୟମିତ ପ୍ରତିଷ୍ଠାକାରୀ କରିଦିଅ

وَمِنْ ذُرِّيَّتِيْ — اور میری اولاد کو نماز قائم کرنے والا بنا
ୱମିନ୍ ଜୁର୍‌ରିୟତୀ — ଏବଂ ମୋର ସନ୍ତାନମାନଙ୍କୁ ମଧ

رَبَّنَا وَتَقَبَّلْ دُعَآءِ — اے ہمارے رب میری دعا قبول فرما
ରବ୍‌ବନା ୱତକବ୍‌ବଲ୍ ଦୁଆ — ହେ ଆମ ପାଳନକର୍ତ୍ତା ! ଆମ ପ୍ରାର୍ଥନାକୁ ଗ୍ରହଣ କର

رَبَّنَا اغْفِرْلِيْ — اے ہمارے رب میری بخشش فرما
ରବ୍‌ବନଗ୍ ଫିରଲି — (୩) ହେ ଆମ ପାଳନକର୍ତ୍ତା ! ମୋତେ କ୍ଷମା କରିଦିଅ

وَلِوَالِدَيَّ وَلِلْمُؤْمِنِيْنَ — اور میرے والدین اور تمام مومنوں کی بخشش فرما
ୱଲିୱାଲିଦୟା ୱଲିଲ୍ ମୁ'ମିନିନା — ଏବଂ ଆମ ପିତାମାତାଙ୍କୁ ତଥା ସମସ୍ତ ବିଶ୍ୱାସକାରୀମାନଙ୍କୁ ମଧ

وَلِوَالِدَيَّ وَلِلْمُؤْمِنِيْنَ — جس دن حساب ہونے لگے۔
ୟୋମା ୟକୁମୁଲ୍ ହିସାବ — ଯେଉଁଦିନ ହିସାବ ନିଆଯିବ

**ସଲାମ** (ନମାଜ ସମାପ୍ତି ସୂଚକ ବାକ୍ୟ ପ୍ରଥମେ ଡାହାଣକୁ ଓ ପରେ ବାମକୁ) سلام

اَلسَّلَامُ عَلَيْكُمْ وَرَحْمَةُ اللهِ — تم پر سلامتی ہو اور اللہ کی رحمت ہو۔
ଅସ୍‌ସଲାମୁ ଅଲୈକୁମ୍ ରହମତୁଲ୍ଲାହ୍ — ତୁମ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ତୁମ ପ୍ରତି କରୁଣା ହେଉ

## ୧) ଫର୍ଜ ନମାଜ ଶେଷ ହେବା ପର ଦୁଆ — فرض نماز کے بعد کی دعائیں

ହେ ଅଲ୍ଲାଃ ! ତୁମ୍ଭେ ଶାନ୍ତି ପ୍ରଦାନକାରୀ — **ଅଲ୍ଲାହୁମ୍ମା ଅନ୍‌ତସ୍ ସଲାମୁ** — اَللّٰهُمَّ اَنْتَ السَّلَامُ

ଓ ତୁମ୍ଭେ ହିଁ ସକଳ ଶାନ୍ତିର ଉତ୍ସ — **ୱ ମିନ୍‌କସ୍ ସଲାମୁ** — وَمِنْكَ السَّلَامُ

ତୁମ୍ଭେ ଅତ୍ୟନ୍ତ ମଙ୍ଗଳମୟ — **ତବାରକ୍‌ତା** — تَبَارَكْتَ

ହେ ପରମ ତେଜସ୍ୱୀ ଓ ସମ୍ମାନୀୟ ପ୍ରଭୁ ! **ୟା ଜଲ୍‌ଜଲାଲେ ୱଲ୍ ଇକ୍‌ରାମ** — يَاذَاالْجَلَالِ وَالْاِكْرَامِ

## ୨) ତସବିହ୍: ଏହାପରେ ଅଲ୍ଲାଃଙ୍କର ତିନୋଟି ନାମଜପ କରିବ — تسبیح

ଅଲ୍ଲାଃ ହିଁ ପବିତ୍ର: — **୩୩ ଥର** — **ସୁବ୍‌ହାନଲ୍ଲାହ୍** — سُبْحَانَ اللهِ

ଅଲ୍ଲାଃ ହିଁ ସକଳ ପ୍ରଶଂସାର ପାତ୍ର: — **୩୩ ଥର** — **ଅଲ୍‌ହମ୍‌ଦୁ ଲିଲ୍ଲାହ୍** — اَلْحَمْدُ لِلّٰهِ

ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ: — **୩୪ ଥର** — **ଅଲ୍ଲାଃହୁ ଅକବର୍** — اَللهُ اَكْبَرُ

## ୩) ଶେଷରେ ଏକେଶ୍ୱର ମହିମା ଗାନ କରି ଉପାସନା ପ୍ରକ୍ରୀୟା ସଂପୂର୍ଣ୍ଣ କରିବ

ଅନ୍ୟ କେହି ଉପାସ୍ୟ ନାହିଁ ଅଲ୍ଲାଃଙ୍କ ବ୍ୟତୀତ — **ଲାଇଲାହା ଇଲ୍ଲଲ୍ଲାହୁ**

ସେ ନିଜ ଅସ୍ତିତ୍ୱରେ ଏକ, ତାହାଙ୍କର କେହି ସମକକ୍ଷ ନାହିଁ — **ୱହ୍‌ଦହୁ ଲାଶରିକା ଲହୁ**

ସବୁଠାରେ ତାଙ୍କର ହିଁ ରାଜତ୍ୱ ଓ ସେ ସମସ୍ତ ପ୍ରଶଂସାର ଅଧିକାରୀ — **ଲହୁଲ୍ ମଲୁକୋ ୱଲ୍ ହମ୍‌ଦୁ**

ଏବଂ ସେ ପ୍ରତ୍ୟେକ କାର୍ଯ୍ୟ କରିବାକୁ ସଂପୂର୍ଣ୍ଣ ରୂପେ ସକ୍ଷମ — **ୱହୁୱା ଅଲାକୁଲ୍ଲେ ଶୈଇନ୍ କଦିର୍**

## ନମାଜର ଶେଷ ଭାଗର ବିଶେଷ ଦୁଆ

نماز میں کی جانے والی ایک دعا

اَللّٰهُمَّ اِنِّىْ ظَلَمْتُ نَفْسِىْ
ଅଲ୍ଲାଃହୁମ୍ମା ଇନ୍‌ନି ଜଲମ୍‌ତୁ ନଫ୍‌ସୀ
اے اللہ میں نے اپنی جان پر بہت ظلم کیا
ହେ ଅଲ୍ଲାଃ ! ମୁଁ ଅତ୍ୟାଚାର କରିଛି ନିଜ ଆତ୍ମା ପ୍ରତି

ظُلْمًا كَثِيْرًا وَّلَا يَغْفِرُ الذُّنُوْبَ
ଜୁଲ୍‌ମନ୍ କସିରନ୍ ୱ୍‌ଲା ୟଗ୍‌ଫିରୁଜ୍ ଜୁନୁବା
اور تیرے سوا کوئی گناہ معاف کرنے والا نہیں
ତାହା ଅତ୍ୟଧିକ ମାତ୍ରାରେ ଏବଂ କେହି କ୍ଷମା କରି ପାରିବେ ନାହିଁ ପାପସବୁ

اِلَّا اَنْتَ فَاغْفِرْ لِىْ مَغْفِرَةً
ଇଲ୍ଲା ଅନ୍‌ତା ଫଗ୍‌ଫିରଲି ମଗ୍‌ଫିରତମ୍
پس میری بخشش فرما
କେବଳ ତୁମ୍ଭ ବ୍ୟତୀତ, ତୁମ୍ଭେ ମୋର ପାପକୁ କ୍ଷମା କରିଦିଅ

مِّنْ عِنْدِكَ وَارْحَمْنِىْ
ମିନ୍ ଇନ୍‌ଦିକା ୱ୍‌ରହ୍‌ମ୍‌ନୀ
اپنی جناب سے کامل بخشش اور مجھ پر رحم فرما
ନିଜ ସମୀପରୁ ସଂପୂର୍ଣ୍ଣ କ୍ଷମା ଓ ମୋ ପ୍ରତି କରୁଣା କର

اِنَّكَ اَنْتَ الْغَفُوْرُ الرَّحِيْمُ
ଇନ୍‌ନକା ଅନତଲ୍ ଗଫୁରୁର୍ ରହିମ୍
یقیناً تو ہی بہت بخشنے والا اور بار بار رحم کرنے والا ہے
ଅବଶ୍ୟ ତୁମ୍ଭେ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ଦୟାସାଗର

## ନମାଜ-ଏ-ୱିତର

ନମାଜ ୱିତର ତିନି ରକାତ ବିଶିଷ୍ଟ । ଏହି ନମାଜକୁ ଥରକରେ ପଢା ଯାଇପାରେ ବା ପ୍ରଥମେ ଦୁଇ ରକାତ ପାଠ କରି ଓ ସଲାମ ଫେରାଇ ତୃତୀୟ ରକାତକୁ ପୃଥକ ପଢାଯାଇ ପାରେ । ଏହାକୁ ପଢିବାର ସମୟ ହେଉଛି, ନମାଜ ଇଶା (ରାତ୍ରୀକାଳୀନ ନମାଜ) ପର ଠାରୁ ଫଜର୍ (ପ୍ରାତଃ କାଳୀନ ନମାଜ)ର ପୂର୍ବ ପର୍ଯ୍ୟନ୍ତ । ରାତିରେ ନିଦରୁ ଉଠି ନ ପାରିବାର ଯଦି ଆଶଙ୍କା ଥାଏ, ତେବେ ଇଶା ନମାଜ ସହିତ ଏହା ପାଠ କରାଯିବା ଆବଶ୍ୟକ । ୱିତର କହିଲେ ତାକ୍ ବା ବିଯୋଡ (ସଂଖ୍ୟା)କୁ ବୁଝାଏ । ଏହାର ତୃତୀୟ ରକାତର ରୁକୁ ପୂର୍ବରୁ ସୁରଃ ଫାତିହା ଓ ପବିତ୍ର କୁରଆନର କିଛି ଅଂଶ ବିଶେଷତଃ ସୁରଃ ଇଖଲାସ 'କୁଲହୁ ଅଲ୍ଲାହୁ ଆହାଦ୍...' ପଢିସାରି 'ଦୁଆ-ଏ-କୁନୁତ୍'ର ନିମ୍ନରେ ଦିଆ ଯାଇଥିବା ଦୁଇଟି ଦୁଆ ମଧ୍ୟରୁ ଯେ କୌଣସି ଗୋଟିଏ ଦୁଆ ପଢିବାକୁ ହେବ । ବହୁଳ ଭାବରେ ଏହି ଦୁଆକୁ ରୁକୁ କରିବା ପରେ ଛିଡା ହେବା ମୁଦ୍ରାରେ ପାଠ କରାଯାଇ ଥାଏ ।

### ଦୁଆ-ଏ-କୁନୁତ୍ (ପ୍ରଥମ)

اَللّٰهُمَّ اِنَّا نَسْتَعِيْنُكَ
ଅଲ୍ଲାହୁମ୍ମା ଇନ୍ନା ନସ୍‌ତୟିନୁକା
اے میرے اللہ ہم تجھی سے مدد چاہتے ہیں
ହେ (ମୋର) ଅଲ୍ଲାଃ ! ଆମେ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ

وَنَسْتَغْفِرُكَ وَنُؤْمِنُ بِكَ
ୱ୍‌ନସ୍‌ତଗ୍ ଫିରୁକା ୱ୍‌ନୁମିନୁବିକା
اور تجھی سے بخشش چاہتے ہیں اور تجھ پر ایمان لاتے ہیں
ଓ ତୁମ୍ଭର ହିଁ ସୁରକ୍ଷା ପ୍ରାର୍ଥୀ ହୋଇଛୁ ଏବଂ ତୁମ୍ଭ ପ୍ରତି ବିଶ୍ୱାସ ସ୍ଥାପନ କରୁଛୁ

وَنَتَوَكَّلُ عَلَيْكَ
ୱ୍‌ନତଓ୍ୱକ୍‌କଲୁ ଅଲୈକା
نیز تجھ پر توکل کرتے ہیں،
ଓ ଆମେ ତୁମ୍ଭ ଉପରେ ଭରସା କରୁଛୁ

وَنُثْنِیْ عَلَیْكَ الْخَیْرَ — اور تیری ثنا کرتے ہیں اچھائی کے ساتھ
ଓ ଆମେ ତୁମ୍ଭରି ସ୍ତୁତିଗାନ କରୁଛୁ ସର୍ବୋଚ୍ଚ ପ୍ରଶଂସା ସହିତ — ୱନୁସନି ଅଲୈକଲ୍ ଖୈର୍

وَنَشْکُرُكَ وَلَا نَکْفُرُكَ — اور تیرا شکر کرتے ہیں اور تیرا کفر نہیں کرتے
ଆମେ ତୁମ୍ଭଙ୍କୁ କୃତଜ୍ଞତା ଜଣାଉଛୁ ଓ ତୁମ୍ଭର ଅବଜ୍ଞା କରୁନାହୁଁ — ୱନଶ୍କୁରୁକା ୱଲାନକ୍ଫୁରୁକା

وَنَخْلَعُ وَنَتْرُكُ مَنْ يَّفْجُرُكَ — اور الگ کرتے ہیں اور چھوڑتے ہیں تیرے نافرمان کو
ସେମାନଙ୍କୁ ପୃଥକ କରୁଛୁ ଓ ପରିତ୍ୟାଗ କରୁଛୁ ଯେଉଁମାନେ ତୁମ୍ଭଙ୍କୁ ଅବଜ୍ଞା କରୁଛନ୍ତି — ୱଲଖ୍ଲଓ ୱନତ୍ରୁକୋ ମୌଁ ୟଫ୍ଜୁରୁକା

اَللّٰهُمَّ اِيَّاكَ نَعْبُدُ — اے میرے اللہ! ہم صرف تیری ہی عبادت کرتے ہیں
ହେ ଅଲ୍ଲାଃ ! ଆମେ କେବଳ ତୁମ୍ଭର ଉପାସନା କରୁଛୁ — ଅଲ୍ଲାହୁମ୍ମା ଇୟାକା ନାବୁଦୁ

وَلَكَ نُصَلِّيْ وَنَسْجُدُ — اور تیرے لئے نماز پڑھتے ہیں اور سجدہ کرتے ہیں
ଓ ତୁମ୍ଭଠାରେ ହିଁ ନମାଜରେ ମାଗୁଣି କରୁଛୁ ଓ ତୁମ୍ଭ ଛାମୁରେ ସଜ୍‌ଦା କରୁଛୁ — ୱଲକା ନୁସଲ୍ଲି ୱନସ୍‌ଜୁଦୁ

وَاِلَيْكَ نَسْعٰى وَنَحْفِدُ — اور تیری طرف دوڑتے ہیں اور خدمت کیلئے حاضر ہوتے ہیں
ଓ ଆମେ ତୁମ୍ଭ ନିକଟକୁ ଦୌଡ଼ି ଆସୁଛୁ ଓ ତୁମ୍ଭ ସେବାରେ ଉପସ୍ଥିତ ହେଉଅଛୁ — ୱଇଲୈକା ନସ୍‌ଆ ୱନହ୍‌ଫିଦୁ

وَنَرْجُوْ رَحْمَتَكَ وَنَخْشٰى عَذَابَكَ — اور تیری رحمت کے امیدوار ہیں اور تیرے عذاب سے ڈرتے ہیں
ଓ ଆମେ ତୁମ୍ଭ କରୁଣାର ଆଶାୟୀ ଓ ତୁମ୍ଭ ଶାସ୍ତିକୁ ଭୟ କରୁଅଛୁ — ୱନର୍‌ଜୁ ରହମତକା ୱନଶ୍‌ଖା ଅଜାବକା

اِنَّ عَذَابَكَ بِالْكُفَّارِ مُلْحِقٌ — بیشک تیرا عذاب کافروں کو ملنے والا ہے
ବାସ୍ତବରେ ତୁମ୍ଭ ଶାସ୍ତି ଅବିଶ୍ୱାସକାରୀଙ୍କୁ କବଳିତ କରିବ — ଇନ୍ନା ଅଜାବକା ବିଲ୍‌କୁଫ୍‌ଫାରେ ମୁଲ୍‌ହିକ୍

## ଦୁଆ-ଏ-କୁନୁତ (ଦ୍ୱିତୀୟ) — دوسری دعائے قنوت

اَللّٰهُمَّ اهْدِنِيْ فِيْمَنْ هَدَيْتَ — اے میرے اللہ! مجھ کو ہدایت دے اس شخص کے ساتھ جس کو تو نے ہدایت دی
ହେ ଅଲ୍ଲାଃ ! ମୋତେ ସତପଥ ଦେଖାଅ, ତା' ସହିତ ଯାହାକୁ ତୁମ୍ଭେ ସତପଥ ଦେଖାଇଛ — ଅଲ୍ଲାହୁମ୍ ମହ୍‌ଦିନୀ ଫିମନ୍ ହଦୈତା

وَعَافِنِيْ فِيْمَنْ عَافَيْتَ — اور سلامت رکھ مجھ کو اس شخص کے ساتھ جس کو تو نے سلامت رکھا
ମୋତେ ସୁଖ ସନ୍ତୋଷରେ ରଖ, ତା' ସହିତ ଯାହାକୁ ତୁମ୍ଭେ ସୁଖ ସନ୍ତୋଷରେ ରଖୁଛ — ୱଆଫିନୀ ଫିମନ୍ ଆଫୈତା

وَتَوَلَّنِيْ فِيْمَنْ تَوَلَّيْتَ — اور دوست رکھ مجھ کو اس شخص کے ساتھ جس کو تو نے دوست رکھا
ମୋତେ ତୁମ ସଖା କରିଦିଅ, ତା' ସହିତ ଯାହାକୁ ତୁମ୍ଭେ ସଖା କରିଛ — ୱତୱଲ୍ଲନୀ ଫିମନ୍ ତୱଲ୍ଲୈତା

وَبَارِكْ لِيْ فِيْمَا اَعْطَيْتَ — اور برکت دے مجھ کو اس میں جو تو نے دیا ہے
ମୋତେ ସେଥିରେ ସମୃଦ୍ଧିଶାଳୀ କରାଅ, ତୁମ୍ଭେ ମୋତେ ଯାହା ଦେଇଛ — ୱବାରିକ୍‌ଲି ଫିମା ଆ'ତୈତା

وَقِنِيْ شَرَّ مَا قَضَيْتَ — اور جس کا تو نے فیصلہ کیا ہے
ଏବଂ ମୋତେ ତା'ର ମନ୍ଦ ପରିଣାମରୁ ରକ୍ଷାକର, ଯାହା ତୁମ୍ଭେ ନିଷ୍ପତ୍ତି କରିଛ — ୱକିନୀ ଶର୍‌ରମା କଜୈତା

فَاِنَّكَ تَقْضِىْ وَلَا يُقْضٰى عَلَيْكَ
ଫଇନ୍ନକା ତକ୍‌ଜୀ ୱଲାୟୁକ୍‌କା ଅଲୈକା

پس یقیناً تو فیصلہ کرتا ہے اور تیرے خلاف فیصلہ نہیں کیا جاتا
(କାରଣ) ତୁମ୍ଭେ ଅବଶ୍ୟ ନିଷ୍ପତ୍ତି କରିଥାଅ
କିନ୍ତୁ ତୁମ୍ଭ ବିରୁଦ୍ଧରେ ନିଷ୍ପତ୍ତି କରାଯାଏ ନାହିଁ

فَاِنَّهٗ لَا يَذِلُّ مَنْ وَّالَيْتَ
ଫଇନ୍ନହୁ ଲାୟୁଜିଲ୍ଲୁମଉଁ ୱଲୈତା

یقیناً وہ شخص ذلیل نہیں ہوتا جس کو تو دوست رکھے
ବାସ୍ତବିକ ସେ ଲାଞ୍ଛିତ ହୁଏ ନାହିଁ, ତୁମ୍ଭେ ଯାହାର ବନ୍ଧୁ

وَاِنَّهٗ لَا يَعِزُّ مَنْ عَادَيْتَ
ୱଇନ୍ନହୁ ଲାୟଇଜ୍ଜୁମନ୍ ଆଦୈତା

اور بے شک وہ معزز نہیں ہو سکتا جس کو تو دشمن رکھے
ବାସ୍ତବରେ ସେ ମର୍ଯ୍ୟାଦା ଲାଭ କରିପାରେ ନାହିଁ,
ଯିଏ ତୁମ୍ଭ ସହିତ ଶତ୍ରୁତା କରେ

تَبَارَكْتَ رَبَّنَا وَتَعَالَيْتَ
ତବାରକ୍‌ତା ରବ୍‌ବନା ୱତା'ଆଲୈତା

تو بہت ہی برکتوں والا ہے اے ہمارے رب اور تو بہت بلند ہے
ତୁମ୍ଭେ ହିଁ ଆଶିଷମୟ ହେ ଆମର ପାଳନକର୍ତ୍ତା !
ତୁମ୍ଭେ ସର୍ବୋଚ୍ଚ ସମ୍ମାନର ଅଧିକାରୀ

وَصَلَّى اللّٰهُ عَلَى النَّبِيِّ ٥
ୱ ସଲ୍ଲଲ୍ଲାହୁ ଅଲନ୍‌ନବୀୟି ।

اور اللہ تعالیٰ برکتیں نازل فرمائے اس نبی پر
ଏବଂ ଶାନ୍ତି ଅବତୀର୍ଣ୍ଣ କର ଆମ ପ୍ରିୟତମ ନବୀ ମୁହମ୍ମଦ[ସଅ]ଙ୍କ ଉପରେ

## ସଜ୍‌ଦା ସହୁ (ତ୍ରୁଟି ସଂଶୋଧନକାରୀ ସଜ୍‌ଦାଃ) سجدہ سہو

ଯଦି ନମାଜ ପଢୁଥିବା ସମୟରେ ଏପରି ଭୁଲ ହୋଇଯାଏ ଯଦ୍ଦ୍ୱାରା ନମାଜରେ ଗୁରୁତର ଦୋଷ ଦେଖାଯିବ, ଯେପରି କି ନମାଜ ପରିଚାଳନା କରୁଥିବା ଇମାମ (ଆଗରେ ପଢାଉଥିବା ବ୍ୟକ୍ତି)ଙ୍କ ନିଜ ଭୁଲ ଯୋଗୁଁ ନିମ୍ନମତେ ବିଭ୍ରାଟ ସୃଷ୍ଟି ହେବ :

୧) ଯଦି ଫର୍ଜ (ବାଧ୍ୟତାମୂଳକ) ନମାଜର ସଠିକ୍ କ୍ରମ ବଦଳିଯିବ ।

୨) ଯଦି କୌଣସି ରୁକୁ, ସଜ୍‌ଦା କିମ୍ବା କ'ଦା ଇତ୍ୟାଦି ମୁଦ୍ରାକୁ ଛାଡି ଯାଇଥିବ ।

୩) ଯଦି ରକାତ୍ (ଗୋଟିଏ ଥର ସଂପୂର୍ଣ୍ଣ କରାଯିବା ଏକାଂଶ)ର ସଂଖ୍ୟାରେ ସନ୍ଦେହ ରହି ଯାଇଥିବ ।

୪) ଯଦି ଇମାମ ଆବୃତ୍ତି କରୁଥିବା କୌଣସି କୁରଆନ ପଙ୍‌କ୍ତି କିମ୍ବା ଦୁଆ ଆଂଶିକ ବା ସଂପୂର୍ଣ୍ଣ ଭାବରେ ଭୁଲ ଭଟକା ହୋଇଯାଏ, ତେବେ ଏହିସବୁ କ୍ଷେତ୍ରରେ 'ସଜ୍‌ଦା ସହୁ' କରିବା ଅନିବାର୍ଯ୍ୟ । ନମାଜରେ କେବେ କେମିତି ହୋଇ ଯାଉଥିବା ଭୁଲକୁ ଦୂର କରିବା ପାଇଁ ଦୁଇଟି ସଜ୍‌ଦା (ଭୂମିଷ୍ଠ ପ୍ରଣିପାତ) ଅଧିକ କରିବାକୁ ପଡିଥାଏ । ତେବେ ଏହି ସୁଧାର ପ୍ରକ୍ରୀୟାକୁ ନମାଜ ସଂପୂର୍ଣ୍ଣ କରିବା ପରେ ସଲାମ ଫେରାଇବା ପୂର୍ବରୁ କିମ୍ବା ପରେ ଏବଂ ପ୍ରତ୍ୟେକ ସଜ୍‌ଦାରେ ଅତି କମରେ ୩ଥର **'ସୁବହାନା ରବ୍‌ବିଅଲ୍ ଆଲା'** ପଢିବ । ଏହାପରେ ସଲାମ ଫେରାଇବ ।

ଏହା ମନେ ରଖିବାକୁ ହେବ ଯେ ଯଦି ଇମାମ୍ ନମାଜରେ ଭୁଲିଯାନ୍ତି , ତେବେ କୌଣସି ମୁକତଦି (ପଛରେ ଅନୁସରଣକାରୀ) ତାଙ୍କ ଧ୍ୟାନ ଫେରାଇବା ପାଇଁ **'ସୁବ୍‌ହାନଲ୍ଲାଃ'** କହିବ । ମହିଳା ହୋଇଥିଲେ କେବଳ ତାଳି ବଜାଇବ । ଏହା ଚେତାଇବା ଦ୍ୱାରା ଯଦି ଇମାମଙ୍କର ମନେ ପଡିଯିବ ଓ ସେ ପୂର୍ବ ସ୍ଥିତିକୁ ଫେରି ଆସିବେ ତା' ହେଲେ ଭଲ କଥା । ନଚେତ ମୁକତଦି ଇମାମ ଯାହା କରୁଥିବେ , ତାହା ପାଳନ କରି ଚାଲିବେ ଓ ନମାଜ ଶେଷ ହେବା ପରେ ସେହି ଭୁଲ୍ ସଂକ୍ରାନ୍ତରେ ଜଣାଇ ଦେବେ ।

# ସଜ୍‌ଦା-ଏ-ତିଲାଓ୍ୱତ୍‌

ଏହା ନମାଜ ସଂବନ୍ଧୀୟ ବିଷୟ ନୁହେଁ । ପବିତ୍ର କୁରଆନର ତିଲାଓ୍ୱତ୍‌ (ଆବୃତ୍ତି) କରିବା କିମ୍ବା ଶୁଣୁଥିବା ସମୟରେ ଯଦି ସଜ୍‌ଦାର କଥା ଉଲ୍ଲେଖ ଥିବ, ତେବେ ଅଲ୍ଲାଃଙ୍କ ଛାମୁରେ କୃତଜ୍ଞତା ପୂର୍ବକ ମସ୍ତକ ପ୍ରଣିପାତ କରିବା ଉଚିତ । ସେଥିପାଇଁ ସଙ୍ଗେ ସଙ୍ଗେ ସଜ୍‌ଦା କରି ତିନି ଥର 'ସୁବ୍‌ହାନା ରବ୍‌ବିଅଲ୍‌ ଆଲା' ପଢ଼ିବ । ଏହା ବ୍ୟତୀତ ଅନ୍ୟ କୌଣସି ଦୁଆ ମଧ୍ୟ କରିପାରିବ । ତେବେ ସାଧାରଣତଃ ଏହି ଦୁଆ ପଢ଼ାଯାଏ ।

اَللّٰهُمَّ سَجَدَ لَكَ رُوْحِیْ وَجَنَانِیْ

**ଅଲ୍ଲାହୁମ୍ମା ସଜଦଲକା ରୁହୀ ଓ ଜନାନୀ**

'ହେ ଅଲ୍ଲାଃ ! ମୋର ଆତ୍ମା ଓ ମୋର ହୃଦୟ
ତୁମ୍ଭ ଶ୍ରୀଛାମୁରେ ପ୍ରଣିପାତ କରୁଅଛି'

## ଓଜୁ କରିବା ପ୍ରଣାଳୀ

طریقِ وضو



ଚିତ୍ର - ୧



ଚିତ୍ର - ୨



ଚିତ୍ର - ୩



ଚିତ୍ର - ୪





ଚିତ୍ର - ୫

ଚିତ୍ର ୧- "ବିସମିଲ୍ଲାହିର୍‌ ରହ୍‌ମା ନିର୍‌ରହିମ୍‌" ପଢ଼ି ଓଜୁ ଆରମ୍ଭ କରିବ ।
୨- ସର୍ବ ପ୍ରଥମେ ଦୁଇ ହାତକୁ କଚଟି ପର୍ଯ୍ୟନ୍ତ ୩ ଥର ଧୋଇବ ।
୩- ଡାହାଣ ହାତରେ ପାଣି ନେଇ ୩ ଥର କୁଳି କରିବ ।
୪- କୁଳି ପରେ ବାମ ହାତରେ ନାକପୁଡାକୁ ୩ଥର ପାଣିରେ ସଫା କରିବ ।
୫-ତା'ପରେ ଦୁଇ ହାତରେ ପାଣି ନେଇ ମୁଖମଣ୍ଡଳକୁ ୩ ଥର ଧୋଇବ ।



ଚିତ୍ର - ୬



ଚିତ୍ର - ୫



ଚିତ୍ର - ୭



ଚିତ୍ର - ୮

୬- ଏହା ପରେ ପ୍ରଥମେ ଡାହାଣ ହାତ ଓ ପରେ ବାମ ହାତରୁ କହୁଣି ପର୍ଯ୍ୟନ୍ତ ୩ ଧର ଧୋଇବ ।

୭- ହାତ ଦ୍ୱୟକୁ ଓଦାକରି ମସ୍ତକର ଆଗ୍ରଭାଗରୁ ମୁଣ୍ଡ ବାଳ ଉପର ଦେଇ ବେକର ପଛଯାଏ ନେଇ ପୁଣି ସାମ୍ନାକୁ ଫେରାଇ ଆଣିବ । ଏହା ପରେ କାନ ଭିତରେ ବିଶି ଆଙ୍ଗୁଳି ପୁରାଇ କର୍ଣ୍ଣ ଗହ୍ୱରକୁ ସଫା କରିବା ସଙ୍ଗେ ସଙ୍ଗେ ଅନ୍ୟ ଅଙ୍ଗୁଳିଗୁଡିକୁ କର୍ଣ୍ଣଧାର ଉପରେ ତଥା ବେକରେ ମଧ ସେହି ଓଦା ହାତକୁ ଥରେ ବୁଲାଇ ଆଣିବ । ଏହି ପ୍ରକ୍ରିୟାକୁ 'ମସାହ' କୁହାଯାଏ ।

୮- ମସାହ କରି ସାରିବା ପରେ ପ୍ରଥମେ ଡାହାଣ ପାଦ ଓ ପରେ ବାମ ପାଦକୁ ବଳାଗଣ୍ଠି ସମେତ ତିନି ତିନି ଥର ଧୋଇବ । ଯଦି ପାଦରେ ମୋଜା ଆଦି ଥିବ ଓ ଓଜୁ କଲାପରେ ପିନ୍ଧାଯାଇଥିବ, ତେବେ ତା'ଉପରେ 'ମସାହ୍' କରିବା ଆବଶ୍ୟକ ।

# ନମାଜ ପାଠ କରିବା ପଦ୍ଧତି

نماز ادا کرنے کا طریقہ



ଚିତ୍ର - ୧



ଚିତ୍ର - ୨



ଚିତ୍ର - ୩

ଚିତ୍ର - ୧ କିବ୍‌ଲା ବା କାବା (ଉପାସନା ଗୃହ) ଆଡକୁ ମୁହଁ କରି ଛିଡା ହେବ (ଭାରତ ପାଇଁ ପଶ୍ଚିମ ଦିଗ)। ଆଖି ଖୋଲା ରଖିବ ଓ ସାମ୍ନାରେ ମସ୍ତକ ଲଗାଇବା ସ୍ଥାନକୁ ଦୃଷ୍ଟି ନିବଦ୍ଧ କରିବ।

ଚିତ୍ର - ୨ ଦୁଇପାଦ ମଧ୍ୟରେ ଅଳ୍ପ ବ୍ୟବଧାନ ଥିବ, କିନ୍ତୁ ହାତ ଦ୍ୱୟ ଦେହରେ ସିଧା ହୋଇ ଲାଗି ରହିବ। ଏହି ସମୟରେ କେଉଁ ନମାଜ୍ ପାଠ କରିବାକୁ ଯାଉଛ, ସେ ବିଷୟରେ ସ୍ମରଣ ଥିବ ଏବଂ ତାହା କିପରି ନମାଜ୍ : ଫର୍ଜ (ବାଧ୍ୟତାମୂଳକ),

ସୁନ୍ନତ (ମୁହମ୍ମଦ[ସଅ]ଙ୍କ ଦ୍ୱାରା ପ୍ରଣୀତ ଅତିରିକ୍ତ ନମାଜ) କିମ୍ୱା ନଫିଲ୍ (ଇଚ୍ଛାଧୀନ) ତାହା ପୂର୍ବରୁ ନିର୍ଦ୍ଧାରଣ କରିବା ଉଚିତ୍ । ସେଥିପାଇଁ ନିଜ ଅନ୍ତରରେ 'ନିୟତ୍' ବା ସଂକଳ୍ପ କରିବାକୁ ହେବ । ଏବଂ 'ଇନ୍ନି ଓ୍ୱୟଯହ୍ତୋ ......' ପଢିବ ।

ଚିତ୍ର ୩- ତା'ପରେ 'ଅଲ୍ଲା ହୋ ଆକବର' କହି ହାତକୁ କାନ ପର୍ଯ୍ୟନ୍ତ ଉପରକୁ ଉଠାଇବ । ପୁଣି ତଳ ଆଡକୁ ଛାତି ପର୍ଯ୍ୟନ୍ତ ଖସାଇ ଆଣି ହାତ ବାନ୍ଧିବ । ଏହିପରି ନମାଜ ଆରମ୍ଭ ହୋଇଥାଏ ।

## ହାତ ବାନ୍ଧିବାର ନିୟମ

ہاتھ باندھنے کا طریق





ଚିତ୍ରରେ ଦର୍ଶାଯାଇଥିବା ଭଳି ପ୍ରଥମେ ବାମ ହାତକୁ ଛାତି ଉପରେ ବା ଛାତି ତଳକୁ ଲଗାଇ ରଖିବ । ଏବଂ ଡାହଣ ହାତକୁ ତା'ଉପରେ ରଖିବ । ଏହି ସ୍ଥିତିକୁ 'କୟାମ' କହନ୍ତି । ଏହି ଅବସ୍ଥାରେ ସନା (ସୁବହାନକା...), ତଉଜ (ଅଉଜୁବିଲ୍ଲା...), ତସମିୟା (ବିସମିଲ୍ଲା...), ସୁରଃ ଫାତିହା (ଅଲ ହମ୍ଦୁ ଲିଲ୍ଲାହେ...) ଏବଂ ପବିତ୍ର କୁରଆନର କୌଣସି ସୁରଃ ବା ଅଂଶ ପଢିବାକୁ ହେବ ।

## ରୁକୁରେ ନଇଁବା ପ୍ରଣାଳୀ

رکوع میں جھکنے کا طریقہ



ଚିତ୍ର ଅନୁଯାୟୀ ଉପରୋକ୍ତ ନଇଁବା ପ୍ରକ୍ରୀୟାରେ (୧) ହାତ ଦୁଇଟି ଆଣ୍ଠୁ ଉପରେ ସିଧା ହୋଇ ରହିବ । (୨) ଗୋଡ ଦୁଇଟି ମଧ୍ୟ ସିଧା ହୋଇ ରହିବ । ଆଣ୍ଠୁ ଯେପରି ବଙ୍କା ହୋଇ ନରହେ । (୪) ପିଠି ଓ ମୁଣ୍ଡ ଏକ ସରଳ ରେଖାରେ ଥାଇ ଭୁମି ସହିତ ସମାନ୍ତର ରହିବ ଓ ଆଖି ଖୋଲା ରଖି ଭୁମିକୁ ଚାହିଁବ ।

# ଦ୍ୱିତୀୟ ଦଣ୍ଡାୟମାନ ସ୍ଥିତି



ଚିତ୍ର - ୧



ଚିତ୍ର - ୨

ନମାଜ ଆରମ୍ଭ କରିବା ଅର୍ଥାତ ନିୟତ୍ ବାନ୍ଧିବାର ପୂର୍ବାବସ୍ଥା ଭଳି ରୁକୁର ମୁଦ୍ରାରୁ ଉଠି ଉପର ଚିତ୍ରଭଳି ଦଣ୍ଡାୟମାନ ସ୍ଥିତିରେ ରହିବାକୁ ହେବ ଏବଂ 'ସମିଅଲ୍ଲାହୁ ଲେମନ...' ଓ 'ରବ୍ବନା ୱଲକଲ ...' ଏବଂ 'ହମ୍ଦନ୍ କସିରନ୍ ...' ଆଦି ଦୁଆ ଏହି ଅବସ୍ଥାରେ ପଢିବାକୁ ହେବ ।

# ସଜଦା କରିବା ବିଧି

سجدے میں جانے کا طریقہ



ଚିତ୍ର - ୧



ଚିତ୍ର - ୨



ଚିତ୍ର - ୩



ଚିତ୍ର - ୪



ଚିତ୍ର - ୫

ଚିତ୍ର (୧) ସଜଦା (ସାଷ୍ଟାଙ୍ଗ ପ୍ରଣିପାତ)କୁ ଯିବା ସମୟରେ ପ୍ରଥମେ ନିଜର ଆଣ୍ଠୁ ଦୁଇଟିକୁ ଭୂମିରେ ଓ ଦୁଇପାଦର ଆଙ୍ଗୁଠିମାନ ମଧ୍ୟ ଲଗାଇ ରଖିବାକୁ ହେବ । (୨) ପାଦ ଦୁଇଟିର ପଞ୍ଜାକୁ କିବଲା ଆଡକୁ କରି ତଳେ ଲଗାଇବ । (୩) ନିଜର ମଥା ଓ ନାକ ମଧ୍ୟ ଭୂମି ଉପରେ ଲାଗି ରହିବ । (୪) ମୁଣ୍ଡ ଦୁଇ ହାତ ମଝିରେ ଓ କହୁଣି ଭୂମି ଠାରୁ ଉପରକୁ ରହିବ । (୫) ଦୁଇ ହାତ ପାପୁଲି ଓ ଆଙ୍ଗୁଠିଗୁଡିକ କିବଲା ଆଡକୁ ଲମ୍ବାଇ ଭୂମି ଉପରେ ରଖିବ ।

# ଦୁଇ ସଜଦା ମଝିରେ ବସିବାର ବିଧି

دو سجدوں کے درمیان بیٹھنے کا طریقہ



ଉପର ଚିତ୍ର ଅନୁଯାୟୀ ବସିବା ସମୟରେ ଦୁଇ ସଜଦା ମଧ୍ୟବର୍ତ୍ତୀ କାଳୀନ ଦୁଆ 'ଅଲ୍ଲାହୁମ୍ ମଗଫିରଲି.....' ପଢ଼ିବ ଏବଂ ପୁଣି ଦ୍ୱିତୀୟ ଥର ସଜଦାକୁ ଯିବ ।

# ନମାଜର ସଂପୂର୍ଣ୍ଣ କାର୍ଯ୍ୟବିଧି



ବସିଥିବା ଅବସ୍ଥାରେ



ସଲାମ ଫେରାଇବା ବିଧି

କୌଣସି ନମାଜର ଦ୍ୱିତୀୟ ରକାତରେ ଦୁଇଟି ଯାକ ସଜଦା କଲା ପରେ ବସିଥିବା ମୁଦ୍ରାରେ 'ତଶହହୁଦ୍' (ଅତ୍ତହିୟାତୋ...) ପାଠ କରୁ କରୁ ଯେତେବେଳେ 'ଅଶହଦୁ ଅଲ୍ଲା ଇଲାହା....' ଠାରେ ପହଞ୍ଚିବ, ସେତେବେଳେ ନିଜ ଡାହାଣ ହାତର ବିଶି ଅଙ୍ଗୁଳିକୁ ଉପର ଚିତ୍ର ମତେ ଉଠାଇବ । ଏହା ପରେ ଦୁଇ ରକାତ ବିଶିଷ୍ଟ ନମାଜ କିମ୍ବା ଶେଷ ରକାତ ହୋଇଥିଲେ 'ଦରୁଦ ଶରିଫ' ତଥା ଆବଶ୍ୟକୀୟ ଦୁଆ ପଢ଼ିସାରି ସଲାମ ଫେରାଇବ ।

ଗୋଟିଏ ରକାତର ବିଭିନ୍ନ ସ୍ଥିତି କ୍ରମାନ୍ୱୟରେ ....

# ନମାଜ ଜୁମା

ଶୁକ୍ରବାର ଦିନଟି ଇସଲାମ ଧର୍ମରେ ଅତି ଗୁରୁତ୍ୱପୂର୍ଣ୍ଣ ଓ ଏହାକୁ ଏକ ଉତ୍ସବର ଦିନ କୁହାଯାଏ । ପବିତ୍ର କୁରଆନରେ 'ସୁରଃ ଅଲ୍ ଜୁମା' ନାମକ ଅଧ୍ୟାୟ ରହିଛି । ଯହିଁରେ ଏହି ଦିନଟିକୁ ଅବସର ଦିନ ରୂପେ ନିର୍ଦ୍ଧାରିତ କରାଯାଇଛି । କାରଣ ଏହି ଦିନ ଜୁମା ନମାଜ ସାପ୍ତାହିକ ନମାଜ ରୂପେ ପ୍ରତ୍ୟେକ ମୁସଲମାନ ପକ୍ଷେ ବାଧ୍ୟତାମୂଳକ କରାଯାଇଛି । ଯାହାକୁ ସାମୁହିକ ଭାବରେ ପାଠ କରିବା ପାଇଁ ମୁଖ୍ୟ ମସଜିଦ୍ ବା 'ଜାମେ ମସଜିଦ'ରେ ସେମାନଙ୍କୁ ଏକତ୍ରୀତ ହେବାକୁ ପଡିଥାଏ । ଏହାର ସମୟ ଜୁହର ଅର୍ଥାତ ମଧ୍ୟାହ୍ନ ପରେ ପଢାଯାଉଥିବା ନମାଜର ସମୟରେ ପରିବର୍ତ୍ତିତ ହୋଇ ଯାଇଥାଏ । ଏହାର ଫର୍ଜ ନମାଜ ଦୁଇ ରକାତ ବିଶିଷ୍ଟ । ଏହା ପୂର୍ବରୁ ଇମାମ୍ ହିତୋପଦେଶ ମୂଳକ ଅଭିଭାଷଣ ଦେଇଥାନ୍ତି ଯାହାକୁ 'ଖୁତ୍‌ବା' କୁହାଯାଏ । ଏହାର ଦୁଇଟି ପର୍ଯ୍ୟାୟ ରହିଛି । ପ୍ରଥମଟି 'ଖୁତ୍‌ବା ଜୁମା' ଓ ଦ୍ୱିତୀୟଟି 'ଖୁତ୍‌ବା ସାନିୟା' ବା ଦ୍ୱିତୀୟ ଅଭିଭାଷଣ । ତେବେ ଖୁତ୍‌ବାକୁ ମନୋଯୋଗ ସହକାରେ ଶୁଣିବା ଆବଶ୍ୟକ ।

ଏହାର ଦୁଇଟି ଅଜାନ ରହିଛି । କୌଣସି ରୋଗାକ୍ରାନ୍ତ ବ୍ୟକ୍ତି, ଶାରୀରିକ ଭାବେ ଅକର୍ମଣ୍ୟ ତଥା ଭ୍ରମଣକାରୀଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ବ୍ୟକ୍ତି ଜୁମାର ଅଜାନ ଶୁଣିବା ପରେ ନିଜର ସମସ୍ତ ସାଂସାରିକ କର୍ମକୁ ତ୍ୟାଗ କରି ମୁଖ୍ୟ ମସଜିଦକୁ ଆସି ଉପାସନାରେ ସାମିଲ ହେବ । କିନ୍ତୁ ମହିଳାମାନେ ଜୁମା ପାଇଁ ମସଜିଦକୁ ଆସିବା ବାଧ୍ୟତାମୂଳକ ନୁହେଁ । ବେଳେ ବେଳେ ପଛରେ ଆସୁଥିବା ବ୍ୟକ୍ତି ଅନ୍ୟକୁ ଅତିକ୍ରମ କରି ଆଗ ଧାଡି (ସଫ୍)ରେ ବସିବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ଏହା କରିବା ଶୋଭନୀୟ ନୁହେଁ । ତେବେ ପଛରେ ଆସୁଥିବା ଲୋକ ଯେଉଁଠାରେ ଜାଗା ପାଇବ, ସେହିଠାରେ ବସିଯିବ । ପ୍ରଥମ ଅଜାନ ପରେ ସେ ଦୁଇ ବା ଚାରି ରକାତ ସୁନ୍ନତ ପଢିବ ଓ ଇମାମଙ୍କ ଠାରୁ ଜୁମା ଖୁତ୍‌ବା ଶୁଣିବା ପାଇଁ ଅପେକ୍ଷା କରିବ । ଇମାମଙ୍କ ଆଗମନ ପରେ ଦ୍ୱିତୀୟ ଅଜାନ ଦିଆଯାଇଥାଏ । ଯେହେତୁ ଜୁମା ନମାଜର ଅନ୍ୟତମ ବିଶେଷତ୍ୱ ହେଉଛି ଏହାର ଖୁତ୍‌ବା, ତେଣୁ ଖୁତ୍‌ବା ଦିଆ ଯାଉଥିବା ସମୟରେ ପରସ୍ପର ମଧ୍ୟରେ କଥାବାର୍ତ୍ତା କଲେ ଏହାର ପୁଣ୍ୟରୁ ବଞ୍ଚିତ ହେବାକୁ ପଡିବ ।

ସୁତରାଂ ଇମାମ ପ୍ରଥମେ ତଶହୁଦ ଓ ସୁରଃ ଫାତିହା ଆବୃତ୍ତି କରି ସାରି ସାମୟିକ ପରିସ୍ଥିତି ଦୃଷ୍ଟିରୁ କେତେକ ଜରୁରୀ ଉପଦେଶ ଦେବେ । ଏହା ପରେ କିଛି ସମୟ ପାଇଁ ନୀରବରେ ବସିଯିବେ । ପୁଣି ଛିଡା ହୋଇ 'ଖୁତ୍‌ବା ସାନିୟା' ଅର୍ଥାତ ଦ୍ୱିତୀୟ ଖୁତ୍‌ବା ଦେବେ, ଯାହାକୁ ଆରବୀ ପାଠ ସହିତ ନିମ୍ନରେ ଦିଆଯାଉଛି ।

## ଦ୍ୱିତୀୟ ଖୁତ୍‌ବା

| | |
|---|---|
| ہر حمد کے لائق اللہ ہے ہم اسکی تعریف کرتے ہیں، | اَلْحَمْدُ لِلّٰهِ نَحْمَدُهٗ |
| ଅଲ୍ଲାଃ ହିଁ ସମସ୍ତ ପ୍ରଶଂସାର ଯୋଗ୍ୟ ଓ ଆମେ ତାଙ୍କରି ଗୁଣଗାନ କରୁଛୁ | **ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ** |
| اسی سے مدد چاہتے ہیں اور اسی کی مغفرت کے طالب ہیں | وَنَسْتَعِيْنُهٗ وَنَسْتَغْفِرُهٗ |
| ତାହାଙ୍କ ଠାରୁ ସହାୟତା ଲୋଡୁଛୁ ଓ ତାଙ୍କରି ଠାରେ କ୍ଷମାଯାଚନା କରୁଛୁ | **ୱନସ୍‌ତୟିନୁହୂ ୱନସତଗ୍ ଫିରୋହୁ** |
| اور اسی پر ایمان لاتے ہیں اور اسی پر توکل کرتے ہیں | وَنُؤْمِنُ بِهٖ وَنَتَوَكَّلُ عَلَيْهِ |
| ଏବଂ ତାହାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରୁଛୁ ଓ ଭରସା ରଖିଛୁ | **ୱନୁମେନୁବିହୀ ୱନତୱକ୍‌କଲୁ ଅଲୈହି** |

**وَنَعُوذُ بِاللّٰهِ مِنْ شُرُوْرِ اَنْفُسِنَا**
**ୱନଉଜୁବିଲ୍ଲାହି ମିନ୍ ଶୁରୁରେ ଅନ୍‌ଫୁସିନା**

اور ہم اپنے نفس کے شرور سے اللہ کی پناہ چاہتے ہیں
ଏବଂ ଆମ୍ଭେ ଅଲ୍ଲାଃଙ୍କର ଶରଣ ଭିକ୍ଷା କରୁଛୁ
ଓ ନିଜ ମନର କୁପ୍ରବୃତ୍ତିରୁ

**وَمِنْ سَيِّئَاتِ اَعْمَالِنَا**
**ୱମିନ୍ ସୟେଆତି ଆମାଲିନା**

اور اعمال کے بدنتائج سے
ତଥା ନିଜ କର୍ମର ମନ୍ଦ ପରିଣାମରୁ ବଞ୍ଚିତ ହେବା ସକାଶେ

**مَنْ يَّهْدِهِ اللّٰهُ فَلَا مُضِلَّ لَهٗ**
**ମେଁ ୟହଦିହିଲ୍ଲାହୁ ଫଲା ମୁଜିଲ୍ଲାଲହୁ**

جسے اللہ ہدایت دے اسے کوئی گمراہ نہیں کرسکتا
ଅଲ୍ଲାଃ ଯାହାକୁ ସତପଥ ଦେଖାଇବେ,
ତାକୁ କେହି ବିଭ୍ରାନ୍ତ କରିପାରିବେ ନାହିଁ

**وَمَنْ يُّضْلِلْهُ فَلَا هَادِيَ لَهٗ**
**ୱମେଁ ୟୁଜଲିଲ୍‌ହୋ ଫଲା ହାଦିୟାଲହୁ**

اور جسکو وہ گمراہ قرار دے اسے کوئی ہدایت نہیں دے سکتا
ଓ ଅଲ୍ଲାଃ ଯାହାକୁ ପଥଭ୍ରଷ୍ଟ ସାବ୍ୟସ୍ତ କରାଇବେ,
ତାକୁ କେହି ସତ୍‌ଶିକ୍ଷା ଦେଇପାରିବେ ନାହିଁ

**وَنَشْهَدُ اَنْ لَّا اِلٰهَ اِلَّا اللّٰهُ**
**ୱନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାଲ୍ଲାହୁ**

اور ہم گواہی دیتے ہیں کہ اللہ کے سوا کوئی معبود نہیں.
ଏବଂ ଆମେ ସାକ୍ଷ୍ୟ ଦେଉଛୁ ଯେ
ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ

**وَنَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ**
**ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ**

اور ہم گواہی دیتے ہیں کہ محمدؐ اس کے بندے اور اسکے رسول ہیں
ଏବଂ ଆମେ ସାକ୍ଷ୍ୟ ଦେଉଛୁ ଯେ
ହଜରତ ମୁହମ୍ମଦ[ସଅ] ତାହାଙ୍କ ଭକ୍ତ ଓ ବାର୍ତ୍ତାବହ

**عِبَادَ اللّٰهِ رَحِمَكُمُ اللّٰهُ۔**
**ଇବାଦଲ୍ଲାହି ରହେମକୁମୁଲ୍ଲାହୁ**

اے اللہ کے بندو! تم پر اللہ رحم کرے.
ହେ ଅଲ୍ଲାଃଙ୍କ ଭକ୍ତଗଣ ! ଅଲ୍ଲାଃ ତୁମମାନଙ୍କ ପ୍ରତି ସଦୟ ହୁଅନ୍ତୁ

**اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ**
**ଇନ୍‌ନଲ୍‌ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱିଲ୍ ଇହସାନେ**

یقیناً اللہ عدل و انصاف کا حکم دیتا ہے،
ଅଲ୍ଲାଃ ଅବଶ୍ୟ ତୁମକୁ ନ୍ୟାୟ ବିଚାର
ଓ ଅନ୍ୟର ହିତସାଧନ କରିବାକୁ

**وَاِيْتَاءِ ذِي الْقُرْبٰى**
**ୱ ଇତାଇଜିଲ୍ କୁରବା**

اور قریبی تعلق داروں سے اچھے سلوک کا حکم دیتا ہے،
ତଥା ଆତ୍ମୀୟ ସ୍ୱଜନଙ୍କୁ ସଦ ବ୍ୟବହାର କରିବାକୁ ଆଦେଶ ଦେଇଛନ୍ତି

**وَيَنْهٰى عَنِ الْفَحْشَاءِ وَالْمُنْكَرِ وَالْبَغْيِ**
**ୱୟନ୍‌ହା ଅନିଲ ଫହଶା'ଏ ୱଲ୍‌ମୁନକରି ୱଲ୍‌ବଗୀ**

اور بے حیائی، بری باتوں اور باغیانہ خیالوں سے روکتا ہے
ଓ ବାରଣ କରୁଛନ୍ତି ଅଶ୍ଳୀଳ କଥାରୁ
ଓ ମନ୍ଦ ଆଚରଣ ତଥା ବିଦ୍ରୋହ କରିବାକୁ

**يَعِظُكُمْ لَعَلَّكُمْ تَذَكَّرُوْنَ**
**ୟଇଜୁକୁମ୍ ଲା ଅଲ୍‌ଲକୁମ ତଜକ୍କରୁନ୍**

وہ تمہیں نصیحت کرتا ہے تاکہ تم نصیحت قبول کرو.
ସେ ତୁମକୁ ଉପଦେଶ ଦେଉଛନ୍ତି, ଯଦ୍ୱାରା ତୁମେ ତାଙ୍କୁ ମନେ ରଖିବ

**اُذْكُرُوا اللّٰهَ يَذْكُرْكُمْ**
**ଉଜ୍‌କୁରୁଲ୍ଲାହା ୟଜ୍‌କୁର୍‌କୁମ୍**

اللہ کو یاد کرو وہ تمہیں یاد کرے گا.
ଅଲ୍ଲାଃଙ୍କୁ ସ୍ମରଣ କରୁଥାଅ, ସେ ମଧ୍ୟ ତୁମକୁ ମନେ ପକାଇବେ

| | |
|---|---|
| اسے بلاؤ وہ تمہیں جواب دیگا | وَادْعُوْهُ يَسْتَجِبْ لَكُمْ |
| ଓ ତାହାଙ୍କୁ ଡାକ, ସେ ତୁମକୁ ଉତ୍ତର ଦେବେ | **ଓ୍ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍** |
| اور اللہ کا ذکر کرنا سب سے بڑی (نعمت) ہے | وَلَذِكْرُ اللّٰهِ اَكْبَرُ |
| ଓ ଅଲ୍ଲାଃଙ୍କ ସ୍ମରଣ କରିବା ଏକ ମହତ୍ କାର୍ଯ୍ୟ | **ଓ୍ୱଲ ଜିକ୍‌ରୁଲ୍ଲାହି ଅକବର୍** |

ବି.ଦ୍ର : –ଜୁମାର ଏହି ଖୁତ୍‌ବା ଶେଷ ହେବା ପରେ ଦୁଇ ରକାତ ଫର୍ଜ (ଅନିବାର୍ଯ୍ୟ) ନମାଜ ଉଚ୍ଚ ସ୍ୱରରେ ପାଠ କରାଯାଏ । ସୁରଃ ଫାତିହା ପରେ ପ୍ରଥମ ରକାତରେ 'ସୁରଃ ଆ'ଲା' ଓ ଦ୍ୱିତୀୟ ରକାତରେ 'ସୁରଃ ଗାଶିୟା' ଅଥବା 'ସୁରଃ ଜୁମା' ଓ 'ସୁରଃ ମୁନାଫିକୁନ୍' ପାଠ କରିବାର ବିଧି ରହିଛି ।

୧) ଜୁମା ନମାଜ ପଢିବା ପାଇଁ ଯଦି କୌଣସି ସ୍ଥାନରେ ୩ଜଣ ବ୍ୟକ୍ତିଥିବେ, ତା ହେଲେ ତାହା ପଢିବା ସେମାନଙ୍କର କର୍ତ୍ତବ୍ୟ

୨) କୌଣସି ଲୋକ ପଛରେ ଆସି ଫର୍ଜ୍ ନମାଜରେ ସାମିଲ ହେଲେ ସେ ସଂପୂର୍ଣ୍ଣ ନମାଜ ପଢିଥିବାର ବିବେଚିତ ହେବ । ଯଦି ବିଳମ୍ବ ହେବା ଯୋଗୁଁ ଜୁମା ନମାଜ ତାଙ୍କୁ ମିଳିଲା ନାହିଁ, ସେପରି ସ୍ଥଳେ ତାକୁ 'ଜୁହର ନମାଜ' ପଢିବାକୁ ହେବ ।

୩) ସାମୁହିକ ଭାବରେ ଜୁମାର ଫର୍ଜ ନମାଜ ପଢି ସାରିବା ପରେ ପୁଣି ଦୁଇ ରକାତ ସୁନ୍ନତ ନମାଜ ପଢାଯାଏ ।

## ଇଦ ନମାଜ: نماز عیدین

ବର୍ଷଯାକରେ ଦୁଇଟି ଇଦ୍ ମହା ସମାରୋହ ଓ ହର୍ଷୋଲ୍ଲାସରେ ପାଳନ କରାଯାଏ । ଏହା ମୁସଲମାନମାନଙ୍କର ଧାର୍ମିକ ଭାବନାର ପର୍ବ ।

(୧) **ଇଦୁଲ ଫିତର୍:** ରମଜାନ ପବିତ୍ର ମାସର ଉପବାସ (ରୋଜା) ଶେଷ ହେବା ପରେ ସଓ୍ୱାଲ୍ ମାସର ୨ ତାରିଖ ଦିନ ପୂର୍ବ ସନ୍ଧ୍ୟାରେ ଦ୍ୱିତୀୟା ଚନ୍ଦ୍ର ଦର୍ଶନ କରିସାରି ଏହା ପାଳନ କରାଯାଏ । ଏହାକୁ 'ଇଦୁଲ ଫିତର୍' କୁହନ୍ତି ।

**(୨) ଇଦୁଲ ଅଜ୍‌ହା:** ଏହି ଇଦ୍ ଜୁଲ୍ ହଜ୍ ମାସର ୧୦ ତାରିଖ ଦିନ ପାଳିତ ହୁଏ । ଇଦ୍ ନମାଜ ଶେଷ ହେବା ପରେ ଯାହାର ସାମର୍ଥ୍ୟ ଥିବ, ସେ କୁର୍ବାନୀ (ପଶୁ ବଳି) କରିବା ଉଚିତ । ତେଣୁ ଏହାକୁ କୁର୍ବାନୀ ଇଦ୍, ବକ୍ରିଦ୍ ବା ଇଦୁଲ ଅଜ୍‌ହିୟା ମଧ୍ୟ କୁହାଯାଏ ।

ପ୍ରତ୍ୟେକ ମୁସଲମାନ ପୁରୁଷ, ମହିଳା ଓ ଅନ୍ୟ ସବୁ ବର୍ଗର ଲୋକମାନଙ୍କ ସକାଶେ ଇଦ୍ ନମାଜ 'ସୁନ୍ନତ୍' କରାଯାଇଛି । ଅର୍ଥାତ ପଢିବା ଶ୍ରେୟସ୍କର, କିନ୍ତୁ ବାଧ୍ୟତାମୂଳକ ନୁହେଁ । ଇଦ୍ ଦିନ ସ୍ନାନ କରିବା, ନୂଆ ପୋଷାକ ପିନ୍ଧିବା ଓ ସୁଗନ୍ଧ (ଅତର) ବ୍ୟବହାର କରିବାକୁ ହଜରତ ମୁହମ୍ମଦ[ସଅ] ପସନ୍ଦ କରୁଥିଲେ । ଇଦୁଲ ଫିତର୍ ନମାଜ ପୂର୍ବରୁ ଓ ଇଦୁଲ ଅଜ୍‌ହା ନମାଜ ପରେ ଭୋଜନ କରିବା ଉତ୍ତମ ।

ଏହା ଦୁଇ ରକାତ ବିଶିଷ୍ଟ । ଉଭୟ ଇଦରେ ଅଜାନ ଓ ଇକାମତକୁ ନିଷେଧ କରାଯାଉଛି । ନମାଜ ପରେ ପରେ ଇମାମ ଇଦର ଖୁତ୍‌ବା (ଅଭିଭାଷଣ) ପ୍ରଦାନ କରନ୍ତି । କୌଣସି ଖୋଲା ଜାଗାରେ 'ଇଦ୍‌ଗାହ୍' ମଧ୍ୟରେ ଇଦ୍ ନମାଜ ପାଠ କରାଯିବା ଉଚିତ । ଉଭୟ ଇଦ ନମାଜରେ ପ୍ରଥମ ରକାତରେ ସନା (ସୁବହାନକା ଅଲ୍ଲାହୁମ୍ମା...)କୁ

ପଢ଼ିବା ପରେ ଇମାମ ସାତ ଥର ଓ ଦ୍ୱିତୀୟ ରକାତରେ ପାଞ୍ଚଥର ଦୁଇ ହାତକୁ କାନ ପର୍ଯ୍ୟନ୍ତ ଉଠାଇ ଉଚ୍ଚ ସ୍ୱରରେ 'ଅଲ୍ଲାହୁ ଅକବର' କହିବେ । ଜୁମା ନମାଜ ପରି ଇଦର ମଧ୍ୟ ଦୁଇଟି ଖୁତ୍‌ବା ହୋଇଥାଏ, କେବଳ ଫରକ ଏତିକି ଯେ ଜୁମାର ଖୁତବା ନମାଜ ପୂର୍ବରୁ ଓ ଇଦର ଖୁତବା ନମାଜ ଶେଷ ହେବା ପରେ ସମସ୍ତେ ହାତ ଉଠାଇ  ସାମୁହିକ ପ୍ରାର୍ଥନା (ଇଜ୍‌ତିମାଇ ଦୁଆ) କରିଥାନ୍ତି ।

ଇଦୁଲ୍ ଅଜ୍‌ହା ବା ଇଦ୍-ଉଜ୍-ଜୁହା ପାଳିତ ହେବା ପୂର୍ବଠାରୁ ଅର୍ଥାତ ଜିଲହଜ୍ ମାସର **ନବମ ଦିବସର ଫଜର ନମାଜ ଠାରୁ** ସେହି ମାସର **ଦ୍ୱାଦଶ ଦିବସ ଅସର ନମାଜ ପର୍ଯ୍ୟନ୍ତ** ପ୍ରତ୍ୟେକ ନମାଜ ଶେଷରେ ଏହି ଦୁଆ ଉଚ୍ଚାରଣ କରାଯାଏ । ଏହାକୁ 'ତକବିରାତେ ତଶରିକ' କହନ୍ତି । ତାହା ହେଉଛି ଏହିପରି

| | |
|---|---|
| **ଅଲ୍ଲାହୁ ଅକବର ଅଲ୍ଲାହୁ ଅକବର - ଲାଇଲାହା  ଇଲ୍ଲଲ୍ଲାହ** | **: ଅଲ୍ଲାଃହିଁ ସର୍ବଶ୍ରେଷ୍ଠ - ଅଲ୍ଲାଃହିଁ ସର୍ବଶ୍ରେଷ୍ଠ, ଅଲ୍ଲାଃଙ୍କ ଭିନ୍ନ ଅନ୍ୟ କେହି ଉପାସ୍ୟ ନାହିଁ ।** |
| **ୱଲ୍ଲାହୁ ଅକବର ଅଲ୍ଲାହୁ ଅକବର ୱଲିଲ୍ଲାହିଲ୍ ହମଦ୍** | **:ଅଲ୍ଲା ହିଁ ସର୍ବଶ୍ରେଷ୍ଠ ଓ ମୁଁ ଅଲ୍ଲାଙ୍କର ପ୍ରଶଂସାଗାନ କରୁଛି ।** |

## ନମାଜ ଜନାଜାଃ (ଅନ୍ତ୍ୟେଷ୍ଟି ଉପାସନା)

نماز جنازه

ଯଦି କୌଣସି ମୁସଲମାନ ବ୍ୟକ୍ତିଙ୍କର ମୃତ୍ୟୁ ସମୟ ଆସିଯାଏ, ତା'ହେଲେ ତା'ନିକଟରେ ବସି 'ସୁରଃ ୟାସିନ୍' ପଢ଼ିବ । ପୁଣି ଉଚ୍ଚ ସ୍ୱରରେ 'କଲମା ତୟବା' (ଲା'ଇଲାହା.....) ତଥା 'କଲମା ଶାହାଦତ୍' (ଅଶ୍‌ହଦୁ ଅଲ୍ଲାଇଲାହା .....) ପଢ଼ାଯିବା ଉଚିତ । କୌଣସି ବ୍ୟକ୍ତିର ମୃତ୍ୟୁ ହୋଇଗଲେ ସେହି ଖବର ଶୁଣିବା କ୍ଷଣି ନିମ୍ନୋକ୍ତ ଦୁଆ (ପ୍ରାର୍ଥନା ) ପଢ଼ାଯାଏ ।

إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ

ଆମେ ଅଲ୍ଲାଃଙ୍କ ପ୍ରିୟ ଏବଂ ତାଙ୍କରି ନିକଟକୁ ବାହୁଡିବାକୁ ହେବ । **ଇନ୍ନାଲିଲ୍ଲାହି ୱଇନ୍ନା ଇଲୈହି ରା'ଜେଉନ୍**

## ସ୍ନାନ ଓ କଫନ :

غسل وكفن

ଜଣେ ବ୍ୟକ୍ତିର ମୃତ୍ୟୁ ହେବା ପରେ ତାକୁ କବର ଖୋଳି 'ଦଫନ' କରିବା (ସମାଧି ଦେବା) ପୂର୍ବରୁ ତାହାର ମଗ୍‌ଫିରତ୍ (ଆତ୍ମାର ସଦ୍‌ଗତି) ପାଇଁ 'ନମାଜ-ଏ-ଜନାଜାଃ' (ଅନ୍ତ୍ୟେଷ୍ଟିକ୍ରିୟା ମୂଳକ ନମାଜ) ପଢ଼ାଯାଏ । କିନ୍ତୁ କବରସ୍ତାନକୁ ନେବା ପୂର୍ବରୁ ମୃତ ଶରୀରକୁ ପ୍ରଥମେ ଜାମୁକୋଳି ଗଛର ପତ୍ର ପଡିଥିବା ଅଳ୍ପ ଉଷୁମ ପାଣିରେ ଗୋଧୋଇ ଦେବାକୁ ହେବ । ସର୍ବପ୍ରଥମେ ଓଜୁ କରାଯାଉଥିବା ଅଙ୍ଗଗୁଡ଼ିକୁ ଅର୍ଥାତ ମୁଖ ମଣ୍ଡଳ, ହାତ ଓ ପାଦ ଦ୍ୱୟକୁ ଧୋଇବାକୁ ହେବ । ପୁଣି ଶରୀରର ଡାହାଣ  ଓ ବାମ ଭାଗ ଉପରେ ପାଣି ଢାଳି ଧୋଇ ଦିଆଯାଏ । ତିନି ଥର ଦେହ ସାରା ପାଣି ପକାଯାଏ ତଥା ସାବୁନ ଓ ସୁଗନ୍ଧିତ ଦ୍ରବ୍ୟ ଆଦି ଲଗାଇ ଦିଆଯାଇପାରେ । ଗୋଧୋଇ ଦେବା ପରେ କମ ଦାମର ସାଧା ଧଳା କପଡ଼ାରେ ତିଆରି କଫନ ପିନ୍ଧାଯାଏ । ପୁରୁଷଙ୍କ ପାଇଁ ତିନି ଖଣ୍ଡ ବିନା ସିଲାଇର କପଡ଼ା ଯଥା: କୁର୍ତ୍ତା, ଲୁଙ୍ଗି ଓ ବଡ଼ ଚାଦର ରୂପେ ବ୍ୟବହୃତ ହୁଏ । ମହିଳାଙ୍କ ପାଇଁ ଏହି ତିନୋଟି କପଡ଼ା ବ୍ୟତୀତ ଛାତି ଓ ମୁଣ୍ଡକୁ ମଧ୍ୟ ଘୋଡ଼ାଇ ଦେବା ଉଚିତ । ଏହିପରି ପାଞ୍ଚଖଣ୍ଡ ଲୁଗାରେ ଶରୀରକୁ ଆଚ୍ଛାଦିତ କରାଯାଏ ।

ମୃତ ବ୍ୟକ୍ତିଙ୍କ ଘରଠାରୁ କବରସ୍ତାନ ନିକଟସ୍ଥ 'ଜନାଜାଃ ଗାହ୍' (ଶବ ସତ୍କାର ନିମନ୍ତେ ଉଦ୍ଦିଷ୍ଟ ନମାଜ ପଢ଼ିବା ସ୍ଥାନ) ପର୍ଯ୍ୟନ୍ତ ଶବାଧାରକୁ କଫିନ ବାହକ ଖଟରେ ଥୋଇ ନେବାକୁ ହୁଏ । ସେ ସମୟରେ ଆପୋଷରେ

କୌଣସି ଅଯଥା କଥାବାର୍ତ୍ତା ନ କରି **'ଫଦ୍‌ଖଲି ଫି ଇବାଦି ୱ୍ୱଦ୍‌ଖଲି ଜନ୍ନତି'** ଦୁଆକୁ ମୁହଁରେ ବାରମ୍ବାର ଉଚ୍ଚାରଣ କରିବା ଉଚିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ଫରଜେ କଫାୟା' ଅର୍ଥାତ 'କିଛି ଲୋକ ଯଦି ଜନାଜାଃ ପଢ଼ି ନିଅନ୍ତି ତେବେ ସମସ୍ତେ ପାର ପାଇଯିବେ । ମାତ୍ର ଆଦୌ କେହି ହେଲେ ଯଦି ନପଢ଼ନ୍ତି, ତା' ହେଲେ ସମସ୍ତେ ପାପୀ ବୋଲାଇବେ' ।

## କବରସ୍ଥାନରେ ପ୍ରବେଶ କରିବା ଦୁଆ

قبرستان میں داخل ہونے کی دُعا

اَلسَّلَامُ عَلَيْكُمْ يَآاَهْلَ الْقُبُوْرِ۔

**ଅସ୍‌ସଲାମୋ ଆଲୈକୁମ୍ ୟାଅହଲଲ୍ କୋବୁରେ**

سلامتی ہو تم پر اے قبروں کے رہنے والو!

ତୁମମାନଙ୍କ ଉପରେ ଶାନ୍ତି ବିରାଜିତ ହେଉ,
ହେ କବର ନିବାସୀଗଣ ।

يَغْفِرُ اللهُ لَنَا وَلَكُمْ

**ୟଗ୍‌ଫିରୁଲ୍ଲାହୁ ଲନା ୱ୍ୱଲକୁମ୍**

ہمیں اور تمہیں اللہ بخش دے

ଆମକୁ ଓ ତୁମକୁ ଅଲ୍ଲାଃ କ୍ଷମା କରିଦିଅନ୍ତୁ ।

اَنْتُمْ سَلَفُنَا وَنَحْنُ بِالْاَثَرِ

**ଅନ୍‌ତୁମ୍ ସଲଫୁନା ୱ୍ୱନହନୁ ବିଲ୍ ଅସରେ**

تم آگے آگے چلو اور ہم تمہارے پیچھے پیچھے آتے ہیں

ତୁମେ ଆଗେ ଆଗେ ଚାଲ, ଆମେ ତୁମ ପଛେ ପଛେ ଆସୁଛୁ ।

وَاِنَّا اِنْ شَاءَ اللهُ بِكُمْ لَاحِقُوْنَ۔

**ୱ୍ୱଇନ୍ନା ଇନ୍‌ଶାଅଲ୍ଲାହୁ ବିକୁମ୍ ଲାହିକୁନ**

اور ہم بھی اللہ چاہے تو تم سے ملنے والے ہیں

ଏବଂ ଆମେମାନେ ମଧ୍ୟ ଅଲ୍ଲାଃ ଇଚ୍ଛା କଲେ,
ତୁମ ସହିତ ମିଳିତ ହେବୁ ।

କୌଣସି ଶହୀଦ ହୋଇଥିବା ବ୍ୟକ୍ତିଙ୍କୁ ସ୍ନାନ ଓ କଫନର ଆବଶ୍ୟକତା ନାହିଁ । କୌଣସି ବ୍ୟକ୍ତିର ଦେହାନ୍ତ ହୋଇଗଲେ ଉଚ୍ଚ ସ୍ୱରରେ ବାହୁନି ଗଳା ଫଟାଇ କାନ୍ଦିବା, ମୁଣ୍ଡକୁ ପିଟିବା, ଲୁଗାପଟା ଫାଡ଼ିଦେବା କିମ୍ବା ଦେହକୁ ରାମ୍ପୁଡ଼ିବା ଇତ୍ୟାଦି ଇସଲାମରେ ବାରଣ କରାଯାଇଛି । ହଁ, ଆଖିରୁ ଲୁହ ଝରାଇବା ଯାହା ଆପଣା ଛାଏଁ ଚାଲିଆସେ ଓ ଯାହାକୁ ନିୟନ୍ତ୍ରଣ ମନୁଷ୍ୟର ବଶରେ ନଥାଏ, ଶୋକ କରିବାର ଦୁଃଖଦ ସମୟରେ ସେହିପରି ରୋଦନ କରିବା ସ୍ୱାଭାବିକ । ସେହିପରି ମୃତ୍ୟୁ ହେବାର ତୃତୀୟ ଦିନ, ଦଶମ ଦିନ (ଦଶାହ) ଓ ଚାଳିଶ ଦିନ (ଚାଳିସୱାଁ)ରେ ଏକତ୍ର ମିଶି ଶୋକ ପାଳନ କରିବାର କୁପ୍ରଥା ବର୍ଜନୀୟ । ସେଥିପାଇଁ ଅଯଥାରେ ଖର୍ଚ୍ଚ କରିବା ପ୍ରଥାର ଇସଲାମରେ ଆଦୌ ପ୍ରଚଳନ ନାହିଁ । ଯଦି 'ଅମାନତ ଦଫନ' କରିବାର ଥିବ, ଅର୍ଥାତ ପରେ ଶବକୁ କଢାଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଥିଲେ, ଉକ୍ତ ଶବର ସୁରକ୍ଷା ସ୍ୱରୂପ କାଠ କିମ୍ବା ଲୁହାରେ ନିର୍ମିତ ସିନ୍ଦୁକରେ ରଖି ତାକୁ ଅସ୍ଥାୟୀ କବର ଦିଆଯିବ ।

**ଜନାଜାଃ ନମାଜ ପାଇଁ ପ୍ରାରମ୍ଭିକ ସୂଚନା :** ଏହି ନମାଜର 'ରୁକୁ' (ଆଣ୍ଠୁରେ ଭରା ଦେଇ ନଇଁବା ମୁଦ୍ରା) ଓ 'ସଜଦାଃ' (ଭୂମିଷ୍ଠ ହେବା ମୁଦ୍ରା) ନଥାଏ । ତେବେ ଜନାଜାଃ ନମାଜରେ ଯୋଗ ଦେଉଥିବା ବ୍ୟକ୍ତି ପ୍ରଥମେ ଓଜୁ କରି ଏଥି ପାଇଁ ସଂକଳ୍ପ (ନିୟତ) କରିବାକୁ ପଡ଼ିବ । ଇମାମ (ନମାଜ ପରିଚାଳନା କରୁଥିବା ବ୍ୟକ୍ତି) ଶବାଧାର (ମୈୟତ) ସାମନାରେ ରଖି ମଧ୍ୟ ଭାଗରେ ଛିଡା ହେବେ ଓ ତାଙ୍କ ପଛରେ ସମସ୍ତ ଲୋକ ଧାଡି ବାନ୍ଧି ଛିଡା ହେଇଯିବେ । ଧାଡିର ସଂଖ୍ୟା ବିଯୋଡ ହେବା ଆବଶ୍ୟକ । ସେହି 'ଜନାଜାଃ ଗାହ'ରେ ବିଳମ୍ବରେ ପହଞ୍ଚି ଥିବା ଲୋକ ପଛ ଧାଡିରେ ଆସି ସାମିଲ ହେବେ । ଏହି ନମାଜ ପାଠ ଆରମ୍ଭ କରି ଇମାମ ଉଚ୍ଚ ସ୍ୱରରେ 'ତକ୍‌ବିରେ ତହରିମା' (ଅଲାହୁ ଆକବର୍) କହିବ ଓ ପଛରେ ଛିଡା ହୋଇଥିବା ଲୋକମାନେ ଏହାକୁ ଧିର ସ୍ୱରରେ କହିବେ । ସମସ୍ତେ ସାଧାରଣ ନମାଜ ପରି

ଛାତି ଉପରେ ହାତ ବାନ୍ଧି 'ସନା' (ସୁବ୍‌ହାନକା) 'ତଉଜ'(ଅଉଜୁ ବିଲ୍ଲାହେ) ଓ ସୁରଃ ଫାତିହା (ଅଲ୍‌ହମ୍‌ଦୁ ଲିଲ୍ଲାହି.....) ଆସ୍ତେ ଆସ୍ତେ ପଢିବେ । ଏହାପରେ ହାତ ନ ଉଠାଇ ଦ୍ୱିତୀୟ ଥର ତକ୍‌ବିର 'ଅଲ୍ଲାହୁ ଅକବର' କହିସାରି 'ତଶହୁଦ୍' (ଅତ୍ତହିୟାତୋ....) କହି ନିମ୍ନୋକ୍ତ **'ଦୁଆ-ଏ-ଜନାଜାଃ'** (ଜନାଜାଃର ପ୍ରାର୍ଥନା) ପାଠ କରାଯାଏ । ତା'ପରେ ଚତୁର୍ଥ ତକବିର୍ 'ଅଲ୍ଲାହୁ ଅକବର' କହି ପ୍ରଥମେ ଡାହାଣକୁ ଓ ପରେ ବାମକୁ ମୁହଁ ଫେରାଇ ଉଚ୍ଚ ସ୍ୱରରେ ଏହା କୁହାଯାଏ – 'ଅସ୍‌ସଲାମୁ ଆଲୈକୁମ୍ ରହମତୁଲ୍ଲାହ୍'

## ଜନାଜାଃର ପ୍ରାର୍ଥନା

دُعائے جنازہ

اَللّٰھُمَّ اغْفِرْلِحَیِّنَا وَمَیِّتِنَا

اے اللہ بخش دے ہمارے زندوں کو۔اور جو مر گئے ہیں

ହେ ଅଲ୍ଲାଃ ! କ୍ଷମା କରିଦିଅ ଆମ ଜୀବିତଙ୍କୁ ଓ ଆମର ମୃତମାନଙ୍କୁ — **ଅଲ୍ଲାହୁମ୍ ମଗ୍‌ଫିର୍ ଲିହୟେନା ୱ୍ମୈୟେତିନା**

وَشَاھِدِنَا وَغَائِبِنَا

اور جو حاضر ہیں۔اور جو موجود نہیں۔

ଏବଂ ଯେଉଁମାନେ ଉପସ୍ଥିତ ଅଛନ୍ତି ଓ ଯେଉଁମାନେ ଉପସ୍ଥିତ ନାହାନ୍ତି — **ୱ୍ଶାହିଦିନା ୱ୍ଗାଇବିନା**

وَصَغِیْرِنَا وَکَبِیْرِنَا

اور ہمارے چھوٹوں کو اور بڑوں کو۔

ଏବଂ ଆମର ଛୋଟମାନଙ୍କୁ ଓ ଆମର ବଡମାନଙ୍କୁ — **ୱ୍ସଗିରିନା ୱ୍କବିରିନା**

وَذَکَرِنَا وَاُنْثَانَا

اور ہمارے مردوں کو اور عورتوں کو

ଏବଂ ଆମର ପୁରୁଷମାନଙ୍କୁ ଓ ଆମର ନାରୀମାନଙ୍କୁ ମଧ୍ୟ — **ୱ୍ଜକରିନା ୱ୍ଉର୍ନ୍‌ସାନା**

اَللّٰھُمَّ مَنْ اَحْیَیْتَہٗ مِنَّا

اے اللہ جسے تو ہم میں سے زندہ رکھے

ହେ ଅଲ୍ଲାଃ ! ଯାହାକୁ ତୁମ୍ଭେ ଆମମାନଙ୍କ ମଧ୍ୟରୁ ଜୀବିତ ରଖ, — **ଅଲ୍ଲାହୁମ୍ମା ମନ୍ ଅହ୍‌ୟଏତହୁ ମିନ୍‌ନା**

فَاَحْیِہٖ عَلَی الْاِسْلَامِ۔

اسے اسلام پر زندہ رکھ۔

ତାକୁ ଇସଲାମ ଉପରେ ହିଁ ଜୀବିତ ରଖ — **ଫଅହ୍‌ୟେହୀ ଅଲଲ୍ ଇସଲାମେ**

وَمَنْ تَوَفَّیْتَہٗ مِنَّا

اور جسے تو ہم میں سے وفات دے

ଏବଂ ଯାହାକୁ ତୁମ୍ଭେ ଆମମାନଙ୍କ ମଧ୍ୟରୁ ମୃତ୍ୟୁ ଦିଅ — **ୱ୍ମନ୍ ତୱ୍ୱଫ୍‌ଫୈତହୁ ମିନ୍‌ନା**

فَتَوَفَّہٗ عَلَی الْاِیْمَان

اس کو ایمان کے ساتھ وفات دے۔

ତାକୁ ବିଶ୍ୱାସକାରୀ ଥିବା ଅବସ୍ଥାରେ ହିଁ ମୃତ୍ୟୁ ଦିଅ — **ଫତୱ୍ୱଫ୍‌ଫହୁ ଅଲ୍‌ଲ ଇମାନେ**

اَللّٰھُمَّ لَا تَحْرِمْنَا اَجْرَہٗ

اے اللہ اس کے اجر و ثواب سے ہمیں محروم نہ رکھ

ହେ ଅଲ୍ଲାଃ ! ଆମକୁ ବଞ୍ଚିତ ରଖ ନାହିଁ ତାହାର ପୁଣ୍ୟ କର୍ମଫଳରୁ । — **ଅଲ୍ଲାହୁମ୍ମା ଲା'ତହରିମ୍‌ନା ଅଜ୍‌ରହୁ**

وَلَا تَفْتِنَّا بَعْدَہٗ

اور اس کے بعد ہمیں کسی فتنہ میں نہ ڈال۔

ଏବଂ ଏହାପରେ ଆମକୁ କୌଣସି କଳହଜନିତ କ୍ଲେଶରେ ପକାଅ ନାହିଁ — **ୱ୍ଲା ତଫ୍‌ତିନ୍‌ନା ବା'ଦହୁ**

## ଦ୍ୱିତୀୟ ଜନାଜାଃ ପ୍ରାର୍ଥନା

دوسری دُعائے جنازہ

اَللّٰهُمَّ اغْفِرْلَهٗ
اے اللہ تعالیٰ! اس کو بخش دے اور اس پر رحم فرما
ହେ ଅଲ୍ଲାଃ ! ଏହାର ଦୋଷକୁ ଘୋଡାଇ ଦିଅ — ଅଲ୍ଲାହୁମ୍ମ ମଗଫିର୍‌ଲହୁ

وَارْحَمْهُ وَعَافِهٖ وَاعْفُ عَنْهُ
اور اس کو معاف فرما اور اس سے درگزر فرما
ଏବଂ ଏହା ପ୍ରତି ଦୟାକର ଓ ଏହାକୁ କ୍ଷମା କର ଓ ଆମ୍ଭାକୁ ଶାନ୍ତିରେ ରଖ — ୱ୍ରହମ୍‌ହୁ ୱ୍ଆଫିହୀ ୱ୍ଫୁଅନ୍‌ହୁ

وَاَكْرِمْ نُزُلَهٗ
اور اس کو عزت دے
ଏବଂ ଏହାକୁ ଉଚ୍ଚକୋଟିର ସମ୍ମାନ ପ୍ରଦାନ କର — ୱ୍ଅକରିମ୍ ନୁଜୁଲହୁ

وَوَسِّعْ مَدْخَلَهٗ
اور اس کے داخل ہونے کی جگہ کشادہ بنا۔
ଏବଂ ଏହାର ପ୍ରବେଶ ସ୍ଥାନକୁ ତୁମ ସାମିପ୍ୟ ଲାଭ ସକାଶେ ପ୍ରଶସ୍ତ କରିଦିଅ — ୱ୍ ଓସ୍‌ସିୟ୍ ମଦ୍‌ଖିଲହୁ

وَاغْسِلْهُ بِالْمَآءِ وَالثَّلْجِ وَالْبَرَدِ
اور غسل دے اس کو پانی اور برف اور اولوں سے
ଏବଂ ପବିତ୍ର ସ୍ନାନ କରାଇ ଦିଅ ଏହାକୁ ପାଣି ଓ ବରଫର ଓ କୁଆପଥରରେ — ୱ୍ଗସିଲ୍‌ହୁ ବିଲମା'ଏ ୱ୍ସ୍‌ସଲଜେ ୱ୍ଲ୍‌ବରଦେ

وَنَقِّهٖ مِنَ الْخَطَايَا
اور صاف کر اس کو خطاؤں سے
ଏବଂ ସମସ୍ତ ପାପକୁ ଧୋଇଦେଇ ଏହାକୁ ନିର୍ମଳ କରିଦିଅ — ୱ୍ନକ୍‌କିହୀ ମିନଲ୍ ଖତାୟା

كَمَا يُنَقَّى الثَّوْبُ الْاَبْيَضُ مِنَ الدَّنَسِ
جیسا کہ سفید کپڑا میل سے صاف ہوتا ہے۔
ଯେପରି ଧଳା ଲୁଗାକୁ ମଇଳା କାଢି ସଫା କରାଯାଏ — **କମା ୟୁନକ୍‌କସ୍ ସୌବୁଲ୍ ଅବ୍‌ୟଜୋ ମନଦ୍‌ଦନସେ**

وَاَبْدِلْهُ دَارًا خَيْرًا مِّنْ دَارِهٖ
اور اس کو اس کے گھر کے بدلہ میں اچھا گھر عطا فرما
ଏବଂ ଏହାକୁ ଏହାର ଘର ବଦଳରେ ଉତ୍କୃଷ୍ଟ ଗୃହ ପ୍ରଦାନ କର । — ୱ୍ଅବ୍‌ଦିଲହୁ ଦାରନ୍ ଖୈରମ୍ ମିନ୍‌ଦାରିହୀ

وَاَهْلًا خَيْرًا مِّنْ اَهْلِهٖ
اور اہل اچھا اس کے اہل سے۔
ଏବଂ ଏହାର ପରିବାର ଠାରୁ ଅଧିକ ଉତ୍ତମ ପରିବାର — ୱ୍ଅହଲନ୍ ଖୈରମ୍ ମିନ୍ ଅହଲେହୀ

وَزَوْجًا خَيْرًا مِّنْ زَوْجِهٖ
اور ساتھی اچھا اس کے ساتھی سے
ଏବଂ ଅର୍ପଣ କର ଉତ୍କୃଷ୍ଟ ଜୀବନସାଥୀ ଏହାର ସାଥୀଠାରୁ — ୱ୍ଜଓଜମ୍ ଖୈରମ୍ ମିନ୍ ଜଓଜେହୀ

وَاَدْخِلْهُ الْجَنَّةَ
اور اس کو بہشت میں داخل کر۔
ଏବଂ ଏହାକୁ ବୈକୁଣ୍ଠରେ ପ୍ରବେଶ କରାଅ — ୱ୍ଅଦ୍‌ଖିଲ୍‌ହୁଲ ଜନ୍‌ନତା

وَاَعِذْهُ مِنْ عَذَابِ الْقَبْرِ
اور اس کو قبر کے عذاب سے محفوظ رکھ۔
ଏବଂ ଏହାକୁ  ରକ୍ଷାକର କବର ଯନ୍ତ୍ରଣାରୁ — ୱ୍ଅଇଜ୍‌ହୁ ମିନ୍ ଅଜାବିଲ୍ କବ୍‌ରେ

وَمِنْ عَذَابِ النَّارِ
اور آگ کے عذاب سے
ଏବଂ ନରକ ଅଗ୍ନିର ଶାସ୍ତିରୁ ମଧ ॥ — ୱ୍ମିନ୍ ଅଜାବିନ୍ ନା'ର୍ ॥

ମୃତ ଶବାଧାରକୁ କବର ମଧ୍ୟରେ ନେଇ ଶୁଆଇ ଦେବା ସମୟରେ ଏହି ଦୁଆ ପାଠ କରିବା ଉଚିତ ।

بِسْمِ اللهِ عَلٰى مِلَّةِ رَسُوْلِ اللهِ صَلَّى اللهُ عَلَيْهِ وَسَلَّمَ۔

**ବିସ୍‌ମିଲ୍ଲାହି ଅଲା ମିଲ୍ଲତି ରସୁଲିଲ୍ଲାହି ସଲ୍ଲାଲ୍ଲାହୁ ଆଲୈହି ଓସଲ୍ଲମ୍‌ା**

ମୃତ ଶରୀରକୁ କବର ମଧ୍ୟରେ ରଖି ସାରି ବନ୍ଦ ହୋଇଥିବା କଫନର ଚାଦରକୁ ଖୋଲି ଦେଇ ମୃତକର ମୁହଁକୁ କିବଲା (ପଶ୍ଚିମ ଦିଗ) ଆଡକୁ ବୁଲାଇଦେବ । କବର ପ୍ରସ୍ତୁତ ହେବା ପରେ ମାଟି ଦେଇ ସାରି ମୃତକର ଆତ୍ମାର ସଦଗତି ପାଇଁ  ଇଜତିମାଇ ଦୁଆ (ସାମୁହିକ ନୀରବ ପ୍ରାର୍ଥନା) କରାଯାଏ । ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ଓ ସେମାନଙ୍କୁ  ଧୈର୍ଯ୍ୟ ଧରିବାର ମନୋବଳ ବଢାଇବା ଆବଶ୍ୟକ । ସେମାନଙ୍କୁ ସାନ୍ତ୍ୱନା ଦେବାର ଏହି ଅବସ୍ଥା ତିନିଦିନ ପର୍ଯ୍ୟନ୍ତ ରଖିବା ଉଚିତ । ଅବଶ୍ୟ ସ୍ତ୍ରୀ ବିଧବା ହୋଇଯିବା ସ୍ଥିତିରେ ଚାରିମାସ ଦଶଦିନ ପର୍ଯ୍ୟନ୍ତ ସେ ଶୋକ ପାଳନ କରିବେ ।

### ଅଧ୍ୟାୟ ୩

# ନଫିଲ ନମାଜ (ଅତିରିକ୍ତ ଉପାସନା)

## ୧. ନମାଜ-ଏ-ତହଜ୍ଜୁଦ୍ (ତହଜ୍ଜୁଦ ନମାଜ)

ଯେଉଁ ଅତିରିକ୍ତ ଉପାସନା ନିଶାର୍ଦ୍ଧ ଠାରୁ ଆରମ୍ଭ କରି ବ୍ରାହ୍ମ ମୂହୁର୍ତ୍ତ ପର୍ଯ୍ୟନ୍ତ ଅର୍ଥାତ ଇଶା ନମାଜ ପରେ ନିଦ୍ରା ଯିବା ପରଠାରୁ ପ୍ରାତଃକାଳୀନ ଫଜର୍ ନମାଜ ସମୟର ପୂର୍ବ ପର୍ଯ୍ୟନ୍ତ ନିଦ୍ରା ସୁଖ ତ୍ୟାଗ କରି ପାଠ କରାଯାଏ, ତାହାର ନାମ 'ତହଜ୍ଜୁଦ ନମାଜ' । କୁହାଯାଏ ଯେ ରାତ୍ରିର ଶେଷ ପହରରେ ଭକ୍ତର ଡାକ ଶୁଣିବା ପାଇଁ ଅଲ୍ଲାଃ ଆକାଶରୁ ନିମ୍ନ ଭାଗକୁ ଓହ୍ଲାଇ ଆସନ୍ତି ଓ କହନ୍ତି, 'କ'ଣ କେହି ଭକ୍ତ ମୋତେ କିଛି ମାଗୁଛି ? ଯଦି ତାହା ହେଉଥାଏ, ମୁଁ ତାକୁ ସେସବୁ ଦେଇଦେବି ।' ଏଥିରୁ ଜଣାପଡେ ଯେ ଏହି ନମାଜରେ ଯେଉଁ ସବୁ ପ୍ରାର୍ଥନା କରାଯାଏ ବା ଭକ୍ତ ଗୁହାରି କଲାବେଳେ ପ୍ରଭୁଙ୍କୁ ଯାହା କିଛି ସମ୍ଭାବ୍ୟ ବିଷୟ ମାଗେ, ସେ ସବୁ ତତ୍କ୍ଷଣାତ୍ ମଞ୍ଜୁର ବା ଗ୍ରହୀତ ହୋଇଥାଏ । କାରଣ ଏହି ନମାଜରେ ଅପରିମିତ କଲ୍ୟାଣ ଓ ସୁଖ ସମୃଦ୍ଧି ରହିଥାଏ । ଯେତେବେଳେ ଜଣେ ଆଳସ୍ୟ ପରାୟଣ ବ୍ୟକ୍ତି ବିଛଣାରେ ନିଘୋଡ ନିଦରେ ଶୋଇଥାଏ, ସେତିକି ବେଳେ ଅଲ୍ଲାଃଙ୍କ ପରମ ଭକ୍ତ ତଥା ପୁଣ୍ୟବାନ ବ୍ୟକ୍ତି ଆରାମକୁ ବର୍ଜନ କରି ତାଙ୍କ ଠାରେ କ୍ଷମା ଓ କରୁଣା ଭିକ୍ଷା କରୁଥାନ୍ତି । ହଜରତ ମୁହମ୍ମଦ[ସ] ଜଗତର ଉଦ୍ଧାର ପାଇଁ ରାତିସାରା ଉଜାଗର ହୋଇ ଈଶ୍ୱରଙ୍କ ନିକଟରେ ଆକୁଳ ପ୍ରାର୍ଥନା କରୁଥିଲେ । ଏହି ନମାଜକୁ ସେ ସ୍ୱୟଂ ନିୟମିତ ରୂପେ ପାଠ କରିବା ସଙ୍ଗେ ସଙ୍ଗେ ନିଜ ପରିବାରର ଅନ୍ୟମାନଙ୍କୁ ସେଥିପାଇଁ ନିଦରୁ ଉଠାଉଥିଲେ ।

ତହଜ୍ଜୁଦ ନମାଜ ଆଠ ରକାତ ବିଶିଷ୍ଟ । ଏହାକୁ ଦୁଇ ଦୁଇ ରକାତ ହିସାବରେ ପଢିବାକୁ ହେବ । ଯଦି ସମୟ କମ ଥିବ, ତେବେ କେବଳ ଦୁଇ ରକାତ ମଧ୍ୟ ପଢାଯାଇ ପାରିବ । ରମଜାନ ମାସରେ ଏହା ବଦଳରେ 'ତରାୱିଃ ନମାଜ' ଆଠ ରକାତ ପଢାଯାଏ । କିନ୍ତୁ ବର୍ଷର ଅନ୍ୟ ସମୟରେ ତହଜ୍ଜୁଦ ନମାଜର ଆଲୋଚ୍ୟ ଆଠ ରକାତ ପଢି ସାରିଲା ପରେ ୱିତର ତିନି ରକାତ ପଢି ଏହା ଶେଷ କରାଯାଏ । ଅନ୍ୟ ସମସ୍ତ ନଫିଲ ନମାଜ ମଧ୍ୟରେ ଏହା ଶ୍ରେଷ୍ଠ ବିବେଚିତ ହୋଇଥାଏ । କାରଣ ଏହା ରାତ୍ରିକାଳୀନ ଏକାନ୍ତ ଉପାସନା ହୋଇଥିବା ଯୋଗୁଁ ଏହାର ମହତ୍ତ୍ୱ ଅଧିକ ଓ ଏହି ସମୟରେ ପ୍ରାର୍ଥନାଗୁଡିକ ଅତ୍ୟନ୍ତ ପ୍ରଭାବଶାଳୀ ।

## ୨. ନମାଜ-ଏ-ଇଶ୍‌ରାକ

ଇଶରାକ ନମାଜ ସୂର୍ଯ୍ୟ ଉଦୟ ହେବା ପରେ ପୂର୍ବାକାଶରେ ଚାରି ପାଞ୍ଚ ମିଟର ଉପରକୁ ଦେଖାଯିବା ସମୟ ପର୍ଯ୍ୟନ୍ତ ପଢିବାକୁ ହୁଏ । ଏହି ନମାଜରେ ଅନେକ କଲ୍ୟାଣ ରହିଛି । ଏହି ନମାଜ ଦୁଇ ରକାତରୁ ନେଇ ଚାରି ରକାତ ନଫିଲ (ଅତିରିକ୍ତ) ସ୍ୱରୂପ ପାଠ କରାଯାଏ ।

## ୩. ନମାଜ-ଏ-ଚାଶ୍‌ତ୍

ଇଶାରକ ନମାଜର ଅଳ୍ପ ସମୟ ପରେ ଚାଶ୍‌ତ ନମାଜ ପଢାଯାଏ । ଏହା ଚାରି ରକାତରୁ ବାର ରକାତ ପର୍ଯ୍ୟନ୍ତ ପଢାଯାଇ ପାରେ । ତେବେ ଏହାପରେ ଅନ୍ୟ ଏକ ନଫିଲ ନମାଜ ମଧ୍ୟ ଅଛି । ଏହାକୁ 'ନମାଜ ଜୁହା'

କୁହାଯାଏ । ଦିନର ଦ୍ୱିପହର ଆରମ୍ଭରେ ଅର୍ଥାତ ପ୍ରାୟ ଦିନ ନଅଟାରୁ ଦଶଟା ବେଳେ ଏହା ପାଠ କରାଯାଏ । ଏହା ଦୁଇ ରକାତରୁ ଆଠ ରକାତ ପର୍ଯ୍ୟନ୍ତ ।

## ୪. ନମାଜ-ଏ-ଜଓ୍ୱାଲ୍

ଯେତେବେଳେ ସୂର୍ଯ୍ୟ ପଶ୍ଚିମ ଦିଗରେ ଢଳିବା ଆରମ୍ଭ ହୋଇଯିବ, ସେତେବେଳେ ଏହି ନମାଜ ପଢାଯାଇ ପାରିବ । ଜଓ୍ୱାଲ ନମାଜ ଦୁଇରୁ ଚାରି ରକାତ ପଢାଯାଏ ।

## ୫. ନମାଜ-ଏ-ଅଓ୍ୱାବିନ୍

ମଗରିବ ନମାଜ ପରଠାରୁ ଇଶା ନମାଜର ଅଜାନ ହେବା ପର୍ଯ୍ୟନ୍ତ ରହିଥିବା ସମୟ ମଧ୍ୟରେ ଯେଉଁ ସବୁ ନଫିଲ ନମାଜ ପଢାଯାଏ, ତାକୁ 'ନମାଜ-ଏ-ଅଓ୍ୱାବିନ୍' କୁହାଯାଏ ।

## ୬. ନମାଜ-ଏ-ଇସତସକା (ବର୍ଷା ଭିକ୍ଷା ଉପାସନା)

ଯଦି ବର୍ଷା ନ ହେବା ଯୋଗୁଁ ମରୁଡିର ଆଶଙ୍କା ଦେଖାଦିଏ ଓ ବର୍ଷାର ଯଥେଷ୍ଟ ଆବଶ୍ୟକତା ଥାଏ, ତେବେ ଲୋକମାନେ ଗ୍ରାମ ବା ସହର ବାହାରେ ଏକ ଖୋଲା ସ୍ଥାନରେ ଜମା ହେବେ । ଇମାମ୍ ଏକ ଚାଦର ଘୋଡି ହୋଇଥିବେ ଓ ସେମାନଙ୍କୁ ଦୁଇ ରକାତ ନମାଜ ପଢାଇବେ । ସେ ଉଚ୍ଚ ସ୍ୱରରେ ଆରବି ମନ୍ତ୍ର ଆବୃତ୍ତି କରିବେ । ଏହାପରେ ଖୁତବା (ଅଭିଭାଷଣ)ଦ୍ୱାରା କିଛି ଉପଦେଶ ଦେବେ ଓ ନିଜ ଆସନକୁ ଓଲଟାଇ ଦେବେ । ଏହାପରେ କିବଲା ଆଡକୁ ମୁହଁ କରି ଇମାମ ହାତ ଉଠାଇ ଅତି ବନିମ୍ରତା ସହକାରେ ଅଲ୍ଲାଃଙ୍କ ଠାରେ କ୍ଷମାଭିକ୍ଷା ପୂର୍ବକ ଦୁଆ କରାଇବେ । ଫଳରେ ଯେଉଁ ପାପ ଯୋଗୁଁ ବର୍ଷା ହେଉନାହିଁ, ଅଲ୍ଲାଃ ସଦୟ ହୋଇ ସେ ସବୁକୁ ଦୂର କରିଦେବେ ଓ ନିଜ କରୁଣାର ଚାଦର ଭକ୍ତମାନଙ୍କ ପ୍ରତି ମେଲାଇ ଦେବେ, ଯଦ୍ଦ୍ୱାରା ନିର୍ମଳ ଆକାଶରେ ଖଣ୍ଡେ କଳା ବାଦଲ ଦେଖାଯିବ । ତତ୍‌ସହିତ ଆକାଶ ମେଘାଚ୍ଛନ୍ନ ହୋଇଯିବା ସଙ୍ଗେ ସଙ୍ଗେ ବର୍ଷା ଚାହୁଁଚାହୁଁ ମାଡି ଆସିବ ।

## ୭. ନମାଜ କୋସୁଫ୍ ଓ ଖୋସୁଫ

نماز کسوف و خسوف

ସୂର୍ଯ୍ୟ ପରାଗକୁ 'କୋସୁଫ' ଓ ଚନ୍ଦ୍ର ଗ୍ରହଣକୁ 'ଖୋସୁଫ' କୁହାଯାଏ । ଗ୍ରହଣ ଲାଗିଥିବା ସମୟରେ ସମସ୍ତ ଲୋକ ମସଜିଦ କିମ୍ବା କୌଣସି ଖୋଲା ପଡିଆରେ ଏକତ୍ରିତ ହୋଇ ଦୁଇ ରକାତ ସାମୁହିକ ନମାଜ ପାଠ କରିବା ଉଚିତ । ଏହି ନମାଜ ପାଇଁ ଅଜାନ ଓ ଇକାମତ୍ ନାହିଁ । ଏଥିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କରାଯାଏ ଓ ପ୍ରତ୍ୟେକ ରକାତରେ ଦୁଇ ଦୁଇଟି ଲେଖାଏଁ ରୁକୁ (ଆଣ୍ଠୁରେ ଭରା ଦେଇ ନଇଁବାର ମୁଦ୍ରା) କରାଯାଏ । ଅର୍ଥାତ ଦୁଇ ଥର ରୁକୁ କରିସାରି ସଜଦାଃକୁ ଯିବା ଉଚିତ । ଉଚ୍ଚ ସ୍ୱରରେ ମନ୍ତ୍ର ପାଠ କରିବା ସହିତ ଏହି ନମାଜର ରୁକୁ ଓ ସଜଦାଃ ଲମ୍ବା କରାଯିବା ଉଚିତ । ସୂର୍ଯ୍ୟ ପରାଗ କିମ୍ବା ଚନ୍ଦ୍ର ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ନମାଜ କୋସୁଫ ଓ ଖୋସୁଫକୁ ଜାରି ରଖିବା ଉଚିତ । ନମାଜ ପରେ ଇମାମ ଖୁତବା ଦେବେ, ଯହିଁରେ ତୌବା ଓ ଇସ୍ତଗଫାର (ପାପର ପ୍ରାୟଶ୍ଚିତ ଓ କ୍ଷମା ପ୍ରାର୍ଥନା) କରିବା ତଥା ନିଜ କର୍ମର ସୁଧାର ପାଇଁ ନୀତି ଉପଦେଶ ଦେବା ଆବଶ୍ୟକ ।

## ୮. ସଲାତୁତ୍ ତସବିହ (ଜପ ଭିତ୍ତିକ ନମାଜ)

صلوٰۃ التسبیح

ଏହି ନମାଜକୁ ସମୟ ସୁବିଧା ଦେଖି ଫୁରସତ ଅନୁଯାୟୀ ପ୍ରତ୍ୟେକ ଦିନ, ପ୍ରତି ସପ୍ତାହରେ, ପ୍ରତି ବର୍ଷ ବା ଅନ୍ତତଃ ଜୀବନରେ ଥରେ ହେଲେ ପାଠ କରିବା ଉଚିତ । ଏହାକୁ ପଢିବା ଦ୍ୱାରା ସମସ୍ତ ପ୍ରକାର ଆଧ୍ୟାତ୍ମିକ ଓ ସାଂସାରିକ କଲ୍ୟାଣ ପ୍ରାପ୍ତ ହେବ ବୋଲି ହଜରତ ମୁହମ୍ମଦ[ସଅ] କହିଛନ୍ତି ।

ଏହି ନମାଜ ଚାରି ରକାତ ବିଶିଷ୍ଟ । ଜପ ବା ତସବିହ୍ କରାଯାଉଥିବା ଏହି ନଫିଲ ନମାଜର ପଢିବାର ଶୈଳୀ ହେଉଛି ପ୍ରତ୍ୟେକ ରକାତରେ 'ସୁରଃ ଫାତିହା' ପଢିବା ପରେ ପବିତ୍ର କୁରଆନର ଅନ୍ୟ କୌଣସି ଏକ ସୁରଃ ଆବୃତ୍ତି କରିବ । ଏହା ପରେ ନିମ୍ନଲିଖିତ ତସବିହ୍‌କୁ **୧୫ଥର** ଆବୃତ୍ତି କରିବା ସଙ୍ଗେ ସଙ୍ଗେ ନମାଜର ଏହି ସବୁ ମୁଦ୍ରାରେ ଥିବା ଅବସ୍ଥାରେ ମଧ୍ୟ ପଢିବାକୁ ହେବ ।

سُبْحَانَ اللّٰہِ وَالْحَمْدُ لِلّٰہِ وَلَآ اِلٰہَ اِلَّا اللّٰہُ وَاللّٰہُ اَکْبَرُ

**ସୁବ୍‌ହନଲ୍ଲାହେ ୱଲହମଦୁ ଲିଲ୍ଲାହେ ୱଲାଇଲାହା ଇଲ୍ଲଲ୍ଲାହୁ ୱଲ୍ଲାହୁ ଅକ୍‌ବରୋ**

'ସେହି ଅଲ୍ଲାଃ ହିଁ ପବିତ୍ର ଓ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ । ଏବଂ ନାହିଁ କେହି ଉପାସ୍ୟ ଅଲ୍ଲାଃଙ୍କ ବ୍ୟତୀତ ଓ ଅଲ୍ଲାଃହିଁ ସର୍ବଶ୍ରେଷ୍ଠ ।'

ଉପର ମନ୍ତ୍ରଟି ଜପ କରିବା ପାଇଁ ହେଲେ ସାଧାରଣ ନମାଜରେ ଯେଉଁ ମୁଦ୍ରା ସବୁ ରହିଛି ପ୍ରତ୍ୟେକ ରକାତରେ ସଂପୃକ୍ତ ମୁଦ୍ରାର ନିର୍ଦ୍ଦିଷ୍ଟ ମନ୍ତ୍ର କହି ସାରିବା ପରେ ଏହାକୁ **୧୦ ଥର ଲେଖାଏଁ** ପଢିବାକୁ ହେବ ।

(୧) ରୁକୁରେ ଥାଇ (୨) ରୁକୁରୁ ଛିଡା ହେଇ (୩) ସଜଦାରେ ଥାଇ (୪) ସଜଦାରୁ ଉଠି ବସିବା ଅବସ୍ଥାରେ (୫) ଦ୍ୱିତୀୟ ସଜ୍‌ଦାରେ ଥାଇ ଓ (୬) ସଜଦାରୁ ଉଛି ବସି ରହି । ଏହିପରି ଭାବରେ ଗୋଟିଏ ରକାତରେ ୬୦ (ଷାଠିଏ) ଥର ଏବଂ ଏହା ଆଗରୁ ପ୍ରଥମେ ପଢାଯାଉଥିବା ୧୫ ଥରକୁ ମିଶାଇ ୭୫ ଥର ହିସାବରେ ଚାରି ରକାତରେ **ସର୍ବମୋଟ ୩୦୦ ଥର** ଏହି ତସବିହକୁ ପାଠ କରାଯିବ ।

## ୯. ନମାଜ ହାଜତ୍ : (ଅଭିଲାଷ ପୂରଣକାରୀ ନମାଜ) نماز حاجت

କୌଣସି ମନସ୍କାମନା ଥିଲେ କିମ୍ବା ଜରୁରୀ ଆବଶ୍ୟକତା ଦେଖାଦେଲେ, ଅଥବା ଘୋର ଅସୁବିଧାର ସମ୍ମୁଖୀନ ହେଲେ ସେଥିରୁ ଉଦ୍ଧାର ପାଇବା ପାଇଁ ତଥା ଅଭାବ ଅନାଟନ ଦେଖାଦେଲେ ତାର ପୂରଣ ପାଇଁ ନତୁବା କୌଣସି କାର୍ଯ୍ୟରେ ସଫଳ ହେବା ସକାଶେ ଏହି ନଫିଲ ନମାଜ ପଢାଯାଏ । ପ୍ରଥମେ ଓଜୁ କରି ଏହି ଉଦ୍ଦେଶ୍ୟରେ ଦୁଇ ରକାତ ନମାଜ ପଢିବାକୁ ହେବ । ସଲାମ ଫେରାଇ ସାରିବା ପରେ ନିମ୍ନୋକ୍ତ ଦୁଆ ପାଠ କରାଯାଏ ।

لَآ اِلٰہَ اِلَّا اللّٰہُ الْحَلِیْمُ الْکَرِیْمُ
کوئی عبادت کے لائق نہیں سوائے اللہ تعالیٰ کے جو حلم والا عزت والا ہے
**ଲା'ଇଲାହା ଇଲ୍‌ଲଲ୍ଲାହୁଲ ହଲିମୁଲ୍ କରିମ୍**
କେହି ଉପାସ୍ୟ ନୁହନ୍ତି ଅଲ୍ଲାଃଙ୍କ ବ୍ୟତୀତ, ସେ ଧୈର୍ଯ୍ୟଶୀଳ ଓ ମର୍ଯ୍ୟାଦାବନ୍ତ

سُبْحَانَ اللّٰہِ رَبِّ الْعَرْشِ الْعَظِیْمِ
پاک ہے اللہ تعالیٰ بڑے عرش والا ہے
**ସୁବ୍‌ହାନଲ୍ଲାହି ରବ୍‌ବିଲ ଅର୍‌ଶିଲ୍ ଅଜିମ୍**
ମୋର ପାଳନକର୍ତ୍ତା ପବିତ୍ର ସର୍ବୋଚ୍ଚ ସ୍ଥାନର ଅଧିକାରୀ

وَالْحَمْدُ لِلّٰہِ رَبِّ الْعَالَمِیْنَ
اور سب تعریف اللہ تعالیٰ کیلئے ہے جو تمام مخلوق کا پرورش کرنیوالا ہے۔
**ୱଲ୍‌ହମଦୁ ଲିହ୍ଲାହି ରବ୍‌ବିଲ ଆଲମିନ୍**
ଏବଂ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଯିଏ ସମସ୍ତ ସୃଷ୍ଟିର ପାଳନକର୍ତ୍ତା

اَسْأَلُكَ مُوْجِبَاتِ رَحْمَتِكَ
میں چاہتا ہوں تجھ سے ان کاموں کی توفیق جو تیری رحمت کا موجب ہوں
**ଅସ୍‌ଅଲୁକା ମୁ'ଜିବାତେ ରହ୍‌ମତିକା**
ମୁଁ ସେହି କାର୍ଯ୍ୟ ପାଇଁ ତୁମ୍ଭଠାରୁ ସାମର୍ଥ୍ୟ ଲୋଡୁଛି, ତୁମ କୃପା ସହିତ

وَعَزَائِمَ مَغْفِرَتِكَ
جن سے تیری بخشش ہو۔
**ୱଅଜାଏମା ମଗଫିରତିକା**
ଯେଉଁଥିରେ କ୍ଷମା ମାର୍ଜନା କରିବାର ତୁମ୍ଭ ଅନୁକମ୍ପା ରହିଥିବ

وَالْغَنِيْمَةَ مِنْ كُلِّ بِرٍّ
اور ہر ایک نیکی کی غنیمت
ଏବଂ ଯାହା ପ୍ରତ୍ୟେକ ସତକର୍ମ ପାଇଁ ପୁଣ୍ୟ ପ୍ରାପ୍ତିର ଆଶୀର୍ବାଦ ହୋଇଥିବ **ୱଲ୍ ଗନିମତା ମିନ୍‌କୁଲ୍ଲେ ବିର୍‌ରୁଁ୍ୟ**

وَالسَّلَامَةَ مِنْ كُلِّ اِثْمٍ
اور سلامتی ہر ایک گناہ سے۔
ଓ ପ୍ରତ୍ୟେକ ପାପରୁ ମୁକ୍ତି ପାଇଁ ଶାନ୍ତି ଓ ନିରାପତ୍ତା ଦେଉଥିବ **ୱସ୍ ସଲାମତା ମିନ୍‌କୁଲ୍ଲି ଇସ୍‌ମିନ୍**

لَا تَدَعْ لِيْ ذَنْبًا اِلَّا غَفَرْتَهٗ
نہ چھوڑے تو میرا کوئی گناہ بجز بخش دینے کے
ତୁମ୍ଭେ ମୋର କୌଣସି ପାପକୁ ଛାଡିଦିଅ ନାହିଁ, କ୍ଷମା କରିବା ବିନା **ଲା'ତଦାଲି ଜନ୍‌ବନ୍ ଇଲ୍ଲା ଗଫର୍‌ତହୁ**

وَلَا هَمًّا اِلَّا فَرَّجْتَهٗ
اور نہ کوئی غم بجز دور کر دینے کے
ଓ ମୋର କୌଣସି ଦୁଃଖ ମୋ ଠାରୁ ଦୂର କରିବା ବିନା **ୱଲା ହମ୍‌ମନ୍ ଇଲ୍ଲା ଫର୍‌ରଜ୍‌ତହୁ**

وَلَا حَاجَةً هِيَ لَكَ رِضًا
اور نہ کوئی حاجت جو تیری مرضی کے موافق ہے
ଏବଂ ନା କୌଣସି ମୋର ମନବାଞ୍ଛା ଯାହା **ୱଲା ହାଜତନ ହେୟା ଲକାରିଜନ୍**
ତୁମ୍ଭ ଇଚ୍ଛାର ଅନୁବର୍ତ୍ତୀ ହୋଇଥିବ

اِلَّا قَضَيْتَهَا يَا اَرْحَمَ الرَّاحِمِيْنَ
سوائے پورا کر دینے کے لے سب رحم کرنے والوں سے بڑھ کر رحم کرنے والے!
ତାହା ପୂରଣ କରିବା ବିନା ହେ ସବୁଠାରୁ ବଳି ପରମ ଦୟାଳୁ! **ଇଲ୍ଲା କଜୈତାହା ୟାଅର୍‌ହମର ରାହିମିନ୍**

## ୧୦. ନମାଜ ଇସ୍ତେଖାରା : (କଲ୍ୟାଣ ଭିକ୍ଷାକାରୀ ନମାଜ)

କୌଣସି ମହତ୍ୱପୂର୍ଣ୍ଣ ଧାର୍ମିକ ଓ ସାଂସାରିକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେଥିରେ ସମୃଦ୍ଧି ଲାଭ କରିବା ତଥା ସଫଳତା ପ୍ରାପ୍ତି ସକାଶେ ଏହି ଅତିରିକ୍ତ ନମାଜ ପଢ଼ାଯାଏ । ରାତିରେ ଶୋଇବା ଆଗରୁ ଦୁଇ ରକାତ ନମାଜ-ଏ-ଇସ୍ତେଖାରା ପାଠ କରାଯାଏ । ଏହି ନମାଜ ମାଧ୍ୟମରେ କୌଣସି ଶୁଭ କାର୍ଯ୍ୟ କରିବା ପାଇଁ ସଂକଳ୍ପ କଲାବେଳେ ଅଲ୍ଲାଃଙ୍କ ନିକଟରେ କଲ୍ୟାଣ ଭିକ୍ଷା କରାଯାଏ ଓ ଅଲ୍ଲାଃ ତାହାର କଲ୍ୟାଣ ଦାୟକ ପନ୍ଥା ବା ଉପାୟ ସମ୍ବନ୍ଧରେ ଭକ୍ତକୁ ଜଣାଇ ଦିଅନ୍ତି । କିନ୍ତୁ ସବୁ ସମୟରେ ନୁହେଁ । ବେଳେ ବେଳେ ସ୍ୱପ୍ନ ମାଧ୍ୟମରେ ବା ଅଲୌକିକ ଦୃଶ୍ୟ ଦ୍ୱାରା ତାହାର ସୂଚନା ମିଳେ । ଅନ୍ୟ କେତେକ ସମୟରେ ପ୍ରାର୍ଥନାକାରୀ ପାଇଁ ଯାହା ମଙ୍ଗଳକର ଓ ଶୁଭଦାୟକ ଅଲ୍ଲାଃ ସେହି ଦିଗକୁ ତା'ର ମନକୁ ଫେରାଇ ନିଅନ୍ତି । ଏହି ନମାଜ ପଢ଼ିବା ପାଇଁ ପ୍ରକୃଷ୍ଟ ସମୟ ହେଉଛି ଇଶା ନମାଜ ଶେଷ ହେବା ପରେ । ଏଥିରେ ସାଧାରଣ ନମାଜରେ କରାଯାଉଥିବା ଅନ୍ୟ ଦୁଆ ସହିତ ନିମ୍ନଲିଖିତ ବିଶେଷ ଦୁଆ ମଧ୍ୟ ପଢ଼ିବା ଜରୁରୀ ।

ତେବେ ଏହି ନମାଜକୁ ନିଷିଦ୍ଧ ସମୟ ବ୍ୟତୀତ ଅନ୍ୟ ସବୁ ସମୟରେ ପଢ଼ା ଯାଇପାରିବ । କିନ୍ତୁ ରାତିରେ ଶୋଇବା ପୂର୍ବରୁ ଏହା ପ ଢ଼ିବା ସବୁଠାରୁ ଉତ୍କୃଷ୍ଟ ସମୟ । ପ୍ରଥମ ରକାତରେ 'ସୁରଃ ଫାତିହା' ପରେ 'ସୁରଃ ଅଲ୍ କାଫିରୁନ୍' ଏବଂ ଦ୍ୱିତୀୟ ରକାତରେ 'ସୁରଃ ଇଖଲାସ' ପଢ଼ିବା ଶ୍ରେୟସ୍କର । ତା'ପରେ ଏହି ନିର୍ଦ୍ଦିଷ୍ଟ ଦୁଆ ସ୍ୱତନ୍ତ୍ର ଭାବେ ପଢ଼ିବା ଜରୁରୀ । ଏହି ପ୍ରାର୍ଥନାକୁ **'ଦୁଆ-ଏ-ଇସ୍ତେଖାରା'** କୁହାଯାଏ ।

### ଦୁଆ-ଏ-ଇସ୍ତେଖାରା
دعائے استخارہ

اَللّٰهُمَّ اِنِّيْٓ اَسْتَخِيْرُكَ بِعِلْمِكَ
اے اللہ میں تیرے علم کے ساتھ تجھ سے خیر طلب کرتا ہوں
ହେ ଅଲ୍ଲାଃ ! ମୁଁ ତୁମ୍ଭ ଜ୍ଞାତସାରରେ ଯାହା **ଅଲ୍ଲାହୁମ୍ମା ଇନ୍‌ନି ଅସ୍‌ତଖୀରୁକା ବିଇଲ୍‌ମିକା**
କଲ୍ୟାଣ ଦାୟକ, ତାହାର କାମନା କରୁଛି

وَاَسۡتَقۡدِرُكَ بِقُدۡرَتِكَ — اور تیری قدرت کے ذریعہ قدرت طلب کرتا ہوں

ୱ ଅସତକ୍‌ଦିରୁକା ବିକୁଦ୍‌ରତିକା — ଏବଂ ତୁମ୍ଭଠାରୁ ବଳିଷ୍ଠ ସାମର୍ଥ୍ୟ ଲୋଡୁଅଛି, ତୁମ୍ଭର ଅପରିମିତ ଶକ୍ତି ମଧ୍ୟରୁ

وَاَسۡئَلُكَ مِنۡ فَضۡلِكَ الۡعَظِيۡمِ — اور تجھ سے بڑا فضل مانگتا ہوں۔

ୱଅସ୍‌ଅଲୁକା ମିନ୍ ଫଜ୍‌ଲିକଲ୍ ଅଜୀମ୍ — ଏବଂ ତୁମ୍ଭଠାରୁ ବଡ ଆଶୀଷ ଭିକ୍ଷା କରୁଛି, ତୁମ୍ଭର ଅପାର ଅନୁଗ୍ରହ ମଧ୍ୟରୁ

فَاِنَّكَ تَقۡدِرُ وَلَا اَقۡدِرُ — کیونکہ تو طاقت رکھتا ہے اور میں طاقت نہیں رکھتا

ଫଇନ୍‌ନକା ତକ୍‌ଦିରୁ ୱଲା ଅକ୍‌ଦିରୁ — କାରଣ ତୁମ୍ଭେ ସର୍ବଶକ୍ତିମାନ, କିନ୍ତୁ ମୁଁ ଶକ୍ତିହୀନ

وَتَعۡلَمُ وَلَا اَعۡلَمُ — اور تو جانتا ہے اور میں نہیں جانتا

ୱତା'ଲମୁ ୱଲା ଆ'ଲମୁ — ଏବଂ ତୁମ୍ଭେ ସବୁ କିଛି ଜାଣିଅଛ, ଅଥଚ ମୁଁ କିଛି ଜାଣେ ନାହିଁ

وَاَنۡتَ عَلَّامُ الۡغُيُوۡبِ — اور تو تمام غیب کی باتوں کو اچھی طرح جانتا ہے۔

ୱଅନ୍‌ତା ଅଲ୍ଲାମୁଲ୍ ଗୋୟୁବ୍ — ଏବଂ ତୁମ୍ଭେ ସମସ୍ତ ଅଦୃଶ୍ୟ ବିଷୟରେ ଭଲ ଭାବରେ ଅବଗତ ଅଛ

اَللّٰهُمَّ اِنۡ كُنۡتَ تَعۡلَمُ — اے اللہ اگر تو جانتا ہے کہ

ଅଲ୍ଲାହୁମ୍ମା ଇନ୍ କୁନ୍‌ତା ତା'ଲମୁ — ହେ ଅଲ୍ଲାଃ ! ଯଦି ତୁମ୍ଭେ ଜାଣିଛ ଯେ

اَنَّ هٰذَا الۡاَمۡرَ خَيۡرٌ لِّيۡ — یہ معاملہ میرے لئے بہتر ہے

ଅନ୍‌ନା ହାଜଲ୍ ଅମ୍‌ରା ଖୈରୁଲ୍ଲୀ — ଏହି ବିଷୟରେ ମୋ ପାଇଁ ଉତ୍ତମ ହେବ ।

فِيۡ دِيۡنِيۡ وَمَعَاشِيۡ وَعَاقِبَةِ اَمۡرِيۡ — میرے دین اور میری دنیوی زندگی اور میرے انجام کار میں

ଫିଦିନୀ ୱମା'ଆଶୀ ୱଆକିବତି ଅମ୍‌ରୀ — ମୋ ଧର୍ମପାଇଁ ଓ ମୋର ସାଂସାରିକ ଜୀବନରେ ଓ ମୋ କାର୍ଯ୍ୟର ପରିଣାମ ଦୃଷ୍ଟିରୁ

فِيۡ دِيۡنِيۡ وَمَعَاشِيۡ وَعَاقِبَةِ اَمۡرِيۡ — تو اس کو میرے لئے مقدّر فرمادے۔ اور میرے لئے آسان کردے

ଫଅକ୍‌ଦିର୍‌ହୁଲୀ ୱୟସ୍‌ସିର୍‌ହୁଲୀ — ତେବେ ତୁମ୍ଭେ ମୋ ପାଇଁ ବ୍ୟବସ୍ଥାକୁ ଶୀରୋଧାର୍ଯ୍ୟ ଓ ସହଜସାଧ କରିଦିଅ

ثُمَّ بَارِكۡ لِيۡ فِيۡهِ — پھر میرے لئے اس میں برکت کے سامان پیدا فرما۔

ସୁମ୍ମା ବାରିକ୍‌ଲୀ ଫିହେ — ପୁନଶ୍ଚ ଏହାକୁ ମୋ ପାଇଁ ଆଶୀଷଦାୟକ କରିଦିଅ

ثُمَّ بَارِكۡ لِيۡ فِيۡهِ — اور اگر تو جانتا ہے کہ

ୱଇନ୍ କୁନ୍‌ତା ତା'ଲମୁ — ଏବଂ ଯଦି ତୁମ୍ଭେ ଜାଣିଛ ଯେ

اَنَّ هٰذَا الۡاَمۡرَ شَرٌّ لِّيۡ — یقیناً یہ معاملہ میرے لئے بُرا ہے

ଅନ୍‌ନା ହାଜଲ୍ ଅମ୍‌ରା ଶରରୁଲ୍ଲୀ — ଏହା ନିଶ୍ଚିତ ରୂପେ ମୋ ପାଇଁ ଅହିତକର ହେବ

فِيۡ دِيۡنِيۡ وَمَعَاشِيۡ وَعَاقِبَةِ اَمۡرِيۡ — میرے دین اور دنیوی زندگی کیلئے اور میرے انجام کار میں،

ଫିଦିନୀ ୱମାଆଶୀ ୱଆକିବତି ଅମ୍‌ରୀ — ମୋ ଧର୍ମ ଓ ସାଂସାରୀକ ଜୀବନ ପାଇଁ ତଥା ମୋ କାର୍ଯ୍ୟର ପରିଣାମ ଦୃଷ୍ଟିରୁ

فَاصْرِفْهُ عَنِّيْ وَاصْرِفْنِيْ عَنْهُ
ଫସ୍‌ରିଫ୍‌ହୁ ଅନ୍‌ନୀ ୱସ୍‌ରିଫ୍‌ନୀ ଅନ୍‌ହୁ

پس اس کو مجھ سے ہٹا دے اور مجھ کو اس سے پھیر دے
ତେବେ ଏହାକୁ ମୋ ନିକଟରୁ ଫେରାଇ ନିଅ
ଓ ତା'ନିକଟରୁ ମୋତେ ଦୂରେଇ ଦିଅ

وَاقْدِرْ لِيَ الْخَيْرَ حَيْثُ كَانَ
ୱକ୍‌ଦିର୍‌ଲି ୟଲ୍‌ଖୈରା ହେିସୋ କାନା

اور جہاں بھی بھلائی ہو اسے میرے لئے مقدّر فرما دے
ଏବଂ ଯେଉଁଠାରେ ବି କଲ୍ୟାଣ ନିହିତ ଅଛି,
ତାହା ମୋ ପାଇଁ ବ୍ୟବସ୍ଥିତ କରିଦିଅ

ثُمَّ ارْضِنِيْ بِهٖ
ସୁମ୍ମର୍‌ଜିନୀ ବେହୀ

پھر اس سے مجھ کو رضا عطا کر دے۔
ପୁଣି ସେଥିରେ ମୋତେ ସନ୍ତୋଷ ପ୍ରଦାନ କର ।

## ଅନ୍ୟାନ୍ୟ ନଫିଲ୍ ନମାଜ

دیگر نوافل

ନିମ୍ନରେ ପ୍ରଦତ୍ତ ନମାଜମାନଙ୍କ ସମୟରେ **ଦୁଇ ରକାତ** ଲେଖାଏଁ ନଫିଲ୍ ପଢ଼ାଯାଇ ପାରିବ ।

୧. ଜୁହର ନମାଜର ସୁନ୍ନତ ପରେ ।

୨. ମଗରିବ ନମାଜର ସୁନ୍ନତ ପରେ ତଥା ମଗରିବ ନମାଜ ପୂର୍ବରୁ ।

୩. ଇଶା ନମାଜର ସୁନ୍ନତ ଓ ୱିତର୍ ପରେ ।

୪. ମସଜିଦରେ ପ୍ରବେଶ କରି ସାରି ଏହାର ମାନ୍ୟତା ଦୃଷ୍ଟିରୁ ।

୫. ଓଜୁ କରି ସାରି ଏହାର ମାନ୍ୟତା ଦୃଷ୍ଟିରୁ ।

୬. ପ୍ରତ୍ୟେକ ଅଜାନ (ପାଞ୍ଚବେଳା) ଏବଂ ଇକାମତର ମଧ୍ୟବର୍ତ୍ତୀ ସମୟରେ ।

# ସାମୟିକ ପରିସ୍ଥିତିରେ କୋହଳ ନମାଜ

## ୧) ନମାଜ କଜା (ସମୟାତିକ୍ରାନ୍ତ ନମାଜ)

ଶୋଇ ପଡିଥିଲେ କିମ୍ବା ନିଦ ନଭାଙ୍ଗିଲେ କିମ୍ବା କୌଣସି କାରଣ ବଶତଃ ଯଦି ଜଣେ ବ୍ୟକ୍ତି ଏକ ବା ଏକାଧିକ ନମାଜକୁ ସଠିକ ସମୟରେ ପଢିବାକୁ ପାଶୋରି ଦେଇଥାଏ, ତା' ହେଲେ ସେ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଅଥବା ତା'ର ମନେ ପଡିଗଲେ ସେହି ନମାଜ ସବୁକୁ ସଂପୂର୍ଣ୍ଣ ପଢିବାକୁ ହେବ । ଏପରିକି ଦିନର ପାଞ୍ଚବେଳାଯାକ ନମାଜର ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଅବସ୍ଥାର ପରିବର୍ତ୍ତନ ହେବା ମାତ୍ରେ ସବୁତକ ନମାଜ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ପଢିବାକୁ ପଡିବ । ସେହି ସମୟ ହିଁ 'କଜା ନମାଜ'ର ପ୍ରକୃଷ୍ଟ ସମୟ । ସେଭଳି ପରିସ୍ଥିତିରେ ତା'ର ନମାଜ ନଷ୍ଟ ହୋଇଯାଏ ନାହିଁ,ବରଂ ପରବର୍ତ୍ତୀ ଅବସ୍ଥାରେ ତାହାକୁ ପୂରଣ କରାଯାଇପାରେ । ଏସବୁ ନମାଜ ପଢିବା ଅନିବାର୍ଯ୍ୟ (ଫର୍ଜ୍) କରାଯାଇ ଥିବାରୁ କୌଣସି ନମାଜକୁ ଜାଣିଶୁଣି ଛାଡିଦେବା ଆଦୌ ଉଚିତ ନୁହେଁ ।

## ୨) ନମାଜ କସର (ରିହାତି ମୂଳକ ନମାଜ)

'କସର'ର ଅର୍ଥ ସଂକ୍ଷିପ୍ତ କରିବା । ଯାତ୍ରା କରୁଥିବା ସମୟରେ ନମାଜକୁ ସଂକ୍ଷେପ କରି ପଢାଯାଏ । ଏଥିରେ ସୁନ୍ନତ ପଢିବା ଛାଡ କରାଯାଇଛି । ଫର୍ଜ୍ ନମାଜର ଚାରି ରକାତ ପରିବର୍ତ୍ତେ ଦୁଇ ରକାତ ପଢାଯାଏ । କିନ୍ତୁ 'ମଗରିବ' ନମାଜ ଫର୍ଜ୍ ତିନି ରକାତଯାକ ସଂପୂର୍ଣ୍ଣ ପଢାଯାଏ । କେବଳ 'ଇଶା' ନମାଜର ୱିତର ତିନି ରକାତ ଓ ଫର୍ଜ୍ ନମାଜର ସୁନ୍ନତ ଦୁଇ ରକାତ ପଢିବାକୁ ହେବ ।

ଯଦି ମୁସାଫିର (ଭ୍ରମଣକାରୀ) ସ୍ଥାନୀୟ ଇମାମଙ୍କ ପଛରେ ନମାଜ ପଢୁଥାନ୍ତି, ତେବେ ସଂପୂର୍ଣ୍ଣ ଫର୍ଜ୍ ନମାଜ ତାଙ୍କୁ ପଢିବାକୁ ହେବ । ଯଦି ମୁସାଫିର୍ ନିଜେ ଇମାମ ହୋଇ ପଢାଉଥାନ୍ତି, ତେବେ ତାଙ୍କ ପାଇଁ ପ୍ରଯୁଜ୍ୟ ନିଜର କସର ନମାଜ ହିଁ ପଢାଇବେ । ବାକି ଅଧା ଅଂଶକୁ ସ୍ଥାନୀୟ ମୁକତଦି ସଂପୂର୍ଣ୍ଣ କରି ପଢିନେବେ ।

ନିଜ ବାସସ୍ଥାନ ଠାରୁ ୧୧ ମାଇଲ (୧୫କି.ମି)ରୁ ଅଧିକ ଦୂର ଭ୍ରମଣ କରିବାକୁ ଇଚ୍ଛା କରି ବାହାରିଲେ 'କସର ନମାଜ' ପଢାଯାଏ । କୌଣସି ଏକ ସ୍ଥାନରେ ୧୯ ଦିନରୁ ଅଧିକ ରହିଗଲେ ବା ରହିବାକୁ ମନସ୍ଥ କରିଥିଲେ ଏହି ରିହାତି ମିଳିପାରିବ ନାହିଁ । କିନ୍ତୁ ନିଜର ସ୍ଥାୟୀ ରହଣୀ ସ୍ଥାନ ଛାଡିବା ସଙ୍ଗେ ସଙ୍ଗେ ଏହି ଅବ୍ୟାହତିକୁ ଉପଭୋଗ କରିବା ଉଚିତ । ରହିବାର ନିର୍ଦ୍ଦିଷ୍ଟ ସମୟ ଯେ ପର୍ଯ୍ୟନ୍ତ ଠିକ୍ ନ ହୋଇଛି, ସେ ପର୍ଯ୍ୟନ୍ତ କସର ନମାଜ ପଢିବାକୁ ହେବ । ମାତ୍ର ଯେଉଁ ବ୍ୟକ୍ତି ପ୍ରତିଦିନ ଯାତ୍ରା କରୁଥାଏ, ଯେପରି ବିମାନ ଚାଳକ (ପାଇଲଟ), ଏୟାର ହେଷ୍ଟେସ, ରେଳଗାଡି ଓ ମୋଟର ଗାଡିର ଡ୍ରାଇଭର, ଚାକିରି ବା ବ୍ୟବସାୟ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିୟମିତ ଯିବା ଆସିବା କରୁଥିବା ମୁସଲିମ ପୁରୁଷ ଓ ମହିଳାଙ୍କ ସକାଶେ ଏହି ଅବ୍ୟାହତି ମୂଳକ ନମାଜ ପ୍ରଯୁଜ୍ୟ ନୁହେଁ । ଏପରି ଯାତ୍ରା କାଳରେ ସେମାନେ ନମାଜକୁ ସଂକ୍ଷିପ୍ତ କରିପାରିବେ ନାହିଁ ।

## ୩) ନମାଜ ଜମା (ଏକତ୍ରୀକରଣ ନମାଜ)

କୌଣସି ବ୍ୟକ୍ତି ସ୍ଥାନାନ୍ତର ହେବା ସମୟରେ, ରୋଗରେ ପୀଡିତ ଥିବା ଅବସ୍ଥାରେ କିମ୍ବା କୌଣସି ଅନିବାର୍ଯ୍ୟ କାରଣ ବଶତଃ ଅସୁବିଧାରେ ପଡିଗଲେ ନମାଜ ଜମା ଏକତ୍ର କରି ପଢିବାକୁ ହୁଏ । ବର୍ଷା, ଝଡ ତୋଫାନ ସମୟରେ ମସଜିଦକୁ ଯିବା ସେହି ନିର୍ଦ୍ଦିଷ୍ଟ ନମାଜ ସମୟରେ ସମ୍ଭବ ନହେଲେ କିମ୍ବା ଅତ୍ୟାବଶ୍ୟକ ଧାର୍ମୀକ କାର୍ଯ୍ୟ ବଶତଃ ମସଜିଦରେ ସାମୁହିକ ଭାବେ ପଢାଯାଉଥିବା ନମାଜକୁ 'ଜମା' କରାଯାଏ । ଏହିସବୁ ପରିସ୍ଥିତିରେ କେବଳ ଫର୍ଜ୍ (ଅନିବାର୍ଯ୍ୟ) ନମାଜକୁ ଜମା କରାଯାଇ ପାରିବ । ଏଥିରେ ସୁନ୍ନତ ନମାଜ ବର୍ଜିତ ହୋଇଥାଏ ।

ଜୁହର ଓ ଅସର ନମାଜ ଦ୍ୱୟକୁ କ୍ରମାନ୍ୱୟରେ ଏକାଠି କରି ଜୁହର ଠାରୁ ଅସର ନମାଜ ସମୟ ମଧ୍ୟରେ ଏବଂ ମଗରିବ ଓ ଇଶା ନମାଜ ଦ୍ୱୟକୁ କ୍ରମାନ୍ୱୟରେ ଏକାଠି ମିଶାଇ ମଗରିବ ଠାରୁ ଇଶା ନମାଜର ସମୟ ମଧ୍ୟରେ ପଢିବାକୁ ହେବ । ନମାଜ ଜମା ତଥା ନମାଜ କସର ସମ୍ବନ୍ଧରେ ପବିତ୍ର କୁରଆନରେ ଏହିପରି ନିର୍ଦ୍ଦେଶ ରହିଛି :

> "ଏବଂ ଯଦି ତୁମେ ଆଶଙ୍କା କରୁଥାଅ ଯେ ଅବିଶ୍ୱାସକାରୀମାନେ ତୁମମାନଙ୍କୁ କଷ୍ଟ ଦେବେ ଓ ହଇରାଣ ହରକତ କରିବେ, ତା' ହେଲେ ଯେତେବେଳେ ତୁମେମାନେ ଦେଶ ମଧ୍ୟରେ ଭ୍ରମଣ କରୁଥାଅ, ସତେବେଳେ ନମାଜକୁ ସଂକ୍ଷେପ କରିବାରେ ତୁମମାନଙ୍କ ପକ୍ଷରେ କୌଣସି ପାପ ନାହିଁ ।"
>
> "ଏବଂ ଯଦି ତୁମେମାନେ ଭୂପୃଷ୍ଠରେ ଜିହାଦ କରିବା ଉଦ୍ଦେଶ୍ୟରେ (ଅର୍ଥାତ ଧର୍ମ ପ୍ରଚାର ପାଇଁ) ଯାତ୍ରାରେ ବାହାରିଥିବ, ତା'ହେଲେ 'ନମାଜ କସର' (ଛୋଟ କରି) ପଢି ନେବାରେ ତୁମର ପାପ ହେବ ନାହିଁ ।"

(ଅଲ ନିସା:୧୦୨)

## ୧ . ରୋଗଗ୍ରସ୍ତ ଥିବା ସମୟରେ ନମାଜ

ଇମଲାମରେ ନମାଜ ପଢ଼ିବା ଏକାନ୍ତ ଅପରିହାର୍ଯ୍ୟ । ଜଣେ ରୋଗଗ୍ରସ୍ତ ବ୍ୟକ୍ତି ଯଦି ଛିଡା ହୋଇପାରୁ ନାହିଁ, ତା'ହେଲେ ସେ ବସିକରି ନମାଜ ପଢ଼ିବାକୁ ହେବ । ଯଦି ସେ ଆଦୌ ବସିପାରୁ ନାହାନ୍ତି, ତେବେ ଶୋଇବା ଅବସ୍ଥାରେ ପଢ଼ିବାକୁ ହେବ । ଯଦି ସେ ମୁଣ୍ଡ ନୁଆଁଇ ପାରୁ ନାହାନ୍ତି କିମ୍ବା ସଜ୍‌ଦା କରିପାରୁ ନାହାନ୍ତି, ତା'ହେଲେ ସେହି ଅଙ୍ଗଭଙ୍ଗୀ ପରି ଇଶାରା କରି ନମାଜ ପଢ଼ିବାକୁ ହେବ । ଯଦି ସେ ଏପରି ପୀଡିତ ଯେ ନିଜର ମୁଣ୍ଡ ହାତ ହଲାଇ ପାରୁନାହାନ୍ତି, ତା'ହେଲେ ନିଜ ମନ ଭିତରେ କେବଳ ଇଶାରା କରି ଏହି କୃତଜ୍ଞତା ପୂର୍ବକ କର୍ତ୍ତବ୍ୟକୁ ସଂପାଦନ କରିବାକୁ ହେବ ।

## ୨ . ଯାତ୍ରା କରୁଥିବା ସମୟରେ ନମାଜ

ଯଦି କୌଣସି ବ୍ୟକ୍ତି ୧୫ କି.ମି. ଠାରୁ ଅଧିକ ଦୂରବର୍ତ୍ତୀ ସ୍ଥାନ ଯାହା ତାଙ୍କର ନିକଟ ସଂପର୍କୀୟଙ୍କ ଘର ହୋଇଥିବ, ଯାହାକୁ ସେ ନିଜ ଘର ବୋଲି ବିଚାରୁଥିବେ ଯେପରିକି ନିଜ ବାପଘର, ଶ୍ୱଶୁର ଘର ଅଥବା କୌଣସି ଧର୍ମକେନ୍ଦ୍ର ଯଥା : ମକ୍କା, ମଦିନା, କାଦିୟାନ୍ ଓ ରବୁଓ୍ୱାରେ ରହୁଥିଲେ **'ନମାଜ କସର'**କୁ ନିୟମାନୁଯାୟୀ ପଢ଼ିପାରିବେ । କିନ୍ତୁ ଏହି କ୍ଷେତ୍ରରେ ସଂପୂର୍ଣ୍ଣ ଚାରି ରକାତ ଫର୍ଜ ନମାଜ ପଢ଼ିବା ଅଧିକ ଶ୍ରେୟସ୍କର । ନଓ୍ୱାଫିଲ୍ ବା ଅତିରିକ୍ତ ନମାଜ ପଢ଼ିବା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ ।

# କେତେକ ଜରୁରୀ ନିର୍ଦ୍ଦେଶ

* ଓଜୁ କରିସାରି ନମାଜ ପାଠ କରିବା ପାଇଁ ଅତ୍ୟନ୍ତ ଶାଳୀନତା ରକ୍ଷା କରି ଓ ଶିଷ୍ଟାଚାର ସହିତ ଧିରେ ଧିରେ ଯାଅ । ଦୌଡି କରି ନମାଜରେ ସାମିଲ ହୁଅ ନାହିଁ ।
* ନମାଜ ସକାଶେ ଯାଉଥିବା ବେଳେ ଏଥିପ୍ରତି ଧ୍ୟାନ ଦିଅ ଯେ ଅଲ୍ଲାଃଙ୍କ ଛାମୁରେ କେଉଁ ସତକର୍ମର ଉପହାର ନେଇ ଯାଉଛ ଏବଂ କେଉଁ କେଉଁ ପାପର ପ୍ରାୟଶ୍ଚିତ କରିବାର ଅଛି ?
* ନମାଜ ପୂର୍ବରୁ ନିଜର ଜରୁରୀ କାମଧନ୍ଦା ଛାଡି ଦେବାର ଅଛି, ଯଦ୍ଦ୍ୱାରା ନମାଜରେ ନିଷ୍ଠା ରହିବ ।
* ନମାଜ ବା'ଜମାଅତ (ସାମୁହିକ ନମାଜ)ରେ ଛିଡା ହେବାବେଳେ ଧାଡିଗୁଡିକ ସଂପୂର୍ଣ୍ଣ ରୂପେ ସଳଖ ରଖିବା ଜରୁରୀ । ଧାଡି ମଧ୍ୟରେ ଛିଡା ହୋଇଥିବା ବ୍ୟକ୍ତି କାନ୍ଧକୁ କାନ୍ଧ ମିଳାଇ ରଖିବା ଉଚିତ । ଯେପରି ମଝିରେ ଫାଙ୍କା ରହିବ ନାହିଁ ।
* ଲୋକମାନେ ଯେତେବେଳେ ଧାଡି ବାନ୍ଧିବେ ଓ ସେମାନଙ୍କୁ ନିଜର ଆଗ ଧାଡିରେ ଖାଲି ଜାଗା ଥିବାର ଦେଖାଯିବ, ତା' ହେଲେ ଆଗକୁ ବଢି ସେହି ସ୍ଥାନ ପୂରଣ କରିବାକୁ ହେବ ।
* ନମାଜ ଆରମ୍ଭ କରିବା ପୂର୍ବରୁ ନମାଜର ନିୟତ୍ ଏହିପରି ପଢି ସଂକଳ୍ପ କରିବ ।

إِنِّي وَجَّهْتُ وَجْهِيَ لِلَّذِي فَطَرَ السَّمٰوٰتِ وَالْأَرْضَ حَنِيفًا وَّمَا أَنَا مِنَ الْمُشْرِكِيْنَ

**"ଇନ୍ନି ଓଜ୍‌ଜହ୍‌ତୋ ୱଜ୍‌ହିୟା ଲିଲ୍‌ଲଜି ଫତରସ ସମାୱାତି ୱଲ୍‌ଅର୍‌ଜା ହନିଫୌ ୱମାଅନା ମିନଲ୍ ମୁଶ୍‌ରିକୀନ୍"**

✶ ନମାଜର ସମସ୍ତ ପ୍ରକ୍ରିୟାକୁ ଅତ୍ୟନ୍ତ ଧୀର ଚିତ୍ତ ଓ ପ୍ରଶାନ୍ତ ବଦନରେ ସଂପାଦନ କରିବା ଉଚିତ । ତରବର ହୋଇ କୌଣସି କାର୍ଯ୍ୟ କରିବା ଯେପରି ମୁଦ୍ରାଗୁଡିକରେ ଥିବାବେଳେ ଅନ୍ୟ କୌଣସି ମନ୍ତ୍ରପାଠ କରିବା ଉଚିତ ନୁହେଁ ।

✶ ନମାଜରେ ଉଚ୍ଚାରଣ କରୁଥିବା ଶବ୍ଦଗୁଡିକୁ ରହି ରହି ଓ ସୁଶୋଭିତ ଭଙ୍ଗୀରେ ପଢନ୍ତୁ । ନମାଜରେ ବାକ୍ୟ ଓ ତାହାର ଅର୍ଥ ପ୍ରତି ନିଜର ଧ୍ୟାନ ରଖନ୍ତୁ । ଯେପରି ଏଣୁ ତେଣୁ ଭାବନା ମନରେ ନଆସିବ, ସେଥି ପାଇଁ ଚେଷ୍ଟା କରନ୍ତୁ ।

✶ ନମାଜ ପଢୁଥିବା ସମୟରେ କାହା ଉପରେ ଭରାଦେଇ ଛିଡା ହେବା ଉଚିତ ନୁହେଁ । ଗୋଟିଏ ଗୋଡରେ ଛିଡା ହୋଇ ରହିବାକୁ ମଧ୍ୟ ବାରଣ କରାଯାଇଛି ।

## ନମାଜ କିପରି କଳୁଷିତ ହୁଏ ?

୧) ମସ୍ତକ ଅନାବୃତ ରଖିଲେ ଅର୍ଥାତ ମୁଣ୍ଡକୁ କପଡା ଦ୍ୱାରା ନଢାଙ୍କିଲେ ।

୨) ନମାଜ ପାଠ କଲାବେଳେ ଏଣେ ତେଣେ ଚାହିଁଲେ ।

୩) ବାରମ୍ବାର ହାଇ ମାରିଲେ କିମ୍ବା ହସି ଦେଲେ ।

୪) ସଜ୍‌ଦା ଗଲାବେଳେ ମଥାରେ ମାଟି ଲାଗିଥିଲେ ତାକୁ ପୋଛିଲେ ।

୫) ମାଟି ବା ଧୂଳି ଲାଗିଯିବା ଆଶଙ୍କାରେ ନିଜ ପିନ୍ଧା ଲୁଗାକୁ ଗୋଟାଇ ବା ଉଠାଇ ଧରିଲେ ।

୬) ବିନା କାରଣରେ ସଜ୍‌ଦା କରୁଥିବା ସ୍ଥାନରୁ ଧୂଳି ମାଟି ଇତ୍ୟାଦି ହଟାଇଲେ ।

୭) ଅଯଥାଟାରେ ଆଙ୍ଗୁଠି ଫୁଟାଇଲେ ।

୮) ସଜଦା କଲାବେଳେ ଦୁଇ ହାତକୁ ଭୂମିରେ ପାରି ଶୁଆଇଲେ ।

୯) ଜଙ୍ଘକୁ ପେଟ ସହିତ ମିଶାଇ ସଜଦା କରୁଥିଲେ ।

୧୦) ଶୌଚ କରିବା ଓ ଗାଧୋଇବା ଦ୍ୱାରା ନିଜ ଶରୀରକୁ ପରିଷ୍କାର ନରଖିଲେ ।

୧୧) ନମାଜ ପଢୁଥିବା ସମୟରେ ଖାଇବା ପିଇବା କରୁଥିଲେ ।

ଏହିପରି ଯେକୌଣସି କାର୍ଯ୍ୟ କରିବା ଦ୍ୱାରା ନମାଜ କଳୁଷିତ ହୁଏ ।

✶ ନମାଜକୁ ସର୍ବଦା ମନଫୁର୍ତ୍ତିରେ ଓ ଅଫୁରନ୍ତ ଉତ୍ସାହର ସହିତ ତଥା ଗଭୀର ଧ୍ୟାନ ଦେଇ ପଢ । କୌଣସି ପ୍ରକାର ବେପରୁଆ ମନୋଭାବ ଓ ଆଳସ୍ୟ ପରାୟଣ ହେବା ଉଚିତ ନୁହେଁ ।

✶ ସାମୁହିକ ନମାଜ (ବା'ଜମାଅତ) ପଢା ଯାଉଥିବା ସମୟରେ ଆଗରେ ପଢାଉଥିବା ଇମାମ କୌଣସି କାର୍ଯ୍ୟ କରିବା ଅର୍ଥାତ କୌଣସି ମୁଦ୍ରାକୁ ଯିବା ଆଗରୁ ତାହା ଆଗତୁରା କରି ପକାଅ ନାହିଁ । ଅର୍ଥାତ ଇମାମଙ୍କ ପୂର୍ବରୁ ସଜ୍‌ଦା, ରୁକୁ ଆଦି କରିବାକୁ ନିଷେଧ କରାଯାଇଛି, ବରଂ ଇମାମଙ୍କର ସଂପୂର୍ଣ୍ଣ ଅନୁସରଣ କର ।

✶ ନମାଜ ଜୁମା ଅର୍ଥାତ ଶୁକ୍ରବାର ଦିନ ସାପ୍ତାହିକ ନମାଜ ପୂର୍ବରୁ ଇମାମଙ୍କ ଠାରୁ ଖୁତ୍‌ବା ନିରବରେ ଶୁଣନ୍ତୁ । ଯଦି କାହାକୁ ଚୁପ କରିବାର ଅଛି, ତା'ହେଲେ ଇଶାରା କରି ଚୁପ କରାନ୍ତୁ । ଖୁତ୍‌ବା ଚାଲିଥିବା ସମୟରେ ଶୁଣୁଥିବା

ବ୍ୟକ୍ତି ଭୁମି ଉପରେ ନଖରେ ଗାର କାଟିବା ବା ଗୋଡିରେ ଖେଳିବା ଉଚିତ ନୁହେଁ । କାରଣ ଖୁତ୍‌ବା ନମାଜର ଏକ ଅଂଶ ବିଶେଷ ।

✶ କୌଣସି ବ୍ୟକ୍ତି ନମାଜ ପଢୁଥିବା ସମୟରେ ତାଙ୍କ ପାଖରେ ପାଟି କରିବା କିମ୍ବା ଉଚ୍ଚ ସ୍ୱରରେ କଥାବାର୍ତ୍ତା କରିବା ନିଷେଧ ।

✶ ନମାଜ ପଢି ସାରିବା ସଙ୍ଗେ ସଙ୍ଗେ ଉଠି ଚାଲିଯିବା ଉଚିତ ନୁହେଁ, ବରଂ କିଛି ସମୟ ଅଲ୍ଲାଃଙ୍କ ନାମ ଜପ (ଜିକ୍‌ରେ ଇଲାହି) କରିବା ଉଚିତ ।

# ନମାଜର ସାମ୍ବିଧାନିକ ଦିଗ

ନମାଜର ବିଭିନ୍ନ କାର୍ଯ୍ୟ ସଂପାଦନ କରାଯିବା ପାଇଁ ସେମାନଙ୍କ ଗୁରୁତ୍ୱ ଅନୁଯାୟୀ ନମାଜକୁ ଏହିପରି ଶ୍ରେଣୀଭୁକ୍ତ କରାଯାଇଛି ।

## ନମାଜର ଫର୍ଜ (ଅନିବାର୍ଯ୍ୟ) ଅଂଶ

ଯେଉଁ ବିଷୟଗୁଡିକ ନମାଜ ପାଇଁ ଅତ୍ୟାବଶ୍ୟକ ଓ ଯାହା ବ୍ୟତୀତ ପ୍ରାର୍ଥନା କେବେହେଲେ ବିଧିସଙ୍ଗତ ଓ ଯଥାର୍ଥ ବୋଲି ବିଚାର କରାଯାଇ ପାରିବ ନାହିଁ, ସେ ସବୁ ଅଂଶକୁ **'ଫର୍ଜ'** କୁହାଯାଏ । ଅର୍ଥାତ୍ ତାହା ବାଧ୍ୟତାମୂଳକ ଓ ଅବଶ୍ୟ ପାଳନୀୟ ।

ଯଦି **'ଫର୍ଜ'** ଅଂଶକୁ କାର୍ଯ୍ୟକାରୀ କରା ନଯାଏ, ତେବେ ସେହି ନମାଜ ଅସିଦ୍ଧ ଓ ନିଷ୍ଫଳ ହୋଇଯାଏ । ଯଦି ଜଣେ ଉପାସନାକରୀ ଏହି ଗୁରୁତ୍ୱପୂର୍ଣ୍ଣ ଅଂଶ ସମ୍ବନ୍ଧରେ ସଂପୂର୍ଣ୍ଣ ପାଶୋରି ଦେଇଥିବା କାରଣରୁ ସେହି କାର୍ଯ୍ୟ ପ୍ରକ୍ରୀୟାକୁ ସଂପାଦନ କରେ ନାହିଁ, ତାହାର ଏହି ଅଜ୍ଞାନତା ଯୋଗୁଁ ତା'ର ନମାଜ ଅଲ୍ଲାଃଙ୍କ ଦୃଷ୍ଟିରେ ବୈଧ ଓ ସିଦ୍ଧ ହୋଇଥାଏ । କିନ୍ତୁ ଯଦି ସେ ସେହି ସମୟରେ ଅକସ୍ମାତ ଭୁଲି ଯାଇଛନ୍ତି, ଯେଉଁ ବିଷୟ ନମାଜ ପଢୁଥିବା ସମୟରେ କିମ୍ବା ନମାଜ ପରେ ତାଙ୍କର ମନେ ପଡିଗଲା ଅଥବା ସେ ଛାଡି ଦେଇଥିବା ଅଂଶ ବିଷୟରେ କେହି ତାଙ୍କୁ ମନେ ପକାଇଦେଲେ, ତା'ହେଲେ ସେହି ତ୍ରୁଟିକୁ ସେ ସଂଶୋଧନ କରିବେ ଓ ସେହି ପ୍ରକ୍ରୀୟାକୁ ଆଉ ଥରେ ସଂପୂର୍ଣ୍ଣ କରିବେ ଏବଂ ନମାଜ ଶେଷରେ **'ସିଜ୍‌ଦା ସହୁ'** ମାଧ୍ୟମରେ ନମାଜକୁ ଠିକ୍ କରିଦେବେ । ତେବେ ନମାଜର ବାଧ୍ୟତାମୂଳକ କର୍ମ ବିଧି (ଫର୍ଜ୍ ଅଂଶ)ଗୁଡିକ ଏହିପରି :

୧. **'ତକ୍‌ବିର୍-ଏ-ତହରିମା'** : ନମାଜ ଆରମ୍ଭ କଲାବେଳେ **'ଅଲ୍ଲାହୁ ଅକ୍‌ବର୍'** କହିବା ।

୨. **'କିୟାମ୍'** : ଛିଡା ହେବା ମୁଦ୍ରା

୩. **'ରୁକୁ'** : ଆଣ୍ଠୁରେ ଭରା ଦେଇ ଆଗକୁ ନଇଁବା ମୁଦ୍ରା

୪. **'ସଜ୍‌ଦା' :** ଭୁମିଷ୍ଠ ପ୍ରଣିପାତ ବା ମୁଣ୍ଡିଆ ମାରିବା ମୁଦ୍ରା

୫. **'ସୁରଃ ଫାତିହା':** ପ୍ରତ୍ୟେକ ରକାତରେ 'କିୟାମ' ଅବସ୍ଥାରେ ଏହାକୁ ଆବୃତ୍ତି କରିବା । ଏହା ସହିତ ଉପରୋକ୍ତ ସମସ୍ତ ପ୍ରକ୍ରୀୟା ପ୍ରତି ରକାତ୍‌ର ସାଧାରଣ କାର୍ଯ୍ୟ ହୋଇଥାଏ ।

୬. **କା'ଦାଃ** : ଏହା ରକାତ୍ ଶେଷରେ ଦୀର୍ଘକାଳୀନ ବସିବା ମୁଦ୍ରା, ଯାହା ନମାଜ ଶେଷ ହେବା ପୂର୍ବର ଅବସ୍ଥା

୭. ନିମ୍ନଲିଖିତ **'ଫର୍ଜ'** ନମାଜର **ପ୍ରଥମ ଦୁଇ ରକାତରେ** ଇମାମ୍ 'ସୁରଃ ଫାତିହା'କୁ ଉଚ୍ଚ ସ୍ୱରରେ ଆବୃତ୍ତି କରିବେ ।

କ. ଫଜର୍ ନମାଜ : ଦୁଇ ରକାତ୍ ବିଶିଷ୍ଟ ଫର୍ଜ

ଖ. ମଗ୍‌ରିବ୍ ନମାଜ : ତିନି ରକାତ ବିଶିଷ୍ଟ ଫର୍ଜ

ଗ. ଇଶା ନମାଜ : ଚାରି ରକାତ ବିଶିଷ୍ଟ ଫର୍ଜ୍

## ନମାଜର 'ୱାଜିବାତ୍' (ଜରୁରୀ) ଅଂଶ

ଏହି ୱାଜିବାତ୍ ବା ଦରକାରୀ ଅଂଶ ଦ୍ୱିତୀୟ ଶ୍ରେଣୀଭୁକ୍ତ ହୋଇଥାଏ । ଏଗୁଡିକ ସେହି ଅଂଶ ଯାହାକୁ ନମାଜରେ ଜାଣି ଶୁଣି ଛାଡିଦେଲେ ନମାଜ ଅସିଦ୍ଧ ହୋଇଯିବ । ସଂଶୋଧନକାରୀ **'ସିଜ୍‌ଦା ସହୁ'** ଏହାର ସୁଧାର ପାଇଁ ଯଥେଷ୍ଟ ଏବଂ ଏ କ୍ଷେତ୍ରରେ ଭୁଲରେ ଛାଡି ଯାଇଥିବା କ୍ରୀୟାକୁ ପୁନରାବୃତ୍ତି କରିବା ଆବଶ୍ୟକ ପଡେ ନାହିଁ । ନିମ୍ନଲିଖିତ କେତୋଟି ବିଷୟ ୱାଜିବାତ୍‌ର ଅଂଶବିଶେଷ ।

୧. ସବୁ ଫର୍ଜ୍ ନମାଜର ପ୍ରଥମ ଦୁଇ ରକାତରେ 'ସୁରଃ ଫାତିହା' ପରେ ପବିତ୍ର କୁରଆନ୍‌ର କୌଣସି ଅଂଶ ଆବୃତ୍ତି କରିବା । ସେହିପରି ଏହା ସମସ୍ତ ସୁନ୍ନତ ଓ ନଫିଲ୍ ନମାଜ ପାଇଁ ମଧ୍ୟ ପ୍ରଜୁଯ୍ୟ ।

୨. 'ରୁକୁ'ରୁ ଉଠି ସିଧା ଛିଡା ହେବା ଏକ ୱାଜିବାତ୍ ଅଂଶ ଯାହାକୁ **'କୌମା'** କୁହାଯାଏ ।

୩. **'ଜିଲ୍‌ସା'** ଦୁଇ ସଜଦାର ମଧ୍ୟବର୍ତ୍ତୀକାଳୀନ ବସିବା ଅବସ୍ଥାକୁ ବୁଝାଏ ।

୪. ଏହା ଶେଷ 'କଦାଃ' ନୁହେଁ, ବରଂ ପ୍ରଥମ ଦୁଇ ରକାତ ସଂପୂର୍ଣ୍ଣ କଲା ପରେ ଅଳ୍ପ ସମୟ ବସିବା ଅବସ୍ଥାକୁ ବୁଝାଏ, ଯାହା 'ୱାଜିବାତ୍'ର ଅଂଶ ।

୫. **'କାଦାଃ'** ଅବସ୍ଥାରେ 'ତଶହୁଦ୍' (ଅତ୍ତହିୟାତୁ ଲିଲ୍ଲାହି......) ପଢ଼ିବା ।

୬. **'ତର୍‌ତିବ୍'** ନମାଜର ବିଭିନ୍ନ 'ଫର୍ଜ୍' ଓ 'ୱାଜିବ୍' ଅଂଶଗୁଡିକୁ ସେମାନଙ୍କର ଉପଯୁକ୍ତ କ୍ରମ ଅନୁଯାୟୀ ସଂପାଦନ କରିବା ।

୭. **ତା'ଦିଲ୍** ନମାଜର ସମସ୍ତ ଅଂଶ ଓ କ୍ରୀୟାକୁ ମାନ ମର୍ଯ୍ୟାଦା ସହକାରେ ସଂପାଦନ କରିବା । ଅନ୍ୟ ଅର୍ଥରେ କୌଣସି ତରବର ନହୋଇ ଏକାଗ୍ର ଚିତ୍ତରେ ଉପାସନା କରିବା ।

## ନମାଜର 'ସୁନନ୍' (ସୁନ୍ନତ୍‌ର ବହୁବଚନ) ଅଂଶ

ଫର୍ଜ ଓ ୱାଜିବ୍ ଆଦି ସହାୟକ ଅଂଶଗୁଡିକୁ ଛାଡିଦେଲେ ନମାଜର ଅନ୍ୟାନ୍ୟ ସମସ୍ତ ଅଂଶ 'ସୁନ୍ନତ୍' କିମ୍ବା 'ମୁସ୍ତହବ୍' ପ୍ରକ୍ରୀୟା ଅନ୍ତର୍ଭୁକ୍ତ । କୌଣସି ବିଶେଷ କାରଣ ନଥିଲେ ଉପାସନାକାରୀ ନମାଜର ସମସ୍ତ ସୁନ୍ନତ ଓ ମୁସ୍ତହବ୍ ଅଂଶଗୁଡିକ ଉପରେ କଡା କଡି ପାଳନ କରିବାକୁ ହେବ ଓ ଏହାର କୌଣସି ଅଂଶକୁ ଛାଡିଦେବା ଉଚିତ ନୁହେଁ । ଏଥିପାଇଁ 'ସିଜ୍‌ଦା ସହୁ'ର ମଧ୍ୟ ଦରକାର ପଡେ ନାହିଁ ।

ଏହି 'ସୁନ୍‌ନାହ୍' ଅଂଶଗୁଡିକ ହେଉଛି :

୧. କାନମୁଣ୍ଡା ପର୍ଯ୍ୟନ୍ତ ହାତ ଉଠାଇ 'ତକ୍‌ବିର୍-ଏ-ତହରିମା' (ଅଲ୍ଲାହୁ ଅକବର) କହିବା

୨. ‘କିୟାମ’ ଅବସ୍ଥାରେ ହାତ ବାନ୍ଧିବା, ‘ସନା’ ପଢ଼ିବା, ସୁରଃ ଫାତିହା ପୂର୍ବରୁ ଅଉଜୁବିଲ୍ଲା.......... ପଢ଼ିବା, ସୁରଃ ଫାତିହା ପରେ ‘ଆମିନ୍’ କହିବା, ରୁକୁ ଯିବା ବେଳେ ଅଲ୍ଲାହୁ ଅକବର୍ କହିବା, ‘ରୁକୁ’ ମୁଦ୍ରାରେ ‘ସୁବ୍ହାନା ରବ୍ବିୟଲ୍ ଅଜିମ୍’ ଅତି କମରେ ତିନିଥର କହିବା, ରୁକୁରୁ ଛିଡା ହୋଇ ‘ସମିଅଲ୍ଲାହୁ ଲେମନ୍ ହମିଦାଃ’ କହିବା, ସାମୁହିକ ନମାଜରେ ଇମାମ ଏହାକୁ କହିବା ପରେ ମୁକତଜିମାନେ ‘ରବ୍ବନା ୱ୍ ଲକଲ୍ ହମ୍ଦ୍’ କହିବା, ‘ସଜ୍ଦାକୁ ଯିବା ତଥା ଆସିବା ପରେ ‘ଅଲ୍ଲାହୁ ଅକବର’ କହିବା, ସଜ୍ଦାରେ ଥିବା ଅବସ୍ଥାରେ ‘ସୁବ୍ହାନା ରବ୍ବିୟଲ୍ ଆ’ଲା’ ଅତି କମରେ ତିନିଥର କହିବା, ‘ଜିଲ୍ସା’ ମୁଦ୍ରାରେ ନିର୍ଦ୍ଧାରିତ ଦୁଆ ପଢ଼ିବା, ତଶହୁଦ୍ ଶେଷରେ ‘ଅଶ୍ହଦୁଅଲ୍ଲା ଇଲାହା ଇଲ୍ଲଲ୍ଲାଃ......’ ପଢ଼ିବା ବେଳେ ଡାହାଣ ହାତର ବିଶି ଅଙ୍ଗୁଳି ଉଠାଇବା, ଚୁଡାନ୍ତ ‘କାଦାଃ’ ସମୟରେ ‘ଦରୁଦ’ ଓ ଅନ୍ୟ ଦୁଆଗୁଡିକ ପଢ଼ିବା ଏବଂ ତୃତୀୟ ତଥା ଚତୁର୍ଥ ରକାତରେ ‘ସୁରଃ ଫାତିହା’ ଆବୃତ୍ତି କରିବା ଇତ୍ୟାଦି ।

## ନମାଜର ‘ମୁସ୍ତହବ୍ବାତ୍’ (ଉତ୍ତମ ଓ ଶୋଭନୀୟ) ଅଂଶ

‘ମୁସ୍ତହବ୍ବାତ’ର ଅର୍ଥ ଅଧିକ ବାଞ୍ଛନୀୟ ଓ ପ୍ରଶଂସନୀୟ । ଅବଶ୍ୟ ନମାଜ ପାଠ କରିବା ପଦ୍ଧତି ଓ ପରିଚାଳନା କରିବାରେ ଏହି ମୁସ୍ତହବ୍ବାତ ବାଧ୍ୟତାମୂଳକ (ଫର୍ଜ୍), ଜରୁରୀ (ୱାଜିବାତ୍) କିମ୍ବା ସୁନ୍ନତ ଅଂଶ ମଧ୍ୟରୁ ନୁହେଁ । ତେବେ ଏହି ବିଷୟଗୁଡିକ ପ୍ରତି ଧ୍ୟାନ ଦେବା ଉଚିତ ।

୧. ନମାଜରେ ସଜ୍ଦା କରିବା ସ୍ଥାନକୁ ନିଜର ଏକାଗ୍ର ଦୃଷ୍ଟି ପକାଇ ରଖିବା ।

୨. ରୁକୁ କରିବା ମୁଦ୍ରାରେ ଆଣ୍ଠୁ ଉପରେ ଭରା ଦେବା ବେଳେ ହାତ ପାପୁଲି ଆଙ୍ଗୁଳିଗୁଡିକ ମେଲାଇ ରଖିବା ।

୩. ସଜ୍ଦାକୁ ଏପରି ଭାବରେ ଯିବ, ଯଦ୍ଦ୍ୱାରା ଭୁମି ଉପରେ ପ୍ରଥମେ ଆଣ୍ଠୁ, ତା’ପରେ ହାତ, ତା’ପରେ ନାକ ଓ ଶେଷରେ ମଥା ସ୍ପର୍ଶ କରିବା ।

୪. ଯେବେ ଦ୍ୱିତୀୟ ରକାତ ପାଇଁ ଯିବ, ସଜ୍ଦା ପରେ ବିନା ଭରା ଦେଇ ଉଠି ଛିଡାହେବ ।

୫. କା’ଦାଃ ଓ ଜିଲ୍ସା ଅବସ୍ଥାରେ ବାମ ପାଦ ଉପରେ ବସିବ ଓ ଡାହାଣ ପାଦକୁ ଏପରି ଅବସ୍ଥାରେ ରଖିବ ଯେ ନିଜର ପାଦ ଅଙ୍ଗୁଳିଗୁଡିକ କିବ୍ଲା ଆଡକୁ ରହିବ ।

୬. ସୁରଃ ଫାତିହା ପରେ ପ୍ରଥମ ରକାତରେ ପଢ଼ାଯାଉଥିବା କୁରଆନ ପଙ୍କ୍ତି ଦ୍ୱିତୀୟ ରକାତ ଅପେକ୍ଷା ଅଧିକ ଲମ୍ବା ହେବା ଉଚିତ ।

## ନମାଜର ‘ମକ୍ରୁହାତ୍’ (ଅପ୍ରିତିକର ଆଚରଣ) ଅଂଶ

୧. କାହାର ପିନ୍ଧା ଲୁଗାକୁ ଟଣା ଓଟରା କରି ଖେଳିବା

୨. ନିଜ ଆଖିକୁ ବନ୍ଦ ରଖିବା

୩. ଟେବୁଲ ଉପରେ ବା ପାଖରେ ଖାଦ୍ୟ ପଦାର୍ଥ ଥୁଆ ହୋଇଥିବା ବେଳେ ଜଣେ ଭୋକିଲା ଅବସ୍ଥାରେ ନମାଜ ଆରମ୍ଭ କରିଦେବା

୪. ଝାଡା ପରିସ୍ରାକୁ ଅଟକାଇବା ଅର୍ଥାତ ଜଣେ ବ୍ୟକ୍ତିକୁ ଝାଡା ମାଡିଲେ ସେ ପାଇଖାନା ଯିବାକୁ ପ୍ରବଳ ଭାବରେ ବାଧ୍ୟ କରୁଥିବା ସତ୍ତ୍ୱେ ନମାଜକୁ ଜାରୀ ରଖିବା ।

୫. ଜଣେ ଅତି ଚିପା ପୋଷାକ ପିନ୍ଧି ନମାଜ ପଢ଼ିବା, ଯଦ୍ଦ୍ୱାରା ତାକୁ ଅସ୍ୱସ୍ତିକର ଅନୁଭବ ହେଉଥିବ ।

୬. ଏକ ଅନୁପଯୁକ୍ତ ଜାଗାରେ ନମାଜ ପଢ଼ିବା ଯେପରିକି ଘୋଡାଶାଳ, ଛେଳି ଗୁହାଳ କିମ୍ୱା କୋଳାହଳ ପୂର୍ଣ୍ଣ ବଜାର ହାଟ ପାଖରେ ଇତ୍ୟାଦି ।

୭. ଖାଇ ସାରିବା ପରେ ମୁହଁ ନଧୋଇ ନମାଜ ପଢ଼ିବା ।

୮. ସୁରଃର କ୍ରମକୁ ବଦଳାଇ ପଢ଼ିବା, ଯେପରିକି ପ୍ରଥମ ରକାତରେ ପରେ ଆସୁଥିବା ସୁରଃ ଏବଂ ଦ୍ୱିତୀୟ ରକାତରେ ଆଗରୁ ଆସୁଥିବା ସୁରଃ ।

୯. ଜଣେ ସଜ୍‌ଦାରେ ଥିବା ବେଳେ ମଥା ତଳେ ହାତ ରଖଦେବା ।

ନୋଟ (୧) :- ନମାଜ ପଢୁଥିବା ବେଳେ ଯଦି କୌଣସି ବିଷାକ୍ତ ପୋକ ଜୋକ ଦେଖିବ, ଉପାସନାକାରୀ ତାକୁ ହଟାଇ ଦେବ କିମ୍ୱା ମାରି ଦେବାର ଅନୁମତି ଅଛି ।

ନୋଟ (୨) :- ନମାଜ ପଢ଼ିବା ସ୍ଥାନ ଯେତେଦୂର ସମ୍ଭବ ଦୁର୍ଗନ୍ଧମୁକ୍ତ ତଥା ପରିଷ୍କାର ପରିଚ୍ଛନ୍ନ ହେବା ଆବଶ୍ୟକ । ଜଣେ ନମାଜ ପଢୁ ନ ଥିଲେ ମଧ୍ୟ ପ୍ରତ୍ୟେକ ମୁସଲିମ ନମାଜର ପଦ ମର୍ଯ୍ୟାଦାର ସୁରକ୍ଷା କରିବା ଉଚିତ । ନିଜ ତୁଣ୍ଡରେ ବା ହାତରେ ଏପରି କୌଣସି କାର୍ଯ୍ୟ ନ ହେଉ, ଯଦ୍ଦ୍ୱାରା ଜଣେ ଉପାସନାକାରୀ ମନରେ ଅଶାନ୍ତି କିମ୍ୱା ବିଭ୍ରାନ୍ତି ସୃଷ୍ଟି ହେବ । ସେଥିପାଇଁ ଉପାସକଙ୍କ ଆଗରେ ଅତିକ୍ରମ କରିବାର ଅନୁମତି ଦିଆଯାଇ ନାହିଁ । ଏହାର ଅର୍ଥ ନମାଜ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ।

## ନମାଜ 'ବାଜମାଅତ୍'ର ତାତ୍ପର୍ଯ୍ୟ (ସାମୁହିକ ନମାଜ)

ଦୈନିକ ପାଞ୍ଚବେଳା ନିର୍ଦ୍ଧାରିତ ହୋଇଥିବା ଫର୍ଜ ବା ଅନିବାର୍ଯ୍ୟ ନମାଜ ସାମୁହିକ ଭାବରେ ପାଠ କରାଯାଏ । ଏକାକୀ ନମାଜ ପଢିବା ଅପେକ୍ଷା କୌଣସି ସ୍ଥାନରେ ମିଳିତ ହୋଇ ନମାଜ ପଢିଲେ ୨୭ଗୁଣ ଅଧିକ ପୁଣ୍ୟ ମିଳେ । ମାତ୍ର ଏହି ନମାଜକୁ ଛାଡି ଅନ୍ୟାନ୍ୟ ପ୍ରକାରର ନମାଜ ଯେପରି ନଫିଲ(ଇଚ୍ଛାଧୀନ) ଓ ସୁନ୍ନତ(ମୁହମ୍ମଦ[ସଅ]ଙ୍କ ଅନୁସୃତ) ନମାଜ ଇତ୍ୟାଦିକୁ ନିଜ ନିଜ ଘରେ ପାଠ କରିବା ପାଇଁ ପରାମର୍ଶ ଦିଆଯାଇଛି । 'ନିଜ ଘରକୁ କବରସ୍ତାନରେ ପରିଣତ କର ନାହିଁ' ହଜରତ ମୁହମ୍ମଦ[ସଅ] ଏହି ଉକ୍ତିରୁ ଜଣା ପଡୁଛି ଯେ ନିଜ ଘରେ ମଧ୍ୟ ଉପାସନା କରି ଏହାକୁ ପବିତ୍ର କର ।

ସାମୁହିକ ନମାଜରେ ଧାଡି ବାନ୍ଧି କାନ୍ଧକୁ କାନ୍ଧ ମିଳାଇ ନମାଜ ପାଠ କରାଯାଉ ଥିବାରୁ କାହାରିଠାରେ ଉଚ୍ଚ ନୀଚ ବା ସାନ ବଡର ଭେଦଭାବ ରହେ ନାହିଁ । ଫଳରେ ମନୁଷ୍ୟ ମନରେ ପ୍ରେମ ଓ ଭ୍ରାତୃଭାବ ଜାତ ହୁଏ । ହଦିସରେ କୁହାଯାଇଛି ଯେ ଯେଉଁ ଲୋକ ନିୟମିତ ଭାବରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ସାମୁହିକ ନମାଜର ମୂଳରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ 'ଅଲ୍ଲାଃହୁ ଅକବର୍ ....' ଠାରୁ 'ଅସ୍‌ସଲାମୁ ଆଲୈକୁମ୍...' ପର୍ଯ୍ୟନ୍ତ ଯୋଗ ଦେବ, ସେ ନର୍କର ଶାସ୍ତିରୁ ରକ୍ଷା ପାଇବ ।

ତେବେ ନିମ୍ନୋକ୍ତ ବା'ଜମାଅତ ନମାଜଗୁଡିକୁ ମିଳିତ ଭାବରେ ପଢାଯାଏ :

୧ – ଦୈନିକ ପାଞ୍ଚଗୋଟି ବାଧ୍ୟତାମୂଳକ ନମାଜର ସବୁ ଫର୍ଜ ନମାଜ

୨ –ଜୁମା ନମାଜର ଫର୍ଜ ନମାଜ

୩–ଉଭୟ ଇଦ୍ ନମାଜ

୪-ରମଜାନ ମାସର ତରାୱି ନମାଜ

୫-ଜନାଜାଃ ନମାଜ (ଅନ୍ତ୍ୟେଷ୍ଟି ଉପସାନା)

୬-ସଲାତୁଲ କୁସୁଫ(ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ବେଳର ନମାଜ)

୭-ନମାଜ-ଏ-ଇସ୍‌ତସକା (ବର୍ଷା ଭିକ୍ଷା ଜନିତ ନମାଜ)

# ଇମାମ ଓ ମୁକତଦିଙ୍କ ଭୂମିକା

## (ନମାଜର ପରିଚାଳନାକାରୀ ଓ ଅନୁସରଣକାରୀ)

ସାମୁହିକ ନମାଜକୁ ପରିଚାଳନା କରୁଥିବା ବ୍ୟକ୍ତିକୁ 'ଇମାମ୍' କୁହାଯାଏ । 'ମୁଅଜ୍‌ଜନ୍'ବା ଅଜାନ ଦେଇଥିବା ବ୍ୟକ୍ତି ନମାଜ ଆରମ୍ଭ ହେବାକୁ ଯାଉଥିବାର ସୂଚନା ଦେଇ 'ଇକାମତ୍' କହିବା ସଙ୍ଗେ ସଙ୍ଗେ ଯେଉଁ ଉପସ୍ଥିତ ବ୍ୟକ୍ତିମାନେ ଧାଡିରେ ଛିଡା ହୋଇ ଇମାମଙ୍କ ପଛରେ ନମାଜ ପଢିବାକୁ ପ୍ରସ୍ତୁତ ହୋଇ ଯାଆନ୍ତି, ସେମାନଙ୍କୁ 'ମୁକତଦି' କୁହାଯାଏ । ନମାଜରେ ଉଭୟଙ୍କ କାର୍ଯ୍ୟ ଓ ଭୂମିକା ନିମ୍ନରେ ଦିଆଯାଉଛି ।

୧) ଇସଲାମରେ ପୁରୋହିତ ଗିରି ନାହିଁ । ତେଣୁ ଉପସ୍ଥିତ ଯେ କୌଣସି ବ୍ୟକ୍ତି ଇମାମ ଭାବରେ ଫର୍ଜ ନମାଜ ପଢାଇ ପାରନ୍ତି ଓ ଧର୍ମ ଉପଦେଶ ଦେଇ ପାରନ୍ତି । ତେବେ କିଏ ନମାଜ ପରିଚାଳନା କରିବାକୁ ଅଧିକଯୋଗ୍ୟ ଓ ସକ୍ଷମ, ତାହା ଉପସ୍ଥିତ ଲୋକମାନେ ହିଁ ସ୍ଥିର କରିବେ ।

୨) ସେହି ବ୍ୟକ୍ତି ନମାଜର ଇମାମ ହେବା ପାଇଁ ଉପଯୁକ୍ତ, ଯିଏ ପବିତ୍ର କୁରଆନକୁ ଅଧିକ ମୁଖସ୍ତ କରିଥିବ । କିନ୍ତୁ ଯଦି ଏକାଧିକ ବ୍ୟକ୍ତି ସମାନ ଭାବେ ମୁଖସ୍ତ କରିଥିବେ ତା'ହେଲେ ସେହି ହାଫିଜମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ଅଧିକ ଜ୍ଞାନୀ ଓ ଧର୍ମନିଷ୍ଠ ହୋଇଥିବ, ସେହିଁ ଇମାମ ହେବ । ସେମାନଙ୍କ ମଧ୍ୟରେ ବି ଯଦି ସମାନ ହୋଇଥିବାର ଜଣା ପଡେ ତା'ହେଲେ ଯିଏ ଅଧିକ ବୟୋଜ୍ୟେଷ୍ଠ ହୋଇଥିବେ ସେ ଇମାମ କାର୍ଯ୍ୟ ତୁଲାଇବେ ।

୩) ଯଦି ଗୋଟିଏ ସ୍ଥାନର ଇମାମ ଅନ୍ୟ ମସଜିଦକୁ ଯାଆନ୍ତି ଯେଉଁଠାରେ ପ୍ରଥମରୁ ଅନ୍ୟ ଜଣେ ଇମାମ ନିଯୁକ୍ତ ହୋଇଥିବେ, ତା'ହେଲେ ସେଠାରେ ସେ ହିଁ ଇମାମ ହେବେ । କିନ୍ତୁ ଯଦି ସେ ଅନୁମତି ଦିଅନ୍ତି, ତା'ହେଲେ ଅନ୍ୟ କୌଣସି ଇମାମ ନମାଜ ପଢାଇ ପାରିବେ ।

୪) ସେହିପରି ଯଦି କେହି ବ୍ୟକ୍ତି ଅନ୍ୟ କାହା ଘରକୁ ଯାଇଥିବ, ତେବେ ଘର ମାଲିକ ହିଁ ଇମାମ ହେବେ । କିନ୍ତୁ ତାଙ୍କ ଅନୁମତି ମିଳିଲେ ଅନ୍ୟ ଜଣେ ବ୍ୟକ୍ତି ଇମାମ ହୋଇପାରିବେ ।

୫) ପବିତ୍ର କୁରଆନ ମୁଖସ୍ତ କରିଥିବା ଦୃଷ୍ଟିରୁ ଜଣେ ନାବାଳକ ମଧ୍ୟ ଇମାମତି କରିପାରିବ ।

୬) ଯଦି ଇମାମ ଜଣେ ଯାତ୍ରୀ ହୋଇଥିବେ, ତେବେ ସେ ଦୁଇ ରକାତ ବିଶିଷ୍ଟ 'କସର' (ସଂକ୍ଷିପ୍ତ) ନମାଜ ପଢି ସଲାମ ଫେରାଇବେ । ସେଠାକାର ସ୍ଥାନୀୟ ମୁକତଦି ତା'ପରେ ନିଜର ନମାଜ ସଂପୂର୍ଣ୍ଣ କରିବେ ।

୭) ନମାଜ ପାଠ ସମୟରେ ଇମାମ ବା ମୁକତଦି କୌଣସି ନିର୍ଦ୍ଦିଷ୍ଟ ପୋଷାକ ପିନ୍ଧିବାର ବ୍ୟବସ୍ଥା ନାହିଁ । ଯେଉଁ ପୋଷାକ ପରିଷ୍କାର ଓ ପବିତ୍ର ଏବଂ ଯାହା ନମାଜରେ କୌଣସି ଅସୁବିଧା ସୃଷ୍ଟି କରେ ନାହିଁ, ତାହାକୁ ପିନ୍ଧି ନମାଜ ପଢାଯାଇ ପାରେ ।

୮) ସାମୁହିକ ଭାବେ ଦିନବେଳା ପଢା ଯାଉଥିବା ଫର୍ଜ ନମାଜ ଯଥା ଜୁହର ଓ ଅସର ନମାଜର ସବୁ ରକାତ, ସଂନ୍ଧ୍ୟା ବେଳର ମଗରିବ ନମାଜର ତୃତୀୟ ରକାତ ଓ ରାତ୍ରୀକାଳୀନ ଇଶା ନମାଜର ଶେଷ ଦୁଇ ରକାତକୁ ଇମାମ ନୀରବରେ ଆବୃତ୍ତି କରିବେ । ଅନ୍ୟ ପକ୍ଷେ ପ୍ରାତଃକାଳୀନ ଫଜର ନମାଜର ଉଭୟ ରକାତ ମଗରିବ ଓ ଇଶାର ପ୍ରଥମ ଦୁଇ ରକାତକୁ ଇମାମ ଉଚ୍ଚ ସ୍ୱରରେ ଆବୃତ୍ତି କରି ପଢାଇବେ । ସେହିପରି ଜୁମା ନମାଜର ଫର୍ଜ ଦୁଇ ରକାତ, ଇଦୁଲ୍ ଫିତର, ଇଦୁଲ ଅଜିୟାଃ, ସଲାତୁଲ କୋସୁଫ୍ (ଗ୍ରହଣ କାଳୀନ ନମାଜ), ନମାଜ-ଏ-ଇସତସକା (ବର୍ଷା ଭିକ୍ଷା ଜନିତ ନମାଜ)ଓ ରମଜାନର ତରାଓ୍ୱି ଆଠ ରକାତ ବିଶିଷ୍ଟ ନମାଜକୁ ମଧ୍ୟ ଉଚ୍ଚ ସ୍ୱରରେ ପାଠ କରାଯାଏ ।

୯) ମୁକତଦିମାନେ ଇମାମଙ୍କର ଅନୁସରଣ କରିବେ ଓ ତାଙ୍କୁ ଅନୁକରଣ କରି ଚଳିଥିବେ । ଯେତେବେଳେ ଉଚ୍ଚ ସ୍ୱରରେ ନମାଜ ପଢାଉଥିବେ, ଅନ୍ୟମାନେ ମନ ଧ୍ୟାନ ଦେଇ ତାହା ଶୁଣୁଥିବେ । କେବଳ ସୁରଃ ଫାତିହା ପାଠ କରାଯାଉଥିବା ବେଳେ ତାକୁ ନିଷ୍ଟୟ ନୀରବରେ ଆବୃତ୍ତି କରୁଥିବେ ।

୧୦) ଇମାମ ସୁରଃ ଫାତିହା, ପରେ ଅନ୍ୟ ସୁରଃ (କୁରଆନର ଅଧ୍ୟାୟ) ପଢିବା ପାଇଁ 'ବିସ୍‌ମିଲାଃ'କୁ ମନରୁ ପଢନ୍ତୁ କି ଉଚ୍ଚ ସ୍ୱରରେ ପଢନ୍ତୁ, ଦୁଇଟି ଯାକ ଠିକ । ସେହିପରି 'ଆମିନ'କୁ ମଧ୍ୟ ଧୀରେ କିମ୍ବା ଜୋରରେ କହିଲେ ଚଳିବ ।

୧୧) ମୁକତଦିମାନଙ୍କ ମଧ୍ୟରେ ପିଲା, ବୁଢ଼ା, ଦୁର୍ବଳ ଓ କାର୍ଯ୍ୟବ୍ୟସ୍ତ ବ୍ୟକ୍ତି ଥାଇ ପାରନ୍ତି । ତେଣୁ ଇମାମ ନମାଜକୁ ଅଧିକ ଲମ୍ବାଇବା ସମୀଚିନ ନୁହେଁ ।

୧୨) ଯଦି କୌଣସି ନମାଜରେ, କେବଳ ଜଣେ ମୁକତଦି ଥିବେ, ତେବେ ସେ ଇମାମଙ୍କ ଡାହାଣ ପଟେ ଛିଡ଼ା ହେବେ । ଯଦି ଆଉ ଜଣେ ମୁକତଦି ଆସିଯା'ନ୍ତି ତା'ହେଲେ ସେ ଇମାମଙ୍କ ବାମ ପଟେ ଛିଡ଼ାହେବେ । କିନ୍ତୁ ଏକାଧିକ ମୁକତଦି ଅର୍ଥାତ ତିନିରୁ ଅଧିକ ଆସିଗଲେ ଇମାମ ଆଗରେ ଛିଡ଼ା ହୋଇ ନମାଜ ପଢ଼ାଇବେ ।

୧୩) ମହିଳାମାନେ ମଧ୍ୟ ଏକତ୍ରିତ ହୋଇ ନମାଜ ବା'ଜମାଅତ୍ ବା ସାମୁହିକ ନମାଜ ପଢ଼ି ପାରିବେ । କୌଣସି ଯୋଗ୍ୟ ମହିଳା ସେମାନଙ୍କ ଇମାମ ହୋଇ ନମାଜ ପଢାଇ ପାରନ୍ତି । କିନ୍ତୁ ସେ ଆଗରେ ଛିଡ଼ା ନହୋଇ ପ୍ରଥମ ଧାଡ଼ିରେ ସେମାନଙ୍କ ମଝିରେ ରହିବେ ।

୧୪) ମହିଳାମାନେ ନମାଜ ପଢ଼ିବା ପାଇଁ ପ୍ରତିଦିନ ମସଜିଦକୁ ଯିବା ବାଧ୍ୟତା ମୂଳକ ନୁହେଁ । ଯଦି କୌଣସି ବାହ୍ୟ ପ୍ରତିବନ୍ଧକର ଆଶଙ୍କା ନ ଥାଏ, ତେବେ ସ୍ତ୍ରୀମାନେ ସ୍ୱାମୀମାନଙ୍କ ଅନୁମତି କ୍ରମେ ଜୁମା ନମାଜ ଓ ରାତ୍ରୀକାଳୀନ ଇଶା, ତରାଓ୍ୱି, ତହଜୁଦ୍ ଓ ପ୍ରାତଃ କାଳୀନ ଫଜର ନମାଜ ସକାଶେ ମସଜିଦକୁ ଯାଇପାରନ୍ତି । ସେହିପରି କାହାର ଜନାଜାଃରେ ମଧ୍ୟ ପର୍ଦ୍ଦା ସହିତ ଯୋଗ ଦେଇ ପାରନ୍ତି ।

୧୫) ଜଣେ ପୁରୁଷ ମହିଳାମାନଙ୍କର ଇମାମ ହୋଇ ପାରନ୍ତି । ସେହି ମୁକତଦି କେବଳ ମହିଳା ହୋଇଥାଇ ପାରନ୍ତି କିମ୍ବା ପୁରୁଷ ଓ ମହିଳା ମିଳିତ ହୋଇ । ମାତ୍ର ମହିଳା କେବେ ହେଲେ ପୁରୁଷମାନଙ୍କ ଇମାମ ହୋଇ ପାରିବ ନାହିଁ । ଅବଶ୍ୟ ସେ ମହିଳାମାନଙ୍କର ଇମାମ କାର୍ଯ୍ୟ ତୁଲାଇ ପାରିବେ ।

୧୬) ଯଦି ପୁରୁଷ ଇମାମ ହୋଇଥିବେ ଓ ଜଣେ ମାତ୍ର ମୁକତଦି ମହିଳା ହୋଇଥିବେ, ତା'ହେଲେ ସେ ଏକାକୀ ପଛରେ ଛିଡ଼ା ହେବେ । ଯଦି ମୁକତଦି ଜଣକ ଇମାମଙ୍କର ପତ୍ନୀ କିମ୍ବା ମହରମ୍ ଅର୍ଥାତ ଭଉଣୀ ଅଥବା କନ୍ୟା ହୋଇଥାଏ, ତା'ହେଲେ ସେ ପୁରୁଷ ଇମାମଙ୍କ ସହିତ ଛିଡ଼ା ହୋଇପାରେ ।

୧୭) ଇମାମ ଓ ମୁକତଦି ଗୋଟିଏ ସମତଳ ଭୁମିରେ ଛିଡ଼ା ହେବା ଉଚିତ । କିନ୍ତୁ ଯଦି ଛିଡ଼ା ହେବାକୁ ଜାଗା ନାହିଁ, ତେବେ ମୁକତଦି ଇମାମଙ୍କ ଠାରୁ ଉପରକୁ କିମ୍ବା ତଳକୁ ହୋଇ ଛିଡ଼ା ହେଇ ପାରନ୍ତି । କିନ୍ତୁ ସର୍ତ୍ତ ହେଉଛି ଯେ କେତେକ ମୁକତଦି ଇମାମଙ୍କ ସହିତ ସମାନ ଉଚ୍ଚତାରେ ଆଗକୁ ରହିଥିବେ ।

୧୮) ଯଦି ଇମାମ ନମାଜ ପଢାଉଥିବା ସମୟରେ ଓ୍ୱଜୁ ଭାଙ୍ଗି ଯାଏ, ତେବେ ସେ ମୁକତଦିମାନଙ୍କ ମଧ୍ୟରୁ ଇମାମ ନିଯୁକ୍ତ କରିବେ ଓ ନିଜେ ଅଲଗା ହୋଇଯିବେ ।

୧୯) ଯଦି କୌଣସି ମୁକତଦି ଓ୍ୱଜୁ ଭାଙ୍ଗି ଯାଉଥିବା କାରଣରୁ ସାମୁହିକ ନମାଜରୁ ଅଲଗା ହୋଇ ଯାଇଥିବ ଏବଂ ପୁଣି ଓ୍ୱଜୁ କରି ସାରି ଜମାଅତରେ ସାମିଲ ହୋଇଯାଏ, ତା'ହେଲେ ଯେତିକି ରକାତ ରହିଯାଇଥିବ, ତାକୁ ସେ ପୂରଣ କରିବାକୁ ହେବ ।

୨୦) ଯଦି ଇମାମ ଛିଡ଼ା ହେବା ପାଇଁ ଅସମର୍ଥ, ସେ ବସି କରି ମଧ୍ୟ ନମାଜ ପଢାଇ ପାରିବେ । କିନ୍ତୁ ମୁକତଦି ତାଙ୍କ ପଛରେ ଛିଡ଼ା ହୋଇ ନିଜର ନମାଜ ପଢ଼ିବାକୁ ହେବ ।

# ସାମୁହିକ ନମାଜର ବିଧି

୧) ଯଦି କୌଣସି ମୁକତଦି ସୁନ୍ନତ୍ ପଢୁଥିବା ଅବସ୍ଥାରେ ସାମୁହିକ ନମାଜ ଛିଡା ହୋଇଗଲା, ତେବେ ସେ ତୁରନ୍ତ ସଲାମ ଫେରାଇ ଅର୍ଥାତ ନିଜର ବ୍ୟକ୍ତିଗତ ନମାଜ ଶେଷ କରି ସେହି ବା'ଜମାଅତ ନମାଜରେ ସାମିଲ ହୋଇଯିବା ଉଚିତ ।

୨) ଯେଉଁ ବ୍ୟକ୍ତି 'ରୁକୁ' ଅବସ୍ଥାରେ ଇମାମଙ୍କ ସହିତ ସାମିଲ ହୋଇଯାଏ, ତାହାର ସେହି ରକାତ ପୂରଣ ହୋଇଯାଏ । କିନ୍ତୁ ରୁକୁ ପରେ ଆସି ଯୋଗ ଦେଉଥିବା ବ୍ୟକ୍ତିଙ୍କର ସେହି ରକାତ ପୂରଣ ହୁଏ ନାହିଁ ।

୩) ଯେତେବେଳେ ନମାଜ ବା'ଜମାଅତ ଛିଡା ହୋଇଯିବ, ରୁକୁରେ ଯାଇ ସାମିଲ ହେବାର ଭାବନା ମନରେ ରଖି ଯଦି ନିଜକୁ ସେ ପର୍ଯ୍ୟନ୍ତ ଅଟକାଇ ରଖିବ, ତା'ହେଲେ ତାହା ଯଥାର୍ଥ ନୁହେଁ । ବରଂ ନମାଜରେ ସଙ୍ଗେ ସଙ୍ଗେ ଯାଇ ସମ୍ମିଳିତ ହେବା ଜରୁରୀ ।

୪) ଯଦି କୌଣସି ବ୍ୟକ୍ତି ଏପରି ସମୟରେ ନମାଜରେ ସାମିଲ ହେବ, ଯେତେବେଳେ କି ଇମାମ ଗୋଟିଏ ବା ଦୁଇଟି ରକାତ ପଢି ସାରିଥିବେ, ତେବେ ଯେତେ ରକାତ ପୂର୍ବରୁ ରହି ଯାଇଥିବ ତାହାକୁ ଇମାମ ସଲାମ ଫେରାଇ ସାରିବା ପରେ ପୂରଣ କରିବାକୁ ହେବ । ଅର୍ଥାତ ନିଜେ ଇମାମଙ୍କ ସହିତ ସଲାମ ନଫେରାଇ ନମାଜକୁ ସଂପୂର୍ଣ୍ଣ କରିବା ପାଇଁ ଛିଡା ହୋଇଯିବ ।

୫) ଯଦି ଜଣେ ନମାଜୀ ପ୍ରଥମ କିମ୍ବା ଦ୍ୱିତୀୟ ରକାତରେ ସାମିଲ ହୋଇ ପାରିଲା ନାହିଁ, ସେପରି ସ୍ଥଳେ ଯେଉଁ ରକାତ ସେ ପଢିବ ସେଥିରେ ସୁରଃ ଫାତିହା ବ୍ୟତୀତ ପବିତ୍ର କୁରଆନର ଏକ ଅଂଶ ପଢିବା ଜରୁରୀ, ଯାହା ଉଣା ଅଧିକରେ ତିନୋଟି ପଙ୍କ୍ତି ସହିତ ସମାନ ହୋଇଥିବ । ତା'ସକାଶେ ଏହି ରକାତ ମୂଳ ଆଡୁ ବିବେଚିତ ହେବ ।

୬) ଯଦି କୌଣସି ବ୍ୟକ୍ତି ପ୍ରଥମ ବେଳାର ନମାଜ ପଢୁଥିବ ଏବଂ ଦ୍ୱିତୀୟ ବେଳାର ନମାଜ ବା'ଜମାଅତ ଛିଡା ହୋଇ ଯାଇଥିବ, ତା'ହେଲେ ସେହି ପରିସ୍ଥିତିରେ ସେ ପ୍ରଥମ ବେଳାର ନମାଜ ପ୍ରଥମେ ପଢିନେବା ଉଚିତ । କିନ୍ତୁ ଯଦି ଦ୍ୱିତୀୟ ବେଳାର ନମାଜ ଏପରି ନିଅଣ୍ଟ ହୋଇଯିବ ଯେ ଯଦି ପ୍ରଥମଟିକୁ ସେ ପଢିବ, ତା'ହେଲେ

ଦ୍ୱିତୀୟ ନମାଜର ସମୟ ଅତିକ୍ରାନ୍ତ ହୋଇଯିବ । ସେପରି ସ୍ଥିତିରେ ପରବର୍ତ୍ତି କାଳୀନ ନମାଜକୁ ସେ ପ୍ରଥମେ ପଢିବ ଓ ପୂର୍ବବର୍ତ୍ତୀ ନମାଜ ପଢିବାର ଯେଉଁ ଦାୟୀତ୍ୱ ତା'ଉପରେ ରହିଥିଲା, ତାକୁ ଏହାର ପଛକୁ ପକାଇ ଦେବ ।

୭) ଯଦି ଇମାମ କେତେବେଳେ ଦୁଇଟି ନମାଜକୁ 'ଜମା' (ଏକତ୍ରୀକରଣ) କରନ୍ତି ଅଥଚ ମୁକତଦିକୁ ଜଣା ନଥିବ ଯେ ତାହା କେଉଁ ନମାଜ ଏବଂ ସେ ଜମାଅତରେ ଆସି ସାମିଲ ହୋଇଯାଏ, ତା'ହେଲେ ତା'ର ସେହି ନମାଜ ସେହି ବେଳା ପାଇଁ ଗଣ୍ୟ ହେବ ଯାହାକୁ ଇମାମ ପଢାଇଥିବେ । ଏହାପରେ ମୁକତଦି ଦ୍ୱିତୀୟ ବେଳାର ନମାଜକୁ ପଢିବେ ।

ଦୃଷ୍ଟାନ୍ତ ସ୍ୱରୂପ ଯଦି ଇମାମ 'ଜମା' କଲାବେଳେ ଆସର ନମାଜ ପଢାଉଥିଲେ, କିନ୍ତୁ ନମାଜୀ ଜଣକ ତାକୁ ଜୁହର ବୋଲି ଭାବି ସେଥିରେ ଯୋଗ ଦେଉଥିବେ, ତା'ହେଲେ ତା'ପାଇଁ ମଧ୍ୟ ତାହା ଅସର୍ ନମାଜ ଧରାଯିବ । ଏବଂ ଜୁହରର 'କଜା' (ଉଚ୍ଛୁର ନମାଜ) ସେ ପରେ ପଢିନେବେ । କିନ୍ତୁ ଯଦି ଏହା ଜଣାପଡେ ଯେ ଇମାମ ଅସର ନମାଜ ପଢାଉଛନ୍ତି, ତା'ହେଲେ ସେ ଜମାଅତରେ ସାମିଲ ନ ହୋଇ ପ୍ରଥମେ ଜୁହର ନମାଜକୁ ଅବଶ୍ୟ ପଢିବା ଉଚିତ ଓ ଏହାକୁ ପଢି ସାରିବା ପରେ ପୁଣି ଅସର ନମାଜରେ ଇମାମଙ୍କ ସହିତ ଯୋଗ ଦେବେ ।

୮) ଯଦି ଇମାମ ଚାରି ରକାତ ବିଶିଷ୍ଟ ନମାଜ ପଢାଉଥାନ୍ତି ଓ ସେ ମଧ୍ୟବର୍ତ୍ତୀ 'ତଶହୁଦ୍' (ଅତ୍ତହିୟାତୁ..) ପଢିବା ଭୁଲି ଯାଇ ତୃତୀୟ ରକାତ ପାଇଁ ଛିଡା ହେବାକୁ ଲାଗନ୍ତି, କିନ୍ତୁ ଯଦି ଆଣ୍ଠୁ ସିଧା କରିବା ପୂର୍ବରୁ ପୁନର୍ବାର ତଶହୁଦ୍ ପଢିବା ପାଇଁ ବସିଯାନ୍ତି, ତା' ହେଲେ 'ସଜ୍‌ଦା ସହୁ' (ନମାଜ ଶେଷରେ କରାଯାଉଥିବା ସଂଶୋଧନକାରୀ ସଜ୍‌ଦା)ର ଆଉ ଆବଶ୍ୟକତା ପଡିବ ନାହିଁ । କିନ୍ତୁ ଯଦି ସେ ତୃତୀୟ ରକାତ ପାଇଁ ପୁରାପୁରି ଛିଡା ହୋଇଯାଆନ୍ତି, ତେବେ 'ତଶହୁଦ୍' ପାଇଁ ଆଉ ବସିବେ ନାହିଁ । ତାଙ୍କୁ ଶେଷରେ ସଜ୍‌ଦା ସହୁ କରିବାକୁ ପଡିବ ।

୯) ଯେଉଁ ବ୍ୟକ୍ତି ଦୁଇ ରକାତ ପଢୁଥିଲା, କିନ୍ତୁ ଭୁଲିଯିବା ଯୋଗୁଁ ତୃତୀୟ ରକାତ ପାଇଁ ଛଡା ହୋଇଗଲା ଏବଂ ପଛରେ ତା'ର ଏକଥା ମନେ ପଡିଗଲା ଯେ ତା'ର ଦୁଇ ରକାତ ବିଶିଷ୍ଟ ନମାଜ ସଂପୂର୍ଣ୍ଣ କରି ସାରିଛି, ତା' ହେଲେ ତତ୍‌କ୍ଷଣାତ ସେ ବସିଯିବା ଉଚିତ ଓ ତଶହୁଦ୍ ପଢି ନମାଜ ପୁରା କରିବାକୁ ହେବ । କିନ୍ତୁ ଯଦି ସେ ତୃତୀୟ ରକାତର ରୁକୁ କରି ନେଇଛି ଓ ସେତିକିବେଳେ ପୁଣି ତା'ର ମନେ ପଡିଗଲା, ତା'ହେଲେ ସେ ତୁରନ୍ତ ତଶହୁଦ୍ ପାଇଁ ବସିଯିବ ଓ ଶେଷରେ ଏହି ଭୁଲର ସଂଶୋଧନ ପାଇଁ ସଲାମ ଫେରାଇବା ଆଗରୁ 'ସଜ୍‌ଦା ସହୁ' କରିବ ।

୧୦) ଯଦି ଇମାମ କୌଣସି ଆୟତ ଭୁଲି ଯାଆନ୍ତି କିମ୍ବା ଭୁଲ ପଢନ୍ତି, ତେବେ ମୁକତଦି ଉଚ୍ଚ ସ୍ୱରରେ ସଠିକ ଆୟତ ପଢିଦେବେ । ସେ ଭୁଲରେ ଛାଡି ଯାଇଥିବା ଆୟତକୁ ସେହିଠାରୁ ହିଁ ମନେ ପକାଇ ଦେବେ । କିନ୍ତୁ ଯଦି ଭୁଲ ବଶତଃ ନମାଜର କ୍ରମ ବଦଳିଯାଏ କିମ୍ବା ନମାଜର କୌଣସି ଉପଯୁକ୍ତ ମୁଦ୍ରା ରହିଯାଏ, ଯେପରି ମଧ୍ୟବର୍ତ୍ତୀ ଜାନୁପାତର ଅଙ୍ଗଭଙ୍ଗୀ, ତା'ହେଲେ 'ସଜଦା ସହୁ' ଜରୁରୀ ହୋଇପଡେ ।

୧୧) ଯେଉଁ ଲୋକମାନେ ଯୁଗର ଇମାମ (ପଥ ପ୍ରଦର୍ଶକ)ଙ୍କର ଅମାନ୍ୟ କରନ୍ତି, ସେମାନଙ୍କ ପଛରେ ନମାଜ ପଢିବା ନିଷେଧ । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଚଳିତ ଯୁଗ ପ୍ରବର୍ତ୍ତକ, ଇମାମ ମେହଦି ତଥା ମସିହ ମଉଦ[ଅସ] ଏହିପରି କହିଛନ୍ତି :

"ଈଶ୍ୱର ମୋତେ ଜଣାଇଛନ୍ତି ଯେ ତୁମ ଉପରେ ଏହା ନିଷିଦ୍ଧ କରାଯାଉଛି ଓ ସଂପୂର୍ଣ୍ଣ ଅସିଦ୍ଧ ଘୋଷଣା କରାଯାଉଛି ଯେ ତୁମେମାନେ କୌଣସି ଅମାନ୍ୟକାରୀ, ମିଥ୍ୟାବାଦୀ ଓ ଅଧର୍ମୀଙ୍କ ପଛରେ କଦାପି ନମାଜ ପଢ଼ିବ ନାହିଁ । ବରଂ ସେହି ତୁମମାନଙ୍କର ଇମାମ ହେବ (ନମାଜର ନେତୃତ୍ୱ ନେବ) ଯିଏ ତୁମ ଅନୁଗାମୀ ମଧ୍ୟରେ ରହିଥିବ ।" **(ରୁହାନି ଖଜାୟିନ୍, ଭାଗ ୧୭, ପୃ ୪୧୭)**

# ସାଧାରଣ ଜାଣିବା ବିଷୟ

୧) ଆପଣା ନମାଜକୁ ନିର୍ଦ୍ଧାରିତ ସମୟରେ ଓ ନିୟମିତ ରୂପେ ପାଠ କରନ୍ତୁ , ଯେପରି ପବିତ୍ର କୁରଆନରେ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

إِنَّ الصَّلٰوةَ كَانَتْ عَلَى الْمُؤْمِنِيْنَ كِتٰبًا مَّوْقُوْتًا ۝١٠٤

"ବିଶ୍ୱାସକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିବା ଅନିବାର୍ଯ୍ୟ କରାଯାଇଛି"

**(ଅଲ ନିସା ୧୦୪)**

୨) ନମାଜ ପାଞ୍ଚବେଳା ମଧ୍ୟରୁ ଯଦି ଗୋଟିଏ ବେଳାର ନମାଜକୁ ମଧ୍ୟ ଜାଣିଶୁଣି ଛଡା ଯାଇଥାଏ, ତେବେ ଏହା ଅମାନ୍ୟକର ପରିସ୍ଥିତିରେ ନେଇ ପହଞ୍ଚାଇ ଦିଏ, ସେପରି ହେଲେ ମନରେ ଗଭୀର ଅନୁତାପ ଓ କ୍ଷମା ପ୍ରାର୍ଥନା କରିବା ଉଚିତ । ଯଦି ଆପଣଙ୍କର ଭୁଲ ବଶତଃ କୌଣସି ନମାଜ ବାକି ରହିଯାଇଥାଏ, ତା'ହେଲେ 'କଜା' କରି ପଢନ୍ତୁ ଓ ଏଥିପାଇଁ ଗଭୀର ପଶ୍ଚାତାପ ଓ କ୍ଷମା ପ୍ରାର୍ଥନା ଜରୁରୀ ।

୩) ହଜରତ ମସିହ ମଉଦ[ଅସ] ଛାତ ଉପରେ ହାତ ବାନ୍ଧି ରଖୁଥିଲେ ଓ ନମାଜ ଆରମ୍ଭ କରିବାର ସଂକଳ୍ପ (ନିୟତ) କରୁଥିଲେ । କେତେକ ବ୍ୟକ୍ତି ନାଭି ଉପରେ ଅଥବା ପେଟ ଉପରେ ହାତ ବାନ୍ଧୁଥିଲେ । ତେବେ ଏଥିରେ କୌଣସି ଆପତ୍ତି ନାହିଁ ।

୪) 'ରୁକୁ' କରିବା ସମୟରେ ଅଣ୍ଟା ସିଧା ରହିବା ଉଚିତ ଓ ନିଜର ଦୃଷ୍ଟି ତଳକୁ ସଜ୍‌ଦାଗାହ ଅର୍ଥାତ ମୁଣ୍ଡିଆ ମାରିବା ସ୍ଥାନକୁ ନିବଦ୍ଧ ରହିବା ଉଚିତ । ରୁକୁ ସଂପୂର୍ଣ୍ଣ ଧୀର ଓ ଅବିଚଳିତ ସ୍ଥିତିରେ କରାଯିବା ଉଚିତ ।

୫) ରୁକୁ ଶେଷ ହେବା ପରେ ସଳଖ ହୋଇ ଛିଡା ହେବା ଉଚିତ । ତା'ପରେ ଅତ୍ୟନ୍ତ ବିନମ୍ରତାର ସହିତ ସଜଦାଃ କରିବାକୁ ହେବ । ଏହି ମୁଦ୍ରାକୁ ଯିବା ପାଇଁ ପ୍ରଥମେ ଆଣ୍ଠୁଦ୍ୱୟକୁ ଭୁମି ଉପରେ ରଖିବାକୁ ହେବ । ସଜଦାଃ ବା ଭୂମିଷ୍ଠ ପ୍ରଣିପାତ କରିବା ସମୟରେ ନିଜ ମଥା, ନାକ, ଦୁଇ ହାତ, ଦୁଇ ଆଣ୍ଠୁ ଓ ଦୁଇ ପାଦର ପଞ୍ଝା ଭୁଇଁରେ ଲାଗିବା ଉଚିତ । କିନ୍ତୁ କହୁଣୀ ଭୁଇଁରେ ଲାଗିବ ନାହିଁ । ଦୁଇ ବାହୁ ତଥା ପେଟ ଜଙ୍ଘ ଠାରୁ ଅଲଗା ଛାଡି ହୋଇ ରହିବ । ସେହିପରି ପାଦର ଆଙ୍ଗୁଳିଗୁଡିକ ଏକାଠି ଯୋଡି ହୋଇ କିବଲା ମୁହାଁ ହୋଇ ରହିବ । କିନ୍ତୁ ପାଦଦ୍ୱୟକୁ ଭୁମି ଠାରୁ ଉଠାଇ ବା ଉଚ୍ଚ କରି ରଖନ୍ତୁ ନାହିଁ ।

୬) ଦୁଇ ରକାତ ଶେଷରେ ଯେତେବେଳେ ବସିଥିବା ଅବସ୍ଥାରେ ତଶହ୍ହୁଦ କରିବ, ସେତେବେଳେ ଅଶ୍‌ହଦୁଅଲ୍ଲା... କହୁଥିବା ବେଳେ ଡାହାଣ ହାତର ବିଶି ଅଙ୍ଗୁଳିକୁ ଉଠାଇବ । ଏହା ସାକ୍ଷ୍ୟ ପ୍ରଦାନର ପ୍ରତୀକ ସ୍ୱରୂପ ।

୭) ଯଦି ନମାଜର କେବଳ ଦୁଇ ରକାତ ପଢିବାକୁ ଥିବ, ତେବେ ଦ୍ୱିତୀୟ ରକାତ ପରେ ବସିକରି ତଶହ୍ହୁଦ (ଅତ୍ତହିୟାତୁ.....), ଦରୁଦ୍ ଶରିଫ (ଅଲ୍ଲାହୁମ୍ମା ସଲ୍ଲେ ଅଲା.....) ଓ ତିନୋଟି ମସନୁନ୍ ଦୁଆ (ପ୍ରାର୍ଥନାର ବାକ୍ୟ) ପଢିସାର ସଲାମ ଫେରାଇ ନମାଜ ଶେଷ କରିବ ।

୮) ଯଦି ନମାଜରେ ତିନି ରକାତ ପଢିବାର ଥିବ , ତେବେ ଦ୍ୱିତୀୟ ରକାତରେ ବସି 'ତଶହୁଦ' ପଢିବା ପରେ 'ଅଲ୍ଲାହୁ ଅକବର', କହି ଛିଡା ହୋଇଯିବ । ତୃତୀୟ ରକାତରେ କେବଳ ସୁରଃ ଫାତିହା ପଢିବା ପରେ ରୁକୁ ତଥା ସଜ୍‌ଦା କରିସାରି ପୁଣି ଥରେ ବସିବ ଓ ତଶହୁଦ, ଦରୁଦ ଶରିଫ ତଥା ଆନୁସଙ୍ଗୀକ ଦୁଆ ଇତ୍ୟାଦି ପଢି ସଲାମ ଫେରାଇବ ।

୯) ଯଦି ଫର୍ଜ ନମାଜର ଚାରି ରକାତ ପଢିବାର ଅଛି, ତା'ହେଲେ ପ୍ରଥମ ଦୁଇ ରକାତ ପଢିସାରି ବସିବା ମୁଦ୍ରାରେ ତଶହୁଦ ପଢିସାରି ପୁଣି ଛିଡା ହୋଇ ତୃତୀୟ ଓ ଚତୁର୍ଥ ରକାତ ସଂପୂର୍ଣ୍ଣ କରିବ । ସେଥିରେ ଛିଡା ହେବା ମୁଦ୍ରାରେ କେବଳ ସୁରଃ ଫାତିହା ପଢିବ । ଚତୁର୍ଥ ବା ଶେଷ ରକାତର ସଜ୍‌ଦାଃ ପରେ ତଶହୁଦ ପାଇଁ ବସିବ । ଏହା ସହିତ ଦରୁଦ ଶରିଫ ଓ ଦୁଆ ପରେ ସମାପ୍ତି ସୂଚକ ସଲାମ ଫେରାଇବ ।

୧୦) ଯଦି ସୁନ୍ନତ କିମ୍ବା ନଫିଲ ନମାଜ (ମୁହମ୍ମଦଙ୍କ ଅନୁସୃତ ବା ଅତିରିକ୍ତ ନମାଜ) ଚାରି ରକାତ ପଢିବାକୁ ଅଛି, ତା'ହେଲେ ପ୍ରତି ରକାତରେ ସୁରଃ ଫାତିହା ପରେ ପବିତ୍ର କୁରଆନର କୌଣସି ଅଂଶ ପଢିବାକୁ ହେବ ।

୧୧) ନମାଜରେ ଯଦି କିଛି ପାଶୋରି ଯାଇଥିବ ଅଥବା କୌଣସି ପ୍ରକାର କମ ବେଶୀ ହୋଇଥିବାର ଭାବନା ମନକୁ ଆସିବ, ତା' ହେଲେ ଯେତିକି ଅଂଶ ଠିକ୍ ଲାଗୁଥିବ, ତାକୁ ଆଗ ପୁରା କରିଦେବ । ତଶହୁଦ, ଦରୁଦ ଶରିଫ ଓ ଦୁଆ ପରେ ସଲାମ କରିବା ପୂର୍ବରୁ ବା ପରେ ଦୁଇଟି 'ସଜଦା ସହୁ' କରିବ । ଦୃଷ୍ଟାନ୍ତ ସ୍ୱରୂପ ଯଦି ସନ୍ଦେହ ହୁଏ ଯେ ମୁଁ ତିନି ରକାତ ପଢିଛି କି ଚାରି ରକାତ, ତେବେ ସେପରି ସ୍ଥଳେ ତିନି ରକାତକୁ ଦୃଢ ନିଶ୍ଚିତ ଭାବି ଆଉ ଏକ ରକାତ ଅଧିକ ପଢିବ ଓ ପୁଣି ସଜ୍‌ଦା ସହୁ କରିବ ।

୧୨) ଯଦି କୌଣସି ବ୍ୟକ୍ତି ଏକୁଟିଆ ନମାଜ ପଢୁ ପଢୁ ତା'ର ଓ୍ୱଜୁ ଭାଙ୍ଗିଯାଏ, ତା'ହେଲେ ତାହା ପାଇଁ ଏହା କରିବା ବିଧେୟ ଯେ ଓ୍ୱଜୁ କରିସାରି ସେହିଠାରୁ ନମାଜ ଆରମ୍ଭ କରିବ ଯେଉଁଠାରେ ସେ ଛାଡି ଦେଇଥିବ । କିନ୍ତୁ ଏଥିପାଇଁ ସର୍ତ୍ତ ହେଉଛି ଯେ ସେ କାହା ସହିତ କଥା ହୋଇ ନଥିବ । କଥାବାର୍ତ୍ତା କରିଥିଲେ ତାକୁ ଆଉ ଥରେ ଆରମ୍ଭରୁ ନମାଜ ପଢିବାକୁ ପଡିବ ।

୧୩) ଜଣେ ନମାଜ ପଢୁଥିବା ଲୋକର ସାମନାରେ ଯିବା ମନା । ଯଦି କୌଣସି ନମାଜୀ ମସଜିଦରେ ନମାଜ ପଢୁଥିବ, ତା'ହେଲେ ଗୋଟିଏ ସଫ୍ (ଧାଡି)କୁ ଛାଡି ତା'ର ସାମନାରେ ଯାଇ ପାରିବ । ଯେଉଁ ନମାଜୀ ଖୋଲା ଜାଗାରେ ନମାଜ ପଢୁଥିବ, ସେ ନିଜ ସାମନାରେ କୌଣସି ଏକ ବସ୍ତୁ ଥୋଇଦେବ । ଏହାକୁ 'ସତ୍‌ରା' କୁହାଯାଏ ।

## ଅଧ୍ୟାୟ ୪

# ମୁସଲିମ ବିବାହ

ସମାଜରେ ଜଣେ ପୁରୁଷ ଓ ଜଣେ ମହିଳା ସ୍ୱାମୀ ଓ ସ୍ତ୍ରୀ ହିସାବରେ ଜୀବନଯାପନ କରିବା ପାଇଁ ଯେଉଁ ପବିତ୍ର ଚୁକ୍ତି ଦ୍ୱାରା ଆବଦ୍ଧ ହୁଅନ୍ତି, ଇସଲାମ ଧର୍ମରେ ତାକୁ **'ନିକାହ'** କୁହାଯାଏ । ତେବେ ବିବାହ ଏକ ପବିତ୍ର ବନ୍ଧନ ବା Secretment ଯାହାକୁ ଇସଲାମରେ ନବ ଦମ୍ପତିଙ୍କ ମଧ୍ୟରେ ଏକ ସାମାଜିକ ଚୁକ୍ତି (Social Contract) ବୋଲି ଧରାଯାଏ ।

କିନ୍ତୁ ବିବାହର ଏହି ପରମ୍ପରା ଋକ ବେଦ ରଚନା କାଳରୁ ବୈଦିକ ରୀତିରେ ଆରମ୍ଭ ହୋଇଥିବାର ପ୍ରମାଣ ମିଳେ । ହିନ୍ଦୁ ଧର୍ମରେ ଅଗ୍ନିକୁ ସାକ୍ଷୀ ରଖି ସାତ ଫେରା (ପରିକ୍ରମା) ଦ୍ୱାରା ପାଣି ଗ୍ରହଣ କରାଯାଏ ଓ ଜଣେ ହିନ୍ଦୁ ନାରୀ ପତିବ୍ରତା ହେବାର ଆଜୀବନ ସଂକଳ୍ପ ନେଇଥାଏ । କିନ୍ତୁ ମୁସଲିମ ବିବାହରେ 'ନିକାହ' ଘୋଷଣାନାମା ଦ୍ୱାରା ଉଭୟେ ପରସ୍ପର ପ୍ରତି କର୍ତ୍ତବ୍ୟ ପାଳନ କରିବାର ପ୍ରତିଶ୍ରୁତି ଗ୍ରହଣ କରାଯାଏ । ତାହା ହିଁ 'ତକ୍‌ୱା' ବା ଈଶ୍ୱର ଭୟ, ଯାହା ଉପରେ ବିବାହ ବନ୍ଧନ ସଂପୂର୍ଣ୍ଣ ରୂପେ ପର୍ଯ୍ୟବସିତ । ତେଣୁ ଇସଲାମରେ ବିବାହର ପରମ ଉଦ୍ଦେଶ୍ୟ ହେଉଛି ସତୀତ୍ୱ, ସିଦ୍ଧି, ତୃପ୍ତି ଓ ବଂଶରକ୍ଷା ମାଧ୍ୟମରେ ଅଲ୍ଲାହଙ୍କ ସାନିଧ୍ୟ ଲାଭ କରିବା । ସୁତରାଂ ପବିତ୍ର କୁରଆନରେ କୁହାଯାଇଛି :

هُوَ الَّذِي خَلَقَكُم مِّن نَّفْسٍ وَاحِدَةٍ وَجَعَلَ مِنْهَا زَوْجَهَا لِيَسْكُنَ إِلَيْهَا

'ଅଲ୍ଲାହ ତୁମମାନଙ୍କୁ ଏକମାତ୍ର ଜୀବକୋଷରୁ ସୃଷ୍ଟି କରିଛନ୍ତି ଓ ତନ୍ମଧ୍ୟରୁ ତାହାର ଯୋଡା ତିଆରି କରିଛନ୍ତି । ଯେପରି ପୁରୁଷ (ଜଣେ) ନାରୀ ପ୍ରତି ଅନୁରକ୍ତ ହୋଇ ସନ୍ତୋଷ ଲାଭ କରିବ ।' **(ଅଲ ଆ'ରଫ୍ ୧୯୦)**

ତେବେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିବାହର ଅର୍ଥ ଶାରୀରିକ ସମ୍ପର୍କ ହୋଇଥିଲେ ହେଁ ଦାର୍ଶନିକ ଦୃଷ୍ଟିରୁ ଏହାର ଅର୍ଥ ବ୍ୟାପକ । ଅଭିଧାନରେ ବିବାହ ଶବ୍ଦର ଏହିଭଳି ବିଶ୍ଳେଷଣ କରାଯାଇଛି :- ବିଶେଷ ଭାବରେ ଜୀବନ ନିର୍ବାହ କରିବା । ତେଣୁ ବିଶେଷ ଶବ୍ଦରେ ହିଁ ବିବାହର ସମସ୍ତ ତତ୍ତ୍ୱ ନିହିତ । ତାହା ହେଉଛି ପତିପତ୍ନୀଙ୍କ ପବିତ୍ର ସମ୍ଭୋଗରୁ ଲବ୍ଧ ସ୍ୱର୍ଗୀୟ ତୃପ୍ତି ଓ ତହିଁରୁ ଜାତ ସନ୍ତାନ ଦ୍ୱାରା ବଂଶ ବିସ୍ତାର ।

ଏହି ଦୃଷ୍ଟିରୁ ବିଚାର କଲେ ମନୁଷ୍ୟ ସମାଜ ତିଷ୍ଠି ରହିବା ପାଇଁ ବିବାହର ତାତ୍ପର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ସୁତରାଂ ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି ଯେ ବ୍ରହ୍ମାଙ୍କ ମାନସ ପୁତ୍ରମାନେ ନିଜ ନିଜ ବଂଶ ବିସ୍ତାର କରିବା ପାଇଁ ଦାବି କରିବାରୁ ସେ ଅର୍ଦ୍ଧ ନାରୀଶ୍ୱରଙ୍କୁ ସୃଷ୍ଟି କରିଥିଲେ । ପରବର୍ତ୍ତୀ କାଳରେ ତାହା ଦୁଇ ଭାଗରେ ବିଭାଜିତ ହୋଇ ଆଦିତି ଓ ଶତରୂପାଙ୍କ ଆବିର୍ଭାବ ଘଟିଲା ଏବଂ ସେମାନଙ୍କ ଶାରୀରିକ ମିଳନରୁ ସୃଷ୍ଟି ହେଲା ମନୁଷ୍ୟ ସମାଜ । ବାଇବେଲ ଅନୁଯାୟୀ ଆଦମ ଓ ଇଭ ନିଷିଦ୍ଧ ବୃକ୍ଷର ଫଳ ଖାଇବା ଯୋଗୁଁ ସେମାନଙ୍କୁ ବୈକୁଣ୍ଠରୁ ମର୍ତ୍ତ୍ୟପୁରକୁ ପଠାଇ ଦିଆଗଲା ।

**(ଜେନିସିସ୍ ୩: ୧୬-୧୭)**

ସୁତରାଂ ବିବାହର ସଂଜ୍ଞା ହେଉଛି The Marriage is nothing but the combination of two opposit sex with social approval. ଏହିପରି ମଧ୍ୟ ପତିପତ୍ନୀଙ୍କ ସମ୍ପର୍କକୁ ପବିତ୍ର କୁରଆନ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛି ।

هُنَّ لِبَاسٌ لَّكُمْ وَاَنْتُمْ لِبَاسٌ لَّهُنَّ

**ହୁନ୍‌ନା ଲିବାସୁଲ୍ ଲକୁମ୍ ଓ୍ୱଅନ୍‌ତୁମ୍ ଲିବାସୁଲ୍ ଲହୁନ୍ନା**

ଅର୍ଥାତ; ପତ୍ନୀ ତୁମମାନଙ୍କ ପାଇଁ ପରିଧାନ ଓ ତୁମେମାନେ ସେମାନଙ୍କ ପାଇଁ ପରିଧାନ ।

**(ଅଲ ବକରା ୧୮୮)**

ଅନ୍ୟ ଅର୍ଥରେ ଜଣେ ଅନ୍ୟର ପୋଷାକ ସଦୃଶ ସଂରକ୍ଷକ ରୂପେ ନିଯୁକ୍ତ ହୋଇଛନ୍ତି । ଜଣେ ଥିଲେ ଆରେକ ନାମରେ ଦୋଷାରୋପ କରିବା କିମ୍ବା ଅପବାଦ ଦେବାକୁ ଲୋକମାନେ ଭୟ କରିଥାନ୍ତି ।

ତେବେ ଯୁଗେ ଯୁଗେ ନାରୀ ଜାତି ସ୍ୱଭାବତଃ ପୁରୁଷ ଉପରେ ନିର୍ଭରଶୀଳ । ପବିତ୍ର କୁରଆନ ବାଣୀରେ ସ୍ପଷ୍ଟ ରୂପେ କୁହାଯାଇଛି:

اَلرِّجَالُ قَوّٰمُوْنَ عَلَى النِّسَآءِ

**ଅର୍‌ରଜାଲୁ କଓ୍ୱାମୁନା ଅଲନ୍ ନିସା'ଏ**

ଅର୍ଥାତ 'ପୁରୁଷମାନେ ନାରୀମାନଙ୍କ ଅଭିବାବକ ରୂପେ ନିରୂପିତ ହୋଇଛନ୍ତି ।' **(ଅଲ ନିସା ୩୫)**

ପୁରୁଷ କେବଳ ଗୃହକର୍ତ୍ତା ନୁହେଁ ଅଭିବାବକ ବୋଲି କୁହାଯାଇଛି । ତେଣୁ ସ୍ୱାମୀ ହିଁ ସ୍ତ୍ରୀର ଇହକାଳ ଓ ପରକାଳର ଦେବତା ବୋଲି ହିନ୍ଦୁ ଶାସ୍ତ୍ରରେ କୁହାଯାଇଥିବା ବେଳେ ପତି ପରମେଶ୍ୱରର ଏହି ଭାବନାକୁ ଅଧିକ ପ୍ରସ୍ଫୁଟିତ କରି ହଜରତ ମୁହମ୍ମଦ[ସଅ] ଏକଦା ନାରୀ ସମାଜକୁ କହିଥିଲେ 'ଯଦି ଈଶ୍ୱରଙ୍କର ପରେ କାହାକୁ ପୂଜା କରିବାର ଅନୁମତି ଦିଆ ଯାଇଥାନ୍ତା, ତା'ହେଲେ ମୁଁ କହିଥାନ୍ତି ଯେ ନିଜ ସ୍ୱାମୀକୁ ସଜ୍‌ଦାଃ କର ।'

ପୁନଶ୍ଚ ବିବାହ ନକରି ବ୍ରହ୍ମଚର୍ଯ୍ୟ ପାଳନ କରିବା ଅର୍ଥାତ ଚିରକୁମାର ବା ଚିରକୁମାରୀ ରହିବାର ଜୀବନଶୈଳୀ ଯାହାକୁ 'ରହବାନିୟତ୍' କୁହାଯାଏ, ଇସଲାମ ସଂପୂର୍ଣ୍ଣ ରୂପେ ଅସିଦ୍ଧ ଘୋଷଣା କରିଛି । ସୁତରାଂ ପବିତ୍ର କୁରଆନ କୁହେ 'ରହବାନିୟତ' (ବ୍ରହ୍ମଚର୍ଯ୍ୟ)କୁ ପାଥେୟ କରିବାର ଆମ୍ଭେ ନିର୍ଦ୍ଦେଶ ଦେଇନାହୁଁ । ଯେହେତୁ ଏହା ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତିର ମାର୍ଗ ନୁହେଁ ।' **(ଅଲ ହଦିଦ ୨୮)**

ଇସଲାମ ଏକ ପକ୍ଷେ ବ୍ୟଭିଚାରକୁ ବାରଣ କରି ଯୌନ ଉଚ୍ଛୃଙ୍ଖଳତାକୁ ଅବୈଧ ଘୋଷଣା କରେ ତ ଅନ୍ୟ ପକ୍ଷେ ବୈଧାନିକ ରୀତିରେ ବିବାହକୁ ସ୍ୱୀକୃତି ପ୍ରଦାନ ପୂର୍ବକ ପ୍ରକୃତିର ଏହି ନିୟମକୁ ସମାଜରେ ପ୍ରଚଳନ କରିଛି । ପୁଣି ଅବାଧ ଯୌନାଚାର ଓ ନିର୍ଲ୍ଲଜ ଆଚରଣକୁ ସମାଜରୁ ଉଚ୍ଛେଦ କରିବା ପାଇଁ ହଜରତ ମୁହମ୍ମଦ[ସଅ] ବିବାହର ଶୃଙ୍ଖଳିତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଛନ୍ତି । **(ହଦିସ ମସନଦ, ଭାଗ ୨, ପୃ-୨୨୬)**

ଇସଲାମରେ ବିବାହର ଅନୁମତି ସକାରାତ୍ମକ ଉପାୟରେ ପ୍ରଦାନ କରାଯାଇଛି । ସୁତରାଂ ଦିବ୍ୟ ଅବତାର ମୁହମ୍ମଦ[ସଅ] ଏହିପରି କହିଥିବାର ପ୍ରିୟ ସହଚର ଅବୁହୁରେରା[ରଅ] ବର୍ଣ୍ଣନା କରିଛନ୍ତି ।

**'ତୁନ୍ କହୁଲ୍ ମର୍ଆତୁ ଲି ଅରବଇନ୍ ଲିମା ଲିହା ଓ୍ୱଲିସାବିହା ଓ୍ୱଲିଦିନିହା ଫଜ୍‌ଫୁର୍ ବିଜାତିବ୍ ଦିନୀ ତରିବତ୍ ୟଦାକା'**

ଅର୍ଥାତ୍ "ସାଧାରଣତଃ ଚାରିଗୋଟି କାରଣରୁ ଜଣେ ପୁରୁଷ ଜଣେ ନାରୀକୁ ବିବାହ କରେ । ତାହା ହେଉଛି ତା'ର ସଂପତ୍ତି, ତା'ର ବଂଶ ଆଭିଜାତ୍ୟ, ତା'ର ସୌନ୍ଦର୍ଯ୍ୟ କିମ୍ବା ତା'ର ଧର୍ମ ପରାୟଣତା । କିନ୍ତୁ ଯେଉଁ ବିବାହ ଯୋଗ୍ୟା ଯୁବତୀ ବା ନାରୀ ଧର୍ମ ପରାୟଣା, ତା'କୁ ହିଁ ଅଗ୍ରାଧିକାର ଦିଅ ଓ ତୁମେ ବିନମ୍ର ହୁଅ"

**(ହଦିସ ବୁଖାରି)**

ସୁତରାଂ ନିକାହର ଦୈବି ବ୍ୟବସ୍ଥାକୁ ସାର୍ବଜନୀନ କରି ହଜରତ ମୁହମ୍ମଦ[ସଅ] ଏହା ମଧ୍ୟ ଘୋଷଣା କରିଥିଲେ:

**'ଅନ୍ ନିକାହୁ ମିନ୍ ସୁନ୍‌ନତି ଫମଲ୍ଲମ୍ ୟାମଲ ବିସୁନ୍ନତି ଫଲୈସା ମିନ୍‌ନୀ ।'**

ଅର୍ଥାତ: 'ନିକାହ କରିବା (ବିବାହ ବଂଧନରେ ଆବଦ୍ଧ ହେବା) ହେଉଛି ମୋର ସୁନ୍ନତ୍ (ଅନୁସୃତ ପନ୍ଥା) । ଯେଉଁ ବ୍ୟକ୍ତି ମୋର ସୁନ୍ନତ ଉପରେ ପାଳନ ନକରିବ, ସେ ମୋର ଅନ୍ତର୍ଭୁକ୍ତ ନୁହେଁ ।' **(ହଦିସ ବୁଖାରି, ଭାଗ ୨)**

ଏଠାରେ ବୈବାହିକ ଜୀବନକୁ ଏକ ଦୃଢ ସୁରକ୍ଷା କବଚ ରୂପେ ଅଭିହିତ କରାଯାଇଛି । ଏଥି ସଂବନ୍ଧରେ ଇସଲାମର ଆଭିମୁଖ୍ୟ ହେଉଛି ଯେ ବିବାହ ଏପରି ଏକ ଦୁର୍ଗ ଯାହାର ବଳୟ ମଧ୍ୟକୁ କୌଣସି ଅନୈତିକ ଯୌନ ଲାଳସା, ଅଶ୍ଳୀଳତା ଆଦି ବାହ୍ୟ ଶତ୍ରୁ ପ୍ରବେଶ କରି ପାରନ୍ତି ନାହିଁ । କାରଣ ବିବାହିତ ଦମ୍ପତି ଏକ ଶୁଦ୍ଧ, ପବିତ୍ର ତଥା ମଧୁର ପ୍ରେମମୟ ଜୀବନ ଅତିବାହିତ କରନ୍ତି । ପବିତ୍ର କୁରଆନ ଏହିଭଳି ବିବାହିତ ପୁରୁଷକୁ 'ମୁହସିନ' ଅର୍ଥାତ ସ୍ୱାଧୀନଚେତା ସଚ୍ଚରିତ୍ରବାନ୍ ଏବଂ ବିବାହିତା ନାରୀଙ୍କୁ 'ମୁହସିନା' ଅର୍ଥାତ୍ ସ୍ୱାଧୀନା ସଚ୍ଚରିତ୍ରବତୀ ରୂପେ ଅଳଙ୍କୃତ କରିଛି । ଯଦ୍ଦ୍ୱାରା ସେମାନେ ନିଜର ଦାମ୍ପତ୍ୟ ଜୀବନକୁ ସେହି ସୁରକ୍ଷା ବଳୟ ମଧ୍ୟରେ ନିରାପଦ ରଖି ନୈସର୍ଗୀକ ଆନନ୍ଦ ଉପଭୋଗ କରିପାରିବେ ।

## ବହୁପତ୍ନୀକ ବିବାହ

ଆଜିକାଲି ଏକାଧିକ ପତ୍ନୀ ଗ୍ରହଣ ବିଷୟରେ ଅନେକ ଆପତ୍ତି ଉଠୁଛି ଏବଂ ହଜରତ ମୁହମ୍ମଦ[ସଅ] ସ୍ୱୟଂ କାହିଁକି ଏକାଧିକ ସଂଖ୍ୟକ ପତ୍ନୀ ବିବାହ କରିଥିଲେ ବୋଲି ପ୍ରଶ୍ନ କରାଯାଉଛି । ଏହାର ପ୍ରଥମ କାରଣ ସ୍ୱରୂପ ବହୁ ପତ୍ନୀକ ବିବାହକୁ ଷଷ୍ଠ ଶତାବ୍ଦୀ ବେଳକୁ ଏଥି ଯୋଗୁଁ ଆଇନ ସଂଗତ କରାଗଲା ଯେ ଜଣେ ବିବାହିତା ନାରୀ ଯଦି କୌଣସି ତାଡନାର ଶିକାର ହୋଇ ସତୀତ୍ୱ ହରାଇ ବସୁଥିଲା, ତାକୁ ବ୍ୟଭିଚାରୀଣିର ଅପବାଦରୁ ରକ୍ଷା କରିବା ପାଇଁ ଅନ୍ୟତ୍ର ବିବାହ କରି ଦିଆ ଯାଉଥିଲା । ପୁଣି ଯୁଦ୍ଧ ହେଲେ ପୁରୁଷମାନେ ଅଧିକ ସଂଖ୍ୟାରେ ପ୍ରାଣ ହରାଉଥିଲେ । ଫଳତଃ ପୁରୁଷମାନଙ୍କ ସଂଖ୍ୟା ହ୍ରାସ ପାଇବା ସ୍ୱାଭାବିକ । ସେହି ପରିସ୍ଥିତିରେ ଯେଉଁ ମହିଳାମାନେ ବିଧବା ହୋଇ ଯାଉଥିଲେ, ଦ୍ୱିତୀୟ ବିବାହ ଦ୍ୱାରା ସେମାନଙ୍କୁ ସମାଜରେ ସମ୍ମାନର ସହିତ ବଞ୍ଚିବା ତଥା ସୁରକ୍ଷା ପାଇଁ ସୁଯୋଗ ଦିଆଯାଉଥିଲା । କିନ୍ତୁ ହଜରତ ମୁହମ୍ମଦ[ସଅ] କହିଥିଲେ :

'ଜଣେ ବିଧବା ନାରୀର ବିବାହକୁ ତାହର ପରାମର୍ଶ ବିନା ସ୍ୱୀକୃତି ଦିଆଯିବ ନାହିଁ ।' **(ବୁଖାରି ଓ ମୁସଲିମ)** ସେ ସ୍ୱୟଂ ଏହାର ଉତ୍କୃଷ୍ଟ ଉଦାହରଣ ଦେଖାଇ କେବଳ ନିଜ ଗୋତ୍ରରେ ବା କୁରୈଶ ବଂଶରେ ବିବାହ କରି ନଥିଲେ ବରଂ ଇସ୍ରାଇଲୀୟ ଓ ଅନ୍ୟ ଆରବୀୟ ଜାତିମାନଙ୍କରୁ ମଧ୍ୟ ପତ୍ନୀ ଗ୍ରହଣ କରୁଥିଲେ । କାରଣ ସମ ମତାବଲମ୍ବୀଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେବା ଶ୍ରେୟସ୍କର । **(ଅଲ ବକରା ୨୨୨)** ଏଠାରେ ସର୍ତ୍ତ ରଖାଯାଇଛି ଯେ 'ମୁଶରିକ'

(ଅନେକେଶ୍ୱରବାଦୀ) ମହିଳାଙ୍କ ସହିତ ସେ ପର୍ଯ୍ୟନ୍ତ ବିବାହ କର ନାହିଁ, କିମ୍ବା ନିଜ କନ୍ୟାକୁ ମୁଶରିକ ପୁରୁଷଙ୍କୁ ସେ ପର୍ଯ୍ୟନ୍ତ ବିବାହ ଦିଅନାହିଁ, ଯେପର୍ଯ୍ୟନ୍ତ ସେମାନେ ଇସଲାମ ଧର୍ମ ଗ୍ରହଣ କରି ନାହାନ୍ତି ।' ପୁଣି କୁହାଯାଇଛି :

وَالْمُحْصَنٰتُ مِنَ الْمُؤْمِنٰتِ وَالْمُحْصَنٰتُ مِنَ الَّذِيْنَ اُوْتُوا الْكِتٰبَ مِنْ قَبْلِكُمْ

**'ୱଲ ମୁହସନାତୁ ମିନଲ୍ ମୁ' ମିନାତି ୱଲ ମୁହସନାତୁ ମିନଲ୍‌ଲଜିନା ଉତୁଲକିତାବା ମିନ୍ କବ୍‌ଲିକୁମ୍'**

ଅର୍ଥାତ 'ଏହା ଆଇନ୍‌ସଂଗତ ଯେ ପବିତ୍ର ବିଶ୍ୱାସକାରୀଣି ମହିଳାମାନଙ୍କୁ ତଥା ତୁମ ପୂର୍ବରୁ ଗ୍ରନ୍ଥ ଦିଆଯାଇଥିବା ଲୋକମାନଙ୍କ ମଧ୍ୟରୁ ପବିତ୍ର ମହିଳାମାନଙ୍କୁ ଯଦି ବିବାହ କରିବ, ତେବେ ସେମାନେ ତୁମମାନଙ୍କ ପାଇଁ ବୈଧ ।' **(ଅଲ୍ ମାଏଦା ୬)**

ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଇସଲାମରେ ଜାତି ଗୋତ୍ରର କୌଣସି ଭେଦଭାବ ନାହିଁ । କେବଳ ଯାହା ସହିତ ନିକାହ କରାଯିବ ସେ ପୁଣ୍ୟବନ୍ତ ଓ ନୀତିବାନ କି ନୁହେଁ, ତାହା ଦେଖିବା ଉଚିତ । ଯଦ୍ଦ୍ୱାରା ଭବିଷ୍ୟତରେ ଚରିତ୍ର ଗଠନ ଓ ଉତ୍ତମ ସଂସ୍କାର ହୋଇପାରିବ । କିନ୍ତୁ ଜଣେ ଅଣ ମୁସଲିମର ଧର୍ମ ପାଳନ ଭୁଲ ହୋଇଥିବା ଯୋଗୁଁ ନିଜ ସନ୍ତାନ ଓ ପରିବାର ଉପରେ ଏହାର ମନ୍ଦ ପ୍ରଭାବ ପଡିଥାଏ ।

ସୁତରାଂ ଏପରି ଅଭିଯୋଗ କରିବା ଆଦୌ ସମିଚୀନ ନୁହେଁ । କାରଣ ଦିବ୍ୟ ଅବତାର ନିଜ ଯୌନ କ୍ଷୁଧା ମେଣ୍ଟାଇବା ପାଇଁ ଏକାଧିକ ପତ୍ନୀ ବିବାହ କରି ନଥିଲେ । ବରଂ ଜଣେ ୨୫ବର୍ଷର ନବ ଯୌବନପ୍ରାପ୍ତ ଯୁବକ ପ୍ରଥମେ ବିବାହ କରିଥିଲେ ୪୦ ବର୍ଷ ବୟସ୍କା ଜଣେ ବିଧବା ମହିଳା ଖଦିଜା[ରଅ]ଙ୍କୁ । ଯିଏକି ପୁଣ୍ୟବତୀ ଓ ସୁଶୀଳା ଥିବାର ପ୍ରମାଣ ଦେଇ ନିଜର ସମସ୍ତ ଧନ ସମ୍ପତ୍ତି, ଦାସଦାସୀମାନଙ୍କୁ ହଜରତ ମୁହମ୍ମଦ[ସଅ] ଙ୍କ ଶ୍ରୀ ଚରଣରେ ଅଜାଡି ଦେଇଥିଲେ । ମହାଭାଗ ସେ ସବୁ ଧନ ବୈଭବ ପୂର୍ଣ୍ଣ ସାମଗ୍ରୀକୁ ଗରୀବମାନଙ୍କ ମଧ୍ୟରେ ବିତରଣ କରିଥିଲେ ଓ ଗୋଲାମମାନଙ୍କୁ ଦାସତ୍ୱରୁ ମୁକ୍ତ କରି ଦେଇଥିଲେ । କିପରି ଜଣେ କାମାସକ୍ତ ବ୍ୟକ୍ତି ଏପରି ଆଦର୍ଶ ଦେଖାଇପାରେ ? ଯେଉଁ ଆଦର୍ଶ ଆରମ୍ଭ ହୋଇଥିଲା ମଧ୍ୟ ଯୁଗୀୟ ନାଇଟ ସଂପ୍ରଦାୟର ସମ୍ରାଟ ଆର୍ଥରଙ୍କ ଦରବାରରୁ, ତାହା ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେଲା ହଜରତ ମୁହମ୍ମଦ[ସଅ]ଙ୍କ ଠାରେ । ତେଣୁ ସେ ନାରୀ ଚରିତ୍ରକୁ ଭଲ ଭାବରେ ବୁଝି ଥିବାରୁ ଏହିପରି କହିଥିଲେ :

'ନାରୀର କୌଣସି ସ୍ୱଭାବଗତ ଗୁଣକୁ ତୁମେ ଘୃଣା ବା ନାପସନ୍ଦ କର ନାହିଁ । କାରଣ ତା'ର ପ୍ରଚ୍ଛନ୍ନରେ ଲୁଚି ରହିଥିବା ଅନ୍ୟ କେଉଁ ସଦଗୁଣ ପୁରୁଷକୁ ବିମୋହିତ କରିପାରେ ।' **(ସହି ବୁଖାରି)**

ତେବେ ବହୁପତ୍ନୀ ଗ୍ରହଣକୁ କୌଣସି ଧର୍ମରେ ବିଧି ନିର୍ଦ୍ଦେଶ ଦ୍ୱାରା ନିଷିଦ୍ଧ କରାଯାଇ ନାହିଁ କିମ୍ବା ଇସଲାମ ବ୍ୟତୀତ ଅନ୍ୟ କେଉଁଠାରେ ପତ୍ନୀ ସଂଖ୍ୟା ସୀମିତ କରାଯାଇ ନାହିଁ । ଏହା ଆଇନଗତ ଭାବେ ଏକାଧିକ ପତ୍ନୀ ଗ୍ରହଣ କରିବାର ଅନୁମତି ଦେଇଛି ସତ, କିନ୍ତୁ ତାହା ବାଧ୍ୟତାମୂଳକ ନୁହେଁ । ବରଂ ସେମାନଙ୍କ ସଂଖ୍ୟା ଚାରି ମଧ୍ୟରେ ସୀମିତ ରଖିଛି । କିନ୍ତୁ ଏଥିପାଇଁ ସର୍ତ୍ତ ହେଉଛି :

فَاِنْ خِفْتُمْ اَلَّا تَعْدِلُوْا فَوَاحِدَةً

**'ଫଇନ୍ ଖିଫ୍‌ତୁମ ଅଲ୍‌ଲା ତାଦିଲୁ ଫୱାହିଦତୁନ୍'** (ଅଲ ନିସା ୪)

ଅର୍ଥାତ 'ସ୍ତ୍ରୀମାନଙ୍କ ମଧ୍ୟରେ ଯଦି ନ୍ୟାୟ ବିଚାର କରିପାରିବ ନାହିଁ ବୋଲି ଆଶଙ୍କା ହୁଏ, ତେବେ ଜଣକୁ ମାତ୍ର ବିବାହ କର ।' ଅନ୍ୟ ଅର୍ଥରେ କହିଲେ, ସେମାନଙ୍କୁ ଭରଣ ପୋଷଣର ସମାନ ଅଧିକାର ଦେଇ ନପାରିଲେ, କେବଳ ଗୋଟିଏ ପତ୍ନୀ ହିଁ ତୁମ ପାଇଁ ଯଥେଷ୍ଟ । ସେଥିପାଇଁ ପବିତ୍ର କୁରଆନରେ କୁହାଯାଇଛି 'ପତ୍ନୀର ସ୍ୱଅର୍ଜିତ ଧନ ଉପରେ ପତିର କୌଣସି ଅଧିକାର ନାହିଁ । ସ୍ତ୍ରୀ ରୋଜଗାର କରୁଥିଲେ ମଧ୍ୟ ସ୍ୱାମୀ ତତ୍ତ୍ୱାବଧାରକ ରୂପେ ପରିବାର ପ୍ରତିପୋଷଣ କରିବାକୁ ବାଧ୍ୟ ।' **(ଅଲ ନିସା ୩୩)**

ବହୁ ବିବାହର ଦ୍ୱିତୀୟ କାରଣ ହେଉଛି, ମାନବ ସମାଜକୁ ଅବାଧ ଯୌନ ସଂକ୍ରମଣରୁ ରକ୍ଷା କରିବା । ତେବେ ଜଣେ ଆଦର୍ଶ ସତ ଚରିତ୍ରବାନ ପୁରୁଷଙ୍କ ଦ୍ୱାରା ଏକାଧିକ ପତ୍ନୀ ଗ୍ରହଣ କରିବା ସମାଜର କୌଣସି କ୍ଷତି କରେ ନାହିଁ । ବରଂ ଯୌନ ଅପରାଧରୁ ମୁକ୍ତ ଏକ ସ୍ୱଚ୍ଛ ସମାଜ ଗଠନ କରେ । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଜଣେ ପୁରୁଷ ଏକାଧିକ ସ୍ତ୍ରୀ ରଖିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ବିଶେଷ କୁପ୍ରଭାବ ପଡେ ନାହିଁ । କିନ୍ତୁ ଜଣେ ସ୍ତ୍ରୀ ଏକାଧିକ ପୁରୁଷ ସହିତ ଅବାଧ ଯୌନ ସମ୍ପର୍କ ରଖିବା ଦ୍ୱାରା ବିଭିନ୍ନ ପ୍ରକାର ଯୌନ ରୋଗର ଶୀକାର ହୋଇଥାନ୍ତି । ଏହାର ଦୃଷ୍ଟାନ୍ତ ହେଉଛି, ଏଡ୍ସର ଭୟବହତା, ଯାହା ମହାମାରୀ ରୂପେ ୨୦୦୨ ମସିହାରୁ କାୟା ବିସ୍ତାର କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଅବୈଧ ଯୌନାଚାରରେ ଲିପ୍ତ ଅବିବାହିତା ଯୁବତୀମାନଙ୍କ ମଧ୍ୟରୁ ଶତକଡା ୬୦ ଭାଗଙ୍କ ଶରୀରରେ ଏଡ୍ସ ଭୁତାଣୁ ରହିଛି । ଏହି ପରିପ୍ରେକ୍ଷୀରେ ଆଜିକାଲିର ଯୁବକ ଯୁବତୀମାନଙ୍କ ମଧ୍ୟରେ ଅବାଧ ମିଳାମିଶା ଓ ଯୌନ ଉଚ୍ଛୃଙ୍ଖଳତାକୁ ରୋକିବା ନିମନ୍ତେ ମୁସଲିମ ବିବାହ ହେଉଛି ଏକ ମାତ୍ର ଉପଯୁକ୍ତ ଓ ବିଧିସଂଗତ ଉପାୟ । ଆଜିକାଲି ୟୁରୋପୀୟ ଦେଶମାନଙ୍କରେ ଅବୈଧ ନବଜାତ ଶିଶୁ ଓ ଅବିବାହିତା ଗର୍ଭବତୀ ମହିଳାଙ୍କ ସଂଖ୍ୟା ଯେପରି ଦ୍ରୁତ ଗତିରେ ବଢିଚାଲିଛି, ସେଥିରୁ ମନୁଷ୍ୟ ସମାଜକୁ ରକ୍ଷା କରିବାର ଏହା ଏକ ଯୁଗୋପଯୋଗୀ ପଦକ୍ଷେପ । ତେଣୁ ମୁସଲମାନମାନଙ୍କ ମଧ୍ୟରେ ଏକାଧିକ ପତ୍ନୀ ବିବାହ କରିବା ଏକ ଅପବାଦ ବା କଳଙ୍କ ନୁହେଁ, ବରଂ ଏକ ସାମାଜିକ ସଂସ୍କାର ବୋଲି ବିଚାର କରିବାକୁ ହେବ ।

ନାରୀ ବିନା ପୁରୁଷର ପୌରୁଷତ୍ୱ ଅଙ୍ଗହୀନ, ସେହିପରି ପୁରୁଷ ବିନା ନାରୀର ନାରୀତ୍ୱ ରସହୀନ । ଏଥିଯୋଗୁଁ ସ୍ତ୍ରୀକୁ ସ୍ୱାମୀର ଅର୍ଦ୍ଧାଙ୍ଗୀନି କୁହାଯାଏ । ପୁରୁଷ ଓ ନାରୀର ଏହି ଶାଶ୍ୱତ ସଂପର୍କକୁ ଉପଲବ୍ଧି କରି ହଜରତ ମୁହମ୍ମଦ[ସଅ] ସମାଜରେ ଉପେକ୍ଷିତ ଉତ୍ପୀଡିତ ନାରୀମାନଙ୍କ ଥଇଥାନ ଓ ସୁଧାର ପାଇଁ ବହୁ ବିବାହକୁ ଏକ ଉତ୍ତମ ମାଧ୍ୟମ ରୂପେ ପ୍ରଚଳନ କରିଥିଲେ । ସେ ନିଜର ସର୍ବ କନିଷ୍ଠା ପତ୍ନୀ ଆଇଶାଙ୍କ ସମ୍ବନ୍ଧରେ କହିଥିଲେ, 'ଆଇଶାଙ୍କ ଠାରୁ ଇସଲାମ ସିଦ୍ଧାନ୍ତର ଅର୍ଦ୍ଧେକ ଜ୍ଞାନ ଅର୍ଜନ କରାଯାଇପାରେ ।' ସୁତରାଂ ମୁସଲମ ମହିଳା ଓ ଧର୍ମବିଦୁଷୀଗଣ ତାଙ୍କ ଠାରୁ କ୍ଷୁଦ୍ରବିଦ୍ୟା, କଳା, ସାହିତ୍ୟ, ବିଜ୍ଞାନ ଓ ଚିକିତ୍ସା କ୍ଷେତ୍ରରେ ଶିକ୍ଷା ଗ୍ରହଣ କରୁଥିଲେ । ଯାହାର ଆବଶ୍ୟକତା ଆଧୁନିକ ମୁସଲିମ ସମାଜରେ ଆଜି ଦେଖାଦେଇଛି ।

# ନିକାହ୍‌ର ସର୍ତ୍ତ

ବିବାହ ବନ୍ଧନ ଓ ପାରିବାରିକ ସଂପର୍କରେ ସ୍ଥିରତା ଓ ସଫଳତା ଆଣିବାରେ ଅହମଦିୟା ମୁସଲିମ ସମ୍ପ୍ରଦାୟର ମହାମାନ୍ୟ ପଞ୍ଚମ ଖଲିଫା[ଅବ] ଙ୍କ ମାର୍ଗଦର୍ଶନ ସହାୟକ ସିଦ୍ଧ ହୋଇଛି । ଏହାର ପ୍ରକୃତ ନୀତି ନିୟମ ଉପରେ ସେ ଯେଉଁ ବହୁମୂଲ୍ୟ ଉପଦେଶ ଦେଇ ଆସୁଛନ୍ତି, ସେ ସମ୍ବନ୍ଧରେ ଏକ ପୁସ୍ତିକା: **'ବିବାହ ପୂର୍ବରୁ ପରାମର୍ଶଗତ ତଥ୍ୟ'** ଅତ୍ୟନ୍ତ ଉପଯୋଗୀ । ତେବେ ସେହି ପୁସ୍ତିକା ଆଧାରରେ ନିକାହ୍‌ର କେତୋଟି ସର୍ତ୍ତ ରଖାଯାଇଛି । ସେଗୁଡିକୁ ଅନୁସରଣ କଲେ ଜମାଅତର ଅହମଦି ସଭ୍ୟ /ସଭ୍ୟାମାନେ ପାରିବାରିକ ବନ୍ଧନ ଓ ସାମାଜିକ ଶୃଙ୍ଖଳା ବଜାୟ ରଖିବା ସହିତ ଏକ ସ୍ୱଚ୍ଛ, ଶାନ୍ତ ପରିବେଶ ସୃଷ୍ଟି ହୋଇପାରିବ । ତେବେ ନିକାହର ସର୍ତ୍ତଗୁଡିକ ସଂକ୍ଷିପ୍ତରେ ଦିଆଯାଉଛି ।

**୧) ବିବାହ ପୂର୍ବରୁ କାଉନସିଲିଂ:** ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] କହିଛନ୍ତି: ବିବାହ ପୂର୍ବରୁ ପରାମର୍ଶଗତ ସାକ୍ଷାତକାର ବର ଓ କନ୍ୟା ଉଭୟଙ୍କ ପକ୍ଷରୁ ଲୋକମାନେ ବସି ଅନ୍ତତଃ ଏକ ଘଣ୍ଟା ପର୍ଯ୍ୟନ୍ତ ଚଳୁ ରଖିବା ଆବଶ୍ୟକ । କଥାବାର୍ତ୍ତା ସୌହାର୍ଦ୍ଦ୍ୟ ମୂଳକ ହେବା ଉଚିତ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସାଧାରଣ ବୈବାହିକ ଜୀବନରେ ସମ୍ମୁଖୀନ ହେବାକୁ ପଡୁଥିବା ବିଭିନ୍ନ ପ୍ରକାର ସମସ୍ୟା ଓ ତାହା ଦ୍ୱାରା ଉପୁଜୁଥିବା କଠିନ ପରିସ୍ଥିତିରୁ ନିଜକୁ କିପରି ରକ୍ଷା କରାଯାଇ ପାରିବ, ତାହାର ସୁଚିନ୍ତିତ ଉପାୟ ଚିନ୍ତା କରାଯାଇ ଏହା ଉପରେ ବିଚର ବିମର୍ଷ କରିବାକୁ ହେବ । ହଜୁର[ଅବ] କହିଛନ୍ତି, କାଉନସିଲିଂ ବା ପରାମର୍ଶ କରିବା ସମୟରେ ଏହି ବିଷୟରେ ବିଶେଷ ଗୁରୁତ୍ୱ ଦିଅନ୍ତୁ ଯେ ବିବାହର ପ୍ରକୃତ ତାତ୍ପର୍ଯ୍ୟ କ'ଣ ? ଏ ବିଷୟରେ ଇସଲାମର ଶିକ୍ଷା କ'ଣ ? ଏଥିପ୍ରତି ତୁମର ଚିନ୍ତାଧାରା କ'ଣ ? ଯେପରି କେଉଁ ପରିବାରରେ ତୁମର ଜନ୍ମ ? ତୁମ ଗୁରୁଜନମାନେ କେଉଁ ପ୍ରକାର ତ୍ୟାଗ ସ୍ୱୀକାର କରିଛନ୍ତି ? ସେଥିପାଇଁ ଅଲ୍ଲାହଙ୍କ କୃପାକୁ ମନେପକାଇ ତୁମ ବଂଶ ପରମ୍ପରା ଓ ପରିବାରରେ ସତକର୍ମ ଓ ଧର୍ମନିଷ୍ଠତା (ତକ୍‌ୱା)କୁ ବଜାୟ ରଖ ।

ସେ କହିଲେ Arrange Marriage System ଅର୍ଥାତ ଉଭୟ ପକ୍ଷର ସହମତି ଦ୍ୱାରା ବ୍ୟବସ୍ଥିତ ବିବାହରେ ମଧ୍ୟ ଆଜିକାଲି ସଂସ୍କାରର ଅଭାବ ଦେଖାଯାଉଛି । ବିବାହ ସକାଶେ ଧନ ଦୌଲତ, ସୁନ୍ଦର ପଣ, ବଂଶ ଆଭିଜାତ୍ୟ ଓ ଆଧ୍ୟାତ୍ମିକତାକୁ ପରଖା ଯାଇଥାଏ । କିନ୍ତୁ ହଜରତ ମୁହମ୍ମଦ[ସଅ] କହିଛନ୍ତି, ତୁମେ ପୁଅ ଓ ଝିଅର ଆଧ୍ୟାତ୍ମିକ ଦିଗକୁ ସର୍ବ ପ୍ରଥମେ ଦେଖ । ସେଥିପାଇଁ ଏହି ପ୍ରକାର ବ୍ୟବସ୍ଥିତ ବିବାହରେ ମଧ୍ୟ ଆପଣମାନଙ୍କୁ କାଉନସିଲିଂର ଆବଶ୍ୟକତା ଅଛି । ଏହା ନୁହେଁ ଯେ କାହାର ଘରକୁ ଚାଲିଯାଇ ଝିଅର ଫଟୋ ନେଇ ଆସିଲେ କି ତାକୁ ଦେଖିନେଲେ କଥା ସରିଲା । ବାସ, ତା'ପରେ ପୁଣି ତାର ଖୁଣ ବାହାର କରି ତାକୁ ପ୍ରତ୍ୟାଖ୍ୟାନ କରିଦେଲେ । ଏହିପରି ଭାବେ ଝିଅକୁ ଏକ ବିକ୍ରୟଯୋଗ୍ୟ ବସ୍ତୁ ବୋଲି ଭାବିବା ଆଦୌ ଉଚିତ ନୁହେଁ ।

**୨) କନ୍ୟା କିମ୍ବା ବର ମନୋନୟନ ଅଧିକାର:** ହଦିସ 'ଅବୁଦାଉଦ୍', କିତାବୁନ ନିକାହ ଅଧ୍ୟାୟରେ ହଜରତ ଜାବିର ବିନ ଅବ୍ଦୁଲ୍ଲାହ[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁହମ୍ମଦ[ସଅ] ଏହିପରି କହିଥିଲେ: 'ତୁମମାନଙ୍କ ମଧ୍ୟରେ ଯଦି କେହି ପୁରୁଷ କୌଣସି କନ୍ୟାକୁ ବିବାହ କରିବାକୁ ସ୍ଥିର କରେ, ତେବେ ପ୍ରଥମେ ସେହି କନ୍ୟା ପାତ୍ରୀ ସମ୍ବନ୍ଧରେ ଅନୁସନ୍ଧାନ କରିବା ଉଚିତ ।' ସୁତରାଂ ଜାବିର[ରଅ] କହିଥିଲେ 'ମୁଁ ବିବାହ ପାଇଁ ଇଚ୍ଛା ପୋଷଣ କରିଥିବା ଉକ୍ତ କନ୍ୟା ସମ୍ବନ୍ଧରେ ଗୋପନରେ ତଥ୍ୟ ସଂଗ୍ରହ କରିଥିଲି ଓ ତା'ପରେ ବିବାହ କଲି ।' ଏଥିରୁ ସ୍ପଷ୍ଟ ଜଣାପଡେ ଯେ ନିଜ ପକ୍ଷରୁ କିମ୍ବା ଜମାଅତ ମାଧ୍ୟମରେ କନ୍ୟା ସଂକାନ୍ତରେ ପୂର୍ବରୁ ସବୁକଥା ଜାଣିନେବା ଉଚିତ ।

ହଦିସ 'ତିରମିଜି'ରେ ବର୍ଣ୍ଣିତ ଅଛି ଯେ ହଜରତ ମୋଗେରାହ[ରଅ] ଗୋଟିଏ କନ୍ୟା ପାତ୍ରୀଙ୍କ ଘରକୁ ନିର୍ବନ୍ଧ (ମଙ୍ଗ୍‌ନି)ର ସନ୍ଦେଶ ଦେଲେ । ହଜରତ ମୁହମ୍ମଦ[ସଅ] କହିଲେ: 'ସେହି କନ୍ୟାକୁ ପ୍ରଥମେ ଦେଖି ଦିଅ । କାରଣ ଦେଖିବା ଦ୍ୱାରା ତୁମ ଦୁହିଁଙ୍କ ମଧ୍ୟରେ ପରିଚୟର ଆଦାନ ପ୍ରଦାନ, ଉତ୍ତମ ବୁଝାମଣା ତଥା ଜଣେ ଅନ୍ୟକୁ ପରଖିବାର ସୁଯୋଗ ସୃଷ୍ଟି ହେବ ।' କିନ୍ତୁ ଫଟୋ ମଗାଇବା ଅପେକ୍ଷା କନ୍ୟାର ପିତାମାତାଙ୍କ ଉପସ୍ଥିତିରେ ପୁଅ ଓ ଝିଅଙ୍କ ମଧ୍ୟରେ ସାକ୍ଷାତ କରାଇବା ଅତି ଉତ୍ତମ ।

ହଦିସ 'ବୁଖାରି' କିତାବୁନ ନିକାହ ଅଧ୍ୟାୟରେ ମୁହମ୍ମଦ[ସଅ]ଙ୍କ ସହଧର୍ମୀଣି ହଜରତ ଆଇଶା[ରଅ] ପ୍ରଶ୍ନ କଲେ 'ହେ ଅଲ୍ଲାହଙ୍କ ବାର୍ତ୍ତାବହ ! କୁମାରୀ କନ୍ୟା ତ ଲଜ୍ୟାଶୀଳା, ସେ କିପରି ହଁ କରିବ ?' ଦିବ୍ୟ ଅବତାର କହିଲେ

'ପଚରାଗଲେ ସେ ଯଦି ନୀରବତା ଅବଲମ୍ବନ କରେ, ତା'ହେଲେ ସେହି ପ୍ରସ୍ତାବରେ ସେ ସମ୍ମତି ପ୍ରଦାନ କଲା ବୋଲି ବୁଝାଯିବ ।' **(ହଜରତ ଖଲିଫତୁଲ ମସିହ ଚତୁର୍ଥ[ରଅ]ଙ୍କ ଖୁତବା ଜୁମା , ୧୯ ଜାନୁୟାରୀ ୨୦୦୧)**

ହଜୁର ଅନଓ୍ୱର[ଅବ] କହିଛନ୍ତି ଯେ ପୁଅ ଓ ଝିଅ ଉଭୟଙ୍କୁ ପ୍ରଶ୍ନ କରଯାଉ ଯେ ସେମାନେ କେଉଁ ପ୍ରକାର ସମ୍ବନ୍ଧ ଚାହାଁନ୍ତି ? କେଉଁ ଧରଣର ସ୍ୱାମୀ ବା ସ୍ତ୍ରୀ ସେମାନଙ୍କୁ ମିଳିବା ଦରକାର ? ଯଦି ପୁଅର ବାପମାଆଙ୍କ ଅଧୀନରେ ନବ ବିବାହିତା ସ୍ତ୍ରୀକୁ ରହିବାକୁ ପଡିବ, ତା'ହେଲେ ସେ କେତେ ଦିନ ରହିପାରିବ ? ସେହିପରି ସ୍ୱାମୀକୁ ମଧ୍ୟ ସ୍ତ୍ରୀ ଓ ବାପାମାଆଙ୍କ ଅଧିକାର ବିଷୟରେ ସଚେତନ କରାଯାଇଛି କି ?

ଯେପରି କନ୍ୟାକୁ ସ୍ୱଇଚ୍ଛାରେ ବର ବାଛିବାର ଅଧିକାର ପ୍ରଦାନ କରାଯାଇଛି, ସେହିପରି ପୁରୁଷକୁ ମଧ୍ୟ ନିଜ ପସନ୍ଦର ଜୀବନ ସାଥି ନିରୂପଣ କରିବାର ଅଧିକାର ଅଛି । ସୁତରାଂ କୁହାଯାଇଛି:

**ଫାନ୍‌କହୁ ମା' ତାବାଲକୁମ୍ ମିନନ୍ ନିସାଏ ।** فَانْكِحُوْا مَا طَابَ لَكُمْ مِّنَ النِّسَآءِ

ଅର୍ଥାତ୍ 'ନିଜ ପସନ୍ଦ ଅନୁସାରେ ନାରୀକୁ ବିବାହ କର' **(ଅଲ ନିସା ୪)**

କିନ୍ତୁ ଏକ ସୀମିତ ପରସର ମଧ୍ୟରେ ଓ ନ୍ୟାୟୋଚିତ ଉପାୟରେ ଏହା ହେବା ଉଚିତ । ତେଣୁ ପବିତ୍ର କୁରଆନରେ କୌଣସି ପୁରୁଷ ଜଣେ ନାରୀକୁ ଜୋର ଜବରଜସ୍ତି ବିବାହ କରି ପାରିବ ନାହିଁ । ତେଣୁ ସେ ବିଷୟରେ ଏହିପରି ନିଷେଧାଦେଶ ଜାରି କରାଯାଇଛି :

يٰٓاَيُّهَا الَّذِيْنَ اٰمَنُوْا لَا يَحِلُّ لَكُمْ اَنْ تَرِثُوا النِّسَآءَ كَرْهًا ؕ

**ୟା ଆୟୋହଲ ଲଜିନା ଆମନୁ ଲାୟହିଲ୍ଲୁ ଲକୁମ୍ ଅନ୍‌ତରିସୁନ୍ ନିସାଆ କର୍‌ହା**

ଅର୍ଥାତ 'ହେ ବିଶ୍ୱାସକାରୀମାନେ ! ଜୋର ଜବରଦସ୍ତି ସ୍ତ୍ରୀ ଲୋକଙ୍କୁ ବିବାହ କରିବା କିମ୍ବା ସେମାନଙ୍କର ଉତ୍ତରାଧୀକାରୀ ହେବା ତୁମ ପକ୍ଷରେ ନ୍ୟାଯ୍ୟ ନୁହେଁ ।' **(ଅଲ୍ ନିସା ୨୦)**

ତେବେ ଇସଲାମ ବର କିମ୍ବା କନ୍ୟା ମନୋନୟନ କ୍ଷେତ୍ରରେ ଏକ ଯଥୋଚିତ ପଦକ୍ଷେପ ଗ୍ରହଣ କରିଛି । ଏକ ପକ୍ଷେ ଜଣେ ସ୍ୱଳ୍ପ ବୟସ୍କା ତରୁଣୀକୁ ଏହି ଶିକ୍ଷା ଦେଇଛି ଯେ ସେ ଅନୁଭୁତି ସଂପନ୍ନ ବ୍ୟକ୍ତିଙ୍କ ଅଭିଜ୍ଞତାରୁ ଲାଭ ଉଠାଇ ବିବାହ କ୍ଷେତ୍ରରେ ବୟୋଜ୍ୟେଷ୍ଠଙ୍କ ସମ୍ମତି ନେବା ଆବଶ୍ୟକ । ଅପରପକ୍ଷେ ଅତି ସ୍ପଷ୍ଟ ଭାବରେ ଆଦେଶ ପ୍ରଦାନ କରିଥାଏ ଯେ କନ୍ୟାର ଇଚ୍ଛା ଓ ପସନ୍ଦ ବିନା ବିବାହ ହୋଇ ପାରିବ ନାହିଁ । ସୁତରାଂ ଦିବ୍ୟ ଅବତାର[ସଅ] ଏହିପରି କହିଛନ୍ତି 'କୁମାରୀ କନ୍ୟାର ବିବାହ ସେପର୍ଯ୍ୟନ୍ତ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ତା'ର ଅନୁମତି ନ ନିଆ ଯାଇଛି ।' ସୁତରାଂ ହଦିସ ବୁଖାରି ଓ ମୁସଲମରେ ବର୍ଣ୍ଣିତ ଅଛି ଯେ ଜଣେ ମୁସଲିମ ମହିଳା କହନ୍ତି, ତାଙ୍କର ପିତା ତାଙ୍କ ଇଚ୍ଛା ବିରୁଦ୍ଧରେ ଜବରଦସ୍ତି ଜଣେ ଯୁବକ ସହିତ ବିବାହ କରିଦେଲେ । ସେ ଏହି ବିଷୟକୁ ନେଇ ହଜରତ ମୁହମ୍ମଦ[ସଅ] ଙ୍କ ନିକଟରେ ଅଭିଯୋଗ କଲେ । ଏହା ଶୁଣି ମହାଭାଗ 'ଫର୍‌ଦିନ୍ ନିକାହ' କହି ସେହି ବିବାହକୁ ରଦ୍ଦ କରିଦେଲେ ।

ସୁତରାଂ ମହାମାନ୍ୟ ପଞ୍ଚମ ଖଲିଫାଙ୍କ ପରାମର୍ଶ ଏଠାରେ ଗ୍ରହଣଯୋଗ୍ୟ । ସେ କହିଛନ୍ତି ଯେ ଯଦି କୌଣସି ଯୁବକ ବା ଯୁବତୀ ନିଜ ଜ୍ଞାତି କୁଟୁମ୍ବଙ୍କୁ ଛାଡି ଅନ୍ୟତ୍ର ଅହମଦି ଯୁବକ ବା ଯୁବତୀଙ୍କୁ ବିବାହ କରିବାକୁ ଚାହାନ୍ତି, ସେ କ୍ଷେତ୍ରରେ ସେମାନଙ୍କ ପିତାମାତା ଅଯଥା ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ । ଏହା ସବୁଠୁ ଭଲ ହେବ ଯଦି ସେମାନେ ଦୁଆ-ଏ-ଇସ୍ତଖାରା (ସଫଳ ବିବାହ ସକାଶେ ଉଦ୍ଦିଷ୍ଟ ପ୍ରାର୍ଥନା) ଦ୍ୱାରା ପିଲାମାନଙ୍କର ଇଚ୍ଛା କରିଥିବା ପ୍ରସ୍ତାବକୁ ଗ୍ରହଣ କରିନେବେ । **(୩୦, ଜାନୁୟାରୀ, ୨୦୧୫)**

ତେଣୁ ବିବାହ ପାଇଁ ରାଜି ହେବା ବିଷୟରେ ଏହା ଦେଖିବାକୁ ହେବ ଯେ

୧. କ'ଣ ଗୋଟିଏ ପକ୍ଷ ଉପରେ ଇଚ୍ଛା ବିରୁଦ୍ଧରେ ବିବାହ କରିବା ପାଇଁ ଚାପ ସୃଷ୍ଟି କରାଯାଉଛି ?

୨. କ'ଣ ଗୋଟିଏ ପକ୍ଷ ଏହି ପ୍ରସ୍ତାବକୁ ଛାଡି ଅନ୍ୟ କାହାକୁ ବିବାହ କରିବା ପାଇଁ ଇଚ୍ଛୁକ କି ?

୩. କ'ଣ ସେ ଅନ୍ୟ କାହାର ପ୍ରେମରେ ପଡିଛନ୍ତି କି ?

## ୩) କନ୍ୟା ଅଭିବାବକ (ୱଲି)

କନ୍ୟା ପିତା ନ ଥିଲେ କନ୍ୟାର ଭାଇ କିମ୍ବା ନିକଟ ସଂପର୍କୀୟ ବ୍ୟକ୍ତି କନ୍ୟାଦାନ କରିବା ଜରୁରୀ । ତାଙ୍କ ଭୁମିକା ସଂବନ୍ଧରେ ଚତୁର୍ଥ ଖଲିଫା[ରଅ] ଏହିପରି କହିଛନ୍ତି :

'ୱଲି ବା ଅଭିବାବକ ରୂପେ କନ୍ୟାଦାନ କରିବାର କ୍ଷମତା ଈଶ୍ୱର ମାତାକୁ ଦେଇ ନାହାନ୍ତି, ବରଂ ପିତାଙ୍କୁ ୱଲି କରାଯାଇଛି । ଏଣୁ ପିତା ନିଜ କନ୍ୟାକୁ ତା'ର ସମ୍ମତି ନେଇ ଯେଉଁଠାରେ ବିବାହ କରିବାକୁ ଇଚ୍ଛା କରିବ, ମାଆ ସେଥିରେ ହସ୍ତକ୍ଷେପ ନ କରି ସେହି ପ୍ରସ୍ତାବରେ ରାଜି ହୋଇଯିବା ଉଚିତ । କନ୍ୟାକୁ ମଧ୍ୟ ବୁଝାଇ ଦେବା ଉଚିତ୍ ଯେ ବାପା ତୁମର ଶତ୍ରୁ ନୁହନ୍ତି । କିନ୍ତୁ ଯେଉଁ ମାଆମାନେ ବାପା ଉପରେ କର୍ତ୍ତୃତ୍ୱ ଜାହିର କରନ୍ତି ଓ ଝିଅ ମଧ୍ୟ ମାଆ ସପକ୍ଷରେ ଥାଆନ୍ତି, ସେହି ବିବାହ ଯୋଗ୍ୟ ଝିଅ ବାପା କଥାକୁ ଆମାନ୍ୟ କଲେ, ନିଜେ ଘରେ ବସି ରହି ବୁଢି ହୋଇଯିବା ବ୍ୟତୀତ ଅନ୍ୟ ଗତି ନଥାଏ । ତେଣୁ ନିଜର ସମସ୍କନ୍ଧ ଥିବା ଏକ ଭଲ ପ୍ରସ୍ତାବ ଯଦି ଆସିଛି ତ ସଙ୍ଗେ ସଙ୍ଗେ ନିଜ ବିବେକରେ ପରିଚାଳିତ ହୋଇ ତାର ବାହାଘର କରାଇଦେବା ଉଚିତ ।'

ଯେହେତୁ ବିବାହ କରିବା ପାଇଁ କନ୍ୟାର ପିତା ବା ଅଭିବାବକର ଅନୁମତି ତଥା ସମ୍ମତି ଏକାନ୍ତ ଜରୁରୀ କରାଯାଇଛି, ତେଣୁ ସେହି ସର୍ତ୍ତ ନାରୀର ନିଜ ଜୀବନ ପାଇଁ ଅତ୍ୟନ୍ତ ହିତକର ସାବ୍ୟସ୍ତ ହୋଇଛି । କାରଣ ଯଦି ସେ ନିଜ ଅନୁଭୂତି ଶୂନ୍ୟ ବିଚାର ଯୋଗୁଁ ଟିକିଏ ହେଲେ ଭୁଲ କରି ବସେ, ତା'ହେଲେ ସେଥିପାଇଁ ସେ ପଶ୍ଚାତାପର ନିଆଁରେ ଜଳୁଥିବ । ତଥାପି ଯଦି କନ୍ୟା ନିଜ ପସନ୍ଦର ମନଲାଖି ଯୁବକକୁ ବିବାହ କରିବାକୁ ସ୍ଥିର କରେ, ସେଥିରେ ବଳ ପ୍ରୟୋଗ ପୂର୍ବକ ବାଧା ଦେବା କିମ୍ବା ଆପତ୍ତି କରିବାର ଅଧିକାର ମଧ୍ୟ କାହାର ନାହିଁ । ଏହି ପରିପ୍ରେକ୍ଷୀରେ ଇସଲାମ ହିନ୍ଦୁ ସମାଜ ଭଳି ପିତାକୁ କଦାପି ଅଧିକାର ଦେଇନାହିଁ ଯେ ସେ ଯେଉଁଠି ଚାହିବ, ସେଠି ନିଜ ମନମୁଖୀ କନ୍ୟାଦାନ କରିପାରିବ । ନତୁବା କନ୍ୟାକୁ ବିବାହ ପୂର୍ବରୁ ୟୁରୋପୀୟ ଖ୍ରୀଷ୍ଟ ସଭ୍ୟତା ଭଳି ଖୋଲା ଖୋଲି ଭାବରେ ନିଜର ଭାବୀ ସ୍ୱାମୀ ସହିତ ଅବାଧ ମିଳାମିଶା କରିବାର ମଧ୍ୟ କ୍ଷମତା ଦେଇ ନାହିଁ । କାରଣ ପଦ ସ୍ଖଳନ ହେବାର ଆଶଙ୍କା ଯଥେଷ୍ଟ ବେଶୀ ରହିଥାଏ ।

ଆଜିକାଲି ପୁଅଟିଏ ଯୋଗ୍ୟର ହୋଇଗଲା ପରେ ପରିବାର ବାହାରେ ଅନେକ ଶୁଭଚିନ୍ତକ ହଠାତ ବାହାରି ପଡନ୍ତି । କେତେକ ବ୍ୟକ୍ତି ଉଭୟ ପକ୍ଷର କେବେ ହେଁ ମଙ୍ଗଳ ଚାହାନ୍ତି ନାହିଁ, ବରଂ ନିଜ ସ୍ୱାର୍ଥ ପାଇଁ ମଧ୍ୟସ୍ତି ହେବା ପରିବର୍ତ୍ତେ ଦଲାଲ ସାଜିଥାନ୍ତି । ପିତାମାତାଙ୍କୁ ଚିନ୍ତା କରିବାକୁ ମଧ୍ୟ ଫୁରସତ ଦିଅନ୍ତି ନାହିଁ । ସେମାନଙ୍କୁ ଜମାଅତର 'ରିସ୍ତାନାତା କମିଟି' (ବିବାହ ଘଟସୂତ୍ର କମିଟି) ସହିତ ଯୋଗାଯୋଗ କରିବାର ଅବସର ନଥାଏ । ସେହି ମଧ୍ୟସ୍ତିମାନଙ୍କ ପ୍ରରୋଚନାରେ ପଡି ଯେତେ ଲୋକ ବାଛି ବୁଲନ୍ତି, ସେମାନେ ସେତିକି ବେଶୀ ଧୋକାରେ ପଡନ୍ତି । ନିଜର ଶିକ୍ଷିତ, ଯୋଗ୍ୟ ବା ସମ୍ଭ୍ରାନ୍ତ ପୁଅର ଦାଣ୍ଡରେ ହାଟରେ ଅଯଥା ପ୍ରଚାର ନକରି ଧୀରେ ସୁସ୍ଥେ ନିଜ ବୁଦ୍ଧିରେ ବନ୍ଧୁ ବାଛିବା ସର୍ବାଦୌ ଶ୍ରେୟସ୍କର ।

ବିବାହର କେତେକ ବିଶେଷ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରି ସାଂପ୍ରତିକ ଖଲିଫା[ଅବ] କହିଥିଲେ:

୧) ଅନେକ କ୍ଷେତ୍ରରେ ପିତାମାତା ନିଜ ସ୍ତର ଠାରୁ ଉଚ୍ଚ ପରିବାର ଖୋଜିବାରେ ଲାଗିଥାନ୍ତି । ଯଦ୍ଦ୍ୱାରା ବହୁ ସଂଖ୍ୟକ କନ୍ୟା ଉଚ୍ଚ ପ୍ରତିଷ୍ଠାବାନ ଯୋଗ୍ୟ ବରଟିଏ ପାଇବା ଆଶାରେ ବସି ରହିଛନ୍ତି । କିନ୍ତୁ ପ୍ରଥମେ ନିଜର ସାମାଜିକ ପ୍ରତିଷ୍ଠା ଦେଖୁ ନାହାନ୍ତି । ଉଚ୍ଚ ଆଶା ବାନ୍ଧି ବସିଲେ କିଛି ଲାଭ ହୁଏନାହିଁ । ଏପରି ଏକତରଫା ବନ୍ଧୁ ଖୋଜିବା ଏକ ସାମାଜିକ କଳଙ୍କ ।

୨) ମୋତେ ଖବର ମିଳିଛି ଯେ ଆମର ଶିକ୍ଷିତ ଯୁବ ସମାଜ ଝିଅ ପକ୍ଷକୁ କହିଥାନ୍ତି ‘ତୁମେ ପର୍ଦ୍ଦା କରିବ ନାହିଁ, ବୁର୍କା ପିନ୍ଧିବ ନାହିଁ କି ମୁଣ୍ଡକୁ ଢାଙ୍କିବ ନାହିଁ’ ଇତ୍ୟାଦି । ଏଥିପାଇଁ ସେହି ଯୁବକମାନଙ୍କ କାଉନ୍ସିଲିଂ ହେବା ଉଚିତ । ଯଦ୍ଦ୍ୱାରା ଜଣା ପଡିବ ଯେ ଇସଲାମର ପ୍ରକୃତ ଶିକ୍ଷା କ’ଣ ?

୩) କେତେକ ଯୁବକଙ୍କ ମାଆମାନେ କହିଛନ୍ତି, ଆମ ପୁଅ ତ କାମ କରି ଉପାର୍ଜନ କରୁଛି । ଏଣୁ ତା’ପାଇଁ ଝିଅ ଦେଖିବା କାମ ଆମେ କରିବୁ । କିନ୍ତୁ ଯେଉଁ ପିଲା କିଛି କାମ ନକରି ବେକାର ବସିଛି, ତା’ ପାଇଁ ଝିଅ ଦେଖା ସକାଶେ ଜମାଅତ ଉପରେ ଦାୟୀତ୍ୱ ଲଦି ଦେଇ କହିଦିଅନ୍ତି ‘ଆମ ପୁଅ ପାଇଁ ଝିଅଟିଏ ଠିକ୍ କରି ଦିଅନ୍ତୁ ।’ ଯେ କେଉଁ ଆଡର ନ୍ୟାୟ ?

୪) ଯଦି ଜଣେ ଅଣ ମୁସଲିମ ଯୁବତୀ, ଜଣେ ମୁସଲିମ ପୁରୁଷ ସହିତ ବିବାହ କରିବାକୁ ଇଚ୍ଛା ପୋଷଣ କରେ, ତେବେ ସେ ପ୍ରଥମେ ନିଜ ଘରର ମୁରବୀମାନଙ୍କ ସମ୍ମତି ଓ ପରାମର୍ଶ ନେବା ଆବଶ୍ୟକ । ତେବେ ଅହମଦି ଯୁବକ ଜଣେ ଅଣ ଅହମଦି କିମ୍ବା ଅଣ ମୁସଲିମ କନ୍ୟାକୁ ବିବାହ କରିବା ତ ଅସିଦ୍ଧ ନୁହେଁ । କିନ୍ତୁ ସେମାନଙ୍କ ସନ୍ତାନ ନଷ୍ଟ ହୋଇ ଯାଆନ୍ତି । କାରଣ ଧର୍ମଗତ ପାର୍ଥକ୍ୟ ଦୃଷ୍ଟିରୁ ସେମାନେ ନିଜ ସନ୍ତାନଙ୍କ ସଂସ୍କାର ଓ ଉତ୍ତମ ଚରିତ୍ର ଗଠନ କରି ପାରନ୍ତି ନାହିଁ । ତେଣୁ ପ୍ରଥମେ ନିଜ ଧର୍ମ (ଇସଲାମ)କୁ ଅଗ୍ରାଧିକାର ଦିଅନ୍ତୁ..... ଏପରି ସ୍ତ୍ରୀକୁ ଘରକୁ ଆଣନ୍ତୁ, ଯଦ୍ଦ୍ୱାରା ସନ୍ତାନମାନଙ୍କ ସଂସାର ଓ ଧର୍ମ ପାଳନ ଉଭୟ ଠିକ ରହିବ ।

**(ଖୁତବା ଜୁମା, ୨ ମାର୍ଚ୍ଚ ୨୦୦୧)**

୫) ବର୍ତ୍ତମାନ ଖଲିଫା[ଅବ] କହିଛନ୍ତି: ‘ବେଳେବେଳେ କହି ଦିଆଯାଏ ଯେ ପିଲାଟି ‘ଅହଲେ କିତାବ’ ଅର୍ଥାତ ଇହୁଦି କିମ୍ବା ଖ୍ରୀଷ୍ଟିୟାନ ମତାବଲମ୍ବୀ । ପ୍ରଶ୍ନ ହେଉଛି, ଆଜିର ଯୁଗରେ ଅହଲେ କିତାବ (ଗ୍ରନ୍ଥାଧାରୀ) ମୂର୍ତ୍ତି ପୂଜକ (ମୁଶରିକ୍)ଙ୍କ ଠାରୁ ଉର୍ଦ୍ଧ୍ୱରେ ଅଛନ୍ତି । ତେଣୁ ପ୍ରତିମା ପୂଜକମାନଙ୍କ ସହିତ ଆଦୌ ବୈବାହିକ ସଂପର୍କ ରଖିବା ଉଚିତ ନୁହେଁ । ଏପରି ସ୍ଥିତରେ ଆତ୍ମସଂଯମ ଏକାନ୍ତ ବାଞ୍ଛନୀୟ ।

୬) ଅହମଦିୟା ଜମାଅତର ବାହାରେ ଯାଇ ଯେଉଁ ଅହମଦି ପିଲାମାନେ କୌଣସି ଅଣ ଅହମଦିଙ୍କ ସହିତ ଜଣେ ଅଣ ଅହମଦି ମୌଲବିଙ୍କ ଦ୍ୱାରା ନିଜର ନିକାହ ପାଠ କରାଇଥାନ୍ତି, ସେଥିପାଇଁ ସେମାନଙ୍କୁ ଜମାଅତର ଶୃଙ୍ଖଳା ଭଙ୍ଗ କରିବା ହେତୁ ବହିଷ୍କାର କରାଯାଏ ।

୭) କିନ୍ତୁ ଯେଉଁ ବ୍ୟକ୍ତି ଏକ ବିଶେଷ ପରିସ୍ଥିତିରେ ମୋର ଅନୁମତି ନେଇ ନିଜର ନିକାହ କୌଣସି ଗୈର ଅହମଦି ଝିଅ ସହିତ ଜଣେ ଅହମଦି ମୌଲବୀଙ୍କ ଦ୍ୱାରା କରିଥାନ୍ତି, ତାକୁ ଜମାଅତର ବ୍ୟବସ୍ଥା (ନିଜାମ୍)ରୁ ବହିଷ୍କାର କରାଯାଏ ନାହିଁ ।

୮) କେତେକ ଗୈର ଅହମଦି ଝିଅ ସେମାନଙ୍କ ପିତାମାତାଙ୍କ ବାରଣ କରିବାର ପ୍ରତିବନ୍ଧକକୁ ଏଡାଇବା ପାଇଁ ନିଜ ବିବାହ ସକାଶେ ୱଲି (ଅଭିଭାବକ) ଠିକ କରିବା ପାଇଁ ଜମାଅତର ଅନୁମତି ଭିକ୍ଷା କରିଥାନ୍ତି । ସେତେବେଳେ

ଜମାଅତ ଏକ ବିଶେଷ କାରଣ ଓ ଅବସ୍ଥାକୁ ଦୃଷ୍ଟିରେ ରଖି ୱଲିଙ୍କୁ ନିଯୁକ୍ତ କରିବା ପାଇଁ ଅନୁମତି ଦେଇଥାନ୍ତି ।

୯) ଏପରି ସମ୍ବେଦନଶୀଳ ପରିସ୍ଥିତିରେ ସେହି ବିବାହ ଅହମଦିୟା ମସଜିଦରେ କରାଯିବ ନାହିଁ କିମ୍ବା ନିକାହ କୌଣସି ଅହମଦି ମୁବଲିଗ ପଢାଇବେ ନାହିଁ । ଅବଶ୍ୟ ମସଜିଦ ବାହାରେ ଅନ୍ୟ କୌଣସି ସ୍ଥାନରେ ଓ ଜଣେ ଅହମଦ ଭାଇଙ୍କ ଦ୍ୱାରା ଏହି ନିକାହ କାର୍ଯ୍ୟ ସଂପନ୍ନ ହୋଇଥାଏ । ଏପରି ବିବାହରେ ଜମାଅତର କୌଣସି ପଦାଧିକାରୀ ଯୋଗ ଦେବା ଉଚିତ ହେବ ନାହିଁ । ଏଥିପାଇଁ ମୁଁ ଆଗରୁ ବାରଣ କରି ଦେଇଛି ।

୧୦) ୱେବ ସାଇଟରେ ଝିଅର ଫଟୋ ଫେସବୁକ୍ କିମ୍ବା ୱାଟ୍ସ ଅପ୍‌ରେ ନ ଆସୁ । ଯଦି କୌଣସି ଲୋକ ବନ୍ଧୁଘର ବିରୁଦ୍ଧରେ ମିଥ୍ୟା ଆରୋପ ଆଣି ଆଲୋଚନା ଚାଲିଥିବା ପରିବାର ଲୋକ ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତି, ଯଦ୍ଦ୍ୱାରା ସେହି ଝିଅର ବଦନାମ ହେବା ସହିତ ସେହି ବନ୍ଧୁଘର ଭାଙ୍ଗିଯିବ ଓ ଅନ୍ୟ କୌଣସି ଠାରେ ବନ୍ଧୁଘର ହୋଇ ନପାରିବାର ଆଶଙ୍କା ଦେଖାଯିବା, ସେ ବିଷୟ ମୋ ଦୃଷ୍ଟିକୁ ଆସିବା ପରେ ବ୍ୟବସ୍ଥିତ ନିୟମ ଅନୁଯାୟୀ ମୁଁ ତାଙ୍କୁ 'ଖାରଜ୍ ଜମାଅତ' ବହିଷ୍କୃତ ହେବାର ଘୋଷଣା କରିଥାଏ ।

ଏହିପରି ଅହମଦି ପୁଅ କିମ୍ବା ଝିଅ ତରଫରୁ କୌଣସି ଦୁଷ୍ଟାମି ଭିତ୍ତିକ ଶୃଙ୍ଖଳା ଭଙ୍ଗ ହୋଇଥିବା ରିପୋର୍ଟ ମୋ ପାଖରେ ପହଞ୍ଚିବା ଦରକାର । ଯଦ୍ଦ୍ୱାରା ସେମାନଙ୍କ ଆରୋପ ମିଥ୍ୟା ପ୍ରମାଣିତ ହେଲେ 'ଇସଲାହି କମିଟି'(ସୁଧାର କମିଟି) ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**(ପୁସ୍ତିକା 'ବିବାହ ପୂର୍ବରୁ ପରାମର୍ଶଗତ ସୂଚନା', ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ନିର୍ଦ୍ଦେଶନାମା)**

# (୪) ଦଏନ୍ ମହେର (ସ୍ତ୍ରୀଧନ) ଅଧିକାର

ପୁରୁଷ ନିଜ ପ୍ରସ୍ତାବର ବିବାହିତ ପତ୍ନୀଙ୍କ ବ୍ୟକ୍ତିଗତ ସଂପତ୍ତି ଓ ଏହି ଧନକୁ ପାଇବାର ଅଧିକାର ତାର ବିବାହର ପ୍ରଥମ ଦିବସରୁ ହିଁ କାର୍ଯ୍ୟକାରୀ ହୋଇଯାଏ । ନାରୀକୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରିବା ତଥା ତାହାର ଆର୍ଥିକ ମାନଦଣ୍ଡକୁ ସୁଦୃଢ ଓ ସୁରକ୍ଷା କରିବା ପାଇଁ ଏହି 'ମହେର'ର ବ୍ୟବସ୍ଥା ରହିଛି, ଯାହା ଇସଲାମ ଆଇନରେ ନାରୀର ଏକ ଅଧିକାର ଭାବେ ଘୋଷଣା କରାଯାଇଛି । ତେବେ 'ଦଏନ୍ ମହେର' ବରର ଆୟ ଅନୁସାରେ ଏକ ଅନୁପାତିକ ହାରରେ ଉଭୟ ପକ୍ଷଙ୍କ ମିଳିତ ବୈଠକରେ ନିର୍ଦ୍ଧାରଣ କରାଯାଏ । ସେହି ନିର୍ଦ୍ଦିଷ୍ଟ ପରିମାଣର ଧନରାଶିକୁ ଇସଲାମ ଆଇନସିଦ୍ଧ କରି ବିବାହ ପରେ ପୁରୁଷ ଯେକୌଣସି ସମୟରେ ନିଜ ପତ୍ନୀକୁ ଯୌତୁକ ରୂପେ ଦେବା ପାଇଁ ବାଧ୍ୟତାମୂଳକ କରିଛି । ସୁତରାଂ ପବିତ୍ର କୁରଆନରେ ଏହିପରି କୁହାଯାଇଛି:

**ୱ ଆତୁନ୍ ନିସାଆ ସଦୁକାତି ହିନ୍ନା ନେହଲତନ୍** وَاٰتُوا النِّسَآءَ صَدُقٰتِهِنَّ نِحۡلَةً

ଅର୍ଥାତ 'ଏବଂ ଆନନ୍ଦର ସହିତ ସ୍ତ୍ରୀମାନଙ୍କୁ ସେମାନଙ୍କ ମହେର ପ୍ରଦାନ କର ।' **(ଅଲ୍ ନିସା ୫)**

ପୁଣି କୁହାଯାଇଛି:

وَلَا جُنَاحَ عَلَيۡكُمۡ فِيۡمَا تَرٰضَيۡتُمۡ

**ୱଲା ଯୁନାହା ଅଲୈକୁମ ଫିମା ତରାଜୈତୁମ୍**

ଅର୍ଥାତ 'ଏବଂ ମହେର୍ ନିର୍ଦ୍ଧାରିତ ହେବା ପରେ ତୁମେମାନେ ଯେଉଁ ବିଷୟରେ (ଅର୍ଥାତ୍ ଏହାର ହ୍ରାସ ବୃଦ୍ଧି ବିଷୟରେ) ପରସ୍ପର ମଧ୍ୟରେ ଏକମତ ହୁଅ, ସେଥିରେ ତୁମମାନଙ୍କର କୌଣସି ପାପ ହେବ ନାହିଁ ।'

**(ଅଲ ନିସା:୨୫)**

ମହେର ବିନା ନିକାହ ହୋଇ ପାରିବ ନାହିଁ । ଶରିୟତରେ ମହେର୍‌ର କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ । ପୁରୁଷ ନିଜର ସାମର୍ଥ୍ୟ ଅନୁସାରେ ଯେତିକି ଦେଇ ପାରିବ, କେବେଳ ସେତିକି ଧନରାଶି ନିର୍ଦ୍ଧାରିତ ହେବା ଉଚିତ୍ । ଯଦି କୌଣସି ପୁରୁଷ ମହର୍ ଅଧିକ ଧାର୍ଯ୍ୟ କରିନିଏ, କିନ୍ତୁ ତାହା ପୈଠ କରିପାରେ ନାହିଁ, ତେବେ ସେ ପାପରେ ଭାଗୀ ହୋଇଯାଏ । ସୁତରାଂ ଦୈନ୍ ମହେରର ତାତ୍ପର୍ଯ୍ୟ ବର୍ଣ୍ଣନା କରି ହଜରତ ମସିହ ମଉଦ[ଅସ] ଏକଦା ପ୍ରାତଃକାଳୀନ ଭ୍ରମଣ ସମୟରେ ଜଣେ ପ୍ରଶ୍ନକର୍ତ୍ତାଙ୍କୁ ଉତ୍ତର ଦେଇ କହିଥିଲେ :

'ଉଭୟ ପକ୍ଷଙ୍କ ସହମତି କ୍ରମେ ରାଶିର ପରିମାଣ ହୃଦୟଙ୍ଗମ କରି ଯାହା ଧାର୍ଯ୍ୟଯୋଗ୍ୟ, ତାହା ହିଁ ସ୍ଥିରୀକୃତ ହେବା ଉଚିତ । ଧାର୍ଯ୍ୟ ମହେରର କୌଣସି ସୀମା ହଦିସରେ ନିର୍ଦ୍ଧାରଣ କରାଯାଇ ନାହିଁ । 'ଶରୀ ମହେର' ଏକ ପ୍ରଚଳିତ ପ୍ରବାଦ । ସେ ଯୁଗର ଅବସ୍ଥା ଭିନ୍ନ ଥିଲା, କିନ୍ତୁ ଆଜିର ଅବସ୍ଥା ଅଲଗା । ମହେର ନିଜର ସାମର୍ଥ୍ୟ ଓ ଯୋଗ୍ୟତା ଅନୁସାରେ ସ୍ଥିର କରିବା ଉଚିତ୍ । ଆମ ଦେଶରେ ଏକ କୁପ୍ରଥା ହେଉଛି ଏକ ମନ୍ଦ ଉଦ୍ଦେଶ୍ୟ ନେଇ ଲକ୍ଷ ଲକ୍ଷ ଟଙ୍କାର ମହେର କେବଳ ବାହ୍ୟ ପ୍ରଦର୍ଶନ ସକାଶେ ରଖାଯାଉଛି । କେବଳ ସମସ୍ତଙ୍କ ସମ୍ମୁଖରେ ମହେରର ପରିମାଣ ଏକ ମୋଟା ଅଙ୍କର ବୋଲି ଜଣାଇବା ଉଦ୍ଦେଶ୍ୟରେ ଏହା କରାଯାଉଛି । କେବଳ ଏହା ଭୟ ସୃଷ୍ଟି କରିବା ଯେ ପାଇଁ ଯେ ପୁରୁଷ ଯେପରି ଶଶୁର ଘରର ହାତ ମୁଠାରେ ରହିବ ଓ ପତ୍ନୀଙ୍କୁ ତଲାକ ଦେବା କଥା ଆଦୌ ଚିନ୍ତା ନକରିବ । କାରଣ ତାକୁ ନିଜ ମହେର ଧନ ଅବଶ୍ୟ ଦେବାକୁ ପଡିବ ।'

ପୁଣି ହଜରତ ଅହମଦ[ଅସ] ଏହିପରି ମଧ୍ୟ କହିଛନ୍ତି :

'ବରପକ୍ଷର ଇଚ୍ଛା ଓ ସାମର୍ଥ୍ୟ ବିରୁଦ୍ଧରେ ଯଦି କେବେ ମହେର ଧାର୍ଯ୍ୟ କରାଯାଇଥିବ, ତେବେ ତାହା ଆଦୌ ଗ୍ରହଣୀୟ ନୁହେଁ । ଏକ ସ୍ୱଷ୍ଟ ସହମତି ବିନା କପଟ ମନୋବୃତ୍ତି ନେଇ ନିର୍ଦ୍ଧାରଣ କରାଯାଉଥିବା ମହେରକୁ ଯେପର୍ଯ୍ୟନ୍ତ ପୁନଃ ସମୀକ୍ଷା କରା ନଯାଇଛି, ସେ ପର୍ଯ୍ୟନ୍ତ ତାହା ତଲାକ ପ୍ରାପ୍ତ ପତ୍ନୀକୁ ପୈଠ କରିବା ସ୍ପୃହଣୀୟ ନୁହେଁ । ଏକ ବିଧି ପ୍ରଣୀତ ମହେର ଯାହା ଜଣେ ଦରିଦ୍ର ବ୍ୟକ୍ତିର ସାମର୍ଥ୍ୟର ବାହାରେ ସେ ଭଳି ମହେର ଧନରାଶିର ବୋଝ ତା' ଉପରେ ଲଦି ଦିଆଯାଇ ନପାରେ । ତେଣୁ ସେ ଯେତିକି ଦେବାକୁ ସମର୍ଥ ତଦନୁଯାୟୀ 'କଜା' (ଆଇନ ପରାମର୍ଶଦାତା)ଙ୍କ ନିଷ୍ପତ୍ତି କ୍ରମେ ମହେର ପୁନଃ ମୂଲ୍ୟାଙ୍କନ ହୋଇ ପ୍ରଦାନ କରାଯିବ । ପୂର୍ବ ନିର୍ଦ୍ଧାରିତ ମହେର ଏକ ଗୌଣ ବିଧି ରୂପେ ବିବେଚିତ ହେବ ।' **(ମଲ୍‌ଫୁଜାତ, ତୃତୀୟ ଖଣ୍ଡ , ଅତିରିକ୍ତ ସଂସ୍କରଣ, ପୃ ୨୮୪)**

ସୁତରାଂ 'ଦଏନ୍ ମହେର' ନୀତି ପ୍ରଣୟନର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଯେ ସ୍ତ୍ରୀ ନିଜ ସମ୍ବଳର ଅଭାବ ଯୋଗୁଁ ଯେପରି କୌଣସି ବାଧାବିଘ୍ନର ସମ୍ମୁଖୀନ ହେବ ନାହିଁ । ଯଦି ସ୍ୱାମୀ ନିଜ ଜୀବନ କାଳ ମଧ୍ୟରେ ଏହି ଧନ ପରିଶୋଧ କରିପାରିଲା ନାହିଁ, ତା'ହେଲେ ସ୍ତ୍ରୀକୁ ପ୍ରଥମ ଋଣ ଦେୟ ଆକାରରେ ସେହି ଧନ ସ୍ୱାମୀର ସଂପତ୍ତିରୁ ମିଳିବା ଅପରିହାର୍ଯ୍ୟ ହୋଇଯିବ ।

ତେବେ ଏଥି ସମ୍ବନ୍ଧରେ ମହାମାନ୍ୟ ପଞ୍ଚମ ଖଲିଫା[ଅବ]ଙ୍କ ନିର୍ଦ୍ଦେଶ ଏହିପରି:

୧) ମହେର ନାରୀର ଏପରି ଏକ ଅଧିକାର ଯେ ପ୍ରାପ୍ତ ଧନକୁ ସେ ସ୍ୱାଧୀନ ଭାବେ ନିଜ ଇଚ୍ଛାରେ ଯେକୌଣସି ପ୍ରକାରେ ବ୍ୟୟ କରିପାରେ । ତାହାର ଏହି ଅଧିକାରକୁ ତା' ଠାରୁ କେହି ଛଡାଇ ନେଇ ପାରିବେ ନାହିଁ । ହଁ, କେବଳ 'ଦାରୁଲ୍ କଜା' (ନ୍ୟାୟାଳୟ) କୌଣସି ଏକ ବିଶେଷ କାରଣ ଦର୍ଶାଇ ଏହି ଅଧିକାରକୁ ଖାରଜ କରିଦେଇ ପାରେ ।

୨) ସ୍ତ୍ରୀଧନ ଅଧିକାର ସ୍ୱୟଂ ପତ୍ନୀ କୌଣସି ଚାପର ବଶବର୍ତ୍ତୀ ନହୋଇ ସ୍ୱାମୀକୁ ଖୁସି ମନରେ ଛାଡ କରିଦେଇ ପାରେ କିମ୍ବା ଦଏନ୍ ମହେର୍‌କୁ ଖୁସି ମନରେ ଫେରସ୍ତ କରି ଦେଇପାରେ ।

୩) ଏହା ଦେଖିବାକୁ ହେବ ଯେ ସ୍ତ୍ରୀଧନ ପ୍ରାପ୍ତିଜନିତ ରାଶି /ସମ୍ପତ୍ତିର ପରିମାଣକୁ ଉଭୟ ବର କନ୍ୟାଙ୍କ ପିତାମାତାଙ୍କ ସ୍ୱୀକୃତିରେ ଧାର୍ଯ୍ୟ କରାଯାଇଛି କି ନାହିଁ ।

୪) ନିକାହ ଫର୍ମ ପୂରଣ କଲାବେଳେ ଏଥିରେ କିଛି ପରିବର୍ତ୍ତନ ହୋଇ ନାହିଁ ତ ? ଯଦି କନ୍ୟାର ଅଧିକାର ଜନିତ ଏହି ସଂପତ୍ତି /ରାଶି /ଗହଣା ଗାଣ୍ଠିରେ କିଛି ପରିବର୍ତ୍ତନ ହୋଇଛି, ତା'ହେଲେ କ'ଣ ଉଭୟ ପକ୍ଷ ଏଥିରେ ରାଜି ଅଛନ୍ତି ?

୫) ସେଭଳି ଦଏନ ମହେର ରାଶି ବୃଦ୍ଧି କରାଇବା କାର୍ଯ୍ୟ କଦାପି ଗ୍ରହଣୀୟ ନୁହେଁ, ଯଦି ନିଜ ପ୍ରତିଷ୍ଠା ବଢାଇବା ଉଦ୍ଦେଶ୍ୟରେ ସେପରି କରାଯାଏ । ଝିଅ ପକ୍ଷର ଲୋକ ଏହି ବର୍ଦ୍ଧିତ ରାଶି ପାଇଁ ତାହା କେବେ ବି କରିବେ ନାହିଁ ବୋଲି ଯେତେ ପ୍ରକାର ବିଶ୍ୱାସ ଜନ୍ମାଇବାର ଚେଷ୍ଟା କରନ୍ତୁ ପଛକେ । ତେଣୁ ଏହି ପରିପ୍ରେକ୍ଷୀରେ ତାହାର ପରିମାଣ ଧାର୍ଯ୍ୟ ନ କରିବା ପର୍ଯ୍ୟନ୍ତ ବିବାହର ଘୋଷଣା କରିବା କଦାପି ସମିଚୀନ ନୁହେଁ ।

## ୫. ଯୌତୁକ ଉପହାର

ପତି ପତ୍ନୀ ଏକତ୍ର ହୋଇ ନିଜର ଦାମ୍ପତ୍ୟ ଜୀବନ ନିର୍ବାହ କରିବା ଉଦ୍ଦେଶ୍ୟରେ ବିବାହ ସମୟରେ କନ୍ୟା ପିତାମାତା ତଥା ବନ୍ଧୁ ବାନ୍ଧବଙ୍କ ତରଫରୁ ଉପହାର ସ୍ୱରୂପ ଯେଉଁ ଆବଶ୍ୟକୀୟ ସାମଗ୍ରୀ ଦିଆଯାଇଥାଏ, ତାକୁ ସାଧାରଣତଃ ଯୌତୁକ ବୋଲି କୁହାଯାଏ । ସେହିପରି ସ୍ୱାମୀ ତଥା ସଂପର୍କୀୟଙ୍କ ପକ୍ଷରୁ ଦିଆଯାଇଥିବା ଉପହାର ସାମଗ୍ରୀ ତଥା ସୁନା ଗହଣା ଓ ନଗଦ ଟଙ୍କା ଇତ୍ୟାଦି ଯାହାସବୁ ପତ୍ନୀକୁ ମିଳିଥାଏ, ସେସବୁ ତା'ର ନିଜର କର୍ତ୍ତୃତ୍ୱାଧୀନରେ ରହିଥାଏ । କନ୍ୟା ଯେପରି ଚାହିଁବ ନିଜ ଇଚ୍ଛାରେ ସେସବୁର ସଦୁପଯୋଗ ଓ ବ୍ୟବହାର କରି ପାରିବ । ସୁତରାଂ ପବିତ୍ର କୁରଆନରେ ପୁରୁଷମାନଙ୍କୁ ଆଦେଶ ରହିଛି:

يَآيُّهَا الَّذِيْنَ اٰمَنُوْا لَا يَحِلُّ لَكُمْ اَنْ تَرِثُوا النِّسَآءَ كَرْهًا ۖ وَلَا تَعْضُلُوْهُنَّ لِتَذْهَبُوْا بِبَعْضِ مَآ اٰتَيْتُمُوْهُنَّ

**ୟା ଆୟୋହଲ୍ ଲଜିନା ଆମନୁ ଲାୟହିଲ୍ଲୁ ଲୁକମ ଅନ୍ ତରିସୁନ୍ ନିସାଆ କର୍‌ହା; ୱଲା ତାଜୁଲୁହୁନ୍ନା ଲିତଜ୍‌ହବୁ ବିବା'ଜି ମାଆତୈତୁମୁ ହୁନ୍ନା**

ଅର୍ଥାତ 'ହେ ବିଶ୍ୱାସକାରୀମାନେ ! ଜବରଦସ୍ତି ସ୍ତ୍ରୀଲୋକମାନଙ୍କ ଉତ୍ତରାଧିକାରୀ ହେବା ତୁମମାନଙ୍କ ପକ୍ଷରେ ନ୍ୟାଯ୍ୟ ନୁହେଁ । ଏବଂ ତୁମେମାନେ ସେମାନଙ୍କୁ ଯାହାକିଛି ଦେଇଛ, ତହିଁରୁ କିଛି ଛଡାଇନେବା ଉଦ୍ଦେଶ୍ୟରେ ସେମାନଙ୍କୁ ହଇରାଣ କରନାହିଁ ।' (ଅଲନିସା ୨୦)

ଏଠାରେ ସ୍ପଷ୍ଟ ରୂପେ କୁହାଯାଇଛି ଯେ ପତ୍ନୀ ଯେତେବେଳେ ସ୍ୱାମୀ ଗୃହକୁ ଆସିଥାଏ, ମହେର ଟଙ୍କା, ଯୌତୁକ ଜନିତ ସମସ୍ତ ଉପହାର, ବସ୍ତ୍ର ଅଳଙ୍କାର ଇତ୍ୟାଦିର ସେ ଅଧିକାରୀଣି ହୋଇଯାଏ । ସେ ସବୁ ଉପରେ ସ୍ୱାମୀ କିମ୍ବା ଶଶୁର ଘରର ଅନ୍ୟ କୌଣସି ଲୋକ ଜବରଦସ୍ତି କବଜା ଅଥବା ଆତ୍ମସାତ କରିବାକୁ ପ୍ରଶୟ ଦିଆ ଯାଇନାହିଁ । ତାହା କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି । ଇସଲାମ ବିଧାନରେ ନାରୀର ଏତାଦୃଶ ପଦମର୍ଯ୍ୟାଦା ଓ ଉଚ୍ଚ ଆସନ ଅନ୍ୟ କୌଣସି ଧର୍ମ ବା ସଂସ୍କୃତିରେ ଦେଖାଯାଏ ନାହିଁ । ପାଶ୍ଚାତ୍ୟ ସଭ୍ୟତାରେ ନାରୀ

ସ୍ୱାଧୀନତା ଓ ସମାନ ଅଧିକାର ପାଇଁ ବହୁ ପ୍ରକାର ସ୍ଲୋଗାନ ଦିଆଯାଏ ସତ, କିନ୍ତୁ ନାରୀର ସ୍ୱଅର୍ଜିତ ଧନ ଉପରେ ମଧ୍ୟ ତାକୁ ସ୍ୱାଧୀନତା ଦେବାରେ ସଂପୂର୍ଣ୍ଣ ଅବହେଳା କରାଯାଉଛି ।

ସୁତରାଂ ମହାମାନ୍ୟ ପଞ୍ଚମ ଖଲିଫା[ଅବ] ଏହି ଯୌତୁକ ପ୍ରସଙ୍ଗ ଉପରେ ନିମ୍ନମତେ ପର୍ଯ୍ୟାଲୋଚନା କରିଛନ୍ତି:

୧) ଯୌତୁକ ହେଉଛି ସେହି ସାମଗ୍ରୀ ଯାହାକୁ ଏକ କନ୍ୟା ପୁତ୍ରବଧୂ ହୋଇ ଗଲାବେଳେ ନିଜ ସହିତ ନିଜ ନୂଆ ଘରକୁ ଆଣିଥାଏ । ହଜରତ ମୁହମ୍ମଦ[ସଅ] ନିଜ କନ୍ୟା ଫାତିମା[ରଅ]ଙ୍କ ବିବାହ ଅବସରରେ ନିତ୍ୟ ବ୍ୟବହାର୍ଯ୍ୟ ରୋଷେଇ ଉପକରଣ ଓ ଖଟ ପଲଙ୍କ ଆଦି ଗୃହ ସାମଗ୍ରୀ ଯୌତୁକ ସ୍ୱରୂପ ଉପହାର ଦେଇ ବିଦାୟ କରିଥିଲେ । ଏତିକି ପରିମାଣର ସାମଗ୍ରୀ ମୌଳିକ ଆବଶ୍ୟକତାକୁ ମେଣ୍ଟାଇବା ସହିତ ଯୌତୁକର ଏକ ସୀମା ନିର୍ଦ୍ଧାରିତ କରିଥାଏ ।

୨) ହଜରତ ମୁହମ୍ମଦ[ସଅ]ଙ୍କ ଆଦର୍ଶ ଅନୁଯାୟୀ ଶୟନ କକ୍ଷର ଖଟ ପଲଙ୍କ ଓ ବିଛଣା ଇତ୍ୟାଦିର ବ୍ୟବସ୍ଥା କରିବା କନ୍ୟାଘରର ଦାୟିତ୍ୱ । ଅନ୍ୟାନ୍ୟ ଧରଣର ଆସବାବ ପତ୍ର ଯେପରିକି ମେଜ, ଚୌକି, ସୋଫା, ବିଦ୍ୟୁତ ଉପକରଣ ଇତ୍ୟାଦିର ବ୍ୟବସ୍ଥା କରିବା ବର ପକ୍ଷର ଦାୟିତ୍ୱ । ଏ ସମସ୍ତ ସାମଗ୍ରୀର ବ୍ୟବସ୍ଥା ସ୍ୱେଚ୍ଛାକୃତ ଭାବରେ ହେବା ଉଚିତ ଓ ଏଥିପାଇଁ କୌଣସି ପକ୍ଷ ଅନ୍ୟ ପକ୍ଷ ଉପରେ ଚାପ ପକାଇବା ଉଚିତ ନୁହେଁ ।

୩) ଯାହା କିଛି ଯୌତୁକ ଆକାରରେ ଝିଅକୁ ଦିଆଯାଉଛି, କ'ଣ କୌଣସି ପକ୍ଷ ସେ ବିଷୟରେ ଋପରେ ପଡି ଏହାକୁ ଭଲ ବୋଲି ଭାବୁ ନାହାନ୍ତି ? ତେଣୁ ପରସ୍ପର ବୁଝାମଣା ଭିତ୍ତିରେ ଏହା ହେବା ଉଚିତ ।

୪) ଯେଉଁ ଯୌତୁକ ସାମଗ୍ରୀ ଦିଆଯାଉଛି ତାହା ଅନ୍ୟକୁ ପ୍ରଭାବିତ କରିବା ସକାଶେ ନା ଅନ୍ୟର ଆବଶ୍ୟକତାକୁ ପୂରଣ କରିବା ସକାଶେ ଦିଆଯାଉଛି ? ମନେ ରଖନ୍ତୁ, ଅଲ୍ଲାଃଙ୍କ କରୁଣା ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ 'ତକ୍ୱା'କୁ ଉର୍ଦ୍ଧ୍ୱରେ ରଖି କାର୍ଯ୍ୟ କରିଥାନ୍ତି ।

୫) ମୋଟା ଅଙ୍କର ଯୌତୁକ କ'ଣ ଏଥିପାଇଁ ଦିଆଯାଉଛି କି ବରକନ୍ୟା ଉଭୟଙ୍କ ପାଇଁ ଘର ନିର୍ମାଣ ବାବଦରେ ତାହାର ଦରକାର ପଡୁଛି ? ଏଥିପାଇଁ କ'ଣ ଉଭୟ ପକ୍ଷ ସହମତ ଅଛନ୍ତି ?

୬) କ'ଣ ଜ୍ୱାଇଁକୁ ଭିକାରୀ ସଦୃଶ ମନେ କରି ଅଜସ୍ର ଯୌତୁକ ଦିଆଯାଉଛି ? ତା'ମନରେ କଣ ଏପରି ଦିଶ୍ଚିନ୍ତା ପୁରାଯାଇଛି ଯେ ଶଶୁର ଘରୁ ତାହା ପାଇଲେ ନିଜ ପରିବାର ଭରଣ ପୋଷଣ କରିପାରିବ ? ନଚେତ ନିଜର କୌଣସି ସାମର୍ଥ୍ୟ ନାହିଁ ?

୭) ଯଦି କନ୍ୟା ପକ୍ଷର ଆର୍ଥିକ ପରିସ୍ଥିତି ସ୍ୱଚ୍ଛନ୍ଦ ନଥିବା ଯୋଗୁଁ କିମ୍ବା ଅନ୍ୟ କୌଣସି କାରଣ ବଶତଃ ଯୌତୁକ ଦେଇପାରୁ ନାହାନ୍ତି, ତା'ହେଲେ କ'ଣ ଏକଥା ବରପକ୍ଷ ବୁଝି ପାରିଛନ୍ତି ଓ ଏହାକୁ ଗ୍ରହଣ କରି ନେଇଛନ୍ତି ?

୮) ଯଦି ଏଥିଯୋଗୁଁ ବିବାହ ପରେ ଉଭୟ ବନ୍ଧୁଙ୍କ ମଧ୍ୟରେ ମନୋମାଳିନ୍ୟ ହେବାର ଆଶଙ୍କା ସୃଷ୍ଟି ହୁଏ କିମ୍ବା ଏହି ଯୌତୁକ ନଦେବା ବିଷୟ ସନ୍ଦେହରେ ପରିଣତ ହେବାର ସମ୍ଭାବନା ଦେଖାଦିଏ, ତା'ହେଲେ ବନ୍ଧୁ ଭାଙ୍ଗିଯିବା ଆଗରୁ ବିବାହର ଅନୁସାଙ୍ଗୀକ କାର୍ଯ୍ୟକୁ ଆଗେଇ ନେବା ଉଚିତ ହେବ ନାହିଁ ।

# ୬. ନିକାହର ଘୋଷଣା

ନିକାହର ସର୍ତ୍ତରେ ସବୁଠାରୁ ଶେଷରେ ଓ ଗୁରୁତ୍ୱପୁର୍ଣ୍ଣ ବିଷୟ ହେଉଛି, ନିକାହର ଘୋଷଣା । ଯେତେ ଅଧିକ ଲୋକମାନଙ୍କ ଗହଣରେ ନିକାହର ଘୋଷଣା କରାଯିବ, ସେତେ ଉତ୍ତମ । କାରଣ ମୁସଲିମ ବିବାହରେ ଲୁଚିଛପି ବିବାହ କରିବାକୁ 'ନିକାହ' କୁହାଯିବ ନାହିଁ ।

## ଖୁତବା ନିକାହ: (ବିବାହ କାଳୀନ ଉପଦେଶ)

خطبۂ نکاح کے مسنون الفاظ

اَلْحَمْدُ لِلّٰہِ نَحْمَدُہٗ
**ଅଲ୍‌ହମଦୁ ଲିଲ୍ଲାହି ନହମଦୁହୂ**

ہر حمد کے لائق اللہ ہے ہم اس کی تعریف کرتے ہیں
ଅଲ୍ଲାଃହିଁ ସମସ୍ତ ପ୍ରଶଂସାର ପାତ୍ର, ଆମେ ତାଙ୍କର ସ୍ତୁତି ଗାନ କରୁଛୁ

نَسْتَعِیْنُہٗ وَنَسْتَغْفِرُہٗ
**ୱନସ୍‌ତୟିନୁହୂ ୱନସତଗ୍ ଫିରୁହୂ**

اور اس سے مدد مانگتے ہیں، اس کی مغفرت کے طالب ہیں
ଆମେ ତାହାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରୁଛୁ
ଓ ତାଙ୍କ ଠାରେ ନିଜ ପାପର କ୍ଷମା ପ୍ରାର୍ଥନା କରୁଛୁ

وَنُؤْمِنُ بِہٖ وَنَتَوَکَّلُ عَلَیْہِ
**ୱନୁମିନୁ ବିହୀ ୱନତୱକ୍‌କଲୁ ଅଲୈହି**

اور اس پر ایمان لاتے ہیں اور اس پر توکل کرتے ہیں۔
ଏବଂ ତାହାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରୁଛୁ
ଓ ତାହାଙ୍କ ଉପରେ ଭରସା କରୁଛୁ

وَنَعُوْذُ بِاللّٰہِ مِنْ شُرُوْرِ اَنْفُسِنَا
**ୱନଉଜୁ ଜିଲ୍ଲାହି ମିନ୍‌ଶୁରୁରେ ଅନ୍‌ଫୁସିନା**

اور نفس کے شرور سے اس کی پناہ چاہتے ہیں۔
ଏବଂ ତାଙ୍କର ଆଶ୍ରୟ ଲୋଡୁଛୁ ନିଜ ଆତ୍ମାର
କୁପ୍ରବୃତ୍ତିରୁ ବଞ୍ଚିତ ହେବା ସକାଶେ

وَمِنْ سَیِّئَاتِ اَعْمَالِنَا
**ୱମିନ୍ ସେୟେଆତି ଆ'ମାଲିନା**

اور اپنے اعمال کے بد نتائج سے
ଓ ନିଜ କର୍ମର ମନ୍ଦ ପରିଣାମରୁ ରକ୍ଷା ପାଇବା ସକାଶେ

مَنْ یَّھْدِہِ اللّٰہُ فَلَا مُضِلَّ لَہٗ
**ମୈଁ ୟହ୍‌ଦିହିଲ୍‌ଲ୍ଲାହୁ ଫଲାମୁଜିଲ୍ଲା ଲହୂ**

جسے اللہ ہدایت دے اسے کوئی گمراہ نہیں کر سکتا
ଯାହାକୁ ଅଲ୍ଲାଃ ସତଶିକ୍ଷା ଦିଅନ୍ତି ତାହାକୁ କେହି
ପଥଭ୍ରଷ୍ଟ କରିପାରିବେ ନାହିଁ

وَمَنْ یُّضْلِلْہُ فَلَا ھَادِیَ لَہٗ
**ୱମୈଁ ୟୁଜ୍‌ଲିଲ୍‌ହୁ ଫଲାହାଦିୟଲହୁ**

اور جس کو وہ گمراہ قرار دے اسے کوئی ہدایت نہیں دے سکتا۔
ଏବଂ ଯାହାକୁ ସେ ବିଭ୍ରାନ୍ତ ସିଦ୍ଧ କରିବେ,
ତାକୁ କେହି ସତ୍‌ପଥ ଦେଖାଇ ପାରିବେ ନାହିଁ

اَشْھَدُ اَنْ لَّآ اِلٰہَ اِلَّا اللّٰہُ
**ଅଶ୍‌ହଦୁ ଅଲ୍ଲାଇଲାହା ଇଲ୍‌ଲ୍ଲାହୁ**

میں گواہی دیتا ہوں کہ اللہ کے سوا کوئی معبود نہیں
ଏବଂ ଆମେ ସାକ୍ଷ୍ୟ ଦେଉଛୁ ଯେ ନାହିଁ କେହି ଉପାସ୍ୟ ଅଲ୍ଲାଃଙ୍କ ବିନା

وَاَشْھَدُ اَنَّ مُحَمَّدًا
**ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍**

اور گواہی دیتا ہوں کہ محمدؐ
ପୁନଶ୍ଚ ଆମେ ସାକ୍ଷ୍ୟ ଦେଉଛୁ ଯେ ହଜରତ ମୁହମ୍ମଦ[ସଅ]

عَبْدُہٗ وَرَسُوْلُہٗ
**ଅବ୍‌ଦୁହୂ ୱରସୁଲୁହୂ**

اس کے بندے اور اس کے رسول ہیں۔
ତାହାଙ୍କର ଭକ୍ତ ଓ ତାଙ୍କର ରସୁଲ (ବାର୍ତ୍ତାବହ)

اَمَّا بَعْدُ فَاَعُوْذُ بِاللّٰهِ
ازاں بعد میں اللہ کی پناہ چاہتا ہوں
**ଅମ୍ମା ବାଆଦୁ ଫଅଉଜୁ ବିଲ୍ଲାହି**
ଏହାପରେ ମୁଁ ଆଶ୍ରୟ ଲୋଡୁଅଛି ଅଲ୍ଲାଃଙ୍କର

مِنَ الشَّيْطٰنِ الرَّجِيْمِ
دھتکارے ہوئے شیطان سے۔
**ମିନଶ୍ ଶୈତାନିର୍ ରଯିମ୍**
ଭର୍ତ୍ସନା ପାଇଥିବା ଶୈତାନ ଠାରୁ

يٰۤاَيُّهَا النَّاسُ اتَّقُوْا رَبَّكُمُ
اے لوگو! اپنے اس پروردگار کا تقویٰ اختیار کرو
**ୟା ଅୟୁହନ୍ ନାସୁତ୍‌ତକୁ ରବ୍‌ବକୁମ**
ହେ ଲୋକମାନେ ! ନିଜର ପାଳନକର୍ତ୍ତାଙ୍କୁ ଭୟ କର

الَّذِيْ خَلَقَكُمْ مِّنْ نَّفْسٍ وَّاحِدَةٍ
جس نے تمہیں ایک ہی جان سے پیدا کیا
**ଅଲ୍ଲଜି ଖଲକକୁମ୍ ମିନ୍ ନଫ୍‌ସିନ୍ ୱାହିଦତିନ୍**
ଯେକି ତୁମମାନଙ୍କୁ ସୃଷ୍ଟି କରିଛନ୍ତି ଗୋଟିଏ ମାତ୍ର ଜୀବରୁ

وَّخَلَقَ مِنْهَا زَوْجَهَا
اور اس سے اسکا جوڑا پیدا کیا
**ୱ୍ଖଲକା ମିନ୍‌ହା ଯଓଜାହା**
ଏବଂ ସେଥି ମଧ୍ୟରୁ ତାହାର ସାଥୀ (ଯୋଡା) ସୃଷ୍ଟି କରିଛନ୍ତି

وَبَثَّ مِنْهُمَا رِجَالًا كَثِيْرًا وَّنِسَآءً
اور ان دونوں سے بہت سے مرد اور عورتیں (دنیا میں) پھیلائے
**ୱ୍ବସ୍‌ସା ମିନ୍‌ହୁମା ରିଜାଲନ୍ କସିରନ୍ ୱ୍ନିସାଅନ୍**
ଏବଂ ବିସ୍ତାର କରିଛନ୍ତି ସେ ଦୁହିଙ୍କ ମଧ୍ୟରୁ
ଅନେକ ପୁରୁଷ ଓ ନାରୀ

وَاتَّقُوا اللّٰهَ الَّذِيْ تَسَآءَلُوْنَ بِهٖ
اور اللہ کا تقویٰ اختیار کرو کہ اسی کے ذریعہ تم آپس میں سوال کرتے ہو
**ୱ୍ତ୍‌ତକୁଲ୍ ଲାହଲ୍ଲଜି ତସାଅଲୁନା ବିହୀ**
ଏବଂ ଅଲ୍ଲାଃଙ୍କୁ ଭୟକର ଯାହାଙ୍କ ଦ୍ୱାହି ଦେଇ
ତୁମେମାନେ ପରସ୍ପରର ସାହାଯ୍ୟ ଆଶା କରୁଛ

وَالْاَرْحَامَ اِنَّ اللّٰهَ كَانَ عَلَيْكُمْ رَقِيْبًا ۝
اور رشتہ داریوں کے متعلق۔ یقیناً اللہ تم پر نگران ہے۔
**ୱ୍ଲ୍ ଅର୍‌ହାମ୍ ଅନ୍ନଲ୍ଲାହା କାନା ଅଲୈକୁମ ରକିବା**
ଏବଂ ବନ୍ଧୁ ବାନ୍ଧବଙ୍କର ମଧ୍ୟ ଧ୍ୟାନ ରଖ,
ନିଶ୍ଚୟ ଅଲ୍ଲାଃ ତୁମାନଙ୍କର ତତ୍ତ୍ୱାବଧାରକ

يٰۤاَيُّهَا الَّذِيْنَ اٰمَنُوا اتَّقُوا اللّٰهَ
اے ایماندارو! اللہ کا تقویٰ اختیار کرو
**ୟାଅୟୁହଲ୍ ଲଜିନା ଆମନୁତ୍ ତକୁଲ୍ଲାହା**
ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କୁ ଭୟ କର

وَقُوْلُوْا قَوْلًا سَدِيْدًا ۝
اور سچی اور سیدھی بات کہو۔
**ୱ୍ କୁଲୁ କୌଲନ୍ ସଦିଦା**
ଏବଂ ସିଧା ଓ ସତ କଥା କୁହ, ଯହିଁରେ କୁଟିଳତା ନଥିବ

يُّصْلِحْ لَكُمْ اَعْمَالَكُمْ
وہ تمہارے اعمال کی اصلاح کرے گا
**ୟୁସରେହ୍ ଲକୁମ ଆ'ମା'ଲକୁମ୍**
ଯଦ୍ଦ୍ୱାରା ସେ ତୁମମାନଙ୍କ କର୍ମ ସଂଶୋଧନ କରିଦେବେ

وَيَغْفِرْ لَكُمْ ذُنُوْبَكُمْ
اور تمہارے گناہوں کی مغفرت فرمائے گا،
**ୱ୍ୟଗଫିର୍ ଲକୁମ୍ ଜୁନୁବକୁମ୍**
ଏବଂ ତୁମମାନଙ୍କ ପାପକୁ କ୍ଷମା କରିଦେବେ

وَمَنْ يُّطِعِ اللّٰهَ وَرَسُوْلَهٗ
اور جس نے اللہ اور اس کے رسول کی اطاعت کی
**ୱ୍ମୈଁ ୟୁତିଇଲ୍ଲାହା ୱ୍ରସୁଲହୁ**
ଏବଂ ଯିଏ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ଆଜ୍ଞା ପାଳନ କରେ

فَقَدْ فَازَ فَوْزًا عَظِيْمًا ۝
وہ بہت بڑی کامیابی پا گیا۔
**ଫକଦ୍ ଫାଜା ଫୌଜନ୍ ଅଜିମା ॥**
ତେବେ ବୁଝିନିଅ ଯେ ସେ ମହାନ ସଫଳତା ଲାଭ କରେ ।

٣-يَاَيُّهَا الَّذِيْنَ آمَنُوا اتَّقُوا اللهَ

اے ایماندارو! اللہ کا تقویٰ اختیار کرو

**ୟା ଅୟୁହଲ୍ ଲଜିନା ଆମନୁତ୍ ତକୁଲ୍ଲାହା**

ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କୁ ଭୟ କର

وَلْتَنْظُرْ نَفْسٌ

اور ہر ایک جان غور کرے

**ୱ୍ଲଲ୍ ତନ୍‌ଜୁର୍ ନଫ୍‌ସୁମ୍**

ଏବଂ ପ୍ରତ୍ୟେକ ପ୍ରାଣ ଏଥି ପ୍ରତି ଧ୍ୟାନ ରଖିବା ଉଚିତ ଯେ

مَّا قَدَّمَتْ لِغَدٍ وَاتَّقُوا اللهَ

کہ کل کیلئے اس نے کیا کیا ہے۔ اور اللہ کا تقویٰ اختیار کرو

**ମା କଦ୍‌ଦମତ୍ ଲିଗଦ୍ ; ୱତ୍‌ତକୁଲ୍ଲାହା**

ସେ ଆଗାମୀ କାଲି ପାଇଁ କ'ଣ ପଠାଇଲା; ଏବଂ ଅଲ୍ଲାଃଙ୍କୁ ଭୟ କର,

اِنَّ اللهَ خَبِيْرٌۢ بِمَا تَعْمَلُوْنَ ۝

یقیناً اللہ تمہارے اعمال سے اچھی طرح باخبر ہے۔

**ଇନ୍‌ନଲ୍ଲାହା ଖବିରୁମ୍ ବିମା ତା'ମଲୁନ୍ ।**

ନିଃସନ୍ଦେହରେ ଅଲ୍ଲାଃ ତୁମମାନଙ୍କ କର୍ମ ବିଷୟରେ ଭଲ ଭାବେ ଜାଣୁଛନ୍ତି ।

ଏହି ଖୁତ୍‌ବା ନିକାହ ପାଠ କଲା ପରେ ପରିସ୍ଥିତିକୁ ଦେଖି ନିଜ ଭାଷାରେ କେତେକ ହିତୋପଦେଶ ସଂକ୍ଷେପରେ ଦିଆଯାଇ ପାରେ । ଏହାପରେ ବର କନ୍ୟାଙ୍କ ଅସଲ ଠିକଣା ଥିବା ପରିଚୟ ସହିତ ନିକାହର ଘୋଷଣା କରାଯାଏ । ପ୍ରଥମେ ସଭାରେ ଉପସ୍ଥିତ ନିକାହର ୱଲି (କନ୍ୟା ପିତା କିମ୍ବା ଅଭିବାବକ)ଙ୍କ ଠାରୁ ଓ ପରେ ବରଙ୍କ ଠାରୁ ନିର୍ଦ୍ଧାରିତ ହକ୍ ମହର୍ (ସ୍ତ୍ରୀର ପ୍ରାପ୍ୟ ଧନରାଶି) ଘୋଷଣା କରି ଉଭୟଙ୍କୁ ପଚରାଯାଏ ଯେ କ'ଣ ସେମାନେ ଏହି ବିବାହକୁ ଗ୍ରହଣ କରୁଛନ୍ତି ? ଯଦି ୱଲି ଓ ବର ଦୁହେଁଯାକ ଏହାକୁ ମଞ୍ଜୁର କରୁଥିବାର 'ହଁ'ରେ ସ୍ୱୀକୃତି ଦେବେ, ତା'ହେଲେ ଯାଇ ପ୍ରକୃତ ଅର୍ଥରେ ନିକାହ୍ ସଂପନ୍ନ ହୋଇଗଲା ବୋଲି ପ୍ରମାଣସିଦ୍ଧ ହେବ । ଏହାକୁ ଇସଲାମ ପରିଭାଷାରେ 'ଇଜାବ୍' ଓ 'କବୁଲ୍' କୁହାଯାଏ । ନିକାହ ଫର୍ମରେ ବିଶେଷତଃ କନ୍ୟା ତାହାର ଦୁଇଜଣ ସାକ୍ଷୀ ତଥା ସ୍ୱୟଂ ବର ଓ ତାଙ୍କ ପକ୍ଷରୁ ଦୁଇଜଣ ସାକ୍ଷ୍ୟଙ୍କ ଦସ୍ତଖତ ରହିବା ସହିତ 'ଦଏନ୍ ମହେର୍' ବିଷୟରେ ଉଲ୍ଲେଖ ରହିବା ଜରୁରୀ ।

ଯେହେତୁ ମହିଳାମାନେ ପର୍ଦ୍ଦାରେ ରହିବାର ଆଦେଶ ରହିଛି, ତେଣୁ ତାଙ୍କ ପକ୍ଷରୁ କନ୍ୟାର ୱଲି 'ଇଜାବ ଓ କବୁଲ୍' କରିବ । ସେଥିପାଇଁ ମହିଳାମାନେ ସଭାରେ ଉପସ୍ଥିତ ରହିବାର ଆବଶ୍ୟକତା ନାହିଁ । ଯଦି ଅନିବାର୍ଯ୍ୟ କାରଣ ବଶତଃ କନ୍ୟାର ୱଲି ଓ ବର ସଭାରେ ହାଜର ହୋଇ ପାରିଲେ ନାହିଁ, ତା'ହେଲେ ଦୁଇପକ୍ଷ ନିଜ ନିଜର ଓକିଲ ନିଯୁକ୍ତ କରିପାରନ୍ତି । ଏବଂ ସେମାନଙ୍କ ତରଫରୁ 'ଇଜାବ ଓ କବୁଲ୍' କରାଯାଇ ପାରିବ ।

ସୁତରାଂ ଇଜାବ ଓ କବୁଲ ପରେ ଜନ ସାଧାରଣଙ୍କ ସମ୍ମୁଖରେ ନିକାହର ଘୋଷଣା ବିଧିବଦ୍ଧ ରୂପେ ଶେଷ ହୁଏ । ଏହା ପରେ ସେହି ନବ ଦମ୍ପତ୍ତି ଉଭୟ ପତି ପତ୍ନୀ ହୋଇଯିବେ । ବର ଓ କନ୍ୟାଙ୍କ ମିଳନ ହେବା ପରେ ପତିଙ୍କ ପକ୍ଷରୁ ଏକ ଭୋଜିର ନିମନ୍ତ୍ରଣ ଦେବାକୁ ହେବ, ଯାହାକୁ 'ଦାୱ୍ୱତ-ଏ-ୱଲିମା' କହନ୍ତି । ୱଲିମା (ବର ପକ୍ଷ ଭୋଜି) ଏକ ସୁନ୍ନତ୍ ଯାହା ମୁହମ୍ମଦ[ସଅ]ଙ୍କ ଅନୁସୃତ ପନ୍ଥା । ଏହି ବିବାହ ଭୋଜିରେ ନିକଟ ସଂପର୍କୀୟ ବନ୍ଧୁ ବାନ୍ଧବ ସାଙ୍ଗସାଥୀ ତଥା ଗରିବ ଲୋକମାନଙ୍କୁ ଖାଇବା ସକାଶେ ଡାକିବା ଉଚିତ । ମାତ୍ର ମିତବ୍ୟୟତା ଅବଲମ୍ବନ କରିବା ସର୍ବାଗ୍ରେ ଜରୁରୀ ।

## ଅଧ୍ୟାୟ - ୪

# ନମାଜର ମହତ୍ତ୍ୱ

## କ) ପବିତ୍ର କୁରଆନ୍‌ରୁ

★ ନମାଜ ଅଲ୍ଲାଃଙ୍କୁ ସ୍ମରଣ କରିବାର ମାଧ୍ୟମ   اَقِمِ الصَّلٰوةَ لِذِكْرِىْ

اِنَّ الصَّلٰوةَ كَانَتْ عَلَى الْمُؤْمِنِيْنَ كِتٰبًا مَّوْقُوْتًا ﴿١٠٤﴾

★ ବିଶ୍ୱାସକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିବା ଅନିବାର୍ଯ୍ୟ କରାଯାଇଛି । (ଅଲ ନିସା ୧୦୪)

حٰفِظُوْا عَلَى الصَّلَوٰتِ وَالصَّلٰوةِ الْوُسْطٰى ۗ وَقُوْمُوْا لِلّٰهِ قٰنِتِيْنَ ﴿٢٣٨﴾

★ ନିଜ ନମାଜର ସୁରକ୍ଷା କର; ବିଶେଷତଃ ମଧ୍ୟବର୍ତ୍ତୀ ନମାଜ ପ୍ରତି ଧ୍ୟାନ ଦିଅ । ଏବଂ ଅଲ୍ଲାଃଙ୍କ ପାଇଁ ଆଜ୍ଞାବହ ହୋଇ ଛିଡା ହୋଇଯାଅ । (କାର୍ଯ୍ୟବ୍ୟସ୍ତତା ମଧ୍ୟରେ ପଡୁଥିବା ନମାଜ ପଢିବାର ଗୁରୁତ୍ୱ ଅଧିକ) (ଅଲ ବକରା ୨୩୯)

يٰٓاَيُّهَا الَّذِيْنَ اٰمَنُوْا لَا تَقْرَبُوا الصَّلٰوةَ وَاَنْتُمْ سُكٰرٰى حَتّٰى تَعْلَمُوْا

★ ହେ ବିଶ୍ୱାସକାରୀମାନେ ! ଯେବେ ତୁମମାନଙ୍କର ଚେତନା ନଥିବ, ସେ ପର୍ଯ୍ୟନ୍ତ ନମାଜ ପାଖକୁ ଯାଅ ନାହିଁ । ଯେ ପର୍ଯ୍ୟନ୍ତ ତୁମେମାନେ ଯାହା କହୁଅଛ, ତାହା ନ ବୁଝିପାରୁଛ । (ଅଲ ନିସା, ୪୪)

وَاَقِمِ الصَّلٰوةَ طَرَفَيِ النَّهَارِ وَزُلَفًا مِّنَ الَّيْلِ ۭ

★ ଏବଂ ଦିନର ଦୁଇ ପ୍ରାନ୍ତରେ ତଥା ରାତିର କେତେକ ଭାଗରେ ମଧ୍ୟ ନମାଜ ପାଠ କର । (ଅଲ ହୁଦ୍ ୧୧୫)

اَقِمِ الصَّلٰوةَ لِدُلُوْكِ الشَّمْسِ اِلٰى غَسَقِ الَّيْلِ وَقُرْاٰنَ الْفَجْرِ ۭ اِنَّ قُرْاٰنَ الْفَجْرِ كَانَ مَشْهُوْدًا ﴿٧٨﴾

★ ସୂର୍ଯ୍ୟ ଅସ୍ତଗାମୀ ହେବା ପରଠାରୁ ରାତିର ଅନ୍ଧକାର ଛାୟା ଘୋଟିବା ପର୍ଯ୍ୟନ୍ତ ନମାଜ ପାଠ କର । ପ୍ରଭାତରେ ପବିତ୍ର କୁରଆନ ଆବୃତ୍ତି କରିବା ପ୍ରତି ମଧ୍ୟ ଗୁରୁତ୍ୱ ଦିଅ । (ବନି ଇସ୍ରାଇଲ ୭୯)

يٰٓاَيُّهَا الَّذِيْنَ اٰمَنُوْٓا اِذَا نُوْدِيَ لِلصَّلٰوةِ مِنْ يَّوْمِ الْجُمُعَةِ فَاسْعَوْا اِلٰى ذِكْرِ اللّٰهِ

وَذَرُوا الْبَيْعَ ۭ ذٰلِكُمْ خَيْرٌ لَّكُمْ اِنْ كُنْتُمْ تَعْلَمُوْنَ ﴿٩﴾

★ ହେ ବିଶ୍ୱାସକାରୀମାନେ ! ଯେବେ ଜୁମା ଦିନର ଏକ ଭାଗରେ ନମାଜ ପାଇଁ ଡକା ହୁଏ, ତେବେ ଅଲ୍ଲାଃଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଶୀଘ୍ରତା ପୂର୍ବକ ଚାଲିଆସ ଓ ବ୍ୟାପାର ପରିତ୍ୟାଗ କର । ଯଦି ତୁମେ ଜ୍ଞାନ ରଖିଥାଅ, ଏହା ତୁମ ପାଇଁ ଅତି ଉତ୍ତମ । (ଅଲ ଜୁମା ୧୦)

فَإِذَا قُضِيَتِ الصَّلٰوةُ فَانْتَشِرُوْا فِى الْاَرْضِ وَابْتَغُوْا مِنْ فَضْلِ اللّٰهِ
وَاذْكُرُوا اللّٰهَ كَثِيْرًا لَّعَلَّكُمْ تُفْلِحُوْنَ ⑪

★ ଏବଂ ଯେବେ ନମାଜ ପଢି ସାରିବ, ତା'ହେଲେ ଭୂପଷ୍ଠରେ ବ୍ୟାପିଯାଅ ଓ ଅଲ୍ଲାହଙ୍କ କୃପା ଅନ୍ୱେଷଣ କର । ଅଲ୍ଲାହଙ୍କୁ ବହୁତ ସ୍ମରଣ କର, ଯଦ୍ୱାରା ତୁମେ ସଫଳ ହେବ । (ଅଲ ଜୁମା ୧୧)

قَدْ اَفْلَحَ الْمُؤْمِنُوْنَ ② الَّذِيْنَ هُمْ فِىْ صَلَاتِهِمْ خٰشِعُوْنَ ③

★ ସେହି ବିଶ୍ୱାସକାରୀମାନେ ବାସ୍ତବତାରେ ସଫଳତା ହାସଲ କରନ୍ତି, ଯେଉଁମାନେ ଆପଣା ନମାଜରେ ବିନୟଭାବ ପୋଷଣ କରନ୍ତି । Successful are the believers, who are humble in their pray. (ଅଲ ମୁ'ମିନୀନ ୨-୩)

## ଖ) ହଦିସ ପୁସ୍ତକରୁ (ମୁହମ୍ମଦ[ସଅ]ଙ୍କ ପବିତ୍ର କଥନ):

ଦୁଆ (ପ୍ରାର୍ଥନା) ନମାଜର ପ୍ରାଣକେନ୍ଦ୍ର ଓ ପ୍ରକୃତିର ସର୍ବୋତ୍କୃଷ୍ଟ ଉପାଦାନ । (ବୁଖାରି) اَلدُّعَآءُ مُخُّ الْعِبَادَةِ

ନମାଜ ଭକ୍ତମାନଙ୍କର ଚରମ ଉନ୍ନତିର ମାର୍ଗ । (ବୁଖାରି) اَلصَّلٰوةُ مِعْرَاجُ الْمُؤْمِنِ

ତୁମ ପିଲାମାନେ ସାତ ବର୍ଷର ହୋଇଗଲେ ସେମାନଙ୍କୁ ନମାଜ ପାଠ କରିବାକୁ ଉପଦେଶ ଦିଅ । ସେମାନେ ଦଶବର୍ଷ ବୟସରେ ପଦାର୍ପଣ କଲେ, ତୁମେ ଏ ବିଷୟରେ ସେମାନଙ୍କ ପ୍ରତି କୋଠର ହୁଅ । ଏବଂ ସେମାନଙ୍କ ପାଇଁ ଅଲଗା ବିଛଣାରେ ଶୋଇବାର ବ୍ୟବସ୍ଥା କର । (ଅବୁ ଦାଉଦ)

ଯେଉଁ ବ୍ୟକ୍ତି ରମଜାନ ମାସ ସାରା ରାତ୍ରୀ କାଳରେ ଗଭୀର ନିଷ୍ଠାର ସହିତ ନମାଜ ପାଠ କରି ଈଶ୍ୱରଙ୍କ ଠାରୁ କରୁଣା ଭିକ୍ଷା ପୂର୍ବକ ପୁରସ୍କୃତ ହେବାର ଆଶାୟୀ ହୋଇ ପ୍ରାର୍ଥନା କରେ, ତାହାର ପୂର୍ବବର୍ତ୍ତୀ ସକଳ ପାପ ମୋଚନ ହୋଇଯାଏ । (ବୁଖାରି)

## ଗ) ମସିହ ମଉଦ[ଅସ]ଙ୍କ ଦିବ୍ୟ ବଚନ :

★ ନମାଜରେ ରୁଚି ନରଖିବା ଓ ଅନାଗ୍ରହ ପ୍ରକାଶ କରିବାର ନିଦାନ ହେଉଛି ପ୍ରାର୍ଥନା । ଏଥିରେ ଶେଷକୁ ନମାଜ ପ୍ରତି ତନ୍ମୟ ଭାବ ସୃଷ୍ଟି ହୋଇଯିବ । (ବରକାତୁଦ୍ ଦୁଆ)

★ ଇସଲାମରେ ପ୍ରାର୍ଥନାର ସ୍ଥାନ ଔଷଧ ଭଳି । ଯଦି ଜଣେ ବ୍ୟାଧିଗ୍ରସ୍ତ ଲୋକର ରୋଗ ଓ ଏହାର ପରିଣତି କ'ଣ ହେବ, ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇ ସାରିଛି, ତେବେ ଆମେ ତାହାର ପ୍ରତିକାର ପାଇଁ କାହିଁକି ଔଷଧ ସେବନ କରିବା ? ସେହିପରି ସ୍ଥଳେ ସେହି ପ୍ରାର୍ଥନା ରୂପକ ଔଷଧକୁ ବ୍ୟବହାର କରି ଆମେ ଆମର ଆଧ୍ୟାତ୍ମିକ, ଶାରୀରିକ ଓ ଭୌତିକ ବ୍ୟାଧିକୁ ଦୂର କରି ପାରିବା । (ବରକାତୁଦ୍ ଦୁଆ)

★ ନମାଜରେ ନିଜ ସାଂସାରିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଦୁଆ କର । (ମଲଫୁଜାତ୍)

★ ନମାଜ ଦୁନିଆକୁ ଆସିଛି, କିନ୍ତୁ ଦୁନିଆ ମଧ୍ୟରୁ ଆସିନାହିଁ ।

★ ସଂପୂର୍ଣ୍ଣ ଉପାସନା ବିଧି ଶିଖାଇବା ପାଇଁ ସବୁଠାରୁ ଉତ୍କୃଷ୍ଟ ଶିକ୍ଷାଦାତା ତଥା ସର୍ବୋତ୍ତମ ମାଧ୍ୟମ ହେଉଛି ନମାଜ ।

★ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଛାମୁରେ ନତମସ୍ତକ ହୋଇ ପଡି ରହେ, ସେ ଶାନ୍ତି ଓ ନିରାପଦରେ ରହେ ।

- ✶ ବାସ୍ତବରେ ଯେଉଁ ବ୍ୟକ୍ତି ନମାଜକୁ ଛାଡିଦିଏ, ସିଏ ବିଶ୍ୱାସକୁ ହରାଇ ବସେ ।
- ✶ ମୋ ଦୃଷ୍ଟିରେ ସମସ୍ତ ପ୍ରକାର ବୃତ୍ତିଗତ ପନ୍ଥା ମଧ୍ୟରେ ନମାଜ ହେଉଛି ସର୍ବୋତ୍କୃଷ୍ଟ ବୃତ୍ତି ।
- ✶ ନମାଜ ପ୍ରତି ସଂପୂର୍ଣ୍ଣ ତତ୍ପରତା ପ୍ରକାଶ କର ଓ ଏପରି ଦୃଢ ମନୋଯୋଗୀ ହୋଇଯାଅ, ଯଦ୍ୱାରା ତୁମ ଶରୀର, ତୁମ ବଚନ ଏପରିକି ତୁମ ଆତ୍ମାର ସଂକଳ୍ପ ଓ ଆବେଗ ସବୁକିଛି ନମାଜରେ ଏକନିଷ୍ଠତା ସୃଷ୍ଟି କରିବ ଏବଂ ନମାଜ ତୁମ ସହିତ ମିଶି ସଂପୂର୍ଣ୍ଣ ଏକାକାର ହୋଇଯିବ ।
- ✶ ନମାଜ ହେଉଛି ମସ୍ତିଷ୍କ ଓ ପ୍ରାର୍ଥନା ହେଉଛି ଆତ୍ମା । ତାହା ଏପରି ଯାହା ନିଜ ଭିତରେ ପରମ ତୃପ୍ତି ଓ ଅମୃତର ଅନୁଭବ ରଖିଥାଏ ତଥା ଅମୃତର ସ୍ୱାଦ ଭରି ଦିଏ ।
- ✶ ନମାଜକୁ କେବଳ ଯନ୍ତ୍ରବତ୍ ଉଚ୍ଚାରଣ କରି ପଢ ନାହିଁ । ବରଂ ଏହାର ଭାବାର୍ଥ ଓ ବାସ୍ତବିକତାର ଜ୍ଞାନ ହାସଲ କର । ଅର୍ଥାତ ଯେଉଁ ବ୍ୟକ୍ତି ନମାଜରେ କ'ଣ ପାଠ କରୁଛି ତାହା ଜାଣେ ନାହିଁ, ତାହାର ସେହି ନମାଜ ପ୍ରକୃତ ନମାଜ ପଦବାଚ୍ୟ ନୁହେଁ । ତେଣୁ ଯାହା କିଛି ପଢିବ, ତାହାକୁ ଭଲ ଭାବରେ ବୁଝିଶୁଝି ଧୀରେ ଧୀରେ ନମ୍ରତାର ସହିତ ପଢିବା ଉଚିତ । (ମଲଫୁଜାତ୍)
- ✶ ପ୍ରଭୁଙ୍କ ଠାରେ ପ୍ରାର୍ଥନା ଭିକ୍ଷା କରିବାର ସର୍ବଶ୍ରେଷ୍ଠ ସାଧନ ହେଉଛି ନମାଜ । ଈଶ୍ୱରଙ୍କ ସ୍ତୁତିଗାନ କରିବା ଓ ନିଜ ପାପ ପାଇଁ କ୍ଷମା ମାଗିବାର ମିଶ୍ରିତ ଉପଲବ୍ଧିର ନାମ ନମାଜ । ଯିଏ ଏହି ଉଦ୍ଦେଶ୍ୟକୁ ସାମନାରେ ରଖି ନମାଜ ପଢେ ନାହିଁ, ତାହାର ନମାଜ କଦାପି ଗ୍ରହଣିୟ ହୁଏ ନାହିଁ । (ଅଲହକମ୍ ୩୧ , ମଇ ୧୯୦୩)
- ✶ ନମାଜରେ ପ୍ରାର୍ଥନାଗୁଡିକୁ ନିଜ ମାତୃଭାଷାରେ କର । ଯେଉଁ ପ୍ରାକୃତିକ ଭାବାବେଗ ନିଜ ଭାଷାରେ ଥାଏ, ତାହା ଅନ୍ୟ ଭାଷାରେ କଦାପି ଆସେ ନାହିଁ । (ମଲଫୁଜାତ, ଖଣ୍ଡ ୪, ପୃ ୧୯)
- ✶ ଦୁଆର କ୍ରମାଗତ ଧାରା ପ୍ରତ୍ୟେକ ସମୟରେ ଅବ୍ୟାହତ ରଖ । ନିଜ ନମାଜରେ ଯେଉଁ ସ୍ଥାନରେ ରୁକୁ, ସଜଦା କରୁଥିବା ବେଳେ ପ୍ରାର୍ଥନା କରିବାର ଅବସର ମିଳୁଛି, ସେଠାରେ ଦୁଆକୁ ହାତ ଛଡା କର ନାହିଁ ଏବଂ ଅଳସୁଆମି ବଶତଃ ପଢୁଥିବା ନମାଜ ବା ଅବହେଳିତ ନମାଜକୁ ପରିହାର କର । ଚିରାଚରିତ ରୀତିର ନମାଜ ପଢିବା କୌଣସି ଫଳପ୍ରଦ ପ୍ରଭାବ ଆଣେ ନାହିଁ ।
- ✶ ଅଲ୍ଲାଃ ପ୍ରାର୍ଥନା ଶୁଣନ୍ତି ଓ ତା'ର ଜବାବ ଦିଅନ୍ତି । ନିଶ୍ଚିତ ରୂପେ ଯେ ଅଲ୍ଲାଃଙ୍କ କୃପା, ଅନୁକମ୍ପା ଓ ଶକ୍ତି ହାସଲ ହେବ, ଏହି ଭରସା ରଖି ନମାଜ ପାଠ କରିବା ଉଚିତ ।

# ଦୁଆର ମହତ୍ତ୍ୱ

## ୧) ପବିତ୍ର କୁରଆନ୍‌ରୁ:

وَاِذَا سَاَلَكَ عِبَادِيْ عَنِّيْ فَاِنِّيْ قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ۙ فَلْيَسْتَجِيْبُوْا لِيْ

'ଯେବେ ଆମ୍ଭ ଭକ୍ତମାନେ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ ନିଶ୍ଚିତ ରୂପେ ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ, ଆମ୍ଭେ ତାହାର ପ୍ରାର୍ଥନାର ଉତ୍ତର ଅବଶ୍ୟ ଦେଇଥାଉ ।' (ଅଲ ବକରା ୧୮୭)

## ୨) ହଦିସ ଗ୍ରନ୍ଥରୁ:

କ) 'ତୁମ ପରମେଶ୍ୱର ତୁମ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ଓ ଉଦାରଚେତା । ଯଦି ଜଣେ ଭକ୍ତ ତାହାଙ୍କ ଆଡକୁ ହସ୍ତ ପ୍ରସାରଣ କରେ, ସେ ତାକୁ ଖାଲି ହାତରେ ଫେରାଇ ଦେବାକୁ ଲଜ୍ୟାବୋଧ କରନ୍ତି ।'

**(ହଦିସ ତିର୍‌ମିଜି ଅବୱାବୁଲ୍ ଦାୱାତ୍)**

ଖ) 'କୌଣସି ବ୍ୟକ୍ତି ମୋ ଆଡକୁ ଋଖଣ୍ଡେ ଆସିଲେ ମୁଁ ତା' ଆଡକୁ ହାତେ ଯାଏ । ସେ ମୋ ଆଡକୁ ହାତେ ଆସିଲେ ମୁଁ ତା' ଆଡକୁ ଦୁଇ ହାତ ଯାଏ । ସେ ମୋ ଆଡକୁ ଋଲି ଋଲି ଆସିଲେ ମୁଁ ତାକୁ ଭେଟିବା ପାଇଁ ତା'ପାଖକୁ ଦୌଡି ଦୌଡି ଯାଏ ।' **(ହଦିସ ସହି ମୁସଲିମ)**

ଗ) 'ମୋ ସମ୍ବନ୍ଧରେ ଭକ୍ତର ଯେତିକି ଜ୍ଞାନ ଅଛି ଓ ମୋ'ଠାରୁ ସେ ଯେତିକି ଆଶା କରେ, ତଦନୁରୂପେ ମୁଁ ତାହା ସହିତ ବ୍ୟବହାର କରେ । ସୁତରାଂ ସେ ନିଜ ଇଚ୍ଛାନୁସାରେ ମୋ ସମ୍ବନ୍ଧରେ ଧାରଣା କରୁ ।' **(ହଦିସ ବୁଖାରି)**

ଘ) ହଜରତ ମୁହମ୍ମଦ[ସଅ] କହିଥିଲେ, ଯଦି ଜଣେ ମୁସଲମାନର ଗୋଟିଏ ଜୋତାର ଫିତା ବି ଦରକାର ପଡୁଥାଏ, ତେବେ ସେ ଅଲ୍ଲାଃଙ୍କୁ ତାହା ମାଗିବାରେ କୁଣ୍ଠାବୋଧ କରିବା ଉଚିତ ନୁହେଁ ।

## ୩) ଇସଲାମର ନୀତିଶିକ୍ଷା ମଧ୍ୟରୁ :

**(i)** ପବିତ୍ର କୁରଆନରେ ପ୍ରତ୍ୟେକ ପ୍ରକାର ପ୍ରାର୍ଥନା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଯେଉଁ ପ୍ରାର୍ଥନାକୁ ଅଲ୍ଲାଃ ଶିଖାଇଛନ୍ତି, ତାହା କେବେ ହେଁ ବ୍ୟର୍ଥ ବା ବିଫଳ ହେବ ନାହିଁ । ମନୁଷ୍ୟ ଯେଉଁସବୁ ନ୍ୟାୟସଙ୍ଗତ ବିଷୟ ପାଇବାକୁ ହକଦାର, ତାହା ସେ ଅବଶ୍ୟ ପାଇବ ।

**(ii)** ଯାହାଙ୍କ ହୃଦୟ ଅଲ୍ଲାଃଙ୍କ ପ୍ରେମରେ ବିଗଳିତ ଓ ଅଲ୍ଲାଃଙ୍କ ଭୟରେ ପରିପୂର୍ଣ୍ଣ, ସେ ଅନବରତ ତାଙ୍କୁ ହିଁ ନିଜର ଦୁଃଖ ଜଣାଉଥାଏ ଓ ତାଙ୍କରି ପାଖରେ ଗୁହାରି କରୁଥାଏ । ତେଣୁ ମନୁଷ୍ୟ ପ୍ରାର୍ଥନା କରିବାରେ ଆନନ୍ଦ ଉପଭୋଗ କରିବା ତଥା ପ୍ରାର୍ଥନା ଅଭ୍ୟସ୍ତ ହୋଇଯିବା ଫଳରେ ସେ ଆଧାତ୍ମିକ ଦୃଷ୍ଟିରୁ ଉନ୍ନତି ଲାଭ କରେ । ସୁତରାଂ ଅଲ୍ଲାଃଙ୍କ ଠାରୁ ଆମର ପ୍ରୟୋଜନୀୟ ସକଳ ବସ୍ତୁ ମାଗିବା ଦରକାର ।

**(iii)** ସୃଷ୍ଟିକର୍ତ୍ତାଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ରଖିବା ପାଇଁ ପ୍ରାର୍ଥନା ଏକ ମାଧ୍ୟମ । ଯେଉଁ ଧର୍ମ ମନୁଷ୍ୟଙ୍କୁ ତା'ର ସୃଷ୍ଟିକର୍ତ୍ତାଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିବାକୁ ଶିଖାଏ ନାହିଁ, ତାହା ପ୍ରକୃତ ଧର୍ମ ବୋଲାଇ ପାରିବ ନାହିଁ ।

**(iv)** ବେଳେ ବେଳେ ଅଲ୍ଲାଃ ଗୋଟିଏ ଡାକରେ ଜବାବ ଦିଅନ୍ତି ଏବଂ ବେଳେ ବେଳେ ବର୍ଷ ବର୍ଷ ଧରି ମଧ୍ୟ ଡାକ ଶୁଣନ୍ତି ନାହିଁ । ତେଣୁ କେତେକ ଭକ୍ତ ବିରକ୍ତି ଭାବ ପ୍ରକାଶ କରି ବୀତସ୍ପୃହ ତଥା ଅସହିଷ୍ଣୁ ହୋଇ ପଡନ୍ତି । କିନ୍ତୁ ଯିଏ ଧୈର୍ଯ୍ୟ ଧରି ପ୍ରାଥନା କରିବ ଓ ଅଲ୍ଲାଃଙ୍କ ଠାରେ ଦୃଢ ବିଶ୍ୱାସ ରଖିବ, ତା'ର ପ୍ରାର୍ଥନା କଦାପି ଅଗ୍ରାହ୍ୟ ହେବ ନାହିଁ । ଯେତିକି ଅଧିକ ବିଳମ୍ବ ହେବ, ସେତିକି ଅଧିକ ଫଳପ୍ରଦ ହେବ ।

**(v)** କିନ୍ତୁ ଯେଉଁ ପ୍ରାର୍ଥନା ପାପ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ, ଯାହାକି ଅଲ୍ଲାଃଙ୍କ ଇଚ୍ଛା, ଆଦେଶ ବା ମାର୍ଗର ବିରୁଦ୍ଧାଚରଣ କରୁଛି କିମ୍ବା ଯାହା ଅନ୍ୟ ପ୍ରତି ଅନ୍ୟାୟ ବା ନିର୍ଦ୍ଦୟ ଭାବ ପୋଷଣ କରୁଛି, ସେପରି ପ୍ରାର୍ଥନାକୁ ଛାଡି ଅନ୍ୟ ସବୁ ପ୍ରାର୍ଥନା ଗୃହୀତ ହେବ ।

**(vi)** କ'ଣ ଆମ ପାଇଁ ଭଲ ଓ କ'ଣ ଖରାପ, ସେ ବିଷୟରେ ଆମର ପରମପିତା ଅଲ୍ଲାଃ ଭଲ ଭାବରେ ଜାଣନ୍ତି । ତେଣୁ ସେ କେତେକ ପ୍ରାର୍ଥନାକୁ ନାମଞ୍ଜୁର କରିଥାନ୍ତି । ଆମେ ଯେଉଁ ଆକାରରେ ଋହୁଛେ ସେ ସେହି ଆକାରରେ ଦେଇ ନପାରନ୍ତି । ବରଂ ଅଲ୍ଲାଃ ସର୍ବଜ୍ଞ ଓ ଦୂରଦର୍ଶୀ ହୋଇଥିବାରୁ ଭବିଷ୍ୟତରେ କ'ଣ ଆମ ପାଇଁ ଉତ୍ତମ ହେବ, ସେଥିପାଇଁ ଆମ ପ୍ରାର୍ଥନାର ଫଳକୁ ଆମ ହିତ ଦୃଷ୍ଟିରୁ ପରକାଳ ପାଇଁ ଗଚ୍ଛିତ କରି ରଖି ପାରନ୍ତି ଅଥବା ସେହି ପ୍ରାର୍ଥନାକୁ ଗ୍ରହଣ ନକରି ଆମକୁ କୌଣସି ଆସନ୍ନ ବିପତ୍ତିର ମୁହଁରୁ ରକ୍ଷା କରି ପାରନ୍ତି ।

**(vii)** ପବିତ୍ର କୁରଆନରେ ଲେଖାଅଛି ଯେ ଶେଷ ଯୁଗରେ ବୈକୁଣ୍ଠକୁ ଲୋକମାନଙ୍କ ନିକଟବର୍ତ୍ତୀ କରାହେବ । ଏଥିରୁ ସଙ୍କେତ ମିଳୁଛି ଯେ ଶେଷ ଯୁଗରେ ଯେତେବେଳେ ମନୁଷ୍ୟ ସାଂସାରିକ ବନ୍ଧନରେ ସଂପୂର୍ଣ୍ଣ ଭାବରେ ଜଡିତ ହୋଇ ରହିଥିବ, ସେତେବେଳେ ଏକନିଷ୍ଠ ହୋଇ ପ୍ରାର୍ଥନା କଲେ, ତାହା ପୂର୍ବାପେକ୍ଷା ଶୀଘ୍ର ମଞ୍ଜୁର ହେବ ।

**(viii)** ଅଲ୍ଲାଃ ପରମ ବ୍ରହ୍ମଙ୍କୁ ଉପଯୁକ୍ତ ନାମ ଧରି ଡାକିଲେ ଭକ୍ତର ଡାକ ଶୀଘ୍ର ଗୃହୀତ ହୁଏ । ଯଦି ଆମେ ଆରୋଗ୍ୟ କାମନା କରୁଛୁ, ତେବେ ତାହାଙ୍କୁ 'ୟା ଶାଫି !' (ଅର୍ଥାତ ହେ ଆରୋଗ୍ୟ ପ୍ରଦାନକାରୀ) ନାମରେ ସମ୍ବୋଧନ କରିବାକୁ ହେବ । ସେହିପରି କରୁଣା ଭିକ୍ଷା କଲାବେଳେ 'ୟା ରହିମ !' (ହେ କରୁଣାମୟ), କ୍ଷମା ପ୍ରାର୍ଥନା କଲା ବେଳେ 'ୟା ଗଫୁର !' (ହେ କ୍ଷମାଶୀଳ), ସଙ୍କଟରୁ ଉଦ୍ଧାର ସକାଶେ 'ଅଏ ମୁଶ୍‌କିଲ୍ କୁଶା !' (ହେ ସଙ୍କଟ ମୋଚନ) ଆଦି ନାମରେ ଡାକିବାକୁ ହେବ । ଏହା ଫଳରେ ଭକ୍ତର ଡାକ ଶୁଣିବା ସହିତ ତାର ପ୍ରାର୍ଥନା ଯେ କେବଳ ଅଲ୍ଲାଃଙ୍କ ଛାମୁରେ ଗୃହୀତ ହୁଏ ତା'ନୁହେଁ, ବରଂ ତାହାଙ୍କ ଅନୁଗ୍ରହ ଓ ଆଶୀର୍ବାଦ ଅଧିକ ଗୁଣରେ ଲାଭପ୍ରଦ ହୋଇଥାଏ ।

1- There is no confession in Islam before any human being . The only confession of our sins is to be made to our Lord the Creator in privacy. Islam does not encourage the publicity of one's weakness in public.

2- Allah enjoins the believers to undergo various modes and postures during their prayer, so that their bodies should comply with their minds on showing their humblenss & surrender to Him.

3- He shows his submission to Allah not only by the utterance of the words of the prayer, but also by kneeling and postrating bodily to Him.

4- Promised Messiah said, 'I therefore, say that for a time you should give up the habit or lifting up your hands after your prayers are finished and ask of your Divine Master, whatever you have to ask while you are praying, so that you may find bliss in your praying.

## ୪) ହଜରତ ମସିହ ମଉଦ[ଅସ]ଙ୍କ ପ୍ରବଚନରୁ

✶ ଦୁଆରେ ଅଲ୍ଲାଃତାଲା ଦିବ୍ୟଶକ୍ତି ସଂଚରିତ କରିଛନ୍ତି । ପ୍ରଭୁ ମୋତେ ବାରମ୍ବାର ଦୈବିବାଣୀ ମାଧ୍ୟମରେ କହିଛନ୍ତି, ଯାହା କିଛି ହେବ ଦୁଆ ମାଧ୍ୟମରେ ହିଁ ହେବ । ଆମ ହତିଆର ହେଉଛି ପ୍ରାର୍ଥନା, ଏହା ବ୍ୟତୀତ ଅନ୍ୟ କୌଣସି ହତିଆର ଆମ ପାଖରେ ନାହିଁ । ଯାହା କିଛି ଆମେ ଗୋପନରେ ମାଗୁଛେ, ଈଶ୍ୱର ତାକୁ ପ୍ରଘଟ କରି ଦେଖାଇ ଦେଉଛନ୍ତି ।

✶ ଅଧିକାଂଶ ଲୋକ ଦୁଆର ଅସଲ ଦର୍ଶନ ତତ୍ତ୍ୱ ସମ୍ବନ୍ଧରେ ଅଜ୍ଞାତ ଅଛନ୍ତି । ସେମାନେ ଏହା ଜାଣି ନାହାନ୍ତି ଯେ ଦୁଆର ଠିକଣା ସ୍ଥାନରେ ପହଞ୍ଚିବାର ଉପାୟ କ'ଣ ? ଏଥିପାଇଁ କେତେ ଧ୍ୟାନ ଓ କଷ୍ଟ କରିବାକୁ ପଡିଥାଏ । ପ୍ରକୃତ ଅର୍ଥରେ ଦୁଆ କରିବା ଏକ ପ୍ରକାର ମୃତ୍ୟୁର ଚରମ ଅବସ୍ଥାକୁ ଆପଣାଇବା ।

**(ମଲଫୁଜାତ, ଖଣ୍ଡ ୪ ପୃ ୨୯)**

✶ ମନୁଷ୍ୟକୁ ଏହା ଆବଶ୍ୟକ ଯେ ନିଜର ଦୋଷ ତ୍ରୁଟିକୁ ମାପକାଠି ଦ୍ୱାରା ପରିଗଣନା କରୁ ଓ ତାହାକୁ ଦର୍ଶାଇ ପ୍ରାର୍ଥନା କରୁ । ତା'ପରେ ପୁଣି ଯଦି ଅଲ୍ଲାଃତାଲା ରକ୍ଷା କରିବେ ତ ସେ ରକ୍ଷା ପାଇ ପାରିବ । ଅଲ୍ଲାଃତାଲା କହୁଛନ୍ତି, 'ମୋତେ ପ୍ରାର୍ଥନା କର, ମୁଁ ଅବଶ୍ୟ ତାହା ଗ୍ରହଣ କରିବି ।' **(ମଲଫୁଜାତ, ଖଣ୍ଡ ୩, ପୃ ୫୭୩)**

✶ ସବୁଠାରୁ ଉତ୍କୃଷ୍ଟ ପ୍ରାର୍ଥନା ହେଉଛି ପ୍ରଭୁଙ୍କ ପ୍ରସନ୍ନତା ଲାଭ କରିବା ଓ ପାପରୁ ମୁକ୍ତି ହାସଲ କରିବା । କାରଣ ପାପ କର୍ମ ଦ୍ୱାରା ହିଁ ହୃଦୟ କଠୋର ହୋଇଯାଏ ଓ ମନୁଷ୍ୟ ଦୁନିଆର ଏକ କୀଟରେ ପରିଣତ ହୋଇଯାଏ । ତେଣୁ ଆମର ଦୁଆ ତାହା ହେବା ଉଚିତ ଯେ ଆମର ସେହି ପାପ ଯାହା ହୃଦୟକୁ କଠୋର କରିଦିଏ, ଈଶ୍ୱର ତାହାକୁ ଆମ ଠାରୁ ଦୂର କରି ଦିଅନ୍ତୁ । ତତସହିତ ତାଙ୍କ ପ୍ରସନ୍ନତାର ମାର୍ଗ ଦେଖାଇ ଦିଅନ୍ତୁ ।

**(ମଲଫୁଜାତ, ଖଣ୍ଡ ୪, ପୃ ୩୦)**

✶ ପ୍ରଭୁ ମୋତେ ଦୁଆରେ ଏପରି ଆବେଗ ଭରି ଦେଇଛନ୍ତି , ଯେପରି ସମୁଦ୍ରରେ ଉଦ୍ଦମତା ରହିଥାଏ ।

**(ମଲଫୁଜାତ, ଖଣ୍ଡ ୩, ପୃ ୧୨୭)**

✶ ହଜରତ ୟାକୁବଅସ ଚାଳିଶ ବର୍ଷ ପର୍ଯ୍ୟନ୍ତ ଦୁଆ କରିବାରେ ଲାଗି ରହିଲେ । ଶେଷରେ ଦୀର୍ଘ ଚାଳିଶ ବର୍ଷ ବିତି ଯିବା ପରେ ଯାଇ ସେହି ଦୁଆ ୟୁସୁଫଅସଙ୍କୁ ମରଣ ମୁହଁରୁ ଟାଣି ନେଇ ଆସିଲା ।

**(ମଲଫୁଜାତ, ଖଣ୍ଡ ୨ ପୃ ୧୫୨)**

✶ ଦୁଆ କେବଳ ମୁଖରୁ ଉଚ୍ଚାରିତ ଶବ୍ଦ ନୁହେଁ । ବରଂ ଦୁଆ ହେଉଛି ସେହି, ଯାହାକୁ ନିଜେ ମରି ସରି ମାଗି ମାଗି ଥକିଗଲେ ସୁଦ୍ଧା ମରିବା ଯାଏ ମାଗି ଚାଲିଥିବ । **(ମଲଫୁଜାତ, ଖଣ୍ଡ ୫, ପୃ ୧୦୭)**

✶ ପ୍ରାର୍ଥନାରେ ଯେପର୍ଯ୍ୟନ୍ତ ପ୍ରକୃତ ଅର୍ଥରେ ବ୍ୟାକୁଳତା ପ୍ରକାଶ ନପାଇଛି ଓ ପ୍ରାଣ ଅଧରରେ ମ୍ରିୟମାଣ ହେବା ଅବସ୍ଥାକୁ ନଆସିଛି, ସେ ପର୍ଯ୍ୟନ୍ତ ତାହା ଅତ୍ୟନ୍ତ ପ୍ରଭାବଶୂନ୍ୟ ଜଣାପଡିବ ଏବଂ ପ୍ରାର୍ଥନା କରିବାର କୌଣସି ମୂଲ୍ୟ ରହିବ ନାହିଁ ।

**ତେବେ ପାପରୁ ମୁକ୍ତି ପାଇବା ସକାଶେ ନିଜ ମାତୃ ଭାଷାରେ ଏହିପରି ଦୁଆ କରିବାର ଉପାୟ ହଜରତ ମସିଦ ମଉଦ[ଅସ] ବତାଇଛନ୍ତି ।**

## ପାପରୁ ଉଦ୍ଧରିବା ପାଇଁ

گناہوں سے نجات کی دُعا

"یا الٰہی! میں تیرا گنہگار بندہ ہوں اور افتادہ ہوں، میری راہنمائی کر۔"

(୧) ହେ ମୋର ପ୍ରିୟ ଅଲ୍ଲାଃ ! ମୁଁ ତୁମ୍ଭର ପାପାଚାରୀ ଭକ୍ତ, ଦୁଃସ୍ଥ ଓ ଅସହାୟ ! ମୋର ମାର୍ଗଦର୍ଶନ କର ।

**(ମଲଫୁଜାତ, ଖଣ୍ଡ ୭, ପୃ ୨୨୬)**

"ہم تیرے گنہگار بندے ہیں اور نفس غالب ہے۔ تو ہم کو معاف فرما اور آخرت کی آفتوں سے ہم کو بچا۔"

(୨) ଆମେ ତୁମ୍ଭର ପାପୀ ଭକ୍ତ । ଆମ ଉପରେ ମୋହମାୟା ଧାରୀ ଆତ୍ମା ଗ୍ରାସ କରିଛି । ତୁମ୍ଭେ ଆମକୁ କ୍ଷମା କର ଓ ପରକାଳର ବିପତ୍ତିରୁ ଆମକୁ ରକ୍ଷା କର । **(ସାପ୍ତାହିକ ବଦର, ଖଣ୍ଡ ୨, ସଂଖ୍ୟା ୩୦)**

"میں گنہگار ہوں اور کمزور ہوں۔ تیری دستگیری اور فضل کے سوا کچھ نہیں ہو سکتا تو آپ رحم فرما اور مجھے گناہوں سے پاک کر کیونکہ تیرے فضل و کرم کے سوا کوئی اور نہیں جو مجھے پاک کرے۔"

(୩) ମୁଁ ପାପୀ ଓ ଦୁର୍ବଳ । ତୁମ୍ଭ ସାହାଯ୍ୟ ଓ କରୁଣା ବିନା କିଛିହେଲେ ହୋଇ ପାରିବ ନାହିଁ । ତେବେ ତୁମ୍ଭେ ଆମ ପ୍ରତି ଦୟା କର ଓ ପାପର ପଙ୍କିଳରୁ ଉଦ୍ଧାର କର । କାରଣ ତୁମ୍ଭ ଦୟା ଓ କୃପାକୁ ଛାଡିଦେଲେ ଅନ୍ୟ କିଛି ନାହିଁ, ଯାହା ମୋତେ ପବିତ୍ର କରିବ । **(ସାପ୍ତାହିକ ବଦର, ଖଣ୍ଡ ୩, ସଂଖ୍ୟା ୪୧)**

## ଜପ, ସ୍ତୁତି ଓ ମୁହମ୍ମଦ[ସଅ]ଙ୍କ ପ୍ରତି କଲ୍ୟାଣ କାମନା

تسبیح وتحمید اور درود شریف

ଅଲ୍ଲାଃ ପବିତ୍ର ନିଜ ପ୍ରଂଶସାର ସହିତ, ଅଲ୍ଲାଃ ପବିତ୍ର ସମସ୍ତ ମହିମାର ସହିତ

سُبْحَانَ اللّٰہِ وَبِحَمْدِہٖ سُبْحَانَ اللّٰہِ الْعَظِیْمِ۔

**ସୁବହାନଲ୍ଲାହି ଓ୍ୱବିହମଦେହୀ ସୁବ୍ହାନଲ୍ଲାହିଲ୍ ଅଜ଼ିମ**

ହେ ଅଲ୍ଲାଃ ! ଅପାର ଦୟା ଓ ଆଶୀର୍ବାଦ ପ୍ରେରଣ କର, ମୁହମ୍ମଦ ଓ ତାଙ୍କ ଅନୁଗାମୀଙ୍କ ଉପରେ

اَللّٰھُمَّ صَلِّ عَلٰی مُحَمَّدٍ وَّاٰلِ مُحَمَّدٍ۔

**ଅଲ୍ଲାହୁମ୍ମା ସଲ୍ଲେ ଅଲା ମୁହମ୍ମଦୁୱିଁ ଓ୍ୱଆଲେ ମୁହମ୍ମଦିନ୍**

# କେତେକ ଆଦର୍ଶ ପ୍ରାର୍ଥନା

# بعض مسنون دُعائیں

## ସଂକଟ ଦୂର ହେବାର ପ୍ରାର୍ଥନା

مشکلات دور ہونے کی دُعا

ହେ ଅଲ୍ଲାଃ ! ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି ବିପତ୍ତିର ଦାଉରୁ ବଞ୍ଚିବା ପାଇଁ ।

اَللّٰھُمَّ اِنِّیْ اَعُوْذُبِکَ مِنْ جَھْدِ الْبَلَآءِ

**ଅଲ୍ଲାହୁମ୍ମା ଇନ୍ନି ଅଉଜୁବିକା ମିନ୍ ଜହବିଲ୍ ବଲାଏ**

ସଂକଟରୁ ଉଦ୍ଧାର, ଅବିଚାରର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ତଥା ଶତ୍ରୁଙ୍କ ପରିହାସରୁ ନିସ୍ତାର ପାଇବା ପାଇଁ ।

وَدَرْکِ الشَّقَآءِ وَسُوْءِ الْقَضَآءِ وَشَمَاتَةِ الْاَعْدَآءِ۔

**ଓ୍ୱଦରକିଶ୍ ଶିକାଏ ଓ୍ୱସୁଇଲ୍ କଜାଏ ଓଶମାତତିଲ୍ ଆଦାଏ**

## ନିଜ ଜ୍ଞାନ ବୃଦ୍ଧି ସକାଶେ ଦୁଆ
زیادتی علم کی دعا

رَبِّ زِدْنِیْ عِلْمًا

**ରବ୍‌ବ୍ ଜିଦ୍‌ନୀ ଇଲ୍‌ମା**

ହେ ମୋର ପାଳନକର୍ତ୍ତା ! ମୋର ଜ୍ଞାନ ବୃଦ୍ଧି କର

رَبِّ هَبْ لِیْ حُكْمًا وَّ اَلْحِقْنِیْ بِالصّٰلِحِیْنَ ﴿٨٣﴾

**ରବ୍‌ବି ହବ୍‌ଲି ହୁକ୍‌ମନ୍ ୱ୍ଵଲ୍‌ହିକନୀ ବିସସ୍ୱାଲିହୀନ୍**

ହେ ମୋର ପାଳନକର୍ତ୍ତା ! ମୋତେ ସମୁଚିତ ଶିକ୍ଷା ଦିଅ ତଥା ଧର୍ମନିଷ୍ଠଙ୍କ ମଧ୍ୟରେ ସାମିଲ କରାଅ ।

## ସତପଥରୁ ବିଚ୍ୟୁତ ନହେବା ସକାଶେ
ہدایت کے بعد گمراہی سے بچنے کی دعا

رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَیْتَنَا

**ରବ୍‌ବନା ଲାତୋଜିକ୍ କୁଲୁବନା ବା'ଦାଇଜ୍ ହଦୈତନା**

ହେ ଆମ ପାଳନକର୍ତ୍ତା ! ଆମ ହୃଦୟକୁ କୁଟିଳ କରନାହିଁ, ସତପଥଗାମୀ କରାଇବା ପରେ

وَهَبْ لَنَا مِنْ لَّدُنْكَ رَحْمَةً

**ୱ୍ଵହବଲନା ମିଲ୍ ଲଦୁନ୍‌କା ରହମତନ୍**

ଏବଂ କ୍ଷମା କରିଦିଅ ଆମକୁ ତୁମ୍ଭ ନିକଟରୁ କରୁଣା ବଳରେ

اِنَّكَ اَنْتَ الْوَهَّابُ ۝

**ଇନ୍‌ନକା ଅନ୍ତଲ ୱ୍ଵହାବ୍**

ନିଶ୍ଚିତ ରୂପେ ତୁମ୍ଭେ ହେଉଛ ଅଜସ୍ର କୃପା ପ୍ରଦାନକାରୀ

## ପାଦ ଦୃଢିଭୂତ ଓ ଅମାନ୍ୟକାରୀ ଠାରୁ ସଫଳତା ପ୍ରାପ୍ତି ପାଇଁ
ثابت قدمی اور کافروں پر مدد پانے کی دعا

رَبَّنَا اَفْرِغْ عَلَیْنَا صَبْرًا

**ରବ୍‌ବନା ଅଫରିଗ୍ ଅଲୈନା ସବରୌଁ**

ହେ ଆମର ପାଳନକର୍ତ୍ତା ! ଆମକୁ ଧୈର୍ଯ୍ୟ ଦିଅ

وَّثَبِّتْ اَقْدَامَنَا

**ୱ୍ଵସବ୍‌ବିତ୍ ଅକ୍‌ଦାମନା**

ଓ ଆମ ପାଦକୁ ଦୃଢ଼ କର

وَانْصُرْنَا عَلَى الْقَوْمِ الْكٰفِرِیْنَ ۝

**ୱ୍ଵନ୍‌ସୁର୍‌ନା ଅଲଲ୍ କୌମିଲ୍ କାଫେରୀନ୍**

ଏବଂ ଆମମାନଙ୍କୁ ସାହାଯ୍ୟ କର ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ

## ଧୈର୍ଯ୍ୟଧାରଣ ଓ କୁଶଳ କାମନା ପୂର୍ବକ ଦୁଆ
ثباتِ قدم اور خاتمت بالخیر کی دعا

رَبَّنَا اَفْرِغْ عَلَیْنَا صَبْرًا

**ରବ୍‌ବନା ଅଫରିଗ୍ ଅଲୈନା ସବରୌଁ**

ହେ ଆମର ପାଳନକର୍ତ୍ତା ! ଆମକୁ ଧୈର୍ଯ୍ୟ ଶକ୍ତି ଦିଅ

وَّتَوَفَّنَا مُسْلِمِیْنَ ۝

**ୱ୍ଵ ତୱ୍ଵଫ୍‌ଫନା ମୁସ୍‌ଲିମିନ୍**

ଓ ମୁସଲମାନ ଥିବା ଅବସ୍ଥାରେ ମୃତ୍ୟୁ ଦିଅ

## ସଫଳତା ଲାଭ ସକାଶେ ଦୁଆ
طلبِ کامیابی کی دعا

رَبَّنَا اٰتِنَا مِنْ لَّدُنْكَ رَحْمَةً

**ରବ୍‌ବନା ଆତୈନା ମିଲ୍ ଲଦୁନ୍‌କା ରହମତୌଁ**

ହେ ଆମର ପାଳନକର୍ତ୍ତା ! ଆମକୁ ତୁମ ସମୀପରୁ କୃପାଶୀଷ ପ୍ରଦାନ କର

| | |
|---|---|
| | وَّهَيِّئْ لَنَا مِنْ اَمْرِنَا رَشَدًا ۔ |
| ଏବଂ ଆମକୁ ଯୋଗାଇ ଦିଅ ସମସ୍ତ ସଫଳତାର ସାଧନ | ଓ୍ୱହୟେଲନା ମିନ୍‌ଅମରେନା ରଶଦା |

## କରୁଣା ନିବେଦନ ପୂର୍ବକ ଦୁଆ
طلبِ رحمت کی دُعا

| | |
|---|---|
| ହେ ଆମର ପାଳନକର୍ତ୍ତା ! ଆମେ ନିଜ ପ୍ରାଣ ପ୍ରତି | رَبَّنَا ظَلَمْنَا اَنْفُسَنَا |
| ଅତ୍ୟାଚାର କରିଛୁ | ରବ୍‌ବନା ଜଲମ୍‌ନା ଅନ୍‌ଫୁସିନା |
| ଯଦି ତୁମ୍ଭେ ଆମକୁ କ୍ଷମା ନକରିବ | وَاِنْ لَّمْ تَغْفِرْ لَنَا وَتَرْحَمْنَا |
| ଓ ଆମ ପ୍ରତି କରୁଣା ନକରିବ | ଓ୍ୱଇଲ୍ଲମ ତଗ୍‌ଫିଲନା ଓ୍ୱତର୍‌ହମ୍‌ନା |
| | لَنَكُوْنَنَّ مِنَ الْخٰسِرِيْنَ ۔ |
| ତେବେ ଆମେମାନେ ଅକୃତକାର୍ଯ୍ୟ ହୋଇଯିବୁ | ଲନକୁନନ୍‌ନା ମିନଲ୍ ଖାସେରୀନ୍ |

## ପିତାମାତାଙ୍କ ସକାଶେ ଦୁଆ
والدین کے حق میں دُعا

| | |
|---|---|
| ହେ ଆମର ପାଳନକର୍ତ୍ତା ! ଏହି ଦୁହିଁଙ୍କ ଉପରେ ଦୟାକର | رَبِّ ارْحَمْهُمَا |
| | ରବ୍‌ବିର୍ ହମ୍‌ହୁମା |
| ଯେପରି କି ସେମାନେ ମୋର ଶୈଶବ ଅବସ୍ଥାରେ | كَمَا رَبَّيٰنِيْ صَغِيْرًا ۔ |
| ଲାଳନ ପାଳନ କରିଥିଲେ | କମା ରବ୍‌ବୟାନୀ ସଗୀରା |

## ଆତ୍ମୀୟ ଓ ନିକଟ ସଂପର୍କୀୟଙ୍କ ସକାଶେ
عزیز و اقارب کے حق میں دُعا

| | |
|---|---|
| ହେ ଆମର ପାଳନକର୍ତ୍ତା ! ଆମ ପତ୍ନୀମାନଙ୍କୁ | رَبَّنَا هَبْ لَنَا مِنْ اَزْوَاجِنَا |
| | ରବ୍‌ବନା ହବ୍‌ଲନା ମିନ୍ ଅଜ୍‌ଓ୍ୱାଜିନା |
| ଓ ଆମ ସନ୍ତାନମାନଙ୍କୁ ଆମମାନଙ୍କ ସକାଶେ | وَذُرِّيّٰتِنَا قُرَّةَ اَعْيُنٍ |
| ଚକ୍ଷୁର ଶୀତଳତା କରିଦିଅ | ଓ୍ୱଜୁର୍‌ରିୟାତିନା କୁର୍‌ରତା ଅଏୟୁନୁଁ |
| | وَّاجْعَلْنَا لِلْمُتَّقِيْنَ اِمَامًا ۔ |
| ଓ ଆମକୁ ଧର୍ମନିଷ୍ଠମାନଙ୍କ ପାଇଁ ଦିଗ୍‌ଦର୍ଶକ | ଓ୍ୱଜ୍‌ଅଲ୍‌ନା ଲିଲ୍‌ମୁତ୍‌ତକୀନା ଇମାମା |

## ଐଶି ପୁରସ୍କାର ପାଇଁ କୃତଜ୍ଞତା ଓ ସାମର୍ଥ୍ୟ ଭିକ୍ଷା
شکریۂ انعاماتِ الٰہیہ و طلبِ توفیق کی دُعا

| | |
|---|---|
| | رَبِّ اَوْزِعْنِيْ |
| ହେ ମୋର ପାଳନକର୍ତ୍ତା ! ମୋତେ ସାମର୍ଥ୍ୟ ଦିଅ | ରବ୍‌ବୀ ଅଓଜେନୀ |
| | اَنْ اَشْكُرَ نِعْمَتَكَ الَّتِيْٓ |
| ଯେପରି ତୁମ ପୁରସ୍କାରପାଇଁ କୃତଜ୍ଞତା ଅର୍ପଣ କରିବି | ଅନ୍‌ଅଶ୍‌କୋର ନେମତକଲ୍ଲତି |
| ଯାହାକୁ ତୁମ୍ଭେ ମୋ ଉପରେ ଓ ମୋର ପିତାମାତାଙ୍କ | اَنْعَمْتَ عَلَيَّ وَعَلٰي وَالِدَيَّ |
| ଉପରେ ବରଦାନ କରିଛ | ଅନ୍‌ଅମ୍‌ତା ଅଲୈୟା ଓ୍ୱଅଲା ଓ୍ୱାଲିଦୟା |

وَاَنْ اَعْمَلَ صَالِحًا تَرْضٰهُ

ଓ ଏହାର ମଧ୍ୟ ସାମର୍ଥ୍ୟ ଦିଅ ଯେ ଏପରି ସତକର୍ମ କରିବି ଯହିଁରେ ତୁମେ ରାଜି ହୋଇଯିବ — ୱଅନ ଆମଲା ସ୍ୱାଲିହନ୍ ତର୍‌ଜାହୁ

وَاَصْلِحْ لِيْ فِيْ ذُرِّيَّتِيْ

ଏବଂ ମୋ ସକାଶେ ମୋର ସନ୍ତାନମାନଙ୍କର ସଂସ୍କାର କର — ୱଅସ୍‌ଲିହଲୀ ଫି ଜୁର୍‌ରିୟତି

اِنِّيْ تُبْتُ اِلَيْكَ

ମୁଁ ତୁମ୍ଭ ଶ୍ରୀଛାମୁରେ ପ୍ରାୟଶ୍ଚିତ କରୁଛି — ଇନ୍‌ନି ତୁବ୍‌ତୋ ଇଲୈକା

وَاِنِّيْ مِنَ الْمُسْلِمِيْنَ

ଓ ମୁଁ ଆଜ୍ଞାବହମାନଙ୍କ ମଧ୍ୟରେ ଆନ୍ତର୍ଭୁକ୍ତ — ୱଇନ୍‌ନୀ ମିନଲ୍ ମୁସଲେମୀନ୍

## ଧର୍ମ ଆବାହନ କାର୍ଯ୍ୟରେ ସିଦ୍ଧି ଲାଭ ସକାଶେ

دعوت الی اللہ میں کامیابی کی دعا

رَبِّ اشْرَحْ لِيْ صَدْرِيْ

ହେ ମୋର ପାଳନକର୍ତ୍ତା ! ପ୍ରଶସ୍ତ କରିଦିଅ ମୋର ହୃଦୟକୁ — ରବ୍‌ବିଶ୍ ରହ୍‌ଲୀ ସଦରୀ

وَيَسِّرْ لِيْ اَمْرِيْ ۝

ଓ ମୋ କାମକୁ ମୋ ପାଇଁ ସହଜସାଧ କରିଦିଅ — ୱୟସ୍‌ସିର୍‌ଲୀ ଅମ୍‌ରୀ

وَاحْلُلْ عُقْدَةً مِّنْ لِّسَانِيْ ۝

ଏବଂ ଆମ ଜିହ୍ୱା(ବଚନ)ରେ କୌଣସି ଗଣ୍ଠି ଥିଲେ ଫିଟାଇ ଦିଅ — ୱହଲୁଲ୍ ଉକ୍‌ଦତମ୍ ମିଲ୍‌ଲିସାନୀ

يَفْقَهُوْا قَوْلِيْ

ଯଦ୍ୱାରା ସେ ମୋର କଥାକୁ ବୁଝିପାରିବେ — ୟଫ୍‌କହୁ କୌଲି

وَاجْعَلْ لِّيْ وَزِيْرًا مِّنْ اَهْلِيْ ۝

ଓ ଆମ ପରିବାର ମଧ୍ୟରୁ କାହାକୁ ମୋର ସହଯୋଗୀ କରିଦିଅ । — ୱଜ୍‌ଅଲ୍ଲି ୱିଜିରମ୍ ମିନ୍ ଅହଲୀ

## ଆରୋଗ୍ୟ କାମନା ପୂର୍ବକ ଦୁଆ

شفایابی کیلئے دعائیں

بِسْمِ اللّٰهِ الْكَافِيْ

ମୁଁ ଅଲ୍ଲାଙ୍କ ନାମ ସହିତ ସାହାଯ୍ୟ ଭିକ୍ଷା କରୁଛି, ଯେ ସ୍ୱୟଂ ପର୍ଯ୍ୟାପ୍ତ — ବିସମିଲ୍ଲାହିଲ୍ କାଫି

بِسْمِ اللّٰهِ الشَّافِيْ

ମୁଁ ଅଲ୍ଲାଃଙ୍କ ନାମ ସହିତ ସାହାଯ୍ୟ ଭିକ୍ଷା କରୁଛି, ଯେ ଆରୋଗ୍ୟ ପ୍ରଦାନକାରୀ — ବିସମିଲ୍ଲାହିଶ୍ ଶାଫି

بِسْمِ اللّٰهِ الشَّافِيْ

ମୁଁ ଅଲ୍ଲାଃଙ୍କ ନାମ ସହିତ ସାହାଯ୍ୟ ଲୋଡ଼ୁଅଛି ଯେ କ୍ଷମାଶୀଳ ଓ ଦୟାବାନ୍ — ବିସମିଲ୍ଲାହିଲ୍ ଗଫୁରିର୍ ରହୀମ୍

بِسْمِ اللّٰهِ الْبَرِّ الْكَرِيْمِ

ମୁଁ ଅଲ୍ଲାଃଙ୍କ ନାମ ସହିତ ସାହାଯ୍ୟ ଲୋଡ଼ୁଅଛି ଯେ ଅନୁଗ୍ରହ ପ୍ରଦାନକାରୀ — ବିସମିଲ୍ଲାହିଲ ବର୍‌ରିଲ୍ କରୀମ

## ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଦୁଆ
بیمار پرسی کی دعا

اَذْهِبِ الْبَاْسَ رَبَّ النَّاسِ وَاشْفِ

ହେ ଦୀନବଂଧୁ ପ୍ରଭୁ! ଏହାର ରୋଗ ଦୂର କର ଓ ଆରୋଗ୍ୟ ପ୍ରଦାନ କର । — **ଅଜ୍‌ହିବିଲ୍ ବା'ସା ରବ୍‌ବନ୍‌ନାସି ୱଶ୍‌ଫେ**

اَنْتَ الشَّافِیْ لَا شِفَاءَ

କାରଣ ତୁମ୍ଭେ ହିଁ ରୋଗ ନିବାରକ, ଅନ୍ୟ କେହି ଆରୋଗ୍ୟ କରି ପାରନ୍ତି ନାହିଁ — **ଅନ୍‌ତସ୍ ଶାଫି ଲାଶିଫାଆ**

اِلَّا شِفَاءُكَ شِفَاءً

ଅଥଚ ବ୍ୟାଧିର ନିଦାନ ତୁମ୍ଭେ ହିଁ ସ୍ଥିର କରିଥାଅ — **ଇଲ୍ଲା ଶିଫାଓକା ଶିଫାଅଲ୍**

لَا يُغَادِرُ سَقَمًا۔

ତେଣୁ ତୁମ୍ଭେ ଏହାକୁ ସଂପୂର୍ଣ୍ଣ ରୋଗମୁକ୍ତ କର । — **ଲାୟୁଗାଦିରୁ ସକମା**

## ଭୋଜନ ଆରମ୍ଭ କଲା ବେଳର ଦୁଆ
کھانا شروع کرنے کی دعا

بِسْمِ اللّٰهِ وَعَلٰى بَرَكَةِ اللّٰهِ

ଅଲ୍ଲାଃଙ୍କ ନାମ ନେଇ (ଖାଇବା ଆରମ୍ଭ କରୁଛି) ଓ ଅଲ୍ଲାଃଙ୍କ ଆଶୀର୍ବାଦ ସହିତ — **ବିସମିଲ୍ଲାହି ୱଅଲା ବରକତିଲ୍ଲାହ**

ବି.ଦ୍ର : ଭୋଜନ ଆରମ୍ଭରେ ଉପରୋକ୍ତ ଦୁଆ ପଢ଼ିବାକୁ ଭୁଲିଗଲେ, ଖାଇବା ମଝିରେ ମନେ ପଡିଗଲେ କିମ୍ବା ଶେଷରେ ଏହା କହିବା ଉଚିତ: "ବିସ୍‌ମିଲ୍ଲାହି ଅୱ୍ଵଲହୁ ୱଆଖିରହୁ" ଅର୍ଥାତ 'ଅଲ୍ଲାଃଙ୍କ ନାମ ନେଇ ମୁଁ ଆରମ୍ଭ କରୁଛି ଓ ଶେଷ କରୁଛି ।'

## ଖାଇ ସାରିବା ପର ଦୁଆ
دعوت کھانے کے بعد کی دعا

اَلْحَمْدُ لِلّٰهِ الَّذِیْ اَطْعَمَنَا وَسَقَانَا

ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଯେକି ଆମ ପାଇଁ ଖାଦ୍ୟ — **ଅଲ୍‌ହମ୍‌ଦୁ ଲିଲ୍ଲାହି ଅତ୍‌ଅମାନା**

وَجَعَلَنَا مِنَ الْمُسْلِمِیْنَ۔

ଓ ପାନୀୟର ବ୍ୟବସ୍ଥା କରିଛନ୍ତି ଏବଂ ଆମମାନଙ୍କୁ ମୁସଲମାନ କରିଛନ୍ତି । — **ୱସକାନା ୱଯାଅଲ୍‌ନା ମୁସ୍‌ଲେମୀନ୍**

## କ୍ଷୀର ପିଇ ସାରିବା ପର ଦୁଆ
دودھ پینے کی دعا

اَللّٰهُمَّ بَارِكْ لَنَا فِيْهِ

ହେ ଅଲ୍ଲାଃ! ଆମ ପାଇଁ ଏହାକୁ ଆଶୀର୍ବାଦରେ ପରିପୂର୍ଣ୍ଣ କର — **ଅଲ୍ଲାହୁମ୍ମା ବାରିକ୍‌ଲନା ଫିହେ**

وَزِدْنَا مِنْهُ

ଏବଂ ଏହାର ପରିମାଣ ବୃଦ୍ଧି କର । — **ୱଜିଦ୍‌ନା ମିନହୁ**

## ନିମନ୍ତ୍ରଣ ଭୋଜନ କରି ସାରିବା ପର ଦୁଆ
دعوت کھانے کے بعد کی دعا

اَللّٰهُمَّ بَارِكْ لَهُمْ

ହେ ଅଲ୍ଲାଃ! ଆମ ପାଇଁ ଏହାକୁ ଆଶୀର୍ବାଦରେ ପରିପୂର୍ଣ୍ଣ କର — **ଅଲ୍ଲାହୁମ୍ମା ବାରିକ୍‌ଲହୁମ୍**

فِيمَا رَزَقْتَهُمْ

ଫିମା ରଜକ୍‌ତହୁମ୍ — ଏବଂ ଏହାର ପରିମାଣ ବୃଦ୍ଧି କର

## ପାଇଖାନା ଯିବା ସମୟର ଦୁଆ

بیت الخلاء جانے کی دعا

اَللّٰھُمَّ اِنِّیْ اَعُوْذُ بِكَ

ଅଲ୍ଲାହୁମ୍ମା ଇନ୍ନି ଆଉଜୁବିକା — ହେ ଅଲ୍ଲାଃ ! ମୁଁ ତୁମର ଶରଣ ଭିକ୍ଷା କରୁଛି

مِنَ الْخُبُثِ وَ الْخَبَائِثِ

ମିନଲ୍ ଖୁବ୍‌ସେ ୱଲ୍ ଖବାଇସେ — ସମସ୍ତ ଶାରୀରିକ ଓ ଆଧାତ୍ମିକ ବର୍ଜ୍ୟବସ୍ତୁ ଠାରୁ ରକ୍ଷା ପାଇବା ପାଇଁ

## ପାଇଖାନା କରିସାରି ଫେରିବା ପର ଦୁଆ

بیت الخلاء سے نکلنے کی دعا

اَلْحَمْدُ لِلّٰهِ الَّذِیْ اَذْهَبَ عَنِّی الْاَذٰی وَعَافَانِیْ بِسْمِ اللّٰهِ غُفْرَانَكَ

ଅଲ୍‌ହମ୍‌ଦୁଲିଲ୍ଲାହିଲ୍ଲଜି ଅଜ୍‌ହବା ଅନ୍‌ନିଲ ଅଜା ୱଆଫାନୀ ବିସମିଲ୍ଲାହି ଗୁଫରାନକା — ସମସ୍ତ ପ୍ରଶଂସା ଅଲ୍ଲାଃଙ୍କର ଯେକି ସମସ୍ତ ବର୍ଜ୍ୟବସ୍ତୁ ଦୂର କରିଛନ୍ତି ଓ ମୋର ସ୍ୱାଭାବିକ ସ୍ୱାସ୍ଥ୍ୟାବସ୍ଥା ଫେରାଇ ଆଣିଛନ୍ତି, ମୁଁ ଅଲ୍ଲାଃଙ୍କ ନାମ ନେଇ ତାଙ୍କ ଠାରୁ କ୍ଷମା ଚାହୁଁଛି ।

## ନୂତନ ବସ୍ତ୍ର ପରିଧାନ କରିବା ବେଳର ଦୁଆ

نیا کپڑا پہننے کی دعا

اَللّٰھُمَّ لَكَ الْحَمْدُ

ଅଲ୍ଲାହୁମ୍ମା ଲକଲ୍‌ହମ୍‌ଦୁ — ହେ ଅଲ୍ଲାଃ ! ସକଳ ପ୍ରକାର ପ୍ରଶଂସା ହିଁ ତୁମ୍ଭର

كَمَا كَسَوْتَنِيْهِ

କମା କସୌତନିହେ — ଯେହେତୁ ଏହି ବସ୍ତ୍ର ତୁମ୍ଭେ ପିନ୍ଧିବାକୁ ମୋତେ ଦେଇଛ ।

## ଘରକୁ ପ୍ରବେଶ କରିବା ଦୁଆ

گھر میں داخل ہونے کی دعا

اَللّٰھُمَّ اِنِّیْ اَسْئَلُكَ

ଅଲ୍ଲାହୁମ୍ମା ଇନ୍‌ନି ଅସଅଲୁକା — ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ଘରକୁ ଆସିବା ସମୟର

خَيْرَ الْمَوْلِجِ وَخَيْرَ الْمَخْرَجِ

ଖୈରଲ୍ ମୌଲିଜି ୱଖୈରଲ୍ ମଖ୍‌ରଜେ — ସମସ୍ତ କଲ୍ୟାଣ ମାଗୁଛି ଏବଂ ଘରୁ ବାହାରି ଯିବା ସମୟର କଲ୍ୟାଣ ।

بِسْمِ اللّٰهِ وَلَجْنَا

ବିସମିଲ୍ଲାହି ୱଲଜ୍‌ନା — ଅଲ୍ଲାଃଙ୍କ ନାମ ନେଇ ଆମେ ପ୍ରବେଶ କଲୁ

وَعَلَى اللّٰهِ رَبِّنَا تَوَكَّلْنَا

ୱଅଲଲ୍ଲାହି ରବ୍‌ବନା ତୱକ୍‌କଲ୍‌ନା — ଏବଂ ନିଜ ମହାନ ପାଳନକର୍ତ୍ତାଙ୍କ ଠାରେ ଆମେ ଭରସା କରିଛୁ ।

## ପ୍ରଥମ ଚନ୍ଦ୍ର ଦର୍ଶନ କଲା ପର ଦୁଆ

چاند دیکھنے کی دعا

اَللّٰھُمَّ اَهِلَّهُ عَلَيْنَا

ଅଲ୍ଲାହୁମ୍ମା ଅହିଲ୍ଲହୁ ଅଲୈନା — ହେ ଅଲ୍ଲାଃ ! ଆମମାନଙ୍କୁ ଏହି ଚନ୍ଦ୍ର ଉଦୟ ହେବାର ଦେଖାଅ

بِالْاَمْنِ وَالْاِيْمَانِ وَالسَّلَامَةِ

ଶାନ୍ତି ଓ ଧର୍ମ ବିଶ୍ୱାସ ଓ ନିରାପତ୍ତାର ସହିତ — **ବିଲ୍ ଅମ୍‌ନେ ୱ୍ୱଲ୍ ଇମାନେ ୱ୍ୱସ୍ ସଲାମତେ**

## ରୋଜା ରଖିବା ସମୟର ପ୍ରାର୍ଥନା

روزہ رکھنے کی دعا

ରମଜାନ ମାସରେ ରୋଜା ରଖିବା ସକାଶେ ନିୟତ (ସଂକଳ୍ପ) କଲାବେଳେ କୌଣସି ନିର୍ଦ୍ଦିଷ୍ଟ ବାକ୍ୟ କହିବା ଜରୁରୀ ନୁହେଁ । ପ୍ରକୃତରେ ଏହା ଦିନ ତମାମ ଈଶ୍ୱରଙ୍କ ପାଇଁ ନିଜ ଆହାର ଓ ପାନୀୟ ବର୍ଜନ କରିବାର ଏକ ଆନ୍ତରିକ ଇଚ୍ଛାକୁ ବୁଝାଏ,ଯେଉଁ ସଂକଳ୍ପ ଫଜର ନମାଜ ପୂର୍ବରୁ ବ୍ରାହ୍ମ ମୂହୁର୍ତ୍ତରୁ ଉଠି କିଛି ଅନ୍ନ ଗ୍ରହଣ କରିବା ଦ୍ୱାରା ପ୍ରକଟ କରାଯାଏ । ତେବେ ନିମ୍ନରେ ପ୍ରଦତ୍ତ ଦୁଆ (ପ୍ରାର୍ଥନା)ର ବାକ୍ୟ ପଢ଼ି ରୋଜା ରଖିବାର ନିୟତ କରିବାରେ କୌଣସି ଅସୁବିଧା ନାହିଁ ।

وَبِصَوْمِ غَدٍ نَوَيْتُ

(ହେ ଅଲ୍ଲାଃ !) ତୁମ୍ଭ ଉପରେ ଆସ୍ଥା ରଖି
ମୁଁ ଏହି ରୋଜାର ସଂକଳ୍ପ କରୁଛି — **ୱ୍ୱବିସୌମି ଗଦିନ୍ ନୈୟେତୁ**

مِنْ شَهْرِ رَمَضَانَ

ତଥା ରମଜାନର ଏହି ପବିତ୍ର ଅନ୍ନ ଗ୍ରହଣ କରୁଛି — **ମିନ୍ ଶହ୍‌ରେ ରମଜାନେ**

## ରୋଜା ଖୋଲି ସାରିବା (ଇଫତାରୀ) ପର ଦୁଆ

روزہ کھولنے کی دعا

ରୋଜା ଖୋଲିବା ପୂର୍ବକ (ଇଫ୍‌ତାର୍ କରିବା)ର ପ୍ରାର୍ଥନା

اَللّٰهُمَّ اِنِّیْ لَكَ صُمْتُ

ହେ ଅଲ୍ଲାଃ ! ମୁଁ ନିଶ୍ଚିତ ରୂପେ ତୁମ୍ଭ ସକାଶେ ଉପବାସ କରିଥିଲି — **ଅଲ୍ଲାଃହୁମ୍ମା ଇନ୍‌ନୀ ଲକାସୁମ୍‌ତୋ**

وَعَلٰى رِزْقِكَ اَفْطَرْتُ

ଏବଂ ତୁମ୍ଭେ ଯେପରି ଆହାରର ବ୍ୟବସ୍ଥା କରିଛ,
ତଦନୁସାରେ ମୁଁ ଉପବାସକୁ ସଂପନ୍ନ କଲି — **ୱ୍ୱଅଲା ରିଜ୍‌କିକା ଅଫ୍‌ତର୍‌ତୁ**

ذَهَبَ الظَّمَاُ وَابْتَلَّتِ الْعُرُوْقُ

(ମୋର) ତୃଷା ନିବାରଣ ହୋଇଗଲା
ଓ ଶରୀରରେ ସତେଜତା ଆସିଗଲା — **ଜହବଜ୍‌ଜମା ୱ୍ୱବ୍‌ତଲ୍ଲତିଲ୍ ଓରୁକୋ**

وَثَبَتَ الْاَجْرُ اِنْ شَآءَ اللّٰهُ

ଓ ଏହି ରୋଜାର ପ୍ରତିଫଳ ଈଶ୍ୱର ଚାହିଲେ
ଅବଶ୍ୟ ନିର୍ଣ୍ଣାୟକ ସାବ୍ୟସ୍ତ ହେବ — **ୱ୍ୱସବତିଲ ଅଜ୍‌ରୋ ଇନ୍‌ଶାଅଲ୍ଲାଃ**

## ରାତିରେ ଶୟନ ପୂର୍ବକ ଦୁଆ

رات کو سونے کی دعا

اَللّٰهُمَّ بِاسْمِكَ اَمُوْتُ وَاَحْيٰى

ହେ ଅଲ୍ଲାଃ ! ତୁମ୍ଭରି ନାମରେ ମୁଁ ନିଦ୍ରାଗତ ମୃତ୍ୟୁ ଲଭୁଛି
ଓ ପୁଣି ଜୀବିତ ହେଉଛି — **ଅଲ୍ଲାହୁମ୍ମା ବିଇସମେକା ଅମୁତୁ ୱ୍ୱଅହ୍‌ୟା**

## ନିଦରୁ ଉଠିବା ପରେ ଦୁଆ

نیند سے بیداری کی دعا

اَلْحَمْدُ لِلّٰهِ الَّذِیْٓ اَحْيَانَا

ସମସ୍ତ ପ୍ରଶଂସା ଅଲ୍ଲାଃଙ୍କର ଯେକି ଆମକୁ ପୁନର୍ଜୀବିତ କରାଉଛନ୍ତି — **ଅଲ୍‌ହମ୍‌ଦୁ ଲିଲ୍ଲାହିଲ୍ଲଜି ଅହୟାନା**

بَعْدَ مَآ اَمَاتَنَا

ଆମକୁ ମୃତବତ୍ ଅବସ୍ଥାରେ ପକାଇବା ପରେ — **ବା'ଦା ମାଅମାତନା**

وَاِلَيْهِ النُّشُوْرُ

ଓ ତାଙ୍କରି ନିକଟକୁ (ଆମେ) ଫେରି ଯିବାକୁ ହେବ — **ଓ୍ୱଇଲୈହିନ୍ ନୋଶୁର୍**

## ସୌଭାଗ୍ୟଶାଳୀ ରାତି (Night of Destiny) ପାଇଁ ଦୁଆ

لیلۃ القدر کی دُعا

اَللّٰهُمَّ اِنَّكَ عَفُوٌّ تُحِبُّ الْعَفْوَ فَاعْفُ عَنِّیْ۔

ହେ ଅଲ୍ଲାଃ ! ତୁମ୍ଭେ କ୍ଷମା ପ୍ରଦାନକାରୀ
ଓ କ୍ଷମାଦାତାଙ୍କର ବନ୍ଧୁ
ସୁତରାଂ ମୋତେ କ୍ଷମା କରିଦିଅ — **ଅଲ୍ଲାହୁମ୍ମା ଇନ୍ନିକା ଅଫୁଉନ୍ ତୁହିବ୍‌ବୁଲ୍ ଅଫ୍‌ଓ୍ୱା ଫା'ଫୁ ଅନ୍‌ନୀ**

## ଯାତ୍ରାରେ ବାହାରିବା ସମୟର ଦୁଆ

سفر پر جانے کی دُعا

ଯେତେବେଳେ କୌଣସି ଭାରବାହୀ ପଶୁ ଉପରେ କିମ୍ବା ଯାନବାହନରେ ଚଢ଼ିବ, ସେ ସମୟରେ ପ୍ରଥମେ ତିନିଥର **'ଅଲ୍ଲାହୁ ଅକ୍‌ବର୍'** କହି ନିମ୍ନୋକ୍ତ ଦୁଆ ପଢ଼ିବ ।

سُبْحَانَ الَّذِیْ سَخَّرَ لَنَا هٰذَا
**ସୁବ୍‌ହାନଲ୍ଲାହିଲ୍ ସଖ୍‌ଖରାଲନା ହାଜା**
وَمَا كُنَّا لَهٗ مُقْرِنِيْنَ
**ଓ୍ୱମା କୁନ୍‌ନା ଲହୁ ମୁକ୍‌ରେନି'ନା**
وَاِنَّا اِلٰى رَبِّنَا لَمُنْقَلِبُوْنَ۔
**ଓ୍ୱଇନ୍ନା ଇଲାରବ୍‌ବିନା ଲମୁନ୍‌କଲେବୁନ୍**

ସେହି ଅଲ୍ଲାଃ ହିଁ ପବିତ୍ର, ଯିଏ ଆମମାନଙ୍କ ପାଇଁ
ଏହାକୁ ଆୟତ୍ତାଧୀନ କରିଛନ୍ତି
ଅନ୍ୟଥା ଆମେ ସକ୍ଷମ ନଥିଲୁ
ଏହାକୁ ନିଜର ଆୟତ୍ତାଧୀନ କରିବାକୁ
ଏବଂ ଆମେମାନେ ଦିନେ ନା ଦିନେ
ପାଳନକର୍ତ୍ତାଙ୍କ ନିକଟକୁ ଫେରିଯିବୁ ।

اَللّٰهُمَّ اِنَّا نَسْئَلُكَ فِیْ سَفَرِنَا
**ଅଲ୍ଲାହୁମ୍ମା ଇନ୍‌ନା ନସ୍‌ଅଲୁକା ଫିସଫରେନା**
هٰذَا الْبِرَّ وَالتَّقْوٰى
**ହାଜଲ୍ ବିର୍‌ରା ଓ୍ୱତ୍ତକ୍‌ଓ୍ୱା**
وَمِنَ الْعَمَلِ مَا تَرْضٰى۔
**ଓ୍ୱମିନଲ୍ ଅମଲି ମାତର୍‌ଜା**

ହେ ଅଲ୍ଲାଃ ! ଆମେ ତୁମ୍ଭ ଠାରୁ ଏହି ଯାତ୍ରା ପାଇଁ
ଶୁଭ କାମନା ଭିକ୍ଷା କରୁଅଛୁ
ତାହା ପୁଣ୍ୟ ଓ ଧର୍ମନିଷ୍ଠତା ତଥା ସେହି କର୍ମ ହେଉ,
ଯାହାକୁ ତୁମେ ପସନ୍ଦ କର ।

اَللّٰهُمَّ هَوِّنْ عَلَيْنَا فِیْ سَفَرِنَا هٰذَا
**ଅଲ୍ଲାହୁମ୍ମା ହଓ୍ୱିନ୍ ଅଲୈନା ଫିସଫରେନା ହାଜା**
وَاطْوِ عَنَّا بُعْدَهٗ۔
**ଓ୍ୱଅତ୍‌ଓ୍ୱି ଅନ୍‌ନା ବୁ'ଦହୁ**

ହେ ଅଲ୍ଲାଃ ! ଏହି ଯାତ୍ରାକୁ ଆମ ପାଇଁ
ସହଜ ଓ ସୁଗମ କରିଦିଅ
ଏବଂ ଏହାର ଦୂରତାକୁ ଆମ ସୁବିଧା
ସକାଶେ ସଂକୁଚିତ କରିଦିଅ ।

اَللّٰهُمَّ اَنْتَ الصَّاحِبُ فِی السَّفَرِ
**ଅଲ୍ଲାହୁମ୍ମା ଅନ୍‌ତସ୍ ସାହିବୁ ଫିସ୍‌ସଫରେ**
وَالْخَلِيْفَةُ فِی الْاَهْلِ
**ଓ୍ୱଲ୍ ଖଲିଫତୁଲ୍ ଫିଲ୍‌ଅହଲେ**

ହେ ଅଲ୍ଲାଃ ! ତୁମ୍ଭେ ହିଁ ଆମର ଏହି ଯାତ୍ରା
ପଥରେ ସାଥୀ ଓ ସହଯାତ୍ରୀ
ଏବଂ ଆମ ଯାତ୍ରୀ ଦଳର ନେତୃତ୍ୱ ଗ୍ରହଣ କରିଛ ।

## ଯାନବାହନ ଆରୋହଣ ପୂର୍ବକ ଦୁଆ

سوار ہونے کی دعا

بِسْمِ اللّٰہِ مَجْرٖىہَا

ଅଲ୍ଲାଃଙ୍କ ନାମକୁ ପାଥେୟ କରି ଏହା ଗତି କରିବ ଓ ଅଟକିବ — **ବିସମିଲ୍ଲାହି ମଜ୍‌ରିହା ଓ ମୁର୍‌ସାହ,**

اِنَّ رَبِّیْ لَغَفُوْرٌ رَّحِیْمٌ

ବାସ୍ତବରେ ଆମ ପାଳନକର୍ତ୍ତା ଅତ୍ୟନ୍ତ
କ୍ଷମାଶୀଳ ଓ ସଦା କରୁଣାମୟ — **ଇନ୍‌ନା ରବ୍‌ବୀ ଲଗଫୁରୁର୍ ରହିମ୍**

## ବିବାହ ଉପଲକ୍ଷେ ଅଭିନନ୍ଦନ

مبارک باد نکاح

بَارَكَ اللّٰهُ لَكَ بَارَكَ اللّٰهُ لَكَ

ଅଲ୍ଲାଃ ତୁମ ଦୁହିଁଙ୍କୁ ଆଶିଷ ପ୍ରଦାନ କରନ୍ତୁ — **ବାରକଲ୍ଲାହୁ ଲକା ବାରକଲ୍ଲାହୁ ଲକା**

وَبَارَكَ عَلَيْكُمَا

ଏବଂ ସୌଭାଗ୍ୟଶାଳୀ ହୁଅ ତୁମେ ଦୁହେଁ — **ଓ୍ୱବାରକା ଅଲୈକୁମା**

وَجَمَعَ بَيْنَكُمَا فِى الْخَيْرِ

ଓ ତୁମ ଦୁହିଁଙ୍କୁ ମିଳାଇ ରଖନ୍ତୁ ପରସ୍ପରର ହିତ ପାଇଁ — **ଓ୍ୱଜମଆ ବୈନୁକୁମା ଫିଲ୍‌ଖୈରେ**

## ନୂତନ ପତ୍ନୀଙ୍କ ପାଇଁ ପତିର ଦୁଆ

نئی بی بی کیلئے دعا

(ଯେତେବେଳେ ନିଜର ନବ ବିବାହିତା ପତ୍ନୀକୁ ଘରକୁ ଆଣିବ, ତା'ର ମସ୍ତକ ଉପରେ ହାତ ରଖି ଏହି ପ୍ରାର୍ଥନା କରିବ)

اَللّٰهُمَّ اِنِّىْ اَسْئَلُكَ مِنْ خَيْرِهَا

ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ତାହା ପାଇଁ
କଲ୍ୟାଣ ଭିକ୍ଷା କରୁଛି — **ଅଲ୍ଲାହୁମ୍ମା ଇନ୍‌ନୀ ଅସ୍‌ଅଲୁକା ମିନଖୈରିହା**

وَخَيْرِ مَا جَبَلْتَهَا عَلَيْهِ

ଏବଂ ତାହାର ସୁକର୍ମର ମଙ୍ଗଳ କାମନା କରୁଛି,
ଯାହା ପାଇଁ ତୁମେ ତାକୁ ଜନ୍ମ ଦେଇଛ — **ଓ୍ୱଖୈରିମା ଜବଲ୍‌ତାହା ଅଲୈହି**

## ପତି ପତ୍ନୀ ମିଳିତ ହେବା ବେଳେ

خلوت کے وقت کی دعا

بِسْمِ اللّٰهِ اَللّٰهُمَّ جَنِّبْنَا الشَّيْطَانَ

ହେ ଅଲ୍ଲାଃ ! ଆମ ଦୁହିଁଙ୍କୁ ସକଳ ଅମଙ୍ଗଳକାରୀ
କୁପ୍ରବୃତ୍ତିରୁ ରକ୍ଷା କର — **ବିସମିଲ୍ଲାହି ଅଲ୍ଲାହୁମ୍ମା ଜନ୍‌ନିବ୍‌ନଶ୍ ଶୈତାନା**

وَجَنِّبِ الشَّيْطَانَ مَا رَزَقْتَنَا

ଏବଂ ଶୈତାନକୁ ସେହି ବିଷୟ ଠାରୁ ଦୂରେଇ ରଖ,
ଯାହା ତୁମ୍ଭେ ଆମକୁ ସନ୍ତାନ ରୂପେ ଦେଇପାର — **ଓ୍ୱଜନ୍‌ନିବିଶ୍ ଶୈତା'ନା ମାରଜକ୍‌ତନା**

## ଉତ୍ତମ ସନ୍ତାନ ଲାଭ ସକାଶେ

صالح اولاد کی تمنا کیلئے دعا

رَبِّ هَبْ لِىْ مِنَ الصّٰلِحِيْنَ ۝

ହେ ଆମ ପାଳନକର୍ତ୍ତା ! ମୋତେ ପ୍ରଦାନ କର ଧର୍ମନିଷ୍ଠ ସନ୍ତାନ — **ରବ୍‌ବି ହବ୍‌ଲି ମିନସ୍ ସ୍ୱାଲିହୀନ**

رَبِّ هَبْ لِىْ

**ରବ୍‌ବି ହବଲି** — ହେ ମୋ ପାଳନକର୍ତ୍ତା ! ମୋତେ ପ୍ରଦାନ କର

مِنْ لَّدُنْكَ ذُرِّيَّةً طَيِّبَةً ۚ

**ମିଲ୍‌ଲଦୁନ୍‌କା ଜୁର୍‌ରିୟତନ୍ ତୟେବତନ୍** — ତୁମ ସମୀପରୁ ପବିତ୍ର ସନ୍ତାନ

اِنَّكَ سَمِيْعُ الدُّعَآءِ ﴿٣٩﴾

**ଇନ୍‌ନକା ସମିଉଦ୍ ଦୁଆ'ଏ** — ବାସ୍ତବରେ ତୁମ୍ଭେ ହିଁ ପ୍ରାର୍ଥନାକୁ ଗ୍ରହଣ କରିଥାଅ ।

## ନିଃସନ୍ତାନ (ଅପୁତ୍ରିକ) ନରହିବା ସକାଶେ

لاوارث نہ رہنے کی دعا

رَبِّ لَا تَذَرْنِىْ فَرْدًا

**ରବ୍‌ବି ଲାତଜର୍‌ରୀ ଫରଦୌଁ** — ହେ ମୋର ପାଳନକର୍ତ୍ତା ! ମୋତେ ଏକାକୀ ଛାଡିଦିଅ ନାହିଁ

وَّاَنْتَ خَيْرُ الْوٰرِثِيْنَ ﴿٩٠﴾ ۚ ۖ

**ୱଅନ୍‌ତା ଖୈରୁଲ୍ ୱାରିସୀନ୍** — ଏବଂ ତୁମ୍ଭେ ହିଁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ।

## ଈଶ୍ୱରଙ୍କ ଦିବ୍ୟସତ୍ତା ଓ ନିଜ ଅତ୍ୟାଚାରୀ ପ୍ରାଣର ସ୍ୱୀକାର

خدا کی قدوسیت اور اپنے ظلم کا اقرار

(୧) لَآ اِلٰهَ اِلَّآ اَنْتَ سُبْحٰنَكَ

**ଲା'ଇଲାହା ଇଲ୍ଲା ଅନ୍‌ତା ସୁବ୍‌ହାନକା** — ତୁମ୍ଭ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ଓ ତୁମ୍ଭେ ହିଁ ପବିତ୍ର

اِنِّىْ كُنْتُ مِنَ الظّٰلِمِيْنَ ۔

**ଇନ୍‌ନୀ କୁନ୍‌ତୁ ମିନଜ୍ ଜ୍ୱାଲିମୀନ୍** — ବାସ୍ତବରେ ମୁଁ ଅତ୍ୟାଚାରୀମାନଙ୍କ ମଧ୍ୟରେ ଅଛି

(୨) رَبِّ اِنِّىْ ظَلَمْتُ نَفْسِىْ

**ରବ୍‌ବି ଇନ୍‌ନୀ ଜଲମ୍‌ତୁ ନଫ୍‌ସି** — ହେ ମୋର ପାଳନକର୍ତ୍ତା ! ମୁଁ ନିଜ ପ୍ରାଣ ପ୍ରତି ଅତ୍ୟାଚାର କରିଛି

فَاغْفِرْ لِىْ

**ଫଗ୍‌ଫିର୍‌ଲୀ** — ତେଣୁ ମୋତେ କ୍ଷମା କରିଦିଅ

(୩) اَنِّىْ مَسَّنِىَ الضُّرُّ

**ଇନ୍‌ନୀ ମସ୍‌ସନିୟଜ୍ ଜୁର୍‌ରୋ** — ମୋତେ ଭବ ଯନ୍ତ୍ରଣା କବଳିତ କରିଛି ଓ ମୁଁ ଦୁଃଖରେ ପୀଡିତ ଅଛି

وَاَنْتَ اَرْحَمُ الرّٰحِمِيْنَ ﴿٨٤﴾ ۚ ۖ

**ୱଅନ୍‌ତା ଅର୍‌ହମୁର୍ ରାହେମୀନ୍** — ଏବଂ ତୁମ୍ଭେ ତ ସବୁ ଦୟାବାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଦୟାବାନ

(୪) رَّبِّ اغْفِرْ وَارْحَمْ

**ରବ୍‌ବିଗ୍‌ଫିର୍ ୱର୍‌ହମ୍** — ହେ ମୋର ପାଳନକର୍ତ୍ତା ! ତୁମ୍ଭେ କ୍ଷମାକର ଓ ମୋ ପ୍ରତି ଦୟାକର

وَاَنْتَ خَيْرُ الرّٰحِمِيْنَ ﴿١١٩﴾ ع

**ୱଅନ୍‌ତା ଖୈରୁର୍ ରାହେମୀନ୍** — ଏବଂ ତୁମ୍ଭେ ହିଁ ଦୟାବାନମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ।

(୫) ହେ ମୋର ପାଳନକର୍ତ୍ତା ! ଯାହା ବି ତୁମ୍ଭେ — رَبِّ اِنِّیۡ لِمَاۤ اَنۡزَلۡتَ
ଅର୍ପଣ କରିବ ଆମ ପ୍ରତି — **ରବ୍‌ବି ଇନ୍‌ନୀ ଲିମା ଅନ୍‌ଜଲ୍‌ତା**
ନିଜର କୌଣସି କଲ୍ୟାଣକାରୀ ବିଷୟ, — اِلَیَّ مِنۡ خَیۡرٍ فَقِیۡرٌ ﴿۲۴﴾
ମୁଁ ତାହା ଉପରେ ନିର୍ଭରଶୀଳ ହେବି — **ଇଲୈୟା ମିନ୍ ଖୈରିନ୍ ଫକୀର୍**

(୬) ହେ ମୋର ପାଳନକର୍ତ୍ତା ! ମୁଁ ଶତ୍ରୁ ଦ୍ୱାରା ପରାଭୂତ — رَبَّهٗۤ اَنِّیۡ مَغۡلُوۡبٌ فَانۡتَصِرۡ ﴿۱۰﴾
ହୋଇଛି, ତେଣୁ ତୁମ୍ଭେ ଏହାର ପ୍ରତିଶୋଧ ନିଅ । — **ରବ୍‌ବି ଇନ୍‌ନୀ ମଗ୍‌ଲୁବୁନ୍ ଫନ୍‌ତସୀର**

## ଅତ୍ୟାଚାରୀଙ୍କ ଉପଦ୍ରବରୁ ବଞ୍ଚିତ ହେବା ସକାଶେ — ظالمین کے فتنہ سے طلب پناہ کی دعا

(କ) ହେ ଆମ ପାଳନକର୍ତ୍ତା ! ଆମକୁ — رَبَّنَا لَا تَجۡعَلۡنَا فِتۡنَۃً
କର ନାହିଁ ବିଶୃଙ୍ଖଳାର ମାଧମ — **ରବ୍‌ବନା ଲା'ତଜ୍‌ଅଲ୍‌ନା ଫିତ୍‌ନତଲ୍**
لِّلۡقَوۡمِ الظّٰلِمِیۡنَ ﴿ۙ۸۵﴾
ସେହି ଅତ୍ୟାଚାରୀ ବର୍ଗର ଲୋକମାନଙ୍କ ଦାଉରୁ — **ଲିଲ୍ କୌମିଜ୍ ଜ୍ୱାଲେମୀନ୍**
وَ نَجِّنَا بِرَحۡمَتِکَ
ଓ ଆମମାନଙ୍କୁ ରକ୍ଷାକର ନିଜ କରୁଣା ଦ୍ୱାରା — **ୱନଜ୍‌ଜିନା ବିରହମତିକା**
مِنَ الۡقَوۡمِ الۡکٰفِرِیۡنَ ﴿۸۶﴾
ସେହି ଅବିଶ୍ୱାସକାରୀ ଲୋକଙ୍କ ଠାରୁ — **ମିନଲ୍ କୌମିଲ୍ କାଫିରୀନ୍**

(ଖ) ହେ ଅଲ୍ଲାଃ ! ଆମେ ତୁମ୍ଭଙ୍କୁ ରକ୍ଷା କବଚ କରୁଛୁ — اَللّٰھُمَّ اِنَّا نَجْعَلُكَ فِیْ نُحُوْرِھِمْ
ସେହି ଅବିଶ୍ୱାସୀକାରୀଙ୍କ ବିରୁଦ୍ଧରେ — **ଅଲ୍ଲାହୁମ୍ମା ଇନ୍‌ନା ନଜ୍ ଅଲୋକା ଫିନୁହୁରିହିମ୍**
ଏବଂ ତୁମ୍ଭର ଶରଣାଗତ ହେଉଛୁ ସେମାନଙ୍କ — وَنَعُوْذُبِكَ مِنْ شُرُوْرِھِمْ
ଉପଦ୍ରବରୁ ବଞ୍ଚିବା ପାଇଁ — **ୱନଉଜୁବିକା ମିନ୍ ଶୁରୁରିହିମ୍**

## ପ୍ରତିପକ୍ଷଙ୍କ ବିରୁଦ୍ଧରେ ସତ୍ୟର ନିଷ୍ପତ୍ତି ପାଇଁ — مخالفین کے مقابل فیصلہ کی دعا

ହେ ଆମ ପାଳନକର୍ତ୍ତା ! ଆମମାନଙ୍କ — رَبَّنَا افۡتَحۡ بَیۡنَنَا وَ بَیۡنَ قَوۡمِنَا
ଓ ଆମ ସଂପ୍ରଦାୟମାନଙ୍କ ମଧ୍ୟରେ — **ରବ୍‌ବନଫ୍‌ତହ୍ ବୈନନା ୱବୈନା କୌମିନା**
ନ୍ୟାୟ ସଂଗତ ନିଷ୍ପତ୍ତି କର । — بِالۡحَقِّ وَ اَنۡتَ خَیۡرُ الۡفٰتِحِیۡنَ ﴿۹۰﴾
ଏବଂ ତୁମ୍ଭେ ହିଁ ସର୍ବୋତ୍ତମ ନିଷ୍ପତ୍ତିକାରୀ । — **ବିଲ୍‌ହକ୍‌କେ; ୱଅନ୍‌ତା ଖୈରୁଲ୍ ଫାତିହିନ୍**

## କ୍ରୋଧିତ ଓ ଉତ୍ତେଜିତ ହେବାରୁ ବଞ୍ଚିତ ରହିବା ସକାଶେ — غصّہ اور طیش کے شر سے بچنے کی دعا

اَللّٰھُمَّ اغْفِرْلِیْ ذَنْبِیْ
ହେ ଅଲ୍ଲାଃ ! ମୋର ଦୋଷ କ୍ଷମା କରିଦିଅ — **ଅଲ୍ଲାହୁମ୍ ମଗଫିର୍‌ଲି ଜନ୍‌ବୀ**
وَاَذْھِبْ غَیْظَ قَلْبِیْ
ଓ ମୋ ମନର କ୍ରୋଧକୁ ଶାନ୍ତ କରିଦିଅ — **ୱଅଜ୍‌ହିବ୍ ଗୈଜା କଲ୍‌ବୀ**

وَاَجِرْنِيْ مِنَ الشَّيْطٰنِ الرَّجِيْمِ
ଏବଂ ତୁମ୍ଭ ଶରଣରେ ମୋତେ ନେଇଯାଅ ଅଭିଶପ୍ତ ଶୈତାନ ଠାରୁ ।
**ୱଅଜିର୍‌ନୀ ମିନଶ୍ ଶୈତାନିର୍ ରଯିମ୍ ।**

## ବଜ୍ରପାତରୁ ରକ୍ଷା ପାଇବା ସକାଶେ

بجلی کی کڑک پڑنے کی دعا

اَللّٰهُمَّ لَا تَقْتُلْنَا بِغَضَبِكَ
**ଅଲ୍ଲାହୁମ୍ମା ଲାତକ୍‌ତୁଲ୍‌ନା ବିଗଜବିକା**
ହେ ଅଲ୍ଲାଃ ! ଆମ ପ୍ରାଣ ନାଶ କରନାହିଁ ବଜ୍ରପାତ ଜନିତ ଦୈବୀ ପ୍ରକୋପ ଦ୍ୱାରା

وَلَا تُهْلِكْنَا بِعَذَابِكَ
**ୱଲା ତୁହଲିକ୍‌ନା ବିଅଜାବିକା**
ଏବଂ ଆମକୁ ବିନାଶ କର ନାହିଁ ନିଜର ପ୍ରଚଣ୍ଡ ଶାସ୍ତି ଦ୍ୱାର

وَعَافِنَا قَبْلَ ذٰلِكَ
**ୱଆଫିନା କବଲା ଜାଲିକା**
ଏବଂ ଏହା ଘଟିବା ପୂର୍ବରୁ ଆମକୁ ବିପଦମୁକ୍ତ ଓ ଆଶ୍ୱସ୍ତ କର ।

## ଝଡ ତୋଫାନରୁ ବଞ୍ଚିତ ହେବା ପାଇଁ

آندھی کے شر سے بچنے کی دعا

اَللّٰهُمَّ اِنِّيْ اَسْئَلُكَ خَيْرَ هٰذِهِ الرِّيَاحِ
**ଅଲ୍ଲାହୁମ୍ମା ଅନ୍‌ନୀ ଅସଅଲୁକା ଖୈରା ହାଜିହିର୍‌ରିୟାହେ**
ହେ ଅଲ୍ଲାଃ ! ମୁଁ ତୁମ୍ଭର କଲ୍ୟାଣ ମାଗୁଛି ଏହି ବାତ୍ୟାର ଆଗମନ ଯୋଗୁଁ

وَخَيْرَ مَافِيْهَا وَخَيْرَ مَا اُرْسِلَتْ بِهٖ
**ୱଖୈରାମା'ଫିହା ୱଖୈରା ମା'ଉର୍‌ସିଲତ୍‌ବିହୀ**
ଯେଉଁ କଲ୍ୟାଣ ଏଥିରେ ରହିଛି ଓ ଆମ ହିତ ସକାଶେ ଯାହା ତୁମେ ପ୍ରେରଣ କରିଛ

وَاَعُوْذُبِكَ مِنْ شَرِّ مَافِيْهَا
**ୱଅଉଜୁବିକା ମିନ୍‌ସଲଜେ ମା'ଫିହା**
ମୁଁ ତୁମ୍ଭର ଶରଣ ଲୋଡୁଛି ଏହାର କୁପ୍ରଭାବରୁ ବଞ୍ଚିତ ହେବା ପାଇଁ

وَشَرِّ مَا اُرْسِلَتْ بِهٖ
**ୱଶର୍‌ରେ ମା'ଉର୍‌ସିଲତ୍ ବିହୀ**
ଏବଂ ତାହା ଆମର କ୍ଷତି ସାଧନ କରିବା ସକାଶେ ଅଭିପ୍ରେତ ନହେଉ

## ବର୍ଷା ଭିକ୍ଷା ଜନିତ ପ୍ରାର୍ଥନା

بارش مانگنے کی دعائیں

ଯଦି ଆବଶ୍ୟକ ସମୟରେ ବର୍ଷା ନହୁଏ, ତେବେ ଲୋକମାନେ ଖୋଲା ପଡିଆରେ ଏକତ୍ରିତ ହୋଇ ଦୁଇ ରକାତ 'ନଫିଲ' (ଇଚ୍ଛାଧୀନ) ନମାଜ ଉଚ୍ଚ ସ୍ୱରରେ ପାଠ କରିବେ । ଏହାକୁ ନମାଜ 'ଇସତସକା' କୁହାଯାଏ । ଏହା ପରେ ଇମାମ ଖୁତ୍‌ବା (ଅଭିଭାଷଣ) ଦେଇ ଅଲ୍ଲାଃଙ୍କର କରୁଣା ଜନିତ ମହିମା ଗାନ କରିବେ । ତା'ପରେ ସମବେତ ପ୍ରାର୍ଥନାକାରୀ କିବ୍‌ଲା ଆଡକୁ ମୁହଁ କରି ଦୁଇ ହାତ ଉପରକୁ ଉଠାଇ ଅତ୍ୟନ୍ତ ବ୍ୟାକୁଳ ହୋଇ ନିମ୍ନୋକ୍ତ ଦୁଆ ମାଗିବେ ।

اَللّٰهُمَّ سُقْيَانًا نَافِعًا
**ଅଲ୍ଲାହୁମ୍ମା ସୁକ୍‌ୟାନନ୍ ନାଫିଅନ୍**
ହେ ଅଲ୍ଲାଃ ! ଜୋର ବର୍ଷା କରାଅ - ଯାହା ହିତକାରୀ

اَللّٰهُمَّ صَيِّبًا نَافِعًا
**ଅଲ୍ଲାହୁମ୍ମା ସୟେବନ୍ ନାଫିଅନ୍**
ହେ ଅଲ୍ଲା ! ଅଧିକ ବର୍ଷା କରାଅ - ଯାହା ହିତକାରୀ

اَللّٰهُمَّ اجْعَلْهُ سَبَبَ رَحْمَةٍ
**ଅଲ୍ଲାହୁମ୍ମଜ୍ ଅଲ୍‌ହୁ ସବବା ରହମତିନ୍**
ହେ ଅଲ୍ଲାଃ ! ଏହାକୁ କରୁଣା ଓ ଆଶୀଷ ଦାୟକ କରିଦିଅ

وَلَا تَجْعَلْهُ سَبَبَ عَذَابٍ

କିନ୍ତୁ ଏହାକୁ ଆମ ପାଇଁ ଶାସ୍ତିର କାରଣ କର ନାହିଁ । **ୱଲା ତଜ୍‌ଅଲ୍‌ହୁ ସବବା ଅଜାବିନ୍**

**ଅଲ୍ଲାହୁମ୍ ମସକେନା - ଅଲ୍ଲାହୁମ୍ ମସକେନା - ଅଲ୍ଲାହୁମ୍ ମସକେନା**

ହେ ଅଲ୍ଲାଃ ! ଆମକୁ ପାଣିଦିଅ, ହେ ଅଲ୍ଲାଃ ! ଆମକୁ ପାଣିଦିଅ, ହେ ଅଲ୍ଲାଃ ! ଆମକୁ ପାଣିଦିଅ

ବ୍ୟାକୁଳତା ଦୂରକାରୀ, ଶସ୍ୟ ଶ୍ୟାମଳକାରୀ,
ଲାଭଦାୟକ, ହିତକାରକ **ଗୈସମ୍ ମୁଗିସମ୍ ମରିଅନ୍ ନାଫେଅନ୍**

ଏହି ଜଳ ଚଞ୍ଚଳ ପ୍ରଦାନ କର
ଆଉ କାଳ ବିଳମ୍ବ କରନାହିଁ **ଗୈରା ଜାଅର୍‌ରୀନ ଆଜେଲନ୍ ଗୈରା ଆଜେଲିନ**

ହେ ଅଲ୍ଲାଃ ! ଜଳ ବୃଷ୍ଟି କରାଅ
ତୁମ୍ଭର ଭକ୍ତ ଓ ଜୀବଜନ୍ତୁଙ୍କ ପାଇଁ **ଅଲ୍ଲାହୁମ୍ ମସକେ ଇବାଦକା ୱବହାଏମକା**

ଏବଂ ତୁମ୍ଭ କରୁଣାର ବାହୁ ପ୍ରସାରିତ କର ଓ
ମରିଯାଉଥିବା ସ୍ଥାନକୁ ଜୀବୀତ କର **ୱନ୍‌ସୁର୍ ରହମତକା ୱଅହ୍‌ୟି ବଲଦକଲ୍ ମୈୟେତା**

**ଅଲ୍ଲାହୁମ୍ ମସକେନା ଅଲ୍ଲାହୁମ୍ ମସକେନା ଅଲ୍ଲାହୁମ୍ ସମକେନା**

ହେ ଅଲ୍ଲାଃ ! ଆମକୁ ପାଣିଦିଅ, ହେ ଅଲ୍ଲାଃ ! ଆମକୁ ପାଣିଦିଅ, ହେ ଅଲ୍ଲାଃ ! ଆମକୁ ପାଣିଦିଅ

## ଅତ୍ୟଧିକ ବୃଷ୍ଟିପାତ ବନ୍ଦ କରିବା ସକାଶେ

زیادہ بارش روکنے کی دعا

اَللّٰهُمَّ حَوَالَيْنَا وَلَا عَلَيْنَا

ହେ ଅଲ୍ଲାଃ ! ଆମ ଚତୁର୍ପାର୍ଶ୍ୱରେ ବର୍ଷା କରାଅ,
କିନ୍ତୁ ଆମ ଉପରେ ନୁହେଁ **ଅଲ୍ଲାହୁମ୍ମା ହୱାଲୈନା ଲାଆଲୈନା**

اَللّٰهُمَّ عَلَى الْاٰكَامِ

ହେ ଅଲ୍ଲାଃ ! ବର୍ଷା କରାଅ ବଣ ଦୁର୍ଗ ଉପରେ **ଅଲ୍ଲାହୁମ୍ମା ଅଲ୍‌ଲ ଆକାମେ**

وَالظِّرَابِ وَالْجِبَالِ

ଏବଂ ଉଚ୍ଚ ମାଳଭୂମି ଓ ପର୍ବତ ଶିଖର ଉପରେ **ୱଜ୍‌ଜିରାବେ ୱଲ୍‌ଜିବାଲେ**

وَبُطُوْنِ الْاَوْدِيَةِ وَمَنَابِتِ الشَّجَرَةِ

ଏବଂ ପାର୍ବତ୍ୟ ଘାଟୀ ଅଞ୍ଚଳରେ
ତଥା ବୃକ୍ଷଲତା ଅଙ୍କୁରିତ ସ୍ଥାନ ଉପରେ **ୱବୁତୁନିଲ୍ ଅଓଦିୟତେ ୱମନାବିତିଶ୍ ଶଜରତେ**

## ନମାଜରେ କ୍ଷମା ପ୍ରାର୍ଥନାର ଏକ ଶ୍ରେଷ୍ଠ ଦୁଆ

نماز میں کی جانے والی ایک دعا

اَللّٰهُمَّ اِنِّىْ ظَلَمْتُ نَفْسِىْ ظُلْمًا كَثِيْرًا

ହେ ଅଲ୍ଲାଃ ! ମୁଁ ନିଜ ପ୍ରାଣ ଉପରେ
ବହୁତ ଅତ୍ୟାଚାର କରିଛି **ଅଲ୍ଲାହୁମ୍ମା ଇନ୍‌ନି ଜଲମତୁ ନଫସି ଜୁଲମନ୍ କସିରନ୍**

وَلَا يَغْفِرُ الذُّنُوْبَ اِلَّا اَنْتَ

ଏବଂ ତୁମ୍ଭ ବ୍ୟତୀତ ଅନ୍ୟ କେହି ନାହିଁ
ଯିଏ ମୋ ପାପ କ୍ଷମା କରିବ **ୱଲା ୟଗ୍‌ଫିରୁଜ୍ ଜୁନୁବା ଇଲ୍ଲା ଅନ୍‌ତା**

| | |
|---|---|
| | فَاغْفِرْ لِي مَغْفِرَةً |
| ତେଣୁ ନିଜ ସମୀପରୁ ମୋତେ ସଂପୂର୍ଣ୍ଣ ରୂପେ କ୍ଷମା କରିଦିଅ | ଫଗ୍‌ଫର୍‌ଲି ମଗ୍‌ଫିରତମ୍ |
| | مِّنْ عِنْدِكَ وَارْحَمْنِي |
| ଓ ମୋ ପ୍ରତି ଦୟା କର । | ମିନ୍ ଇନ୍‌ଦିକା ୱରହମ୍‌ନୀ |
| ବାସ୍ତବରେ ତୁମ୍ଭେ ଅତ୍ୟନ୍ତ କ୍ଷମା ପ୍ରଦାନକାରୀ | إِنَّكَ أَنْتَ الْغَفُورُ الرَّحِيمُ |
| ଓ ସଦା କରୁଣାମୟ | ଇନ୍‌ନକା ଅନତଲ୍ ଗଫୁରୁର୍ ରହୀମ । |
| ହେ ମୋର ପାଳନକର୍ତ୍ତା ! ମୋତେ ପ୍ରଦାନ କର | رَبِّ هَبْ لِي حُكْمًا |
| ସମୁଚିତ ଶିକ୍ଷା ଓ ହିତାହିତ ଜ୍ଞାନ | ରବ୍‌ବି ହବ୍‌ଲି ହୁକ୍‌ମୌ |
| | وَّأَلْحِقْنِي بِالصَّالِحِينَ ۝٨٣ |
| ଏବଂ ମୋତେ ଅନ୍ତର୍ଭୁକ୍ତ କର ଧର୍ମନିଷ୍ଠ ସାଧୁ ବ୍ୟକ୍ତିଙ୍କ ମଧ୍ୟରେ । | ୱଲ୍‌ହିକ୍‌ନି ବିସ୍ ସ୍ୱାଲେହୀନ |

## ସର୍ବଶ୍ରେଷ୍ଠ ପ୍ରାୟଶ୍ଚିତ ମୂଳକ କ୍ଷମା ପ୍ରାର୍ଥନା

سَيِّدُ الاستغفار

| | |
|---|---|
| ହେ ଅଲ୍ଲାଃ ! ତୁମ୍ଭେ ମୋର ମହିମାମୟ ପାଳନକର୍ତ୍ତା, | اَللّٰهُمَّ أَنْتَ رَبِّي لَا إِلٰهَ إِلَّا أَنْتَ |
| ତୁମ୍ଭ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । | ଅଲ୍ଲାହୁମ୍ମା ଅନ୍‌ନାରବ୍‌ବୀ ଲାଇଲାହା ଇଲ୍ଲାଅନ୍‌ତା |
| | خَلَقْتَنِي وَأَنَا عَبْدُكَ |
| ତୁମ୍ଭେ ମୋତେ ସୃଷ୍ଟି କରିଛ ଏବଂ ମୁଁ ତୁମ୍ଭ ଭକତ ଭାବରେ ବନ୍ଧା | ଖଲକତନୀ ୱଅନା ଅବ୍‌ଦୁକା |
| ଏବଂ ତୁମ୍ଭ ଶ୍ରୁତିକୁ ପାଥେୟ କରି ମୁଁ ଯେତେ ଦୂରସମ୍ଭବ | وَأَنَا عَلَى عَهْدِكَ وَوَعْدِكَ مَا اسْتَطَعْتُ |
| ପ୍ରତିଷ୍ଠିତ ହୋଇ ରହିଛି | ୱଅନା ଅଲାଅହଦିକା ୱଆଦିକା ମାସ୍‌ତତାତୁ |
| ମୁଁ ତୁମ୍ଭର ଶରଣାପନ୍ନ ହେଉଛି ସେହି କାର୍ଯ୍ୟର ଅନିଷ୍ଟ ସକାଶେ | أَعُوذُ بِكَ مِنْ شَرِّ مَا صَنَعْتُ |
| ଯାହା ମୁଁ ଭୁଲ ବଶତଃ କରିଦେଇଛି | ଅଉଜୁବିକା ମିନ୍ ଶର୍‌ରେ ମା'ସନାତୁ |
| ମୁଁ ତୁମ୍ଭ ଶ୍ରୀଛାମୁରେ ସେହି ପୁରସ୍କାରକୁ ସ୍ୱୀକାର କରୁଛି, | أَبُوءُ لَكَ بِنِعْمَتِكَ عَلَيَّ |
| ଯାହା ମୋ ପ୍ରତି କରିଥିଲ | ଅବୁ ୱଲକା ବିନି'ମତିକା ଅଲୈୟା |
| ଏବଂ ନିଜ ଅପରାଧକୁ ସ୍ୱୀକାର କରୁଛି, | وَأَبُوءُ بِذَنْبِي فَاغْفِرْ لِي فَإِنَّهُ |
| ତେଣୁ ତୁମ୍ଭେ ମୋତେ କ୍ଷମା କରିଦିଅ | ୱଅବୁଓ ବିଜନ୍‌ବୀ ଫଗ୍‌ଫିରଲି ଫଇନ୍‌ନହୁ |
| କାରଣ ତୁମ୍ଭ ବ୍ୟତୀତ ଅନ୍ୟ କେହି ହେଲେ | لَا يَغْفِرُ الذُّنُوبَ إِلَّا أَنْتَ |
| ପାପ କ୍ଷମା କରିପାରିବେ ନାହିଁ । | ଲା ୟଗ୍‌ଫିରୁଜ୍ ଜୋନୁବା ଇଲ୍ଲା ଅନ୍‌ତା |

## ମୋକ୍ଷ ପ୍ରାପ୍ତି କାମନା ପୂର୍ବକ ପ୍ରାର୍ଥନା

مغفرت کی تمنا

| | |
|---|---|
| | رَبَّنَا اغْفِرْ لَنَا ذُنُوبَنَا |
| ହେ ଆମ ପାଳନକର୍ତ୍ତା ! ଆମମାନଙ୍କ ପାପକୁ କ୍ଷମା କର | ରବ୍‌ବନଗ ଫିର୍‌ଲନା ଜୋନୁବନା |
| ଏବଂ ଆମମାନଙ୍କୁ ସକଳ ପ୍ରକାର ସଙ୍କଟ | وَادْفَعْ بَلَايَانَا وَكُرُوبَنَا |
| ଓ କ୍ଲେଶରୁ ପରିତ୍ରାଣ କର | ୱଦ୍‌ଫା ବଲାୟାନା ୱକୋରୁବନା |

وَنَجِّ مِنْ كُلِّ هَمٍّ قُلُوْبَنَا
**ୱନଜ୍‌ଜେ ମିନ୍‌କୁଲ୍ଲେ ହମମିନ୍ କୁଲୁବନା**
ଏବଂ ଆମ ହୃଦୟକୁ ମୁକ୍ତି ଦିଅ ପ୍ରତ୍ୟେକ
ପ୍ରକାର ଶୋକ ସନ୍ତାପରୁ

وَ كَفِّلْ خُطُوْبَنَا
**ୱକଫ୍‌ଫିଲ୍ ଖୋତୁବନା**
ଏବଂ ସମସ୍ତ ବିପଦ ଆପଦରେ ଆମ ସମ୍ମୁଖରେ ଛିଡାହୁଅ

وَكُنْ مَعَنَا حَيْثُمَا كُنَّا يَا مَحْبُوْبَنَا
**ୱକୁନ୍ ମାଆନା ହେସୁମା କୁନ୍‌ନା ୟାମହବୁବନା**
ଯେଉଁ ସ୍ଥିତିରେ ଥାଉ ପଛେ ଆମ ସାଥିରେ ରହିଥାଅ
ହେ ଆମ ପ୍ରିୟତମ ସଖା !

وَاسْتُرْ عَوْرَاتِنَا
**ୱସତୁର୍ ଔରାତିନା**
ଏବଂ ଆମ ନଗ୍ନତାକୁ ଘୋଡାଇ ଦିଅ

وَآمِنْ رَوْعَاتِنَا
**ୱଅମିନ୍ ରୱାତିନା**
ଏବଂ ବିପଦ ବେଳେ ଆମକୁ ଶାନ୍ତି ଓ ନିରାପଦରେ ରଖ

إِنَّا تَوَكَّلْنَا عَلَيْكَ
**ୱଇନ୍‌ନା ତୱକ୍‌କଲନା ଆଲୈକ୍**
ଆମେମାନେ ତୁମ୍ଭ ଉପରେ ଭରସା କରିଛୁ

وَفَوَّضْنَا الْأَمْرَ إِلَيْكَ
**ୱଫୌୱଜ୍‌ନଲ୍ ଅମରା ଇଲୈକ**
ଏବଂ ଆମେ ନିଜ ସମସ୍ୟା ତୁମ୍ଭଙ୍କୁ ସମର୍ପଣ କରୁଛୁ

أَنْتَ مَوْلَنَا فِي الدُّنْيَا وَ الْآخِرَةِ
**ଅନ୍‌ତା ମୌଲାନା ଫିଦ୍‌ଦୁନ୍‌ୟା ୱଲ୍ ଆଖିରିତି**
ତୁମ୍ଭେ ହିଁ ଆମ ମୁନିବ, ଇହକାଳ ଓ ପରକାଳର ପ୍ରଭୁ !

وَأَنْتَ أَرْحَمُ الرَّاحِمِيْنَ
**ୱ ଅନ୍‌ତା ଅର୍‌ହମୁର୍ ରାହିମୀନ୍**
ଏବଂ ତୁମ୍ଭେ ହିଁ ଅତ୍ୟନ୍ତ ଦୟାମୟ ଓ କୃପାସିନ୍ଧୁ ଈଶ୍ୱର ।

## ଦୁଆ ଗୃହୀତ ଓ ଉପାସନା ପଦ୍ଧତି ପାଇଁ ପ୍ରାର୍ଥନା

قبولیت دعا اور طریقِ عبادت کی دعا

رَبَّنَا تَقَبَّلْ مِنَّا
**ରବ୍‌ବନା ତକବ୍‌ବଲ୍ ମିନ୍‌ନା**
ହେ ଆମ ପାଳନକର୍ତ୍ତା ! ଆମଠାରୁ ଏହି ସେବା ଗ୍ରହଣ କର

إِنَّكَ أَنْتَ السَّمِيْعُ الْعَلِيْمُ
**ଇନ୍‌ନକା ଅନ୍‌ତସ୍ ସମୀଉଲ୍ ଅଲୀମ୍**
ବାସ୍ତବରେ ତୁମ୍ଭେ ହିଁ ମହାନ ଶ୍ରବଣକାରୀ
ଓ ସବୁକିଛି ଜାଣିବାର ଅଧିକାରୀ

رَبَّنَا وَاجْعَلْنَا مُسْلِمَيْنِ لَكَ
**ରବ୍‌ବନା ୱଜଅଲ୍‌ନା ମୁସଲିମୈନିଲକା**
ହେ ଆମ ପାଳନକର୍ତ୍ତା ! ଆମମାନଙ୍କୁ
ଆପଣାର ଆଜ୍ଞାବହ ଭକ୍ତ କରିଦିଅ

وَمِنْ ذُرِّيَّتِنَا أُمَّةً مُّسْلِمَةً لَّكَ
**ୱମିନ୍ ଜୁର୍‌ରିୟତିନା ଉମ୍ମତମ୍ ମୁସଲିମତଲ୍ଲକା**
ଏବଂ ଆମମାନଙ୍କ ସନ୍ତାନ ମଧ୍ୟରୁ ସ୍ୱୟଂ ଆପଣା ପାଇଁ
ଏକ ଆଜ୍ଞାବହ ଗୋଷ୍ଠୀ ତିଆରି କର

وَأَرِنَا مَنَاسِكَنَا وَتُبْ عَلَيْنَا
**ୱଅରିନା ମନାସିକାନା ୱତୁବ୍‌ଅଲୈନା**
ଏବଂ ଆମମାନଙ୍କୁ ଉପାସନା ପଦ୍ଧତି ଶିଖାଅ
ଓ ଆମ ଉପରେ କରୁଣାର ଦୃଷ୍ଟି ପକାଅ

إِنَّكَ أَنْتَ التَّوَّابُ الرَّحِيْمُ
**ଇନ୍‌ନକା ଅନ୍‌ତତ୍ ତୱାବୁର୍ ରହୀମ୍**
ବାସ୍ତବରେ ତୁମ୍ଭେ ଭକ୍ତମାନଙ୍କ ପ୍ରତି ଅତ୍ୟନ୍ତ
ମନୋଯୋଗୀ ଓ ସଦା କରୁଣାମୟ ॥

# ପବିତ୍ର ପାଞ୍ଚ କଲମା   كلماتِ طیّبات!

## ଇସଲାମର ସିଦ୍ଧାନ୍ତ ଭିତ୍ତିକ ମୂଳମନ୍ତ୍ର

## ପ୍ରଥମ କଲମା ତୟବା (ଶାଶ୍ୱତ ସୂଚକ)   کلمۂ طیبہ

ଲାଇଲାହା ଇଲ୍‌ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହ୍   لَآ اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

اللہ تعالیٰ کے سوا کوئی معبود نہیں حضرت محمد صلعم اللہ تعالیٰ کے رسول ہیں۔

**ଅର୍ଥ** : ଅଲ୍ଲାଃଙ୍କ ଅତିରିକ୍ତ ଅନ୍ୟ କେହି ଉପାସ୍ୟ ନୁହେଁ । ହଜରତ ମୁହମ୍ମଦ ଅଲ୍ଲାଃଙ୍କ ଦିବ୍ୟ ବାର୍ତ୍ତାବହ (ରସୁଲ)

## ଦ୍ୱିତୀୟ କଲମା ଶହାଦତ୍ (ସାକ୍ଷ୍ୟ ସୂଚକ)   کلمۂ شہادت

ଅଶହଦୁ ଅଲ୍ଲା ଇଲାହା ଇଲ୍‌ଲଲ୍ଲାହୁ ୱହଦହୁ ଲା'ଶରିକାଲହୁ   اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ

میں گواہی دیتا ہوں کہ اللہ تعالیٰ کے سوا کوئی معبود نہیں اور اُس کا کوئی شریک نہیں

**ଅର୍ଥ** : ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନାହିଁ ଓ ତାଙ୍କର କେହି ସମକକ୍ଷ ନୁହନ୍ତି ।

ୱଅଶହଦୁ ଅନ୍‌ନା ମୁହମ୍ମଦନ୍ ଅବ୍‌ଦୋହୁ ୱରସୁଲୋହୁ   وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اور میں گواہی دیتا ہوں کہ حضرت محمد (صلی اللہ علیہ وسلم) اُس کے بندے اور اُس کے رسول ہیں۔

**ଅର୍ଥ** : ଏବଂ ମୁଁ ସାକ୍ଷ୍ୟ ଦେଉଛି ଯେ ହଜରତ ମୁହମ୍ମଦ ତାହାଙ୍କ ପରମ ଭକ୍ତ ଓ ତାହାଙ୍କ ଦିବ୍ୟ ବାର୍ତ୍ତାବହ ।

## ତୃତୀୟ କଲମା ତମ୍‌ଜିଦ୍ (ଗୌରବ ସୂଚକ)   کلمۂ تمجید

ସୁବ୍‌ହାନଲ୍ଲାହି ୱଲ୍‌ହମ୍‌ଦୁ ଲିଲ୍ଲାହି ୱଲା ଇଲାହା ଇଲ୍ଲଲ୍ଲାହୁ   سُبْحَانَ اللّٰهِ وَالْحَمْدُ لِلّٰهِ وَلَآ اِلٰهَ اِلَّا اللّٰهُ

پاک ہے اللہ تعالیٰ اور تمام تعریف اللہ تعالیٰ کے لئے ہے اور اللہ کے سوا کوئی معبود نہیں

**ଅର୍ଥ** : ଅଲ୍ଲାଃ ହିଁ ପବିତ୍ର ଓ ସକଳ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଅଲ୍ଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ

ୱଲ୍ଲାହୁ ଅକ୍‌ବରୋ ୱଲାହୌଲା ୱଲାକୁୱ୍‌ୱତା   وَاللّٰهُ اَكْبَرُ وَلَا حَوْلَ وَلَا قُوَّةَ

اور اللہ تعالیٰ ہی سب سے بڑا ہے۔ اور گناہ سے بچنے اور نیکی کرنے کی طاقت

**ଅର୍ଥ** : ଏବଂ ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ ଏବଂ ପାପରୁ ବଞ୍ଚିବା ଓ ପୁଣ୍ୟ କରିବାର ସମସ୍ତ ଶକ୍ତି

ଇଲ୍ଲା ବିଲ୍ଲାହିଲ୍ ଅଲିୟିଲ୍ ଅଜୀମ୍   اِلَّا بِاللّٰهِ الْعَلِيِّ الْعَظِيْمِ۔

اللہ تعالیٰ ہی دیتا ہے جو بلند شان والا ہے۔

**ଅର୍ଥ** : ଅଲ୍ଲାଃତାଲା ହିଁ ପ୍ରଦାନ କରିଥାନ୍ତି, ଯେ କି ଉଚ୍ଚ ମହିମାମୟ ॥

## ଚତୁର୍ଥ କଲମା ତୌହିଦ୍ (ଏକତ୍ୱ ସୂଚକ)

کلمہ توحید

ଲାଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ

لَآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ

اللہ تعالیٰ کے سوا کوئی معبود نہیں۔ اس کا کوئی شریک نہیں۔

**ଅର୍ଥ** : ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । କେହି ତାଙ୍କର ସମକକ୍ଷ ନୁହନ୍ତି ।

ଲହୁଲ୍ ମୁଲକୋ ୱଲହୁଲ୍ ହମ୍‌ଦୁ ୟୁହ୍‌ଇ ୱୟୁମିତୁ

لَهُ الْمُلْكُ وَلَهُ الْحَمْدُ يُحْيِ وَيُمِيْتُ

اُسی کی بادشاہت ہے اور اسی کی تمام تعریف ہے وہی زندہ کرتا ہے اور وہی مارتا ہے

**ଅର୍ଥ** : ସାମ୍ରାଜ୍ୟ ହିଁ ତାଙ୍କର ଓ ସକଳ ପ୍ରଶଂସା ବି ତାଙ୍କର, ସେ ହିଁ ଜୀବିତ କରନ୍ତି ଓ ସେ ହିଁ ମାରନ୍ତି ।

ୱହୁୱା ହେୟୁଲ୍ ଲାୟମୁତୁ ଅବଦନ୍-ଜୁଲ୍‌ଜଲାଲି ୱଲ୍ ଇକରାମ୍

وَهُوَ حَیٌّ لَّا يَمُوْتُ اَبَدًا ۔ ذُوالْجَلَالِ وَالْاِكْرَامِ

اور وہی ہمیشہ کے لئے زندہ ہے اور اس پر کبھی موت نہیں ہے وہ بڑی عظمت اور بزرگی والا ہے۔

**ଅର୍ଥ** : ଏବଂ ସେ ହିଁ ଚୀର କାଳ ପାଇଁ ଜୀବିତ ଓ ତାଙ୍କ ଉପରେ କେବେ ମୃତ୍ୟୁ ଆସେ ନାହିଁ । ସେ ହିଁ ଐଶ୍ୱର୍ଯ୍ୟମୟ ଓ ମହାପ୍ରତାପୀ ।

ବିୟଦିହିଲ୍ ଖୈର୍-ୱହୁୱା ଅଲାକୁଲ୍ଲି ଶୈୟିନ୍ କଦିର୍

بِيَدِهِ الْخَيْرُ ۔ وَهُوَ عَلٰى كُلِّ شَيْءٍ قَدِيْرٌ ۔

ہر قسم کی بھلائی اسی کے ہاتھ میں ہے۔ اور وہی ہر شے پر قادر ہے۔

**ଅର୍ଥ** : ସମସ୍ତ ପ୍ରକାର କଲ୍ୟାଣ ତାଙ୍କ ହସ୍ତରେ ରହିଛି ଏବଂ ପ୍ରତ୍ୟେକ ବିଷୟ ଉପରେ ତାଙ୍କର କର୍ତ୍ତୃତ୍ୱ ରହିଛି ।

## ପଞ୍ଚମ କଲମା ଇସ୍ତଗ୍‌ଫାର୍ (କ୍ଷମା ସୂଚକ)

کلمہ استغفار

ଅସ୍ତଗ୍‌ଫିରୁଲ୍ଲାହା ରବ୍‌ବି ମିନକୁଲ୍ଲି ଜନ୍‌ବିନ୍ ଅଜନବ୍‌ତହୁ

اَسْتَغْفِرُ اللّٰهَ رَبِّیْ مِنْ كُلِّ ذَنْۢبٍ اَذْنَبْتُهٗ

میں اللہ تعالیٰ کی بخشش مانگتا ہوں جو میرا ربّ ہے تمام گناہوں سے جو مجھ سے ہوئے ہیں

**ଅର୍ଥ** : ମୁଁ ଅଲ୍ଲାଃଙ୍କ ଠାରୁ କ୍ଷମା ଭିକ୍ଷା କରୁଛି, ଯିଏକି ମୋର ପାଳନକର୍ତ୍ତା ! ସେହି ସମସ୍ତ ପାପ ଠାରୁ ଯାହା ମୁଁ କରିଦେଇଛି ।

ଅମଦନ୍ ଅଓ ଖତାଅନ୍ ସିର୍‌ରନ୍ ଅଓ ଅଲା ନିୟତନ୍

عَمَدًا اَوْ خَطَأً سِرًّا اَوْ عَلَانِيَةً

جان بوجھ کر یا بھول کر پوشیدہ یا کھلے طور پر

**ଅର୍ଥ** : ତାହା ଜାଣି ଶୁଣି ହୋଇଥାଉ ଅବା ଭୁଲ ବଶତଃ, ତାହା ଗୋପନରେ ହୋଇଥାଉ ଅବା ପ୍ରକାଶ୍ୟ ଭାବରେ

ୱଅତୁବୁ ଇଲୈହି ମିନଜ୍ ଜନ୍‌ବିଲ୍ଲଜି ଆ'ଲମୁ

وَّاَتُوْبُ اِلَيْهِ مِنَ الذَّنْۢبِ الَّذِیْٓ اَعْلَمُ

اور اُن سے میں توبہ کرتا ہوں اُسی کے حضور اُس گناہ سے جو مجھے خود معلوم ہے

**ଅର୍ଥ** : ଏବଂ ମୁଁ ତାହାଙ୍କ ଛାମୁରେ ସେହି ପାପ ସବୁ ପାଇଁ ପ୍ରାୟଶ୍ଚିତ କରୁଛି, ଯାହା ମୋ ଜାଣତରେ ହୋଇଛି ।

ୱମିନଜ୍ ଜନ୍‌ବିଲ୍‌ଲଜି ଲାଆ'ଲମୁ وَمِنَ الذَّنْبِ الَّذِیْ لَآ اَعْلَمُ

اور اُس گناہ سے جو مجھے معلوم نہیں۔

**ଅର୍ଥ** : ଏବଂ ସେହି ପାପ ପାଇଁ ମଧ୍ୟ ଯାହା ମୋ ଅଜାଣତରେ ହୋଇଛି ।

ଇନ୍‌ନକା ଅନ୍‌ତା ଅଲ୍ଲାମୁଲ୍ ଗୋୟୁବ୍ اِنَّكَ اَنْتَ عَلَّامُ الْغُيُوْبِ

درحقیقت غیب کا علم اے عالم الغیب تجھ کو ہی ہے۔

**ଅର୍ଥ** : ପ୍ରକୃତରେ କହିବାକୁ ଗଲେ ଅଦୃଶ୍ୟ ରହସ୍ୟର ଭେଦ ହେ ଅଦୃଶ୍ୟ ସତ୍ତା ତୁମ୍ଭଙ୍କୁ ହିଁ ଗୋଚର ।

ୱସତ୍ତାରୁଲ ଓୟୁବି ୱଗଫଫାରୁଜ୍ ଜୁନୁବି وَسَتَّارُ الْعُيُوْبِ وَغَفَّارُ الذُّنُوْبِ

اور گناہوں کی پردہ پوشی بھی تیرے ہی اختیار میں ہے اور گناہوں کو معاف کرنے والا بھی تو ہی ہے

**ଅର୍ଥ** : ଏବଂ ପାପକୁ ଘୋଡାଇ ଦେବାର କ୍ଷମତା ତୁମ୍ଭର ଅଛି ଏବଂ ପାପ କ୍ଷମା କରିଦେବା ମଧ୍ୟ ତୁମ୍ଭ ଦ୍ୱାରା ସମ୍ଭବ ।

ୱଲା ହୌଲା ୱଲା କୁୱ୍ୱତା ଇଲ୍ଲାବିଲ୍ଲାହିଲ୍ ଅଲିୟିଲ୍ ଅଜୀମ୍ وَلَا حَوْلَ وَلَا قُوَّةَ اِلَّا بِاللّٰهِ الْعَلِيِّ الْعَظِيْمِ۔

اور گناہوں سے بچنے اور نیکی کرنے کی قوت بجز اللہ تعالیٰ بلند شان والے کی مدد کے کہیں بھی نہیں ہے۔

**ଅର୍ଥ** :ଏବଂ ପାପରୁ ବଞ୍ଚିତହେବା ଓ ପୁଣ୍ୟ କରିବାର ଶକ୍ତି ମହିମାମୟ ଅଲ୍ଲାହଙ୍କ ସହାୟତା ବିନା କେଉଁଠାରେ ନଥାଏ ॥

# ପବିତ୍ର କୁରଆନର ସୁନିର୍ବାଚିତ ଅଂଶ

## ପାରା ୧ ଅଲ୍ ବକରା ସୁରଃ ୨

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମନେଇ (ପାଠ କରୁଅଛି )। | ୧. ବିସ୍‌ମିଲ୍ଲା ହିର୍ ରହମା ନିର୍ ରହିମ୍। | بِسۡمِ اللّٰهِ الرَّحۡمٰنِ الرَّحِیۡمِ ۝١ |
| ୨. ଆମ୍ଭେ ଅଲ୍ଲାଃ ସର୍ବଜ୍ଞ। | ୨. ଅଲିଫ୍ - ଲାମ୍ - ମିମ୍। | الٓمّٓ ۝٢ |
| ୩. ଏହା ଏକ ପରିପୂର୍ଣ୍ଣ ଗ୍ରନ୍ଥ ଯହିଁରେ କୌଣସି ସନ୍ଦେହ ନାହିଁ। | ୩. ଜାଲିକଲ୍ କିତାବୋ ଲାରଇବା ଫିଃ; ହୁଦଲ୍ ଲିଲ୍ ମୁତତକିନ୍। | ذٰلِکَ الۡکِتٰبُ لَا رَیۡبَ ۚۖۛ فِیۡهِ ۚۛ هُدًی لِّلۡمُتَّقِیۡنَ ۝٣ |
| ୪. ଯେଉଁମାନେ ଅଦୃଷ୍ଟରେ ବିଶ୍ୱାସ କରନ୍ତି ଓ ସୂଚାରୁ ରୂପେ ନମାଜ ପାଠ କରନ୍ତି ଏବଂ ଆମ୍ଭେ ଯାହା କିଛି ସେମାନଙ୍କୁ ଦେଇଅଛୁଁ ତହିଁରୁ ବ୍ୟୟ କରନ୍ତି। | ୪. ଅଲ୍‌ଲଜିନା ୟୁମିନୁନା ବିଲ୍ ଗଇବେ ଓ୍ୱୟୋକିମୁନସ୍ ସଲାତା ଓ୍ୱମିମ୍ମା ରଜକ୍ ନାହୁମ୍ ୟୁନ୍‌ଫିକୁନ୍।। | الَّذِیۡنَ یُؤۡمِنُوۡنَ بِالۡغَیۡبِ وَ یُقِیۡمُوۡنَ الصَّلٰوۃَ وَ مِمَّا رَزَقۡنٰهُمۡ یُنۡفِقُوۡنَ ۝٤ |
| ୫. ଏବଂ ଯାହା ତୁମ୍ଭ ପ୍ରତି ଅବତୀର୍ଣ୍ଣ ହୋଇଛି ବା ଯାହା ତୁମ୍ଭ ପୂର୍ବରୁ ଅବତୀର୍ଣ୍ଣ ହୋଇଥିଲା (ଯେଉଁମାନେ) ତାହାକୁ ବିଶ୍ୱାସ କରିନ୍ତି ତଥା ପରକାଳ ଉପରେ ବିଶ୍ୱାସ କରନ୍ତି। | ୫. ଓ୍ୱଲ୍ ଲଜିନା ୟୁମିନୁନା ବିମା ଉନ୍‌ଜିଲା ଇଲୈକା ଓମା ଉନ୍‌ଜିଲା ମିନ୍ କବ୍‌ଲିକ୍; ଓ୍ୱବିଲ୍ ଆଖିରତେ ହୁମ୍ ୟୁକେନୁନ୍। | وَالَّذِیۡنَ یُؤۡمِنُوۡنَ بِمَاۤ اُنۡزِلَ اِلَیۡکَ وَ مَاۤ اُنۡزِلَ مِنۡ قَبۡلِکَ ۚ وَ بِالۡاٰخِرَۃِ هُمۡ یُوۡقِنُوۡنَ ۝٥ |
| ୬. ଏହିମାନେ ହିଁ ନିଜ ପାଳନକର୍ତ୍ତାଙ୍କ (ପ୍ରଦର୍ଶିତ) ମାର୍ଗରେ ବିଦ୍ୟମାନ ଅଛନ୍ତି ଏବଂ ଏହିମାନେ ହିଁ କୃତକାର୍ଯ୍ୟ ହେବେ। | ୬. ଉଲାଇକା ଅଲା ହୁଦମ୍ ମିର ରବ୍‌ବିହିମ୍; ଓ୍ୱଉଲା'ଇକା ହୁମୁଲ୍ ମୁଫ୍‌ଲେହୁନ୍। | اُولٰٓئِکَ عَلٰی هُدًی مِّنۡ رَّبِّهِمۡ ٭ وَ اُولٰٓئِکَ هُمُ الۡمُفۡلِحُوۡنَ ۝٦ |
| ୭. ଏପରି ବ୍ୟକ୍ତିମାନେ ଯେଉଁମାନେ ବିଶ୍ୱାସ କରିଛନ୍ତି ତୁମ୍ଭେ ସେମାନଙ୍କୁ ସାବଧାନ କରାଅ ବା ନକରାଅ, ଏହା ସେମାନଙ୍କ ପକ୍ଷେ ଏକାକଥା; ସେମାନେ (ନିଜର ଅବସ୍ଥାକୁ ପରିବର୍ତ୍ତନ କରିବା ପର୍ଯ୍ୟନ୍ତ) ବିଶ୍ୱାସ କରିବେ ନାହିଁ। | ୭. ଇନ୍‌ନଲ୍ ଲଜିନା କଫରୁ ସୱା'ଉନ୍ ଆଲୈହିମ୍ ଆଅନ୍‌ଜର୍‌ତହୁମ୍ ଅମ୍‌ଲମ୍ ତୁନ୍‌ଜିର୍‌ହୁମ୍ ଲାୟୁମିନୁନ୍। | اِنَّ الَّذِیۡنَ کَفَرُوۡا سَوَآءٌ عَلَیۡهِمۡ ءَاَنۡذَرۡتَهُمۡ اَمۡ لَمۡ تُنۡذِرۡهُمۡ لَا یُؤۡمِنُوۡنَ ۝٧ |
| ୮. ଅଲ୍ଲାଃ ସେମାନଙ୍କ ହୃଦୟ ଓ କର୍ଣ୍ଣ ଉପରେ ମୋହର ମାରି ଦେଇଛନ୍ତି ତଥା ସେମାନଙ୍କ ଚକ୍ଷୁରେ ପରଳ ପଡିଅଛି ଏବଂ ସେମାନଙ୍କ ନିମନ୍ତେ ଏକ କଠିନ ଶାସ୍ତି (ନିୟତ) ଅଛି। **(ରୁକୁ-୧)** | ୮. ଖତମଲ୍ ଲାହୁ ଅଲା କୁଲୁବିହିମ୍ ଓ୍ୱଅଲା ସମ୍ ଇହିମ୍; ଓ୍ୱଅଲା ଅବ୍‌ସ୍ୱାରିହିମ୍ ଗେଶାଓ୍ୱାତୁଁ ଓ୍ୱଲହୁମ୍ ଅଜାବୁନ୍ ଅଜିମ୍ | خَتَمَ اللّٰهُ عَلٰی قُلُوۡبِهِمۡ وَ عَلٰی سَمۡعِهِمۡ ؕ وَ عَلٰۤی اَبۡصَارِهِمۡ غِشَاوَۃٌ ۫ وَّ لَهُمۡ عَذَابٌ عَظِیۡمٌ ۝٨ ع |

## ପାରା ୩ ରୁକୁ ୪୦ ସୁରଃ ୨

୨୮୪- ଯାହା କିଛି ଆକାଶ ଓ ପୃଥିବୀରେ ଅଛି, ତାହା ଅଲ୍ଲାଃଙ୍କର ଏବଂ ଯାହାକିଛି ତୁମମାନଙ୍କ ଅନ୍ତରରେ ଅଛି, ତାହାକୁ ତୁମେମାନେ ପ୍ରକାଶ କର ବା ଗୋପନ ରଖ, ଅଲ୍ଲାଃ ତୁମମାନଙ୍କ ଠାରୁ ତାହାର ହିସାବ ନେବେ; ତା'ପରେ (ସେ) ଯାହାକୁ ଚାହିଁବେ କ୍ଷମାଦେବେ ଓ ଯାହାକୁ ଚାହିଁବେ ଶାସ୍ତି ପ୍ରଦାନ କରିବେ; ଏବଂ ଅଲ୍ଲାଃ (ନିଜ ଇପସିତ) ପ୍ରତ୍ୟେକ କାର୍ଯ୍ୟ କରିବାକୁ ପୂର୍ଣ୍ଣ ରୂପେ ସକ୍ଷମ।

୨୮୪. ଲିଲ୍ଲାହୀ ମାଫିସ୍ ସମାୱାତି ୱମାଫିଲ୍ ଅରଜ୍; ୱ ଇନ୍ ତୁବ୍‌ଦୁ ମାଫି ଅନ୍ ଫୁସିକୁମ୍ ଅଓ ତୁଖ୍ ଫୁହୋ ୟୁହା ସିବ୍‌କୁମ୍ ବିହିଲ୍ଲାଃ; ଫୟଗ୍‌ଫିରୁ ଲିମୈଁ ୟଶା ଓ ୱ ୟୋଅଜ୍ଜିବୋ ମୈଁୟଶା'ଓ; ୱଲ୍‌ଲାହୁ ଅଲାକୁଲ୍ଲେ ଶୈଇନ୍ କଦିର୍।

لِلّٰهِ مَا فِى السَّمٰوٰتِ وَمَا فِى الْاَرْضِ ؕ وَ اِنْ تُبْدُوْا مَا فِىْٓ اَنْفُسِكُمْ اَوْ تُخْفُوْهُ يُحَاسِبْكُمْ بِهِ اللّٰهُ ؕ فَيَغْفِرُ لِمَنْ يَّشَآءُ وَيُعَذِّبُ مَنْ يَّشَآءُ ؕ وَاللّٰهُ عَلٰى كُلِّ شَىْءٍ قَدِيْرٌ ﴿۲۸۴﴾

୨୮୬. ଏହି ରସୁଲଙ୍କ ନିକଟରେ ପାଳନକର୍ତ୍ତାଙ୍କ ଠାରୁ ଯାହା କିଛି ଅବତୀର୍ଣ୍ଣ ହୋଇଅଛି, ସେ (ନିଜେ) ତାହା ଉପରେ ବିଶ୍ୱାସ କରନ୍ତି ଓ ଅନ୍ୟ ବିଶ୍ୱାସକାରୀମାନେ ମଧ୍ୟ । ସେମାନେ ସମସ୍ତେ ଅଲ୍ଲାଃଙ୍କ ଉପରେ, ତାହାଙ୍କ ଦେବଦୂତମାନଙ୍କ ଉପରେ, ତାହାଙ୍କ ଗ୍ରନ୍ଥମାନଙ୍କ ଉପରେ ତଥା ତାହାଙ୍କ ରସୁଲମାନଙ୍କ ଉପରେ ବିଶ୍ୱାସ କରନ୍ତି; (ଏବଂ କହନ୍ତି ଯେ) "ଆମ୍ଭେମାନେ ତାଙ୍କର ରସୁଲମାନଙ୍କ ମଧ୍ୟରୁ କାହାରି ମଧ୍ୟରେ କୌଣସି ପ୍ରଭେଦ କରୁନାହୁଁ ।" ଏବଂ ସେମାନେ ଏହା ମଧ୍ୟ କହନ୍ତି ଯେ, ଆମ୍ଭେମାନେ (ଅଲ୍ଲାଃଙ୍କ ଆଦେଶ) ଶୁଣିଅଛୁ; ଏବଂ ଆମେମାନେ ଅନ୍ତରରୁ ତାଙ୍କର ଆଜ୍ଞାବହ ହୋଇଅଛୁ; ଏମାନେ ପ୍ରାର୍ଥନା କରନ୍ତି ଯେ (ହେ ଆମମାନଙ୍କ ପାଳନକର୍ତ୍ତା!) "ଆମେମାନେ ତୁମ ନିକଟରେ କ୍ଷମା ଭିକ୍ଷା କରୁଅଛୁ; ଏବଂ ତୁମ୍ଭ ନିକଟକୁ (ଆମମାନଙ୍କୁ) ଫେରିବାକୁ ହେବ।"

୨୮୬. ଆମନର୍ ରସୁଲୋ ବିମା ଉନ୍‌ଜିଲା ଇଲୈହେ ମିର୍ ରବ୍‌ବିହି ୱଲ୍ ମୁ' ମିନୁନ୍; କୁଲ୍‌ଲୁନ୍ ଆମନା ବିଲ୍ଲାହେ ୱ ମଲା'ଇ କତେହି ୱକୁତୁବିହୀ ୱରୁସୁଲେହୀ; ୱକାଲୁ ସମେନା ୱ ଆ'ତନା ଗୁଫ୍‌ରାନକା ରବ୍‌ବନା ୱ ଇଲୈକଲ୍ ମସିର୍।।

اٰمَنَ الرَّسُوْلُ بِمَآ اُنْزِلَ اِلَيْهِ مِنْ رَّبِّهٖ وَالْمُؤْمِنُوْنَ ؕ كُلٌّ اٰمَنَ بِاللّٰهِ وَمَلٰٓئِكَتِهٖ وَكُتُبِهٖ وَرُسُلِهٖ ۟ لَا نُفَرِّقُ بَيْنَ اَحَدٍ مِّنْ رُّسُلِهٖ ۟ وَ قَالُوْا سَمِعْنَا وَاَطَعْنَا ۫ غُفْرَانَكَ رَبَّنَا وَاِلَيْكَ الْمَصِيْرُ ﴿۲۸۶﴾

୨୮୭- ଅଲ୍ଲାଃ କୌଣସି ବ୍ୟକ୍ତିକୁ ତାହାର ସାମର୍ଥ୍ୟ ବାହାରେ କୌଣସି ଦାୟିତ୍ୱ ଦିଅନ୍ତି ନାହିଁ; ସେ ଯାହା କିଛି (ମହତ୍) କାର୍ଯ୍ୟ ସଂପାଦନ କରିଥାଏ, (ତାହା) ନିଜ ପାଇଁ ଲାଭଦାୟକ ହେବ; ଏବଂ ସେ ଯାହା କିଛି

୨୮୭. ଲା' ୟୁକଲ୍‌ଲେଫୁଲ୍ ଲାହୁ ନଫ୍‌ସନ୍ ଇଲ୍ଲା ଉସ୍‌ଆହା; ଲହା ମା କସବତ୍ ୱ ଆଲୈହା ମାକ୍ ତସବତ୍; ରବ୍‌ବନା ଲାତୁ ୱାଖିଜ୍‌ନା ଇନ୍ ନସିନା ଔ ଅଖ୍ ତା'ନା'; ରବ୍‌ବନା ୱଲା

لَا يُكَلِّفُ اللّٰهُ نَفْسًا اِلَّا وُسْعَهَا ؕ لَهَا مَا كَسَبَتْ وَعَلَيْهَا مَا اكْتَسَبَتْ ؕ رَبَّنَا لَا تُؤَاخِذْنَآ اِنْ نَّسِيْنَآ اَوْ اَخْطَاْنَا ۚ رَبَّنَا وَلَا

تَحۡمِلۡ عَلَيۡنَآ إِصۡرًا كَمَا حَمَلۡتَهُۥ عَلَى
ٱلَّذِينَ مِن قَبۡلِنَاۚ رَبَّنَا وَلَا تُحَمِّلۡنَا مَا لَا
طَاقَةَ لَنَا بِهِۦۖ وَٱعۡفُ عَنَّا وَٱغۡفِرۡ لَنَا
وَٱرۡحَمۡنَآۚ أَنتَ مَوۡلَىٰنَا فَٱنصُرۡنَا عَلَى
ٱلۡقَوۡمِ ٱلۡكَٰفِرِينَ ٢٨٦

ତହମିଲ୍ ଆଲୈନା ଇସ୍‌ରନ୍ କମା ହମଲ୍‌ତହୂ ଅଲଲ୍ ଲଜିନା ମିନ୍ କବ୍‌ଲିନା; ରବ୍‌ବନା ଓ୍ୱଲା ତୁହମ୍ମିଲ୍‌ନା ମାଲାତା କତଲନା ବିହୀ; ଓ୍ୱଫୁଅନ୍‌ନା ଓ୍ୱଗ୍ ଫିର୍‌ଲନା ଓ୍ୱର୍ ହମ୍‌ନା; ଅନ୍ତା ମୌଲାନା ଫନ୍‌ସୁର୍‌ନା ଅଲଲ୍ କୌମିଲ୍ କା'ଫିରିନ୍॥

(ମନ୍ଦ) କାର୍ଯ୍ୟ କରିଥାଏ ତାହା ତା' ଉପରେ (ଶାସ୍ତି ଆକାରରେ) ନିପତିତ ହେବ; (ଏବଂ ସେମାନେ ପୁଣି କହନ୍ତି) "ହେ ଆମମାନଙ୍କ ପାଳନକର୍ତ୍ତା! ଯଦି ଆମମାନେ କେବେ ଭୁଲିଯାଉ ବା ଦୋଷ କରିଥାଉଁ ତେବେ ଆମମାନଙ୍କୁ ଦଣ୍ଡ ଦିଅ ନାହିଁ; ହେ ଆମର ପାଳନକର୍ତ୍ତା! ତୁମେ ଆମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ଉପରେ ଯେପରି ଦାୟିତ୍ୱ ନ୍ୟସ୍ତ କରିଥିଲା; ସେପରି ଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ କରନାହିଁ; ହେ ଆମମାନଙ୍କ ପାଳନକର୍ତ୍ତା! ଯାହା ବହନ କରିବାକୁ ଆମମାନଙ୍କ ଶକ୍ତି ନାହିଁ; ତାହା (ବହନ କରିବାକୁ) ଆମମାନଙ୍କୁ ଦିଅ ନାହିଁ; ଏବଂ ଆମମାନଙ୍କୁ ପାପରୁ ମୁକ୍ତି ଦିଅ ଓ ଆମମାନଙ୍କୁ କ୍ଷମାକର; ଏବଂ ଆମମାନଙ୍କ ପ୍ରତି କରୁଣାକର। (କାରଣ) ତୁମ୍ଭେ ହିଁ ଆମମାନଙ୍କ ପ୍ରଭୁ; ସୁତରାଂ ଅବିଶ୍ୱାସକାରୀ ଗୋଷ୍ଠୀ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର।

## ପାରା ୩ ଆଲେ ଇମ୍ରାନ ସୁରଃ ୩

قُلِ ٱللَّهُمَّ مَٰلِكَ ٱلۡمُلۡكِ تُؤۡتِي ٱلۡمُلۡكَ مَن
تَشَآءُ وَتَنزِعُ ٱلۡمُلۡكَ مِمَّن تَشَآءُ
وَتُعِزُّ مَن تَشَآءُ وَتُذِلُّ مَن تَشَآءُۖ بِيَدِكَ
ٱلۡخَيۡرُۖ إِنَّكَ عَلَىٰ كُلِّ شَيۡءٖ قَدِيرٞ ٢٧

୨୭. କୁଲିଲ୍‌ଲା ହୁମ୍ମା ମାଲିକଲ୍ ମୁଲ୍‌କେ ତୁତିଲ୍ ମୁଲ୍‌କା ମନ୍‌ତଶା'ଓ୍ୱ ତନ୍‌ଜେଉଲ୍ ମୁଲ୍‌କା ମିମ୍‌ମନ୍ ତଶା'ଓ; ଓ୍ୱତୁଜିଲ୍ ଲୋମନ୍ ତଶା'; ବେୟଦିକଲ୍ ଖୈର୍; ଇନ୍‌ନକା ଆଲା କୁଲ୍‌ଲେ ଶୈଇନ୍ କଦିର୍।

୨୭– ତୁମେ କୁହ "ହେ ଅଲ୍ଲାଃ! ତୁମ୍ଭେ ସକଳ ରାଜ୍ୟର ଅଧିଶ୍ୱର, ତୁମ୍ଭେ ଯାହାକୁ ଇଚ୍ଛା ରାଜତ୍ୱ ପ୍ରଦାନ କର ଏବଂ ଯାହାଠାରୁ ଇଚ୍ଛା ରାଜତ୍ୱ ଛଡାଇ ନିଅ; ତୁମ୍ଭେ ଯାହାକୁ ଇଚ୍ଛା ସମ୍ମାନିତ କର ଏବଂ ଯାହାକୁ ଇଚ୍ଛା ଅପମାନିତ କର; ସକଳ କଲ୍ୟାଣ ତୁମ୍ଭ ହସ୍ତରେ ରହିଅଛି; ଏବଂ ବାସ୍ତବରେ ତୁମ୍ଭେ ପ୍ରତ୍ୟେକ ବିଷୟ କରିବାକୁ ସକ୍ଷମ।"

تُولِجُ ٱلَّيۡلَ فِي ٱلنَّهَارِ وَتُولِجُ ٱلنَّهَارَ فِي
ٱلَّيۡلِۖ وَتُخۡرِجُ ٱلۡحَيَّ مِنَ ٱلۡمَيِّتِ
وَتُخۡرِجُ ٱلۡمَيِّتَ مِنَ ٱلۡحَيِّۖ وَتَرۡزُقُ مَن
تَشَآءُ بِغَيۡرِ حِسَابٖ ٢٨

୨୮. ତୁ'ଲିଜୁଲ୍ ଲୈଲା ଫିନ୍‌ନାହାରେ ଓ୍ୱତୁ ଲେଜୁନ୍ ନାହାରା ଫିଲ୍ ଲୈଲ୍; ଓ୍ୱତୁଖ୍ ରେଜୁଲ୍ ହେୟା ମିନଲ୍ ମୈୟେତେ ଓ୍ୱ ତୁଖ୍ ରେଜୁଲ୍ ମୈୟେତା ମିନଲ୍ ହଇ; ଓ୍ୱତର୍‌ଜୁକୁ ମନ୍‌ତଶା'ଓ ବେଗୈରେ ହେସା'ବ୍॥

୨୮– "ତୁମ୍ଭେ ରାତ୍ରିକୁ ଦିବସରେ ପ୍ରବେଶ କରାଅ ଏବଂ ଦିବସକୁ ରାତ୍ରିରେ ପ୍ରବେଶ କରାଅ; ଏବଂ ନିର୍ଜୀବରୁ ସଜୀବକୁ ବାହାର କରାଅ ଓ ସଜୀବରୁ ନିର୍ଜୀବକୁ ବାହାର କରାଅ; ଏବଂ ଯାହାକୁ ଇଚ୍ଛା ତାହାକୁ ଅପରିମିତ ପ୍ରଦାନ କର।"

**ପାରା ୩ ରୁକୁ ୨୦ ସୁରଃ ୩**

| | | |
|---|---|---|
| ୧୯୧- ବାସ୍ତବିକ ଆକାଶ ଓ ପୃଥିବୀର ସୃଷ୍ଟିରେ ଏବଂ କ୍ରମାନ୍ୱୟରେ ଦିନ ଓ ରାତିର ଆଗମନରେ ଜ୍ଞାନୀ ଲୋକମାନଙ୍କ ପାଇଁ ଅନେକ ନିଦର୍ଶନ ରହିଅଛି। | ୧୯୧. ଇନ୍ନା ଫିଖଲ୍‌କିସ୍ ସମାୱାତେ ୱଲ୍ ଅର୍‌ଜେ ୱଖ୍‌ତିଲାଫିଲ୍ ଲୈଲେ ୱନ୍‌ନାହାରେ ଲାଆୟା'ତିଲ୍ ଲେଉଲିଲ୍ ଅଲ୍‌ବାବ୍। | إِنَّ فِي خَلْقِ السَّمٰوٰتِ وَالْأَرْضِ وَاخْتِلَافِ الَّيْلِ وَالنَّهَارِ لَاٰيٰتٍ لِّأُولِي الْأَلْبَابِ ۝١٩١ |
| ୧୯୧- ଯେଉଁ (ଜ୍ଞାନୀ)ମାନେ ଠିଆ ହେବା, ବସିବା ଓ ଶୋଇବା ଅବସ୍ଥାରେ ଅଲ୍ଲାଃଙ୍କୁ ସ୍ମରଣ କରନ୍ତି ଏବଂ ଆକାଶ ଓ ପୃଥିବୀର ସୃଷ୍ଟି ବିଷୟରେ ଚିନ୍ତା କରନ୍ତି, (ଏବଂ କୁହନ୍ତି), "ହେ ଆମମାନଙ୍କ ପାଳନକର୍ତ୍ତା! ଏହାକୁ ବୃଥାରେ ସୃଷ୍ଟି କରିନାହଁ; ତୁମ୍ଭେ (ଏପରି ନିରୁଦ୍ଦେଶ୍ୟ କାର୍ଯ୍ୟ କରିବାରୁ) ପବିତ୍ର; ସୁତରାଂ ତୁମ୍ଭେ ଆମମାନଙ୍କୁ ନରକାଗ୍ନିର ଶାସ୍ତିରୁ ରକ୍ଷାକର। | ୧୯୨.ଅଲ୍ଲଜିନା ୟଜ୍‌କୁରୁନଲ୍ଲାହା କେୟାମଉଁ ୱକୋଉଦଉଁ ୱଅଲା ଜୁନୁବିହିମ୍ ୱୟତଫକ୍ କରୁନା ଫିଖଲ୍‌କିସ୍ ସମାୱାତି ୱଲ୍ ଅର୍‌ଜ୍; ରବ୍‌ବନା ମାଖଲକ୍‌ତା ହା'ଜା ବାତିଲା; ସୁବହାନକା ଫକେନା ଅଜାବନ୍‌ନାର୍।। | الَّذِينَ يَذْكُرُونَ اللّٰهَ قِيٰمًا وَّقُعُودًا وَّعَلٰى جُنُوبِهِمْ وَيَتَفَكَّرُونَ فِي خَلْقِ السَّمٰوٰتِ وَالْأَرْضِ رَبَّنَا مَا خَلَقْتَ هٰذَا بَاطِلًا سُبْحٰنَكَ فَقِنَا عَذَابَ النَّارِ ۝١٩٢ |
| ୧୯୩. ହେ ଆମମାନଙ୍କର ପାଳନକର୍ତ୍ତା! ତୁମ୍ଭେ ଯାହାକୁ ନରକାଗ୍ନିରେ ପ୍ରବେଶ କରାଅ, ନିଶ୍ଚୟ ତୁମ୍ଭେ ତାହାକୁ ଅପମାନିତ କରିଅଛ; ଏବଂ ଅତ୍ୟାଚାରୀମାନଙ୍କର କେହି ସାହାଯ୍ୟକାରୀ ନାହାନ୍ତି। | ୧୯୩. ରବ୍‌ବନା ଇନ୍‌ନକା ମନ୍ ତୁଦ୍‌ଖେଲିନନାରା ଫକଦ୍ ଅଖ୍‌ଜଏତହୁ ୱମା ଲିଜ୍‌ଜାଲିମିନା ମିନ୍ ଅନ୍‌ସାର୍। | رَبَّنَا إِنَّكَ مَنْ تُدْخِلِ النَّارَ فَقَدْ أَخْزَيْتَهُ وَمَا لِلظّٰلِمِينَ مِنْ أَنْصَارٍ ۝١٩٣ |
| ୧୯୪. ହେ ଆମମାନଙ୍କର ପାଳନକର୍ତ୍ତା! ଆମ୍ଭେମାନେ ନିଶ୍ଚୟ ଜଣେ ଏପରି ଆହ୍ୱାନକାରୀଙ୍କୁ ବିଶ୍ୱାସ କରିବା ସକାଶେ ଡାକିବାର ଶୁଣିଅଛୁ ଯେ (କହୁଛି) ନିଜର ପାଳନକର୍ତ୍ତାଙ୍କ ଉପରେ ବିଶ୍ୱାସ କର; ସୁତରାଂ ଆମେମାନେ ବିଶ୍ୱାସ କରିଅଛୁ; (ତେଣ)ହେ ଆମମାନଙ୍କର ପାଳନକର୍ତ୍ତା! ତୁମ୍ଭେ ଆମମାନଙ୍କର ପାପକୁ କ୍ଷମା କର ଓ ଆମମାନଙ୍କଠାରୁ ଆମର କୁକାର୍ଯ୍ୟଗୁଡିକୁ ଦୂରକର; ଏବଂ ଆମମାନଙ୍କୁ ପୂଣ୍ୟବାନ ଲୋକମାନଙ୍କ ସଙ୍ଗରେ ଗଣନା କରି ମୃତ୍ୟୁ ଦିଅ। | ୧୯୪. ରବ୍‌ବନା ଇନ୍‌ନନା ସମେନା ମୁନାଦି ୟଇଁ ୟୋନାଦି ଲିଲ୍ ଇ'ମାନେ ଅନ୍ ଆମିନୁ ବିରବ୍‌ବେକୁମ୍ ଫଆମନ୍‌ନ; ରବ୍‌ବନା ଫଗ୍‌ଫିରଲନା ଜୁନୁବନା ୱକଫ୍‌ଫିରଅନ୍‌ନା ସୟେଆତିନା ୱତୱଫ୍‌ଫନା ମାଅଲ୍ ଅବରାର୍। | رَبَّنَا إِنَّنَا سَمِعْنَا مُنَادِيًا يُّنَادِي لِلْإِيمَانِ أَنْ اٰمِنُوا بِرَبِّكُمْ فَاٰمَنَّا رَبَّنَا فَاغْفِرْ لَنَا ذُنُوبَنَا وَكَفِّرْ عَنَّا سَيِّاٰتِنَا وَتَوَفَّنَا مَعَ الْأَبْرَارِ ۝١٩٤ |
| ୧୯୫. ହେ ଆମମାନଙ୍କର ପାଳନକର୍ତ୍ତା! ତୁମ୍ଭେ ତୁମ୍ଭର ରସୁଲମାନଙ୍କ ମାଧ୍ୟମରେ ଆମମାନଙ୍କ ବିଷୟରେ ଯାହା ଅଙ୍ଗୀକାର କରିଅଛ ତାହା ଆମମାନଙ୍କୁ ପ୍ରଦାନ କର; | ୧୯୫. ରବ୍‌ବନା ୱଆ'ତିନା ମାୱଆଦ୍‌ତନା ଅଲା ରୁସୁଲେକା ୱଲା ତୁଖଜେନା ୟୋମଲ୍ କେୟାମା: ଇନ୍‌ନକା ଲାତୁଖ୍‌ଲିଫୁଲ୍ ମିଆ'ଦ୍।। | رَبَّنَا وَاٰتِنَا مَا وَعَدْتَّنَا عَلٰى رُسُلِكَ وَلَا تُخْزِنَا يَوْمَ الْقِيٰمَةِ إِنَّكَ لَا تُخْلِفُ الْمِيعَادَ ۝١٩٥ |

ଏବଂ କୟାମତ ଦ୍ଦିନ ଆମମାନଙ୍କୁ ଅପମାନିତ କର ନାହିଁ; ବାସ୍ତବିକ ତୁମ୍ଭେ କଦାପି ନିଜର ଅଙ୍ଗୀକାର ଭଙ୍ଗ କର ନାହିଁ।

## ପାରା ୧୩ ଇବ୍ରାହିମ ସୁରଃ ୧୪

ୠ୬. ଏବଂ (ସେହି ସମୟକୁ ସ୍ମରଣ କର) ଯେତେବେଳେ ଇବ୍ରାହିମ (ପ୍ରାର୍ଥନା ପୂର୍ବକ) କହିଥିଲେ, "ହେ ଆମ୍ଭର ପାଳନକର୍ତ୍ତା ! ଏହି ସହରକୁ (ଅର୍ଥାତ୍ ମକ୍କାକୁ) ଶାନ୍ତି ପ୍ରଦାୟକ ସ୍ଥାନ କରିଦିଅ; ଏବଂ ଆମ୍ଭଙ୍କୁ ଓ ଆମ୍ଭର ସନ୍ତାନମାନଙ୍କୁ ମୂର୍ତ୍ତି ପୂଜାରୁ ରକ୍ଷାକର।"

୩୬. ୱଇଜ୍‌କାଲା ଇବ୍ରାହିମୋ ରବ୍‌ବିଜ୍ ଅଲ୍ ହାଜଲ୍ ବଲଦା ଆ'ମିନୌଁ ୱଜ୍‌ନୁବ୍‌ନି ୱ ବନୈୟା ଅନ୍ ନା'ବୁଦୁଲ୍ ଅସନାମ୍।

وَاِذْقَالَ اِبْرٰهِيْمُ رَبِّ اجْعَلْ هٰذَا الْبَلَدَ
اٰمِنًا وَّ اجْنُبْنِىْ وَبَنِىَّ اَنْ نَّعْبُدَ
الْاَصْنَامَ ۗ﴿٣٦﴾

୩୭. "ହେ ଆମ୍ଭର ପାଳନକର୍ତ୍ତା! ବାସ୍ତବରେ ସେମାନେ (ଅର୍ଥାତ୍ ଏହି ମୂର୍ତ୍ତିମାନେ) ଅନେକ ଲୋକଙ୍କୁ ପଥଭ୍ରଷ୍ଟ କରିଛନ୍ତି; ସୁତରାଂ ଯେ ଆମ୍ଭର ଅନୁସରଣ କରିବ, ସେ ହିଁ ଆମ୍ଭର; ଓ ଯେ ଆମ୍ଭଙ୍କୁ ଅମାନ୍ୟ କରିବ (ଆମ୍ଭର ଗୁହାରି ହେଉଛି ଯେ ତୁମେ ତାହାକୁ କ୍ଷମା ପ୍ରଦାନ କର, କାରଣ) ତୁମ୍ଭେ ହିଁଣ ବାସ୍ତବିକ ଅତ୍ୟନ୍ତ କ୍ଷମାଶୀଳ (ଓ) କରୁଣାମୟ।"

୩୭. ରବ୍‌ବି ଇନ୍‌ନହୁନ୍ନା ଅଜ୍‌ଲଲ୍‌ନା କସିରମ୍ ମିନନ୍‌ନାସ୍, ଫମନ୍ ତବେଅନୀ ଫଇନ୍‌ନହୁ ମିନ୍ନି ୱମନ୍ ଅସାନି ଫଇନ୍‌ନକା ଗଫୁରୁର୍ ରହିମ୍।।

رَبِّ اِنَّهُنَّ اَضْلَلْنَ كَثِيْرًا مِّنَ النَّاسِ ۚ
فَمَنْ تَبِعَنِىْ فَاِنَّهٗ مِنِّىْ ۚ وَمَنْ عَصَانِىْ
فَاِنَّكَ غَفُوْرٌ رَّحِيْمٌ ﴿٣٧﴾

୩୮. "ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ନିଜ ସନ୍ତାନମାନଙ୍କ ମଧ୍ୟରୁ କେତେକଙ୍କୁ ତୁମ୍ଭର ପବିତ୍ର ଗୃହ ନିକଟରେ ଏକ ଅନାବାଦି ଉପତ୍ୟକାରେ ଅବସ୍ଥାପିତ କରିଅଛୁ; ହେ ଆମ୍ଭର ପାଳନକର୍ତ୍ତା ! (ଆମ୍ଭେ ଏଥିଯୋଗୁ ଏହିପରି କରିଅଛୁ) ଯଦ୍ଦ୍ୱାରା ସେମାନେ ସୁଚାରୁ ରୂପେ ନମାଜ ପାଠ କରିବେ; ସୁତରାଂ ତୁମ୍ଭେ ଲୋକମାନଙ୍କ ହୃଦୟକୁ ସେମାନଙ୍କ ପ୍ରତି ଆନତ କର ଏବଂ ସେମାନଙ୍କୁ ବିଭିନ୍ନ ପ୍ରକାର ଫଳ ମାଧ୍ୟମରେ ଜୀବିକା ପ୍ରଦାନ କର, ଯଦ୍ଦ୍ୱାରା ସେମାନେ (ସର୍ବଦା ତୁମ୍ଭ ନିକଟରେ) କୃତଜ୍ଞ ରହିବେ।"

୩୮. ରବ୍‌ବନା ଇନ୍ନି ଅସ୍‌କନ୍‌ତୋ ମିନ୍ ଜୁର୍‌ରିଅତି ବେୱାଦିନ୍ ଗୟେରିଜି ଜର୍‌ଇନ୍ ବୈତିକଲ୍ ମୁହର୍‌ରମ୍; ରବ୍‌ବନା ଲେୟୋକିମୁସ୍ ସଲାତା ଫଜଅଲ୍ ଆଫ୍‌ଇଦତମ ମିନନ୍‌ନାସେ ତହ୍‌ୱଇଲୈହିମ୍ ୱର୍‌ଜୁକ୍‌ହୁମ୍ ମିନସ୍‌ସମରାତି ଲା'ଅଲ୍‌ଲହୁମ୍ ୟଶ୍‌କୁରୁନ୍।।

رَبَّنَآ اِنِّىْٓ اَسْكَنْتُ مِنْ ذُرِّيَّتِىْ بِوَادٍ غَيْرِ
ذِىْ زَرْعٍ عِنْدَ بَيْتِكَ الْمُحَرَّمِ ۙ رَبَّنَا
لِيُقِيْمُوا الصَّلٰوةَ فَاجْعَلْ اَفْئِدَةً مِّنَ
النَّاسِ تَهْوِىْٓ اِلَيْهِمْ وَارْزُقْهُمْ
مِّنَ الثَّمَرٰتِ لَعَلَّهُمْ يَشْكُرُوْنَ ﴿٣٨﴾

୩୯– "ହେ ଆମ୍ଭର ପାଳନକର୍ତ୍ତା ! ଯାହା କିଛି ଆମେମାନେ ଗୋପନ ରଖୁ ଓ ଯାହା କିଛି ଆମେମାନେ ପ୍ରକାଶ କରୁ; ତୁମେ ନିଶ୍ଚୟ ସେ ସବୁ ଜାଣ, ଏବଂ ଆକାଶ ଏବଂ ପୃଥିବୀର କୌଣସି ବିଷୟ ଅଲ୍ଲାଃଙ୍କ ନିକଟରେ ଲୁକ୍କାୟିତ ରହିପାରେ ନାହିଁ।"

୩୯. ରବ୍‌ବନା ଇନ୍‌ନକା ତା'ଲମୋ ମା'ନୁଖ୍‌ଫି ୱମା ନୁଲିନ୍; ୱଲା ଫିସ୍‌ସମା'ଏ।

رَبَّنَآ اِنَّكَ تَعْلَمُ مَا نُخْفِىْ وَمَا نُعْلِنُ ۗ
وَمَا يَخْفٰى عَلَى اللّٰهِ مِنْ شَىْءٍ فِى الْاَرْضِ
وَلَا فِى السَّمَآءِ ﴿٣٩﴾

| | | |
|---|---|---|
| ୪୦. "ସମସ୍ତ ପ୍ରକାର ପ୍ରଶଂସାର ପାତ୍ର ଅଲ୍ଲାଃ ହିଁ ଅଟନ୍ତି ଯେ କି ଆମ୍ଭର ବାର୍ଦ୍ଧକ୍ୟ ସତ୍ତ୍ୱେ ଆମ୍ଭଙ୍କୁ ଇସ୍‌ମାଇଲ୍ ଓ ଇସ୍‌ହା'କ (ନାମକ ଦୁଇଗୋଟି ପୁତ୍ର) ପ୍ରଦାନ କରିଛନ୍ତି; ନିଃସନ୍ଦେହରେ ଆମ୍ଭର ପାଳନକର୍ତ୍ତାଃ ପ୍ରାର୍ଥନା ଶ୍ରବଣକାରୀ।" | ୪୦. ଅଲ୍ ହମ୍‌ଦୁ ଲିଲ୍‌ଲାହିଲ୍ ଲଜି ଓ୍ୱହବଲି ଅଲଲ୍ କିବରି ଇସ୍‌ମା'ଇଲା ଓ୍ୱ ଇସ୍‌ହାକ; ଇନ୍‌ନା ରବ୍‌ବି ଲା'ସିମଉଦ୍ ଦୁଆ'ଏ। | اَلْحَمْدُ لِلّٰهِ الَّذِىْ وَهَبَ لِىْ عَلَى الْكِبَرِ اِسْمٰعِيْلَ وَ اِسْحٰقَ ؕ اِنَّ رَبِّىْ لَسَمِيْعُ الدُّعَآءِ ﴿۴۰﴾ |
| ୪୧. "ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭଙ୍କୁ ଓ ଆମ୍ଭର ସନ୍ତାନମାନଙ୍କୁ ସୁଚାରୁରୂପେ ନମାଜ ସଂପାଦନକାରୀ କର; ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭମାନଙ୍କ ପ୍ରତି କୃପାକର ଏବଂ ଆମ୍ଭର ପ୍ରାର୍ଥନା ଗ୍ରହଣ କର।" | ୪୧. ରବ୍‌ବିଜ୍ ଅଲ୍‌ନି ମୁକିମସ୍ ସଲାତେ ଓ୍ୱମିନ୍ ଜୁର୍‌ରିୟତି, ରବ୍‌ବନା ଓ୍ୱତକବ୍‌ବଲ୍ ଦୁଆ'ଏ। | رَبِّ اجْعَلْنِىْ مُقِيْمَ الصَّلٰوةِ وَمِنْ ذُرِّيَّتِىْ ۖ رَبَّنَا وَتَقَبَّلْ دُعَآءِ ﴿۴۱﴾ |
| ୪୨. "ହେ ଆମ୍ଭର ପାଳନକର୍ତ୍ତା !ଯେଉଁ ଦିନ ହିସାବ ନିଆଯିବ ସେଦିନ ଆମ୍ଭଙ୍କୁ, ଆମ୍ଭର ପିତାମାତାଙ୍କୁ ତଥା ସମସ୍ତ ବିଶ୍ୱାସକାରୀଙ୍କୁ କ୍ଷମା ପ୍ରଦାନ କର ।" (ରୁକୁ-୬) | ୪୨. ରବ୍‌ବନଗ୍ ଫିରଲି ଓ୍ୱ ଲିଓ୍ୱାଲିଦୟା ଓ୍ୱଲିଲ୍ ମୁମିନିନା ୟୋମା ୟକୁମୁଲ ହିସାବ।। (ରୁକୁ-୬) | رَبَّنَا اغْفِرْ لِىْ وَلِوَالِدَىَّ وَلِلْمُؤْمِنِيْنَ يَوْمَ يَقُوْمُ الْحِسَابُ ﴿۴۲﴾ ع |

## ପାରା ୧୫ ବନି ଇସ୍ରାଇଲ ସୁରଃ ୧୭

| | | |
|---|---|---|
| ୭୯. ସୂର୍ଯ୍ୟାସ୍ତ ପରଠାରୁ ରାତ୍ରିର ଘନ ଅନ୍ଧକାର ପର୍ଯ୍ୟନ୍ତ (ବିଭିନ୍ନ ସମୟରେ) ତୁମ୍ଭେ ସୁଚାରୁରୂପେ ନମାଜ ପାଠ କର ଏବଂ ପ୍ରଭାତରେ (ପବିତ୍ର କୁର୍‌ଆନର) ଆବୃତ୍ତି ମଧ୍ୟ କର; ପ୍ରଭାତରେ (କୁର୍‌ଆନ) ଆବୃତ୍ତି କରିବା ବାସ୍ତବରେ ଅଲ୍ଲାଃଙ୍କ ନିକଟରେ ଏକ ଗ୍ରହଣ ଯୋଗ୍ୟ କର୍ମ ଅଟେ। | ୭୯. ଅକିମିସ୍ ସଲାତା ଲେଦୁଲୁକିଶ୍ ଶମ୍‌ସେ ଇଲା ଗସକିଲ୍‌ଲୈଲେ ଓ୍ୱକୁର୍‌ଆନଲ୍ ଫଜ୍‌ର; ଇନ୍‌ନା କୁରୁଆନଲ୍ ଫଜ୍‌ରେ କାନା ମଶ୍‌ହୁଦା। | اَقِمِ الصَّلٰوةَ لِدُلُوْكِ الشَّمْسِ اِلٰى غَسَقِ الَّيْلِ وَقُرْاٰنَ الْفَجْرِ ؕ اِنَّ قُرْاٰنَ الْفَجْرِ كَانَ مَشْهُوْدًا ﴿۷۹﴾ |
| ୮୦. ଏବଂ ରାତ୍ରିରେ ମଧ୍ୟ କିଛି ସମୟ ନିଦ୍ରା ଯିବାପରେ ତୁମ୍ଭେ ଏହା (ଅର୍ଥାତ୍ ଏହି କୁର୍‌ଆନ ପାଠକରି ତହଜୁଦ ନମାଜ) ଦ୍ୱାରା ରାତ୍ରି ଜାଗରଣର କର, ଏହା ତୁମ୍ଭ ପାଇଁ ଏକ ଅତିରିକ୍ତ ପୁରସ୍କାର ସ୍ୱରୂପ ଅଟେ; ଏ ରୂପେ ତୁମ୍ଭର ପାଳନକର୍ତ୍ତା ତୁମ୍ଭଙ୍କୁ ଏକ ପ୍ରଶଂସିତ ସ୍ଥାନରେ ପ୍ରତିଷ୍ଠିତ କରିବାର ଖୁବ୍ ସମ୍ଭାବନା ରହିଛି। | ୮୦. ଓାମିନଲ୍ ଲୈଲେ ଫତହଜ୍ ଜଦ୍‌ବିହି ନାଫିଲତଲ୍‌ଲକ୍ ଅସାଅଁ ୟବ୍‌ଅସକା ରବ୍‌ବୁକା ମକାମମ୍ ମହ୍‌ମୁଦା। | وَمِنَ الَّيْلِ فَتَهَجَّدْ بِهٖ نَافِلَةً لَّكَ ۖ عَسٰۤى اَنْ يَّبْعَثَكَ رَبُّكَ مَقَامًا مَّحْمُوْدًا ﴿۸۰﴾ |
| ୮୧. ଏବଂ କୁହ, "ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭର (ମକ୍କା ସହର ମଧ୍ୟରେ ପୁନର୍ବାର) ପ୍ରବେଶକୁ ସତ୍ ପ୍ରବେଶ କରାଅ ଓ (ମକ୍କା ସହରରୁ) | ୮୧. ଓ୍ୱକୁର ରବ୍‌ବେ ଅଦ୍‌ଖିଲନୀ ମୁଦ୍‌ଖଲା ସିଦ୍‌କୁଁୟ ଓ୍ୱଅଖରିଜ୍‌ନି ମୁଖ୍‌ରକା ସିଦ୍‌କୁଁୟ ଓ୍ୱଜ୍‌ଅଲ୍ଲି ମିଲଲଦୁନ୍‌କା ସୁଲତାନନ୍ ନସିରା। | وَقُلْ رَّبِّ اَدْخِلْنِىْ مُدْخَلَ صِدْقٍ وَّ اَخْرِجْنِىْ مُخْرَجَ صِدْقٍ وَّ اجْعَلْ لِّىْ مِنْ لَّدُنْكَ سُلْطٰنًا نَّصِيْرًا ﴿۸۱﴾ |

ପ୍ରସ୍ଥାନକୁ ସତ୍ ପ୍ରସ୍ଥାନ କରାଅ ଏବଂ ଆମ୍ଭ ପାଇଁ ତୁମ୍ଭ ନିକଟକୁ ଜଣେ ସାହାଯ୍ୟକାରୀ ଓ ସାକ୍ଷୀ ପ୍ରଦାନ କର।

୮୨. ଏବଂ (ସମସ୍ତଙ୍କୁ) କୁହ, "ସତ୍ୟ ଆସି ଯାଇଛି ଓ ଅସତ୍ୟ ଲୋପ ହୋଇଅଛି; ବାସ୍ତବରେ ଅସତ୍ୟ ହିଁ ଲୋପ ପାଇଥାଏ।

୮୨. ଓ୍ୱକୁଲ୍ ଜାଅଲ୍ ହକ୍କୋ ଓ୍ୱଜହକଲ୍ ବାତିଲ୍, ଇନ୍ନଲ ବାତିଲା କାନା ଜହୁକା।

وَقُلْ جَآءَ الْحَقُّ وَزَهَقَ الْبَاطِلُ ۚ اِنَّ الْبَاطِلَ كَانَ زَهُوْقًا ﴿٨٢﴾

୮୩. ଏବଂ ଆମ୍ଭେ କୁରଆନରୁ କ୍ରମେ କ୍ରମେ ଏପରି ଶିକ୍ଷା ଅବତୀର୍ଣ୍ଣ କରୁଅଛୁ ଯାହା ବିଶ୍ୱାସକାରୀମାନଙ୍କ ସକାଶେ ଆରୋଗ୍ୟକାରୀ ଓ କରୁଣାମୟ ଅଟେ; ଏବଂ ଏହା ଅତ୍ୟାଚାରୀମାନଙ୍କୁ କେବଳ ଅଧିକ କ୍ଷତିଗ୍ରସ୍ତ କରାଇଥାଏ।

୮୩. ଓ୍ୱନୁନଜ୍‌ଜିଲୋ ମିନଲ୍ କୁର୍‌ଆନେ ମାହୁଆ ଶିଫାଉଁ ଓ୍ୱରହମତୁଲ୍ ଲିଲ୍ ମୁମିନିନା ଓ୍ୱଲା ୟଜିଦୁଜ୍ ଜା'ଲିମିନା ଇଲ୍‌ଲା ଖସାରା।

وَنُنَزِّلُ مِنَ الْقُرْاٰنِ مَا هُوَ شِفَآءٌ وَّرَحْمَةٌ لِّلْمُؤْمِنِيْنَ ۙ وَلَا يَزِيْدُ الظّٰلِمِيْنَ اِلَّا خَسَارًا ﴿٨٣﴾

୮୪. ଏବଂ ଯେତେବେଳେ ଆମ୍ଭେ ମନୁଷ୍ୟକୁ ଅନୁଗୃହିତ କରୁ, ସେତେବେଳେ ସେ ବିମୁଖ ହୋଇ ନିଜକୁ ଦୂରେଇ ନିଏ, ଏବଂ ଯେତେବେଳେ ତାହାକୁ ଦୁଃଖ ସ୍ପର୍ଶ କରେ, ସେତେବେଳେ ସେ ଅତ୍ୟନ୍ତ ନିରାଶ ହୁଏ।

୮୪. ଓ୍ୱଇଜା ଅନ୍‌ଅମନା ଅଲଲ୍ ଇନାସାନେ ଆରଜା ଓ୍ୱନା ବିଜାନେବିହି; ଓ୍ୱଇଜା ମସ୍‌ସହୁସ୍ ଶର୍‌ରୋ କାନା ୟଉସା।

وَاِذَآ اَنْعَمْنَا عَلَى الْاِنْسَانِ اَعْرَضَ وَنَاٰبِجَانِبِهٖ ۚ وَاِذَا مَسَّهُ الشَّرُّ كَانَ يَـُٔوْسًا ﴿٨٤﴾

୮୫. ତୁମ୍ଭେ ସେମାନଙ୍କୁ କୁହ, "(ଆମ୍ଭମାନଙ୍କ ମଧ୍ୟରୁ) ପ୍ରତ୍ୟେକ ଦଳ ନିଜ ନିଜ ସ୍ୱଭାବ ଅନୁସାରେ କାର୍ଯ୍ୟ କରୁଛନ୍ତି; ସୁତରାଂ ଯେଉଁ ବ୍ୟକ୍ତି ଅଧିକତର ସତ୍‌ପଥରେ ଅଛି ତୁମ୍ଭର ପାଳନକର୍ତ୍ତା ତାହାକୁ ଉତ୍ତମ ରୂପେ ଜାଣନ୍ତି; (ତେଣୁ ତାହାଙ୍କର ନିଷ୍ପତ୍ତି ଦ୍ୱାରା ସତ୍ୟର ପରିପ୍ରକାଶ ନିଶ୍ଚୟ ଘଟିବ)। **(ରୁକୁ-୯)**

୮୫. କୁଲ୍ କୁଲ୍‌ଲୁଇଁ ୟାମଲୋ ଅଲା ଶାକି ଲତିହୀ; ଫରବ୍‌ବୁକୁମ୍ ଆଲମୁ ବିମନ୍‌ହୁଓ୍ୱା ଅହ୍‌ଦା ସବିଲା।।

قُلْ كُلٌّ يَّعْمَلُ عَلٰى شَاكِلَتِهٖ ۗ فَرَبُّكُمْ اَعْلَمُ بِمَنْ هُوَ اَهْدٰى سَبِيْلًا ﴿٨٥﴾ ع

## ପାରା ୨୨ ଯାସିନ୍ ସୁରଃ ୩୬

୧. ଅଶେଷ ଦୟାବାନ (ଓ) ସଦା କରୁଣମୟ ଅଲ୍ଲାହଙ୍କ ନାମ ନେଇ ପାଠ କରୁଅଛି।

୧. ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍ ରହିମ।

بِسْمِ اللّٰهِ الرَّحْمٰنِ الرَّحِيْمِ ﴿١﴾

୨. ୟା-ସୀନ। (ହେ ସୟଦ !)

୨. ୟା-ସୀନ୍।

يٰسٓ ﴿٢﴾

| | | |
|---|---|---|
| ୩. ଆମ୍ଭେ ତତ୍ତ୍ୱ ସମ୍ବଳିତ କୁରଆନକୁ (ତୁମ୍ଭେ ସୟଦ ହୋଇଥିବାର ପ୍ରମାଣ ସ୍ୱରୂପ ପେଶ୍ କରୁଅଛି । | ୩. ୱଲ୍ କୁରଆନିଲ୍ ହକିମ୍ । | وَالْقُرْاٰنِ الْحَكِيْمِۙ ۝٣ |
| ୪. ବାସ୍ତବିକ ତୁମ୍ଭେ ରସୁଲମାନଙ୍କ ମଧ୍ୟରେ ଅନ୍ତର୍ଗତ । | ୪. ଇନ୍ନକା ଲମିନଲ୍ ମୁର୍ ସଲିନ୍ । | اِنَّكَ لَمِنَ الْمُرْسَلِيْنَۙ ۝٤ |
| ୫. ଏବଂ ସତ୍‌ପଥରେ ଅଛ । | ୫. ଅଲା ସିରାତିମ୍ ମୁସ୍‌ତକିମ୍ । | عَلٰى صِرَاطٍ مُّسْتَقِيْمٍؕ ۝٥ |
| ୬. ପରାକ୍ରମୀ (ଓ) ଅତ୍ୟନ୍ତ କରୁଣାମୟ (ଅଲ୍ଲାହ୍)ଙ୍କ ତରଫରୁ ଏହି କୁରଆନ ଅବତୀର୍ଣ୍ଣ ହୋଇଅଛି । | ୬. ତନ୍‌ଜିଲଲ୍ ଅଜିଜିର୍ ରହିମ୍ । | تَنْزِيْلَ الْعَزِيْزِ الرَّحِيْمِۙ ۝٦ |
| ୭. ଏଥି ସକାଶେ ଯେ ତୁମ୍ଭେ ଯେଉଁମାନଙ୍କର ପିତୃପୁରୁଷମାନଙ୍କୁ ସଚେତନ କରାଯାଇ ନଥିଲା, ସେ ସଂପ୍ରଦାୟ ମାନଙ୍କୁ ସଚେତନ କରାଅ ଏବଂ ସେମାନେ ଅମନୋଯୋଗୀ ରହିଥିଲେ । | ୭. ଲେତୁନ୍‌ଜିରା କୌମମ୍ ମା' ଉନ୍‌ଜିରା ଆବାଉ ହୁମ୍ ଫହୁମ୍ ଗା'ଫିଲୁନ୍ । | لِتُنْذِرَ قَوْمًا مَّاۤ اُنْذِرَ اٰبَآؤُهُمْ فَهُمْ غٰفِلُوْنَ ۝٧ |
| ୮. ବାସ୍ତବିକ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସମ୍ବନ୍ଧରେ ଆମ୍ଭର ବାଣୀ ସତ୍ୟ ସାବ୍ୟସ୍ତ ହୋଇଅଛି, ତେଣୁ ସେମାନେ ବିଶ୍ୱାସ କରୁନାହାନ୍ତି । | ୮. ଲକଦ୍ ହକ୍‌କଲ୍ କୌଲୁ ଅଲା ଅକ୍‌ସରିହିମ୍ ଫହୁମ୍ ଲା'ୟୁମିନୁନ୍ । | لَقَدْ حَقَّ الْقَوْلُ عَلٰۤى اَكْثَرِهِمْ فَهُمْ لَا يُؤْمِنُوْنَ ۝٨ |
| ୯. ଆମ୍ଭ ସେମାନଙ୍କ ଗଳାରେ ଶିକୁଳି ପକାଇ ରଖିଛୁ, ଯାହା ସେମାନଙ୍କ ଚିବୁକ ପର୍ଯ୍ୟନ୍ତ ପ୍ରସାରିତ ହୋଇ ରହିଛି; ଏବଂ ସେମାନେ (ଦୁଃଖରୁ ପରିତ୍ରାଣ ପାଇବା ସକାଶେ ନିଜ) ଗଳାକୁ ଉପରକୁ ଉଠାଇଥାନ୍ତି । | ୯. ଇନ୍‌ନା ଜାଅଲ୍‌ନା ଫୀ ଆନାକିହିମ୍ ଅଗ୍‌ଲାଲନ୍ ଫହିୟା ଇଲଲ୍ ଅଜ୍‌କାନେ ଫହୁମ୍ ମୁକ୍‌ମହୁନ୍ । | اِنَّا جَعَلْنَا فِيْۤ اَعْنَاقِهِمْ اَغْلٰلًا فَهِىَ اِلَى الْاَذْقَانِ فَهُمْ مُّقْمَحُوْنَ ۝٩ |
| ୧୦. ଏବଂ ଆମ୍ଭେ ସେମାନଙ୍କ ସମ୍ମୁଖରେ ଏକ ପ୍ରତିବନ୍ଧକ ସ୍ଥାପନ କରିଅଛୁ ଏବଂ ସେମାନଙ୍କ ପଶ୍ଚାତରେ ମଧ୍ୟ ଏବଂ ସେମାନଙ୍କୁ ଆବୃତ୍ତିକରି ରଖିଅଛୁ; ତେଣୁ ସେମାନେ ଦେଖି ପାରୁ ନାହାନ୍ତି । | ୧୦. ୱଜାଅଲ୍‌ନା ମିମ୍‌ବୈନେ ଅଏଦିହିମ୍ ସଦ୍‌ଦୌଁ ୱମିନ୍ ଖଲ୍‌ଫିହିମ୍ ସଦ୍‌ଦନ୍ ଫାଅଗ୍‌ଶୈନାହୁମ୍ ଫହୁମ୍ ଲାୟୁବ୍‌ସିରୁନ୍ । | وَجَعَلْنَا مِنْۢ بَيْنِ اَيْدِيْهِمْ سَدًّا وَّمِنْ خَلْفِهِمْ سَدًّا فَاَغْشَيْنٰهُمْ فَهُمْ لَا يُبْصِرُوْنَ ۝١٠ |
| ୧୧. ଏବଂ ତୁମ୍ଭର ଭୟଭୀତ କରାଇବା ନ କରାଇବା ସେମାନଙ୍କ ପାଇଁ ସମାନ । ସେମାନେ (ଯେପର୍ଯ୍ୟନ୍ତ ନିଜ ମନରେ ପରିବର୍ତ୍ତନ ନ ଆଣିବେ ସେ ପର୍ଯ୍ୟନ୍ତ) ବିଶ୍ୱାସ କରିବେ ନାହିଁ । | ୧୧. ୱସୱାଉନ୍ ଆଲୈହିମ୍ ଆଅଞ୍ଜରତହୁମ୍ ଅମ୍‌ଲମ୍ ତୁଞ୍ଜିରହୁମ୍ ଲାୟୁମେନୁନ୍ । | وَسَوَآءٌ عَلَيْهِمْ ءَاَنْذَرْتَهُمْ اَمْ لَمْ تُنْذِرْهُمْ لَا يُؤْمِنُوْنَ ۝١١ |

إِنَّمَا تُنذِرُ مَنِ اتَّبَعَ الذِّكْرَ وَخَشِيَ الرَّحْمَٰنَ بِالْغَيْبِ ۖ فَبَشِّرْهُ بِمَغْفِرَةٍ وَأَجْرٍ كَرِيمٍ ﴿١٢﴾

**୧୨.** ଇନ୍ନମା ତୁନ୍‌ଜିରୁ ମନିତ୍ ତବାଅଜ୍ ଜିକ୍‌ରା ଓ୍ୱଖଶେୟର୍ ରହ୍‌ମାନା ବିଲ୍‌ଗୟେବ୍ ଫବଶ୍‌ଶିର୍‌ହୁ ବିମଗ୍‌ଫିରତୁଁ ଓ୍ୱଅଜ୍‌ରିନ୍ କରିମ୍।

୧୨. ତୁମ୍ଭେ କେବଳ ତାହାକୁ ସଚେତନ କରାଇ ପାରିବ, ଯେ ସ୍ମାରକକୁ ଅନୁସରଣ କରେ ଏବଂ ଦୟାବନ୍ତ ଅଲ୍ଲାଃଙ୍କୁ ଗୋପନରେ ମଧ୍ୟ ଭୟ କରେ; ସୁତରାଂ ତୁମ୍ଭେ ସେପରି ବ୍ୟକ୍ତିଙ୍କୁ ଏକ ମହାନ କ୍ଷମା ଓ ସମ୍ମାନନୀୟ ପୁରସ୍କାର ସଂକ୍ରାନ୍ତ ସୁସମାଚାର ପ୍ରଦାନ କର।

إِنَّا نَحْنُ نُحْيِ الْمَوْتَىٰ وَنَكْتُبُ مَا قَدَّمُوا وَآثَارَهُمْ ۚ وَكُلَّ شَيْءٍ أَحْصَيْنَاهُ فِي إِمَامٍ مُّبِينٍ ﴿١٣﴾ ع

**୧୩.** ଇନ୍ନା ନହ୍‌ନୁ ନୁହ୍‌ୟିଲ୍ ମୌତା ଓ୍ୱ ନକ୍‌ତୁବୁ ମା କଦ୍‌ଦମୁ ଓ୍ୱ ଆସାବହୁମ୍ ଓକୁଲ୍‌ଲା ଶୈଇନ୍ ଅହ୍‌ସୈନାହୁ ଫି ଇମାମିମ୍ ମୁବିନ୍॥

୧୩. ଆମ୍ଭେ ହିଁ ମୃତ ବ୍ୟକ୍ତିଙ୍କୁ ଜୀବିତ କରିଥାଉ ଏବଂ ସେମାନେ ଯାହା କିଛି ପରକାଳ ଜୀବନ ପାଇଁ ପ୍ରେରଣ କରନ୍ତି ଓ ଯାହା କିଛି କର୍ମ ସେମାନେ ସଂସାରରେ କରିଥିଲେ, ତାହାର ଯାହା ଫଳ ହେବ ତାହାର ମଧ୍ୟ ଆମ୍ଭେ ହିସାବ ରଖିଥାଉ ଏବଂ ପ୍ରତ୍ୟେକ ବିଷୟକୁ ଆମ୍ଭେ ଏକ ପ୍ରକାଶ୍ୟ ଗ୍ରନ୍ଥରେ ଲିପିବଦ୍ଧ କରିଅଛୁ । **(ରୁକୁ-୧)**

## ପାରା ୨୩ ରୁକୁ ୫ ସୁରଃ ୩୬

أَوَلَمْ يَرَ الْإِنسَانُ أَنَّا خَلَقْنَاهُ مِن نُّطْفَةٍ فَإِذَا هُوَ خَصِيمٌ مُّبِينٌ ﴿٧٨﴾

୭୮. ଅଓଲମ୍ ୟରଲ୍ ଇନ୍‌ସାନୋ ଅନ୍ନା ଖଲକ୍‌ନାହୁ ମିନ୍ ନୁତ୍‌ଫତିନ୍ ଫଲକା ହୁଆ ଖସିମୁମ୍ ମୁବିନ୍।

**୭୮.** କଣ ମନୁଷ୍ୟଙ୍କୁ ଏହା ଜଣା ନାହିଁ ଯେ ଆମ୍ଭେ ତାହାକୁ ଏକ (ତୁଚ୍ଛ) ଶୁକ୍ର ବିନ୍ଦୁରୁ ସୃଷ୍ଟି କରିଅଛୁ; କିନ୍ତୁ ଜନ୍ମଲାଭ କରିବା ପରେ ସେ ସହସା ଏକ ମହା କଳହକାରୀ ହୋଇଯାଏ।

وَضَرَبَ لَنَا مَثَلًا وَنَسِيَ خَلْقَهُ ۖ قَالَ مَن يُحْيِ الْعِظَامَ وَهِيَ رَمِيمٌ ﴿٧٩﴾

୭୯. ଓ୍ୱଜରବା ଲନା ମସଲୌଁ ଓ୍ୱନସିୟା ଖଲ୍‌କହୁ; କାଲା ମୌଁ ୟହ୍‌ୟିଲ୍ ୟଜାମା ଓ୍ୱହିୟା ରମିମ୍।

୭୯. ଏବଂ ସେ ଆମ୍ଭର ଅସ୍ତିତ୍ୱ ସମ୍ବନ୍ଧରେ କପୋଳକଳ୍ପିତ ବିଷୟ ରଚନା କରିଥାଏ ଏବଂ ନିଜ ସୃଷ୍ଟି ସମ୍ବନ୍ଧରେ ଭୁଲିଯାଏ; ଏବଂ କହେ ଯେ ଯେତେବେଳେ ହାଡସବୁ ବିଗଳିତ ହୋଇଯିବ, ସେତେବେଳେ କିଏ ସେମାନଙ୍କୁ ଜୀବିତ କରାଇବ ?

قُلْ يُحْيِيهَا الَّذِي أَنشَأَهَا أَوَّلَ مَرَّةٍ ۖ وَهُوَ بِكُلِّ خَلْقٍ عَلِيمٌ ﴿٨٠﴾

୮୦. କୁଲ୍ ୟୁହ୍‌ୟିହଲଲଜି ଅନ୍‌ଶାହା ଔଓ୍ୱଲା ମରରତିନ୍, ଓ୍ୱହୁଆ ବିକୁଲ୍‌ଲେ ଖଲ୍‌କିନ୍ ଅଲିମ୍।

୮୦. ଏବଂ ତୁମ୍ଭେ କୁହ, "ଯେ ସେମାନଙ୍କୁ ପ୍ରଥମ ଥର ସୃଷ୍ଟି କରିଥିଲେ ସେ ହିଁ ସେମାନଙ୍କୁ ଜୀବିତ କରିବେ" ଏବଂ ପ୍ରତ୍ୟେକ ସୃଷ୍ଟିର ଅବସ୍ଥା ସମ୍ବନ୍ଧରେ ସେ ଭଲ ଭାବେ ଅବଗତ ଅଛନ୍ତି।

الَّذِي جَعَلَ لَكُم مِّنَ الشَّجَرِ الْأَخْضَرِ نَارًا فَإِذَا أَنتُم مِّنْهُ تُوقِدُونَ ﴿٨١﴾

୮୧. ନିଲ୍‌ନଜି ଜାଆଲା ଲକୁମ୍ ମିନଶ୍ ଶଜରିଲ୍ ଅଖ୍‌ଜରି ନାରନ୍ ଫଇଜା ଅନ୍‌ତୁନ୍ ମିନ୍‌ହୁ ତୁକେଦୁନ୍।

୮୧. "ସେ ଅଲ୍ଲାଃ ଯେ କି ତୁମମାନଙ୍କ ସକାଶେ ସବୁଜ ବୃକ୍ଷରୁ ଅଗ୍ନି ସୃଷ୍ଟି କରିଅଛନ୍ତି, ଏବଂ ତୁମେମାନେ ତା ସାହାଯ୍ୟରେ ଅଗ୍ନି ସଂଯୋଗ କର।"

اَوَلَيۡسَ الَّذِىۡ خَلَقَ السَّمٰوٰتِ وَالۡاَرۡضَ بِقٰدِرٍ عَلٰٓى اَنۡ يَّخۡلُقَ مِثۡلَهُمۡ ؕ بَلٰى وَهُوَ الۡخَلّٰقُ الۡعَلِيۡمُ ﴿۸۲﴾

୮୨. ଅଓଲଏସଲ୍ଲଜି ଖଲକସ୍ସମାଓ୍ୱତି ଓ୍ୱଲ୍ଅର୍ଜା ବେକା'ଦେରିନ୍ ଅଲାଅଇଁ ୟଖ୍ଲୁକା ମିସ୍ଲହୁମ୍, ବଲା ଓ୍ୱହୁଓ୍ୱଲ୍ ଖଲ୍ଲାକୁଲ୍ ଅଲିମ୍।

୮୨. "ଯେ ଆକାଶ ଓ ପୃଥିବୀ ସୃଷ୍ଟି କରିଛନ୍ତି, କଣ ତାଙ୍କର ସେମାନଙ୍କ ସଦୃଶ ଅନ୍ୟ ସୃଷ୍ଟିର ସର୍ଜନା କରିବାକୁ କ୍ଷମତା ନାହିଁ? (ସେ ଯେ ପୁନର୍ବାର ସୃଷ୍ଟି କରିବାକୁ ଅକ୍ଷମ) ଏପରି ଚିନ୍ତାଧାରା ଠିକ୍ ନୁହେଁ; ବରଂ ସେ ଅନେକ ସୃଷ୍ଟିର ସ୍ରଷ୍ଟା ଓ ସର୍ବଜ୍ଞ।

اِنَّمَاۤ اَمۡرُهٗۤ اِذَاۤ اَرَادَ شَيۡـــًٔا اَنۡ يَّقُوۡلَ لَهٗ كُنۡ فَيَكُوۡنُ ﴿۸۳﴾

୮୩. ଇନ୍ନମା ଅମ୍ରୁହୁ ଇଜା ଅରାଦା ଶୈଅନ୍ ଅଇଁ ୟକୁଲା ଲହୁ କୁନ୍ ଫୟକୁନ୍।

୮୩. (ତାଙ୍କର କାର୍ଯ୍ୟକଳାପ ଏପରି ଯେ) ଯେତେବେଳେ ମଧ୍ୟ ସେ କୌଣସି ବସ୍ତୁ ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେ ତା ସମ୍ବନ୍ଧରେ କହି ଦିଅନ୍ତି ଯେ "ଏହିପରି ହୋଇଯାଉ" ଓ ତାହା ସେହିପରି ହୋଇଯାଏ।

فَسُبۡحٰنَ الَّذِىۡ بِيَدِهٖ مَلَكُوۡتُ كُلِّ شَىۡءٍ وَّاِلَيۡهِ تُرۡجَعُوۡنَ ﴿۸۴﴾

୮୪. ଫସୁବ୍ହାନଲ୍ଲଜି ବେୟଦିହୀ ମଲକୁତୁ କୁଲ୍ଲି ଶୈୟଉଁ ଓ୍ୱ ଇଲୈହେ ତୁର୍ଜଉନ୍।

୮୪. ସୁତରାଂ ସେ ହିଁ ପବିତ୍ର, ଯାହାଙ୍କ ହସ୍ତରେ ସମସ୍ତ ବସ୍ତୁର ଆଧିପତ୍ୟ ନ୍ୟସ୍ତ ଅଛି; ଯାହାଙ୍କ ନିକଟକୁ ତୁମ ସମସ୍ତଙ୍କୁ ଫେରାଇ ନିଆଯିବ। **(ରୁକୁ-୫)**

## ପାରା ୨୬ ଅଲ୍ ଫତାଃ ସୁରଃ ୪୮

لَقَدۡ صَدَقَ اللّٰهُ رَسُوۡلَهُ الرُّءۡيَا بِالۡحَـقِّ ۚ لَتَدۡخُلُنَّ الۡمَسۡجِدَ الۡحَـرَامَ اِنۡ شَآءَ اللّٰهُ اٰمِنِيۡنَ ۙ مُحَلِّقِيۡنَ رُءُوۡسَكُمۡ وَمُقَصِّرِيۡنَ ۙ لَا تَخَافُوۡنَ ؕ فَعَلِمَ مَا لَمۡ تَعۡلَمُوۡا فَجَعَلَ مِنۡ دُوۡنِ ذٰلِكَ فَتۡحًا قَرِيۡبًا ﴿۲۸﴾

୨୮. ଲକଦ୍ ସଦକଲ୍ ଲାହୁ ରସୁଲହୁର୍ ରୁୟା ବିଲ୍ହକ୍କେ, ଲତଦ୍ ଖୁଲୁନ୍ନଲ୍ ମସ୍ଜିଦଲ୍ ହରାମା ଇନ୍ଶାଅଲ୍ଲାହୁ ଲା ତଖାଫୁଲନ୍; ଫଅଲିମା ମାଲମ୍ ତା'ଲମ୍ ଫଜାଆଲା ମିନ୍ଦୁନି ଯାଲିକା ଫତ୍ହନ୍ କରିବା।

୨୮. ଅଲ୍ଲାଃ ନିଜ ରସୁଲଙ୍କ ନିକଟରେ ସେହି 'ରୋୟା'ର ବିଷୟବସ୍ତୁକୁ ସଂପୂର୍ଣ୍ଣ ଭାବରେ ସତ୍ୟ ସାବ୍ୟସ୍ତ କରି ଦେଖାଇଲେ। ଯେଉଁଥିରେ ଏହା ବର୍ଣ୍ଣିତ ଥିଲା ଯେ ଯଦି ଅଲ୍ଲାଃ ଇଚ୍ଛା କରିବେ, ତେବେ ତୁମେମାନେ ନିଜର ମୁଣ୍ଡ ଲଣ୍ଡାକରି ବା କେଶ କର୍ତ୍ତନ କରି କାହାରିକୁ ଭୟ ନକରି ନିରାପଦରେ ପବିତ୍ର ମସ୍ଜିଦ୍‌ରେ ନିଶ୍ଚୟ ପ୍ରବେଶ କରିବ; ଅତଏବ ଅଲ୍ଲାଃ ସେ ସବୁ ଜାଣି ପାରିଲେ, ଯାହା ତୁମେମାନେ ଜାଣିନଥିଲେ; ଏବଂ ସେ ଏତଦ୍‌ଭିନ୍ନ ଅନ୍ୟ ଏକ ବିଜୟ ଅତି ନିକଟରେ ପ୍ରଦାନ କରିବାକୁ ନିର୍ଦ୍ଦିଷ୍ଟ କରିଛନ୍ତି।

هُوَ الَّذِىۡۤ اَرۡسَلَ رَسُوۡلَهٗ بِالۡهُدٰى وَدِيۡنِ الۡحَـقِّ لِيُظۡهِرَهٗ عَلَى الدِّيۡنِ كُلِّهٖ ؕ وَكَفٰى بِاللّٰهِ شَهِيۡدًا ﴿۲۹﴾

୨୯. ହୁଅଲ୍ଲଜି ଅର୍ସଲା ରସୁଲହୁ ବିଲ୍ହୁଦା ଓ୍ୱଦିନିଲ୍ ହକ୍କେ ଲେ ୟୁଜହିରହୁ ଅଲଦ୍ଦିନେ କୁଲ୍ଲେହି ଓ୍ୱକଫା ବିଲ୍ଲାହି ଶହିଦା।

୨୯. ସେ ଅଲ୍ଲାଃ ହିଁ ନିଜ ରସୁଲଙ୍କୁ ସତ୍‌ପଥ ଓ ସତ୍ୟଧର୍ମ ସହିତ ପ୍ରେରଣ କରିଛନ୍ତି, ଯଦ୍ୱାରା ତାହାକୁ (ଅର୍ଥାତ୍ ସତ୍ୟ ଧର୍ମକୁ) ସମସ୍ତ ଧର୍ମ ଉପରେ ପ୍ରାଧାନ୍ୟ ପ୍ରଦାନ କରିବେ; ଏବଂ ଅଲ୍ଲାଃ ହିଁ ସାକ୍ଷୀ ଭାବରେ ଯଥେଷ୍ଟ।

୩୦. ମୁହମ୍ମଦ ଅଲ୍ଲାଃଙ୍କର ରସୁଲ । ଏବଂ ଯେଉଁମାନେ ତାହାଙ୍କ ସହିତ ଅଛନ୍ତି, ସେମାନେ ଅବିଶ୍ୱାସକାରୀଙ୍କ ବିପକ୍ଷରେ କଠୋର ମନୋଭାବ ପୋଷଣ କରନ୍ତି । ଅଥଚ ସେମାନେ ପରସ୍ପର ପ୍ରତି ଅତ୍ୟନ୍ତ ସ୍ନେହଶୀଳ । ତୁମ୍ଭେ ସେମାନଙ୍କୁ ଅଲ୍ଲାଃଙ୍କ କୃପା ଓ ସନ୍ତୋଷ ଲାଭ କରିବା ସକାଶେ ରୁକୁ ଓ ସିଜ୍‌ଦା କରିଥିବାର ଦେଖିବାକୁ ପାଇବ; ସେମାନଙ୍କ (ପରିଚୟ) ଚିହ୍ନ ସେମାନଙ୍କ ଲଲାଟ ଉପରେ ସିଜ୍‌ଦା ଜନିତ ଦାଗ ଆକାରରେ ରହିଥାଏ; ଏବଂ ସେମାନଙ୍କ ଏହି ଅବସ୍ଥା ତୌରାତରେ ବର୍ଣ୍ଣିତ ହୋଇଅଛି; ଏବଂ ଇଞ୍ଜିଲ୍‌ରେ । ସେମାନଙ୍କ ଅବସ୍ଥା ବିଷୟରେ ଏପରି ବର୍ଣ୍ଣନା ଅଛି ଯେ ସେମାନେ ଏପରି ଏକ ଶସ୍ୟକ୍ଷେତ୍ର ସଦୃଶ ଯାହା ପ୍ରଥମେ ଅଙ୍କୁରୋଦଗମ୍ କରେ, ତାହାପରେ ଏହାକୁ (ସ୍ୱର୍ଗୀୟ ଓ ପାର୍ଥିବ ଖାଦ୍ୟ ମାଧ୍ୟମରେ) ସବଳ କରାଏ; ଏବଂ ସେହି ଅଙ୍କୁର ଅଧିକତର ସବଳ ହୁଏ; ଏହାପରେ ତାର ମୂଳ ତାପରେ ଦୃଢ ଭାବରେ ଠିଆହୁଏ, ଏପରିକି ତାହା ଜମି ମାଲିକକୁ ପସନ୍ଦଯୋଗ୍ୟ ହୋଇଥାଏ; ଯାହାଫଳରେ ଅବିଶ୍ୱାସକାରୀମାନେ ସେମାନଙ୍କୁ ଲକ୍ଷ୍ୟକରି ଇର୍ଷାନ୍ୱିତ ହେବେ; ଅଲ୍ଲାଃ ବିଶ୍ୱାସକାରୀମାନଙ୍କୁ ତଥା ଯେଉଁମାନେ ବିଶ୍ୱାସ ମୁତାବକ କାର୍ଯ୍ୟ କରନ୍ତି, ସେମାନଙ୍କୁ କ୍ଷମା ଓ ମହାନ୍ ପୁରସ୍କାର ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । **(ରୁକୁ-୪)**

**୩୦. ମୁହମ୍ମଦର୍ ରସୁଲୁଲ୍‌ଲାଃ; ୱ୍ୱଲ୍ ଲଜିନା ମାଆହୁ ଅଶିଦ୍‌ଦାଓ ଅଲଲ୍ କୁଫ୍‌ଫାରେ ରୋହମାଓ ବୈନହୁମ୍ ତରାହୁମ୍ ରୁକକଅନ୍ ସୁଜ୍‌ଜଦଇଁ ଯବ୍‌ତଗୁନା ଫଜଲମ୍ ମିନଲ୍‌ଲାହୀ ୱ୍ୱରିଜ୍‌ୱାନା; ସିମାହୁମ୍ ଫି ଉଜୁହିହିମ୍ ମିନ୍ ଅସରିସ୍ ସୋଜୁଦ୍; ଜା'ଲିକା ମସଲୋହୁମ୍ ଫିତ୍ ତୌରାତି ଓ୍ୱ ମସଲୋହୁମ୍ ଫିଲ୍ ଇଞ୍ଜିଲ୍; କଜର୍‌ଇନ୍ ଅଖ୍‌ରଜା ଶତ୍‌ଅହୁ ଫାଆ ଜରହୁ ଫସ୍‌ତଗ୍‌ଲଜା ଫସ୍‌ତୱ୍ୱା ଅଲା ସୁକେହି ୟୋଜେବୁଜ୍ ଜୁଦ୍‌ଦାଆ ଲି ୟଗିଜା ବିହିମୁଲ୍ କୁଫ୍‌ଫାର୍ ; ୱ୍ୱଅଦଲ୍‌ଲାହୁଲ୍ ଲଜିନା ଆମନୁ ୱ୍ୱଅମିଲୁସ୍ ସ୍ୱାଲିହାତେ ମିନ୍‌ହୁମ୍ ମଗ୍‌ଫିରତଉଁ ୱ୍ୱଅଜ୍‌ରନ୍ ଅଜିମା ।।**

مُحَمَّدٌ رَّسُوْلُ اللّٰهِ ؕ وَالَّذِيْنَ مَعَهٗۤ اَشِدَّآءُ عَلَى الْكُفَّارِ رُحَمَآءُ بَيْنَهُمْ تَرٰىهُمْ رُكَّعًا سُجَّدًا يَّبْتَغُوْنَ فَضْلًا مِّنَ اللّٰهِ وَرِضْوَانًا ؗ سِيْمَاهُمْ فِيْ وُجُوْهِهِمْ مِّنْ اَثَرِ السُّجُوْدِ ؕ ذٰلِكَ مَثَلُهُمْ فِي التَّوْرٰىةِ ۖۛ وَمَثَلُهُمْ فِي الْاِنْجِيْلِ ۛ كَزَرْعٍ اَخْرَجَ شَطْـَٔهٗ فَاٰزَرَهٗ فَاسْتَغْلَظَ فَاسْتَوٰى عَلٰى سُوْقِهٖ يُعْجِبُ الزُّرَّاعَ لِيَغِيْظَ بِهِمُ الْكُفَّارَ ؕ وَعَدَ اللّٰهُ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ مِنْهُمْ مَّغْفِرَةً وَّاَجْرًا عَظِيْمًا ﴿۲۹﴾ ع

## ପାରା ୨୮    ଅଲ ହଶର୍    ସୁରଃ ୫୯

୧୯. ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କୁ ଭୟକର ଏବଂ ପ୍ରତ୍ୟେକଙ୍କ ପକ୍ଷରେ ଏହା ବିଧେୟ ଯେ ସେ ଆଗାମୀ କାଲି ପାଇଁ କଣ ପଠାଇଛି ତାହା ପ୍ରତି ଦୃଷ୍ଟି ଦେଉ; ଏବଂ ସମସ୍ତେ ଅଲ୍ଲାଃଙ୍କୁ ଭୟକର; ଅଲ୍ଲାଃ ତୁମମାନଙ୍କ କାର୍ଯ୍ୟକଳାପ ସଂକ୍ରାନ୍ତରେ ଭଲ ଭାବରେ ଅବଗତ ଅଛନ୍ତି ।

**୧୯. ୟା ଆୟୋହଲ୍ ଲଜିନା ଆମନୁତ୍ ତକୁଲ ଲାହା ୱ୍ୱଲ୍ ତନ୍‌ଜୁର୍ ନଫ୍‌ସୁମ୍ ମାକଦ୍‌ଦମତ୍ ଲିଗଦ; ୱ୍ୱତ୍‌ତକୁଲ୍‌ଲାଃ, ଇନ୍‌ନଲ୍‌ଲାହା ଖବିରୁମ୍ ବିମା ତା'ମଲୁନ୍ ।**

يٰۤاَيُّهَا الَّذِيْنَ اٰمَنُوا اتَّقُوا اللّٰهَ وَلْتَنْظُرْ نَفْسٌ مَّا قَدَّمَتْ لِغَدٍ ۚ وَاتَّقُوا اللّٰهَ ؕ اِنَّ اللّٰهَ خَبِيْرٌۢ بِمَا تَعْمَلُوْنَ ﴿۱۸﴾

୨୦. ଏବଂ ସେ ଲୋକମାନଙ୍କ ସଦୃଶ ହୁଅ ନାହିଁ, ଯେଉଁମାନେ ଅଲ୍ଲାଃଙ୍କୁ ଭୁଲି ଯାଇଛନ୍ତି; ତେଣୁ ଅଲ୍ଲାଃ ମଧ୍ୟ ସେମାନଙ୍କୁ ନିଜ କଲ୍ୟାଣ ସମ୍ବନ୍ଧରେ ଭୁଲାଇ ଦେଇଛନ୍ତି, ଏମାନେ ହିଁ ଅମାନ୍ୟକାରୀ।

**୨୦. ୱ୍ଲା ତକୁନୁ କଲ୍‌ଲଜିନା ନସୁଲ୍‌ଲାହା ଫାଅନ୍‌ସାହୁମ୍ ଅନ୍‌ଫୁସହୁମ୍; ଉଲା'ଇକା ହୁମୁଲ୍ ଫା'ସିକୁନ୍।**

وَلَا تَكُونُوا كَالَّذِينَ نَسُوا اللَّهَ فَأَنسَاهُمْ أَنفُسَهُمْ ۚ أُولَٰئِكَ هُمُ الْفَاسِقُونَ ﴿٢٠﴾

୨୧. ନରକବାସୀ ଓ ବୈକୁଣ୍ଠବାସୀ ସମାନ ହୋଇ ନପାରନ୍ତି; ବୈକୁଣ୍ଠବାସୀମାନେ ହିଁ କୃତକାର୍ଯ୍ୟ ହେବେ।

**୨୧. ଲା ୟସ୍‌ତୱି ଅସ୍‌ହାବୁନ୍‌ନାରି ୱ ଅସ୍‌ହାବୁଲ୍ କନ୍‌ନା; ଅସହାବୁନ୍ ଜନ୍‌ନତେ ହୁମୁଲ୍ ଫା'ଏଜୁନ୍।**

لَا يَسْتَوِي أَصْحَابُ النَّارِ وَأَصْحَابُ الْجَنَّةِ ۚ أَصْحَابُ الْجَنَّةِ هُمُ الْفَائِزُونَ ﴿٢١﴾

୨୨. ଯଦି ଏହି କୁରଆନ୍‌କୁ ଆମ୍ଭେ କୌଣସି ପର୍ବତ ଉପରେ ଅବତୀର୍ଣ୍ଣ କରାଇଥା'ନ୍ତୁ, ତେବେ ତୁମ୍ଭେ ତାହାକୁ ଲକ୍ଷ୍ୟ କରିଥା'ନ୍ତ ଯେ, ତାହା ସସମ୍ମାନେ ଅବନତ ହୋଇଯାଆନ୍ତା; ଏବଂ ଅଲ୍ଲାଃଙ୍କ ଭୟରେ ଖଣ୍ଡ ବିଖଣ୍ଡ ହୋଇଯାଆନ୍ତା । ଏବଂ ଏହିସବୁ ବିଷୟ ଆମ୍ଭେ ମନୁଷ୍ୟମାନଙ୍କ ସକାଶେ ତୁମ୍ଭ ନିକଟରେ ବର୍ଣ୍ଣନା କରିଅଛୁ, ଯଦ୍ଵାରା କି ସେମାନେ ଚିନ୍ତା କରିପାରିବେ।

**୨୨. ଲୌଅନ୍‌ଜଲ୍‌ନା ହାଜଲ୍ କୁରଆନା ଅଲା ଜବଲିଲ୍ ଲରାଏଁତହୁ ଖାଶିଅମ୍ ମୁତସଦ୍‌ଦିଅମ୍ ମିନ୍ ଖଶ୍ୟତିଲ୍‌ଲାଃ; ୱ୍‌ତିଲ୍‌କଲ୍ ଅମସାଲୁ ନଜ୍‌ରିବୁହା ଲିନ୍‌ନାସି ଲାଅଲ୍‌ଲହୁମ୍ ୟତଫକ୍‌କରୁନ।**

لَوْ أَنزَلْنَا هَٰذَا الْقُرْآنَ عَلَىٰ جَبَلٍ لَّرَأَيْتَهُ خَاشِعًا مُّتَصَدِّعًا مِّنْ خَشْيَةِ اللَّهِ ۚ وَتِلْكَ الْأَمْثَالُ نَضْرِبُهَا لِلنَّاسِ لَعَلَّهُمْ يَتَفَكَّرُونَ ﴿٢٢﴾

୨୩. ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ଅଦୃଷ୍ଟ ଓ ଦୃଷ୍ଟକୁ ଜାଣନ୍ତି, ସେ ହିଁ ଅଶେଷ ଦୟାବାନ ଓ ସଦା କରୁଣାମୟ।

**୨୩. ହୁୱ୍‌ଲ ଲାହୁଲ୍ ଲଜି ଲାଇ ଲାହା ଇଲ୍‌ଲାହୁ ଆ'ଲିମୁଲ୍ ଗୈବେ ୱଶ ଶାହାଦତି ହୁଅର୍ ରହ୍‌ମାନୁ ରହିମ୍।**

هُوَ اللَّهُ الَّذِي لَا إِلَٰهَ إِلَّا هُوَ ۖ عَالِمُ الْغَيْبِ وَالشَّهَادَةِ ۖ هُوَ الرَّحْمَٰنُ الرَّحِيمُ ﴿٢٣﴾

୨୪. ସେ ହିଁ ଅଲ୍ଲାଃ, ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ, ସେହି ସମ୍ରାଟ; ନିଜେ ପବିତ୍ର ଓ (ଅନ୍ୟକୁ ପବିତ୍ର କରାନ୍ତି) ନିଜେ ପ୍ରତ୍ୟେକ ପ୍ରକାର ଦୋଷରୁ ମୁକ୍ତ (ଓ ଅନ୍ୟକୁ ଦୋଷମୁକ୍ତ କରିଥାନ୍ତି) । ସମସ୍ତଙ୍କ ପାଇଁ ଶାନ୍ତି ପ୍ରଦାୟକ ଓ ସମସ୍ତଙ୍କର ତତ୍ତ୍ୱାବଧାରକ; ସେ ହିଁ ପରାକ୍ରମୀ, ସେ ହିଁ ସମସ୍ତ ଭଗ୍ନ ହୃଦୟକୁ ସଂଯୁକ୍ତ କରିଥାନ୍ତି; ସେ ହିଁ ମହା ମହିମାମୟ, ସେମାନେ ତାହାଙ୍କ ସହିତ ଯେଉଁ ଯେଉଁ ବିଷୟକୁ ସମକକ୍ଷ ମନେ କରନ୍ତି, ଅଲ୍ଲାଃ ସେସବୁରୁ ପବିତ୍ର।

**୨୪. ହୁୱ୍‌ଲ୍ ଲାହୁଲ୍ ଲଜି ଲାଇଲାହା ଇଲ୍‌ଲାହୁ ଅଲ୍‌ମଲିକୁଲ୍ କୁଦ୍‌ଦୁସୁସ୍ ସଲାମୁଲ୍ ମୁମିନୁଲ୍ ମୁହୈମିନୁଲ୍ ଅଜିଜୁଲ୍ ଜବ୍‌ବାରୁଲ୍ ମୁତକବ୍‌ବିରି; ସୁବ୍‌ହାନଲ୍‌ଲାହୀ ଅମ୍ମା ୟୁଶ୍‌ରିକୁନ୍।**

هُوَ اللَّهُ الَّذِي لَا إِلَٰهَ إِلَّا هُوَ ۖ الْمَلِكُ الْقُدُّوسُ السَّلَامُ الْمُؤْمِنُ الْمُهَيْمِنُ الْعَزِيزُ الْجَبَّارُ الْمُتَكَبِّرُ ۚ سُبْحَانَ اللَّهِ عَمَّا يُشْرِكُونَ ﴿٢٤﴾

୨୫. ଅଲ୍ଲାଃ ପ୍ରତ୍ୟେକ ବସ୍ତୁର ସ୍ରଷ୍ଟା ଓ ପ୍ରତ୍ୟେକ ବସ୍ତୁର ରଚୟିତା ଏବଂ

**୨୫. ହୁୱ୍‌ଲ୍‌ଲାହୁଲ୍ ଖା'ଲିକୁଲ୍ ବା'ରିୟୁଲ ମୁସୌୱ୍ୱେରୋ ଲହୁଲ୍**

هُوَ اللَّهُ الْخَالِقُ الْبَارِئُ الْمُصَوِّرُ

ପ୍ରତ୍ୟେକ ବସ୍ତୁକୁ ତାହାର ଆବଶ୍ୟକତା ଅନୁଯାୟୀ ଆକୃତି ଦେଇଥାନ୍ତି; ତାହାଙ୍କର ଅନେକ ଉତ୍ତମ ଗୁଣବାଚକ ନାମ ଅଛି, ଆକାଶ ଓ ପୃଥିବୀରେ ଯାହା କିଛି ଅଛି ସେ ସବୁ ତାହାଙ୍କର ଗୁଣଗାନ କରୁଛନ୍ତି; ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ॥ **(ରୁକୁ-୩)**

ଅସ୍‌ମା'ଉଲ୍ ହୁସ୍‌ନା; ୟୋସବ୍‌ବିହୁ ଲହୁ ମାଫିସ୍ ସମାୱାତି ୱଲ୍ ଅରଜ୍; ୱହୁୱଲ୍ ଅଜିଜୁଲ୍ ହକିମ୍॥

لَهُ الْأَسْمَاءُ الْحُسْنَىٰ ۚ يُسَبِّحُ لَهُ مَا فِي السَّمَاوَاتِ وَالْأَرْضِ ۖ وَهُوَ الْعَزِيزُ الْحَكِيمُ ﴿٢٤﴾

## ପାରା ୨୮ — ଅଲ୍ ସଫ୍ — ସୁରଃ ୬୧

୧. ଅଶେଷ ଦୟାବାନ ଓ ସଦାକରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି ।

**୧.** ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ ।

بِسْمِ اللَّهِ الرَّحْمَٰنِ الرَّحِيمِ ﴿١﴾

୨. ଆକାଶ ଓ ପୃଥିବୀରେ ଯାହା କିଛି ରହିଅଛି, ସେସବୁ ଅଲ୍ଲାଃଙ୍କର ଗୁଣଗାନ କରୁଛନ୍ତି; ଏବଂ ସେ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

**୨.** ସବ୍‌ବାହା ଲିଲ୍ଲାହୀ ମାଫିସ ସ୍‌ମାୱାତି ୱମା ଫିଲ୍‌ଅରଜ୍, ୱହୁଅଲ୍ ଅଜିଜୁଲ୍ ହକିମ୍ ।

سَبَّحَ لِلَّهِ مَا فِي السَّمَاوَاتِ وَمَا فِي الْأَرْضِ ۖ وَهُوَ الْعَزِيزُ الْحَكِيمُ ﴿٢﴾

୩. ହେ ବିଶ୍ୱାସକାରୀମାନେ ! ତୁମ୍ଭେମାନେ କାହିଁକି ସେ ବିଷୟ କହୁଅଛ ଯାହା ତୁମେମାନେ କରୁନାହିଁ ?

**୩.** ୟା ଅୟୋହଲ୍ ଲଜିନା ଆ'ମନୁ ଲିମା ତକୁଲୁନା ମାଲା ତଫ୍‌ଅଲୁନ୍ ।

يَا أَيُّهَا الَّذِينَ آمَنُوا لِمَ تَقُولُونَ مَا لَا تَفْعَلُونَ ﴿٣﴾

୪. ଅଲ୍ଲାଃଙ୍କ ନିକଟରେ ତାହା ଅତ୍ୟନ୍ତ ଗର୍ହିତ, ଯାହା ତୁମେମାନେ କହୁଅଛ ଅଥଚ କରୁନାହଁ ।

**୪.** କବୋରା ମକ୍‌ତନ୍ ଇନ୍‌ଦଲ୍‌ଲାହୀ ଅନ୍‌ତକୁଲୁ ମାଲା ତଫ୍‌ଅଲୁନ୍ ।

كَبُرَ مَقْتًا عِنْدَ اللَّهِ أَنْ تَقُولُوا مَا لَا تَفْعَلُونَ ﴿٤﴾

୫. ଅଲ୍ଲାଃ ସେହି ଲୋକମାନଙ୍କୁ ପସନ୍ଦ କରନ୍ତି, ଯେଉଁମାନେ ତାହାଙ୍କ ଉଦ୍ଦେଶ୍ୟରେ ଧାଡିବାନ୍ଧି ଯୁଦ୍ଧ କରନ୍ତି; ସତେ ଯେପରି ସେମାନେ ଏକ ପ୍ରାଚୀର ଯାହାର ଦୃଢତା ନିମନ୍ତେ ତା'ଉପରେ ତରଳ ସୀସା ଢଳା ଯାଇଛି ।

**୫.** ଇନ୍‌ନଲ୍‌ଲହା ୟୋହିବ୍‌ବୁଲ୍ ଲଜିନା ୟୁକା ତିଲୁନା ଫି ସବିଲିହି ସଫ୍‌ଫନ୍ କାଅନ୍‌ନହୁମ୍ ବୁନ୍‌ୟାନୁମ୍ ମର୍‌ସୁସ୍ ।

إِنَّ اللَّهَ يُحِبُّ الَّذِينَ يُقَاتِلُونَ فِي سَبِيلِهِ صَفًّا كَأَنَّهُمْ بُنْيَانٌ مَرْصُوصٌ ﴿٥﴾

୬. ଏବଂ (ସ୍ମରଣ କର) ଯେତେବେଳେ ମୁସା ନିଜ ସଂପ୍ରଦାୟକୁ କହିଲେ, 'ହେ ଆମ୍ଭର ସଂପ୍ରଦାୟ ! ତୁମେମାନେ ଆମକୁ କାହିଁକି ଦୁଃଖ ଦେଉଅଛ ଅଥଚ ତୁମମାନଙ୍କୁ ଜଣାଅଛି ଯେ ଆମ୍ଭେ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ନିକଟକୁ ରସୁଲ୍ ଭାବରେ ଆସିଅଛୁ'; କିନ୍ତୁ ଏହା ସତ୍ତ୍ୱେ ଯେତେବେଳେ ସେ ଲୋକମାନେ ସତ୍‌ପଥରୁ ବିଚ୍ୟୁତ ହୋଇଗଲେ, ସେତେବେଳେ ଅଲ୍ଲାଃ ସେମାନଙ୍କ ହୃଦୟକୁ କୁଟୀଳ କରିଦେଲେ; ଏବଂ ଅଲ୍ଲାଃ ଅମାନ୍ୟକାରୀମାନଙ୍କୁ ସଫଳତାର ମାର୍ଗ ପ୍ରଦର୍ଶନ କରାନ୍ତି ନାହିଁ ।

**୬.** ୱଇଜ୍ କା'ଲା ମୁସା ଲିକୌମିହି ୟା କୌମି ଲିମା ତୁ ଜୁ ନନି ୱକଦ୍ ତା'ଲମୁନା ଅନ୍‌ନି ରସୁଲୁଲ୍ ଲାହି ଇଲୈକୁମ୍; ଫଲମ୍‌ମା ଜାଗୁ' ଅଜା-ଗଲ୍‌ଲାହୁ କୁଲୁ-ବହୁମ୍, ୱଲ୍‌ଲାହୁ ଲାୟହଦିଲ୍ କୌମଲ୍ ଫା'ସିକିନ୍ ।

وَإِذْ قَالَ مُوسَىٰ لِقَوْمِهِ يَا قَوْمِ لِمَ تُؤْذُونَنِي وَقَدْ تَعْلَمُونَ أَنِّي رَسُولُ اللَّهِ إِلَيْكُمْ ۖ فَلَمَّا زَاغُوا أَزَاغَ اللَّهُ قُلُوبَهُمْ ۚ وَاللَّهُ لَا يَهْدِي الْقَوْمَ الْفَاسِقِينَ ﴿٦﴾

୭. ଏବଂ (ସ୍ମରଣ କର) ଯେତେବେଳେ ମରିୟମ୍ ନନ୍ଦନ ଇସା ନିଜ ସଂପ୍ରଦାୟକୁ କହିଲେ, 'ହେ ଇସ୍ରାଇଲୀୟ ସନ୍ତାନମାନେ ! ଆମ୍ଭେ ଅଲ୍ଲାଃଙ୍କ ତରଫରୁ ତୁମ୍ଭମାନଙ୍କ ନିକଟକୁ ରସୁଲ୍ ଭାବରେ ଆସିଅଛୁ, ଯାହା ଆମର ଆଗମନ ପୂର୍ବରୁ ଅବତୀର୍ଣ୍ଣ ହୋଇଅଛି ଅର୍ଥାତ୍ ତୌରାତ୍ ଆମ୍ଭେ ତାହାର ଭବିଷ୍ୟବାଣୀର ସତ୍ୟତା ପ୍ରତିପାଦିତ କରୁଅଛୁ ଏବଂ ଏପରି ଜଣେ ରସୁଲ୍‌ଙ୍କ ସମ୍ବନ୍ଧରେ ସୁସମାଚାର ଦେଉଅଛୁ ଯେ କି, ଆମ୍ଭ ପରେ ଆସିବେ, ଯାହାଙ୍କର ନାମ ଅହମଦ ହେବ; କିନ୍ତୁ ଏହାପରେ ଯେତେବେଳେ ସେ ରସୁଲ୍ ପ୍ରମାଣ ସହିତ ଆସିଥିଲେ, ସେତେବେଳେ ସେମାନେ କହିଥିଲେ, "ଏହା ସ୍ପଷ୍ଟ ପ୍ରତାରଣା" ।

୭.ଓ୍ୱଇଜକାଲା ଇବ୍ନୋ ମରୟମା ୟାବନିଇସ୍ରାଇଲା ଇନ୍ନି ରସୁଲୁଲ୍ଲାହୀ ଇଲୈକୁମ୍ ମୁସଦ୍‌ଦିକଲ୍ ଲିମା ବୈନା ୟଦୈୟ। ମିନତ୍ ତୌରାତି ଓ୍ୱମୁବଶ୍‌ଶିରମ୍ ବିରସୁଲିଁ ୟାତି ମିମ୍‌ବାଦିସ୍‌ମହୁ ଅହମଦ୍; ଫଲମ୍ମା ୟାଆହୁମ୍ ବିଲ୍ ବୈୟେନାତି କାଲୁ ହା'ଜା ସେହ୍‌ରୁମ୍ ମୁବିନ୍।

وَاِذۡ قَالَ عِیۡسَی ابۡنُ مَرۡیَمَ یٰبَنِیۡۤ اِسۡرَآءِیۡلَ اِنِّیۡ رَسُوۡلُ اللّٰہِ اِلَیۡکُمۡ مُّصَدِّقًا لِّمَا بَیۡنَ یَدَیَّ مِنَ التَّوۡرٰىۃِ وَمُبَشِّرًۢا بِرَسُوۡلٍ یَّاۡتِیۡ مِنۡۢ بَعۡدِی اسۡمُہٗۤ اَحۡمَدُ ؕ فَلَمَّا جَآءَہُمۡ بِالۡبَیِّنٰتِ قَالُوۡا ہٰذَا سِحۡرٌ مُّبِیۡنٌ ﴿۷﴾

୮. ଏବଂ ତାହାଠାରୁ ଅଧିକ ଅତ୍ୟାଚାରୀ କିଏ ହୋଇପାରେ ଯେ ଅଲ୍ଲାଃଙ୍କ ନାମରେ ମିଥ୍ୟା ରଚନା କରେ ଅଥଚ ତାହାଙ୍କୁ ଇସ୍‌ଲାମ ଧର୍ମ ପ୍ରତି ଡକା ଯାଉଛି ? ଏବଂ ଅଲ୍ଲାଃ ଅତ୍ୟାଚାରୀମାନଙ୍କୁ କଦାପି ସତ୍‌ପଥ ପ୍ରଦର୍ଶନ କରାନ୍ତି ନାହିଁ ।

୮. ଓ୍ୱମନ୍ ଅଜ୍‌ଲମୁ ମିମ୍‌ମନିଫ୍ ତରା ଅଲଲ୍ ଲାହିଲ କଜିବା ଓ୍ୱହୁଆ ଇଲଲ୍ ଇସ୍‌ଲାମ; ଓ୍ୱଲ୍ଲାହୁ ଲୟହ୍‌ଦିଲ୍ କୌମଜ୍ ଜା'ଲିମିନ୍।

وَمَنۡ اَظۡلَمُ مِمَّنِ افۡتَرٰی عَلَی اللّٰہِ الۡکَذِبَ وَہُوَ یُدۡعٰۤی اِلَی الۡاِسۡلَامِ ؕ وَاللّٰہُ لَا یَہۡدِی الۡقَوۡمَ الظّٰلِمِیۡنَ ﴿۸﴾

୯. ସେମାନେ ଆପଣା ମୁଖ ଦ୍ୱାରା ଅଲ୍ଲାଃଙ୍କ ଜ୍ୟୋତିକୁ ଲିଭାଇ ଦେବାକୁ ଇଚ୍ଛା କରୁଛନ୍ତି; ଏବଂ ଅବିଶ୍ୱାସକାରୀମାନେ ଯେତେ ଅପସନ୍ଦ କଲେ ମଧ୍ୟ ଅଲ୍ଲାଃ ନିଜ ଜ୍ୟୋତିକୁ ସଂପୂର୍ଣ୍ଣ ରୂପେ ବିସ୍ତାରିତ କରିବେ ।

୯. ୟୋରିଦୁନା ଲିୟୁତ୍‌ଫଉ ନୁରଲ୍ଲାହି ବିଅଫ୍‌ଓ୍ୱାହିହିମ୍ ଓ୍ୱଲ୍ଲାହୁ ମୋତିମ୍ମୁ ନୁରେହୀ ଓ୍ୱଲୌ କରିହଲ୍ କା'ଫିରୁନ୍।

یُرِیۡدُوۡنَ لِیُطۡفِـُٔوۡا نُوۡرَ اللّٰہِ بِاَفۡوَاہِہِمۡ وَاللّٰہُ مُتِمُّ نُوۡرِہٖ وَلَوۡ کَرِہَ الۡکٰفِرُوۡنَ ﴿۹﴾

୧୦. ସେ (ଅଲ୍ଲାଃ) ହିଁ ନିଜ ରସୁଲ୍‌ଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ୱାରା କି ମୁସରିକ୍ (ଅନେକେଶ୍ୱରବାଦୀ) ମାନେ ଯେତେ ଅପସନ୍ଦ କଲେ ମଧ୍ୟ ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ ।

୧୦. ହୁଓ୍ୱଲ୍ ଲଜି ଅରସଲା ରସୁଲହୁ ବିଲ୍‌ହୁଦ ଓ୍ୱଦିନିଲ୍ ହକ୍‌କେ ଲେ ୟୁଜହ୍‌ହିରହୁ ଅଲଦ୍ ଦିନେ କୁଲ୍ଲିହୀ ଓ୍ୱଲୌ କରିହଲ୍ ମୁଶ୍‌ରେକୁନ୍।

ہُوَ الَّذِیۡۤ اَرۡسَلَ رَسُوۡلَہٗ بِالۡہُدٰی وَدِیۡنِ الۡحَقِّ لِیُظۡہِرَہٗ عَلَی الدِّیۡنِ کُلِّہٖ وَلَوۡ کَرِہَ الۡمُشۡرِکُوۡنَ ﴿۱۰﴾ ع

୧୧. ହେ ବିଶ୍ୱାସକାରୀମାନେ ! କଣ ଆମ୍ଭେ ତୁମ୍ଭମାନଙ୍କୁ ଏପରି ଏକ ବ୍ୟବସାୟ ସମ୍ବନ୍ଧରେ ସମାଚାର ଦେବୁ, ଯାହା ତୁମ୍ଭମାନଙ୍କୁ ଯନ୍ତ୍ରଣାଦାୟକ ଶାସ୍ତିରୁ ରକ୍ଷା କରିବ ?

୧୧. ୟା' ଆୟୋହଲ୍ ଲଜିନା ଆ'ମନୁ ହଲ୍ ଅଦୁଲ୍ ଲକୁମ୍ ଅଲା ତିଜାରତିନ୍ ତୁନ୍‌ଜିକୁମ୍ ମିନ୍ ଅଜାବିନ୍ ଅଲିମ୍।

یٰۤاَیُّہَا الَّذِیۡنَ اٰمَنُوۡا ہَلۡ اَدُلُّکُمۡ عَلٰی تِجَارَۃٍ تُنۡجِیۡکُمۡ مِّنۡ عَذَابٍ اَلِیۡمٍ ﴿۱۱﴾

୧୨. (ସେହି ବ୍ୟବସାୟ ଏହି ଯେ) ତୁମେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ ପ୍ରତି ବିଶ୍ୱାସକର, ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଆପଣା ଧନ ସଂପତ୍ତି ଓ ଜୀବନ ଅର୍ପଣ କରି ଜେହାଦ୍‌କର, ଯଦି ତୁମେ ମାନେ ଜାଣିପାର ତେବେ ଏହା ତୁମମାନଙ୍କ ପକ୍ଷରେ ଅତି ଉତ୍ତମ।

**୧୨.** ତୁମିନୁନା ବିଲ୍‌ଲାହି ୱ ରସୁଲିହି ୱ ତୁଜାହିଦୁନା ଫି ସବିଲଲ୍ଲାହି ବି ଅମ୍‌ୱାଲିକୁମ୍ ୱଅନ୍‌ଫୁସିକୁମ୍; ଜା ଲିକୁମ୍ ଖୈରୁଲ୍ ଲକୁମ୍ ଇନ୍‌କୁନ୍‌ତୁମ୍ ତା'ଲମୁନ୍।

تُؤْمِنُوْنَ بِاللّٰهِ وَ رَسُوْلِهٖ وَ تُجَاهِدُوْنَ فِيْ سَبِيْلِ اللّٰهِ بِاَمْوَالِكُمْ وَاَنْفُسِكُمْ ؕ ذٰلِكُمْ خَيْرٌ لَّكُمْ اِنْ كُنْتُمْ تَعْلَمُوْنَ ۙ﴿۱۲﴾

୧୩. ତୁମ୍ଭେମାନେ ଏପରି କଲେ ସେ ତୁମମାନଙ୍କ ପାପକୁ କ୍ଷମା କରିବେ ଏବଂ ତୁମମାନଙ୍କୁ ଏପରି ବୈକୁଣ୍ଠରେ ପ୍ରବେଶ କରାଇବେ ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ, ଏବଂ ଚିରସ୍ଥାୟୀ ବୈକୁଣ୍ଠର ପବିତ୍ର ଗୃହମାନଙ୍କରେ ତୁମମାନଙ୍କୁ ରଖିବେ; ଏହା ଏକ ମହାନ୍ ସଫଳତା।

**୧୩.** ୟଗ୍‌ଫିର୍‌ଲକୁମ୍ ଜୁନୁବକୁମ୍ ୱ ୟଦ୍‌ଖିଲକୁମ୍ ଜନ୍‌ନାତିନ୍ ତଜ୍‌ରି ମିନ୍ ତହ୍‌ତହଲ୍ ଅନହାରୁ ୱ ମସାକିନା ତୈୟେବତନ୍ ଫି ଜନ୍‌ନାତି ଅଦନ୍; ଜା ଲିକଲ୍ ଫଉଜୁଲ୍ ଅଜିମ୍।

يَغْفِرْ لَكُمْ ذُنُوْبَكُمْ وَيُدْخِلْكُمْ جَنّٰتٍ تَجْرِيْ مِنْ تَحْتِهَا الْاَنْهٰرُ وَمَسٰكِنَ طَيِّبَةً فِيْ جَنّٰتِ عَدْنٍ ؕ ذٰلِكَ الْفَوْزُ الْعَظِيْمُ ۙ﴿۱۳﴾

୧୪. ଏତଦ୍ ବ୍ୟତୀତ, ଅନ୍ୟ ଏକ ବିଷୟ ମଧ୍ୟ ଅଛି ଯାହା ତୁମେମାନେ ବହୁତ ଚାହୁଁଅଛ । ତାହା ହେଉଛି ଅଲ୍ଲାଃଙ୍କ ସମର୍ଥନ ଓ ଆସନ୍ନ ବିଜୟ; ଏବଂ ବିଶ୍ୱାସକାରୀମାନଙ୍କୁ ସୁସମାଚାର ପ୍ରଦାନ କର (ଯେ ସେମାନଙ୍କୁ ଅନ୍ୟ ଏକ ଆସନ୍ନ ବିଜୟ ପ୍ରାପ୍ତ ହେବ)।

**୧୪.** ୱଉଖ୍‌ରୋ ତୁହିବ୍‌ବୁ ନହା; ନସ୍‌ରୁମ୍ ମିନଲ୍‌ଲାହୀ ୱ ଫତ୍‌ହୁନ୍ କରିବ୍; ୱବଶ୍‌ଶେରିଲ୍ ମୁମିନିନ୍।

وَ اُخْرٰى تُحِبُّوْنَهَا ؕ نَصْرٌ مِّنَ اللّٰهِ وَفَتْحٌ قَرِيْبٌ ؕ وَبَشِّرِ الْمُؤْمِنِيْنَ ﴿۱۴﴾

୧୫. ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃଙ୍କ ଧର୍ମର ସାହାଯ୍ୟକାରୀ ହୋଇଯାଅ, ଯେପରି ମରିୟମ୍-ନନ୍ଦନ ଇସା, ଯେତେବେଳେ ନିଜ ଶିଷ୍ୟମାନଙ୍କୁ କହିଥିଲେ, "ଅଲ୍ଲାଃଙ୍କ ସାମିପ୍ୟ ଲାଭ କରିବା କାର୍ଯ୍ୟଗୁଡ଼ିକରେ କିଏ ଆମ୍ଭର ସାହାଯ୍ୟକାରୀ ହେବ ?" ସେତେବେଳେ ସେମାନେ କହିଥିଲେ, "ଆମ୍ଭେମାନେ ଅଲ୍ଲାଃଙ୍କ ଧର୍ମର ସାହାଯ୍ୟକାରୀ ଅଟୁ;" ତାପରେ ଇସ୍ରାଇଲୀୟ ସନ୍ତାନମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ବିଶ୍ୱାସକରିଥିଲା ଓ ଅନ୍ୟ ଗୋଟିଏ ଗୋଷ୍ଠୀ ଅବଜ୍ଞା କରିଥିଲା; ତେଣୁ ଆମ୍ଭେ ବିଶ୍ୱାସକାରୀମାନଙ୍କୁ ସେମାନଙ୍କ ଶତ୍ରୁ ବିରୁଦ୍ଧରେ ସାହାଯ୍ୟ କରିଥିଲୁ ଏବଂ ସେ ବିଶ୍ୱାସରକାରୀମାନେ ବିଜୟୀ ହୋଇଥିଲେ। **(ରୁକୁ-୨)**

**୧୫.** ୟା ଆୟୋହଲ୍ ଲଜିନା ଆ'ମନୁ କୁନୁ ଅନ୍‌ସାରଲ୍‌ଲାହୀ, କା'ଲା ଇସବ୍‌ନୁ ମରୟମା ଲିଲ୍ ହୱାରିୟିନା ମନ୍ ଅନ୍‌ସାରୁଲ୍‌ଲାହି ଫଆମନତ୍ ତାଇଫତୁମ୍ ମିମ୍ ବନିଇସ୍ରାଇଲା ୱକଫରତ୍ ତାଇଫତ୍; ଫଐୟଦନଲ୍ ଲଜିନା ଆ'ମନୁ ଆଲା ଅଦୁୱେହିମ୍ ଫାସ୍‌ବହୁ ଜାହିରିନ୍।

يٰۤاَيُّهَا الَّذِيْنَ اٰمَنُوْا كُوْنُوْۤا اَنْصَارَ اللّٰهِ كَمَا قَالَ عِيْسَى ابْنُ مَرْيَمَ لِلْحَوَارِيّٖنَ مَنْ اَنْصَارِيْۤ اِلَى اللّٰهِ ؕ قَالَ الْحَوَارِيُّوْنَ نَحْنُ اَنْصَارُ اللّٰهِ فَاٰمَنَتْ طَّآئِفَةٌ مِّنْ بَنِيْۤ اِسْرَآءِيْلَ وَ كَفَرَتْ طَّآئِفَةٌ ۚ فَاَيَّدْنَا الَّذِيْنَ اٰمَنُوْا عَلٰى عَدُوِّهِمْ فَاَصْبَحُوْا ظٰهِرِيْنَ ﴿۱۵﴾ ع

## ପାରା ୨୮ ଅଲ୍ ଜୁମା ସୁରଃ ୬୨

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଆଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ① |
| ୨. ଆକାଶ ଓ ପୃଥିବୀରେ ଯାହା ଅଛି, ସେ ସବୁ ଆଲ୍ଲାଃଙ୍କର ଗୁଣଗାନ କରୁଛନ୍ତି, ତାହାଙ୍କର ଯେକି ସମ୍ରାଟ ଏବଂ ପବିତ୍ର, ପରାକ୍ରମୀ ଓ ତତ୍ତ୍ୱଜ୍ଞ । | ୨. ୟୋସବ୍‌ବିହୁ ଲିଲ୍‌ଲାହି ମାଫିସ୍ ସମାୱାତି ୱମାଫିଲ୍ ଅର୍‌ଜିଲ୍ ମଲିକିଲ୍ କୁଦ୍‌ଦୁସିଲ୍ ଅଜିଜିଲ୍ ହକିମ୍ । | یُسَبِّحُ لِلّٰہِ مَا فِی السَّمٰوٰتِ وَ مَا فِی الۡاَرۡضِ الۡمَلِکِ الۡقُدُّوۡسِ الۡعَزِیۡزِ الۡحَکِیۡمِ ② |
| ୩. ସେ ହିଁ ଏକ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିକୁ ପ୍ରେରଣ କରିଛନ୍ତି; ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠକରି ଶୁଣାଉଛନ୍ତି ଓ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମଗ୍ରନ୍ଥ ଏବଂ ତତ୍ତ୍ୱଶିକ୍ଷା ଦେଉଛନ୍ତି, ଅଥଚ ସେମାନେ ଏଥି ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ । | ୩. ହୁଅଲ୍ଲଜି ବାଆସା ଫିଲଉମ୍ମିୟିନା ରସୁଲମ୍ ମିନହୁମ୍ ୟତଲୁ ଆଲୈହିମ୍ ଆୟାତିହି ୱୟୋଜକ୍‌କିହିମ୍ ୱୟୁଅଲ୍ଲିମୁହୁମୁଲ୍ କିତାବା ୱଲ୍ ହିକ୍‌ମା ୱଇନ୍‌କାନୁ ମିନ୍‌କବ୍‌ଲୁ ଲଫିଜଲାଲିମ୍ ମୁବିନ୍ । | هُوَ الَّذِیۡ بَعَثَ فِی الۡاُمِّیّٖنَ رَسُوۡلًا مِّنۡهُمۡ یَتۡلُوۡا عَلَیۡهِمۡ اٰیٰتِهٖ وَ یُزَکِّیۡهِمۡ وَ یُعَلِّمُهُمُ الۡکِتٰبَ وَ الۡحِکۡمَةَ ٭ وَ اِنۡ کَانُوۡا مِنۡ قَبۡلُ لَفِیۡ ضَلٰلٍ مُّبِیۡنٍ ③ |
| ୪. ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାକୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି; ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । | ୪. ୱଆଖିରିନା ମିନ୍‌ହୁମ୍ ଲମ୍‌ମା ୟଲ୍‌ହକୁ ବିହିମ୍; ୱହୁୱଲ୍ ଅଜିଜୁଲ୍ ହକିମ୍ । | وَّ اٰخَرِیۡنَ مِنۡهُمۡ لَمَّا یَلۡحَقُوۡا بِهِمۡ ؕ وَ هُوَ الۡعَزِیۡزُ الۡحَکِیۡمُ ④ |
| ୫. ଏହା ହିଁ ଅଲ୍ଲାଃଙ୍କର କୃପା, ସେ ଯାହାକୁ ଇଚ୍ଛା କରନ୍ତି ତାହାକୁ ଦେଇ ଥାଆନ୍ତି, ଅଲ୍ଲାଃ ହିଁ ଆତ୍ୟନ୍ତ କୃପାଶୀଳ । | ୫. ଜାଲିକା ଫଜ୍‌ଲୁଲ୍‌ଲାହି ୟୁତିହେ ମେଁ ୟଶାଓ; ୱଲ୍‌ଲାହୁ ଜୁଲ୍‌ଫଜ୍‌ଲିଲ୍ ଅଜିମ୍ । | ذٰلِکَ فَضۡلُ اللّٰہِ یُؤۡتِیۡهِ مَنۡ یَّشَآءُ ؕ وَ اللّٰہُ ذُو الۡفَضۡلِ الۡعَظِیۡمِ ⑤ |

## ପାରା ୩୦ ଅଲ୍ ଆ'ଲା ସୁରଃ ୮୭

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ① |
| ୨. ହେ ରସୁଲ୍ ! ତୁମ୍ଭେ ନିଜର ସର୍ବୋଚ୍ଚ ଓ ଗୌରବମୟ ପାଳନକର୍ତ୍ତାଙ୍କ ନାମ ନିଖୁଣ ହୋଇଥିବାର ବର୍ଣ୍ଣନା କର । | ୨. ସବ୍‌ବିହିସ୍ ମା ରବ୍‌ବିକଲ୍ ଆଲା । | سَبِّحِ اسۡمَ رَبِّکَ الۡاَعۡلَی ۙ② |
| ୩. ସେ ହିଁ ମନୁଷ୍ୟକୁ ସୃଷ୍ଟି କରିଛନ୍ତି ଓ ତାହାକୁ ନିଖୁଣ କରିଛନ୍ତି । | ୩. ଅଲ୍‌ଲଜି ଖଲକା ଫସୱା । | الَّذِیۡ خَلَقَ فَسَوّٰی ۪ۙ④ |
| ୪. ଏବଂ ସେ ତାହାର ଶକ୍ତିର କଳନା କରିଛନ୍ତି ଓ ତଦନୁସାରେ ତାହାକୁ ସତ୍‌ପଥ ପ୍ରଦର୍ଶନ କରିଛନ୍ତି । | ୪. ୱଲ୍ ଲଜି କଦ୍‌ଦରା ଫହଦା । | وَ الَّذِیۡ قَدَّرَ فَهَدٰی ۪ۙ④ |

| | | |
|---|---|---|
| ୫. ଏବଂ ଯେ ଭୂମିରୁ ଉଦ୍ଭିଦ ଉପୁଜାଇଛନ୍ତି, | ୫. ୱଲ୍ଲଜି ଅଖ୍ରଜଲ୍ ମର୍ଆ। | وَالَّذِىۡۤ اَخۡرَجَ الۡمَرۡعٰى ۙ ٥ |
| ୬. ତତ୍ପରେ ତାହାକୁ କଳା ଅବର୍ଜନାରେ ପରିଣତ କରିଛନ୍ତି, | ୬. ଫଜାଆଲହୁ ଗୁସାଅନ୍ ଅହ୍ୱା। | فَجَعَلَهٗ غُثَآءً اَحۡوٰى ؕ ٦ |
| ୭. ହେ ମୁସଲମାନ! ଆମ୍ଭେ ତୁମକୁ ଏପରିଭାବରେ ଶିକ୍ଷାଦାନ କରିବୁ ଯାହା ଫଳରେ ତୁମ୍ଭେ ଭୁଲିଯିବ ନାହିଁ। | ୭. ସନୁକ୍ ରିଉକା ଫଲା ତନ୍ସା। | سَنُقۡرِئُكَ فَلَا تَنۡسٰٓى ۙ ٧ |
| ୮. ଅବଶ୍ୟ ଯାହା ଅଲ୍ଲାଃ ଭୁଲାଇ ଦେବାକୁ ଇଚ୍ଛା କରିବେ ତାହା ବ୍ୟତୀତ; ବାସ୍ତବରେ ସେ ପ୍ରକାଶ୍ୟ ଓ ଗୁପ୍ତ ଉଭୟକୁ ଜାଣନ୍ତି। | ୮. ଇଲ୍ଲା ମାଶା'ଅଲ୍ଲାହୁ, ଇନ୍ନହୁ ଯାଲମୁଲ୍ ଜହ୍‌ରା ୱମା ୟକ୍ଫା। | اِلَّا مَا شَآءَ اللّٰهُ ؕ اِنَّهٗ يَعۡلَمُ الۡجَهۡرَ وَمَا يَخۡفٰى ؕ ٨ |
| ୯. ଏବଂ ହେ ମୁସଲମାନ! ଆମ୍ଭେ ତୁମ ସକାଶେ ସଫଳତା ଓ ସହଜତାର ପ୍ରାପ୍ତିକୁ ସହଜ କରିଦେବୁ। | ୯. ୱନୁୟସ୍‌ସିରୁକା ଲିଲ୍ ୟୁସ୍‌ରା। | وَنُيَسِّرُكَ لِلۡيُسۡرٰى ۖ ٩ |
| ୧୦. ସୁତରାଂ ତୁମ୍ଭେ ମଧ୍ୟ ଉପଦେଶ ପ୍ରଦାନ କରୁଥାଅ; ଉପଦେଶ ପ୍ରଦାନ କରିବା ସର୍ବଦା ଲାଭଦାୟକ ହୋଇଥାଏ। | ୧୦. ଫଜକ୍‌କିର୍ ଇନ୍‌ନା ଫାଆଦିଜ୍ ଜିକ୍‌ରା। | فَذَكِّرۡ اِنۡ نَّفَعَتِ الذِّكۡرٰى ؕ ١٠ |
| ୧୧. ଯେ ଆଲ୍ଲାଃଙ୍କୁ ଭୟ କରେ, ସେ ନିଶ୍ଚୟ ଉପଦେଶ ଲାଭ କରିବ। | ୧୧. ସୟଜ୍‌ଜକ୍‌କରୁ ମେଁ ୟଖ୍‌ଶା। | سَيَذَّكَّرُ مَنۡ يَّخۡشٰى ۙ ١١ |
| ୧୨. ଏବଂ ପକ୍ଷାନ୍ତରେ ଯେ ଅତ୍ୟନ୍ତ ହତଭାଗ୍ୟ ହେବ, ସେ ହିଁ ତହିଁରୁ ବିମୁଖ ହେବ। | ୧୨.ୱୟତଜନ୍ ନବୁହଲ୍ ଅଶ୍‌କା। | وَيَتَجَنَّبُهَا الۡاَشۡقَى ۙ ١٢ |
| ୧୩. ସେ ହିଁ ଭୟାନକ ଅଗ୍ନିରେ ପ୍ରବେଶ କରିବ। | ୧୩. ଅଲ୍‌ଲଜି ୟସ୍‌ଲନ୍ ନାରଲ୍ କୁବ୍‌ରା। | الَّذِىۡ يَصۡلَى النَّارَ الۡكُبۡرٰى ۚ ١٣ |
| ୧୪. ଏଥିରେ ପ୍ରବେଶ କରିବା ପରେ ସେ ସେଠାରେ ମରିବ ନାହିଁ କି ଜୀବିତ ରହିବ ନାହିଁ। | ୧୪. ସୁମ୍ମା ଲା ୟମୁତୁ ଫିହା ୱଲା ୟହ୍‌ୟା। | ثُمَّ لَا يَمُوۡتُ فِيۡهَا وَلَا يَحۡيٰى ؕ ١٤ |
| ୧୫. ଯେ ନିଜକୁ ପବିତ୍ର କରିବ ସେ ନିଶ୍ଚୟ କୃତକାର୍ଯ୍ୟ ହେବ। | ୧୫. କଦ୍ ଅଫ୍ ଲାହା ମନ୍ ତଜକ୍‌କା | قَدۡ اَفۡلَحَ مَنۡ تَزَكّٰى ۙ ١٥ |
| ୧୬. ସର୍ତ୍ତ ହେଉଛି କି ପବିତ୍ର ରହିବା ସହିତ ସେ ନିଜ ପାଳନକର୍ତ୍ତାଙ୍କ ନାମ ସ୍ମରଣ କରୁଥିବା ଓ ନମାଜ ପାଠ କରୁଥିବ। | ୧୬. ୱଜକରସ୍ ମା ରବ୍‌ବିହି ଫସଲ୍ଲା। | وَذَكَرَ اسۡمَ رَبِّهٖ فَصَلّٰى ؕ ١٦ |
| ୧୭. କିନ୍ତୁ ହେ ବିରୋଧୀମାନେ! ତୁମେମାନେ ତ ସାଂସାରିକ ଜୀବନକୁ ପରକାଳ ଉପରେ ପ୍ରାଧାନ୍ୟ ଦେଉଅଛ, | ୧୭. ବଲ୍ ତୁ ସିରୁନଲ୍ ହୟାତଦ୍ ଦୁନ୍‌ୟା। | بَلۡ تُؤۡثِرُوۡنَ الۡحَيٰوةَ الدُّنۡيَا ۖ ١٧ |
| ୧୮. ଅଥଚ ପରକାଳ ଅତ୍ୟନ୍ତ ଉତ୍କୃଷ୍ଟତର ଓ ବହୁକାଳ ସ୍ଥାୟୀ। | ୧୮. ୱଲ୍ ଆଖିରତୋ ଖୈରୁଁ ୱ ଅବ୍‌କା। | وَالۡاٰخِرَةُ خَيۡرٌ وَّاَبۡقٰى ؕ ١٨ |

| | | |
|---|---|---|
| ୧୯. ବାସ୍ତବରେ ଏହି ବିଷୟ ପୂର୍ବବର୍ତ୍ତୀ ପୋଥିଗୁଡ଼ିକରେ ମଧ୍ୟ ଲିପିବଦ୍ଧ ରହିଛି । | **୧୯. ଇନ୍‌ନା ହାଜା ଲଫିସ୍ ସୋହୋଫିଲ୍ ଉ'ଲା ।** | إِنَّ هَٰذَا لَفِي الصُّحُفِ الْأُولَىٰ ١٩ |
| ୨୦. ଅର୍ଥାତ୍ ଇବ୍ରାହିମ୍ ଓ ମୁସାଙ୍କ ପୋଥିଗୁଡ଼ିକରେ । | **୨୦. ସୋହୋଫେ ଇବ୍ରାହିମା ଓ୍ୱ ମୁସା ।** ع | صُحُفِ إِبْرَاهِيمَ وَمُوسَىٰ ٢٠ |

## ପାରା ୩୦ ଅଲ ଗାଶିୟା ସୁରଃ ୮୮

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | **୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ ।** | بِسْمِ اللَّهِ الرَّحْمَٰنِ الرَّحِيمِ ١ |
| ୨. କଣ ତୁମ୍ଭ ନିକଟରେ ପୃଥିବୀକୁ ଆଚ୍ଛନ୍ନକାରୀ ବିପତ୍ତିର ସମାଚାର ପହଞ୍ଚିଛି । | **୨. ହଲ୍ ଅତାକା ହଦିସୁଲ୍ ଗାଶିୟାଃ ।** | هَلْ أَتَاكَ حَدِيثُ الْغَاشِيَةِ ٢ |
| ୩. ସେଦିନ ଯେତେବେଳେ ସେହି ବିପଦ ଆଚ୍ଛନ୍ନ କରିବ, ସେତେବେଳେ କେତେକ ମୁଖମଣ୍ଡଳ ମଳିନ ପଡି ଯାଇଥିବ; | **୩. ଓ୍ୱଜୁହୁଇଁ ୟଓ ମୈଜିନ୍ ଖାଶିୟତୁନ୍,** | وُجُوهٌ يَوْمَئِذٍ خَاشِعَةٌ ٣ |
| ୪. ସେମାନେ ପରିଶ୍ରମ କରି ଅତ୍ୟନ୍ତ କ୍ଳାନ୍ତ ହୋଇ ପଡିଥିବେ । | **୪. ଆମିଲତୁନ୍ ନାସିବତୁନ୍,** | عَامِلَةٌ نَاصِبَةٌ ٤ |
| ୫. ଏବଂ ଅବଶେଷରେ ସେହି ସଂପ୍ରଦାୟର ଏକ ଜ୍ୱଳନ୍ତ ଅଗ୍ନିରେ ପ୍ରବେଶ କରିବେ; | **୫. ତସ୍‌ଲା ନାରନ୍ ହାମିୟାଃ,** | تَصْلَىٰ نَارًا حَامِيَةً ٥ |
| ୬. ଏବଂ ସେହି ସଂପ୍ରଦାୟର ସମସ୍ତଙ୍କୁ ଫୁଟୁଥିବା ଝରଣାରୁ ଜଳପାନ କରିବାକୁ ଦିଆଯିବ; | **୬. ତୁସ୍‌କାମିନ୍ ଅଏନିନ୍ ଆନିୟାଃ** | تُسْقَىٰ مِنْ عَيْنٍ آنِيَةٍ ٦ |
| ୭. ତାହାକୁ କେବଳ ଶୁଖିଲା ଶିବ୍ରିକ ଘାସ ଛଡା ଅନ୍ୟ କିଛି ଖାଇବାକୁ ମିଳିବ ନାହିଁ; | **୭. ଲୈସଲହୁମ୍ ତାଆମୁନ୍ ଇଲ୍‌ଲାମିନ୍ ଜରିୟିଲ୍,** | لَيْسَ لَهُمْ طَعَامٌ إِلَّا مِنْ ضَرِيعٍ ٧ |
| ୮. ତାହା ସେମାନଙ୍କୁ ପରିପୁଷ୍ଟ କରିବ ନାହିଁ କି କ୍ଷୁଧା କଷ୍ଟ ଦୂର କରିବ ନାହିଁ । | **୮. ଲାୟୁସ୍‌ମିନୁ ଓ୍ୱଲା ୟୁଗ୍‌ନି ମିନ୍‌ଜୁ ।** | لَا يُسْمِنُ وَلَا يُغْنِي مِنْ جُوعٍ ٨ |
| ୯. ସେଦିନ ଅନ୍ୟ କେତେକଙ୍କ ମୁଖମଣ୍ଡଳ ହର୍ଷୋଲ୍ଲସିତ ଥିବ । | **୯. ଓ୍ୱଜୁ ହୁଇଁ ୟମୈଜିନ୍ ନାଇମତୁଲ୍,** | وُجُوهٌ يَوْمَئِذٍ نَاعِمَةٌ ٩ |
| ୧୦. ସେମାନେ ନିଜର ବିଗତ ପ୍ରଚେଷ୍ଟା ଯୋଗୁଁ ସନ୍ତୁଷ୍ଟ ହେବେ; | **୧୦. ଲିସାୟେହା ରାଜିୟତୁନ୍,** | لِسَعْيِهَا رَاضِيَةٌ ١٠ |
| ୧୧. ବହୁ ଉଚ୍ଚ ବୈକୁଣ୍ଠରେ ସେମାନେ ରହୁଥିବେ, | **୧୧. ଫି ଜନ୍‌ନତିନ୍ ଆଲିୟତିଲ୍** | فِي جَنَّةٍ عَالِيَةٍ ١١ |
| ୧୨. ସେମାନେ ସେଠାରେ କୌଣସି ଅଯଥା କଥା ଶୁଣିବେ ନାହିଁ । | **୧୨. ଲା ତସ୍‌ମଉ ଫିହା ଲାଗିୟାଃ ।** | لَا تَسْمَعُ فِيهَا لَاغِيَةً ١٢ |
| ୧୩. ତହିଁରେ ଏକ ପ୍ରବହମାନ ଝରଣା ଥିବ, | **୧୩. ଫିହା ଐନୁନ୍ ଜାରିୟାଃ;** | فِيهَا عَيْنٌ جَارِيَةٌ ١٣ |

| | | |
|---|---|---|
| ୧୪. ଏବଂ ସେଠାରେ ଉଚ୍ଚ ଆସନ ଥିବ, | **୧୪. ଫିହା ସୁରୁରୁମ୍ ମରଫୁଅତୁଁ,** | فِيهَا سُرُرٌ مَّرْفُوعَةٌ ﴿١٤﴾ |
| ୧୫. ଏବଂ ପାନ ପାତ୍ରମାନ ରଖା ହୋଇଥିବ, | **୧୫. ଓ୍ୱଅକଓ୍ୱାବୁମ୍ ମଉଜୁଅତୁଁ,** | وَّأَكْوَابٌ مَّوْضُوعَةٌ ﴿١٥﴾ |
| ୧୬. ଏବଂ ଆଉଜି ବସିବା ପାଇଁ ଛୋଟ ଛୋଟ ତକିଆମାନ ଧାଡି ଧାଡି ହୋଇ ରଖା ହୋଇଥିବ, | **୧୬. ଓ୍ୱମାରିକୋ ମସ୍‌ଫୁଫତୁଁ,** | وَّنَمَارِقُ مَصْفُوفَةٌ ﴿١٦﴾ |
| ୧୭. ଏବଂ ଗଲିଚାମାନ ବିଛା ହୋଇଥିବ। | **୧୭. ଓ୍ୱଜରାବିୟୁ ମବ୍‌ସୁସାଃ।** | وَّزَرَابِيُّ مَبْثُوثَةٌ ﴿١٧﴾ |
| ୧୮. କଣ ସେମାନେ ମେଘମାଳାକୁ ଲକ୍ଷ୍ୟ କରୁନାହାନ୍ତି ଯେ ସେଗୁଡ଼ିକୁ କିପରି ଭାବରେ ସୃଷ୍ଟି କରାଯାଇଛି ? | **୧୮. ଅଫଲା ୟନ୍‌ଜୁରୁନା ଇଲଲ୍ ଇବିଲେ କୈଫା ଖୁଲିକତ୍** | أَفَلَا يَنظُرُونَ إِلَى الْإِبِلِ كَيْفَ خُلِقَتْ ﴿١٨﴾ |
| ୧୯. ଏବଂ ଆକାଶକୁ କିପରି ଭାବରେ ଉଚ୍ଚ କରାଯାଇଛି ? | **୧୯. ଓ୍ୱଇଲସ୍ ସମା'ଇ କୈଫା ରୁଫିଅତ୍।** | وَإِلَى السَّمَاءِ كَيْفَ رُفِعَتْ ﴿١٩﴾ |
| ୨୦. ଏବଂ ପର୍ବତମାନଙ୍କୁ କିପରି ଭାବରେ ପୋତା ଯାଇଛି ? | **୨୦. ଓ୍ୱଇଲଲ୍ ଯିବାଲେ କୈଫା ନୁସେବତ୍।** | وَإِلَى الْجِبَالِ كَيْفَ نُصِبَتْ ﴿٢٠﴾ |
| ୨୧. ଏବଂ ଭୂପୃଷ୍ଠକୁ କିପରି ଭାବରେ ସମତଳ କରାଯାଇଛି ? | **୨୧. ଓ୍ୱଇଲଲ୍ ଅରଜେ କୈଫା ସୁତେହତ୍।** | وَإِلَى الْأَرْضِ كَيْفَ سُطِحَتْ ﴿٢١﴾ |
| ୨୨. ସୁତରାଂ (ତୁମ୍ଭେ) ଉପଦେଶ ଦିଅ, କାରଣ ତୁମ୍ଭେ କେବଳ ଜଣେ ଉପଦେଶଦାତା; | **୨୨. ଫଜକ୍‌କିର୍; ଇନ୍‌ନମା ଅନ୍‌ତା ମୁଜକ୍‌କିର୍।** | فَذَكِّرْ إِنَّمَا أَنتَ مُذَكِّرٌ ﴿٢٢﴾ |
| ୨୩. ତୁମ୍ଭେ ସେମାନଙ୍କ ଉପରେ ସଂରକ୍ଷକ ଭାବରେ ନିଯୁକ୍ତ ହୋଇନାହଁ; | **୨୩. ଲସ୍‌ତା ଆଲୈହିମ୍ ବି ମୁସୈତିରିନ୍,** | لَّسْتَ عَلَيْهِم بِمُصَيْطِرٍ ﴿٢٣﴾ |
| ୨୪. କିନ୍ତୁ ଯେ ପୃଷ୍ଠ ଭଙ୍ଗ କରି ଚାଲିଯାଏ ଓ ଅବିଶ୍ୱାସ ମଧ୍ୟ କରେ, | **୨୪. ଇଲ୍‌ଲା ମନ୍ ତଓ୍ୱଲ୍‌ଲା ଓ୍ୱକଫର;** | إِلَّا مَن تَوَلَّىٰ وَكَفَرَ ﴿٢٤﴾ |
| ୨୫. ଏହା ଫଳରେ ଅଲ୍ଲାଃ ତାହାଙ୍କୁ ଅତି କଠିନ ଶାସ୍ତି ପ୍ରଦାନ କରିବେ। | **୨୫. ଫୟୋଅଜ୍ ଜିବୋହୁଲ୍ ଲାହୁଲ୍ ଅଜାବଲ୍ ଅକ୍‌ବର୍।** | فَيُعَذِّبُهُ اللَّهُ الْعَذَابَ الْأَكْبَرَ ﴿٢٥﴾ |
| ୨୬. ବାସ୍ତବରେ ସେମାନଙ୍କୁ ଆମ୍ଭ ନିକଟକୁ ହିଁ ଫେରିବାକୁ ହେବ, | **୨୬. ଇନ୍‌ନା ଇଲୈନା ଇୟାବୋହୁମ୍,** | إِنَّ إِلَيْنَا إِيَابَهُمْ ﴿٢٦﴾ |
| ୨୭. ତାହାପରେ ସେମାନଙ୍କ ଠାରୁ ହିସାବ ନେବା ମଧ୍ୟ ଆମର କାର୍ଯ୍ୟ॥ | **୨୭. ସୁମ୍‌ମା ଇନ୍‌ନା ଆଲୈନା ହେସୋବହୁମ୍॥** | ثُمَّ إِنَّ عَلَيْنَا حِسَابَهُم ﴿٢٧﴾ |

## ପାର ୩୦ ଅଲ୍ ଜୁହା ସୁରଃ ୯୩

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି। | **୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍।** | بِسْمِ اللَّهِ الرَّحْمَٰنِ الرَّحِيمِ ﴿١﴾ |

| | | |
|---|---|---|
| ୨. ଆମ୍ଭେ ଦିବସକୁ ପ୍ରମାଣ ସ୍ୱରୂପ ଉପସ୍ଥାପିତ କରୁଅଛୁ, ଯେତେବେଳେ ତାହା ଆଲୋକମୟ ହୋଇଯାଏ । | ୨. ୱଜ୍‌ଜୁହା | وَالضُّحٰى ۝٢ |
| ୩. ଏବଂ ରାତ୍ରିକୁ (ପ୍ରମାଣ ସ୍ୱରୂପ ଉପସ୍ଥାପିତ କରୁଅଛୁ) ଯେତେବେଳେ ତାହାର ଅନ୍ଧକାର ଚତୁର୍ଦ୍ଦିଗକୁ ସଂପ୍ରସାରିତ ହୋଇଯାଏ, | ୩. ୱଲ୍‌ଲୈଲେ ଇଜା ସଜା | وَالَّيْلِ اِذَا سَجٰى ۝٣ |
| ୪. ତୁମ୍ଭ ପାଳନକର୍ତ୍ତା ତୁମ୍ଭଙ୍କୁ ପରିତ୍ୟାଗ କରି ନାହାନ୍ତି କି ତୁମ୍ଭ ଉପରେ ଅସନ୍ତୁଷ୍ଟ ହୋଇ ନାହାନ୍ତି । | ୪. ମା ୱଦ୍‌ଦାଆକା ରବ୍‌ବୁକା ୱମା କଲା | مَا وَدَّعَكَ رَبُّكَ وَمَا قَلٰى ۝٤ |
| ୫. ଏବଂ ଲକ୍ଷ୍ୟକର ଯେ ତୁମ୍ଭର ପ୍ରତ୍ୟେକ ପରିବର୍ତ୍ତୀ ସମୟ ପୂର୍ବବର୍ତ୍ତୀ ସମୟ ଅପେକ୍ଷା ଉତ୍କୃଷ୍ଟ ହେବ । | ୫. ୱଲଲ୍ ଆଖିରତୁ ଖୈରୁଲ୍‌ଲକା ମିନଲ୍ ଉଲା । | وَلَلْاٰخِرَةُ خَيْرٌ لَّكَ مِنَ الْاُوْلٰى ۝٥ |
| ୬. ଏବଂ ତୁମ୍ଭ ପାଳନ କର୍ତ୍ତା ନିଶ୍ଚୟ ତୁମ୍ଭଙ୍କୁ ଏତେ ମାତ୍ରାରେ ଦେବେ, ଯଦ୍ୱାରା ତୁମ୍ଭେ ଆନନ୍ଦିତ ହୋଇଯିବ । | ୬. ୱଲ ସଉଫା ୟୋତିକା ରବାବୁକା ଫତର୍‌ଜା । | وَلَسَوْفَ يُعْطِيْكَ رَبُّكَ فَتَرْضٰى ۝٦ |
| ୭. କଅଣ ସେ ତୁମ୍ଭଙ୍କୁ ଅନାଥ ପାଇ ନିଜ ବାହୁଛାୟା ତଳେ ଆଶ୍ରୟ ଦେଇ ନାହାନ୍ତି ? | ୭. ଅଲମ୍ ୟଜିଦ୍‌କା ୟତିମନ୍ ଫାୱା, | اَلَمْ يَجِدْكَ يَتِيْمًا فَاٰوٰى ۝٧ |
| ୮. ଏବଂ ସେ ତୁମ୍ଭଙ୍କୁ ନିଜ ଜାତି ପ୍ରେମରେ ନିମଜ୍ଜିତ ଥିବାର ଦେଖିଲେ ସେତେବେଳେ ସେମାନଙ୍କ ସଂସ୍କାର ନିମନ୍ତେ ତୁମକୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କଲେ । | ୮. ୱୱଜଦକା ଜାଅଲ୍ଲନ ଫହଦା | وَوَجَدَكَ ضَآلًّا فَهَدٰى ۝٨ |
| ୯. ଏବଂ ଯେତେବେଳେ ସେ ତୁମକୁ ବହୁକଟୁମ୍ବୀ (ଦେଖିବାକୁ) ପାଇଲେ, ସେତେବେଳେ ସେ ନିଜ କୃପା ବଳରେ ତୁମକୁ ଧନବାନ୍ କରିଦେଲେ । | ୯. ୱୱଜଦକା ଆଇଲନ୍ ଫାଅଗ୍‌ନା । | وَوَجَدَكَ عَآئِلًا فَاَغْنٰى ۝٩ |
| ୧୦. ସୁତରାଂ (ସେହି ଅନୁଗ୍ରହ ହେତୁ) ତୁମ୍ଭେ ମଧ୍ୟ ଅନାଥମାନଙ୍କ ଉନ୍ନତିରେ ନିଜକୁ ନିୟୋଜିତ କରୁଥାଅ, | ୧୦. ଫାଅମ୍‌ମଲ୍ ୟତିମା ଫଲାତକ୍‌ହର୍ । | فَاَمَّا الْيَتِيْمَ فَلَا تَقْهَرْ ۝١٠ |
| ୧୧. ଏବଂ ଭିକ୍ଷୁକକୁ ତୁମ୍ଭେ ଭର୍ତ୍ସନା କରନାହିଁ । | ୧୧. ୱଅମ୍‌ମସ୍ ସାଇଲା ଫଲା ତନ୍‌ହର୍ । | وَاَمَّا السَّآئِلَ فَلَا تَنْهَرْ ۝١١ |
| ୧୨. ଏବଂ ତୁମ୍ଭେ ନିଜ ପାଳନକର୍ତ୍ତାଙ୍କ ବଦାନ୍ୟତାକୁ ନିଶ୍ଚୟ ପରିପ୍ରକାଶ କରୁଥାଅ ।। | ୧୨. ୱଅମ୍ମା ବିନିମତି ରବ୍‌ବିକା ଫହଦ୍‌ଦିସ୍ ।। | وَاَمَّا بِنِعْمَةِ رَبِّكَ فَحَدِّثْ ۝١٢ |

## ପାରା ୩୦ ଅଲ୍ ଇନ୍‌ଶୀରାଃ ସୁରଃ ୯୪

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଆଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰهِ الرَّحۡمٰنِ الرَّحِیۡمِ ۝١ |
| ୨. କ'ଣ ଆମ୍ଭେ ତୁମ୍ଭ ସକାଶେ ତୁମ୍ଭ ବକ୍ଷକୁ ଉନ୍ମୁକ୍ତ କରିନାହୁଁ ? | ୨. ଅଲମ୍ ନଶ୍‌ରହ୍‌ଲକା ସଦ୍‌ରକା; | اَلَمۡ نَشۡرَحۡ لَكَ صَدۡرَكَ ۝٢ |
| ୩. ଏବଂ ତୁମ୍ଭର ଏହି ବୋଝକୁ ତୁମ୍ଭଠାରୁ ଓହ୍ଲାଇ ଫିଙ୍ଗିଦେଇ ନାହୁଁ ? | ୩. ୱ୍ୱଜାନା ଅନ୍‌କା ୱିଜ୍ ରକଲ୍ | وَوَضَعۡنَا عَنۡكَ وِزۡرَكَ ۝٣ |
| ୪. ଏପରି ବୋଝ, ଯାହା ତୁମ୍ଭର ଅଣ୍ଟା ଭାଙ୍ଗି ପକାଉଥିଲା ? | ୪. ଲଜି ଅନ୍‌କଜା ଜହ୍‌ରକା, | الَّذِیۡۤ اَنۡقَضَ ظَهۡرَكَ ۝٤ |
| ୫. ଏବଂ ଆମ୍ଭେ ତୁମ୍ଭ ନାମକୁ ମଧ୍ୟ ସମୁନ୍ନତ କରିଅଛୁ । | ୫. ୱ୍‌ରଫାଆନା ଲକା ଜିକ୍‌ରକ୍ । | وَرَفَعۡنَا لَكَ ذِكۡرَكَ ۝٥ |
| ୬. ସୁତରାଂ (ମନେରଖ) ଏହି କଷ୍ଟ ସହିତ ଏକ ମହାନ ସଫଳତା ନିୟତ ଅଛି । | ୬. ଫଇନ୍‌ନା ମାଅଲ୍ ଉସ୍‌ରେ ୟୁସ୍‌ରା | فَاِنَّ مَعَ الۡعُسۡرِ یُسۡرًا ۝٦ |
| ୭. ବାସ୍ତବରେ ଏରି କଷ୍ଟ ସହିତ ଅନ୍ୟ ଏକ ମହାନ୍ ସଫଳତା ନିୟତ ଅଛି । | ୭. ଇନ୍‌ନା ମାଅଲ୍ ଉସ୍‌ରେ ୟୁସ୍‌ରା । | اِنَّ مَعَ الۡعُسۡرِ یُسۡرًا ۝٧ |
| ୮. ସୁତରାଂ ଯେତେବେଳେ ମଧ୍ୟ ତୁମକୁ ଅବସର ମିଳେ, ସେତେବେଳେ (ଅଲ୍ଲାଃଙ୍କ ସହିତ ସାକ୍ଷାତ କରିବାକୁ) ଆହୁରି ଚେଷ୍ଟାକର, | ୮. ଫଇଜା ଫରଗ୍‌ତା ଫନ୍‌ସବ୍ | فَاِذَا فَرَغۡتَ فَانۡصَبۡ ۝٨ |
| ୯. ଏବଂ ତୁମ୍ଭେ ନିଜ ପାଳନକର୍ତ୍ତାଙ୍କ ପ୍ରତି ମନୋଯୋଗ ସହିତ ଧ୍ୟାନ ଦିଅ ।। | ୯. ୱ୍ୱଇଲା ରବ୍‌ବିକା ଫର୍‌ଗବ୍ ।। | ع وَاِلٰی رَبِّكَ فَارۡغَبۡ ۝٩ |

## ପାରା ୩୦ ଅଲ୍ ତି'ନ୍ ସୁରଃ ୯୫

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଆଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰهِ الرَّحۡمٰنِ الرَّحِیۡمِ ۝١ |
| ୨. ଆମ୍ଭେ ଡିମିରି ଓ ଜୈତୁନ୍‌ଙ୍କୁ ପ୍ରମାଣ ସ୍ୱରୂପ ଉପସ୍ଥାପିତ କରୁଛୁ । | ୨. ୱ୍ୱତ୍‌ତି'ନେ ୱ୍ୱଜୈତୁନେ | وَالتِّیۡنِ وَالزَّیۡتُوۡنِ ۝٢ |
| ୩. ଏବଂ ଏହିପରି ଭାବରେ ସିନାଇ ପର୍ବତକୁ | ୩. ୱ୍ୱତୁରେସି ନି'ନା | وَطُوۡرِ سِیۡنِیۡنَ ۝٣ |
| ୪. ଏବଂ ଏହି ଶାନ୍ତିମୟ ମକ୍‌କା ସହରକୁ ମଧ୍ୟ | ୪. ୱ୍ୱହାଜଲ୍ ବଲଦିଲ୍ ଅମିନ୍; | وَهٰذَا الۡبَلَدِ الۡاَمِیۡنِ ۝٤ |
| ୫. ବାସ୍ତବରେ ଆମ୍ଭେ ମନୁଷ୍ୟକୁ ସର୍ବୋତ୍କୃଷ୍ଟ ଅବସ୍ଥାରେ ସୃଷ୍ଟି କରିଅଛୁ । | ୫. ଲକଦ୍ ଖଲକ୍‌ନଲ୍ ଇନ୍‌ସାନା ଫି' ଅହସନି ତକ୍‌ୱିମ୍ । | لَقَدۡ خَلَقۡنَا الۡاِنۡسَانَ فِیۡۤ اَحۡسَنِ تَقۡوِیۡمٍ ۝٥ |

| | | |
|---|---|---|
| ୬. ଏହାପରେ ଆମ୍ଭେ ତାହାଙ୍କୁ ନିକୃଷ୍ଟ ଅବସ୍ଥାରୁ ନିକୃଷ୍ଟତର ଅବସ୍ଥା ଆଡକୁ ଫେରାଇ ନେଇଅଛୁ । | ୬. ସୁମ୍ମା ରଦଦ୍‌ନାହୁ ଅସ୍‌ଫଲା ସାଫିଲିନ୍ । | ثُمَّ رَدَدْنٰهُ اَسْفَلَ سٰفِلِيْنَ ﴿٦﴾ |
| ୭. ଅବଶ୍ୟ ସେ ଲୋକମାନଙ୍କ ବ୍ୟତୀତ, ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସମୁଚିତ କାର୍ଯ୍ୟ କରିଛନ୍ତି; ସୁତରାଂ ସେମାନଙ୍କ ପାଇଁ ଏକ ଅସରନ୍ତି ଉତ୍ତମ ପୁରସ୍କାର ରହିଅଛି । | ୭. ଇଲ୍‌ଲଲ୍ ଲଜିନା ଆ’ମନୁ ଓ୍ୱ ଅମିଲୁସ୍ ସ୍ୱା’ଲିହାତେ ଫଲହୁମ୍ ଅଜ୍‌ରୁନ୍ ଗୈରୁ ମମ୍‌ନୁନ୍ । | اِلَّا الَّذِيْنَ اٰمَنُوْا وَعَمِلُوا الصّٰلِحٰتِ فَلَهُمْ اَجْرٌ غَيْرُ مَمْنُوْنٍ ﴿٧﴾ |
| ୮. ସୁତରାଂ ଏହାପରେ କେଉଁ ବିଷୟ ତୁମ୍ଭଙ୍କୁ ବିଚାର ସଂକ୍ରାନ୍ତରେ ମିଥ୍ୟା ପ୍ରମାଣିତ କରୁଛି ? | ୮. ଫମା ୟୋକଜ୍ ଜିବୁକା ବା’ଦୁ ବିଦ୍‌ଦିନ୍ । | فَمَا يُكَذِّبُكَ بَعْدُ بِالدِّيْنِ ﴿٨﴾ |
| ୯. କଣ ଅଲ୍ଲାଃ ସମସ୍ତ ବିଚାରପତିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବିଚାରପତି ନୁହନ୍ତି ? | ୯. ଆଲୈସଲ୍ ଲାହୁ ବି ଅହ୍‌କମିଲ୍ ହାକିମିନ୍ ।। | اَلَيْسَ اللّٰهُ بِاَحْكَمِ الْحٰكِمِيْنَ ﴿٩﴾ |

## ପାରା ୩୦ ଅଲ୍ କଦର୍ ସୁରଃ ୯୭

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسْمِ اللّٰهِ الرَّحْمٰنِ الرَّحِيْمِ ﴿١﴾ |
| ୨. ଆମ୍ଭେ ବାସ୍ତବରେ ଏହାକୁ (ଅର୍ଥାତ୍ କୁର୍‌ଆନକୁ) ଏକ ମହତ୍ତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତ୍ରିରେ ଅବତୀର୍ଣ୍ଣ କରିଅଛୁ । | ୨. ଇନ୍‌ନା ଅନ୍‌ଜଲ୍‌ନାହୁ ଫି ଲୈଲତିଲ୍ କଦ୍‌ରେ; | اِنَّآ اَنْزَلْنٰهُ فِيْ لَيْلَةِ الْقَدْرِ ﴿٢﴾ |
| ୩. ଏବଂ ହେ ମୁହମ୍ମଦ ! ତୁମ୍ଭଙ୍କୁ କଣ ଜଣା ଯେ ଯେଉଁ ରାତ୍ରିରେ ଭାଗ୍ୟ ଅବତରଣ କରିଥାଏ, ତାହା କ’ଣ ? | ୩. ଓ୍ୱମା ଅଦ୍‌ରାକା ମାଲୈଲତୁଲ୍ କଦ୍‌ର୍ । | وَمَآ اَدْرٰىكَ مَا لَيْلَةُ الْقَدْرِ ﴿٣﴾ |
| ୪. ଏହି ଭାଗ୍ୟଶାଳୀ ରାତ୍ରି ତ ହଜାରେ ମାସ ଅପେକ୍ଷା ଉତ୍କୃଷ୍ଟତର । | ୪. ଲୈଲତୁଲ୍ କଦ୍‌ରେ ଖୈରୁମ୍ ମିନ୍ ଅଲ୍‌ଫେ ଶହ୍‌ର୍ । | لَيْلَةُ الْقَدْرِ ۙ خَيْرٌ مِّنْ اَلْفِ شَهْرٍ ﴿٤﴾ |
| ୫. ଦେବଦୂତ ଓ ପରିପୂର୍ଣ୍ଣ ଆତ୍ମା ନିଜ ପାଳନକର୍ତ୍ତାଙ୍କ ଆଦେଶ ଅନୁସାରେ ଏହି ରାତ୍ରିରେ ସମସ୍ତ ସାଂସାରିକ ଓ ଆଧ୍ୟାତ୍ମିକ କାର୍ଯ୍ୟ ସହ ଅବତରଣ କରିଥା’ନ୍ତି । | ୫. ତନଜ୍‌ଜଲୁଲ୍ ମଲାଇକତୁ ଓ୍ୱର୍ ରୁହୋ ଫିହା ବେଇଜ୍‌ନି ରବ୍‌ବିହିମ୍; ମିନ୍‌କୁଲ୍‌ଲି ଅମ୍‌ରିନ୍, | تَنَزَّلُ الْمَلٰٓئِكَةُ وَالرُّوْحُ فِيْهَا بِاِذْنِ رَبِّهِمْ ۚ مِنْ كُلِّ اَمْرٍ ﴿٥﴾ |
| ୬. (ଦେବଦୂତମାନେ ଅବତରଣ କଲାପରେ) ପ୍ରଭାତର ଆଗମନ ପର୍ଯ୍ୟନ୍ତ ଶାନ୍ତି ହିଁ ଶାନ୍ତି ବିରାଜମାନ କରୁଥାଏ । | ୬. ସଲାମ୍; ହେୟାହତ୍‌ତା ମତ୍‌ଲୟିଲ୍ ଫଜ୍‌ର୍ ।। | سَلٰمٌ ۛ هِيَ حَتّٰى مَطْلَعِ الْفَجْرِ ﴿٦﴾ |

## ପାରା ୩୦ ଅଲ୍ ଜିଲ୍‌ଜାଲ ସୁରଃ ୯୯

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ۝١ |
| ୨. ଯେତେବେଳେ ପୃଥିବୀକୁ ସଂପୂର୍ଣ୍ଣ ଭାବରେ ପ୍ରକମ୍ପିତ କରାହେବ, | ୨. ଇଜା ଜୁଲ୍‌ଜିଲତିଲ୍ ଅର୍‌ଜୁ ଜିଲ୍‌ଜାଲହା, | اِذَا زُلۡزِلَتِ الۡاَرۡضُ زِلۡزَالَهَا ۝٢ |
| ୩. ଏବଂ ପୃଥିବୀ ଆପଣା ବୋଝକୁ ବାହାରକରି ଫିଙ୍ଗିଦେବ, | ୩. ଓ୍ୱଅଖ୍ ରଜତିଲ୍ ଅର୍‌ଜୁ ଅସ୍‌କାଲହା, | وَاَخۡرَجَتِ الۡاَرۡضُ اَثۡقَالَهَا ۝٣ |
| ୪. ଏବଂ ମନୁଷ୍ୟ କହି ପକାଇବ, 'ଏହାର କ'ଣ ହୋଇଛି | ୪. ଓ୍ୱକା'ଲଲ୍ ଇନ୍‌ସା'ନୁ ମା ଲହା; | وَقَالَ الۡاِنۡسَانُ مَا لَهَا ۝٤ |
| ୫. ସେଦିନ ସେ ନିଜର ସମସ୍ତ ଗୁପ୍ତ ତଥ୍ୟ ପ୍ରକାଶ କରିବ, | ୫. ୟୋ ମଇଜିନ୍ ତୁହଦ୍ ଦିସୁ ଅଖ୍‌ବାରହା, | يَوۡمَئِذٍ تُحَدِّثُ اَخۡبَارَهَا ۝٥ |
| ୬. କାରଣ ତୁମ୍ଭର ପାଳନକର୍ତ୍ତା ଏହାକୁ (ଅର୍ଥାତ ପୃଥିବୀକୁ) ଆଦେଶ ଦେଇଛନ୍ତି; | ୬. ବି ଅନ୍‌ନା ରବ୍‌ବକା ଅଓହା ଲହା । | بِاَنَّ رَبَّكَ اَوۡحٰى لَهَا ۝٦ |
| ୭. ସେଦିନ ଲୋକମାନେ ବିଭିନ୍ନ ଦଳ ରୂପେ ଏକତ୍ରିତ ହେବେ, ଯଦ୍ୱାରା ସେମାନେ ନିଜ ନିଜ କର୍ମର ପରିଣାମକୁ ଦେଖିବେ । | ୭. ୟୋ ମଇଜିଁ ୟସ୍ ଦୁରୁନ୍ ନାସୁ ଅଶତାତା; ଲେୟରୌ ଆ'ମାଲହୁମ୍ । | يَوۡمَئِذٍ يَّصۡدُرُ النَّاسُ اَشۡتَاتًا ۬ لِّيُرَوۡا اَعۡمَالَهُمۡ ۝٧ |
| ୮. ତାପରେ ଯେ ଅଣୁ ପରିମାଣର ପୂଣ୍ୟକରିଥିବ ସେ ତାହାକୁ ଅର୍ଥାତ ତାହାର ପରିଣାମକୁ ଦେଖିବ, | ୮. ଫମେଁ ୟାମଲ୍ ମିସ୍‌କାଲା ଜର୍‌ରରତିନ୍ ଖୈରେଁ ୟରହୋ । | فَمَنۡ يَّعۡمَلۡ مِثۡقَالَ ذَرَّةٍ خَيۡرًا يَّرَهٗ ۝٨ |
| ୯. ଏବଂ ଯେ ଅଣୁ ପରିମାଣର ପାପ କରିଥିବ ସେ ତାହାର ପରିଣାମକୁ ଦେଖିବ । | ୯. ଓ୍ୱମେଁ ୟାମଲ୍ ମିସ୍‌କାଲା ଜର୍‌ରତିନ୍ ଶର୍‌ରେଁ ୟରାଃ । | وَمَنۡ يَّعۡمَلۡ مِثۡقَالَ ذَرَّةٍ شَرًّا يَّرَهٗ ۝٩ |

## ପାରା ୩୦ ଅଲ୍ ଆଦିୟାତ୍ ସୁରଃ ୧୦୦

| | | |
|---|---|---|
| ୨. ଆଶେଷ ଦୟାବାନ ଓ ସଦା କରୁଣାମୟ ଆଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ۝١ |
| ୨. ଆମ୍ଭେ ପ୍ରମାଣ ସ୍ୱରୂପ ସେହି ଗୋଷ୍ଠୀଗୁଡିକୁ ଉପସ୍ଥାପିତ କରୁଅଛୁ, ଯେଉଁମାନେ ଅଶ୍ୱାରୋହଣ କରି ଏପରି ଦୃତ ଗତିରେ ଧାବମାନ ହୁଅନ୍ତି ଯେ, ସେମାନଙ୍କ ଅଶ୍ୱମାନଙ୍କ ମୁଖରୁ ଧ୍ୱନୀ ନିର୍ଗତ ହେଉଥାଏ, | ୨. ଓ୍ୱଲ୍ ଆଦିୟାତେ ଜବ୍‌ହନ୍ | وَالۡعٰدِيٰتِ ضَبۡحًا ۝٢ |
| ୩. ପୁନଶ୍ଚ ସେହି ଅଶ୍ୱାରେହୀମାନଙ୍କୁ ମଧ୍ୟ ଉପସ୍ଥାପିତ କରୁଅଛୁ, ଯେଉଁମାନଙ୍କ | ୩. ଫଲ୍‌ମୁରିୟାତେ କଦ୍‌ହନ୍ | فَالۡمُوۡرِيٰتِ قَدۡحًا ۝٣ |

| | | |
|---|---|---|
| ଅଶ୍ୱମାନଙ୍କର ଖୁରା ଆଘାତରେ ଅଗ୍ନିକଣା ନିର୍ଗତ ହୁଏ। | | |
| ୪. ପୁନଶ୍ଚ ପ୍ରଭାତ କାଳରେ ଆକ୍ରମଣକାରୀମାନଙ୍କୁ; | **୪. ଫଲ୍ ମୋଗିରାତେ ସୁବ୍ହନ୍** | فَالْمُغِيْرٰتِ صُبْحًا ﴿٤﴾ |
| ୫. ଯାହା ଫଳରେ ସେଥିରେ (ପ୍ରଭାତ କାଳରେ) ଧୂଳି ଉଡାନ୍ତି, | **୫. ଫଅସରନା ବିହୀ ନକ୍ଅନ୍** | فَاَثَرْنَ بِهٖ نَقْعًا ﴿٥﴾ |
| ୬. ଏବଂ ସେମାନେ ଶତ୍ରୁ ସୈନ୍ୟମାନଙ୍କ ମଧ୍ୟରେ ପ୍ରବେଶ କରନ୍ତି, | **୬. ଫଓ୍ୱସତ୍ନା ବିହୀ ଜମ୍ଅନ୍** | فَوَسَطْنَ بِهٖ جَمْعًا ﴿٦﴾ |
| ୭.ମନୁଷ୍ୟ ବାସ୍ତବରେ ନିଜ ପାଳନକର୍ତ୍ତାଙ୍କ ପ୍ରତି ଅତ୍ୟନ୍ତ କୃତଘ୍ନ ଅଟେ। | **୭. ଇନ୍ନଲ୍ ଇନ୍ସାନା ଲିରବ୍ବିହି ଲକନୁଦ୍।** | اِنَّ الْاِنْسَانَ لِرَبِّهٖ لَكَنُوْدٌ ﴿٧﴾ |
| ୮. ଏବଂ ବାସ୍ତବରେ ସେହିଁ (ନିଜ ଉକ୍ତି ଓ କାର୍ଯ୍ୟ ଦ୍ୱାରା) ଏ ବିଷୟରେ ସାକ୍ଷ ଦେଉଅଛି; | **୮. ୱଇନ୍ନହୁ ଅଲା ଜା'ଲିକା ଲଶହୀଦ୍।** | وَاِنَّهٗ عَلٰى ذٰلِكَ لَشَهِيْدٌ ﴿٨﴾ |
| ୯. ଏବଂ ଏହା ସତ୍ତ୍ୱେ ସେ ନିଶ୍ଚିତ ରୂପେ ଧନ ଲୋଭରେ ଅତି ଆଗଭର। | **୯. ୱଇନ୍ନହୁ ଲେ ହୁବ୍ ବିଲ୍ ଖୈରି ଲଶଦିଦ୍।** | وَاِنَّهٗ لِحُبِّ الْخَيْرِ لَشَدِيْدٌ ﴿٩﴾ |
| ୧୦. କଣ ଏପରି ଲୋକ ଜାଣେ ନାହିଁ ଯେ ଯେତେବେଳେ କବରରେ ଥିବା ଲୋକମାନଙ୍କୁ ଉତ୍ଥିତ କରାହେବ, | **୧୦.ଅଫଲା ଯା ଲମୁ ଇଜା ବୁସେରା ମାଫିଲ୍ କୁବୁର୍,** | اَفَلَا يَعْلَمُ اِذَا بُعْثِرَ مَا فِى الْقُبُوْرِ ﴿١٠﴾ |
| ୧୧. ଏବଂ ଯାହା କିଛି ହୃଦୟରେ ଲୁକ୍କାୟିତ ରହିଅଛି, ତାହାକୁ ପ୍ରକାଶ କରାଯିବ, | **୧୧. ୱହୁସ୍ସିଲା ମାଫିସ୍ ସୋଦୁର,** | وَحُصِّلَ مَا فِى الصُّدُوْرِ ﴿١١﴾ |
| ୧୨. ସେଦିନ ସେମାନଙ୍କ ପାଳନକର୍ତ୍ତା ନିଶ୍ଚିତରୂପେ ସେମାନଙ୍କ ତତ୍ତ୍ୱ ନେବେ। | **୧୨. ଇନ୍ନା ରବ୍ବହୁମ୍ ବିହିମ୍ ୟଓମଇଜିଲ୍ ଲଖବିର୍।।** | اِنَّ رَبَّهُمْ بِهِمْ يَوْمَئِذٍ لَّخَبِيْرٌ ﴿١٢﴾ |

## ପାରା ୩୦ ଅଲ କାରିୟା ସୁରଃ ୧୦୧

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି। | **୧. ବିସ୍ମିଲ୍ଲା ହିର୍ରହମା ନିର୍ରହିମ୍।** | بِسْمِ اللّٰهِ الرَّحْمٰنِ الرَّحِيْمِ ﴿١﴾ |
| ୨. ସଂସାର ପ୍ରତି ଏକ ମହାବିପଦ ଆଗତ ପ୍ରାୟ। | **୨. ଅଲ୍କାରିୟାତୋ** | اَلْقَارِعَةُ ﴿٢﴾ |
| ୩. ଏବଂ ସେ ବିପଦ କିପରି, ତୁମ୍ଭଙ୍କୁ କଣ ଜଣା ? | **୩. ମା'ଲ୍ କାରିୟାତୋ** | مَا الْقَارِعَةُ ﴿٣﴾ |
| ୪.ଏବଂ (ପୁନଶ୍ଚ ଆମ୍ଭେ କହୁଅଛୁ ହେ ମୁହମ୍ମଦ!) ଏହି ମହା ବିପଦ କିପରି ତୁମ୍ଭଙ୍କୁ କଣ ଜଣା ? | **୪. ୱମା ଅଦ୍ରାକା ମା'ଲ୍ କାରିୟାତ୍।** | وَمَاۤ اَدْرٰىكَ مَا الْقَارِعَةُ ﴿٤﴾ |

| | | |
|---|---|---|
| ୫. ଏହି ବିପଦ ଯେତେବେଳେ ଉପସ୍ଥିତ ହେବ, ସେତେବେଳେ ମନୁଷ୍ୟମାନେ ବିକ୍ଷିପ୍ତ ପତଙ୍ଗ ସଦୃଶ ବ୍ୟତିବ୍ୟସ୍ତ ହୋଇ ବୁଲୁଥିବେ, | **୫.ୟଓମା ୟକୁନୁନ୍ ନାସୁ କାଲ ଫରାଶିଲ୍ ମବ୍‌ସୁସ୍;** | يَوْمَ يَكُوْنُ النَّاسُ كَالْفَرَاشِ الْمَبْثُوْثِ ۝٥ |
| ୬. ଏବଂ ପର୍ବତଗୁଡ଼ିକ ଭିଣା ହୋଇଥିବା ପଶମ ସଦୃଶ ହୋଇଯିବେ। | **୬. ଓ୍ୱତକୁନୁଲ୍ ଯିବାଲୋ କାଲ୍‌ଇହ୍‌ନିଲ୍ ମନ୍‌ଫୁଶ୍।** | وَتَكُوْنُ الْجِبَالُ كَالْعِهْنِ الْمَنْفُوْشِ ۝٦ |
| ୭. ସେତେବେଳେ ଯାହାର କର୍ମର ପଲା ଭାରୀ ହେବ, | **୭. ଫଅମ୍‌ମା ମନ୍ ସକୁଲତ୍ ମଓ୍ୱାଜିନୁହୁ,** | فَاَمَّا مَنْ ثَقُلَتْ مَوَازِيْنُهٗ ۝٧ |
| ୮. ସେ ସର୍ବୋତ୍କୃଷ୍ଟ ହେବା ପସନ୍ଦଯୋଗ୍ୟ ଅବସ୍ଥାରେ ରହିଥିବ। | **୮. ଫହୁଓ୍ୱା ଫି ୟି'ଶତିର୍ ରାଜିୟତ୍।** | فَهُوَ فِيْ عِيْشَةٍ رَّاضِيَةٍ ۝٨ |
| ୯. ଏବଂ ଯାହାର କର୍ମର ପଲା ହାଲୁକା ହେବ, | **୯. ଓ୍ୱଅମ୍‌ମା ମନ୍ ଖଫ୍‌ଫତ୍ ମଓ୍ୱାଜିନୁହୁ** | وَاَمَّا مَنْ خَفَّتْ مَوَازِيْنُهٗ ۝٩ |
| ୧୦. ତାହାର ବାସସ୍ଥାନ ହାଓ୍ୱେୟା ନାମକ ନରକ ହେବ। | **୧୦. ଫଉମ୍‌ମୁହୁ ହାଓ୍ୱେୟତ୍।** | فَاُمُّهٗ هَاوِيَةٌ ۝١٠ |
| ୧୧. ଏବଂ (ହେ ମୁହମ୍ମଦ!) ଏହା (ଅର୍ଥାତ୍ ହାଓ୍ୱେୟା) କ'ଣ, ତୁମ୍ଭଙ୍କୁ କଣ ଜଣା ? | **୧୧. ଓ୍ୱମା' ଅଦ୍‌ରାକା ମାହିୟାଃ।** | وَمَاۤ اَدْرٰىكَ مَاهِيَهْ ۝١١ |
| ୧୨. ଏହା ଏକ ଜ୍ୱଳନ୍ତ ଅଗ୍ନି ॥ | **୧୨. ନାରୁନ୍ ହାମିୟତ୍॥** | نَارٌ حَامِيَةٌ ۝١٢ |

## ପାରା ୩୦ ଅଲ୍ ତକାସୁର୍ ସୁରଃ ୧୦୨

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦାକରୁଣାମୟ ଆଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି। | **୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍।** | بِسْمِ اللّٰهِ الرَّحْمٰنِ الرَّحِيْمِ ۝١ |
| ୨. ପରସ୍ପର ଠାରୁ ଅଭିବୃଦ୍ଧି ଲାଭ କରିବାର ଅଭିଳାଷ ତୁମ୍ଭମାନଙ୍କୁ ଅବହେଳା ମଧ୍ୟରେ ନିମଜ୍ଜିତ କରିଦେଲା। | **୨. ଅଲ୍‌ହାକୁମୁତ୍ ତକାସୁର୍।** | اَلْهٰىكُمُ التَّكَاثُرُ ۝٢ |
| ୩. ଏପରିକି ତୁମେମାନେ କବରରେ ଯାଇ ପହଞ୍ଚିବ। | **୩. ହତ୍‌ତା ଜୁର୍‌ତୁମୁଲ୍ ମକାବିର୍।** | حَتّٰى زُرْتُمُ الْمَقَابِرَ ۝٣ |
| ୪. ତୁମେମାନେ ଶିଘ୍ର ପବିତ୍ର କୁର୍‌ଆନ ବର୍ଣ୍ଣିତ ସତ୍ୟକୁ ଜାଣି ପାରିବ। | **୪. କଲ୍‌ଲା ସଉଫା ତାଲମୁନ୍।** | كَلَّا سَوْفَ تَعْلَمُوْنَ ۝٤ |
| ୫. ପୁନଶ୍ଚ ଆମ୍ଭେ କହୁଅଛୁ ଯେ ତୁମ୍ଭମାନଙ୍କ ଅବସ୍ଥା ସେଭଳି ନୁହେଁ ଯେଭଳି ତୁମେମାନେ ଚିନ୍ତା କରୁଅଛ ଓ ତୁମେମାନେ ଶୀଘ୍ର ଜାଣି ପାରିବ ଯେ ତୁମ୍ଭମାନଙ୍କର ଆଭ୍ୟନ୍ତରୀଣ ଅବସ୍ଥା ବାସ୍ତବରେ ତାହା ହିଁ ଅଟେ, ଯାହା କୁର୍‌ଆନରେ ବର୍ଣ୍ଣନା କରାଯାଇଛି। | **୫. ସୁମ୍‌ମା କଲ୍‌ଲା ସଉଫା ତାଲମୁନ୍।** | ثُمَّ كَلَّا سَوْفَ تَعْلَمُوْنَ ۝٥ |

| | | |
|---|---|---|
| ୬. (ପ୍ରକୃତ ସତ୍ୟ ତୁମମାନଙ୍କର ଚିନ୍ତାଧାରା ଅନୁସାରେ) ଆଦୌ ନୁହେଁ; ହାୟ ! ତୁମେମାନେ ଏହାକୁ ସୁନିଶ୍ଚିତ ଜ୍ଞାନ ବଳରେ ଜାଣି ପାରନ୍ତ କି ? | ୬. କଲ୍‌ଲା ଲଉତାଲମୁନା ଇଲ୍‌ମଲ୍ ୟକିନ୍। | كَلَّا لَوْ تَعْلَمُوْنَ عِلْمَ الْيَقِيْنِ ۝٦ |
| ୭. ତୁମେମାନେ ନିଶ୍ଚୟ ନରକକୁ ଇହକାଳରେ ଦେଖିବାକୁ ପାଇବ। | ୭. ଲତ ରଉନ୍‌ନରର ଯହିମ, | لَتَرَوُنَّ الْجَحِيْمَ ۝٧ |
| ୮. ଏବଂ ତାହାପରେ ତୁମେମାନେ ଏହାକୁ ପରକାଳରେ ବିଶ୍ୱାସମୟ ଦୃଷ୍ଟିଯୋଗେ ମଧ୍ୟ ଦେଖି ପାରିବ। | ୮. ସୁମ୍‌ମା ଲତରଉନ୍‌ନାହାଐନଲ୍ ୟକିନ୍, | ثُمَّ لَتَرَوُنَّهَا عَيْنَ الْيَقِيْنِ ۝٨ |
| ୯. (ପୁନଶ୍ଚ ମନେରଖ ଯେ) ସେଦିନ ପ୍ରତ୍ୟେକ ମହାନ୍ ଅନୁଗ୍ରହ ସମ୍ବନ୍ଧରେ ତୁମମାନଙ୍କୁ ପ୍ରଶ୍ନ କରାଯିବ (ଯେ ତୁମେମାନେ ତାହା ନିମନ୍ତେ କୃତଜ୍ଞ ହୋଇଛ କି ନାହିଁ) ॥ | ୯. ସୁମ୍‌ମା ଲତୁସ୍ ଅଲୁନ୍ ନା ୟଓମୈଜିନ୍ ଅନିଲ୍ ନୟିମ୍ ॥ | ثُمَّ لَتُسْـَٔلُنَّ يَوْمَىِٕذٍ عَنِ النَّعِيْمِ ۝٩ ع |

## ପାରା ୩୦ ଅଲ୍ ଅସର୍ ସୁରଃ ୧୦୩

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି। | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍। | بِسْمِ اللّٰهِ الرَّحْمٰنِ الرَّحِيْمِ ۝١ |
| ୨. ଆମ୍ଭେ ମୁହମ୍ମଦଙ୍କ ପତନ ଉଦ୍ୟତ ଯୁଗକୁ ପ୍ରମାଣ ସ୍ୱରୂପ ଉପସ୍ଥାପିତ କରୁଅଛୁ। | ୨. ୱଲ୍ ଅସ୍‌ରେ। | وَالْعَصْرِ ۝٢ |
| ୩. ବାସ୍ତବରେ ନବିମାନଙ୍କ ବିରୋଧୀ ମନୁଷ୍ୟ ସର୍ବଦା କ୍ଷତିଗ୍ରସ୍ତ ହୋଇରହେ। | ୩. ଇନ୍‌ନଲ୍ ଇନ୍‌ସାନା ଲଫିଖୁସ୍‌ରିନ୍, | اِنَّ الْاِنْسَانَ لَفِيْ خُسْرٍ ۝٣ |
| ୪. କିନ୍ତୁ ଯେଉଁ ଲୋକମାନେ ନବିମାନଙ୍କ ଉପରେ ବିଶ୍ୱାସ କରିଛନ୍ତି ଏବଂ ସେମାନେ ସମୁଚିତ କାର୍ଯ୍ୟ ଏବଂ ସତ୍ୟର ନୀତି ଉପରେ ପ୍ରତିଷ୍ଠିତ ରହିବା ପାଇଁ ପରସ୍ପରକୁ ଉପଦେଶ ଦେଇଛନ୍ତି ଏବଂ ଆସନ୍ନ ବିପତ୍ତି ସମୟରେ ଧୈର୍ଯ୍ୟ ଧାରଣ କରିବାକୁ ପରସ୍ପରକୁ ଉପଦେଶ ଦେଇ ଆସୁଛନ୍ତି, (ସେପରି ଲୋକେ କଦାପି କ୍ଷତିଗ୍ରସ୍ତ ହେବେ ନାହିଁ)। | ୪. ଇଲ୍‌ଲ୍ ଲଜିନା ଆ'ମନୁ ୱ ଅମିଲୁସ୍ ସ୍ୱାଲିହାତେ ୱ ତଓ୍ୱା ସଓବିଲ୍ ହକ୍‌କେ; ୱ ତଓ୍ୱା ସଓବିସ୍ ସବ୍‌ର୍ ॥ | اِلَّا الَّذِيْنَ اٰمَنُوْا وَعَمِلُوا الصّٰلِحٰتِ وَتَوَاصَوْا بِالْحَقِّ ۙ وَتَوَاصَوْا بِالصَّبْرِ ۝٤ ع |

## ପାରା ୩୦ ଅଲ୍ ଫୀଲ ସୁରଃ ୧୦୫

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦାକରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି। | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍। | بِسْمِ اللّٰهِ الرَّحْمٰنِ الرَّحِيْمِ ۝١ |

୨. ହେ ମୁହମ୍ମଦ ! କଣ ତୁମ୍ଭଙ୍କୁ ଜଣା ନାହିଁ ଯେ ତୁମ ପାଳନ କର୍ତ୍ତା ହସ୍ତୀ ନିୟୋଜିତକାରୀ ମାନଙ୍କ ସହିତ କିପରି ବ୍ୟବହାର କରିଥିଲେ ?

**୨. ଅଲମ୍ ତରା କୈଫା ଫାଆଲା ରବ୍‌ବୁକା ବିଅସ୍‌ହାବିଲ୍ ଫି'ଲ୍।**

أَلَمْ تَرَ كَيْفَ فَعَلَ رَبُّكَ بِأَصْحَابِ الْفِيلِ ﴿٢﴾

୩. କଣ ସେ (ଆକ୍ରମଣ ପୂର୍ବରୁ ସେମାନଙ୍କୁ ଧ୍ୱଂସକରି) ସେମାନଙ୍କ ଯୋଜନାକୁ ବିଫଳ କରିଦେଇନଥିଲେ ?

**୩. ଅଲମ୍ ୟଜ୍‌ଆଲ୍ କୈଦହୁମ୍ ଫି ତଜ୍‌ଲିଲ୍ଲୁଁ୍ୟ,**

أَلَمْ يَجْعَلْ كَيْدَهُمْ فِي تَضْلِيلٍ ﴿٣﴾

୪. ଏବଂ ତାପରେ ସେମାନଙ୍କ ଶବ ଉପରେ ଦଳ ଦଳ ପକ୍ଷୀ ପ୍ରେରଣ କରିଥିଲେ ,

**୪. ୱଅରସଲା ଆଲୈହିମ୍ ତୈରନ୍ ଅବାବିଲ୍,**

وَأَرْسَلَ عَلَيْهِمْ طَيْرًا أَبَابِيلَ ﴿٤﴾

୫.(ଯେଉଁମାନେ) ସେମାନଙ୍କ ମାଂସକୁ କଠିନ ପଥର ଉପରେ କଚାଡୁ ଥିଲେ (ଓ ଚଞ୍ଚୁ ଦ୍ୱାରା ବିଦାରୁଥିଲେ) ।

**୫. ତର୍‌ମିହିମ୍ ବିହିଜାରତିମ୍ ମିନ୍ ସିଜ୍‌ଜିଲିନ୍;**

تَرْمِيهِمْ بِحِجَارَةٍ مِّنْ سِجِّيلٍ ﴿٥﴾

୬. ସୁତରାଂ ଏହା ଫଳରେ ସେ ସେମାନଙ୍କୁ ଏପରି କୁଣ୍ଡା ସଦୃଶ କରି ଦେଇଥିଲେ, ଯାହାକୁ ପଶୁମାନେ ଖାଇ ସାରିଥାନ୍ତେ ।

**୬. ଫ'ଜାଆଲହୁମ୍ କଅସ୍‌ଫିମ୍ ମା'କୁ'ଲ୍॥**

فَجَعَلَهُمْ كَعَصْفٍ مَّأْكُولٍ ﴿٦﴾

## ପାର ୩୦ ଅଲ୍ କୁରୈଶ୍ ସୁରଃ ୧୦୬

୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି ।

**୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍।**

بِسْمِ اللّٰهِ الرَّحْمٰنِ الرَّحِيْمِ ﴿١﴾

୨. କୁରେଶ୍‌ମାନଙ୍କ ହୃଦୟରେ ପ୍ରୀତି ଉଦ୍ରେକ କରାଇବା ପାଇଁ,

**୨. ଲେଇଲା ଫି କୁରୈଶିନ୍**

لِإِيْلٰفِ قُرَيْشٍ ﴿٢﴾

୩. ଅର୍ଥାତ୍ ସେମାନଙ୍କ ହୃଦୟରେ ଗ୍ରୀଷ୍ମକାଳୀନ ଓ ଶୀତକାଳୀନ ଯାତ୍ରା ପାଇଁ ପ୍ରୀତି ଉଦ୍ରେକ କରାଇବା ସକାଶେ (ଆମ୍ଭେ ଅବ୍ରାହାକୁ ଧ୍ୱଂସକଲୁ) ।

**୩. ଇଲାଫିହିମ୍ ରିହ୍‌ଲତସ୍ ଶିତାଏ ୱସ୍ ସୈଫ୍;**

إٖلٰفِهِمْ رِحْلَةَ الشِّتَآءِ وَالصَّيْفِ ﴿٣﴾

୪. ସୁତରାଂ ସେ କୁରୈଶମାନେ ଏହି କା'ବା ଗୃହର ପ୍ରଭୁଙ୍କର ଉପାସନା କରିବା ଉଚିତ୍,

**୪. ଫଲ୍‌ୟା ବୁଦୁ ରବ୍‌ବା ହା'ଜଲ୍ ବଏତିଲ୍;**

فَلْيَعْبُدُوْا رَبَّ هٰذَا الْبَيْتِ ﴿٤﴾

୫. ଯେ ସେମାନଙ୍କୁ କ୍ଷୁଧାର୍ତ୍ତ ଥିବାବେଳେ ଭୋଜନ କରାଇଲେ ଏବଂ ପ୍ରତ୍ୟେକ ପ୍ରକାର ଭୟ ସମୟରେ ନିରାପତ୍ତା ପ୍ରଦାନ କରିଥିଲେ ।

**୫. ଲଜି ଅତ୍‌ଅମାହୁମ୍ ମିନ୍ କୁ ; ୱଆମନହୁମ୍ ମିନ୍ ଖୌଫ୍॥**

الَّذِيْٓ أَطْعَمَهُمْ مِّنْ جُوْعٍ وَّاٰمَنَهُمْ مِّنْ خَوْفٍ ﴿٥﴾

## ପାରା ୩୦ ଅଲ୍ ମାଉନ୍ ସୁରଃ ୧୦୭

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰهِ الرَّحۡمٰنِ الرَّحِيۡمِ ① |
| ୨. (ହେ ମୁହମ୍ମଦ !) କଣ ତୁମ୍ଭେ ସେହି ବ୍ୟକ୍ତିକୁ ଚିହ୍ନିଲ ଯେ ଧର୍ମକୁ ମିଥ୍ୟା ମଣୁଛି ? | ୨. ଅରୈତଲ୍ ଲଜି ୟୋକଜ୍ ଜିବୁ ବିଦ୍‌ଦି’ନ୍ । | أَرَءَيۡتَ الَّذِيۡ يُكَذِّبُ بِالدِّيۡنِ ② |
| ୩. ସେ ହିଁ ଅନାଥକୁ ବିତାଡ଼ିତ କରୁଥିଲା, | ୩. ଫଜାଲିକଲ୍ ଲଜି ୟଦୋଉଲ୍ ୟତିମ୍ | فَذٰلِكَ الَّذِيۡ يَدُعُّ الۡيَتِيۡمَ ③ |
| ୪. ଏବଂ ସେ ଦରିଦ୍ରମାନଙ୍କୁ ଭୋଜନ କରାଇବା ସକାଶେ ଲୋକମାନଙ୍କୁ କେବେ ଅନୁପ୍ରାଣିତ କରୁନଥିଲା | ୪. ଓ୍ୱଲା ୟହୁଜ୍ ଯୀ। ଅଲା ତାଆମିଲ୍ ମିସ୍‌କିନ୍ । | وَلَا يَحُضُّ عَلٰى طَعَامِ الۡمِسۡكِيۡنِ ④ |
| ୫. ଏବଂ ସେହି ନମାଜ ପାଠକାରୀମାନଙ୍କର ମଧ୍ୟ ସର୍ବନାଶ ହେବ । | ୫. ଫଓ୍ୱେଲୁଲ୍ ଲିଲ୍ ମୁସଲ୍‌ଲିନଲ୍; | فَوَيۡلٌ لِّلۡمُصَلِّيۡنَ ⑤ |
| ୬. ଯେଉଁମାନେ ନିଜ ନମାଜ ପାଠରୁ ଅମନୋଯୋଗୀ ହୁଅନ୍ତି । | ୬. ଲଜିନା ହୁମ୍‌ଅନ୍ ସଲାତିହିମ୍ ସାହୁନ୍; | الَّذِيۡنَ هُمۡ عَنۡ صَلَاتِهِمۡ سَاهُوۡنَ ⑥ |
| ୭. ଏବଂ ଯେଉଁମାନେ କେବଳ ଲୋକଦେଖାଣିଆ କାର୍ଯ୍ୟ କରୁଥାଆନ୍ତି, | ୭. ଅଲ୍‌ଲଜିନା ହୁମ୍ ୟୋରାଉନା, | الَّذِيۡنَ هُمۡ يُرَآءُوۡنَ ⑦ |
| ୮. ଏବଂ ସେମାନେ ନିଜ ଗୃହର ସାଧାରଣ ଦ୍ରବ୍ୟ ଦେବାରେ (ମଧ୍ୟ ନିଜକୁ ତଥା ଅନ୍ୟମାନଙ୍କୁ) ବାରଣ କରନ୍ତି ॥ | ୮. ଓ୍ୱୟମନଉନଲ୍ ମାଉନ୍ ॥ | ع وَيَمۡنَعُوۡنَ الۡمَاعُوۡنَ ⑧ |

## ପାରା ୩୦ ଅଲ୍ କୌଶର୍ ସୁରଃ ୧୦୮

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰهِ الرَّحۡمٰنِ الرَّحِيۡمِ ① |
| ୨. (ହେ ନବୀ) ବାସ୍ତବରେ ଆମ୍ଭେ ତୁମ୍ଭଙ୍କୁ କୌସର ପ୍ରଦାନ କରିଅଛୁ; | ୨. ଇନ୍‌ନା ଆତୈନାକଲ୍ କୌସର୍ । | إِنَّآ أَعۡطَيۡنٰكَ الۡكَوۡثَرَ ② |
| ୩. ସୁତରାଂ ତୁମ୍ଭେ କୃତଜ୍ଞତା ସ୍ୱରୂପ ନିଜ ପାଳନକର୍ତ୍ତାଙ୍କର ଉପାସନା କର ଓ ତାହାଙ୍କ ସକାଶେ ନିଜକୁ ଉତ୍ସର୍ଗ କର । | ୩. ଫସଲ୍‌ଲେ ଲିରବ୍‌ବିକା ଓ୍ୱନ୍ ହର୍ । | فَصَلِّ لِرَبِّكَ وَانۡحَرۡ ③ |
| ୪. ଏବଂ ବିଶ୍ୱାସ ରଖ ଯେ ତୁମ୍ଭର ବିରୋଧୀ ହିଁ ପୁତ୍ର ସନ୍ତାନରୁ ବଞ୍ଚିତ ହେବ । | ୪. ଇନ୍‌ନା ଶା ନିଅକା ହୁଓ୍ୱଲ୍ ଅବ୍‌ତର୍ | ع إِنَّ شَانِئَكَ هُوَ الۡأَبۡتَرُ ④ |

## ପାରା ୩୦ ଅଲ୍ କାଫିରୁନ୍ ସୁରଃ ୧୦୯

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ① |
| ୨. ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନମାନଙ୍କୁ କହୁଅଛୁ ଯେ ତୁମ୍ଭେ ନିଜ ଯୁଗର ଅବିଶ୍ୱାସକାରୀମାନଙ୍କୁ କହୁଥାଅ, 'ହେ ଅବିଶ୍ୱାସକାରୀମାନେ ଶୁଣ !' | ୨. କୁଲ୍ ୟା ଆୟୋହଲ୍ କାଫିରୁନ୍; | قُلۡ یٰۤاَیُّہَا الۡکٰفِرُوۡنَ ② |
| ୩. "ଆମ୍ଭେ ତୁମମାନଙ୍କ ପଦ୍ଧତି ଅନୁସାରେ ଉପାସନା କରୁନାହୁଁ ।" | ୩. ଲାଆବୁଦୁ ମାତାବୁଦୁନ୍; | لَاۤ اَعۡبُدُ مَا تَعۡبُدُوۡنَ ③ |
| ୪. "ଏବଂ ତୁମ୍ଭେମାନେ ଆମ୍ଭ ପଦ୍ଧତି ଅନୁସାରେ ଉପାସନା କରୁନାହଁ ।" | ୪. ୱ୍ଵଲା ଅନ୍‌ତୁମ୍ ଆ ବିଦୁନା ମାଆବୁଦ୍; | وَلَاۤ اَنۡتُمۡ عٰبِدُوۡنَ مَاۤ اَعۡبُدُ ④ |
| ୫. "ଏବଂ ଆମ୍ଭେ ତାହାଙ୍କର ଉପାସନା କରୁନାହୁଁ, ଯାହାର ତୁମ୍ଭେମାନେ ଉପାସନା କରୁଅଛ" | ୫. ୱ୍ଵଲା ଅନା ଆବିଦୁମ୍ ମାଆବଦ୍‌ତୁମ୍; | وَلَاۤ اَنَا عَابِدٌ مَّا عَبَدۡتُّمۡ ⑤ |
| ୬. ଏବଂ ତୁମେମାନେ ତାହାଙ୍କର ଉପାସନା କରୁନାହଁ, ଯାହାଙ୍କର ଆମ୍ଭେ ଉପାସନା କରୁଅଛୁ । | ୬. ୱ୍ଵଲା ଅନ୍‌ତୁମ୍ ଆବିଦୁନା ମାଆବୁଦ୍ । | وَلَاۤ اَنۡتُمۡ عٰبِدُوۡنَ مَاۤ اَعۡبُدُ ⑥ |
| ୭. ତୁମମାନଙ୍କ ଧର୍ମ ତୁମମାନଙ୍କ ସକାଶେ, ଏବଂ ଆମର ଧର୍ମ ଆମ୍ଭ ସକାଶେ (ଏକ କର୍ମପଦ୍ଧତି ନିର୍ଦ୍ଧାରିତ କରେ) ॥ | ୭. ଲକୁମ୍ ଦିନକୁମ୍ ୱ୍ଵଲିୟା ଦିନ୍ ॥ | لَکُمۡ دِیۡنُکُمۡ وَلِیَ دِیۡنِ ⑦ |

## ପାରା ୩୦ ଅଲ୍ ନସର ସୁରଃ ୧୧୦

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ① |
| ୨. ଯେତେବେଳେ ଅଲ୍ଲାଃଙ୍କ ସାହାର୍ଯ୍ୟ ଓ ସଂପୂର୍ଣ୍ଣ ବିଜୟ ଉପସ୍ଥିତି ହେବ । | ୨.ଇଜାଜାଆ ନସ୍‌ରୁଲ୍‌ଲାହି ୱ୍ଵଲ୍ ଫତ୍‌ହୁ; | اِذَا جَآءَ نَصۡرُ اللّٰہِ وَ الۡفَتۡحُ ② |
| ୩. ଏବଂ ତୁମ୍ଭେ ସେ ବିଷୟର ଲକ୍ଷଣ ଦେଖିବାକୁ ପାଇବ ଯେ ଲୋକମାନେ ଦଳ ଦଳ ହୋଇ ଅଲ୍ଲାଃଙ୍କ ଧର୍ମରେ ପ୍ରବେଶ କରିବେ, | ୩. ୱ୍ଵରାଆଇତନ୍ ନା'ସା ୟଦ୍ ଖୁଲୁନା ଫି ଦିନିଲ୍‌ଲାହି ଅଫ୍‌ୱ୍ଵାଜା | وَ رَاَیۡتَ النَّاسَ یَدۡخُلُوۡنَ فِیۡ دِیۡنِ اللّٰہِ اَفۡوَاجًا ③ |
| ୪. ସେତେବେଳେ ତୁମ୍ଭେ ନିଜ ପାଳନକର୍ତ୍ତାଙ୍କର ପ୍ରଶଂସା ଗାନ ସହିତ ତାହାଙ୍କର ପବିତ୍ରତା ବର୍ଣ୍ଣନା କରିବାରେ | ୪. ଫସବ୍‌ବିହ୍ ବିହମ୍‌ଦେ ରବ୍‌ବିକା ୱ୍ଵସ୍‌ତଗ୍‌ଫିର୍‌ହୁ; ଇନ୍‌ନହୁ କାନା ତୌୱ୍ଵାବା ॥ | فَسَبِّحۡ بِحَمۡدِ رَبِّکَ وَ اسۡتَغۡفِرۡہُ ؕ اِنَّہٗ کَانَ تَوَّابًا ④ |

ନିମଜ୍ଜିତ ହୁଅ ଏବଂ ତାହାଙ୍କ ନିକଟରେ କ୍ଷମା ପ୍ରାର୍ଥନା କର; ସେ ବାସ୍ତବରେ ନିଜ ଭକ୍ତମାନଙ୍କ ପ୍ରତି (ଅନୁକମ୍ପା ସହ) ବାରମ୍ବାର ପ୍ରତ୍ୟାବର୍ତ୍ତନ କରନ୍ତି ॥

## ପାରା ୩୦ — ଅଲ୍ ଲହବ୍ — ସୁରଃ ୧୧୧

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ﴿۱﴾ |
| ୨. ଅଗ୍ନିଶିଖାର ଜନକର ଦୁଇ ହସ୍ତକୁ ଜଡ କରି ଦିଆଗଲା ଏବଂ ସେ ନିଜେ ମଧ୍ୟ ଜଡବତ୍ ରହିଗଲା । | ୨. ତବ୍‌ବତ୍ ୟଦା ଅବି ଲହବୁଁୱ୍ ୱତବ୍ । | تَبَّتۡ یَدَاۤ اَبِیۡ لَہَبٍ وَّتَبَّ ﴿۲﴾ |
| ୩. ତାହାର ଧନ ତାହାକୁ କୌଣସି ଲାଭ ଦେଲା ନାହିଁ କି ତାହାର ପ୍ରଚେଷ୍ଟା (ତାହାକୁ କିଛି ଲାଭ ଦେଲା ନାହିଁ) । | ୩. ମା ଅଗ୍‌ନା ଅନ୍‌ହୁ ମାଲୋହୁ ୱମା କସବ୍ । | مَاۤ اَغۡنٰی عَنۡہُ مَالُہٗ وَمَا کَسَبَ ﴿۳﴾ |
| ୪. ସେ ନିଶ୍ଚୟ ଅଗ୍ନିରେ ନିପତିତ ହେବ, ଯାହାକି ଅଗ୍ନିଶିଖା ଉଦ୍‌ଗିରଣ କରୁଥିବ; | ୪. ସୟସ୍‌ଲା ନାରନ୍ ଯାତା ଲହବୁଁ, | سَیَصۡلٰی نَارًا ذَاتَ لَہَبٍ ﴿۴﴾ |
| ୫. ଏବଂ ତାହାର ପତ୍ନୀ ମଧ୍ୟ, ଯେ କି ଜାଳେଣି ବହନ କରି ଆଣୁଥାଏ (ଅଗ୍ନି ମଧ୍ୟରେ ନିପତିତ ହେବ) । | ୫. ୱଅମ୍‌ରାତୁହୁ ହମ୍‌ମା ଲତଲ୍ ହତବ୍ । | وَّامۡرَاَتُہٗ ؕ حَمَّالَۃَ الۡحَطَبِ ﴿۵﴾ |
| ୬. ତାହାର (ଅର୍ଥାତ୍ ତାହା ପତ୍ନୀର) ବେକରେ ଖଜୁରିର ବଳା ହୋଇଥିବା ଶକ୍ତ ଦୌଡି ବନ୍ଧା ହେବ ॥ | ୬. ଫିଜିଦେହା ହବ୍‌ଲୁମ୍ ମିମ୍ ମସଦ୍ ॥ | فِیۡ جِیۡدِہَا حَبۡلٌ مِّنۡ مَّسَدٍ ﴿۶﴾ |

## ପାରା ୩୦ — ଅଲ ଫଲକ୍ — ସୁରଃ ୧୧୩

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسۡمِ اللّٰہِ الرَّحۡمٰنِ الرَّحِیۡمِ ﴿۱﴾ |
| ୨. (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ କହୁଅଛୁ ଯେ) ତୁମ୍ଭେ ଅନ୍ୟ ଲୋକମାନଙ୍କୁ କହୁଥାଅ, "ମୁଁ ସକଳ ସୃଷ୍ଟିର ପାଳନକର୍ତ୍ତାଙ୍କ ନିକଟରେ ଆଶ୍ରୟ ଭିକ୍ଷା କରୁଅଛି" । | ୨. କୁଲ୍ ଆଉଜୁ ବିରବ୍‌ବିଲ୍ ଫଲକ୍ | قُلۡ اَعُوۡذُ بِرَبِّ الۡفَلَقِ ﴿۲﴾ |
| ୩. ସେ ସୃଷ୍ଟି କରିଥିବା ପ୍ରତ୍ୟେକଙ୍କର ପ୍ରକାଶ୍ୟ ଓ ଗୁପ୍ତ କୁକର୍ମରୁ ରକ୍ଷା ପାଇବା ସକାଶେ; | ୩. ମିନ୍ ଶର୍‌ରେମା ଖଲକ୍; | مِنۡ شَرِّ مَا خَلَقَ ﴿۳﴾ |

| | | |
|---|---|---|
| ୪. "ଏବଂ ଅନ୍ଧକାର ସୃଷ୍ଟିକାରୀର ପ୍ରତ୍ୟେକ ଚକ୍ରାନ୍ତରୁ ରକ୍ଷା ପାଇବା ସକାଶେ ସେତେବେଳେ ସେ ଅନ୍ଧକାର କରିଥାଏ" | ୪. ଓ୍ଵମିନ୍ ଶର୍‌ରେ ଗାସିକିନ୍ ଇଜା ଓ୍ଵକବା, | وَمِنْ شَرِّ غَاسِقٍ اِذَا وَقَبَ ۝٣ |
| ୫. "ଏବଂ ସେଭଳି ସମସ୍ତ ପ୍ରାଣୀମାନଙ୍କ ଚକ୍ରାନ୍ତରୁ ରକ୍ଷା ପାଇବା ସକାଶେ ଯେଉଁମାନେ ପାରସ୍ପରିକ ସଂପର୍କର ବନ୍ଧନକୁ ଛିନ୍ନ କରାଇବା ଉଦ୍ଦେଶ୍ୟରେ ପ୍ରରୋଚିତ କରନ୍ତି" | ୫. ଓ୍ଵମିନ୍ ଶର୍‌ରିନ୍ ନଫ୍‌ଫାସାତେ ଫିଲ୍ ଓକଦ୍; | وَمِنْ شَرِّ النَّفّٰثٰتِ فِى الْعُقَدِ ۝٤ |
| ୬. "ଏବଂ ପ୍ରତ୍ୟେକ ଈର୍ଷାକାରୀର ଚକ୍ରାନ୍ତରୁ ମଧ୍ୟ ଯେତେବେଳେ କି ସେ ହିଂସା କରିବାକୁ ଅଡ଼ି ବସେ ॥" | ୬. ଓ୍ଵମିନ୍ ଶର୍‌ରେହା ସେଦିନ୍ ଇଜା ହସଦ୍ ॥ ع | وَمِنْ شَرِّ حَاسِدٍ اِذَا حَسَدَ ۝٥ |

## ପାରା ୩୦ ଅଲ୍ ନାସ୍ ସୂରଃ ୧୧୪

| | | |
|---|---|---|
| ୧. ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ପାଠ କରୁଅଛି । | ୧. ବିସ୍‌ମିଲ୍ଲା ହିର୍‌ରହମା ନିର୍‌ରହିମ୍ । | بِسْمِ اللّٰهِ الرَّحْمٰنِ الرَّحِيْمِ ۝١ |
| ୨. (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ କହୁଅଛୁ ଯେ) ତୁମେ ଅନ୍ୟମାନଙ୍କୁ କହୁଥାଅ, "ମୁଁ ମାନବ ସମାଜର ପାଳନକର୍ତ୍ତାଙ୍କ ନିକଟରେ ତାହାଙ୍କର ଆଶ୍ରୟ ଭିକ୍ଷା କରୁଅଛି", | ୨. କୁଲ୍ ଆଉଜୁ ବିରବ୍‌ବିନ୍ ନାସେ | قُلْ اَعُوْذُ بِرَبِّ النَّاسِ ۝٢ |
| ୩. "(ସେ ପାଳନକର୍ତ୍ତା) ଯେ କି ମାନବ ସମାଜର ସମ୍ରାଟ", | ୩. ମଲେକିନ୍ ନାସେ | مَلِكِ النَّاسِ ۝٣ |
| ୪. "ଏବଂ ମାନବ ସମାଜର ଉପାସ୍ୟ", | ୪. ଇଲାହିନ୍ ନାସେ | اِلٰهِ النَّاسِ ۝٤ |
| ୫. "(ମୁଁ ତାହାଙ୍କର ଆଶ୍ରୟ ଭିକ୍ଷା କରୁଛି) ପ୍ରତ୍ୟେକ କୁମନ୍ତ୍ରଣାଦାତାଙ୍କ ଚକ୍ରାନ୍ତରୁ ଯେ ପଛକୁ ଫେରିଯାଏ", | ୫. ମିନ୍ ଶର୍‌ରିଲ୍ ଓ୍ଵସ୍‌ଓ୍ଵାସିଲ୍ ଖନ୍‌ନାସେ; | مِنْ شَرِّ الْوَسْوَاسِ الْخَنَّاسِ ۝٥ |
| ୬. "ଏବଂ ଯେ ମଣିଷମାନଙ୍କ ମନରେ ସନ୍ଦେହମାନ ଜାତ କରାଏ", | ୬. ଅଲ୍‌ଲଜି ୟୋଓ୍ଵସ୍‌ଓ୍ଵେସୋ ଫି ସୋଦୁରିନ୍ ନାସେ | الَّذِىْ يُوَسْوِسُ فِىْ صُدُوْرِ النَّاسِ ۝٦ |
| ୭. ସେ (ବିଶୃଙ୍ଖଳା ସୃଷ୍ଟିକାରୀ) ଅଦୃଶ୍ୟ ରହୁଥିବା ସତ୍ତାମାନଙ୍କ ମଧ୍ୟରୁ ହୋଇଥାନ୍ତି କି ସାଧାରଣ ମନୁଷ୍ୟମାନଙ୍କ ମଧ୍ୟରୁ ହୋଇଥାଉ ନା କାହିଁକି ॥ | ୭. ମିନଲ୍ ଜିନ୍‌ନତେ ଓ୍ଵନ୍ ନାସ୍ ॥ ع | مِنَ الْجِنَّةِ وَالنَّاسِ ۝٧ |

## କୁର୍‌ଆନ ପାଠ ସମାପ୍ତି ପର ପ୍ରାର୍ଥନା

| | | |
|---|---|---|
| ହେ ଅଲ୍ଲାଃ ! ମହାନ ଓ କଲ୍ୟାଣକର କୁର୍‌ଆନ ମାଧ୍ୟମରେ ମୋ ପ୍ରତି କରୁଣା ପ୍ରଦାନ କର । | ଅଲ୍‌ଲାହୁମ୍ମ ମର୍‌ହମ୍‌ନି ବିଲ୍ କୁରୁଆନିଲ୍ ଅଜିମ୍ । | اَللّٰهُمَّ ارْحَمْنِىْ بِالْقُرْآنِ الْعَظِيْمِ |
| ଏବଂ ତାହାକୁ ମୋର ପଥ ପ୍ରଦର୍ଶନ କର ଓ ମୋ ପାଇଁ ତାହାକୁ ଜ୍ୟୋତି, ସତ୍‌ପଥ ଓ କରୁଣାର ଉତ୍ସରେ ପରିଣତ କର । | ୱଜ୍‌ଅଲହୁ ଲିଇମାମୌଁ ୱନୁରୌଁ ୱହୁଦୌଁ ୱରହ୍‌ମତନ୍ । | وَاجْعَلْهُ لِىْ اِمَامًا وَّ نُوْرًا وَّهُدًى وَّرَحْمَةً. |
| ହେ ଅଲ୍ଲାଃ ! ମୁଁ ଯାହା କିଛି ତନ୍ମଧ୍ୟରୁ ପାଶୋରି ଦେଇଅଛି, ତାହା ମୋତେ ସ୍ମରଣ କରାଅ ଏବଂ ଯାହା ମୋତେ ଜଣାନାହିଁ ତାହା ମୋତେ ଶିଖାଇଦିଅ ଏବଂ ଦିବାରାତ୍ର ଏହାର ଆବୃତ୍ତି କରିବା ପାଇଁ ମୋତେ ସୁଯୋଗ ଦିଅ । | ଅଲ୍‌ଲାହୁମ୍ମା ଜକ୍‌କିର୍‌ନି ମିନ୍‌ହୁମା ନସିତୋ ୱଅଲ୍‌ଲିମ୍‌ନି ମିନ୍‌ହୋମା ଜହିଲ୍‌ତୋ । | اَللّٰهُمَّ ذَكِّرْنِىْ مِنْهُ مَا نَسِيْتُ وَعَلِّمْنِىْ مِنْهُ مَا جَهِلْتُ |
| ହେ ସମସ୍ତ ଜଗତର ପାଳନକର୍ତ୍ତା ! ତାହାକୁ ମୋ ପାଇଁ ପ୍ରମାଣ ସ୍ୱରୂପ କରିଦିଅ । | ୱର୍‌ଯୁକ୍‌ନି ତିଲାୱତହୁ ଆନା ଅଲ୍‌ଲୈଲେ ୱଆନା ଅନ୍‌ନାହାରେ ୱଜ୍‌ଅଲ୍‌ହୁ ଲିହି ହୁଜ୍‌ଜତେଁ ୟାରବ୍‌ବଲ୍ ଆଲମିନ୍ । | وَارْزُقْنِىْ تِلَاوَتَهٗ اٰنَآءَ الَّيْلِ وَ النَّهَارِ وَاجْعَلْهُ لِىْ حُجَّةً يَّارَبَّ الْعٰلَمِيْنَ. |